# ଧରିତ୍ରୀ
DHARITRI

ଭୁବନେଶ୍ୱର, ଶୁକ୍ରବାର, ସେପ୍ଟେମ୍ବର ୯/୨୦୨୨ (୧୮ ପୃଷ୍ଠା) | Bhubaneswar, Friday, September 9/2022 | Page 18 | ₹ 7.00 | ★★★★★★

୪୮ଶ ଭାଗ ୨୮୫ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar | VOLUME 48 ISSUE 285 | ମୂଲ୍ୟ₹୭/-




**ଦୀପାବଳିରେ ଅଜୟଙ୍କ 'ଥ୍ୟାଙ୍କ୍ ଗଡ୍'**

ବଲିଉଡ୍ ସିଂଘମ୍ ଅଜୟ ଦେବଗନ୍‌ଙ୍କ ଅଭିନୀତ 'ଥ୍ୟାଙ୍କ୍ ଗଡ୍' ଦୀପାବଳି ଦିନ ମୁକ୍ତିଲାଭ କରିବ।

୧୧

୧୮

**କୋହଲିଙ୍କ ଶତକ**

ଆଫଗାନିସ୍ତାନ ବିପକ୍ଷ ଏସିଆ କପ୍ ଟି୨୦ କ୍ରିକେଟ ମ୍ୟାଚରେ ବିରାଟ କୋହଲି ଶତକ ହାସଲ କରିଛନ୍ତି।



# ମହାରାଣୀଙ୍କ ମହାପ୍ରୟାଣ



ଏଲିଜାବେଥ୍-୨ୟ
(୧୯୨୬-୨୦୨୨)

**ଲଣ୍ଡନ, ୮।୯**

ବ୍ରିଟେନରେ ସର୍ବାଧିକ କାଳ ଶାସନ କରିଥିବା ମହାରାଣୀ ଏଲିଜାବେଥ୍-୨ୟଙ୍କ ଗୁରୁବାର ପରଲୋକ ହୋଇଛି। ତାଙ୍କୁ ୯୬ ବର୍ଷ ହୋଇଥିଲା। ମୃତ୍ୟୁବେଳକୁ ସେ ସ୍କଟଲାଣ୍ଡର ବାଲ୍‌ମୋରାଲ କାସ୍‌ଲେରେ ଥିଲେ। ଦୀର୍ଘଦିନ ହେଲା ସେ ବାର୍ଦ୍ଧକ୍ୟଜନିତ ବ୍ୟାଧିରେ ପୀଡ଼ିତ ଥିଲେ। ଏ ନେଇ ବକିଂହାମ୍ ପ୍ୟାଲେସ୍ ପକ୍ଷରୁ ବିବୃତି ଜାରି କରାଯାଇଛି। ସକାଳେ ତାଙ୍କ ସ୍ୱାସ୍ଥ୍ୟାବସ୍ଥା ବିଗିଡ଼ିଯିବାପରେ ରାଜ ପରିବାର ସଦସ୍ୟ ସ୍କଟଲାଣ୍ଡର ଏବେରଡିନ୍‌ଶାୟାରଠାରେ ଏକତ୍ରିତ ହୋଇଥିଲେ। ବ୍ରିଟେନ ପ୍ରଧାନମନ୍ତ୍ରୀ ଲିଜ୍ ଟ୍ରସ୍ ଟୁଇଟ୍ କରି ମହାରାଣୀଙ୍କ ପରଲୋକରେ ଶୋକବ୍ୟକ୍ତ କରିଛନ୍ତି। ବିଶ୍ୱନେତାମାନେ ମଧ୍ୟ ତାଙ୍କ ମୃତ୍ୟୁରେ ଶୋକ ପ୍ରକାଶ କରିଛନ୍ତି।

ମହାରାଣୀଙ୍କ ସମ୍ମାନାର୍ଥେ ବ୍ରିଟେନ୍‌ଓ୍ୱେର ପ୍ରାସାଦରେ ପତାକାକୁ ୧୦ ଦିନ ଅର୍ଦ୍ଧନମିତ ରଖାଯିବା ଲାଗି ସରକାରୀ ଭାବେ ଘୋଷଣା କରାଯାଇଛି। ବ୍ରିଟେନ ଓ ଅନ୍ୟ ୧୪ଟି ରାଜତନ୍ତ୍ର ଏବଂ ୫୪ ସଦସ୍ୟ ବିଶିଷ୍ଟ ରାଜ୍ୟଗୋଷ୍ଠୀ ଦେଶରମୁଖ୍ୟ ରହିଆସିଥିବା ଏଲିଜାବେଥ୍ ବିଶ୍ୱର ସର୍ବାଧିକ ସମ୍ମାନାସ୍ପଦ ବ୍ୟକ୍ତି ମାନ୍ୟତା ପାଇଥିଲେ। ମହାରାଣୀଙ୍କ ମୃତ୍ୟୁ ପରେ ବ୍ରିଟେନର ନୂଆ ରାଜା ଭାବେ ଓ୍ୱେଲ୍ସର ପୂର୍ବତନ ରାଜକୁମାର ଚାର୍ଲ୍ସ ଦାୟିତ୍ୱ ଗ୍ରହଣ କରିବେ। ମିଳିଥିବା ସୂଚନା ଅନୁଯାୟୀ, ଚାର୍ଲସ ଓ ମହାରାଣୀ ହେବାକୁ ଥିବା ତାଙ୍କ ସ୍ତ୍ରୀ କାମିଲା ବାଲ୍‌ମୋରାରେ ରହିଛନ୍ତି। ଶୁକ୍ରବାର ଉଭୟେ ଲଣ୍ଡନ ଅଭିମୁଖେ ଯାତ୍ରା କରିବେ।

ଏଲିଜାବେଥ୍ ଆଲେକଜାଣ୍ଡ୍ରା ମ୍ୟାରୀ (ରାଣୀ ଏଲିଜାବେଥ୍-୨ୟ) ୧୯୨୬ ଏପ୍ରିଲ ୨୧ରେ ଲଣ୍ଡନର ମେଫେୟାରରେ ଜନ୍ମଗ୍ରହଣ କରିଥିଲେ। ତାଙ୍କ ପିତା ରାଜା ଜର୍ଜ-୬ ଏବଂ ମାତା ମହାରାଣୀ ଏଲିଜାବେଥ୍। ଏଲିଜାବେଥ୍-୨ୟ ୧୯୪୭ ନଭେମ୍ବରରେ ଗ୍ରୀସ୍ ଓ ଡେନ୍‌ମାର୍କର ପୂର୍ବତନ ଯୁବରାଜ ଫିଲିପ୍ ମାଉଣ୍ଟବ୍ୟାଟେନ୍‌ଙ୍କୁ ବିବାହ କରିଥିଲେ। ୧୯୫୨ରେ ପିତା ଜର୍ଜ-୬ଙ୍କ ମୃତ୍ୟୁବେଳକୁ ଏଲିଜାବେଥ୍-୨ୟଙ୍କୁ ୨୫ ବର୍ଷ ବୟସ ହୋଇଥିଲା। ପିତାଙ୍କ ମୃତ୍ୟୁ ପରେ ସେ ବ୍ରିଟେନର ରାଣୀ ହୋଇଥିଲେ। ତାଙ୍କ ଶାସନକାଳରେ ବ୍ରିଟେନର ବହୁ ରାଜନୈତିକ ପରିବର୍ତ୍ତନ ଘଟିଛି। ଲିଜ୍ ଟ୍ରସ୍‌ଙ୍କ ସମେତ ୧୫ ଜଣ ତାଙ୍କ ସମୟରେ ବ୍ରିଟେନର ପ୍ରଧାନମନ୍ତ୍ରୀ ହୋଇଛନ୍ତି। ତାଙ୍କ ସମୟରେ ବ୍ରିଟେନ ଦ୍ୱିତୀୟ ବିଶ୍ୱଯୁଦ୍ଧ ପରବର୍ତ୍ତୀ ଅବସ୍ଥା, ଶୀତଳ ଯୁଦ୍ଧର ଅନ୍ତ, ୟୁରୋପୀୟ ୟୁନିୟନ(ଇୟୁ)ରେ ବ୍ରିଟେନ୍ ସାମିଲ ଏବଂ ବ୍ରେକ୍‌ଜିଟ୍ ଆଦି ସ୍ଥିତି ଘଟଣାବଳୀକୁ ଦେଖିଆସିଛି।

ମହାରାଣୀଙ୍କ ମହାପ୍ରୟାଣ ପରେ ୭୩ ବର୍ଷୀୟ ଚାର୍ଲ୍ସ ନୂଆ ରାଜା ହୋଇଛନ୍ତି। ସେ ଆନୁଷ୍ଠାନିକ ଭାବେ ରାଜ ପଦରେ ଅଭିଷିକ୍ତ ହେବା ପରେ କିଙ୍ଗ୍ ଚାର୍ଲ୍ସ ତୃତୀୟ ଭାବେ ପରିଚିତ ହେବେ। ବ୍ରିଟିଶ ରାଜପରିବାର ଇତିହାସରେ ରାଜା ପଦ ପାଇବା ସର୍ବାଧିକ କାଳ ପ୍ରତୀକ୍ଷାରେ ରହିଥିଲେ। ଏଥିସହିତ ସେ ରାଜା ହେବାରେ ମଧ୍ୟ ବ୍ରିଟିଶ ଇତିହାସରେ ସର୍ବବରିଷ୍ଠ।

ବ୍ରିଟେନର ନୂଆ ପ୍ରଧାନମନ୍ତ୍ରୀ ଲିଜ୍ ଟ୍ରସ୍ କହିଛନ୍ତି, ମହାରାଣୀଙ୍କ ପରଲୋକ ଖବରରେ ଆମେ ସମସ୍ତେ ମର୍ମାହତ। ଏହା ବ୍ରିଟେନ ତଥା ବିଶ୍ୱ ପାଇଁ ଏକ ବଡ଼ ଝଟ୍‌କା। ସେ କହିଛନ୍ତି ରାଣୀ ହେଉଛନ୍ତି ଏକ ବୃହତ ଶିଳାଖଣ୍ଡ, ଯାହା ଉପରେ ଆଧୁନିକ ବ୍ରିଟେନ ନିର୍ମାଣ ହୋଇଥିଲା। ଆଜି ବ୍ରିଟେନ ଯଦି ଏତେବଡ଼ ହୋଇଛି, କେବଳ ତାଙ୍କ ପାଇଁ। ସେ କହିଛନ୍ତି ମହାରାଣୀ ବ୍ୟକ୍ତିଗତ ଭାବେ ତାଙ୍କ ପାଇଁ ଏବଂ ଦେଶବାସୀଙ୍କ ନିମନ୍ତେ ପ୍ରେରଣାର ଉତ୍ସ ଥିଲେ। ତାଙ୍କର କର୍ତ୍ତବ୍ୟପ୍ରତି ଉତ୍ସର୍ଗୀକୃତ ମନୋଭାବ ସମସ୍ତଙ୍କ ପାଇଁ ଦୃଷ୍ଟାନ୍ତ ବୋଲି ଟ୍ରସ୍ କହିଛନ୍ତି।

## ୧୦ ଦିନିଆ ରାଷ୍ଟ୍ରୀୟ ଶୋକ

ମହାରାଣୀଙ୍କ ପରଲୋକରେ ତାଙ୍କ ସମ୍ମାନାର୍ଥେ ବ୍ରିଟେନ୍ ଓ ରାଜ୍ୟଗୋଷ୍ଠୀ ଦେଶଗୁଡ଼ିକରେ ୧୦ ଦିନିଆ ଶୋକ ପାଳନ କରାଯିବ। ମହାରାଣୀଙ୍କ ଶେଷକୃତ୍ୟ କେଉଁଭଳି ଭାବେ କରାଯିବ ସେଥିଲାଗି ୬୦ ଦଶକରୁ 'ଅପରେଶନ ଲଣ୍ଡନ ବ୍ରିଜ୍' ନାମରେ ଯୋଜନା ପ୍ରସ୍ତୁତ ହୋଇରହିଛି।







# କିସ୍‌କୁ ବିଶ୍ୱର ଶ୍ରେଷ୍ଠ ସାକ୍ଷରତା ସମ୍ମାନ

## ୟୁନେସ୍କୋ ଇଣ୍ଟରନ୍ୟାଶନାଲ ଲିଟେରାସି ପୁରସ୍କାର-୨୦୨୨

**ଭୁବନେଶ୍ୱର, ୮।୯(ବ୍ୟୁରୋ)**




ଆନ୍ତର୍ଜାତିକ ସାକ୍ଷରତା ଦିବସ ପାଳନ ଅବସରରେ ଭୁବନେଶ୍ୱରସ୍ଥିତ କଳିଙ୍ଗ ଇନ୍‌ଷ୍ଟିଚ୍ୟୁଟ ଅଫ୍ ସୋସିଆଲ ସାଇନ୍ସ(କିସ୍)କୁ ମିଳିଛି ବିଶ୍ୱର ଶ୍ରେଷ୍ଠ ଶିକ୍ଷା ସମ୍ମାନ। ଶିକ୍ଷା କ୍ଷେତ୍ରରେ ଉଲ୍ଲେଖନୀୟ କାର୍ଯ୍ୟ ନିମନ୍ତେ ଜାତିସଂଘ ପକ୍ଷରୁ କିସ୍‌କୁ ସମ୍ମାନଜନକ ୟୁନେସ୍କୋ କିଙ୍ଗ୍ ସିଜଙ୍ଗ୍ ଇଣ୍ଟରନ୍ୟାଶନାଲ ଲିଟେରାସି ପୁରସ୍କାର-୨୦୨୨ରେ ସମ୍ମାନିତ କରାଯାଇଛି। ଗୁରୁବାର ଆଫ୍ରିକାର ଡି ଆଇଭୋର୍ କୋଷ୍ଟଠାରେ ଆରମ୍ଭ ହୋଇଥିବା ୟୁନେସ୍କୋର ୨ଦିନିଆ ପୁରସ୍କାର ବିତରଣ ଉତ୍ସବର ପ୍ରଥମ ଦିନରେ କିସ୍‌କୁ ଏହି ପୁରସ୍କାର ପ୍ରଦାନ କରାଯାଇଛି। କିସ୍ ପ୍ରତିନିଧି ବିକାଶ ସାବତ୍ ପୁରସ୍କାର ବାବଦକୁ ୨୦ ହଜାର ଆମେରିକୀୟ ଡଲାର, ମେଡାଲ୍ ଓ ପ୍ରଶସ୍ତିପତ୍ର ଗ୍ରହଣ କରିଛନ୍ତି।

ଏହି ଅନ୍ତର୍ଜାତୀୟ ଶିକ୍ଷା ପୁରସ୍କାର ପାଇବାରେ କିସ୍ ବିଶ୍ୱର ପ୍ରଥମ ଜନଜାତି ଅନୁଷ୍ଠାନ ହୋଇଥିବାବେଳେ ଭାରତର ସମସ୍ତ ଘରୋଇ ଓ ସରକାରୀ ☞ପୃଷ୍ଠା-୪

**ଆଜିର ସମ୍ପାଦକୀୟ** ସାମାଜିକ ସମ୍ପର୍କ ବିଗୁଡ଼ୁଛି

## କୋଣାର୍କ ସୂର୍ଯ୍ୟମନ୍ଦିର ଗର୍ଭଗୃହରୁ କଢ଼ାଯିବ ବାଲି: ପୃଷ୍ଠା-୩




# ଓଡ଼ିଶାରେ ଖୁବ୍‌ଶୀଘ୍ର ଆଇଟିଏମ୍‌ଏସ୍

## ଅନ୍‌ଲାଇନରେ ମନ୍ଦିର ଦର୍ଶନ କରିପାରିବେ ଶ୍ରଦ୍ଧାଳୁ

**ଭୁବନେଶ୍ୱର,୮।୯(ବ୍ୟୁରୋ)**

ରାଜ୍ୟରେ ଖୁବ୍‌ଶୀଘ୍ର ଆରମ୍ଭ ହେବ ଅନ୍‌ଲାଇନ ମନ୍ଦିର ଦର୍ଶନ। ଏଥିପାଇଁ ରାଜ୍ୟ ସରକାର କର୍ଣ୍ଣାଟକ ଓ ତାମିଲନାଡୁ ଭଳି ସମନ୍ୱିତ ମନ୍ଦିର ପରିଚାଳନା ବ୍ୟବସ୍ଥା (ଆଇଟିଏମ୍‌ଏସ୍) ପ୍ରଚଳନ କରିବେ। ଏଥିପାଇଁ ଏକ ଓ୍ୱେବ୍‌ପୋର୍ଟାଲ ଓ୍ୱାନ-ଷ୍ଟପ୍-ସପ୍ ବିକାଶ କରାଯିବ। ଆଇଟିଏମ୍‌ଏସ୍ ଜରିଆରେ ଶ୍ରଦ୍ଧାଳୁମାନେ ରାଜ୍ୟର ବିଭିନ୍ନ ମନ୍ଦିର ଦର୍ଶନ, ପୂଜା ଏବଂ ପ୍ରସାଦ ପାଇଁ ଅର୍ଡର ଦେଇପାରିବେ। ଏପରି କି ଏହି ବ୍ୟବସ୍ଥା ଜରିଆରେ ଭକ୍ତମାନେ ମନ୍ଦିର ଖୋଲିବା, ବନ୍ଦ ହେବା ଓ ପୂଜା ବିଧିସମୟ ଇତ୍ୟାଦିବିଷୟରେ ଜାଣି ପାରିବେ। ଯେଉଁମାନେ ମନ୍ଦିରକୁ କିଛି ଦାନ କରିବାକୁ ଚାହିଁବେ ସେମାନେ ଏହି ପୋର୍ଟାଲ ଜରିଆରେ ଦେଇ ପାରିବେ। ମନ୍ଦିରର ଆକାଉଣ୍ଟ ଏକ ପବ୍ଲିକ୍ ସେକ୍ଟର ବ୍ୟାଙ୍କରେ ଖୋଲାଯିବ। ଏହାକୁ ଆଇଟିଏମ୍‌ଏସ୍ ସହିତ ଲିଙ୍କ୍ କରାଯିବ। ଆଇନ ମନ୍ତ୍ରୀ ଜଗନ୍ନାଥ ସାରକା କହିଛନ୍ତି ☞ପୃଷ୍ଠା-୪



**କରୋନା ସଂକ୍ରମଣ ସ୍ଥିତି**

| | ଆକ୍ରାନ୍ତ | ମୃତ୍ୟୁ | ଆରୋଗ୍ୟ |
|---|---|---|---|
| ବିଶ୍ୱ | ୬୧,୨୨,୩୩,୮୧୬ | ୬୫,୧୦,୨୪୬ | ୫୯,୦୦,୫୩,୭୭୪ |
| ଭାରତ | ୪,୪୪,୭୮,୬୩୬ | ୫,୨୮,୦୯୦ | ୪,୩୯,୦୦,୨୦୪ |
| ଓଡ଼ିଶା | ୧୩,୨୯,୪୭୨ | ୯୧୮୪(+୫୩) | ୧୩,୧୮,୭୯୮ |

ଗୁରୁବାର ରାତି ୧୦ଟା ସୁଦ୍ଧା (+ ଅନ୍ୟ ରୋଗରେ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ) ତଥ୍ୟ: https://www.worllometers.info/coronavirus/ଏବଂ ଓଡ଼ିଶା ସରକାର



ଇଣ୍ଡିଆ ଗେଟ୍‌ରେ ଗୁରୁବାର ୨୮ ଫୁଟ୍ ଉଚ୍ଚତା ବିଶିଷ୍ଟ ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କ ପ୍ରତିମୂର୍ତ୍ତିକୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଉନ୍ମୋଚନ କରିଛନ୍ତି।

# ଗର୍ଭଗୃହରୁ କଢ଼ାଯିବ ବାଲି

## କୋଣାର୍କ ସୂର୍ଯ୍ୟମନ୍ଦିର

- ଏଏସ୍ଆଇ ପକ୍ଷରୁ ଭୂମିପୂଜନ କାର୍ଯ୍ୟର ଶୁଭାରମ୍ଭ
- ୨ରୁ ୩ମାସ ମଧ୍ୟରେ କାର୍ଯ୍ୟ ଆରମ୍ଭ ହେବ
- ୩ବର୍ଷ ମଧ୍ୟରେ କାର୍ଯ୍ୟ ଶେଷ କରିବାକୁ ଲକ୍ଷ୍ୟ



କୋଣାର୍କ,୮।୯(ଡି.ଏନ୍.ଏ.)

ବିଶ୍ୱ ଐତିହ୍ୟ କୋଣାର୍କ ସୂର୍ଯ୍ୟ ମନ୍ଦିର ଜଗମୋହନର ସଂରକ୍ଷଣ କରିବା ପାଇଁ କେନ୍ଦ୍ର ସରକାରଙ୍କ ପକ୍ଷରୁ ନିଷ୍ପତ୍ତି ନିଆଯାଇଛି। ସୂର୍ଯ୍ୟ ମନ୍ଦିରର ଗର୍ଭଗୃହରେ ଦୀର୍ଘବର୍ଷ ଧରି ଭର୍ତ୍ତି ହୋଇ ରହିଥିବା ବାଲିକୁ ବାହାର କରାଯିବ। ଏ ନେଇ ଭାରତୀୟ ପ୍ରତ୍ନତାତ୍ତ୍ୱିକ ସଂସ୍ଥା(ଏଏସ୍ଆଇ) ପକ୍ଷରୁ ଗୁରୁବାର ପ୍ରାଥମିକ ପର୍ଯ୍ୟାୟରେ ସୂର୍ଯ୍ୟ ମନ୍ଦିର ପରିସରରେ ଭୂମି ପୂଜନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଏସ୍ଆଇର ବିଶେଷଜ୍ଞ ଏବଂ ଅଧିକାରୀଙ୍କ ସମେତ ସୂର୍ଯ୍ୟମନ୍ଦିର ଦାୟିତ୍ୱରେ ଥିବା ଅଧିକାରୀ ଓ ଯନ୍ତ୍ରୀମାନେ ଉପସ୍ଥିତ ରହି ଭୂମି ପୂଜନ କାର୍ଯ୍ୟ କରିଥିଲେ।

ସୂଚନା ଅନୁଯାୟୀ, ବ୍ରିଟିଶ୍ ଶାସନ ସମୟରେ ସୂର୍ଯ୍ୟ ମନ୍ଦିର ଜଗମୋହନର ସୁରକ୍ଷା ଓ ଲୁଣା ପବନ ଦାଉରୁ ମନ୍ଦିରର ସୁରକ୍ଷା ନିମନ୍ତେ ଗର୍ଭଗୃହ ସମେତ ମନ୍ଦିରର ୩ଟି ଦ୍ୱାରକୁ ୧୯୦୩ ମସିହାରେ ବାଲି ଦ୍ୱାରା ବନ୍ଦ କରିଦିଆଯାଇଥିଲା। ତେବେ ଦୀର୍ଘ ବର୍ଷ ପର୍ଯ୍ୟନ୍ତ ମନ୍ଦିରର ଗର୍ଭଗୃହ ବନ୍ଦ ରହିବାରୁ ପରବର୍ତ୍ତୀ ମୁହୂର୍ତ୍ତରେ ବିଭିନ୍ନ ବିଶେଷଜ୍ଞଙ୍କ ସମେତ କେନ୍ଦ୍ର ଓ ରାଜ୍ୟର ଅଧିକାରୀମାନେ ଏହାର ସୁରକ୍ଷା ନେଇ ଚିନ୍ତା କରିଥିଲେ। ଏଥିପାଇଁ ଗର୍ଭଗୃହ ସମେତ ତିନି ଦ୍ୱାରରୁ ବାଲି କାଢି ସଂରକ୍ଷଣ କରିବା ପାଇଁ ବିଭିନ୍ନ ସମୟରେ ବଡ଼ବଡ଼ ବିଶେଷଜ୍ଞମାନଙ୍କୁ ନେଇ ଆଲୋଚନାଚକ୍ର ଓ କର୍ମଶାଳାମାନ ଅନୁଷ୍ଠିତ ହୋଇଥିଲା। ମାତ୍ର ଏହି ବିଶେଷଜ୍ଞ କମିଟି ରିପୋର୍ଟକୁ ବିଭିନ୍ନ ସମୟରେ ଏଏସ୍ଆଇ କର୍ତ୍ତୃପକ୍ଷ ଅଣଦେଖା କରିଆସୁଥିଲେ। ତେବେ ସାମ୍ପ୍ରତିକ ସମୟରେ ସୂର୍ଯ୍ୟ ମନ୍ଦିରର ଜଗମୋହନ ପ୍ରତି ବିପଦ ସୃଷ୍ଟି ଆଶଙ୍କା ବ୍ୟକ୍ତ କରି ପରେ ଏହାର ସୁରକ୍ଷା ଓ ସଂରକ୍ଷଣ ନିମନ୍ତେ ଏଏସ୍ଆଇ ତତ୍ପରତା ପ୍ରକାଶ କରିଥିଲା। ତେଣୁ ସୂର୍ଯ୍ୟ ମନ୍ଦିର ଜଗମୋହନର ସୁରକ୍ଷା ପାଇଁ ଦୀର୍ଘ ୧୧୯ବର୍ଷ ତଳେ ବ୍ରିଟିଶ ସରକାର ଭର୍ତ୍ତି କରିଥିବା ବାଲି କାଢିବା ସହ ଏହାର ଉପଯୁକ୍ତ ସଂରକ୍ଷଣ କରିବା ପାଇଁ ଏଏସଆଇ ପକ୍ଷରୁ ଏହି ଭୂମିପୂଜନ କାର୍ଯ୍ୟକ୍ରମ କରାଯାଇଛି। ଏହି ଭୂମିପୂଜନ କାର୍ଯ୍ୟକ୍ରମ ଶେଷ ହେବା ପରେ ଏଏସ୍ଆଇ ପକ୍ଷରୁ ଏକ ବିଶେଷଜ୍ଞ କମିଟି ଗଠନ କରାଯାଇ ମନ୍ଦିରରୁ କିଭଳି ସୁରକ୍ଷିତ ଭାବେ ବାଲି କଢାଯାଇପାରିବ ତାହାର ପୁଙ୍ଖାନୁପୁଙ୍ଖ ଯାଞ୍ଚ କରାଯିବ। ଏଥିସହ ୨ରୁ ୩ ମାସ ମଧ୍ୟରେ ବାଲି କାଢ଼ିବା ପ୍ରକ୍ରିୟା ଆରମ୍ଭ କରାଯିବ ବୋଲି ଏଏସ୍ଆଇ ଭୁବନେଶ୍ୱର ସର୍କଲ ସୁପରିଣ୍ଟେଣ୍ଡେଣ୍ଟ ଅରୁଣ କୁମାର ମଲ୍ଲିକ ପ୍ରକାଶ କରିଛନ୍ତି।

ସେହିପରି ବାଲି କଢ଼ାଯିବା ସମୟରେ ଉନ୍ନତମାନର ବୈଷୟିକ ଜ୍ଞାନକୌଶଳ ବିନିଯୋଗ କରାଯିବ। ବାଲି ବାହାର କରିବା କାର୍ଯ୍ୟରେ କେବଳ ଏଏସ୍ଆଇର କର୍ମଚାରୀ ନିୟୋଜିତ ରହିବେ। ତେବେ ଏଏସ୍ଆଇକୁ ଏହି ବୈଷୟିକ ଜ୍ଞାନକୌଶଳକୁ ଯୋଗାଇଦବା ପାଇଁ ଏକ ଘରୋଇ କମ୍ପାନୀକୁ ଟେଣ୍ଡର ଦିଆଯାଇଛି। ଏହି ଗର୍ଭଗୃହରୁ ବାଲି କାଢ଼ିବା କାର୍ଯ୍ୟ ୩ବର୍ଷ ମଧ୍ୟରେ ସାରିବାକୁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି। ସେହିଭଳି ମନ୍ଦିରର ପଶ୍ଚିମପଟ ଦ୍ୱାରରେ ଗାତ ସୃଷ୍ଟି କରାଯାଇ ଗର୍ଭଗୃହ ସମେତ ୩ଟି ଦ୍ୱାରରୁ ବାଲି କାଢିବା ପ୍ରକ୍ରିୟା ଆରମ୍ଭ କରାଯିବ ବୋଲି ସୁପରିଣ୍ଟେଣ୍ଡେଣ୍ଟ ମଲ୍ଲିକ ପ୍ରକାଶ କରିଛନ୍ତି। କୋଣାର୍କ ସୂର୍ଯ୍ୟ ମନ୍ଦିରର ଐତିହ୍ୟ, ସ୍ଥାପତ୍ୟ କଳା ଓ ସଂସ୍କୃତି ବିଶ୍ୱରେ ଅନନ୍ୟ। ଏହି ଐତିହ୍ୟ ସମ୍ପନ୍ନ ମନ୍ଦିରର ଜଗମୋହନର ସୁରକ୍ଷା ଓ ସଂରକ୍ଷଣ କାର୍ଯ୍ୟ ଖୁବ୍‌ଶୀଘ୍ର ଆରମ୍ଭ କରାଯାଇ ଏହାକୁ ବିଶ୍ୱ ଦରବାରରେ ଉଜ୍ଜୀବିତ ରଖିବା ଲାଗି ଜୋରଦାର ପ୍ରସ୍ତୁତି ଚାଲିଛି। ଭୂମି ପୂଜନ ବେଳେ କୋଣାର୍କ ମନ୍ଦିର ଦାୟିତ୍ୱରେ ଥିବା ଅଧିକାରୀ ନିରୋଜ ସିଂ, ସଂଗ୍ରହାଳୟ ଅଧିକାରୀ ପ୍ରତାପ କୁମାର ନାୟକଙ୍କ ସମେତ ଏଏସ୍ଆଇର ବିଶେଷଜ୍ଞମାନେ ଉପସ୍ଥିତ ଥିଲେ।

## ଦକ୍ଷିଣ, ଉତ୍ତର ଓଡ଼ିଶାରେ ବେଶି ବର୍ଷିବ

ଭୁବନେଶ୍ୱର,୮।୯(ବ୍ୟୁରୋ)

ପଶ୍ଚିମ କେନ୍ଦ୍ରୀୟ ବଙ୍ଗୋପସାଗର ଅଞ୍ଚଳରେ ଗୁରୁବାର ଏକ ଲଘୁଚାପ କ୍ଷେତ୍ର ସୃଷ୍ଟି ହୋଇଛି। ଆସନ୍ତା ୪୮ ଘଣ୍ଟା ମଧ୍ୟରେ ଏହା ଘନୀଭୂତ ହେବ। ଏହା ପ୍ରଭାବରେ ଶୁକ୍ରବାର ରାତିରୁ ବର୍ଷା ଆରମ୍ଭ ହେବ। ୯ ଓ ୧୦ ରେ ଦକ୍ଷିଣ ଓଡ଼ିଶା ଏବଂ ୧୧ ଓ ୧୨ରେ ଉତ୍ତର ଓଡ଼ିଶାରେ ପ୍ରବଳ ବର୍ଷା ହେବ ବୋଲି ଭାରତୀୟ ପାଣିପାଗ ବିଭାଗ ପୂର୍ବାନୁମାନ କରିଛି। ଆସନ୍ତା ୯ରେ କୋରାପୁଟ, କନ୍ଧମାଳ, ଗଜପତି ଏବଂ ଗଞ୍ଜାମ ଜିଲାରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି। ଏହି ସବୁ ଜିଲା ପାଇଁ ୟେଲୋୱାର୍ନିଂ ଜାରି କରାଯାଇଛି। ଏହି ସମୟରେ କେନ୍ଦ୍ରାପଡ଼ା, ଜଗତ୍‌ସିଂହପୁର, କଟକ, ଖୋର୍ଦ୍ଧା, ପୁରୀ, ନୟାଗଡ଼, କଳାହାଣ୍ଡି, ନବରଙ୍ଗପୁର, ରାୟଗଡ଼ା ଏବଂ ମାଲକାନଗିରି ଜିଲାରେ ପ୍ରବଳ ବର୍ଷା ସମ୍ଭାବନା ରହିଛି। ସେହିପରି ୧୧ ତାରିଖରେ ମାଲକାନଗିରି, କୋରାପୁଟ, ନବରଙ୍ଗପୁର, ରାୟଗଡ଼ା, କଳାହାଣ୍ଡି, କନ୍ଧମାଳ, ଗଞ୍ଜାମ, ଗଜପତି, ଖୋର୍ଦ୍ଧା, ନୟାଗଡ଼ ଓ ପୁରୀ ଜିଲାରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବ ବୋଲି ସୂଚନା ଦିଆଯାଇଛି।

# ଧଉଳି ଶାନ୍ତିସ୍ତୂପକୁ ପୂରୁଛି ୫୦ ବର୍ଷ

## ଅକ୍ଟୋବର ୨୮ରେ ସୁବର୍ଣ୍ଣ ଜୟନ୍ତୀ

- ଯୋଗ ଦେବେ ୧୫୦ ସନ୍ନ୍ୟାସୀ
- ଆୟୋଜନ ହେବ ଶାନ୍ତି ଶୋଭାଯାତ୍ରା
- ମାସକ ମଧ୍ୟରେ ପ୍ରସ୍ତୁତି ଶେଷ କରିବାକୁ ମୁଖ୍ୟ ଶାସନ ସଚିବଙ୍କ ନିର୍ଦ୍ଦେଶ



ଭୁବନେଶ୍ୱର, ୮।୯(ବ୍ୟୁରୋ)

ରାଜଧାନୀ ଉପକଣ୍ଠ ଧଉଳି ପାହାଡ଼ରେ ପ୍ରତିଷ୍ଠିତ ବିଶ୍ୱବିଦିତ ଶାନ୍ତିସ୍ତୂପ ଏବଂ ବୌଦ୍ଧପୀଠ ଚଳିତ ବର୍ଷ ଅକ୍ଟୋବରରେ ୫୦ ବର୍ଷ ପୂରଣ କରୁଛି। ଏହାକୁ ସ୍ମରଣୀୟ କରିବା ନିମନ୍ତେ ଧଉଳି ଶାନ୍ତିସ୍ତୂପର ସୁବର୍ଣ୍ଣ ଜୟନ୍ତୀ ଉତ୍ସବ ପାଳନ ପାଇଁ ରାଜ୍ୟ ସରକାରଙ୍କ ବ୍ୟାପକ ପ୍ରସ୍ତୁତି ଆରମ୍ଭ ହୋଇଛି। ଆସନ୍ତା ଅକ୍ଟୋବର ୨୮ ତାରିଖରେ ସୁବର୍ଣ୍ଣ ଜୟନ୍ତୀ ମୁଖ୍ୟ ଉତ୍ସବ ପାଳନ କରିବାକୁ ନିଷ୍ପତ୍ତି ହୋଇଛି। ଏଥିରେ ପୃଥିବୀର ବିଭିନ୍ନ ଦେଶରୁ ପ୍ରାୟ ୧୫୦ ବୌଦ୍ଧ ସନ୍ନ୍ୟାସୀ ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ମୁଖ୍ୟ ଉତ୍ସବ ଦିବସରେ ଭୁବନେଶ୍ୱରରୁ ଧଉଳି ପର୍ଯ୍ୟନ୍ତ ଏକ ଶାନ୍ତି ଶୋଭାଯାତ୍ରା ଆୟୋଜନ ହେବ। ଏହି ଉପଲକ୍ଷେ ଗୁରୁବାର ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଏକ ଉଚ୍ଚସ୍ତରୀୟ ପ୍ରସ୍ତୁତି ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଛି। ଲୋକସେବା ଭବନ ସଭାଗୃହରେ ଅନୁଷ୍ଠିତ ଏହି ବୈଠକରେ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ମଧୁସୂଦନ ପାଢ଼ୀ ଉତ୍ସବ ପାଳନ ସମ୍ବନ୍ଧିତ କାର୍ଯ୍ୟକ୍ରମ ଏବଂ ପରିଚାଳନା ବିଷୟ ଉପସ୍ଥାପନ କରିଥିଲେ।

ବର୍ତ୍ତମାନ ପର୍ଯ୍ୟନ୍ତ ହୋଇଥିବା ପ୍ରସ୍ତୁତିର ଅଗ୍ରଗତି ସମୀକ୍ଷା କରି ମୁଖ୍ୟ ଶାସନ ସଚିବ କହିଛନ୍ତି ଯେ ଶାନ୍ତିସ୍ତୂପ ଓଡ଼ିଶାର ଅନ୍ୟ ଏକ ପରିଚୟ। ଓଡ଼ିଶା ସରକାର ଏବଂ କଳିଙ୍ଗ ନିପ୍ପୋନ୍ ବୁଦ୍ଧ ସଂଘ ସହଭାଗିତାରେ ପ୍ରତିଷ୍ଠିତ ଏହି କୀର୍ତ୍ତିସ୍ତମ୍ଭ ବହୁସଂଖ୍ୟକ ପର୍ଯ୍ୟଟକଙ୍କୁ ଆକୃଷ୍ଟ କରି ଆସୁଛି । ଏହାର ସୁବର୍ଣ୍ଣ ଜୟନ୍ତୀ ପାଳନ ନିମନ୍ତେ ରାଜ୍ୟ ସରକାରଙ୍କ ତରଫରୁ ସମସ୍ତ ପ୍ରକାର ଆର୍ଥିକ ଏବଂ ପ୍ରଶାସନିକ ସହଯୋଗ ଯୋଗାଇ ଦିଆଯିବ। ଶାନ୍ତିସ୍ତୂପ ସଂରକ୍ଷଣ ଓ ସୌନ୍ଦର୍ଯ୍ୟକରଣ କାର୍ଯ୍ୟ ପାଇଁ ରାଜ୍ୟ ସରକାର ୧.୮୭ କୋଟି ଟଙ୍କା ବ୍ୟୟବରାଦ କରିଛନ୍ତି। ଏହି କାର୍ଯ୍ୟ ଚଳିତ ମାସ ଶେଷ ସୁଦ୍ଧା ସମ୍ପନ୍ନ କରିବା ପାଇଁ ମୁଖ୍ୟ ଶାସନ ସଚିବ ପୂର୍ତ୍ତ ବିଭାଗକୁ ନିର୍ଦ୍ଦେଶ ଦେଇଛନ୍ତି। ଶାନ୍ତିସ୍ତୂପକୁ ସଂଯୋଗ କରୁଥିବା ରାସ୍ତାର ନବୀକରଣ ଓ ଆଲୋକୀକରଣ କାର୍ଯ୍ୟ ଉତ୍ସବର ବହୁ ଆଗରୁ ଶେଷ କରିବା ପାଇଁ ବୈଠକରେ ନିଷ୍ପତ୍ତି ହୋଇଛି। ବୈଠକରେ ଉପସ୍ଥିତ ପଦ୍ମ ବିଭୂଷଣ ସୁଦର୍ଶନ ସାହୁ କହିଛନ୍ତି ଯେ ସଂରକ୍ଷଣ କାର୍ଯ୍ୟ ଦେଖିବା ପାଇଁ ଜାପାନରୁ ଆସିଥିବା ବୈଷୟିକ ଯନ୍ତ୍ରୀମାନେ ଓଡ଼ିଶା ସରକାରଙ୍କ ଦ୍ୱାରା କରାଯାଉଥିବା ରକ୍ଷଣାବେକ୍ଷଣ ଗୁଣାତ୍ମକ କାର୍ଯ୍ୟର ପ୍ରଶଂସା କରିଛନ୍ତି । ଧଉଳିର ମୁଖ୍ୟ ସନ୍ନ୍ୟାସୀ ମଧ୍ୟ ଏହି କାର୍ଯ୍ୟର ମାନ ଏବଂ ଅଗ୍ରଗତିକୁ ନେଇ ସନ୍ତୋଷ ପ୍ରକାଶ କରିଛନ୍ତି। ସୁବର୍ଣ୍ଣ ଜୟନ୍ତୀ ପାଳନ ନିମନ୍ତେ ମଞ୍ଚ ପ୍ରସ୍ତୁତି, ସାଜସଜ୍ଜା, ବିଭିନ୍ନ ଦେଶରୁ ଆସୁଥିବା ସନ୍ନ୍ୟାସୀ ଓ ପ୍ରତିନିଧିମାନଙ୍କର ଆଗମନ, ରହଣି, ଉତ୍ସବରେ ଯୋଗଦାନ, ଆତିଥ୍ୟ ଆଦି ବିଷୟରେ ସବିଶେଷ ଯୋଜନା ଏବଂ ଖର୍ଚ୍ଚ ଆକଳନ କରି ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ମାଧ୍ୟମରେ ରାଜ୍ୟ ସରକାରଙ୍କ ନିକଟରେ ଦାଖଲ କରିବା ପାଇଁ ମୁଖ୍ୟ ଶାସନ ସଚିବ ସ୍ଥାନୀୟ ଧଉଳି ଉନ୍ନୟନ କମିଟିକୁ ପରାମର୍ଶ ଦେଇଛନ୍ତି। ଏହି କମିଟି ଖୋର୍ଦ୍ଧା ଜିଲାପାଳଙ୍କ ଅଧ୍ୟକ୍ଷତାରେ କାର୍ଯ୍ୟ କରିବ। ଧଉଳିରେ ସ୍ଥାପନ କରାଯାଇଥିବା ବିଭିନ୍ନ ପ୍ରକାର ପର୍ଯ୍ୟଟକ ସୁବିଧା କେନ୍ଦ୍ର, ରାସ୍ତା ଆଲୋକ ଆଦିର ରକ୍ଷଣାବେକ୍ଷଣ ଓ ପରିସରର ପରିଚ୍ଛନ୍ନତା ଆଦି କାର୍ଯ୍ୟ ନିୟମିତ ଭାବେ କରିବା ପାଇଁ ଏହି ସ୍ଥାନୀୟ କମିଟିକୁ ନିର୍ଦ୍ଦେଶ ଦିଆଯାଇଛି। ଏଥିପାଇଁ କମିଟି ପ୍ରବେଶ ଟିକେଟ ଓ ପାର୍କିଂ ଟିକେଟ ଆଦିରୁ ସଂଗୃହୀତ ରାଶି ବିନିଯୋଗ କରିବେ। ଶାନ୍ତିସ୍ତୂପ ପାଦଦେଶ ପ୍ଲାଟଫର୍ମର ନବୀକରଣ, ଆଲୋକ ଏବଂ ଶବ୍ଦ ପ୍ରଦର୍ଶନୀର ନବୀକରଣ ଏବଂ ପୁନଃଆରମ୍ଭ, ଦୂରରୁ ସ୍ତୂପର ଦୃଶ୍ୟକୁ ଅବରୋଧ କରୁଥିବା ବୃକ୍ଷଡାଳ ଆଦିର ସଜାଡ଼ୀକରଣ, ରାସ୍ତା ଆଲୋକୀକରଣ, ହସ୍ତଶିଳ୍ପ ବଜାର ଏବଂ ଶପିଂ କମ୍ପ୍ଲେକ୍ସକୁ ବ୍ୟବସାୟ ଅନୁକୂଳ ଉପଯୁକ୍ତ ଜାଗାକୁ ସ୍ଥାନାନ୍ତରଣ ଆଦି ବିଷୟରେ ଆଲୋଚନା ହୋଇ ସେସବୁର ସମାଧାନ ପନ୍ଥା ନିର୍ଦ୍ଧାରଣ କରାଯାଇଛି। ବୈଠକରେ ଅର୍ଥ ବିଭାଗ ପ୍ରମୁଖ ଶାସନ ସଚିବ ବିଶାଳ କୁମାର ଦେବ, ପର୍ଯ୍ୟଟନ ନିର୍ଦ୍ଦେଶକ ସଚିନ ରାମଚନ୍ଦ୍ର ଯାଦବ, ସୂଚନା ଓ ଲୋକସମ୍ପର୍କ ନିର୍ଦ୍ଦେଶକ ଇନ୍ଦ୍ରମଣି ତ୍ରିପାଠୀ, ସଂସ୍କୃତି ନିର୍ଦ୍ଦେଶକ ରଞ୍ଜନ କୁମାର ଦାସଙ୍କ ସମେତ ଧଉଳିର ମୁଖ୍ୟ ସନ୍ନ୍ୟାସୀ ଓ ସମ୍ପୃକ୍ତ ବିଭାଗର ବରିଷ୍ଠ ଅଧିକାରୀମାନେ ଯୋଗ ଦେଇଥିଲେ।

# କଲେଜ ଛାତ୍ରଙ୍କ ଝୁଲନ୍ତା ମୃତଦେହ ଜବତ

## ହତ୍ୟା ଅଭିଯୋଗ ଆଣିଲେ ପରିବାର ଲୋକେ

ବଲାଙ୍ଗୀର ଅଫିସ, ୮।୯

ବଲାଙ୍ଗୀର ସହରର ଶାନ୍ତିପଡାରେ ଭଡାଘରେ ରହୁଥିବା ଜଣେ କଲେଜ ଛାତ୍ରଙ୍କ ଝୁଲନ୍ତା ମୃତଦେହ ଟାଉନ ଥାନା ପୋଲିସ ଗୁରୁବାର ଜବତ କରିଛି। ମୃତକ ହେଲେ ସୁବର୍ଣ୍ଣପୁର ଜିଲା ଉଲୁଣ୍ଡା ଥାନା ଅନ୍ତର୍ଗତ ଉଲୁଣ୍ଡାର ରମଣିକାନ୍ତ କ୍ଷେତୀ (୧୯)। ସେ ରାଜେନ୍ଦ୍ର ବିଶ୍ୱବିଦ୍ୟାଳୟ ଯୁକ୍ତ ୩ ଦ୍ୱିତୀୟ ବର୍ଷ ବାଣିଜ୍ୟ ବିଭାଗର ଛାତ୍ରଥିଲେ। ଶାନ୍ତିପଡାରେ ଏକ ଭଡାଘରେ ସାଙ୍ଗଙ୍କ ସହ ସେ ରହୁଥିଲେ। ବୁଧବାର ବିଳମ୍ବିତ ରାତିରେ ରମଣୀକାନ୍ତ ମୃତଦେହ ଘରେ ଝୁଲୁଥିବା ଦେଖି ସାଥୀମାନେ ପୋଲିସକୁ ଖବର କରିଥିଲେ। ଗୁରୁବାର ସକାଳେ ଟାଉନ ଥାନା ଆଇଆଇସି ପ୍ରିୟଙ୍କା ରାଉତରାୟ ସାଇଣ୍ଟିଫିକ୍ ଟିମ୍ ସହ ଘଟଣାସ୍ଥଳରେ ପହଞ୍ଚି ଛାନବିନ୍ ଆରମ୍ଭ କରିଥିଲେ। ପରେ ମୃତଦେହ ବ୍ୟବଚ୍ଛେଦ ପାଇଁ ପଠାଇଥିଲା। ମୃତକଙ୍କ ପରିବାର ଲୋକେ ବଲାଙ୍ଗୀରରେ ପହଞ୍ଚିବା ପରେ ରମଣୀଙ୍କୁ ହତ୍ୟା କରି ଆତ୍ମହତ୍ୟାର ରୂପ ଦେବାକୁ ଚେଷ୍ଟା କରାଯାଇଛି ବୋଲି ଅଭିଯୋଗ କରିଛନ୍ତି। ରମଣୀ ଜଣେ ମେଧାବୀ ଛାତ୍ର ଥିଲେ। କଲେଜ ଛାତ୍ରଙ୍କ ସନ୍ଦେହଜନକ ମୃତ୍ୟୁକୁ ନେଇ ବଲାଙ୍ଗୀରରେ ହଇଚଇ ସୃଷ୍ଟି ହୋଇଛି।

# ମମିତା ହତ୍ୟା ମାମଲା: ଆରମ୍ଭ ହେଲା ଶୁଣାଣି

## ୨୯, ୩୦ରେ ସାକ୍ଷ୍ୟ ଗ୍ରହଣ ନିର୍ଦ୍ଦେଶ

ବଲାଙ୍ଗୀର ଅଫିସ/କଣ୍ଟାବାଞ୍ଜି, ୮।୯(ଡି.ଏନ୍.ଏ.)



ବହୁଚର୍ଚ୍ଚିତ ମମିତା ମେହେର ହତ୍ୟା ମାମଲାର ଶୁଣାଣି ବଲାଙ୍ଗୀର ଜିଲା କଣ୍ଟାବାଞ୍ଜି ଏଡିଜେ କୋର୍ଟରେ ଗୁରୁବାର ଆରମ୍ଭ ହୋଇଛି। ଶୁଣାଣି ପ୍ରକ୍ରିୟା ଆରମ୍ଭ ହେବା ପୂର୍ବରୁ ହତ୍ୟାକାଣ୍ଡ ସହ ସମ୍ପୃକ୍ତ ଅଭିଯୁକ୍ତ ଗୋବିନ୍ଦ ସାହୁ ଓ ସହଯୋଗୀ ରାଧେଶ୍ୟାମ ଚଣ୍ଡିଙ୍କୁ କୋର୍ଟରେ ହାଜର କରାଯାଇଥିଲା। ଏଡିଜେ ଶୁଣାଣି ପ୍ରକ୍ରିୟା ଆରମ୍ଭ କରି ଆସନ୍ତା ୨୯ ଓ ୩୦ ତାରିଖ ସାକ୍ଷ୍ୟ ଗ୍ରହଣ କରାଯିବାକୁ ନିର୍ଦ୍ଦେଶ ଦେଇଛନ୍ତି। ପୋଲିସ ପକ୍ଷରୁ ଦାଖଲ କରାଯାଇଥିବା ଚାର୍ଜଶିଟ୍ ସାକ୍ଷ୍ୟଙ୍କ ମଧ୍ୟରୁ ୭ଜଣଙ୍କ ସାକ୍ଷ୍ୟ ଗ୍ରହଣ ଆସନ୍ତା ୨୯ ଓ ୩୦ ତାରିଖରେ କରାଯିବ ବୋଲି ଜଣାପଡିଛି। ସ୍ୱତନ୍ତ୍ର ପବ୍ଲିକ୍ ପ୍ରସିକ୍ୟୁଟର ଅମରେନ୍ଦ୍ର ମିଶ୍ରଙ୍କୁ ପଚାରିବାରୁ ଗୁରୁବାର ମମିତା ମେହେର ହତ୍ୟା ମାମଲାର ଶୁଣାଣି କଣ୍ଟାବାଞ୍ଜି ଏଡିଜେ କୋର୍ଟରେ ଆରମ୍ଭ ହୋଇଛି। ଆସନ୍ତା ୨୯ ଓ ୩୦ ତାରିଖରେ ଏହି ମାମଲାର ସାକ୍ଷ୍ୟ ଗ୍ରହଣ ସକାଶେ ତାରିଖ ଧାର୍ଯ୍ୟ କରି ଏଡିଜେ ଆଦେଶ କରିଥିବା ସୂଚନା ଦେଇଛନ୍ତି। ପୋଲିସ ପକ୍ଷରୁ ଦାଖଲ କରାଯାଇଥିବା ଚାର୍ଜଶିଟ୍‌ରେ ୧୭୦ଜଣ ସାକ୍ଷୀ ରହିଥିବା ଜଣାପଡିଛି। କଳାହାଣ୍ଡି ଜିଲା ମହାଲିଙ୍ଗସ୍ଥିତ ଏକ ଘରୋଇ ସ୍କୁଲରେ ଅଧକ୍ଷା ଭାବେ କାର୍ଯ୍ୟରତ ଥିବା ବଲାଙ୍ଗୀର ଜିଲା ତୁରେକେଲା ଥାନା ଝରଣୀ ଗାଁର ମମିତା ମେହେର ଗତବର୍ଷ ଅକ୍ଟୋବର ୮ ତାରିଖରୁ ନିଖୋଜ ହୋଇଯାଇଥିଲେ। ତାଙ୍କୁ ସ୍କୁଲ ପରିଚାଳନା କମିଟି ସଭାପତି ଗୋବିନ୍ଦ ମେହେର ଅପହରଣ କରିନେଇ ହତ୍ୟା କରିଥିବା ନେଇ ଅଭିଯୋଗ ହୋଇଥିଲା। ଏହି ମାମଲାରେ ପୋଲିସ ଗୋବିନ୍ଦ ସାହୁଙ୍କୁ ଟିଟିଲାଗଡ ବାରାକ୍‌ରେ ପଚରାଉଚରା କରିବାକୁ ରଖିଥିବାବେଳେ ସେଠାରୁ ଅକ୍ଟୋବର ୧୭ ତାରିଖରେ ସେ ଫେରାର ହୋଇଯାଇଥିଲେ। ପରେ ୧୯ ତାରିଖରେ ବଙ୍ଗୋମୁଣ୍ଡା ଥାନା ବୁଢ଼ୀପଦର ଗାଁର ଏକ ଆଖୁ କିଆରିରୁ ଗୋବିନ୍ଦ ସାହୁଙ୍କୁ ଗିରଫ କରାଯାଇଥିଲା। ଏହାପରେ ତାଙ୍କ ସହଯୋଗୀ ରାଧେଶ୍ୟାମ ଚଣ୍ଡିଙ୍କୁ ଗିରଫ କରାଯାଇଥିଲା। ମମିତାଙ୍କୁ ତଣ୍ଟିଚିପି ହତ୍ୟା କରିବା ପରେ ମହାଲିଙ୍ଗଠାରେ ନିର୍ମାଣାଧୀନ ଷ୍ଟାଡିୟମରେ ମମିତାଙ୍କ ମୃତଦେହ ପୋଡି ପୋତି ଦେଇଥିବା ଜଣାପଡିଥିଲା। ଏହି ମାମଲାରେ ଗିରଫ ଦୁଇ ଅଭିଯୁକ୍ତ କଣ୍ଟାବାଞ୍ଜି ଜେଲରେ ଅଛନ୍ତି।






## ଯୁବକଙ୍କୁ ହତ୍ୟା କରି ପୋଖରୀ କୂଳରେ ଫିଙ୍ଗିଦେଲେ

ମୋରଡ଼ା,୮।୯(ଡି.ଏନ.ଏ): ମୟୂରଭଞ୍ଜ ଜିଲା ମୋରଡ଼ା ଥାନା ଅଧୀନ ଚିଆଁସି ଲୋଧା ସାହିରେ ଗୁରୁବାର ଏକ ହତ୍ୟାକାଣ୍ଡ ଘଟିଛି। ଗାଁପାଖ ପୋଖରୀତୁଠରୁ ଜଣେ ଯୁବକଙ୍କ ମୃତଦେହ ଜବତ କରିଛି ପୋଲିସ। ମୃତକ ହେଲେ ନିର୍ମଳ ମଲିକ(୩୫)। ତାଙ୍କୁ କେହି ହତ୍ୟା କରି ପୋଖରୀ କୂଳରେ ଫିଙ୍ଗି ଦେଇଥିବା ପରିବାର ଲୋକେ ଅଭିଯୋଗ କରିଛନ୍ତି। ହତ୍ୟାକାଣ୍ଡର କାରଣ ସ୍ପଷ୍ଟ ହୋଇ ନ ଥିବା ବେଳେ ପୋଲିସ ତଦନ୍ତ ଜାରି ରଖିଛି।


## ଜନ୍ମଦିନର ଶୁଭେଚ୍ଛା

ନାମ: ..................................

ବୟସ:..................................

ଜନ୍ମ ତାରିଖ: ..............................



ସ୍ୱପ୍ନଦୀପ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଠିଠେଇ ଘଇତା ଘନଶ୍ୟାମ**
**ପେଟ ପୂରିଲେ ରାମ୍ ରାମ୍।**

ପେଟୁଆ ବ୍ୟକ୍ତି ସାଧାରଣତଃ ଖାଦ୍ୟ ଲୋଭୀ ହୋଇଥାନ୍ତି। ଏପରି ସ୍ଥିତିରେ ସର୍ବଦା ନିଜର ପେଟ ଚିନ୍ତା କରୁଥିବା ସ୍ୱାର୍ଥପର ଗୃହସ୍ୱାମୀ ପ୍ରତି ଏଭଳି ବ୍ୟଙ୍ଗୋକ୍ତି ପ୍ରକାଶ କରାଯାଇଛି।

**ଠେକା ପଚାରଇ ବେକାରେ**
**ତୁ କୋଉ ମଣିଷରେ ଲେଖାରେ?**

ସାଧାରଣତଃ ମଣିଷ କେତେ ଦକ୍ଷ ବା ଯୋଗ୍ୟ ତାହା ତାଙ୍କ କାର୍ଯ୍ୟଶୈଳୀରୁ ହିଁ ଜଣାପଡିଥାଏ। ତେବେ କ୍ଷମତାଶାଳୀ ହୋଇନଥିବା ବା ଦକ୍ଷତା ନ ଥିବା ବ୍ୟକ୍ତି ଅନ୍ୟ ଆଗରେ ନିଜର ବୃଥା ବଡ଼ିମା ଦେଖାଇ ବସିଲେ ପରିହାସର ପାତ୍ର ହେବାକୁ ପଡ଼ିଥାଏ। ମଣିଷର ଯୋଗ୍ୟତା ଆକଳନ କରାଯିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ - ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା: ଲିଃ



ସୂର୍ଯ୍ୟମନ୍ଦିର ପରିସରରେ ହେଉଥିବା ଭୂମି ପୂଜନ କାର୍ଯ୍ୟକ୍ରମରେ ଉପସ୍ଥିତ ଅଧିକାରୀମାନେ।

# ରାଜ୍ୟ ସମବାୟ ମନ୍ତ୍ରୀଙ୍କ ରାଷ୍ଟ୍ରୀୟ ସମ୍ମିଳନୀ

## ବୀମା କମ୍ପାନୀ ଚାଷୀ, ସମବାୟ ହିତାଧିକାରୀ ଅଧିକାରରୁ ବଞ୍ଚିତ: ମନ୍ତ୍ରୀ

ଭୁବନେଶ୍ୱର,୮।୯(ବ୍ୟୁରୋ)

ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହାଙ୍କ ଅଧ୍ୟକ୍ଷତାରେ ନୂଆଦିଲ୍ଲୀସ୍ଥିତ ବିଜ୍ଞାନ ଭବନରେ ୨ ଦିନିଆ ରାଜ୍ୟ ସମବାୟ ମନ୍ତ୍ରୀମାନଙ୍କ ରାଷ୍ଟ୍ରୀୟ ସମ୍ମିଳନୀ ଅନୁଷ୍ଠିତ ହୋଇଛି। ଏଥିରେ ଓଡ଼ିଶାର ସମବାୟ ମନ୍ତ୍ରୀ ଅତନୁ ସବ୍ୟସାଚୀ ନାୟକ ଯୋଗ ଦେଇ ସମବାୟ ବ୍ୟାଙ୍କ, ଚାଷୀ ଏବଂ ସମବାୟ ହିତାଧିକାରୀମାନେ ବିଭିନ୍ନ ସମୟରେ ଭିନ୍ନଭିନ୍ନ ସମସ୍ୟାରେ ଛନ୍ଦି ହୋଇ ନିଜ ଅଧିକାରରୁ ବଞ୍ଚିତ ହେଉଛନ୍ତି ବୋଲି କହିଥିଲେ। ବୀମା କମ୍ପାନୀ ଚାଷୀ ଏବଂ ସମବାୟ ହିତାଧିକାରୀଙ୍କୁ ବିଭିନ୍ନ ସମୟରେ ଗୁରୁତ୍ୱ ନ ଦେଇ ନିଜର ସ୍ୱାର୍ଥ ସାଧନ ପାଇଁ କାଳକ୍ଷେପଣ ନୀତି ଅବଲମ୍ବନ କରୁଛନ୍ତି। ଏଭଳି ସ୍ଥିତିରେ ରାଜ୍ୟର ସମବାୟ ବ୍ୟାଙ୍କଗୁଡ଼ିକୁ କିପରି ଅଧିକ ସୁଦୃଢ଼ କରାଯାଇ ସମବାୟ ହିତାଧିକାରୀଙ୍କୁ ମୁଖ୍ୟତଃ ଚାଷୀମାନଙ୍କ ଆର୍ଥିକ ସ୍ଥିତିକୁ ଶକ୍ତିଶାଳୀ କରାଯିବ ସେଥିପ୍ରତି ସମ୍ମିଳନୀରେ ମନ୍ତ୍ରୀ ନାୟକ ଦାବି ରଖିବା ସହ ଏହାର ସମାଧାନ ପାଇଁ କେନ୍ଦ୍ରମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ସେ ଆହୁରି କହିଛନ୍ତି, ଓଡ଼ିଶା ସରକାର ସମବାୟ ହିତାଧିକାରୀଙ୍କୁ ବିନା ସୁଧରେ ଏକ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଆର୍ଥିକ ସହାୟତା ରାଶି ପ୍ରଦାନ କରୁଛନ୍ତି, କେନ୍ଦ୍ରର ଏଭଳି କାର୍ଯ୍ୟକ୍ରମକୁ ସ୍ଥାନ ଦେବା ଆବଶ୍ୟକ। କେନ୍ଦ୍ର ସରକାରଙ୍କ ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନାରେ ଚାଷୀମାନେ ଠିକ୍ ସମୟରେ ବୀମା କମ୍ପାନୀଗୁଡିକ ଠାରୁ ସହାୟତା ପାଇପାରୁନାହାନ୍ତି। ଫଳରେ ବିଭିନ୍ନ ସମସ୍ୟାର ସମାଧାନ ପାଇଁ ସତନ୍ତ୍ର ଭାବେ ଦାବି କରିଛନ୍ତି। ବୀମା କମ୍ପାନୀଗୁଡିକ ଏଭଳି ନୀତିକୁ ବନ୍ଦ କରି ସମବାୟ ହିତାଧିକାରୀଙ୍କୁ ଯଥାଶୀଘ୍ର କିପରି ବୀମା ରାଶି କମ୍ପାନୀଗୁଡିକ ପ୍ରଦାନ କରିବେ ସେଥିପ୍ରତି କେନ୍ଦ୍ର ସରକାରଙ୍କ ସମବାୟ ମନ୍ତ୍ରଣାଳୟ ପଦକ୍ଷେପ ଗ୍ରହଣ କରାଯିବା ଆବଶ୍ୟକ ବୋଲି ସେ କହିଛନ୍ତି।

# ସୁନାଇଟା ନାଁରେ ୧୦ଲକ୍ଷ ଲୁଟ୍

ନବରଙ୍ଗପୁର,୮।୯(ବି.ପ୍ର.)

ସୁନାଇଟା କିଣିବାକୁ ସାଙ୍ଗର ସ୍ୱାମୀଙ୍କୁ ଡକାଇଲେ। ନକଲି ସୁନାଇଟା ଦେଖାଇ ଯୋଜନା ମୁତାବକ ଲୁଟିନେଲେ୧୦ ଲକ୍ଷ ଟଙ୍କା। ସାଙ୍ଗରେ ଯାଇ ଥାନାରେ ଅଭିଯୋଗ ମଧ୍ୟ କଲେ। କିନ୍ତୁ ପୋଲିସ ହାତରେ ଧରାପଡ଼ିଗଲେ ଘଟଣାର ମାଷ୍ଟରମାଇଣ୍ଡ ମିଥୁନ ସାହୁ। ଏହି ଘଟଣାରେ ପୋଲିସ ଆଉ ୩ ଜଣଙ୍କୁ ମଧ୍ୟ ଗିରଫ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ହୁଗୁଲାପଟା ଗାଁର ମିଥୁନ ସାହୁ, ବଂଶୀଧର ପରିଡ଼ା, ଖଲିଗୁଡ଼ା ଗ୍ରାମର ଗୁନା ଓ ଯତୀନ୍ଦ୍ର ଖରା। ଗୁନା ଓ ଯତୀନ୍ଦ୍ର ସମ୍ପର୍କରେ ଶ୍ୱଶୁର ଜ୍ୱାଇଁ। ଅଭିଯୁକ୍ତ ବଂଶୀଧର ଟଙ୍କା ବ୍ୟାଗକୁ ନେଇ ଯତୀନ୍ଦ୍ର ସହ ଯାଇଥିଲେ। ଉକ୍ତ ଟଙ୍କାକୁ ଏକ ଟେଡି ବିୟରରେ ରଖି କଣ୍ଟେଇଟିକୁ ସିମେଣ୍ଟ ଅଖାରେ ପୂରାଇ ତାହାକୁ ଏକ ବିଦ୍ୟାଳୟ ପାଇଖାନା ଭିତରେ ରଖିଥିଲେ। ପୋଲିସ ବଂଶୀଧରଙ୍କୁ ନେଇ ଉକ୍ତ ଟଙ୍କା ଜବତ କରିଛି। ଅଭିଯୁକ୍ତମାନଙ୍କଠାରୁ ୪ ଲକ୍ଷ ୬୦ ହଜାର ଟଙ୍କା, ଏକ ଖଣ୍ଡା, ଛୁରି, ଗୋଟିଏ ଖୁର ଓ ତିନୋଟି ମୋବାଇଲ ଫୋନ୍ ଜବତ କରାଯାଇଛି। ନବରଙ୍ଗପୁର ଅତିରିକ୍ତ ଏସ୍‌ପି ଜୟକୃଷ୍ଣ ବେହେରା ନବରଙ୍ଗପୁର ଥାନାରେ ଏକ ଖବରଦାତା ସମ୍ମିଳନୀ କରି ଏ ସମ୍ପର୍କରେ ସୂଚନା ଦେଇଛନ୍ତି। ମୁଖ୍ୟ ଅଭିଯୁକ୍ତ ମିଥୁନ ବ୍ରହ୍ମପୁର ବଡ଼ବଜାର ଥାନା ଅଧୀନ ରଘୁପତିନଗର ଅଞ୍ଚଳର ସାଗର ଗୌଡ଼ଙ୍କ ସ୍ତ୍ରୀଙ୍କ ସାଙ୍ଗ। ଏକ ସୁନାଇଟା କିଣିବା ପାଇଁ ମିଥୁନ ସାଗରଙ୍କୁ ପ୍ରସ୍ତାବ ଦେଇ ନବରଙ୍ଗପୁର ଡାକିଥିଲେ। ଉକ୍ତ ସୁନାଇଟାଟି ପ୍ରାୟ ୪ କିଲୋ ୩୦୦ ଗ୍ରାମ। ୧୦ ଲକ୍ଷ ଟଙ୍କା ଦେଲେ ମିଳିଯିବ ବୋଲି ମିଥୁନ ସାଗରଙ୍କୁ କହିଥିଲେ।



ପୋଲିସ ସହ ଗିରଫ ଅଭିଯୁକ୍ତ ଓ ଜବତ ସାମଗ୍ରୀ।

- **୪ ଗିରଫ, ୪ ଲକ୍ଷ ୬୦ ହଜାର ଟଙ୍କା, ମାରଣାସ୍ତ୍ର ଜବତ**
- **ଟେଡି ବିୟର ଭିତରେ ଟଙ୍କା ରଖି ସ୍କୁଲ ପାଇଖାନାରେ ଲୁଚାଇଥିଲେ ଅଭିଯୁକ୍ତ**

ମିଥୁନ ସ୍ତ୍ରୀଙ୍କ ସାଙ୍ଗ ହୋଇଥିବାରୁ ତାଙ୍କ କଥାରେ ବିଶ୍ୱାସକରି ସାଗର ନିଜ ୨ ସାଥୀଙ୍କ ସହ ଅଗଷ୍ଟ ୩୦ ସନ୍ଧ୍ୟାରେ ୧୦ ଲକ୍ଷ ଟଙ୍କା ନେଇ ନବରଙ୍ଗପୁରରେ ପହଞ୍ଚିଥିଲେ। ମିଥୁନ ୬ ଜଣଙ୍କ ସହ ସାଗରଙ୍କୁ ଏକ ନିଛାଟିଆ ଜାଗାକୁ ନେଇଥିଲେ। ସେଠାରେ ସାଗରଙ୍କୁ ସୁନାଇଟା ଦେଖାଇଥିଲେ। ଇଟା ଯାଞ୍ଚ କରିବାକୁ ସାଗର କହିବା ପରେ ମିଥୁନଙ୍କ ସାଙ୍ଗରେ ଆସିଥିବା ଲୋକେ ଖଣ୍ଡା, ଛୁରି ଦେଖାଇ ସାଗରଙ୍କଠାରୁ ୧୦ ଲକ୍ଷ ଟଙ୍କା ଓ ବ୍ୟାଗ୍ ଛଡ଼ାଇ ନେଇଥିଲେ। ସାଗର ଟଙ୍କା ଫେରାଇବାକୁ ମିଥୁନଙ୍କୁ କହିଥିଲେ। ଅଭିଯୁକ୍ତମାନେ ଟଙ୍କା ଫେରସ୍ତ ନ କରିବାରୁ ସାଗର ନବରଙ୍ଗପୁର ଥାନାରେ ଲିଖିତ ଅଭିଯୋଗ କରିଥିଲେ। ନବରଙ୍ଗପୁର ପୋଲିସ ମିଥୁନଙ୍କ ଉପରେ ସନ୍ଦେହକରି ତାଙ୍କୁ ଥାନାକୁ ଆଣି ପଚରାଉଚରା କରିଥିଲେ। ମିଥୁନ ହିଁ ମୁଖ୍ୟ ଅଭିଯୁକ୍ତ ବୋଲି ଜଣାପଡ଼ିଥିଲେ। ପଚରାଉଚୁରା ବେଳେ ମିଥୁନ ଅନ୍ୟମାନଙ୍କ ନାଁ କହିବା ପରେ ଏସ୍‌ଆଇ ସବୀର ଅହମ୍ମଦ, ଏଏସ୍‌ଆଇ ଅଶୋକ ଦେଓ, କନଷ୍ଟେବଲ ଅନୀଲ ପୃଷ୍ଟି, ବିକାଶ ବେନିଆ ଓ ସାଗର ମାଝି ବିଭିନ୍ନ ସ୍ଥାନରେ ଚଢ଼ାଉକରି ଅଭିଯୁକ୍ତଙ୍କୁ ଗିରଫ କରିଛନ୍ତି। କେସ୍ ନଂ.୧୪୩/୨୨ରେ ମାମଲା ରୁଜୁକରି ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଥିବା ଖବରଦାତା ସମ୍ମିଳନୀରେ ଏଏସ୍‌ପି ସୂଚନା ଦେଇଛନ୍ତି। ଘଟଣାରେ ସମ୍ପୃକ୍ତ ଅନ୍ୟ ୩ ଅଭିଯୁକ୍ତଙ୍କୁ ଫେରାର ଅଛନ୍ତି। ଖବରଦାତା ସମ୍ମିଳନୀରେ ଏସ୍‌ଡିପିଓ ନିହାର ରଞ୍ଜନ ପ୍ରଧାନ, ଥାନା ଅଧିକାରୀ ନରେଶ କୁମାର ପ୍ରଧାନ ଉପସ୍ଥିତ ଥିଲେ।

## ଆଜିର ରାଶିଫଳ


ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com


**ମେଷ** – ଶୁକ୍ରଙ୍କ ପ୍ରଭାବରୁ ଅର୍ଥ ଓ ଭୋଗବିଳାସ ସମ୍ପର୍କିତ ଦ୍ରବ୍ୟ ପ୍ରତି ଆଗ୍ରହୀ ହେବେ। ବନ୍ଧୁବାନ୍ଧବ, ସହକର୍ମୀଙ୍କ ସହ ଧାର କରଜକୁ କେନ୍ଦ୍ରକରି କଳହର ସମ୍ଭାବନା ଦେଖାଦେବ। ସ୍ୱାସ୍ଥ୍ୟ ଓ ପିଲାମାନଙ୍କ ବିବାହ ଚିନ୍ତା ନେଇ ବନ୍ଧୁଙ୍କ ସହ ଆଲୋଚନା କରିପାରନ୍ତି। ଜଣେ ହିତୈଷୀଙ୍କ ଚେଷ୍ଟାରୁ ପାରିବାରିକ ସମସ୍ୟାର ସମାଧାନ ଘଟିବ।

**ବୃଷ** – ପ୍ରତ୍ୟେକ କାର୍ଯ୍ୟ ସମସ୍ୟାବହୁଳ ହୋଇପଡ଼ିବା କାରଣରୁ ମାନସିକ ଅସ୍ଥିରତା ବୃଦ୍ଧି ପାଇବ। ଘରେ ଅସାବଧାନତାବଶତଃ କୌଣସି ମୂଲ୍ୟବାନ ଦ୍ରବ୍ୟ ନଷ୍ଟ ହୋଇପାରେ। ହଠାତ୍ ଅଫିସ୍ ଯିବା ସମୟକୁ ଦରକାରୀ କାଗଜପତ୍ର ନ ପାଇ ବ୍ୟସ୍ତ ହେବେ। ଉପରିସ୍ଥଙ୍କ ସାହାଯ୍ୟ ଓ ସହଯୋଗ ପାଇ ସ୍ଥଗିତ କାମକୁ ତ୍ୱରାନ୍ୱିତ କରିବେ।

**ମିଥୁନ** – ଆଜି ନୂତନ ବନ୍ଧୁ ସମ୍ପର୍କ ଯୋଡ଼ିବା ପାଇଁ ଚେଷ୍ଟା କଲେ ଉପକୃତ ହେବେ। କର୍ମକ୍ଷେତ୍ରରେ ସ୍ଥଗିତ କାମକୁ ପୂରା ଦମ୍‌ରେ କରିବା ପାଇଁ ନିଷ୍ପତ୍ତି ନେବେ। ବ୍ୟବସାୟ କ୍ଷେତ୍ରରେ କୌଣସି ପ୍ରକାର ଅସୁବିଧା ନ ହେଲେ ମଧ୍ୟ ଆଶଙ୍କା କରି ମନ ଅସ୍ଥିର ରହିବ। ବୃଥା ସନ୍ଦେହ ଓ ଭୁଲ୍ ବୁଝାମଣା କାରଣରୁ ପାରିବାରିକ ସମସ୍ୟା ଦେଖାଦେଇପାରେ।

**କର୍କଟ** – ଚେଷ୍ଟା ସଫଳ ହେବାରେ ଜଣେ ଅଜଣା ବ୍ୟକ୍ତିଙ୍କଠାରୁ ଆପଣଙ୍କୁ ସାହାଯ୍ୟ ମିଳିବ। ବାଣିଜ୍ୟ, ବ୍ୟବସାୟ, ପରିବହନ, ସଭାସମିତି, ଆଇନ ଅଦାଲତ କ୍ଷେତ୍ରରୁ ସୁଫଳ ପାଇବେ। ପ୍ରକାଶନ, ପରିବହନ, ପ୍ରଶାସନ ଓ ଆଇନ ଅଦାଲତରେ ସମସ୍ୟାର ସମାଧାନ ହୋଇଯିବ। ବନ୍ଧୁଙ୍କ ସହ ସାଧାରଣ ଯୁକ୍ତିତର୍କରୁ ଅଶାନ୍ତ ରହିବେ।

**ସିଂହ** – ପୂର୍ବରୁ ଅଟକି ଥିବା ଅର୍ଥଲାଭରୁ ମନ ଖୁସି ହୋଇଯିବ। ଈର୍ଷାପରାୟଣ ମନୋଭାବ ପୋଷଣ କରି ନିକଟସ୍ଥ ବ୍ୟକ୍ତିମାନେ ପରୋକ୍ଷ ସମାଲୋଚନା କରିପାରନ୍ତି। ଯିବା ଆସିବା ସମୟରେ ସତର୍କ ନ ରହିଲେ ସାଧାରଣ ଆଘାତ ଲାଗିପାରେ। ଅଧ୍ୟୟନ ଓ ଅଧ୍ୟାପନା, କଳା, ସାହିତ୍ୟ, ସଙ୍ଗୀତ, ଚଳଚ୍ଚିତ୍ର ପ୍ରଭୃତିରେ ଉନ୍ନତି କରିବେ।

**କନ୍ୟା** – ଆଜି କର୍ମକ୍ଷେତ୍ରରେ ଅନ୍ୟମାନଙ୍କ କଥାକୁ ସରଳ ଓ ସହଜରେ ଗ୍ରହଣ କରିପାରିବେ ନାହିଁ। ଆଜି ଯାହା ପାଇବା ଲାଗି ଆଶା ରଖିଛନ୍ତି, ତାହା ବହୁ ବିଳମ୍ବରେ ଓ କଷ୍ଟର ସହ ପାଇବେ। ଅନ୍ୟମାନଙ୍କ ଦ୍ୱାରା ସମ୍ପନ୍ନ କରାଯାଇଥିବା କାମଗୁଡ଼ିକର ସମୀକ୍ଷା କରିପାରନ୍ତି। ସାମୟିକ ଜ୍ୱର କିମ୍ବା ସ୍ନାୟବିକ ଦୁର୍ବଳତା ଦେଖାଦେଇପାରେ।

**ତୁଳା** – ସହକର୍ମୀଙ୍କ ହସ୍ତକ୍ଷେପରେ କୌଣସି କାମ ଶେଷ ମୁହୂର୍ତ୍ତରେ ବିଗିଡ଼ିଯିବା ସମ୍ଭାବନା ରହିଛି। ବାଣିଜ୍ୟ, ବ୍ୟବସାୟରେ ଆଜି କ୍ଷତି ହେବନାହିଁ। ଦୀର୍ଘଦିନରୁ ଲାଗିରହିଥିବା କଚେରି ମାମଲା ଲାଗି ଦୁଶ୍ଚିନ୍ତା ବଢ଼ିପାରେ। ସନ୍ତାନଙ୍କ ସ୍ୱାସ୍ଥ୍ୟହାନି କାରଣରୁ ବିଚଳିତ ହୋଇପାରନ୍ତି ମାତ୍ର କୌଣସି ବିଶେଷ ଅସୁବିଧା ହେବନାହିଁ।

**ବିଛା** – କର୍ମକ୍ଷେତ୍ର ଓ ପରିବାରରେ ଶ୍ରଦ୍ଧା ଆଉ ସମ୍ମାନ ହାସଲ କରି ଖୁସି ହେବେ। ଶିଳ୍ପ, ପରିବହନ, ବ୍ୟବସାୟ ଓ ବାଣିଜ୍ୟ କ୍ଷେତ୍ରରେ ସହଜ ଓ ସୁବିଧାରେ ଲକ୍ଷ୍ୟ ହାସଲ କରିବେ। ଆଲୋଚନା ପରିସରରେ ସବୁକଥାକୁ ହାଲୁକା ଭାବେ ଗ୍ରହଣ କଲେ କ୍ଷତିରେ ପଡ଼ିପାରନ୍ତି। ଉପକାର କରିଥିବା ବ୍ୟକ୍ତିଙ୍କଠାରୁ ପ୍ରତିଦାନ ପାଇବା ଦୁର୍ଲ୍ଲଭ ହୋଇପଡ଼ିବ।

**ଧନୁ** – ପରିବାରର ଅସ୍ୱାଭାବିକ ପରିସ୍ଥିତି ଆପଣଙ୍କ ସକାଶେ ଚିନ୍ତାର କାରଣ ହେବ। ବନ୍ଧୁଙ୍କ ସଦ୍‌ଭାବ ଓ ସହକର୍ମୀଙ୍କ ସହଯୋଗ କର୍ମକ୍ଷେତ୍ରକୁ ତ୍ୱରାନ୍ୱିତ କରିବ। ନିଜ ଲୋକମାନଙ୍କ ଗହଣରେ ଅଧିକାଂଶ ସମୟ ବିଳାସବ୍ୟସନ ମଧ୍ୟରେ ଅତିବାହିତ ହେବ। ସଭାସମିତିରେ ନିଜ ଇଚ୍ଛା ବିରୋଧରେ ବନ୍ଧୁଙ୍କ ଯୁକ୍ତିକୁ ଗ୍ରହଣ କରିବାକୁ ବାଧ୍ୟ ହୋଇପାରନ୍ତି।

**ମକର** – ବନ୍ଧୁଙ୍କ ମନରେ ଆନନ୍ଦ ସୃଷ୍ଟି କରିବାରେ ସମର୍ଥ ହେବେ। କୌଶଳ ପ୍ରୟୋଗ କରି ପ୍ରତିଦ୍ୱନ୍ଦ୍ୱିତା, ବ୍ୟବସାୟ, ବାଣିଜ୍ୟ ଓ ପରିବହନରେ ଉନ୍ନତି ଘଟିବ। ଆକସ୍ମିକ କୌଣସି ସମସ୍ୟା ହେତୁ ନିର୍ମାଣାଧୀନ କାମଟି ଆଜି ବାସ୍ତବରେ କରିପାରିବେ ନାହିଁ। ସହକର୍ମୀଙ୍କଠାରୁ କିଛି ଗୁଜବ ଶୁଣିବା ପରେ ମନରେ ଭାବନା ସୃଷ୍ଟି ହେବ।

**କୁମ୍ଭ** – ବନ୍ଧୁଙ୍କୁ ଆପଣେଇ ନେବାରେ ସମର୍ଥ ହେବେ ଓ କାମ ହାସଲ କରିବେ। ପରିବାରରୁ ପୂର୍ଣ୍ଣ ସହଯୋଗ ପାଇବାରେ ନିଜର ତ୍ୟାଗ ଓ କୌଶଳ କାମରେ ଆସିବ। କୌଣସି ଅତୀତ ଘଟଣା ବିଷୟରେ ଭାବପ୍ରବଣତା ଯୋଗୁ ସାୟାହ୍ନେ ନୈରାଶ୍ୟ ଅନୁଭବ କରିପାରନ୍ତି। ସ୍ୱାସ୍ଥ୍ୟରେ ଦ୍ରୁତ ଉନ୍ନତି ହେବାରୁ ମନ ଏକପ୍ରକାର ଖୁସି ରହିବ।

**ମୀନ** – ପାରିବାରିକ କ୍ଷେତ୍ରରେ ଯେତେ ଭଲ କାମ କଲେ ମଧ୍ୟ ଅନ୍ୟମାନେ ଦୋଷ ଖୋଜିବୁଲିବେ। କର୍ମକ୍ଷେତ୍ରରେ ହଠାତ୍ କୌଣସି ଘଟଣା ମନକୁ ବିବ୍ରତ କରିପାରେ। ନିଜ ଲୋକଙ୍କ ଈର୍ଷାପରାୟଣତା ହେତୁ ସାମୟିକ ବ୍ୟସ୍ତ ବିବ୍ରତ ହୋଇପାରନ୍ତି। ସଭାସମିତି, କଳା, ସାହିତ୍ୟ, ବନ୍ଧୁ ସମ୍ପର୍କରେ କିଛିଟା ସମସ୍ୟା ସୃଷ୍ଟି ହେବ।

# ଅସୁରଗଡ଼ରେ କେନ୍ଦ୍ରୀୟ ପ୍ରତ୍ନତତ୍ତ୍ୱ ସର୍ବେକ୍ଷଣ ଟିମ୍



ଅସୁରଗଡ଼ରେ କେନ୍ଦ୍ରୀୟ ପ୍ରତ୍ନତତ୍ତ୍ୱ ବିଭାଗର ଟିମ୍।

ସମ୍ବଲପୁର,୮।୯(ବ୍ୟୁରୋ)

ସମ୍ବଲପୁର ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ (ଜିଏମ୍‌ୟୁ) ଇତିହାସ ବିଭାଗ ଦ୍ୱାରା ଅସୁରଗଡ଼ରେ ଉତ୍‌ଖନନ କରାଯାଇ ପ୍ରାଚୀନ ଇତିହାସ ସାମ୍ରାଜ୍ୟ ଥିବା ନେଇ ପ୍ରମାଣ ମିଳିଥିଲା। ଏହାପରେ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କୁ ଏହାର ସଂରକ୍ଷଣ ଓ ସୁରକ୍ଷିତ ରଖିବା ପାଇଁ ଜିଏମ୍‌ୟୁ ପକ୍ଷରୁ ଅନୁରୋଧ କରାଯାଇଥିଲା। ଜିଏମ୍‌ୟୁର ଅନୁରୋଧକ୍ରମେ ଗୁରୁବାର ଅସୁରଗଡ଼କୁ କେନ୍ଦ୍ରୀୟ ପ୍ରତ୍ନତତ୍ତ୍ୱ ସର୍ବେକ୍ଷଣ ସଂସ୍ଥା ଉତ୍‌ଖନନ ଶାଖା-୪ର ଏକ ଟିମ୍ ପହଞ୍ଚିଥିଲେ। ପ୍ରତ୍ନତତ୍ତ୍ୱବିତ୍ ଡ. ସୁଶାନ୍ତ କୁମାର କରଙ୍କ ନେତୃତ୍ୱରେ ଟିମ୍ ଆସିଥିଲେ। ସେମାନେ ବରପାଲିସ୍ଥିତ ଅସୁରଗଡ଼ ଯାଇ ସ୍ଥିତି ପରଖିଥିଲେ। ଏଥିରେ ଉତ୍‌ଖନନ ନିର୍ଦ୍ଦେଶକ ତଥା ଜିଏମ୍‌ୟୁ ବିଶ୍ୱବିଦ୍ୟାଳୟ ଇତିହାସ ବିଭାଗ ମୁଖ୍ୟ ଡ. ଅତୁଳ କୁମାର ପ୍ରଧାନ, ସହନିର୍ଦ୍ଦେଶକ ଡ. ଉମାକାନ୍ତ ମିଶ୍ର ଉପସ୍ଥିତ ଥିଲେ। ବର୍ଷା ଯୋଗୁ ଉତ୍‌ଖନନ କାର୍ଯ୍ୟ ବନ୍ଦ ରହିଛି। ଜଙ୍ଗଲରେ ଅନାବନା ଲତା ହୋଇଥିବାରୁ ସର୍ବେକ୍ଷଣରେ ବାଧା ସୃଷ୍ଟି ହେବ। ଏଣୁ ବର୍ଷା ସମୟ ଯାଇ ଗ୍ରୀଷ୍ମଋତୁରେ ଖନନ କାର୍ଯ୍ୟ ଆରମ୍ଭ କରାଯିବ। ଏଥିପାଇଁ ସରକାରଙ୍କ ସମସ୍ତ ସହଯୋଗ ଯୋଗାଇ ଦିଆଯିବ ବୋଲି ଡ. କର ପ୍ରତିଶ୍ରୁତି ଦେଇଥିଲେ।

# ପୋଖରୀରୁ ଯୁବକଙ୍କ ମୃତଦେହ ଜବତ

ବଡ଼ମ୍ବା,୮।୯ (ଡି. ଏନ. ଏ )

ବଡ଼ମ୍ବା ଥାନା ଅନ୍ତର୍ଗତ କୋଲେଶ୍ୱର ପଞ୍ଚାୟତ ଅଧୀନ ଗୁଣ୍ଡଦ୍ୱାର ଗ୍ରାମ ପୋଖରୀରରୁ ଗୁରୁବାର ଜଣେ ଯୁବକଙ୍କ ମୃତଦେହ ମିଳିଛି। ସେ ହେଲେ ବିଭୀଷଣ ପଣ୍ଡା(୩୫)। ସେ ବୁଧବାଠାରୁ ନିଖୋଜ ଥିଲେ। ସ୍ଥାନୀୟ ଲୋକେ ପୋଖରୀରେ ବିଭୀଷଣଙ୍କ ମୃତଦେହ ଭାସୁଥିବା ଦେଖି ପୋଲିସରେ ଖବର ଦେଇଥିଲେ। ପୋଲିସ ମୃତଦେହ ଜବତ କରି ବଡ଼ମ୍ବା ସ୍ୱାସ୍ଥ୍ୟକେନ୍ଦ୍ରରେ ବ୍ୟବଚ୍ଛେଦ କରିବା ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଏନେଇ ଥାନାରେ ଅପମୃତ୍ୟୁ ମାମଲା (ନଂ. ୩୯/୨୨) ରୁଜୁ ହୋଇଛି।


ପ୍ରଥମ ପୃଷ୍ଠାରୁ...


## କିସ୍‌କୁ ବିଶ୍ୱର...

କ୍ଷେତ୍ରରେ ପଞ୍ଚମ ଶିକ୍ଷାନୁଷ୍ଠାନ। ଏହା ଓଡ଼ିଶା ତଥା ଭାରତ ପାଇଁ ଗର୍ବ ଓ ଗୌରବର ବିଷୟ ବୋଲି କିଟ୍ ଓ କିସ୍‌ର ପ୍ରତିଷ୍ଠାତା, ଶିକ୍ଷାବିତ୍ ତଥା ସମାଜସେବୀ ଡ. ଅଚ୍ୟୁତ ସାମନ୍ତ କହିଛନ୍ତି। ଏଥିସହ ଅନ୍ତର୍ଜାତୀୟ ସାକ୍ଷରତା ଦିବସ ପାଳନ ଅବସରରେ କିସ୍‌ର ୩୦ ହଜାର ଛାତ୍ରୀଛାତ୍ର ଉତ୍ସବ ମନାଇଛନ୍ତି। ଡ. ସାମନ୍ତ ସମସ୍ତ ଛାତ୍ରଛାତ୍ରୀଙ୍କୁ ଲଡୁ ବଣ୍ଟନ ସହ ଶୁଭେଚ୍ଛା ଜଣାଇଥିଲେ। ଶିକ୍ଷା କ୍ଷେତ୍ରରେ ଅନୁଷ୍ଠାନର ଏହି ନିରନ୍ତର ପ୍ରଚେଷ୍ଟାରେ ସାମିଲ ଥିବା ସମସ୍ତଙ୍କୁ ସେ ଧନ୍ୟବାଦ ଜଣାଇଛନ୍ତି। ପ୍ରାଥମିକ ବିଦ୍ୟାଳୟଗୁଡ଼ିକରେ ଛାତ୍ରୀଛାତ୍ରମାନେ ଭାଷାଗତ ଶିକ୍ଷାକୁ ନେଇ ସମ୍ମୁଖୀନ ହେଉଥିବା ସମସ୍ୟା ଏବଂ ବହୁଭାଷୀ ଓ ବହୁସଂସ୍କୃତି ସମ୍ବନ୍ଧିତ ଶିକ୍ଷା ପ୍ରଦାନରେ ଶିକ୍ଷକଙ୍କ ଅଭାବ ଦୂର କରିବା ଚଳିତବର୍ଷ ଏହି କାର୍ଯ୍ୟକ୍ରମର ଲକ୍ଷ୍ୟ ରହିଛି।

ସୂଚନାଯୋଗ୍ୟ, ୧୯୯୩ରେ ୧୨୫ଜଣ ଛାତ୍ରଛାତ୍ରୀଙ୍କୁ ନେଇ ଆରମ୍ଭ ହୋଇଥିବା କିସ୍ ଏବେ ବିଶ୍ୱର ସର୍ବବୃହତ ଆବାସିକ ଓ ଜନଜାତି ଶିକ୍ଷାନୁଷ୍ଠାନରେ ପରିଣତ ହୋଇଛି। ଏଥିସହ ୨୦୧୫ରୁ କିସ୍ ଜାତିସଂଘର ଅର୍ଥନୈତିକ ଓ ସାମାଜିକ ପରିଷଦ ଦ୍ୱାରା ସ୍ପେଶାଲ୍ କନ୍‌ସଲ୍‌ଟେଟିଭ୍‌ର ମାନ୍ୟତା ପାଇଛି। ଏଠାରେ ଅଧ୍ୟୟନରତ ୩୦ହଜାର ଜନଜାତି ଛାତ୍ରୀଛାତ୍ର ଏବଂ ଉତ୍ତୀର୍ଣ୍ଣ ୪୦ହଜାର ପୁରାତନ ଛାତ୍ରୀଛାତ୍ରଙ୍କୁ ସେମାନଙ୍କର ସାମଗ୍ରିକ ବିକାଶ, ଧନ୍ଦାମୂଳକ ତାଲିମ ଓ କ୍ରୀଡାରେ ଉତ୍କର୍ଷତା ପ୍ରତିପାଦନ ନିମନ୍ତେ କିସ୍ ସମସ୍ତ ପ୍ରକାର ସୁଯୋଗ ଦେଉଛି।

## ଓଡ଼ିଶାରେ ଖୁବ୍‌ଶୀଘ୍ର...

ଯେ ଶ୍ରଦ୍ଧାଳୁମାନଙ୍କ ପାଇଁ ସରକାରଙ୍କର ଏହା ଏକ ଭଲ ପଦକ୍ଷେପ। ରାଜ୍ୟ ଓ ରାଜ୍ୟ ବାହାରୁ ଲକ୍ଷ ଲକ୍ଷ ଭକ୍ତ ଏହାର ସୁବିଧା ନେଇପାରିବେ। ପରବର୍ତ୍ତୀ ପର୍ଯ୍ୟାୟରେ ଶ୍ରୀମନ୍ଦିରକୁ ମଧ୍ୟ ଆଇଟିଏମ୍‌ଏସ୍ ପରିସର ଭୁକ୍ତ କରାଯିବ ବୋଲି ମନ୍ତ୍ରୀ କହିଛନ୍ତି। ଏଠାରେ ଉଲ୍ଲେଖଯୋଗ୍ୟ ଯେ କର୍ନାଟକ ସରକାର ଚଳିତ ବର୍ଷ ମାର୍ଚ୍ଚ ମାସରେ ଆଇଟିଏମ୍‌ଏସ୍ ବ୍ୟବସ୍ଥା କାର୍ଯ୍ୟକାରୀ କରିଛନ୍ତି। ଉତ୍ତରପ୍ରଦେଶ ସରକାର ମଧ୍ୟ ଏହି ବ୍ୟବସ୍ଥା ଲାଗୁ କରିବାକୁ ପ୍ରସ୍ତୁତ ହେଉଛନ୍ତି। ଆଇଟିଏମ୍‌ଏସ୍ ବ୍ୟବସ୍ଥାରେ ଭକ୍ତମାନଙ୍କୁ ମନ୍ଦିର ସେବା ଯୋଗାଇ ଦିଆଯିବା ସହ ରାଜସ୍ୱ ଆଦାୟ ବୃଦ୍ଧି ପାଇବ।


# classifieds

**Everyday**
**0674-2580101, 2549302**

### real estate

**SALE**

Layout approval (30'road) ସହିତ Bank Finance ସୁବିଧା ଥାଇ ଭୁବନେଶ୍ୱର ବାଲିଅନ୍ତା ନିକଟ ସୁଧାନନ୍ଦ ସ୍କୁଲ ପାଖରେ ତୁରନ୍ତ ଘର କଲା ଭଳି (100% clean) plot @9,00,000/- ରେ କିଣନ୍ତୁ। OD GROUP. 9437033320. D-74112

BDA yellow plot 30 ଫୁଟ୍ ରାସ୍ତାକୁ ଲାଗି ନାଇଜର ବର୍ଗଫୁଟ୍ ୩୦୦-୫୦୦ ଜାଗା ବିକ୍ରିହେବ। 9556840491. D-73641

ଭୁବନେଶ୍ୱର ଗଙ୍ଗପଡ଼ା NH5ରୁ ଅଳ୍ପ ଦୂରତାରେ Sqft. 840/-, 725/-, ଗୁଡ଼ିଆପୋଖରୀ ଛକରୁ ଅଳ୍ପ ଦୂରତାରେ 8,70,000/- ରେ ପ୍ଲଟ୍ କିଣି ତୁରନ୍ତ ଗୃହନିର୍ମାଣ କରନ୍ତୁ। 9178762589. D-74113

Bhubaneswar Engineering College front NH ଠାରୁ 200 mtr. ଦୂରତାରେ Boundary ପ୍ଲଟ୍ ବିକ୍ରି ହେବ । 7008297827, 9692999455. D-74105

ଭୁବନେଶ୍ୱର ଗଙ୍ଗପଡ଼ା NH-5 ରୁ 500 mtr ଦୂରରେ BDA yellowzone ଘରବାରି boundary plot ମିଳୁଛି। 7978676652, 7848882166. D-74111

ଭୁବନେଶ୍ୱର ଜଟଣୀଗେଟ୍ କିଛି ଦୂରତାରେ 1200sqft. ପ୍ଲଟ୍‌କୁ 3,60,000/- (outright). 9439660381. D-74109

Residential gharabari plot at Brahmanjharilo, Cuttack with boundary wall, electripole, inside Temple on Bank Loan facilities near English Medium High School, 6K.M. from Phulnakhara, 11K.M. from Bhubaneswar. 7809525452. D-73963

କଟକ-ଭୁବନେଶ୍ୱର ମଧ୍ୟରେ ନିର୍ମିତ 'Grand Bazar' (NH-16) ସମ୍ମୁଖରୁ ଅଳ୍ପ ଦୂରତାରେ ବାସୋପଯୋଗୀ plot ଶସ୍ତାରେ କିଣନ୍ତୁ ଏବଂ ଗୃହ ନିର୍ମାଣ କରନ୍ତୁ। 8249310759. D-74108

Gated community Gharabari plot sale at Pipili NH side near Ranch Hotel - 9437522339. D-74106

### to-let

3BHK flat available for rent at- Utkal Royal Residency, Kalpana Square, Bhubaneswar with Servant Room on 11th Floor, Semi-Furnished. Contact: 8598923231. D-73868

### healthcare

Ayurvedic fullbody massage, refresh you mind with relaxed by expert Lady Therapist. Contact: 8480939300. D-1404

Newly open Spa offer @799/-, positively health benefits, Kalpana-7846814019. D-73642

Newly open Spa positively health benefit with expert. Contact: 7749976301. D-73870

Relax, Refresh your body, Mind at Saikrupa SPA with best therapies. 8984068077. D-1387

ପାଠକଙ୍କ ପାଇଁ ସୂଚନା- କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

Your classified advertisement published in Dharitri will be listed free in Dharitri online edition: dharitriepaper.in

## ଭିଜିଲାନ୍ସ ଜାଲରେ ଡିଇଓ କାର୍ଯ୍ୟାଳୟର ୨ କିରାଣି

ବ୍ରହ୍ମପୁର ଅଫିସ,୮।୯: ଗଞ୍ଜାମ ଜିଲା ଶିକ୍ଷାଧିକାରୀ(ଡିଇଓ) ବ୍ରହ୍ମପୁର କାର୍ଯ୍ୟାଳୟର ଦୁଇଜଣ କନିଷ୍ଠ କିରାଣି ଗୁରୁବାର ଲାଞ୍ଚ ନେଉଥିବା ବେଳେ ଧରାପଡିଛନ୍ତି। ସେମାନେ ହେଲେ ସୁଶୀଲ କୁମାର ପଟ୍ଟନାୟକ ଓ ପ୍ରଦୀପ କୁମାର ମହାନ୍ତି। ଜଣେ ଅବସରପ୍ରାପ୍ତ ପିଅନ କାଳୁଚରଣ ପାଣିଗ୍ରାହୀଙ୍କ ପେନ୍ସନ କାଗଜପତ୍ର ବିଲ୍ ପାସ୍ କରାଇଦେବା ପାଇଁ ୧୦ ହଜାର ଟଙ୍କା ଲାଞ୍ଚ ନେବା ବେଳେ ଭିଜିଲାନ୍ସ ଟିମ୍ ଉଭୟଙ୍କୁ ଗିରଫ କରିଛି। ଭିଜିଲାନ୍ସ ଟିମ୍ ସୁଶୀଲଙ୍କଠାରୁ ୭ହଜାର ଟଙ୍କା ଓ ପ୍ରଦୀପଙ୍କଠାରୁ ୩ହଜାର ଟଙ୍କା ଜବତ କରିଥିବା ଏସ୍‌ପି ଗଣେଶ ପ୍ରଧାନ ସୂଚନା ଦେଇଛନ୍ତି।

# ସାଇ ଇଣ୍ଟରନ୍ୟାଶନାଲ ସ୍କୁଲ ଛାତ୍ର ଏନ୍‌ଇଇଟି ଓଡ଼ିଶା ଟପ୍ପର



ପରୀକ୍ଷା ଫଳ ପ୍ରକାଶ ପରେ ସାଇ ଇଣ୍ଟରନ୍ୟାଶନାଲ ସ୍କୁଲର ଛାତ୍ରୀଛାତ୍ରମାନେ ଖୁସି ମନାଉଛନ୍ତି।

ଭୁବନେଶ୍ୱର, ୮।୯ (ବ୍ୟୁରୋ)

ଡାକ୍ତରୀ ପାଠ୍ୟକ୍ରମରେ ନାମଲେଖା ପାଇଁ ଅନୁଷ୍ଠିତ ପ୍ରବେଶିକା ପରୀକ୍ଷା ଏନ୍‌ଇଇଟି(ୟୁଜି)-୨୦୨୨ରେ ସାଇ ଇଣ୍ଟରନ୍ୟାଶନାଲ ସ୍କୁଲ ଛାତ୍ର ପ୍ରିୟ ସୋମଦତ୍ତ ନାୟକ ସର୍ବଭାରତୀୟ ସ୍ତରରେ ୩୯ତମ ର୍‍ୟାଙ୍କ ହାସଲ କରିବା ସହ ରାଜ୍ୟ ଟପ୍ପର ହୋଇଛନ୍ତି। ସେ ସର୍ବମୋଟ ୭୦୫ ନମ୍ବର ରଖିଥିବାବେଳେ ତାଙ୍କର ୯୯.୯୯୭୬୧୯୮ ପର୍ସେଣ୍ଟାଇଲ ସ୍କୋର୍ ରହିଛି। ପଦାର୍ଥ ବିଜ୍ଞାନରେ ୧୮୦ ନମ୍ବର ଥିବାବେଳେ ରସାୟନ ବିଜ୍ଞାନ, ଉଦ୍ଭିଦ ବିଜ୍ଞାନ ଓ ପ୍ରାଣୀ ବିଜ୍ଞାନରେ ୧୭୫ ନମ୍ବର ଲେଖାଏ ରହିଛି। ପ୍ରିୟ ସୋମଦତ୍ତଙ୍କ ଘର ଯାଜପୁର ଜିଲା ବିଞ୍ଝାରପୁର ଅଞ୍ଚଳରେ। ତାଙ୍କ ପିତା ସଞ୍ଜୀବ ନାୟକ ଆଇଟିସିରେ ସେଲ୍‌ସ ମ୍ୟାନେଜର୍ ଥିବାବେଳେ ମା' ଅନୁପମା ନାୟକ ଜଣେ ଗୃହିଣୀ। ସେହିପରି ସାଇ ଇଣ୍ଟରନ୍ୟାଶନାଲର ସୌମ୍ୟ ସାଜନ ପଣ୍ଡା ୬୮୬ ନମ୍ବର ରଖି ସର୍ବଭାରତୀୟ ସ୍ତରରେ ୪୩୯ତମ ସ୍ଥାନରେ ରହିଥିବାବେଳେ ରାଜ୍ୟରେ ଦ୍ୱିତୀୟ ସ୍ଥାନ ହାସଲ କରିଛନ୍ତି। ଅନ୍ୟତମ ଛାତ୍ର ସୂର୍ଯ୍ୟାଂଶ କୁମାର ଦାଶ ୬୮୫ ନମ୍ବର ରଖି ସର୍ବଭାରତୀୟ ସ୍ତରରେ ୪୭୫ତମ ସ୍ଥାନରେ ରହିଥିବାବେଳେ ପ୍ରତୀକ ସାହୁ ୬୮୫ ନମ୍ବର ରଖି ସର୍ବଭାରତୀୟ ସ୍ତରରେ ୫୦୪ତମ ଓ ଅଭୀପ୍‌ସା ପାଢ଼ୀ ୬୮୫ ମାର୍କ ସହ ସର୍ବଭାରତୀୟ ସ୍ତରରେ ୫୩୩ତମ ସ୍ଥାନରେ ରହି ରାଜ୍ୟରେ ତୃତୀୟ ସ୍ଥାନରେ

### ■ ରାଜ୍ୟର ଦ୍ୱିତୀୟ, ତୃତୀୟ ସ୍ଥାନରେ ସାଇର ୪ ଛାତ୍ର

ରହିଛନ୍ତି। କରୋନାଭଳି କଠିନ ସମୟରେ ଶିକ୍ଷକଶିକ୍ଷୟିତ୍ରୀଙ୍କ ପ୍ରଚେଷ୍ଟା ଫଳରେ ଜେଇଇ ମେନ୍ ଓ ଆଡ୍‌ଭାନ୍ସଡ଼ ସହିତ ଏନ୍‌ଇଇଟି ପରୀକ୍ଷାରେ ରାଜ୍ୟ ଟପ୍ପର ହେବା ଆମ ରାଜ୍ୟ ପାଇଁ ଗର୍ବ ଓ ଗୌରବର ବିଷୟ ବୋଲି ସାଇ ଇଣ୍ଟରନ୍ୟାଶନାଲ୍‌ର ଚେୟାରପର୍ସନ ଡ. ଶିଳ୍ପୀ ସାହୁ କହିଛନ୍ତି। ପ୍ରିନ୍ସପାଲ୍ ନୀଳକଣ୍ଠ ପାଣିଗ୍ରାହୀ କହିଛନ୍ତି, ନିଟ୍ ପରୀକ୍ଷାରେ ଏଭଳି ଉତ୍କୃଷ୍ଟ ମାନର ସଫଳତା ହାସଲ କରି ଏମାନେ ଅନ୍ୟ ଛାତ୍ରୀଛାତ୍ରଙ୍କ ପାଇଁ ଉଦାହରଣ ପାଲଟିଛନ୍ତି।

# ୧୪୭ କମନ କ୍ୟାଡର ଅଡିଟର ନିଯୁକ୍ତ

ଭୁବନେଶ୍ୱର,୮।୯(ବ୍ୟୁରୋ)

ଆମେ ମନେରଖିବା ଉଚିତ ଯେ ଆମ ଦରମାର ପ୍ରତ୍ୟେକ ମୁଦ୍ରା ଓ ଅନ୍ୟାନ୍ୟ ସୁବିଧା ରାଜ୍ୟର ଲୋକଙ୍କଠାରୁ ଆସୁଛି। ଅତ୍ୟନ୍ତ ସମୟାନୁବର୍ତ୍ତୀ, ଦାୟିତ୍ୱବାନ, କଠିନ ପରିଶ୍ରମ ଓ ନୂଆ ଜ୍ଞାନକୌଶଳକୁ ବ୍ୟବହାର କରି ନିଜର ସବୁଠାରୁ ଉତ୍ତମ ସେବା ଯୋଗାଇବାକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ନବନିଯୁକ୍ତ କମନ କ୍ୟାଡର ଅଡିଟରଙ୍କୁ ପରାମର୍ଶ ଦେଇଛନ୍ତି। ଗୁରୁବାର ଲୋକସେବା କନ୍‌ଭେନଶନ ହଲ୍‌ରେ ନବନିଯୁକ୍ତ ୧୪୭ ଜଣ କମନ କ୍ୟାଡର ଅଡିଟରଙ୍କୁ ନିଯୁକ୍ତିପତ୍ର ଦେବା ଏବଂ ଓରିଏଣ୍ଟେଶନ କାର୍ଯ୍ୟକ୍ରମରେ ଯୋଗ ଦେଇ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ସରକାରୀ ପାଣ୍ଠିର ଉଚିତ ବିନିଯୋଗକୁ ସୁନିଶ୍ଚିତ କରିବା ନେଇ କାର୍ଯ୍ୟକରିବା ଦରକାର। ୫-ଟି ନୀତି ଅନୁଯାୟୀ ପ୍ରତ୍ୟେକ ସରକାରୀ ସେବାକୁ ଉଚ୍ଚକୋଟୀର କରାଯାଇଛି। ପ୍ରତ୍ୟେକ ସରକାରୀ କର୍ମଚାରୀ ଲୋକମାନଙ୍କ

### ■ 'ଲୋକଙ୍କଠାରୁ ଦରମା ଆସୁଛି' ସମୟାନୁବର୍ତ୍ତୀ, ଦାୟିତ୍ୱବାନ ହେବାକୁ ମୁଖ୍ୟମନ୍ତ୍ରୀଙ୍କ ପରାମର୍ଶ

ସେବା ପାଇଁ କର୍ତ୍ତବ୍ୟନିଷ୍ଠ ଓ ଉତ୍ସର୍ଗୀକୃତ ଭାବେ କାର୍ଯ୍ୟ କରିବାକୁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଛନ୍ତି। ଗତ ଦୁଇ ଦଶନ୍ଧି ଧରି ରାଜ୍ୟ ବିକାଶ ପଥରେ ଆଗେଇ ଚାଲିଛି। ଓଡ଼ିଶା ଦେଶର ଏକ ଦ୍ରୁତ ଅଭିବୃଦ୍ଧି ରାଜ୍ୟ ଭାବେ ଆଗେଇ ଚାଲିଛି। ଆର୍ଥିକ ଅଭିବୃଦ୍ଧି ସହିତ ଓଡ଼ିଶା ସୁଶାସନ ଓ ସର୍ବସାଧାରଣଙ୍କୁ ସେବା ଯୋଗାଇବା ଦିଗରେ ମଧ୍ୟ ଏକ ମଡେଲ ଭାବେ ଉଭା ହୋଇଛି। ଏହି ଅବସରରେ ଯୋଗଦେଇ ଅର୍ଥମନ୍ତ୍ରୀ ନିରଞ୍ଜନ ପୂଜାରୀ କହିଛନ୍ତି ଯେ ୫-ଟି ଓ ମୋ ସରକାର ରାଜ୍ୟର ଉତ୍ତମ ପ୍ରଶାସନର ଏକ ସଙ୍କେତ। ରାଜ୍ୟ ସରକାର ଜନସାଧାରଣଙ୍କ କଲ୍ୟାଣ ପାଇଁ ବହୁ ଅର୍ଥ ଖର୍ଚ୍ଚ କରୁଛନ୍ତି। ଅଡିଟରମାନେ ଏହି ଅର୍ଥ କିପରି ସୁବିନିଯୋଗ ହୋଇପାରିବ ସେଥିପ୍ରତି ଗୁରୁତ୍ୱ ଦେବା ଆବଶ୍ୟକ। ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ର କହିଛନ୍ତି ଯେ ଆର୍ଥିକ ସୁପରିଚାଳନା ପାଇଁ ଓଡ଼ିଶା ଜଣାଶୁଣା। ଆର୍ଥିକ ନିୟମିତତା ଉପରେ ଅଡିଟରମାନେ ଧ୍ୟାନଦେବା ଦରକାର। ମୁଖ୍ୟମନ୍ତ୍ରୀଙ୍କ ସଚିବ (୫-ଟି) ଭି.କେ.ପାଣ୍ଡିଆନ ଅଡିଟରମାନଙ୍କ ସହ ଆଲୋଚନା କରିବା ସହ ସର୍ବସାଧାରଣଙ୍କ ଅର୍ଥ କିପରି ସୁବିନିଯୋଗ ହେଉ ତାହା ଉପରେ ମୁଖ୍ୟମନ୍ତ୍ରୀ ଗୁରୁତ୍ୱ ଦେଇ ଆସୁଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ନୀତି ଆଧାରରେ ସ୍ୱଚ୍ଛତା ବଜାୟ ରଖିବା ସହ ସର୍ବସାଧାରଣ ଖର୍ଚ୍ଚକୁ ଉଚିତ ମାର୍ଗରେ ପରିଚାଳନା କରିବାକୁ ସେ ପରାମର୍ଶ ଦେଇଛନ୍ତି। ଏହି କାର୍ଯ୍ୟକ୍ରମରେ ଅର୍ଥ ବିଭାଗ ପ୍ରମୁଖ ସଚିବ ବିଶାଳ ଦେବ ସ୍ୱାଗତ ଭାଷଣ ଦେଇଥିବା ବେଳେ ବିଭାଗୀୟ ସଚିବ ଧନ୍ୟବାଦ ଦେଇଛନ୍ତି।


କମନ କ୍ୟାଡର ଅଡିଟରଙ୍କୁ ନିଯୁକ୍ତିପତ୍ର ଦେବା ଏବଂ ଓରିଏଣ୍ଟେଶନ କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ, ୫-ଟି ସଚିବ, ଅଧିକାରୀ ଓ ନବ ନିଯୁକ୍ତ ଅଡିଟରମାନେ।

# ଇଣ୍ଡିଆ ବୁକ୍ ଅଫ୍ ରେକର୍ଡସରେ ପ୍ରଫେସର ଉଦୟନାଥ ସାହୁ

ଭୁବନେଶ୍ୱର, ୮।୯ (ବ୍ୟୁରୋ)




ଗବେଷକ, ସମାଲୋଚକ ତଥା ସାହିତ୍ୟିକ ପ୍ରଫେସର ଉଦୟନାଥ ସାହୁ ଇଣ୍ଡିଆ ବୁକ୍ ଅଫ୍ ରେକର୍ଡସ୍‌ରେ ସ୍ଥାନ ପାଇଛନ୍ତି। ଓଡ଼ିଆ, ବଙ୍ଗଳା ଓ ଅସମୀୟା ଭାଷାରେ ଲିଖିତ ମହାଭାରତ ଓ ଶ୍ରୀମଦ୍ ଭାଗବତର ତୁଳନାତ୍ମକ ଅଧ୍ୟୟନ ନିମିତ୍ତ ସେ ଏହି ଗୌରବ ଲାଭ କରିଛନ୍ତି। ଚଳିତ ମାସ ୭ ତାରିଖରେ ପ୍ରଫେସର ସାହୁଙ୍କୁ ଇଣ୍ଡିଆ ବୁକ୍ ଅଫ୍ ରେକର୍ଡସ୍ ପକ୍ଷରୁ ଫଳକ ଓ ପ୍ରଶଂସାପତ୍ର ମିଳିଛି। ଏହି ସ୍ୱିକୃତି ହାସଲ କରିବାରେ ସେ ହେଉଛନ୍ତି ପ୍ରଥମ ଓଡ଼ିଆ ସାହିତ୍ୟିକ। ପ୍ରଫେସର ସାହୁ ହେଉଛନ୍ତି ନୟାଗଡ଼ ଜିଲା ରଣପୁର ବ୍ଲକ୍ ସାନକିଲୋ ଗ୍ରାମର ପୂର୍ଣ୍ଣଚନ୍ଦ୍ର ସାହୁ ଓ ତାରା ଦେଈଙ୍କର ଜ୍ୟେଷ୍ଠପୁତ୍ର। ସେ ଏବେ ନୂଆଦିଲ୍ଲୀର ଜବାହାରଲାଲ୍ ନେହେରୁ ବିଶ୍ୱବିଦ୍ୟାଳୟର ଭାରତୀୟ ଭାଷା କେନ୍ଦ୍ରରେ ଆଦିକବି ସାରଳା ଦାସ ଚେୟାରର ପ୍ରଥମ ପ୍ରଫେସର ଭାବେ ଦାୟିତ୍ୱ ତୁଲାଉଛନ୍ତି। କେବଳ ପ୍ରାଚୀନ କିମ୍ବା ମଧ୍ୟଯୁଗୀୟ ଓଡ଼ିଆ ସାହିତ୍ୟ ନୁହେଁ, ବରଂ ଆଧୁନିକ ସାହିତ୍ୟ, ଫକୀରମୋହନ ସାହିତ୍ୟ ସମ୍ପର୍କରେ ରଚିତ ତାଙ୍କର ଗବେଷଣା ପୁସ୍ତକ ଓଡ଼ିଆ ସାହିତ୍ୟକୁ ସମୃଦ୍ଧ କରିଛି। ତାଙ୍କ ଦ୍ୱାରା ରଚିତ ଗ୍ରନ୍ଥଗୁଡିକ ମଧ୍ୟରେ ପୂର୍ବ-ଭାରତୀୟ ମହାଭାରତ ପରମ୍ପରା, ସାରଳା ମହାଭାରତ ସୃଷ୍ଟିର ଭୂମିପର୍ବ, ପୂର୍ବ-ଭାରତୀୟ ଭାଗବତ ପରମ୍ପରା ଓ ଭକ୍ତି ଆନ୍ଦୋଳନ, ସାରଳା ମହାଭାରତର ମନ୍ତ୍ରୀ ଓ ସେନାପତି, ଭାଗବତର ଭାବଭୂମି, ଭାଗବତର ସୃଷ୍ଟି ସୌରଭ ଆଦି ରହିଛି।

# କ୍ୟୁଆର-ଏସ୍‌ଏଏମ୍‌ର ସଫଳ ପରୀକ୍ଷଣ

ବାଲେଶ୍ୱର ଅଫିସ, ୮।୯

ବାଲେଶ୍ୱର ଜିଲା ଚାନ୍ଦିପୁରସ୍ଥିତ ଆଇଟିଆର୍‌ରୁ ଗୁରୁବାର ପୂର୍ବାହ୍ନରେ କ୍ୟୁଆର୍-ଏସ୍‌ଏଏମ୍(କ୍ୱିକ୍ ରିଆକ୍ସନ୍-ସର୍ଫେସ୍ ଟୁ ଏୟାର ମିଶାଇଲ୍) କ୍ଷେପଣାସ୍ତ୍ରର ପରୀକ୍ଷଣ ସଫଳ ହୋଇଛି। ଭାରତୀୟ ସେନା ଦ୍ୱାରା ମୂଲ୍ୟାଙ୍କନ ପରୀକ୍ଷଣର ଏକ ଅଂଶ ଭାବରେ ଏହି ବିମାନ ପରୀକ୍ଷା କରାଯାଇଥିବା ଡିଆରଡିଓ ପକ୍ଷରୁ କୁହାଯାଇଛି । ବିଭିନ୍ନ ପରିସ୍ଥିତିରେ ଅସ୍ତ୍ରଶସ୍ତ୍ରର ମାରକ କ୍ଷମତାକୁ ଆକଳନ କରିବା ପାଇଁ ଆକାଶରେ ଆସୁଥିବା ଟାର୍ଗେଟ୍(ଆସନ୍ନ ବିପଦ) ବିରୋଧରେ ଏହି ପରୀକ୍ଷା କରାଯାଇଥିଲା, ଯେଉଁଥିରେ ଦୂରଗାମୀ ଟାର୍ଗେଟ୍‌କୁ ବିଭିନ୍ନ ଭାବେ ପରିଚାଳନା ପରେ କମ୍ ଉଚ୍ଚତାରେ ରାଡାର ଦ୍ୱାରା ଠାବ କରିବା ସହିତ ଲକ୍ଷ୍ୟଭେଦ କରାଯାଇଥିଲା। ଏଥିପାଇଁ ଦୁଇଟି କ୍ଷେପଣାସ୍ତ୍ରକୁ କ୍ରମାଗତ ଭାବରେ ଛଡ଼ାଯାଇଥିଲା। ଉଭୟ ଦିନ ଓ ରାତିରେ ଏହାର କାର୍ଯ୍ୟଦକ୍ଷତାକୁ ମଧ୍ୟ ମୂଲ୍ୟାଙ୍କନ କରାଯାଇଥିଲା। ଏହି ଉତ୍କ୍ଷେପଣ ସମୟରେ ଡିଆରଡିଓ ଏବଂ ଭାରତୀୟ ସେନାର ବରିଷ୍ଠ ଅଧିକାରୀମାନେ ଅଂଶଗ୍ରହଣ କରିଥିଲେ। 'କ୍ୟୁଆର-ଏସଏଏମ୍' ଅସ୍ତ୍ର ପ୍ରଣାଳୀର ସ୍ୱାତନ୍ତ୍ର୍ୟ ହେଉଛି ଏହା ସର୍ଚ୍ଚ, ଟ୍ରାକ୍ ସାମର୍ଥ୍ୟ ଏବଂ ଅଳ୍ପ ସମୟରେ ଉତ୍କ୍ଷେପଣ କରିପାରିବ।

# ଓଏଏସ୍, ଓଆର୍‌ଏସ୍ ଅଫିସର ସ୍ତରରେ ଅଦଳବଦଳ

ଭୁବନେଶ୍ୱର,୮।୯(ବ୍ୟୁରୋ)

ରାଜ୍ୟ ସରକାର ଓଏଏସ୍ ଏବଂ ରାଜସ୍ୱ ସେବା ବର୍ଗ(ଓଆରଏସ୍) ଅଫିସର ସ୍ତରରେ ଏକ ବଡ଼ଧରଣର ଅଦଳବଦଳ କରିଛନ୍ତି। ଗୁରୁବାର ଏ ନେଇ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ କରାଯାଇଛି। ପ୍ରକାଶିତ ବିଜ୍ଞପ୍ତି ଅନୁଯାୟୀ ୪୯ ଜଣ ଓଏଏସ୍ ଅଫିସର ଏବଂ ୬ ଜଣ ଓଆରଏସ୍ ଅଫିସରଙ୍କୁ ବଦଳି କରାଯାଇଛି। କୋମନା ତହସିଲଦାର ପୂର୍ଣ୍ଣାନନ୍ଦ ପଟେଲଙ୍କୁ ମୁରିବାହଲ ବିଡିଓ ଭାବେ ବଦଳି କରାଯାଇଥିବା ବେଳେ ଯାଜପୁର ଦର୍ପଣ ତହସିଲଦାର ପ୍ରଦୀପ କୁମାର ସେଠୀଙ୍କୁ ବୌଦ୍ଧ ବିଡିଓ, ବନ୍ତ ବିଡିଓ ଶୁଭଦର୍ଶନ ମିଶ୍ରଙ୍କୁ ଦର୍ପଣ ତହସିଲଦାର, ଚିଲିକା ତହସିଲଦାର ସୁରେଶ କୁମାର ପଣ୍ଡାଙ୍କୁ ଖୋର୍ଦ୍ଧା ଡେପୁଟି କଲେକ୍ଟର, କୋକସରା ବିଡିଓ ବିନୟ କୁମାର ଭୋଇଙ୍କୁ ମ. ରାମପୁର ବିଡିଓ, ଏମ୍.ରାମପୁର ବିଡିଓ ଉତ୍ତମ କୁମାର ବାଗଙ୍କୁ କୋକସରା ବିଡିଓ, ମୋହନା ତହସିଲଦାର କିଶୋର ଚନ୍ଦ୍ର ଦାସଙ୍କୁ ବାଙ୍କୀ ବିଡିଓ ଏବଂ ସାଲେପୁର ବିଡିଓ ରାଜୀବ ଦାସଙ୍କୁ ଜୟପୁର ବିଡିଓ ଭାବେ ବଦଳି କରାଯାଇଛି। ସେହିପରି ଜୟପୁର ବିଡିଓ ସୁରଜ କୁମାର ପଟ୍ଟନାୟକଙ୍କୁ ଜୟପୁର ନୂଆ ରେଳ ପ୍ରକଳ୍ପର ସ୍ପେଶାଲ ଏଲଏଓ, ଜୟପୁର ନୂଆ ରେଳ ପ୍ରକଳ୍ପର ସ୍ପେଶାଲ ଏଲ୍‌ଏଓ ଅମୂଲ୍ୟ କୁମାର ସାହୁଙ୍କୁ ତିର୍ତ୍ତୋଲ ତହସିଲଦାର ଭାବେ ବଦଳି କରାଯାଇଛି।

# କୋଟିଏରୁ ଊର୍ଦ୍ଧ୍ୱ ଟଙ୍କାର ବ୍ରାଉନସୁଗାର ଜବତ

### ବାଲେଶ୍ୱରରୁ ଆନ୍ତଃରାଜ୍ୟ ନିଶାବେପାରୀ ଗିରଫ

ଭୁବନେଶ୍ୱର,(ବ୍ୟୁରୋ)/ ବାଲେଶ୍ୱର ଅଫିସ୍, ୮।୯


ସେକ୍ ରଫିକ୍

ନିଶା କାରବାରର ପେଣ୍ଠସ୍ଥଳ ପାଲଟିଥିବା ବାଲେଶ୍ୱରରୁ ପୁଣି କୋଟିଏରୁ ଅଧିକ ଟଙ୍କା ମୂଲ୍ୟର ବ୍ରାଉନସୁଗାର ଜବତ ହୋଇଛି। କ୍ରାଇମବ୍ରାଞ୍ଚର ସ୍ପେଶାଲ ଟାସ୍କ ଫୋର୍ସ(ଏସ୍‌ଟିଏଫ୍) ସହଦେବଖୁଣ୍ଟା ଆଦର୍ଶ ଥାନା ପୋଲିସ ସହାୟତାରେ ସ୍ଥାନୀୟ ଅରଡ଼ବଜାର ଅଞ୍ଚଳରେ ଚଢ଼ାଉ କରି ଜଣେ ଆନ୍ତଃରାଜ୍ୟ ନିଶା ବେପାରୀଙ୍କୁ ଗିରଫ କରିଛି। ସେ ହେଲେ ପଶ୍ଚିମବଙ୍ଗ ରଞ୍ଚ ପଞ୍ଚକୁଲାରର ସେକ୍ ରଫିକ୍ ଓରଫ ରୁଗା। ତାଙ୍କଠାରୁ ୧ କେଜି ୩୮୦ ଗ୍ରାମ୍ ଓଜନର ବ୍ରାଉନସୁଗାର ଜବତ କରାଯାଇଛି। ଏହାର ଆନୁମାନିକ ମୂଲ୍ୟ ୧ କୋଟି ୩୦ ଲକ୍ଷ ଟଙ୍କାରୁ ଊର୍ଦ୍ଧ୍ୱ ହେବ। ତାଙ୍କ ନାମରେ ପୂର୍ବରୁ ୩ଟି ନିଶା କାରବାର ସମ୍ପର୍କିତ ଆପରାଧିକ ମାମଲା ରହିଥିବା ଏସ୍‌ଟିଏଫ୍ ଏସ୍‌ପି କିଶୋର କୁମାର ପାଣିଗ୍ରାହୀ କହିଛନ୍ତି। ତେବେ ବେଆଇନ ବ୍ରାଉନସୁଗାର ଚୋରା ଚାଲାଣ ମାମଲାରେ ସେ ଗିରଫ ହୋଇ ଜେଲ୍ ଯାଇଥିଲେ। ଜାମିନରେ ଆସିବା ପରେ ପୁଣି ଏହି କାରବାର ଚଳାଇଥିଲେ। ସେ ମୁର୍ଶିଦାବାଦରୁ ବ୍ରାଉନସୁଗାର ଆଣି ବାଲେଶ୍ୱରର ବିଭିନ୍ନ ଅଞ୍ଚଳରେ ବେପାର କରୁଥିବା ଜଣାପଡିଛି। ଏନେଇ ଏସ୍‌ଟିଏଫ୍ ମାମଲା (ନଂ.୧୮/୨୨) ରୁଜୁ କରି ଅଭିଯୁକ୍ତ ରଫିକ୍‌ଙ୍କୁ କୋର୍ଟ ଚାଲାଣ କରିଥିଲା। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ବିଚାରବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ତେବେ ତାଙ୍କର ଏହି ନିଶାବେପାରରେ ଆଉ କେଉଁମାନେ ସଂପୃକ୍ତ ଅଛନ୍ତି ସେ ନେଇ ତଦନ୍ତ ଚାଲିଥିବା ଏସ୍‌ଟିଏଫ ଏସ୍‌ପି କହିଛନ୍ତି। ସୂଚନାଯୋଗ୍ୟ, ୨୦୨୦ରୁ ଏଯାବତ୍ ଏସଟିଏଫ୍ ୫୭ କେ.ଜି.ରୁ ଅଧିକ ବ୍ରାଉନସୁଗାର, ୨୦୨ଗ୍ରାମ କୋକେନ ଓ ୧୧୧ କୁଇଣ୍ଟାଲ ଗଞ୍ଜେଇ ଏବଂ ୭୫୦ ଗ୍ରାମ ଅଫିମ ଜବତ କରିଛି। ଏଥିସହ ନିଶା କାରବାର ମାମଲାରେ ସଂପୃକ୍ତ ଥିବା ୧୫୮ରୁ ଅଧିକ ନିଶା ବେପାରୀଙ୍କୁ ଗିରଫ କରାଯାଇଛି।

**ପୂର୍ବ ତଟ ରେଳପଥ**

ଟେଣ୍ଡର ବିଜ୍ଞପ୍ତି ସଂ.ST-OT-SLIDINGBOOM-KUR-283, ତା.06.09.2022ରିଖ

କାର୍ଯ୍ୟର ନାମ : ଖୋର୍ଦ୍ଧା ରୋଡ଼ ମଣ୍ଡଳର ଅବଶିଷ୍ଟ ଷ୍ଟେସନ ସେକ୍ସନ (53 ଗୋଟି) ଲେଭେଲ କ୍ରସିଙ୍ଗ୍ ଫାଟକଗୁଡ଼ିକ ଠାରେ ସ୍ଲାଇଡ଼ିଙ୍ଗ୍ ବୁମ୍ (Sliding boom) ନିମନ୍ତେ ବ୍ୟବସ୍ଥା ।

ଟେଣ୍ଡର ମୂଲ୍ୟ(ଟଙ୍କାରେ): 2,66,48,608/-, EMD(ଟଙ୍କାରେ) : 2,83,300/- ।

ବିଡ୍ ଆରମ୍ଭ ହେବା ତାରିଖ : ତା.14.09.2022ରିଖ, ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ : ତା.28.09.2022 ରିଖ 1100 ଘଟିକାରେ ।

ଏହି ଇ-ଟେଣ୍ଡରଗୁଡ଼ିକ କ୍ଷେତ୍ରରେ ଡାକ/କୋରିୟର/ଫାକ୍ସ ମାଧ୍ୟମରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ପ୍ରକାର ମାନୁଆଲ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ ଏବଂ ଯଥା ସମୟରେ ଗ୍ରହଣ କରାଯାଇଥିବ । ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ ।

ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ http://www.ireps.gov.in ରେ ଉପଲବ୍ଧ ଅଟେ ।

ଦ୍ରଷ୍ଟବ୍ୟ : ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 15(ପନ୍ଦର) ଦିନ ପୂର୍ବରୁ ୱେବ୍‌ସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି ।

ମଣ୍ଡଳ ରେଳ ପ୍ରବନ୍ଧକ (ସଂକେତ ଏବଂ ଦୂରସଂଚାର), ଖୋର୍ଦ୍ଧା ରୋଡ଼
PR-471/N/22-23

**INSTITUTE OF PUBLIC AUDITORS OF INDIA
ODISHA CHAPTER, BHUBANESWAR**
**Invitation of Bids**

The President, Institute of Public Auditors of India, Odisha Chapter, Bhubaneswar invites competitive bids in sealed cover for construction of their office building (G + 2 / 1,500 Sqft per floor) at Bhubaneswar from registered contractors under CPWD and PWD of Odisha State. The bid shall contain the rate per Square Foot (including all taxes and duties) of the built up area and should include cost of all materials for construction with all fittings and installation. The bids should reach the chapter office by 20.09.2022/5.00 PM. The approved plan, Drawing, Design can be seen in between 12.00 Noon to 3.00 PM on all working days in chapter office located at Quarter No C 1-12, A.G.Colony, Unit-IV, Bhubaneswar.

The office reserves the right to reject any or all bids at any stage without assigning any reason thereof.

Sd/- **Vice-President**

**ଭାରତ ସରକାର
ଗ୍ରାମୀଣ ବିକାଶ ମନ୍ତ୍ରଣାଳୟ
ଜାତୀୟ ଗ୍ରାମୀଣ ଭିତ୍ତିଭୂମି ବିକାଶ ଅଭିକରଣ**
୫ମ ମହଲା, ୧୫-ଏନ୍‌ବିସିସି ଟାୱାର, ଭିକାଜୀ କାମା ପ୍ଲେସ୍
ନୂଆଦିଲ୍ଲୀ - ୧୧୦୦୬୬

ଏନ୍‌ଆର୍‌ଆଇଡିଏ ନିମ୍ନଲିଖିତ ବିବରଣୀ ଅନୁଯାୟୀ ଡେପୁଟେଶନ/ଚୁକ୍ତି ଭିତ୍ତିରେ ନିଯୁକ୍ତି ଲାଗି ଦରଖାସ୍ତ ଆହ୍ୱାନ କରୁଛି:

| କ୍ର.ସଂ. | ପଦବୀର ନାମ | ନିଯୁକ୍ତିର ପଦ୍ଧତି | ପଦବୀର ସଂଖ୍ୟା |
|---|---|---|---|
| ୧. | ସହକାରୀ ନିର୍ଦ୍ଦେଶକ (ପି/ଟି)/ ୱାଇସିଇ | ଡେପୁଟେଶନ/ଚୁକ୍ତି | ୦୫ |
| ୨. | ଟ୍ରାଫିକ୍ ଓ ପରିବହନ ନିୟୋଜନ ଯନ୍ତ୍ରୀ | ଚୁକ୍ତି | ୦୧ |

ଚୁକ୍ତି ଭିତ୍ତିରେ ଆବେଦନ କରୁଥିବା ଆବେଦନକାରୀମାନେ ସେମାନଙ୍କର ଆବେଦନକୁ କେବଳ ଇମେଲ୍ **nridavacancies@gmail.com** ମାଧ୍ୟମରେ ଦାଖଲ କରିବେ । ଡେପୁଟେଶନ ଭିତ୍ତିରେ ପଦବୀ ପାଇଁ ଆବେଦନଗୁଡ଼ିକ ଉପଯୁକ୍ତ ଚ୍ୟାନେଲ୍ ମାଧ୍ୟମରେ ଦାଖଲ କରାଯିବ ଏବଂ କ୍ୟାଡର୍ କ୍ଲିୟରାନ୍ସ, ଭିଜିଲାନ୍ସ କ୍ଲିୟରାନ୍ସ ତଥା ବିଗତ ପାଞ୍ଚ ବର୍ଷର ଏପିଏଆର୍‌ର ପ୍ରମାଣିତ ପ୍ରତିଲିପି ସହିତ ଦାଖଲ କରାଯିବା ଆବଶ୍ୟକ ।
ଏନ୍‌ଆର୍‌ଆଇଡିଏରେ ଆବେଦନ ପ୍ରାପ୍ତିର ଶେଷ ତାରିଖ ହେଉଛି ତା୦୭।୧୦।୨୦୨୨ରିଖ
ସବିଶେଷ ଯୋଗ୍ୟତା ମାନଦଣ୍ଡ ଏବଂ ଆବେଦନ ଫର୍ମାଟ୍ ପାଇଁ ଦୟାକରି ୱେବ୍‌ସାଇଟ୍ **www.pmgsy.nic.in**ରେ 'ବିଜ୍ଞାପନ/ସର୍କୁଲାର' ଆଇକନ୍ କିମ୍ବା **https://rural.nic.in**ରେ "ବିଜ୍ଞାପନ/ଟେଣ୍ଡର" ଆଇକନ୍ ପରିଦର୍ଶନ କରନ୍ତୁ ।

CBC 35104/12/0004/2223
ନିର୍ଦ୍ଦେଶକ (ଏଫ୍ ଆଣ୍ଡ ଏ)

See Career Appointment on every Wednesday & Saturday

**ADMISSION NOTICE-2022**
**D.D.C.E., UTKAL UNIVERSITY**
BHUBANESWAR-751007
NAAC Accredited A+
nirf RANK 88

DIRECTORATE OF DISTANCE & CONTINUING EDUCATION

(UGC & AICTE APPROVED)
Management and Computer Science Courses

**Distance Mode**
- MBA with Dual Specialisation
  - Human Resource Mgt.
  - Production & Operation Mgt.
  - Tour & Travel Mgt.
  - Ditetics & Nutrition Mgt.
  - Marketing Mgt.
  - Finance Mgt.
  - Banking & Insurance Mgt.
  - Information System Mgt.
- BBA / IMBA

**Regular Mode**
- MCA (Morning)
- MBA (Executive) (Evening)
- MBA (Banking & Finance) (Evening)

Contact for Mgt. Course- 9437103110 / For Comp.Sc.- 9437157110 working day 10AM to 5 PM )

**General Under Graduate and Post Graduate Courses in Distance Mode**
- BA (HONS.) (Odia, English, Hindi, Sanskrit, Education, Economics, Pol. Science, History & Sociology)
- B.COM. (HONS.)
- M.Com.
- MA in Education
- M.S.W.
- MA in Pol.Science
- MA in Odia
- M.A. in Economics
- MA in English
- MA in History
- MA in Sanskrit
- MA in Sociology
- MA in Hindi
- MA in Pub. Administration

(Contact for - 9437156110 working day 10AM to 5 PM )

Salient Features.
For Management and Computer Science
- Free Registration for admission & free online entrance test for at DDCE, Utkal University.
- Online Admission Process
- Online verification of forms & provision of online payment
- Provision for Online Classes.
- Walk in Online Test / PI and Roll in Admission for MBA / BBA / MCA Course

For eligibility, fees structure, selection process and important date lines visit our website :
**www.ddceutkal.ac.in**
*DIRECTOR*

**ODISHA MINING CORPORATION LIMITED**
(A Gold Category State PSU)
Registered Office: OMC House, Bhubaneswar-751001, India
Tel: 0674-2377400/2377401, Fax: 0674-2396889, 2391629, www.omcltd.in
CIN: U13100OR1956SGC000313
OMC | ODISHA NEW OPPORTUNITIES — Mining Happiness

**ADVERTISEMENT FOR ENGAGEMENT OF RETIRED OAS(I) JB OFFICER IN OMC LTD ON FULL TIME CONTRACT BASIS**

**No.70/OMC** **Date: 09.09.2022**

Odisha Mining Corporation (OMC) Ltd. invites application from retired OAS Officers for engagement on full time contract basis with monthly consolidated remuneration initially for a period of 01 (one) year subject to further extension basing on satisfactory performance/requirement.

| No. of Post | Age as on 09.09.2022 | Eligibility Criteria | Remuneration |
|---|---|---|---|
| 01 (One) | Not above 63 Years | The retired OAS officer of Gr. (I) JB rank having experience in Tahasil / Land Acquisition/ Settlement and Consolidation/ R & R matters. | Negotiable |

Interested eligible candidates may visit the OMC website http://omcltd.in for detailed terms & conditions of engagement and download the application format and submit application in the prescribed form dully filled in and accompanied with copies of self attested certificates, testimonials, experience details and last salary slip / Pension Papers, one page note justifying his / her suitability for the job etc. in hard copy on or before **20.09.2022** through postal/courier positively to the **General Manager (P&A)**, Odisha Mining Corporation Ltd., Post Box No-34, OMC House, Bhubaneswar – 751001. Applications received after the last date due to delay in **postal/courier** or any other reason shall not be entertained and will be rejected.

The Management reserves the right to cancel, amend or alter the above advertisement without assigning any reason thereof.

OIPR **Sd./- General Manager (P&A)**

**ODISHA COOPERATIVE TASAR & SILK FEDERATION LTD. (SERIFED)**
Sahid Nagar, Janpath, Bhubaneswar-751007, Tel : 0674-2545586 / 2545852 (O),
E-mail: serifedodisha@gmail.com, Website: www.serifedodisha.in

Bid identification no:- VI-42(08)/SERIFED/2022-23/1251 DT.06.09.2022

**INVITATION FOR BIDS (e-Procurement)**

The MANAGING DIRECTOR (SERIFED), Odisha, Bhubaneswar invites EOI for Selection of Agency to provide 250 KVA DG Set (full time) on monthly rent with operator at EKAMRA HAAT, Bhubaneswar. The EOI documents (Technical Bid and Financial Quote) etc. can be seen / downloaded from the website : **www.serifedodisha.in** during the period **dt.12.09.2022 to 17.00 hours up to dt.21.09.2022.** Online bids shall be received **till 17.00 hours dt.21.09.2022** & shall be opened at **11.30 AM on dt.22.09.2022**. Any addendum / corrigendum / cancellation of EOI can also be seen in the said website.

Sd/-
MANAGING DIRECTOR

ଅନ୍ତରାତ୍ମାରେ ଯଦି ବିକୃତି ଥାଏ– ତେବେ ଶରୀରରେ ନିଶ୍ଚୟ ବ୍ୟାଧି ଦେଖାଯିବ। କାରଣ– ମନର ପାପ ହେଲା ଦୈହିକ ପାପର ପ୍ରଚ୍ଛନ୍ନ କାରଣ। ସେହିପରି–ମଣିଷର ସାମାଜିକ ଜୀବନରେ ଦାରିଦ୍ର୍ୟ ଓ ଦୁର୍ଭୋଗ ବାରମ୍ବାର ଫେରି ଆସୁଥିବ –ଯେତେଦିନ ପର୍ଯ୍ୟନ୍ତ ଗୋଟାଏ ଜାତିର ମନ ଅହଂକାରର ଅଧୀନସ୍ଥ ହୋଇ ରହିଥିବ। –ଶ୍ରୀଅରବିନ୍ଦ



# ସାମାଜିକ ସମ୍ପର୍କ ବିଗୁଡ଼ୁଛି



ଡାରୋନ୍ ଅକେମୋଗ୍ଲୁ

ଅନେକ ବିଲିୟନ ଲୋକ ଏବେ ମୋବାଇଲ ଫୋନ୍ ସହ ଅତ୍ୟଧିକ ଜଡ଼ିତ ହୋଇଯାଇଛନ୍ତି । ସେମାନେ ଉପଯୋଗ କରୁଥିବା ସୂଚନା ବି ନାଟକୀୟ ଢଙ୍ଗରେ ପରିବର୍ତ୍ତନ ହୋଇଯାଇଛି। ଏହି ପରିବର୍ତ୍ତନ ଭଲ ପାଇଁ ହୋଇନାହିଁ। ଫେସ୍‌ବୁକ ଭଳି ପ୍ରାଧାନ୍ୟ ବିସ୍ତାର କରିଥିବା ସୋସିଆଲ ମିଡିଆ ପ୍ଲାଟ୍‌ଫର୍ମଗୁଡ଼ିକ ଉପରେ ଗବେଷକମାନେ ପ୍ରସ୍ତୁତ କରିଥିବା ତଥ୍ୟରୁ ଜଣାପଡ଼ିଛି ଯେ, ମିଥ୍ୟା ତୀବ୍ର ଗତିରେ ପ୍ରସାରିତ ହେଉଛି ଓ ଏହା ସତ୍ୟ ଆଧାରିତ ବିଷୟଠାରୁ ବେଶି ପ୍ରସାରିତ ହେଉଛି। ୟୁଜର୍‌ମାନେ ମିଥ୍ୟା ତଥ୍ୟ ଦାବି କରୁ ନ ଥିଲେ ମଧ୍ୟ ଲୋକମାନେ କେଉଁ ସମ୍ବେଦନଶୀଳ, ଅସତ୍ୟ ଏବଂ ଭ୍ରମିତ ସପକ୍ଷ ବିଷୟଗୁଡ଼ିକୁ ଦେଖିବାକୁ ଚାହୁଁଛନ୍ତି ତାହା ଆଲଗୋରିଦମ୍ ବା ଗାଣିତିକ ପଦ୍ଧତିରେ ନିର୍ଦ୍ଧାରିତ କରାଯାଉଛି। କାରଣ ଏଥିରେ ବ୍ୟବସାୟ ଓ ବିଜ୍ଞାପନଭିତ୍ତିକ ଆୟ ହେଉଛି। ୨୦୧୧ରେ ଇଣ୍ଟରନେଟ ଆକ୍ଟିଭିଷ୍ଟ ଏଲି ପରିଜର୍ ଉଲ୍ଲେଖ କରିଥିଲେ ଯେ,ଫେସ୍‌ବୁକ ଫିଲ୍‌ଟର ବବ୍‌ଲ୍ସ ସୃଷ୍ଟି କରେ ; ଯେଉଁଠି ବ୍ୟକ୍ତିମାନେ ସେମାନଙ୍କ ନିଜର ବୈଚାରିକ ପ୍ରବୃତ୍ତିକୁ ସୁଦୃଢ଼ କଲାଭଳି ବିଷୟବସ୍ତୁ ଉପସ୍ଥାପିତ କରିବାର ସମ୍ଭାବନା ଥାଏ ଏବଂ ସେଥିରେ ସେମାନେ ନିଜର ଦୃଢ଼ ଅନୁଭବକୁ ନିଶ୍ଚିତ କରିଥାନ୍ତି। ଖୁବ୍ ନିକଟରେ ଗବେଷକମାନେ ଦର୍ଶାଇଛନ୍ତି ଯେ, ୟୁଜରମାନେ ଦେଖୁଥିବା ବିଭିନ୍ନ ପ୍ରକାର ତଥ୍ୟ ବା ସୂଚନା ଉପରେ ଏହି ପ୍ରକ୍ରିୟାର ପ୍ରଭାବ ରହିଛି। ଏପରି କି ଫେସ୍‌ବୁକ୍‌ର ଆଲ୍‌ଗୋରିଦମ୍ ବିକଳ୍ପଗୁଡ଼ିକୁ ବାଦ୍ ଦେଲେ ବ୍ୟାପକ ସୋସିଆଲ ମିଡିଆ ବ୍ୟବସ୍ଥା ଲୋକମାନଙ୍କୁ ସେମାନଙ୍କ ପସନ୍ଦ ସହ ମେଳ ଖାଉଥିବା ନିର୍ଦ୍ଦିଷ୍ଟ ବର୍ଗର ଲୋକମାନଙ୍କୁ ପାଇବାକୁ ଅନୁମତି ଦେଇଥାଏ।

ସୋସିଆଲ ମିଡିଆ ଘୃଣା ମନ୍ତବ୍ୟ, ମିଥ୍ୟା ତଥ୍ୟ ଏବଂ ଦୁଷ୍ପ୍ରଚାରର ଏକ ପ୍ରମୁଖ ବାହକ ହୋଇଆସିଛି ଏଥିରେ କୌଣସି ଦ୍ୱିମତ ନାହିଁ। ରେଡିଟ୍ ଏବଂ ୟୁଟ୍ୟୁବ ଉଗ୍ର ଦକ୍ଷିଣପନ୍ଥୀ ଚିନ୍ତାଧାରା ବଢ଼ାଇବାର ଏକ ପ୍ରମୁଖ ମାଧ୍ୟମ ପାଲଟିଛି। ବିଶେଷକରି ସରକାର ବିରୋଧୀ ଉଗ୍ର ଦକ୍ଷିଣପନ୍ଥୀମାନେ ୬ ଜାନୁୟାରୀ ୨୦୨୧ରେ ସେମାନଙ୍କ ଭୂମିକାକୁ ସଂଗଠିତ କରିବା ଲାଗି ଫେସ୍‌ବୁକ୍‌କୁ ବ୍ୟବହାର କରିଥିଲେ ଓ କ୍ୟାପିଟୋଲ ଉପରେ ଆକ୍ରମଣ କରିଥିଲେ। ଆମେରିକାର ପୂର୍ବତନ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ମୁସଲମାନ ବିରୋଧୀ ଟୁଇଟ୍‌ଗୁଡ଼ିକ ଆମେରିକାରେ ସଂଖ୍ୟାଲଘୁଙ୍କ ବିରୋଧରେ ହିଂସା ବଢ଼ାଇବା ଦେଖାଯାଇଥିଲା। ଏହା ସତ୍ୟ ଯେ,ଏହାକୁ ଯେକେହି ଅନୁଧ୍ୟାନ କଲେ ଏହା ଚିନ୍ତାଜନକ ବୋଲି ଜାଣିପାରିବେ। ବିଶେଷକରି ଏବକାର ବିକଶିତ ଅତ୍ୟାଧୁନିକ ବ୍ୟବସ୍ଥାଗୁଡ଼ିକରେ ଫେସ୍‌ବୁକ ଏବଂ ୟୁଟ୍ୟୁବ୍ ଭଳି ବୃହତ୍ କମ୍ପାନୀ ସେମାନଙ୍କ ବିପକ୍ଷମାନଙ୍କଠାରୁ ଘୃଣା ମନ୍ତବ୍ୟ ଏବଂ ମିଥ୍ୟା ସୂଚନାକୁ ଅଧିକ ସୁରକ୍ଷା ଦେଇଥାନ୍ତି ବୋଲି ମଧ୍ୟ ଜାଣିପାରିବେ। ତେବେ ଅନ୍ୟ ଗବେଷକମାନେ ଉକ୍ତ ସିଦ୍ଧାନ୍ତ ଉପରେ ପ୍ରଶ୍ନ ଉଠାଇଛନ୍ତି। ସେମାନେ କହିଛନ୍ତି ଯେ, ଅନ୍ୟ ମିଡିଆ ତୁଳନାରେ ଫେସ୍‌ବୁକ ଓ ଟୁଇଟରରେ ଶୀଘ୍ର ମିଥ୍ୟା ପ୍ରସାରିତ ହେଉଛି। ତଥାପି ଅନ୍ୟମାନେ ଯୁକ୍ତି ଦର୍ଶାଉଛନ୍ତି ଯେ, ଏବକାର



ସୋସିଆଲ ମିଡିଆ ପରିବେଶ ବିପଜ୍ଜନକ ହୋଇଥିଲେ ମଧ୍ୟ ତାହା କ୍ଷଣସ୍ଥାୟୀ। ତେବେ ନୂତନ ଯୋଗାଯୋଗ ସାଧନଗୁଡ଼ିକୁ ସବୁବେଳେ ଅପବ୍ୟବହାର କରାଯାଇଛି। ମାର୍ଟିନ ଲୁଥର କେବଳ ପ୍ରୋଟେଷ୍ଟାଣ୍ଟବାଦକୁ ପ୍ରୋତ୍ସାହିତ କରିବାକୁ ବ୍ୟବହାର କରି ନ ଥିଲେ ,ବରଂ ଉଗ୍ର ଇହୁଦୀବାଦକୁ ପ୍ରୋତ୍ସାହିତ କରିଥିଲେ। ଆମେରିକାରେ ଫାଦର ଚାର୍ଲ୍ସ କଫଲିନ୍ ଏବଂ ଜର୍ମାନୀରେ ନାଜିମାନଙ୍କ ଭଳି ଉତ୍ତେଜକମାନଙ୍କ ହାତରେ ରେଡିଓ ଏକ ଶକ୍ତିଶାଳୀ ସାଧନ ହୋଇଥିବା ପ୍ରମାଣିତ ହୋଇଥିଲା। ଉଭୟ ମୁଦ୍ରଣ ଏବଂ ରେଡିଓ ସଂସ୍ଥାମାନ ମିଥ୍ୟା ତଥ୍ୟରେ ପରିପୂର୍ଣ୍ଣ ଥିଲେ ବି ସମାଜ ଏହିସବୁ ମିଡିଆକୁ ସମୟ ଅନୁକୂଳ କରିଛି ଓ ସେଗୁଡ଼ିକର ନକାରାତ୍ମକ ପ୍ରଭାବକୁ ରୋକିବାରେ ସଫଳ ହୋଇଛି।

ଏହି ଯୁକ୍ତି ସୂଚିତ କରେ ଯେ, ଅନ୍ୟ ନୂତନ ପ୍ରଯୁକ୍ତିଗୁଡ଼ିକ ସହ କଠୋର ନିୟମ ସୋସିଆଲ ମିଡିଆ ଦ୍ୱାରା ସୃଷ୍ଟ ଆହ୍ୱାନଗୁଡ଼ିକୁ ଆୟତ୍ତ କରାଯାଇପାରିବ। ଉଦାହରଣସ୍ୱରୂପ, ଆର୍ଟିକିଲ୍‌ଗୁଡ଼ିକର ଉପସ୍ଥିତିସ୍ଥଳ ସମ୍ପର୍କରେ ପ୍ଲାଟଫର୍ମଗୁଡ଼ିକ ଉତ୍ତମ ତଥ୍ୟ ଯୋଗାଇପାରିବେ କିମ୍ବା ସେହି ସମାନ ପ୍ଲାଟ୍‌ଫର୍ମସବୁ ଗାଣିତିକ ପଦ୍ଧତିରେ ପ୍ରେରିତ ଉତ୍ତେଜକ କିମ୍ବା ମିଥ୍ୟାସମ୍ବଳିତ ତଥ୍ୟଭିତ୍ତିକ ବିଷୟଗୁଡ଼ିକୁ ନିରୁତ୍ସାହିତ କଲେ ଏହା ହୋଇପାରିବ। କିନ୍ତୁ ଏହି ସବୁ ପଦକ୍ଷେପ ଗମ୍ଭୀର ସମସ୍ୟାକୁ ସମାଧାନ କରିବାକୁ ବିଫଳ ହୋଇଛି। ସୋସିଆଲ ମିଡ଼ିଆ ମିଥ୍ୟା ପ୍ରସାର କରୁନାହିଁ କି ଉଗ୍ର ବିଚାରଧାରା ପ୍ରଚାରକୁ ସଞ୍ଚାଳନ କରୁନାହିଁ ; ବରଂ ବାସ୍ତବତା ପରିବର୍ତ୍ତେ କୃତ୍ରିମ ସୋସିଆଲ ନେଟୱର୍କ ଦ୍ୱାରା ଏହା ମାନବୀୟ ସମ୍ପର୍କ ଏବଂ ସାମାଜିକ ଏକତାର ମୂଳଦୁଆକୁ ଦୋହଲାଇଦେବାର ଆଶଙ୍କା ସୃଷ୍ଟିକରିଛି।

ବିକଶିତ କ୍ଷମତା ବଳରେ ସମାଜରୁ ଶିକ୍ଷା ଲାଭ କରିବାରେ ଏବଂ ଅନ୍ୟମାନଙ୍କୁ ଅନୁଧ୍ୟାନ କରି ବିଶେଷ ଜ୍ଞାନ ଆହରଣ କରିବାରେ ଅନ୍ୟ ପ୍ରାଣୀମାନଙ୍କ ଠାରୁ ଆମେ ପୂରା ଭିନ୍ନ। ଅଗାଧ ବିଚାର ଏବଂ ଭଲପାଇବା ପ୍ରବୃତ୍ତି ନିଃସଙ୍ଗତାରୁ ଆସେ ନାହିଁ କି ବହି ପଢ଼ିବାରୁ ଆସେ ନାହିଁ, ବରଂ ସାମାଜିକ ପରିବେଶରେ ଜଡ଼ିତ ହେବା ସହ ଆଲୋଚନା, ଶିକ୍ଷା ଓ ପ୍ରଦର୍ଶନ ମାଧ୍ୟମରେ ଏହି ମିଳିଥାଏ। ଏହି ପଦ୍ଧତିରେ ବିଶ୍ୱସ୍ତ ଉତ୍ସ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ନେଇଥାଏ, ଯେଉଁଥି ପାଇଁ ନେତା ଏବଂ ଉଚ୍ଚପଦବୀରେ ଥିବା ବ୍ୟକ୍ତିମାନଙ୍କର ଏଥିରେ ବଡ଼ ପ୍ରଭାବ ରହିପାରେ। ପ୍ରାରମ୍ଭିକ ପର୍ଯ୍ୟାୟରେ ମିଡିଆର ନୂତନତ୍ୱ ଏହି ବିଚାରକୁ ନେଇ ଆରମ୍ଭ ହୋଇଥିଲେ ମଧ୍ୟ ସେଗୁଡ଼ିକ ମଧ୍ୟରୁ ଗୋଟିଏ ବି ମାନବୀୟ ଯୋଗାଯୋଗ ବା ସମ୍ପର୍କର ଅଦ୍ୟ ପ୍ରବୃତ୍ତିକୁ ସଂଶୋଧିତ କରିପାରିଲେ ନାହିଁ, ଯେଉଁ ପ୍ରକାରେ ଏବେ ସୋସିଆଲ ମିଡିଆରେ ରହିଛି।

ସାଂସ୍କୃତିକ ଆଲୋଚକ ନିଲ୍ ପୋଷ୍ଟମ୍ୟାନ ଚାରି ଦଶନ୍ଧି ପୂର୍ବେ ତାଙ୍କ ପୁସ୍ତକ 'ଆମ୍ୟୁଜିଙ୍ଗ ଆୱାରସେଲ୍‌ଭସ୍ ଟୁ ଡେଥ୍' ରେ ଯାହା ପୂର୍ବାନୁମାନ କରିଥିଲେ ଠିକ୍ ସେହିଭଳି ସୋସିଆଲ ମିଡ଼ିଆର ସବୁଠୁ କ୍ଷୟକାରୀ ପ୍ରଭାବଗୁଡ଼ିକ ଏବେ ଆରମ୍ଭ ହେବା ଦେଖାଯାଉଛି। ସେ ଅନୁଭବ କରିଥିଲେ ଯେ, ଆମେରିକୀୟମାନେ ପରସ୍ପର ମଧ୍ୟରେ ଆଉ କଥାବାର୍ତ୍ତା ହେଉନାହାନ୍ତି, ସେମାନେ ପରସ୍ପରର ମନୋରଞ୍ଜନ କରୁଛନ୍ତି। ବିଚାରକୁ ସେମାନଙ୍କ ମଧ୍ୟରେ ଆଦାନପ୍ରଦାନ କରୁନାହାନ୍ତି, ବରଂ ଛବିକୁ ବିନିମୟ କରୁଛନ୍ତି। ସେମାନେ ବିଚାର ବା ପ୍ରସ୍ତାବ ଉପରେ ଯୁକ୍ତି କରୁନାହାନ୍ତି, ବରଂ ସେଲିବ୍ରିଟି ଏବଂ ବ୍ୟବସାୟ ଉପରେ ଯୁକ୍ତି ବାଢୁଛନ୍ତି। ଜର୍ଜ ଓରୱେଲଙ୍କ '୧୯୮୪'ଠାରୁ ଆରମ୍ଭ କରି ଆଲଡୋସ ହକ୍ସଲେଙ୍କ 'ବ୍ରେଭ ନ୍ୟୁ ୱାର୍ଲ୍ଡ'କୁ ତୁଳନା କରି ପୋଷ୍ଟମ୍ୟାନ କହିଥିଲେ ଯେ,ତଥ୍ୟରୁ ବଞ୍ଚିତ କରୁଥିବା ଲୋକଙ୍କୁ ଓରୱେଲ୍‌ଙ୍କ ଭୟ ଥିଲାବେଳେ ହକ୍ସଲେଙ୍କ ଭୟ ଥିଲା ଆମକୁ ଅନେକ କିଛି ଦେଇ ନିଷ୍କ୍ରିୟତା ଓ ଅହଂକାର ଭିତରେ ରଖିବାକୁ ଚାହୁଁଥିବା ଲୋକମାନଙ୍କୁ। ଆମକୁ ବାସ୍ତବ ସତ୍ୟ ଗୁପ୍ତ ରଖାଯାଉଥିବା ପ୍ରସଙ୍ଗକୁ ନେଇ ଓରୱେଲଙ୍କ ଭୟ ଥିଲା ଏବଂ ହକ୍ସଲେଙ୍କ ଭୟ ଥିଲା ଯେ ସତ୍ୟକୁ ଅପ୍ରାସଙ୍ଗିକ ସାଗରରେ ବୁଡାଇ ଦିଆଯିବ। ପୋଷ୍ଟମ୍ୟାନ କିନ୍ତୁ ଓରୱେଲଙ୍କ ତୁଳନାରେ ହକ୍ସଲେଙ୍କ ଭବିଷ୍ୟବାଣୀକୁ ନେଇ ବିବ୍ରତ ଥିଲେ। ସୋସିଆଲ ମିଡିଆ ଏକ ସମୟରେ ଦୁଇଜଣଙ୍କ ଆଶଙ୍କାକୁ ଆରମ୍ଭ କରିଦେଇଛି। ସରକାର ଆମ ବାସ୍ତବ ଧାରଣାକୁ ହେର୍‌ଫେର କରିବା ଏବଂ ଆମକୁ ନିଷ୍କ୍ରିୟତାରେ ସୀମିତ ରଖିବାର ଉପାୟକୁ ଅଧିଗ୍ରହଣ କରୁଥିବାବେଳେ ଆମର ଭର୍ଚୁଆଲ ବନ୍ଧୁମାନେ ଆମ ବିଚାରକୁ ନିୟନ୍ତ୍ରଣ କରୁଛନ୍ତି। ଜଣେ ଲଗାତର ତା' ସଦ୍‌ଗୁଣର ସଙ୍କେତ ହେବା ଦରକାର। କିନ୍ତୁ ସଦ୍‌ଗୁଣ ଏବେ କୃତ୍ରିମ ସୋସିଆଲ ଅନ୍‌ଲାଇନ ସର୍କଲ ହୋଇଯାଇଛି ଓ ଏହା ସମ୍ପୂର୍ଣ୍ଣ ମିଥ୍ୟା ଉପରେ ଆଧାରିତ। ଏହାର ଗତି କେଉଁଆଡେ ଯିବ ସେ ସମ୍ପର୍କରେ ବିଂଶ ଶତାବ୍ଦୀର ବିଚାରକ ତଥା ଭବିଷ୍ୟଦର୍ଶୀ ହନ୍ନା ଆର୍ଡେଣ୍ଟ ସତର୍କ କରିଦେଇଛନ୍ତି। ସେ କହିଛନ୍ତି ଯେ, ଯଦି ସମସ୍ତେ ତୁମକୁ ମିଛ କହିବେ, ପରିଣାମ ଏହା ନୁହେଁ ଯେ ତୁମେ ମିଥ୍ୟାକୁ ବିଶ୍ୱାସ କରିବ। କିନ୍ତୁ ଏହା ହେଲେ ଯେକେହି ଆଉ କୌଣସି କଥାରେ ବିଶ୍ୱାସ କରିବେ ନାହିଁ ଓ ସେହି ସମୟରେ ସାମାଜିକ ଓ ରାଜନୈତିକ ଜୀବନ ଅସମ୍ଭବ ହୋଇଯିବ।

ପ୍ରାଧ୍ୟାପକ (ଅର୍ଥନୀତି)
ମାସାଚ୍ୟୁସେଟ୍ସ ଇନ୍‌ଷ୍ଟିଚ୍ୟୁଟ ଅଫ୍ ଟେକ୍‌ନୋଲୋଜି

## ଓଡ଼ିଆ ଜାତିର ବିକାଶ କଥା



ଅରୁଣ ଦାସ

ଜଗତୀକରଣ ପ୍ରକ୍ରିୟାରେ ଓଡ଼ିଆମାନେ ସମଗ୍ର ବିଶ୍ୱରେ ଏକ ନୂତନ ପରିଚୟ ସୃଷ୍ଟି କରିଛନ୍ତି। ପୃଥିବୀରେ ଏମିତି ଗୋଟିଏ ଦେଶ ନାହିଁ, ଯେଉଁଠିକୁ ଜଣେ ଓଡ଼ିଆ ବୃତ୍ତିଗତ ସନ୍ଧାନରେ ଯାଇନାହିଁ। ତେଣୁ ଗୋଟିଏ ଆଞ୍ଚଳିକ ଜାତି, ଯେତେବେଳେ ବୃତ୍ତିଗତ ଯାତ୍ରାରେ ସାରା ପୃଥିବୀ ମାନଚିତ୍ରର ଅଧିକାଂଶ ଅଂଶରେ ନିଜର ଅବସ୍ଥିତି ଜାହିର କରିସାରିଲାଣି, ତେବେ ଏହାଠାରୁ ଅଧିକ ଗୌରବର କଥା କ'ଣ ହୋଇପାରେ। ଏ ମାଟିର କଥା, ଏ ମାଟିର ଗାଥା ବହୁ ପୁରାତନ ସୁବିଦିତ। ପ୍ରାଚୀନ କାଳରେ ଓଡ଼ିଆ ସାଧବ ପୁଅ ଜାଭା, ସୁମାତ୍ରା ଓ ବାଲିଦ୍ୱୀପ ପରି ଦେଶକୁ ଯାଇ ସେଠାରେ ବାଣିଜ୍ୟ ବ୍ୟବସାୟ କରି ପୁଣି ନିଜ ଜନ୍ମମାଟିକୁ ଫେରି ଆସୁଥିଲା। କିନ୍ତୁ ଆଜିର ଦିନରେ ବିଦେଶ ଯାଉଥିବା ବହୁ ଓଡ଼ିଆ ଆଉ ନିଜ ଜନ୍ମମାଟିକୁ ଫେରିବାକୁ ପସନ୍ଦ କରୁନାହାନ୍ତି। ସମୟକ୍ରମେ ଏମାନଙ୍କ ଦାୟାଦମାନେ ସେଠାରେ ଓଡ଼ିଆ ଭାଷା, ସଂସ୍କୃତି, କଳା, କୌଶଳ ଓ ଜୀବନଶୈଳୀକୁ ଭୁଲି ଏକ ଭିନ୍ନ ପରିଚୟ ସୃଷ୍ଟି କରୁଛନ୍ତି। ଓଡ଼ିଆ ପଢ଼ିବା, ଲେଖିବା ଏମିତିକି କହିବାଠାରୁ ଏମାନେ କାହିଁ କେତେଦୂରକୁ ଚାଲି ଯାଉଛନ୍ତି। ଇଏ ହେଉଛି ଏକ ପ୍ରକାର ଓଡ଼ିଆମାନଙ୍କ ଜୀବନଯାତ୍ରା।

ଆଉ କିଛି ଓଡ଼ିଆ ଅର୍ଦ୍ଧଶିକ୍ଷିତ ହୋଇ କିମ୍ବା ସମ୍ପୂର୍ଣ୍ଣ ନିରକ୍ଷର ଭାବରେ ଆମ ଓଡ଼ିଶାରେ କାମ ନ ପାଇ ହାଇଦ୍ରାବାଦ, ଚେନ୍ନାଇ, ମୁମ୍ବାଇ ଓ ସୁରଟ ଆଦି ସହରକୁ ଚାଲି ଯାଉଛନ୍ତି। କିଛି ଅର୍ଥ ଉପାର୍ଜନ କରି ଏମାନେ ଘର ଚଳାଉଛନ୍ତି। ନିଜନିଜ କାର୍ଯ୍ୟରେ କୁଶଳୀ ହୋଇ ସ୍ୱାବଲମ୍ବୀ ହୋଇ ପାରୁଛନ୍ତି। କିନ୍ତୁ ବୟସ ବେଶି ହୋଇଗଲେ ଏମାନେ ସ୍ୱଳ୍ପ ଅର୍ଥ ରାଶି ଧରି ଅସୁସ୍ଥ ଅବସ୍ଥାରେ ନିଜ ମାଟିକୁ ଫେରି ଆସୁଛନ୍ତି। ଏହା ହେଉଛି ଆଉ ଏକ ପ୍ରକାର ଓଡ଼ିଆଙ୍କ ଜୀବନଯାତ୍ରା।

ଏଇ ଦୁଇ ପ୍ରକାର ଓଡ଼ିଆଙ୍କ ଛଡ଼ା ଆଉ ଯେଉଁମାନେ ରହିଲେ, ସେମାନେ ଗାଁରେ ବୁଲିବେ, ତାସ୍ ଖେଳିବେ, ପର ଆଲୋଚନା କରିବେ। ଟଙ୍କିଆ ମାଗଣା ଚାଉଳ ନେବାକୁ ଧାଡ଼ି ଲଗେଇବେ। ଆଉ କ'ଣ ସରକାର ମାଗଣାରେ ଯୋଗାଇ ଦେଉଛନ୍ତି, ସେ ବିଷୟରେ ରୀତିମତ ତଦାରଖ କରିବେ । କେବଳ ଚାରି ମାସ ପାଇଁ ଧାନ କିଛି ଅମଳ କରିବା ପରେ ଅନ୍ୟ ସମୟରେ ଏମାନେ କେବେ ବି ଜମି ମୁହଁକୁ ଚାହାନ୍ତି ନାହିଁ। କିନ୍ତୁ ନିଜକୁ ବିରାଟ ଚାଷୀର ପରିଚୟ ଦେଇ କାଳିଆ ଯୋଜନା ଟଙ୍କାଟି ଉଠାଇବାରେ ବ୍ୟଗ୍ର ଥାଆନ୍ତି। କେନାଲ ବ୍ୟବସ୍ଥା ସବୁଆଡ଼େ ନ ଥାଇପାରେ, କିନ୍ତୁ ବୋରୱେଲ୍ ମାଧ୍ୟମରେ ବି ଚାଷବାସ କରାଯାଇପାରେ। ହେଲେ ଏମାନେ ଛକରେ, ବଜାରରେ ଚା ଓ ପାନ ଦୋକାନ ସାମ୍ନାରେ ସାମାଜିକ ଓ ରାଜନୈତିକ ଘଟଣାବଳୀ ସବୁର ପାଣ୍ଡିତ୍ୟ ବଖାଣନ୍ତି– ହେ ଜଳସେଚନ ନାହିଁ, ବିହନ ମିଳୁନି, ସାର ମିଳୁନି, ଏ ବର୍ଷ ପାଳକ ନାହିଁ ଇତ୍ୟାଦି। କଥାରେ ଅଛି, ଗାଲୁଆଙ୍କ ବାରବାଟି ଚାଷ। ଏହା ହେଉଛି ତୃତୀୟ ପ୍ରକାର ଓଡ଼ିଆଙ୍କ ଜୀବନଯାତ୍ରା।

ଚତୁର୍ଥରେ ଆଉ ଏକ ସ୍ୱଳ୍ପ ଗୋଷ୍ଠୀ ରହିଲେ ଯେଉଁମାନେ କେବଳ ନେତା ଓ ମନ୍ତ୍ରୀଙ୍କ ପାଖେ ନସରପସର ହେଉଥିବେ। ରାସ୍ତାଘାଟ, ପୋଖରୀ ଆଦିର କାର୍ଯ୍ୟକୁ ହାତେଇ ନେଇ ଅତି ନିମ୍ନମାନର କାର୍ଯ୍ୟ କରି ସରକାରଙ୍କ ତରଫରୁ ବିଲ୍ ହେଉଥିବା ଟଙ୍କାର ସିଂହଭାଗ ଲୁଟି ନେଉଛନ୍ତି। ତା' ଭିତରେ ବିଭିନ୍ନ ଆଳରେ ପିସି କାରବାର ଚାଲୁ ରହୁଛି। ଓଡ଼ିଆମାନଙ୍କର ଏପରି ଜୀବନଯାତ୍ରାର ପ୍ରକାରଭେଦକୁ ଆଲୋଚନା କରିବାର କାରଣ ଏହା ଯେ ଓଡ଼ିଆ ଜାତିର ବିକାଶଧାରାର ଅସଲ ଆଭିମୁଖ୍ୟ ଆଜି କେତେ ଉଚ୍ଚକୋଟୀର? ଚାରିଆଡ଼େ ରାସ୍ତାଘାଟ ଓ ଗମନାଗମନର ବ୍ୟବସ୍ଥାରେ ଉନ୍ନତି ଘଟିଛି। ଓଡ଼ିଆମାନେ ଉପାର୍ଜନକ୍ଷମ ହେଉଛନ୍ତି। ସୂଚନା ଓ ପ୍ରଯୁକ୍ତି ଜ୍ଞାନକୌଶଳର ବିଭିନ୍ନ ସ୍ତରରେ ଉପଯୋଗ ଓଡ଼ିଆମାନେ ପୂର୍ବାପେକ୍ଷା ବେଶି ଜାଣିଲେଣି। କିନ୍ତୁ ବାସ୍ତବରେ ବୌଦ୍ଧିକ ଓ ସାଂସ୍କୃତିକ ସ୍ତରରେ ଏମାନେ ବିକାଶଶୀଳ ନୁହନ୍ତି। ଗୋଟିଏ ଜାତିର ଅସଲ ପୂର୍ଣ୍ଣାଙ୍ଗ ବିକାଶ ସେତିକିବେଳେ ହୁଏ, ଯେତେବେଳେ ଏହାର ବୌଦ୍ଧିକ ଓ ସାଂସ୍କୃତିକ ବିକାଶ ହୁଏ। କିନ୍ତୁ ଏବେ ଓଡ଼ିଆମାନଙ୍କ ମଧ୍ୟରେ ସ୍ୱାର୍ଥପରତା ଦେଖିବାକୁ ମିଳୁଛି। ଭାଇଚାରାର ଭାବନା ରହୁନାହିଁ। ଭାଇଚାରା, ଭଲପାଇବା ଓ ଭ୍ରାତୃତ୍ୱର ଭାବ ନ ରହିଲେ ଗୋଟିଏ ଜାତିର ବିକାଶ ହେବ କେମିତି? ଏ ଜାତିର ଦାୟାଦ ହିସାବରେ ଏହାର ଐତିହ୍ୟ, ପରମ୍ପରା ଓ ମୂଲ୍ୟବୋଧକୁ ଭଲ ଭାବରେ ନ ଜାଣିଲେ ଏ ଜାତି ଆଗକୁ ବଢ଼ିବ କେମିତି? ସାମଗ୍ରିକ ଭାବରେ ଦେଖିଲେ ବୌଦ୍ଧିକ, ସାଂସ୍କୃତିକ ଓ ନୈତିକ ସ୍ତରରେ ଓଡ଼ିଆମାନଙ୍କର ଅବକ୍ଷୟ ହୋଇଛି, ଏ କଥାକୁ ନିଶ୍ଚିତ ଭାବରେ ସ୍ୱୀକାର କରିବାକୁ ହେବ। ଶେଷରେ ଏତିକି କହିବା ଠିକ୍ ହେବ, ଆସନ୍ତୁ ପରିବାରରୁ ଅସଲ ସଂସ୍କାର ଆରମ୍ଭ କରିବା। ନିଜକୁ ମାର୍ଜିତ କରି ଉତ୍ତମ ପନ୍ଥା ଆପଣାଇଲେ ଛୋଟ ପିଲାମାନେ ମଧ୍ୟ ଅନୁସରଣ କରିବେ। ତେବେ ଯାଇ ଏ ଜାତି ନିଜକୁ ଏକ ବିକଶିତ ଜାତି ବୋଲି ଗର୍ବରେ କହିପାରିବ।

ପତରପଡ଼ା, ବରମୁଣ୍ଡଳୀ, ଜଗତ୍‌ସିଂହପୁର
ମୋ–୭୭୭୮୯୧୮୫୮୬

## ଏଇ ଭାରତରେ

ଭୋକିଲାଙ୍କ ଜୀବନ ବ୍ୟଥିତ କରିଛି ବିହାରର ରବିଶଙ୍କର ଉପାଧ୍ୟାୟଙ୍କୁ, ଯେଉଁଥିପାଇଁ ସେ ସେମାନଙ୍କୁ ମାଗଣାରେ ଖାଇବାକୁ ଦେଉଛନ୍ତି। ଛପରାରେ ସେ ରୋଟି ବ୍ୟାଙ୍କ ଜରିଆରେ ଏହି କାର୍ଯ୍ୟ କରୁଛନ୍ତି। ରବିଶଙ୍କର ପେସାରେ ଜଣେ ଶିକ୍ଷକ। ୨୦୧୮ ଅକ୍ଟୋବର ଦଶହରାରେ ସେ ଏହି ରୋଟି ବ୍ୟାଙ୍କ ଖୋଲିଥିଲେ। ଅଲ୍ ଇଣ୍ଡିଆ ରୋଟି ବ୍ୟାଙ୍କ ଟ୍ରଷ୍ଟର ସଂସ୍ଥାପକ କିଶୋରକାନ୍ତ ତିୱାରୀ ଏବଂ ତାଙ୍କ ସହଯୋଗୀ ରୋଶନ ପଟେଲଙ୍କ ଦ୍ୱାରା ଅନୁପ୍ରାଣୀତ ହୋଇ ଏଭଳି କାର୍ଯ୍ୟ ଆରମ୍ଭ କରିଥିଲେ ବୋଲି କହନ୍ତି ରବିଶଙ୍କର। ୪ ଜଣ ସାଙ୍ଗଙ୍କୁ ନେଇ ସେ ପ୍ରଥମ ଟିମ୍ ଗଠନ କରିଥିଲେ। ପ୍ରଥମ ଦିନ ରବିଶଙ୍କର ଓ ତାଙ୍କ ସାଥୀମାନେ ୭ ପ୍ୟାକେଟ୍ ଖାଦ୍ୟ ଭୋକିଲାଙ୍କୁ ଦେଇଥିଲେ। ଏବେ ତାଙ୍କ ଟିମ୍‌ରେ ୨୦ ଜଣ ସାମିଲ ହୋଇଛନ୍ତି ଓ ସେମାନେ ଦିନକୁ ୨୦୦ ପ୍ୟାକେଟ୍ ଖାଦ୍ୟ ଦେଉଛନ୍ତି। ସକାଳ ୯ଟା ସୁଦ୍ଧା ଖାଦ୍ୟ ପ୍ରସ୍ତୁତ କରି ତାଙ୍କ ଟିମ୍ ସହରକୁ ବାହାରି ଯାଉଛନ୍ତି । ଏବେ ରୋଟି ବ୍ୟାଙ୍କରେ ସ୍ଥାନୀୟ ଲୋକମାନ ଯୋଡ଼ି ହୋଇ ଜନ୍ମଦିନ, ବିବାହ, ପୂଜାପାଠ ଆଦି ଉତ୍ସବରେ ଗରିବଙ୍କୁ ଭୋଜନ ଦେବା ଲାଗି ଆଗ୍ରହ ପ୍ରକାଶ କରୁଛନ୍ତି। ରୋଟି ବ୍ୟାଙ୍କର 'ଅନ୍ନପୂର୍ଣ୍ଣା ସାମୁଦାୟିକ ରୋଷେଇ' ନାମକ ରୋଷେଇ ଘର ରହିଛି। ରୋଷେଇ କରିବା ପାଇଁ ଦୁଇଜଣଙ୍କୁ ବି ନିଯୁକ୍ତ କରାଯାଇଛି। ରୋଟି ବ୍ୟାଙ୍କ ଆରମ୍ଭ ହେବା ପରଠାରୁ ଏଯାବତ୍ ୨ ଲକ୍ଷ ଲୋକଙ୍କ ପାଖରେ ଖାଦ୍ୟ ପ୍ୟାକେଟ୍ ପହଞ୍ଚା ଯାଇସାରିଲାଣି।

## ୨୫ ବର୍ଷ ତଳର ଧରିତ୍ରୀ

୯ ସେପ୍ଟେମ୍ବର ୧୯୯୭

- ପୂର୍ବତନ ଦସ୍ୟୁରାଣୀ ତଥା ସାଂସଦ ଫୁଲନ୍ ଦେବୀଙ୍କ ବିରୋଧରେ ଉତ୍ତରପ୍ରଦେଶ ସରକାରଙ୍କ ଡକାୟତି ଆଇନ–୧୯୮୩ ବଳରେ ମାମଲା ରୁଜୁ କରିବା ନେଇ ଆଗତ କରାଯାଇଥିବା ସ୍ୱତନ୍ତ୍ର ଲିଭ୍ ପିଟିସନ ସୁପ୍ରିମ୍‌କୋର୍ଟରେ ଖାରଜ।
- ୧ କୋଟି ଟଙ୍କାରୁ ଊର୍ଦ୍ଧ୍ୱ ବ୍ୟବସାୟ କରୁଥିବା ବ୍ୟବସାୟୀମାନେ ବିକ୍ରି କର ଉପରେ ଶତକଡ଼ା ୧୫ ଭାଗ ସରଚାର୍ଜ ଦେବା ନେଇ ରାଜ୍ୟ ମନ୍ତ୍ରିମଣ୍ଡଳ ବୈଠକରେ ନିଷ୍ପତ୍ତି।

## su|do|ku — ସୁ–ଡୋ–କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| 1 | | 3 | | | | | | 7 |
| 7 | 8 | | | | 9 | | | |
| | | | | | 8 | 1 | | |
| 8 | | | | 5 | | | | |
| | | | | | | 2 | 4 | |
| | 4 | 5 | | | 6 | | | 1 |
| | | | | 8 | | 5 | | 6 |
| | 1 | | | | | | 9 | |
| 9 | 3 | | | | 7 | | | 2 |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 5 | 7 | 8 | 3 | 2 | 4 | 9 | 1 | 6 |
| 4 | 9 | 6 | 8 | 7 | 1 | 3 | 2 | 5 |
| 3 | 1 | 2 | 5 | 9 | 6 | 4 | 8 | 7 |
| 1 | 4 | 3 | 2 | 6 | 5 | 7 | 9 | 8 |
| 2 | 8 | 5 | 7 | 3 | 9 | 1 | 6 | 4 |
| 7 | 6 | 9 | 4 | 1 | 8 | 2 | 5 | 3 |
| 6 | 2 | 4 | 9 | 8 | 3 | 5 | 7 | 1 |
| 9 | 5 | 1 | 6 | 4 | 7 | 8 | 3 | 2 |
| 8 | 3 | 7 | 1 | 5 | 2 | 6 | 4 | 9 |

ଗତକାଲିର ଉତ୍ତର

## ରାଜଧାନୀର ପରିବର୍ତ୍ତିତ ପରିବେଶ



ଡ. ଜୟକୃଷ୍ଣ ପାଣିଗ୍ରାହୀ

ଭୁବନେଶ୍ୱର ୧୯୪୮ ମସିହାରେ ଓଡ଼ିଶାର ନୂତନ ରାଜଧାନୀ ରୂପେ ସ୍ୱୀକୃତି ହାସଲ କରିଥିଲା। ପ୍ରାରମ୍ଭରେ ପଚାଶ ହଜାର ଲୋକଙ୍କର ସହାବସ୍ଥାନ ନିମନ୍ତେ ଜର୍ମାନ୍ ସ୍ଥପତି ଅଟ୍ଟୋ କୋନିସ୍‌ବର୍ଗରଙ୍କ ଦ୍ୱାରା ପରିକଳ୍ପିତ ହୋଇଥିବା ଏହି ସହର ଏକ ଯୋଜନାବଦ୍ଧ, ଆକର୍ଷଣୀୟ, ଆଧୁନିକ ସହରର ମାନ୍ୟତା ହାସଲ କରିଛି। ତେବେ, ସମୟ ସ୍ରୋତରେ ଏହି ସହରର ପରିବେଶ ଯେପରି କ୍ରମ ଅଧୋଗତିର ଶିକାର ହୋଇଚାଲିଛି, ତାହା ପ୍ରକୃତିପ୍ରେମୀ ଓ ପରିବେଶ ସଚେତନ ନାଗରିକଙ୍କୁ ବ୍ୟଥିତ କରୁଛି।

ସହରୀକରଣ ପ୍ରକ୍ରିୟାରେ ଅନିୟନ୍ତ୍ରିତ ଭାବେ ସମ୍ପ୍ରସାରିତ ହେଉଥିବା ବିକାଶଶୀଳ ରାଷ୍ଟ୍ରମାନଙ୍କର ସହରାଞ୍ଚଳରେ ଯେପରି ବାସଗୃହ ନିଅଣ୍ଟ, ବିବିଧ ପ୍ରଦୂଷଣ, ବର୍ଜ୍ୟ ପଦାର୍ଥ ନିଷ୍କାସନ, ଜୈବବିବିଧତାର ଅବକ୍ଷୟ, ଉତ୍ତାପ ଦ୍ୱୀପ ପ୍ରଭାବ ଏବଂ ସାମାଜିକ ତଥା ଅର୍ଥନୈତିକ ସମସ୍ୟା ଇତ୍ୟାଦି ଏସବୁକୁ ବାସୋପଯୋଗୀ ହେବାରୁ ବଞ୍ଚିତ କରନ୍ତି, ସମ୍ବେଦନଶୀଳତାର ଅଭାବରୁ ଆମ ରାଜଧାନୀ ମଧ୍ୟ ସେହି ଦିଗରେ କ୍ରମ ଅଗ୍ରସର ହେଉଛି । ଜାତିସଂଘ ଆକଳନ ଅନୁଯାୟୀ ୨୦୨୦ ବେଳକୁ ସହରାଞ୍ଚଳରେ ବିଶ୍ୱ ଜନସଂଖ୍ୟାର ୫୬.୨% ବସବାସ କରୁଥିଲା ବେଳେ ଆଗାମୀ ୨୦୫୦ରେ ୬୮% ଲୋକ ଜୀବନଯାପନ କରିବେ। ସେହି ପରିପ୍ରେକ୍ଷୀରେ, ପ୍ରଥମେ ବିଜ୍ଞାପିତ ଅଞ୍ଚଳ, ପରେ ପୌରସଂସ୍ଥା ଏବଂ ପରିଶେଷରେ ମହାନଗର ନିଗମ ରୂପେ ଆଖ୍ୟାୟିତ ହୋଇଥିବା ଭୁବନେଶ୍ୱର ସହରର ସମ୍ପ୍ରସାରଣ ସହ ଜନସଂଖ୍ୟା ମଧ୍ୟ ବିସ୍ଫୋରିତ ହୋଇ ଏହାର ୬୭ଟି ୱାର୍ଡରେ ୧୫ ଲକ୍ଷର ନିକଟବର୍ତ୍ତୀ ହେଲାଣି । ସମାନ୍ତରାଳ ଭାବେ କଂକ୍ରିଟ ଅଟ୍ଟାଳିକା ଓ ଅନ୍ୟାନ୍ୟ ଭିତ୍ତିଭୂମି ବୃଦ୍ଧିପ୍ରାପ୍ତ ହେଉଛି। ସବୁଜିମାଭରା ପ୍ରକୃତି ଅବକ୍ଷୟିତ ହେଉଛି, ସ୍ଥାନୀୟ ବୃକ୍ଷଲତା ଓ ଜୀବଜନ୍ତୁ ହଜି ଯାଉଛନ୍ତି । ଚନ୍ଦକା ଜଙ୍ଗଲ ସଙ୍କୁଚିତ ହୋଇଚାଲିଛି। ଭିତ୍ତିଭୂମି ଓ ବାସଗୃହ ନିର୍ମାଣ ତଥା ରାସ୍ତା ପ୍ରଶସ୍ତୀକରଣ କାର୍ଯ୍ୟ ନିମନ୍ତେ ବହୁସଂଖ୍ୟାରେ ପୁରାତନ ବୃକ୍ଷମାନ ବଳିପଡୁଛନ୍ତି। ପ୍ରାକୃତିକ ଝରଣା, ଜଳାଶୟ, ନାଳ ଇତ୍ୟାଦି ଜଳ ଉତ୍ସମାନ ଜବରଦଖଲ ପ୍ରକ୍ରିୟାରେ ସହରରୁ ଉଭାନ ହୋଇ ସେହି ସ୍ଥାନରେ ସୁଉଚ୍ଚ ଅଟ୍ଟାଳିକାମାନ ସ୍ଥାପିତ ହେଉଛି। ଏସବୁର ପରିଣାମରେ ସହରର ତାପମାତ୍ରା ଚତୁଃପାର୍ଶ୍ୱ ଗ୍ରାମାଞ୍ଚଳଠାରୁ ୨–୩ ଡିଗ୍ରୀ ସେଲସିୟସ୍ ଅଧିକ ବୃଦ୍ଧି ପାଇ 'ଉତ୍ତାପ ଦ୍ୱୀପ ପ୍ରଭାବ'କୁ ପ୍ରଖର କରୁଛି ଏବଂ ଗ୍ରୀଷ୍ମପ୍ରବାହ ସମୟରେ ବେଳେବେଳେ ଏହା ୪୫ ଡିଗ୍ରୀ ଅତିକ୍ରମ କରୁଛି। ସମ୍ପ୍ରତି ଜଳବାୟୁ ପରିବର୍ତ୍ତନ ପ୍ରଭାବରେ ଅବିଶ୍ରାନ୍ତ ବର୍ଷା ଓ ତ୍ୱରିତ ବନ୍ୟା ପରିସ୍ଥିତି ସହରରେ ସୃଷ୍ଟି ହେଉଛି। ଜଳ ନିଷ୍କାସନ ପ୍ରକ୍ରିୟା ତ୍ରୁଟିପୂର୍ଣ୍ଣ ଥିବାରୁ ଅନେକ ଅଞ୍ଚଳ ଓ ରାସ୍ତାଘାଟ ବନ୍ୟାରେ ଜଳମଗ୍ନ ହୋଇ ଅଧିବାସୀଙ୍କ ପାଇଁ ସଙ୍କଟମୟ ପରିସ୍ଥିତି ସୃଷ୍ଟି କରୁଛି। ଅନ୍ୟ ଏକ ଦିଗ ହେଉଛି କର୍ମ ଅନ୍ୱେଷଣରେ ଗ୍ରାମାଞ୍ଚଳରୁ ସ୍ଥାନାନ୍ତରିତ ହୋଇ ଆସୁଥିବା ଶ୍ରମିକ ଶ୍ରେଣୀର ଗରିବ ଲୋକଙ୍କ ଦ୍ୱାରା ସହର ମଧ୍ୟରେ ଖାଲି ସରକାରୀ ଜମିରେ ବିପର୍ଯ୍ୟସ୍ତ ଭାବେ ୪୩୬ଟି ବସ୍ତି ଗଢ଼ିଉଠିଛି, ଯାହା ୩ ଲକ୍ଷରୁ ଅଧିକ ଲୋକଙ୍କର ବାସସ୍ଥଳୀ ପାଲଟିଛି ।

ପରିବେଶ ମାନଦଣ୍ଡକୁ ଉପେକ୍ଷା କରିଥିବା ଓଡ଼ିଶାର ସାତଟି ସହର ତାଲିକାରେ ଭୁବନେଶ୍ୱର ଅନ୍ତର୍ଭୁକ୍ତ ଅଛି, ଯାହା ବାୟୁମଣ୍ଡଳର ଗୁଣବତ୍ତା ମଧ୍ୟମ ସ୍ତରରେ ଥିବାକୁ ସୂଚିତ କରେ। ସହରରେ ଗମନାଗମନ ନିମନ୍ତେ ସାଧାରଣ ପରିବହନ ବ୍ୟବସ୍ଥା ଏପର୍ଯ୍ୟନ୍ତ ଆବଶ୍ୟକ ସଫଳତା ହାସଲଠାରୁ ଦୂରରେ ରହିଛି। ପ୍ରାୟତଃ ୧୩ ଲକ୍ଷରୁ ଅଧିକ ସଂଖ୍ୟାରେ ଚାଲୁଥିବା ଯାନବାହନ ପ୍ରଦୂଷଣର



ଏକ ପ୍ରମୁଖ କାରଣ ପାଲଟିଛି, ଯେଉଁଥିପାଇଁ ନିକଟରେ ବିଦ୍ୟୁତ୍‌ଚାଳିତ ବସ୍ ଓ ଅନ୍ୟ ଯାନର ବହୁଳ ବ୍ୟବହାରକୁ ପ୍ରୋତ୍ସାହନ ଦେବା ପ୍ରକ୍ରିୟା ଆରମ୍ଭ ହୋଇଛି। ସହରର ବିଭିନ୍ନ ଉତ୍ସରୁ ପ୍ରତିଦିନ ପ୍ରାୟ ୬୦୦ ଟନ୍ ପୌରାଞ୍ଚଳ ବର୍ଜ୍ୟ ପଦାର୍ଥ ନିର୍ଗତ ହେଉଛି, ଯାହା ମହାନଗର ପ୍ରଶାସନ ନିମନ୍ତେ ଆହ୍ୱାନ ସୃଷ୍ଟିକରିଛି। ବର୍ଜ୍ୟବସ୍ତୁ ପରିଚାଳନାରେ ଅବ୍ୟବସ୍ଥା କାରଣରୁ ସୈନିକ ସ୍କୁଲ ପଛ ଏବଂ ଭୁଆସୁଣୀ ଡମ୍ପିଂ ୟାର୍ଡରେ ମଇଳାର ପାହାଡ଼ ସୃଷ୍ଟି ହେଉଛି । ଅବଶ୍ୟ, ସ୍ଥାପିତ ମାଇକ୍ରୋ କମ୍ପୋଷ୍ଟିଂ କେନ୍ଦ୍ରଗୁଡ଼ିକ କିଛିମାତ୍ରାରେ ଜୈବିକ ଖତ ସୃଷ୍ଟିରେ ସହାୟକ ହେଉଛନ୍ତି।

ବର୍ଜ୍ୟ ପଦାର୍ଥ ସୃଷ୍ଟି ଯେତେ ପ୍ରତିରୋଧିତ ହେବ, ନିଷ୍କାସନ ସମସ୍ୟା ସେତେ ହ୍ରାସ ପାଇବ ; ଏଥିରେ ପ୍ରଶାସନ, ସାମାଜିକ ଅନୁଷ୍ଠାନ ଏବଂ ବ୍ୟକ୍ତିବିଶେଷ ସମସ୍ତଙ୍କର ଭୂମିକା ଗୁରୁତ୍ୱପୂର୍ଣ୍ଣ। ଅନ୍ୟପକ୍ଷରେ ସହରରୁ ନିର୍ଗତ ପ୍ରଦୂଷିତ ଜଳ ପ୍ରକ୍ରିୟାକରଣ ନ ହୋଇ ଗଙ୍ଗୁଆ ନାଳ ଓ ଅନ୍ୟ ନାଳ ମାଧ୍ୟମରେ ଦୟା ଏବଂ କୁଆଖାଇ ନଦୀକୁ ପ୍ରବାହିତ ହୋଇ ଜନସ୍ୱାସ୍ଥ୍ୟ ସମସ୍ୟାର କାରଣ ପାଲଟିଛି। ଏପରି ପୃଷ୍ଠଭୂମିରେ ୨୦୨୧ର କେନ୍ଦ୍ରୀୟ ସ୍ୱଚ୍ଛ ସର୍ବେକ୍ଷଣ ସୂଚୀରେ ଭୁବନେଶ୍ୱରର ସ୍ଥାନ ନିମ୍ନଆଡୁ ୧୪୪ ଥିଲାବେଳେ କଟକ ୧୬୨ ଏବଂ ବ୍ରହ୍ମପୁର ୫୬ ସ୍ଥାନରେ ଥିଲେ । ପୁନରାୟ, ୨୦୧୬ରେ ସ୍ମାର୍ଟ ସିଟି ସୂଚୀରେ ଶୀର୍ଷ ସ୍ଥାନ ଅଧିକାର କରିଥିବା ଆମ ରାଜଧାନୀ ୨୦୨୧ରେ ୨୨ତମ ସ୍ଥାନକୁ ଖସିଛି । ଏହା ସହରର ପରିବେଶୀୟ ଗୁଣବତ୍ତା ବଜାୟ ରଖିବାରେ ପ୍ରଶାସନିକ କାର୍ଯ୍ୟକାରିତାର ଦକ୍ଷତା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରୁଛି।

ଭୁବନେଶ୍ୱର ଏକ ଗୁଣାତ୍ମକ ମାନ ବହନକାରୀ, ସ୍ୱଚ୍ଛ, ସବୁଜ, ସୁନ୍ଦର ବାସୋପଯୋଗୀ ସହରର ମାନ୍ୟତା ବଜାୟ ରଖିବା ଦରକାର। ବର୍ଦ୍ଧିତ ଆବଶ୍ୟକତାକୁ ଦୃଷ୍ଟିରେ ରଖି ଏକ କଂକ୍ରିଟ ସହର ନୁହେଁ ବରଂ ଏକ ସବୁଜିମା ପରିପୂର୍ଣ୍ଣ, ପ୍ରକୃତିଭରା, ଗୁଣାତ୍ମକ ପରିବେଶର ଆବାସସ୍ଥଳୀ ରୂପେ ଗଢ଼ି ତୋଳିବାକୁ ସରକାରଙ୍କଠାରୁ ଅନୁଷ୍ଠାନ, ଗୋଷ୍ଠୀ ଏବଂ ବ୍ୟକ୍ତିବିଶେଷ ସମସ୍ତଙ୍କର ଅବଦାନ ଅବ୍ୟାହତ ରଖିବା ଆମର ନୈତିକ କର୍ତ୍ତବ୍ୟ। ନାଗରିକମାନଙ୍କର ଜୀବନଧାରଣର ମାନ, ପାନୀୟ ଜଳ ଏବଂ ପରିମଳ, ଶିକ୍ଷା, ସ୍ୱାସ୍ଥ୍ୟ, ଗମନାଗମନ, ଅଙ୍ଗାରକାମ୍ଳ ନିର୍ଗମନ, ବାୟୁ ପ୍ରଦୂଷଣ, ଅକ୍ଷୟ ଏବଂ ସବୁଜ ଶକ୍ତିର ବିନିଯୋଗ, ଅର୍ଥନୈତିକ ସମୃଦ୍ଧି ଏବଂ ସର୍ବୋପରି କାର୍ଯ୍ୟଧାରା ଓ ଜୀବନଯାପନ ମଧ୍ୟରେ ସନ୍ତୁଳନ ରକ୍ଷା ପରି ଦିଗ ଉପରେ ଧ୍ୟାନ କେନ୍ଦ୍ରୀଭୂତ ହେବା ପ୍ରୟୋଜନୀୟ। କେନ୍ଦ୍ର ସରକାରଙ୍କ ଘୋଷିତ ନଗର ବନ ଯୋଜନାର କାର୍ଯ୍ୟକାରିତା ମାଧ୍ୟମରେ ସହର ମଧ୍ୟରେ କ୍ଷୁଦ୍ର ଜଙ୍ଗଲମାନ ସୃଷ୍ଟି କରାଯାଇ ପ୍ରାକୃତିକତା ଓ ଜୈବବିବିଧତା ବୃଦ୍ଧି ସହ ଏକ ସନ୍ତୁଳିତ, ସମୃଦ୍ଧ ପରିବେଶ ସ୍ଥାପନ ତଥା ସହରବାସୀଙ୍କ ମନୋରଞ୍ଜନ ନିମନ୍ତେ ଏକ ଜୀବନ୍ତ ଉତ୍ସ ହୋଇପାରିବ । ଜାତିସଂଘର ସହନୀୟ ବିକାଶ ଲକ୍ଷ୍ୟ ୧୧ରେ ସହର ଏବଂ ମାନବ ବସତିକୁ ଅନ୍ତର୍ଭୁକ୍ତ, ନିରାପଦ, ସ୍ଥିର ଏବଂ ନିରନ୍ତର କରିବାକୁ ଗୁରୁତ୍ୱ ପ୍ରଦାନ କରାଯାଇଛି। ୟୁନେସ୍କୋ ବିଶ୍ୱ ଐତିହ୍ୟ ସହର ମାନ୍ୟତା ହାସଲ ଅପେକ୍ଷାରେ ଥିବା ତଥା ଶିକ୍ଷା, ଆଇଟି ଏବଂ ସ୍ୱାସ୍ଥ୍ୟସେବାର ଏକ ହବ୍ ପାଲଟିବାକୁ ଯାଉଥିବା ଏହି ସହରକୁ ଏକ ଆକର୍ଷଣୀୟ, ବାସୋପଯୋଗୀ ନଗରରେ ପରିଣତ କରିବାକୁ ପଡ଼ିବ। ଏଣୁ ଆଇଆଇଟି ଖଡ଼ଗପୁର ଦ୍ୱାରା ପ୍ରସ୍ତୁତ ଭୁବନେଶ୍ୱର–କଟକ ନଗର କମ୍ପ୍ଲେକ୍ସ–ଭିଜନ ୨୦୩୦ର ମାଷ୍ଟର ପ୍ଲାନ୍‌ର କାର୍ଯ୍ୟକାରିତାରେ ଏସବୁକୁ ଯଥେଷ୍ଟ ଗୁରୁତ୍ୱ ପ୍ରଦାନ କରାଯିବା ବିଧେୟ।

ସମ୍ପାଦକ, ଓଡ଼ିଶା ପରିବେଶ ସମିତି,
ଭୁବନେଶ୍ୱର, ମୋ–୯୪୩୭୦୭୬୧୦୦

## ପାଠକ ଶ୍ରେଷ୍ଠ ବିଚାରକ

### ଅଯୋଗ୍ୟଙ୍କୁ ବହିଷ୍କାର କରାଯାଉ

ମହାଶୟ,

ଆମ ରାଜ୍ୟରେ ପ୍ରାଥମିକ ବିଦ୍ୟାଳୟ, ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଓ ମାଧ୍ୟମିକ ବିଦ୍ୟାଳୟରେ ପିଲାଙ୍କୁ ପାଠ ପଢାଇବା ପାଇଁ ଲକ୍ଷାଧିକ ଶିକ୍ଷକ ଓ ଶିକ୍ଷୟିତ୍ରୀଙ୍କୁ ନିଯୁକ୍ତି ଦିଆଯାଇଛି। କିନ୍ତୁ, ଅତ୍ୟନ୍ତ ଦୁଃଖ ଓ ପରିତାପର ବିଷୟ ଏହି କି ଏମାନଙ୍କ ମଧ୍ୟରୁ ଅନେକ ଶିକ୍ଷକ ଓ ଶିକ୍ଷୟିତ୍ରୀ ପିଲାମାନଙ୍କୁ ଠିକ ଭାବେ ଶିକ୍ଷାଦାନ କରିପାରୁନାହାନ୍ତି। ଶିକ୍ଷାଦାନରେ ଏମାନେ ବେଶି ସମୟ ଦେଉନାହାନ୍ତି। ଯଦି ଏମାନଙ୍କ ଶିକ୍ଷାଦାନ ବେଳର ଦୃଶ୍ୟକୁ ଭିଡିଓଗ୍ରାଫ କରାଯାଏ, ତେବେ ଏହି ସମସ୍ୟାକୁ ଉପଲବ୍ଧି କରାଯାଇପାରିବେ। ଏମାନଙ୍କର ଅଧିକାଂଶ ସମୟ ମୋବାଇଲ ଦେଖା ଓ ପ୍ରିୟଜନଙ୍କ ସହିତ ଆଳାପ କରିବାରେ ଅତିବାହିତ ହେଉଛି। ଏମାନେ ମଧ୍ୟ ଦୁର୍ନୀତିଖୋର ନେତାଙ୍କ ସହିତ ମିଶି ସ୍କୁଲର ଉନ୍ନୟନମୂଳକ କାର୍ଯ୍ୟ ପାଇଁ ଆସୁଥିବା ଅର୍ଥର ବାଟମାରଣା କରୁଛନ୍ତି। ଫଳରେ ସ୍କୁଲର ନିର୍ମାଣ କାର୍ଯ୍ୟ ନିମ୍ନମାନର ହେଉଛି। ଆମ ରାଜ୍ୟର ବିଭିନ୍ନ ଜିଲାରେ ଏହିଭଳି ଅନେକ ଅଯୋଗ୍ୟ ଶିକ୍ଷକ ଓ ଶିକ୍ଷୟିତ୍ରୀ ରହିଛନ୍ତି। ସରକାର ଏମାନଙ୍କୁ ଚାକିରିରୁ ବହିଷ୍କାର କରିବାର ପ୍ରକ୍ରିୟା ଆରମ୍ଭ କରିବା ଉଚିତ।

–ରାଇଚରଣ ବିଶ୍ୱାଳ, ସାମନ୍ତରାୟପୁର, ଭଦ୍ରକ

## ଚିରନ୍ତନୀ

ଚାଲିଛି ମୁଁ ସଙ୍ଗେ ତା'ର
କି ବିରାଟ ଅଭିସାର !
ଚାଲିଛି ମୁଁ ଦୂରେ କେଉଁ ଦୂରେ ଗୋ
କି ବା ଗନ୍ଧେ ଅନ୍ତର ପୂରେ ମୋ।
–(ଶରତ–ସନ୍ଧ୍ୟା)
–କାଳିନ୍ଦୀ ଚରଣ ପାଣିଗ୍ରାହୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

# ୭ ଦଶନ୍ଧି ରାଜତ୍ୱର ଅନ୍ତ



୭ ଦଶନ୍ଧି ଧରି ବ୍ରିଟେନର ମହାରାଣୀ ଥିବା ଏଲିଜାବେଥ୍ ଦ୍ୱିତୀୟ ପିଲାବେଳୁ ହିଁ ବେଶ୍ ଉଦୀୟମାନ ଥିଲେ। ବିଶ୍ୱ ଅନେକ ଆହ୍ୱାନର ସାମ୍ନା କରୁଥିଲାବେଳେ ଏଲିଜାବେଥ୍ ବ୍ରିଟେନର ଶାସନ ଭାବ ସମ୍ଭାଳିଥିଲେ। ଦ୍ୱିତୀୟ ବିଶ୍ୱଯୁଦ୍ଧ ପରେ ବ୍ରିଟେନ୍ ଘୋର ଆର୍ଥିକ ଓ ରାଜନୈତିକ ସଙ୍କଟର ସମ୍ମୁଖୀନ ହୋଇଥିଲା। ପୂରା ବିଶ୍ୱରୁ ଧୀରେ ଧୀରେ ବ୍ରିଟେନର ଆଧିପତ୍ୟ ହ୍ରାସ ପାଉଥିଲା। ଭାରତ ସମେତ ଅନେକ ଦେଶରେ ବ୍ରିଟିଶ ଶାସନ ଶେଷ ହୋଇସାରିଥିଲା। ସମାଜରେ କ୍ରାନ୍ତିକାରୀ ପରିବର୍ତ୍ତନ ଆସୁଥିଲା। ଲୋକେ ରାଜତନ୍ତ୍ରର ଅନ୍ତ ଚାହୁଁଥିଲେ। ଏସବୁ ଚ୍ୟାଲେଞ୍ଜର ମୁକାବିଲା କରି ବ୍ରିଟେନର ଗୌରବ ରକ୍ଷା କରିବା ନିମନ୍ତେ ସେତେବେଳେ ସମସ୍ତଙ୍କ ଆଖିରେ ଏଲିଜାବେଥ୍ ହିଁ ଉପଯୁକ୍ତ ବ୍ୟକ୍ତି ଥିଲେ। ଏଲିଜାବେଥ୍ ଦ୍ୱିତୀୟ ଲୋକଙ୍କ ଉପରେ ରାଜପରିବାରର ଶାସନ ନ ଲଦି ଜନସାଧାରଣଙ୍କ ବିଶ୍ୱାସ ଓ ଭରସା ଜିତିବାକୁ ଉଦ୍ୟମ କରିଥିଲେ ଏବଂ ଏଥିରେ ସଫଳ ହୋଇ ୭୦ ବର୍ଷ ପର୍ଯ୍ୟନ୍ତ ଲୋକଙ୍କ ନିକଟରେ ପ୍ରିୟ ମହାରାଣୀ ହୋଇରହିପାରିଥିଲେ।

୧୯୩୯ରେ ମାତ୍ର ୧୩ ବର୍ଷ ବୟସର ହୋଇଥିବାବେଳେ ଏଲିଜାବେଥ୍ ପିତାଙ୍କ ସହ ରୟାଲ ନେଭଲ କଲେଜ ଯାଇଥିଲେ। ସେଠାରେ ଗ୍ରୀସ୍‌ର ପ୍ରିନ୍ସ ଫିଲିପ୍‌ଙ୍କ ସହ ତାଙ୍କର ଭେଟ ହୋଇଥିଲା। ୧୯୪୪ ବେଳକୁ ଫିଲିପ୍ ଓ ତାଙ୍କ ମଧ୍ୟରେ ପ୍ରେମ ସମ୍ପର୍କ ଗଢ଼ି ଉଠିଥିଲା। ୧୯୪୫ରେ ଦ୍ୱିତୀୟ ବିଶ୍ୱଯୁଦ୍ଧ ଶେଷ ହେବା ବେଳେ ଏଲିଜାବେଥ୍ ରାଜପରିବାରରେ ଉତ୍ସବ ପାଳିଥିଲେ। ଏଲିଜାବେଥ୍‌ଙ୍କ ରାଜାଭିଷେକ ବିଶ୍ୱର ଅନେକ ଦେଶରେ ସିଧା ପ୍ରସାରଣ ହୋଇଥିଲା। ମହାରାଣୀ ହେବା ପରେ ଏଲିଜାବେଥ୍ କମନ୍‌ୱେଲ୍‌ଥ ରାଷ୍ଟ୍ର ଭ୍ରମଣ କରିବା ଆରମ୍ଭ କରିଥିଲେ। ଫଳରେ ବ୍ରିଟିଶ ଶାସନରୁ ମୁକ୍ତ ହୋଇଥିବା ଦେଶଗୁଡ଼ିକରେ ପୁଣିଥିରେ ମହାରାଣୀଙ୍କୁ ଆଦର ମିଳିଥିଲା। ଏହାବାଦ୍ ଅନେକ ସମୟରେ ଏଲିଜାବେଥ୍ ସମାଲୋଚନାର ଶିକାର ମଧ୍ୟ ହୋଇଛନ୍ତି। ୯୦ ଦଶକ ରାଜପରିବାର ଅନେକ କଠିନ ସମୟ ଦେଇ ଗତି କରିଥିଲା। ପାରିବାରିକ ସମସ୍ୟାକୁ ନେଇ ରାଜପରିବାର ଅନେକ ସମାଲୋଚନାର ଶିକାର ହୋଇଥିଲା।

## ବିଶେଷ ମୁହୂର୍ତ୍ତ

ବ୍ରିଟେନକୁ ସର୍ବାଧିକ କାଳ ଶାସନ କରିଥିବା ମହାରାଣୀ ଏଲିଜାବେଥ୍ ଦ୍ୱିତୀୟଙ୍କ ଜୀବନର କେତେକ ବିଶେଷ ମୁହୂର୍ତ୍ତ ନିମ୍ନରେ ଦିଆଗଲା।

- ୧୯୨୬ ଏପ୍ରିଲ ୨୧ରେ ଏଲିଜାବେଥ୍ ଦ୍ୱିତୀୟଙ୍କ ଜନ୍ମ ଲଣ୍ଡନର ୧୭ ବ୍ରୁଟନ ଷ୍ଟ୍ରିଟ୍‌ରେ ହୋଇଥିଲା ଏବଂ ମେ' ୨୬ରେ ବକିଂହମ୍ ପ୍ୟାଲେସର ଘରୋଇ ଚାପେଲ୍‌ରେ ତାଙ୍କ ନାମକରଣ କରାଯାଇଥିଲା।
- ୧୯୩୬ ଡିସେମ୍ବର ୧୧ରେ ଏଡ୍‌ୱାର୍ଡ ଅଷ୍ଟମ ରାଜପଦ ତ୍ୟାଗ କରିବା ପରେ ଏଲିଜାବେଥଙ୍କ ବାପା ଷଷ୍ଠ ଜର୍ଜ ରାଜା ହୋଇଥିଲେ। ସେତେବେଳେ ମାତ୍ର ୧୦ ବର୍ଷ ବୟସରେ ଏଲିଜାବେଥ ରାଜପଦ ଉତ୍ତରାଧିକାରୀ ହୋଇଥିଲେ।
- ୧୯୪୭ ନଭେମ୍ବର ୨୦ରେ ଏଲିଜାବେଥ ଗ୍ରୀକ୍ ଯୁବରାଜ ତଥା ନୌସେନା ଲ୍ୟୁଟ୍‌ନାଣ୍ଟ ଫିଲିପ୍ ମାଉଣ୍ଟବ୍ୟାଟେନଙ୍କୁ ବିବାହ କରିଥିଲେ। ସେମାନଙ୍କ ୪ ସନ୍ତାନ ସନ୍ତତି ହେଲେ ପ୍ରିନ୍ସ ଚାର୍ଲ୍ସ, ପ୍ରିନ୍ସେସ୍ ଆନି, ପ୍ରିନ୍ସ ଆଣ୍ଡ୍ରୀ ଏବଂ ପ୍ରିନ୍ସ ଏଡ୍‌ୱାର୍ଡ। ୨୦୨୧ ଏପ୍ରିଲରେ ୯୯ ବର୍ଷ ବୟସରେ ଫିଲିପ୍‌ଙ୍କର ପରଲୋକ ଘଟିଥିଲା।
- ୧୯୫୨ ଫେବୃୟାରୀ ୬ରେ ବାପାଙ୍କ ମୃତ୍ୟୁ ପରେ ଏଲିଜାବେଥ ଦ୍ୱିତୀୟ ବ୍ରିଟେନ ରାଜ ସିଂହାସନ ଆରୋହଣ କରିଥିଲେ। ସେତେବେଳେ ସେ କେନିଆ ଗସ୍ତରେ ଥିଲେ। ୧୯୫୩ ଜୁନ୍ ୨ରେ ୱେଷ୍ଟମିନିଷ୍ଟର ଆବେରେ ସେ ଆନୁଷ୍ଠାନିକ ଭାବେ ରାଜମୁକୁଟ ଗ୍ରହଣ କରିଥିଲେ। ପ୍ରଥମ ଥର ପାଇଁ ତାଙ୍କ ରାଜାଭିଷେକ ଟେଲିଭିଜନରେ ପ୍ରସାରିତ ହୋଇଥିଲା।

– ଏଲିଜାବେଥ୍ ଦ୍ୱିତୀୟ ସିଂହାସନ ଆରୋହଣ କରିବା ସମୟରେ ଜୋସେଫ୍ ଷ୍ଟାଲିନ ସୋଭିଏଟ୍ ୟୁନିୟନର ରାଷ୍ଟ୍ରପତି ଥିବାବେଳେ ମାଓ ଜେଡୋଙ୍ଗ ଚାଇନାର ଏବଂ ହାରି ଟ୍ରୁମାନ ଆମେରିକାର ରାଷ୍ଟ୍ରପତି ଥିଲେ। ସେତେବେଳେ ବ୍ରିଟିଶ ପ୍ରଧାନମନ୍ତ୍ରୀ ଥିଲେ ୱିନ୍‌ଷ୍ଟନ ଚର୍ଚ୍ଚିଲ।

- ମହାରାଣୀ ଏଲିଜାବେଥ୍ ଦ୍ୱିତୀୟଙ୍କ ୭୦ ବର୍ଷର ଶାସନ କାଳରେ ତାଙ୍କ ଅଧୀନରେ ୧୫ ପ୍ରଧାନମନ୍ତ୍ରୀ କାମ କରିଛନ୍ତି। ଏହି ସମୟରେ ଆମେରିକା ୧୪ ଜଣ ରାଷ୍ଟ୍ରପତିଙ୍କୁ ଦେଖିଛି।
- ୨୦୧୫ ସେପ୍ଟେମ୍ବର ୯ରେ ଏଲିଜାବେଥ୍‌ଙ୍କ ରାଜତ୍ୱ ସମୟ ତାଙ୍କ ଆଈଙ୍କ ଆଈ ମହାରାଣୀ ଭିକ୍ଟୋରିଆଙ୍କ ଶାସନ ସମୟକୁ ଅତିକ୍ରମ କରିଥିଲା। ରାଣୀ ଭିକ୍ଟୋରିଆ ଶାସନରେ ୬୩ ବର୍ଷ ୭ ମାସ ୨ ଦିନ ୧୬ ଘଣ୍ଟା ୨୩ ମିନିଟ ରହିଥିଲେ।
- ଏଲିଜାବେଥ ବ୍ରିଟେନ୍ ସମେତ ଅଷ୍ଟ୍ରେଲିଆ, କାନାଡା, ନ୍ୟୁଜିଲାଣ୍ଡ, ଜାମାଇକା, ଆଣ୍ଟିଗୁଆ, ବରବୁଡ଼ା, ବାହାମାସ, ବେଲିଜେ, ଗେନାଡା, ପପୁଆ ନ୍ୟୁଗିନି, ସୋଲୋମୋନ ଆଇଲାଣ୍ଡ, ସେଣ୍ଟ କିଟ୍ସ, ନେଭିସ୍, ସେଣ୍ଟ ଲୁସିଆ, ସେଣ୍ଟ ଭିନ୍‌ସେଣ୍ଟ ଏବଂ ଗେନାଡାଇନ୍ସ ଓ ଟୁଭାଲୁର ରାଣୀ ରହିଥିଲେ।
- ୨୦୨୨ ଫେବୃୟାରୀ ୬ରେ ମହାରାଣୀ ଏଲିଜାବେଥ ତାଙ୍କ ଶାସନର ୭୦ତମ ବାର୍ଷିକୀ ତଥା ପ୍ଲାଟିନମ୍ ଜୁବିଲି ପାଳନ କରିଥିଲେ।

## ରାଜା ହେଲେ ଚାର୍ଲ୍ସ

ମହାରାଣୀ ଏଲିଜାବେଥ୍ ଦ୍ୱିତୀୟଙ୍କର ଗୁରୁବାର ରାତିରେ ପରଲୋକ ପରେ ତାଙ୍କ ବଡ଼ ପୁଅ ଚାର୍ଲ୍ସ (୭୩) ବ୍ରିଟେନ୍‌ର ରାଜା ହୋଇଛନ୍ତି। ମାଆଙ୍କ ଦେହାନ୍ତ ତାଙ୍କ ପାଇଁ ଓ ସମଗ୍ର ରାଜପରିବାର ପାଇଁ ସବୁଠୁ ଦୁଃଖଦ ମୁହୂର୍ତ୍ତ ବୋଲି ରାଜା ଚାର୍ଲ୍ସ ଏକ ବିବୃତିରେ କହିଛନ୍ତି। ମହାରାଣୀଙ୍କ ପରଲୋକରେ ସାରା ଦେଶ ସମେତ କମନ୍‌ୱେଲ୍‌ଥ ରାଷ୍ଟ୍ରଗୁଡ଼ିକର କୋଟି କୋଟି ଲୋକଙ୍କୁ ଦୁଃଖ ଦେବ ବୋଲି ଚାର୍ଲ୍ସ କହିଛନ୍ତି।

## ପ୍ରିନ୍ସ-କେଟ୍‌ଙ୍କୁ ମିଳିବ ନୂଆ ପରିଚୟ

ମହାରାଣୀଙ୍କ ମୃତ୍ୟୁ ପରେ ପ୍ରିନ୍ସ ୱିଲିୟମ ଏବଂ ତାଙ୍କ ସ୍ତ୍ରୀ କେଟ୍ ମିଡିଲଟନଙ୍କୁ ନୂଆ ପରିଚୟ ମିଳିବାକୁ ଯାଉଛି। ପ୍ରିନ୍ସ ୱିଲିୟମ ୱେଲ୍ସର ପ୍ରିନ୍ସ ଏବଂ କର୍ନୱାଲର ଡ୍ୟୁକ୍ ହେବାକୁ ଥିବାବେଳେ କେଟ୍ ପ୍ରିନ୍ସେସ୍ ଅଫ୍ ୱେଲ୍ସ ହେବାକୁ ଯାଉଛନ୍ତି। ଏଲିଜାବେଥ ଦ୍ୱିତୀୟଙ୍କ ମୃତ୍ୟୁ ପୂର୍ବରୁ ପ୍ରିନ୍ସ ୱିଲିୟମଙ୍କ ପରିଚୟ ଥିଲା ଡ୍ୟୁକ୍ ଅଫ୍ କେମ୍ବ୍ରିଜ୍। ପ୍ରିନ୍ସ ଅଫ୍ ୱେଲ୍ସ ପଦବୀ ଚାର୍ଲ୍ସଙ୍କୁ ମିଳିଥିଲା। ଏବେ ସେ ରାଜା ହୋଇଛନ୍ତି। ସେହିପରି ପ୍ରିନ୍ସ ଡାଏନାଙ୍କୁ ପ୍ରିନ୍ସେସ୍ ଅଫ୍ ୱେଲ୍ସ ଉପାଧି ମିଳିଥିଲା। ସମ୍ମାନ ଦୃଷ୍ଟିରୁ ଚାର୍ଲ୍ସଙ୍କ ପତ୍ନୀ ଡଚେସ୍ କାମିଲା ଏହି ପଦବୀ ଗ୍ରହଣ କରିବାକୁ ଚାହିଁ ନ ଥିଲେ।

## ସ୍କୁଲ ଯାଇନାହାନ୍ତି ମହାରାଣୀ

୭ ଦଶନ୍ଧି ଧରି ବ୍ରିଟେନର ମହାରାଣୀ ରହିଥିବା ଏଲିଜାବେଥ୍ ଦ୍ୱିତୀୟ କେବେ ସ୍କୁଲ ଯାଇନାହାନ୍ତି। ସାନ ଭଉଣୀ ମାର୍ଗାରେଟ୍ ଓ ଏଲିଜାବେଥ୍‌ଙ୍କ ପାଠପଢ଼ା ରାଜମହଲରେ ହିଁ ହୋଇଛି। ତାଙ୍କ ବାପା ଜର୍ଜ-୬ଷ୍ଠ, ଏଟନ୍ କଲେଜ ଅଧ୍ୟାପକ, କେତେଜଣ ଫ୍ରେଞ୍ଚ ଏବଂ ବେଲ୍‌ଜିୟମ ଗଭର୍ନେସେସ୍ ତାଙ୍କୁ ବିଭିନ୍ନ ଭାଷା, କାଣ୍ଟେରବୁରୀର ଆର୍କବିଶପ୍ ତାଙ୍କୁ ଧର୍ମ ବିଷୟରେ ଶିକ୍ଷା ପ୍ରଦାନ କରିଥିଲେ। ମାତ୍ର ୬ ବର୍ଷ ବୟସରେ ଏଲିଜାବେଥ୍ ଘୋଡ଼ା ଚଢ଼ିବା ଶିଖିଥିଲେ। ଘୋଡ଼ା ଓ କୁକୁର ପାଳିବା ତାଙ୍କ ସଉକ ଥିଲା। ବ୍ରିଟେନର ପୂର୍ବତନ ପ୍ରଧାନମନ୍ତ୍ରୀ ୱିନ୍‌ସନ୍ ଚର୍ଚ୍ଚିଲଙ୍କ ଦ୍ୱାରା ସେ ବେଶ୍ ପ୍ରଭାବିତ ହୋଇଥିଲେ।


ପୁତ୍ର ପ୍ରିନ୍ସ ଚାର୍ଲ୍ସ, ପୁତ୍ରବଧୂ କାମିଲାଙ୍କ ସହ

## ୩ ଥର ଭାରତ ଆସିଥିଲେ

ବ୍ରିଟେନର ମହାରାଣୀ ଏଲିଜାବେଥ୍-୨ ନିଜ ଜୀବନକାଳ ମଧ୍ୟରେ ୩ ଥର ଭାରତ ଗସ୍ତରେ ଆସିଥିଲେ। ୧୯୬୧, ୧୯୮୩ ଓ ୧୯୯୭ରେ ସେ ଭାରତର ଅତିଥି ହୋଇଥିଲେ। ୧୯୬୧ ଜାନୁୟାରୀ ୨୧ରେ ମହାରଣୀ ଏଲିଜାବେଥ୍-୨ ଏବଂ ତାଙ୍କ ସ୍ୱାମୀ ଯୁବରାଜ ଫିଲିପ୍ ପ୍ରଥମ କରି ଭାରତ ଗସ୍ତରେ ଆସିଥିଲେ। ମହାରାଣୀ ପାଲାମ ବିମାନବନ୍ଦରରେ ପହଞ୍ଚିବା ମାତ୍ରେ ସେଠାରେ ପୂର୍ବରୁ ଉପସ୍ଥିତ ତତ୍କାଳୀନ ରାଷ୍ଟ୍ରପତି ଡ. ରାଜେନ୍ଦ୍ର ପ୍ରସାଦ ଓ ପ୍ରଧାନମନ୍ତ୍ରୀ ଜବାହରଲାଲ ନେହେରୁ ତାଙ୍କୁ ସ୍ୱାଗତ କରିଥିଲେ। ପ୍ରଥମ ଗସ୍ତ ଅବସରରେ ମହାରାଣୀ ଜାନୁୟାରୀ ୨୬ ସାଧାରଣତନ୍ତ୍ର ଦିବସରେ ଅତିଥି ଭାବେ ଉପସ୍ଥିତ ରହି ପରେଡ୍ ଦେଖିଥିଲେ। ପରେ ରାଷ୍ଟ୍ରପତି ଡ. ପ୍ରସାଦଙ୍କ ସହ ଘୋଡ଼ାଗାଡ଼ିରେ ବସି ରାଷ୍ଟ୍ରପତି ଭବନକୁ ଯାଇଥିଲେ। ଭାରତ ଭ୍ରମଣ ବେଳେ ମହାରାଣୀ କାଶୀ ଗସ୍ତରେ ଯାଇ ସେଠାରେ କାଶୀର ତତ୍କାଳୀନ ମହାରାଜା ବିଭୂତି ନାରାୟଣ ସିଂହଙ୍କ ସହିତ ହାତୀ ଉପରେ ବସି ବୁଲିଥିଲେ। ମହାରାଣୀ ଏଲିଜାବେଥ୍-୨ ଭାରତର ସୌନ୍ଦର୍ଯ୍ୟର ପ୍ରତୀକ ତାଜମହଲ ପରିଦର୍ଶନ କରିଥିଲେ। ରାଜସ୍ଥାନର ଜୟପୁର ଗସ୍ତରେ ଯାଇ ସେଠାକାର ରାଜା ଓ ରାଣୀଙ୍କୁ ସାକ୍ଷାତ କରିଥିଲେ। ଏହି ସମୟରେ ସ୍ୱାମୀ ଫିଲିପ୍ ଏକ ମହାବଳ ବାଘ ଶିକାର କରିଥିଲେ। ୧୯୮୩ରେ କମନ୍‌ୱେଲ୍‌ଥ ଦେଶଗୁଡ଼ିକ ବୈଠକରେ ଭାଗ ନେବା ନିମନ୍ତେ ବ୍ରିଟେନ୍ ମହାରାଣୀ ଏଲିଜାବେଥ୍-୨ ଦ୍ୱିତୀୟ ଥର ଭାରତ ଗସ୍ତରେ ଆସିଥିଲେ। ଏହି ଅବସରରେ ସେ ଭାରତର ତତ୍କାଳୀନ ପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧୀଙ୍କୁ ସାକ୍ଷାତ କରିଥିଲେ। ୧୯୯୭ରେ ମହାରାଣୀ ତୃତୀୟ ତଥା ଶେଷଥର ପାଇଁ ଭାରତ ଗସ୍ତରେ ଆସିଥିଲେ। ଏପରି କି ଭାରତ ସ୍ୱାଧୀନତାର ୫୦ ବର୍ଷ ପୂର୍ତ୍ତି ପାଳନ ଅବସରରେ ତାଙ୍କୁ ରାଷ୍ଟ୍ରପତି ଭବନରେ ଗାର୍ଡ ଅଫ୍ ଅନର ପ୍ରଦାନ କରାଯାଇଥିଲା। ଏହି ଗସ୍ତ ବେଳେ ମହାରାଣୀ ପଞ୍ଜାବର ସ୍ୱର୍ଣ୍ଣମନ୍ଦିର ମଧ୍ୟ ପରିଦର୍ଶନ କରିଥିଲେ।

## ବିଶ୍ୱ ନେତାଙ୍କ ଶୋକ



"ମହାରାଣୀ ଏଲିଜାବେଥ୍ ଦ୍ୱିତୀୟଙ୍କ ପରଲୋକରେ ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଶୋକବ୍ୟକ୍ତ କରିଛନ୍ତି। ୨୦୧୫ ଏବଂ ୨୦୧୮ରେ ବ୍ରିଟେନ ଗସ୍ତ ବେଳେ ମହାରାଣୀଙ୍କ ସହ ସାକ୍ଷାତ ସ୍ମରଣୀୟ ହୋଇ ରହିବ ବୋଲି ମୋଦି ଟୁଇଟ୍ କରିଛନ୍ତି। ସାକ୍ଷାତ୍ ସମୟରେ ମହାରାଣୀ ମୋଦିଙ୍କୁ ଏକ ରୁମାଲ ଦେଖାଇଥିଲେ। ତାଙ୍କ ବିବାହ ସମୟରେ ମହାତ୍ମା ଗାନ୍ଧୀ ଉକ୍ତ ରୁମାଲ ତାଙ୍କୁ ଉପହାର ଦେଇଥିଲେ ବୋଲି ଏଲିଜାବେଥ୍ କହିଥିଲେ।



"ଆମେରିକା ରାଷ୍ଟ୍ରପତି ଜୋ ବାଇଡେନ୍ ମହାରାଣୀଙ୍କ ପରଲୋକରେ ଶୋକପ୍ରକାଶ କରିବା ସହ ୧୯୮୨ରେ ତାଙ୍କୁ ସାକ୍ଷାତ କରିବା ସମୟକୁ ମନେ ପକାଇଛନ୍ତି। ଏହା ବ୍ୟତୀତ ୨୦୨୧ରେ ବାଇଡେନ୍ ମହାରାଣୀଙ୍କୁ ସାକ୍ଷାତ କରିଥିଲେ। ୯/୧୧ ଅକ୍ରମଣ ପରେ ଆମେରିକାର ଦୁଃଖଦ ମୁହୂର୍ତ୍ତରେ ମହାରାଣୀ ସମର୍ଥନ ଜଣାଇଥିଲେ ବୋଲି ବାଇଡେନ୍ କହିଛନ୍ତି।



"ଫ୍ରାନ୍ସ ରାଷ୍ଟ୍ରପତି ଏମାନୁଏଲ୍ ମାକରଁ ଏଲିଜାବେଥ୍ ଦ୍ୱିତୀୟଙ୍କୁ ଜଣେ ଦୟାଳୁ ମହାରାଣୀ ବୋଲି କହିଛନ୍ତି। ଫ୍ରାନ୍ସର ସେ ଭଲ ବନ୍ଧୁ ଥିଲେ ବୋଲି ଶ୍ରଦ୍ଧାଞ୍ଜଳି ଜଣାଇବା ଅବସରରେ ମାକରଁ କହିଛନ୍ତି।



"ଜର୍ମାନୀ ଚାନ୍‌ସେଲର ଓଲାଫ୍ ସ୍କୋଲ୍‌ଜ ତାଙ୍କ ଶୋକବାର୍ତ୍ତାରେ ମହାରାଣୀଙ୍କୁ ଜଣେ ରୋଲ ମଡେଲ୍ ଏବଂ କୋଟି କୋଟି ଲୋକଙ୍କ ପ୍ରେରଣାଦାତ୍ରୀ ବୋଲି ଅଭିହିତ କରିଛନ୍ତି। ଦ୍ୱିତୀୟ ବିଶ୍ୱଯୁଦ୍ଧର ବିଭୀଷିକା ପରେ ବ୍ରିଟେନ୍ ଓ ଜର୍ମାନୀ ମଧ୍ୟରେ ସମ୍ପର୍କ ପୁନଃପ୍ରତିଷ୍ଠା କରିବାରେ ମହାରାଣୀଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକା ଥିଲା ବୋଲି ସ୍କୋଲ୍‌ଜ କହିଛନ୍ତି।



"କାନାଡା ପ୍ରଧାନମନ୍ତ୍ରୀ ଜଷ୍ଟିନ୍ ଟ୍ରୁଡୋ ତାଙ୍କ ଶୋକବାର୍ତ୍ତାରେ ମହାରାଣୀ ଏଲିଜାବେଥ୍ ଦ୍ୱିତୀୟଙ୍କୁ ବିଶ୍ୱର ସବୁଠୁ ପ୍ରିୟ ବ୍ୟକ୍ତି ବୋଲି କହିଛନ୍ତି। ସେ ସବୁବେଳେ ଆମ ହୃଦୟରେ ରହିବେ। କାନାଡ଼ା ଜନସାଧାରଣଙ୍କ ପାଇଁ ତାଙ୍କ ସେବା ସବୁଦିନ ମନେ ରହିବ ବୋଲି ଟ୍ରୁଡୋ କହିଛନ୍ତି।

## ଚୁମ୍ବକରେ ଏଲିଜାବେଥ୍

- ବ୍ରିଟେନ୍ ଇତିହାସରେ ସର୍ବାଧିକ ୭୦ ବର୍ଷ ପର୍ଯ୍ୟନ୍ତ ଏଲିଜାବେଥ୍ ଦ୍ୱିତୀୟ ମହାରାଣୀ ଥିଲେ। ଏହା ପୂର୍ବରୁ ତାଙ୍କ ଆଈଙ୍କ ଆଈ ମହାରାଣୀ ଭିକ୍ଟୋରିଆ ୬୩ ବର୍ଷ ୭ ମାସ ପର୍ଯ୍ୟନ୍ତ ଶାସନ କରିଥିଲେ।
- ଥାଇଲାଣ୍ଡ ରାଜା ଭୂମିବୋଲ୍ ଆଡୁଲେଜ୍‌ଙ୍କ ପରଲୋକ ପରେ ଏଲିଜାବେଥ୍ ୨୦୧୬ରେ ବିଶ୍ୱର ସର୍ବାଧିକ କାଳ ଶାସନରେ ରହିଥିବା ମହାରାଣୀ ମାନ୍ୟତା ପାଇଥିଲେ। ତେବେ ସପ୍ତଦଶ ଶତାବ୍ଦୀରୁ ଦେଖିଆସିଲେ ମାତ୍ର ୪ ବର୍ଷ ବୟସରେ ରାଜା ହୋଇଥିବା ଫ୍ରାନ୍ସର କିଙ୍ଗ୍ ଲୁଇ ଚତୁର୍ଦ୍ଦଶଙ୍କ ପରେ ଏଲିଜାବେଥ୍-୨ୟ ୨୦୨୨ରେ ବିଶ୍ୱ ଇତିହାସରେ ଦ୍ୱିତୀୟ ସର୍ବାଧିକ ସମୟ ପାଇଁ ଶାସନ ରେକର୍ଡ କରିଥିଲେ।
- ତାଙ୍କ ମା' ମହାରାଣୀ ଏଲିଜାବେଥ୍ ଏବଂ ଭିକ୍ଟୋରିଆଙ୍କୁ ଛାଡ଼ିଦେଲେ ବ୍ରିଟିଶ୍ ଇତିହାସରେ ୪ ଜଣ ରାଜାଙ୍କର ୫୦ ବର୍ଷରୁ ଊର୍ଦ୍ଧ୍ୱ ସମୟ ଧରି ରାଜତ୍ୱ ଥିଲା। ସେମାନେ ହେଲେ ଜର୍ଜ-୩ୟ (୫୯ ବର୍ଷ ଧରି), ହେନ୍‌ରି -୩ୟ (୫୬ ବର୍ଷ), ଏଡ୍‌ୱାର୍ଡ- ୩ୟ (୫୦ ବର୍ଷ) ଏବଂ ସ୍କଟଲାଣ୍ଡ୍‌ର ଜେମ୍ସ-୬ଷ୍ଠ (୫୮ ବର୍ଷ ପର୍ଯ୍ୟନ୍ତ)।
- ପିତାଙ୍କ ଅନୁମତି କ୍ରମେ ଦ୍ୱିତୀୟ ବିଶ୍ୱଯୁଦ୍ଧ ପରେ ବ୍ରିଟେନ ସମ୍ମୁଖୀନ ହୋଇଥିବା ଅସ୍ୱାଭାବିକ ସ୍ଥିତିକୁ ପ୍ରଶମିତ କରିବା ଲାଗି ସେ ଅଭିଯାନ ଆରମ୍ଭ କରିଥିଲେ। ସିଂହାସନର ଉତ୍ତରାଧିକାରୀ ଭାବେ ଅଳ୍ପ କିଛି ମାସ ମଧ୍ୟରେ ସେ ଜୁନିୟର କମାଣ୍ଡର ସ୍ତରକୁ ଉନ୍ନୀତ ହୋଇପାରିଥିଲେ।
- ଏଲିଜାବେଥ୍ ଦ୍ୱିତୀୟ କୌତୂହଳ ପ୍ରିୟ ରହିବା ସହ ତାଙ୍କ ନିକଟରେ ଅନ୍ୟକୁ ଅବିକଳ ନକଲ କରିପାରିବା କଳା ଥିଲା।
- ମହାରାଣୀ ହୋଇଥିଲେ ମଧ୍ୟ ୧୯୯୨ରୁ ଏଲିଜାବେଥ୍ ଟିକସ ପଇଠ କରିଆସୁଥିଲେ।
- ୧୯୯୨ରେ ମହାରାଣୀଙ୍କ ସପ୍ତାହନ୍ତ ବାସଭବନ ୱିନ୍‌ସର କ୍ୟାସଲ୍‌ରେ ନିଆଁ ଲାଗିଥିବାବେଳେ ଏହାର ମରାମତି ଲାଗି ଅନେକ ନିୟୁତ ପାଉଣ୍ଡ ଖର୍ଚ୍ଚ ହୋଇଥିଲା। ଏହାକୁ ନେଇ ଜନସାଧାରଣ ବିଦ୍ରୋହ କରିଥିଲେ। ଏଥିସହ ୱିନ୍‌ସର କ୍ୟାସ୍‌ଲେ ମରାମତି ଲାଗି ଖର୍ଚ୍ଚ ଅର୍ଥର ୭୦% ଦେବାକୁ ଘୋଷଣା କରିଥିଲେ।
- ଅନୁରୂପ ଭାବେ ୧୯୯୨ରେ ରାଣୀ ସ୍ୱେଚ୍ଛାକୃତ ଭାବେ ତାଙ୍କ ବ୍ୟକ୍ତିଗତ ଆୟ ଉପରେ ଟିକସ ଦେବାକୁ ରାଜି ହୋଇଥିଲେ।

ବକିଂହାମ୍ ପ୍ୟାଲେସ୍‌କୁ ସର୍ବସାଧାରଣଙ୍କ ପରିଦର୍ଶନ ଲାଗି ପ୍ରଥମ ଥର ପାଇଁ ସେ ଅନୁମତି ଦେବା ପରେ ଅଧିକ ଆୟ ସୃଷ୍ଟି ହୋଇପାରିଥିଲା।

- ଏଲିଜାବେଥ୍ ଓ ଫିଲିପ୍‌ଙ୍କ ଦାମ୍ପତ୍ୟ ଜୀବନ ୭୦ ବର୍ଷ ଧରି ରହିଥିଲା। ଉଭୟଙ୍କର ୪ ସନ୍ତାନ ହେଲେ ପ୍ରିନ୍ସ ଚାର୍ଲ୍‌ସ, ପ୍ରିନ୍ସେସ୍ ଆନେ, ପ୍ରିନ୍ସ ଆଣ୍ଡ୍ରିୟୁ ଏବଂ ପ୍ରିନ୍ସ ଏଡ୍‌ୱାର୍ଡ। ମାତ୍ର ୨୨ ବର୍ଷରେ ତାଙ୍କ ପ୍ରଥମ ସନ୍ତାନ ଚାର୍ଲ୍‌ସଙ୍କ ଜନ୍ମ ହୋଇଥିଲା।


ଭାରତର ପୂର୍ବତନ ପ୍ରଧାନମନ୍ତ୍ରୀ ସ୍ୱର୍ଗତ ଇନ୍ଦିରା ଗାନ୍ଧୀଙ୍କ ସହ ମହାରାଣୀ ଏଲିଜାବେଥ୍


ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ବର୍ମିଂହାମ୍ ଗସ୍ତ ସମୟରେ ସାକ୍ଷାତ


ଉତ୍ତର ପ୍ରଦେଶର କାଶୀରେ ହାତୀ ଉପରେ ମହାରାଣୀ


ତାଜମହଲ ସମ୍ମୁଖରେ ଏଲିଜାବେଥ୍




ସୃଜନ ପକ୍ଷରୁ ଭୁବନେଶ୍ୱର ରବୀନ୍ଦ୍ର ମଣ୍ଡପରେ ଚାଲିଥିବା ୨୮ତମ ଓଏମ୍‌ସି ଗୁରୁ କେଳୁଚରଣ ମହାପାତ୍ର ପୁରସ୍କାର ଉତ୍ସବର ଗୁରୁବାର ଚତୁର୍ଥ ସନ୍ଧ୍ୟାରେ କର୍ନାଟକ ଗାୟକ ବିଦ୍ୱାନ ସିକ୍କିଲ ଗୁରୁଚରଣ ସଙ୍ଗୀତ ପରିବେଷଣ କରୁଛନ୍ତି। ପଶ୍ଚିମବଙ୍ଗର ନୃତ୍ୟଶିଳ୍ପୀ ବିଦୁଷୀ ପରମିତା ମିତ୍ର ଓ ସାଥୀମାନେ କଥକ ନୃତ୍ୟ ପରିବେଷଣ କରୁଛନ୍ତି।

## ଆଜି କ'ଣ କେଉଁଠି

**ଭୁବନେଶ୍ୱର**

- ରାଜ୍ୟପାଳଙ୍କୁ ଭେଟିବ ଓଡ଼ିଶା ପ୍ରଦେଶ କଂଗ୍ରେସର କିଶାନ ମୋର୍ଚ୍ଚା, ରାଜ ଭବନ, ପୂର୍ବାହ୍ନ ୧୧ଟା ୪୫।
- ଉତ୍କଳ ସମ୍ମିଳନୀ ପକ୍ଷରୁ ପୂର୍ବତନ ସଭାପତି ଗୁରୁ ପ୍ରସାଦ ମହାନ୍ତିଙ୍କ ବିୟୋଗରେ ଶୋକସଭା କାର୍ଯ୍ୟକ୍ରମ, ଉତ୍କଳ ସମ୍ମିଳନୀ କେନ୍ଦ୍ରୀୟ କାର୍ଯ୍ୟାଳୟ, ଅଶୋକ ନଗର, ଅପରାହ୍ନ ୪ଟା ୩୦।
- ସଂଭାବନା ପକ୍ଷରୁ 'ଦେଖାହେଲେ ରହିବି' ପୁସ୍ତକ ଉନ୍ମୋଚନ, ହୋଟେଲ ଓ' କରିମ୍, ସନ୍ଧ୍ୟା ୬ଟା ୧୫।
- ଗୁରୁ କେଳୁଚରଣ ମହାପାତ୍ରଙ୍କ ସମ୍ମାନ ଉତ୍ସବ, ରବୀନ୍ଦ୍ର ମଣ୍ଡପ, ସନ୍ଧ୍ୟା ୭ଟା।

**କଟକ**

- ଓଡ଼ିଶା ହାଇକୋର୍ଟ ପକ୍ଷରୁ ୱାନ୍ ଇୟର୍ ଅଫ୍ ରେକର୍ଡ ରୁମ୍ ଡିଜିଟାଇଜେଶନ୍ ସେଣ୍ଟର ସମାରୋହ, ଓଡ଼ିଶା ଜୁଡିସିଆଲ ଏକାଡେମୀ ସମ୍ମିଳନୀ କକ୍ଷ, ଅପରାହ୍ନ ୫ଟା।

## ୧୦ରେ ଅଭିଭାବକ-ଶିକ୍ଷକ ବୈଠକ

**ଭୁବନେଶ୍ୱର,୮।୯(ବ୍ୟୁରୋ):** ଉଚ୍ଚ ବିଦ୍ୟାଳୟ ରୂପାନ୍ତରଣ ସମ୍ପର୍କରେ ସୂଚନା ଦେବା ପାଇଁ ନବମ ଓ ଦଶମ ଶ୍ରେଣୀ ଛାତ୍ରୀଛାତ୍ରଙ୍କ ଅଭିଭାବକ ଏବଂ ଶିକ୍ଷକଙ୍କୁ ନେଇ ଆସନ୍ତା ୧୦ ତାରିଖରେ ବୈଠକ ଅନୁଷ୍ଠିତ ହେବ। ଏଥିସହ ରାଜ୍ୟର ସମସ୍ତ ସରକାରୀ ଏବଂ ସରକାରୀ ଅନୁଦାନପ୍ରାପ୍ତ ଉଚ୍ଚ ବିଦ୍ୟାଳୟରେ ବୈଠକ ବସି ବିଦ୍ୟାଳୟ ରୂପାନ୍ତରଣ ଉପରେ ଆଲୋଚନା କରାଯିବ। ଶିକ୍ଷକମାନେ ଅଭିଭାବକଙ୍କୁ ହ୍ୟାଣ୍ଡବୁକ୍ ପ୍ରଦାନ କରିବା ସହ ସେମାନଙ୍କଠାରୁ ମତାମତ ସଂଗ୍ରହ କରିବେ।

# ମନ ଜିଣିଲା କର୍ନାଟକୀ କଣ୍ଠ ସଙ୍ଗୀତ, କଥକ ନୃତ୍ୟ

## ୨୮ତମ ଓଏମ୍‌ସି ଗୁରୁ କେଳୁଚରଣ ମହାପାତ୍ର ପୁରସ୍କାର ଉତ୍ସବର ଚତୁର୍ଥ ସନ୍ଧ୍ୟା

ଭୁବନେଶ୍ୱର,୮।୯(ବ୍ୟୁରୋ)

କର୍ନାଟକୀ କଣ୍ଠ ସଙ୍ଗୀତରେ ଗୁରୁ ବନ୍ଦନାରୁ ଆରମ୍ଭ ହୋଇଥିଲା ୨୮ତମ ଓଏମ୍‌ସି ଗୁରୁ କେଳୁଚରଣ ମହାପାତ୍ର ପୁରସ୍କାର ଉତ୍ସବର ଚତୁର୍ଥ ସନ୍ଧ୍ୟା। ଗାୟକ ବିଦ୍ୱାନ ସିକ୍କିଲ ଗୁରୁଚରଣଙ୍କ କଣ୍ଠରୁ ଗୁଞ୍ଜରିତ 'ଗୁରୁ ବ୍ରହ୍ମା ଗୁରୁ ବିଷ୍ଣୁ ଗୁରୁଦେବ ମହେଶ୍ୱର...' ରବୀନ୍ଦ୍ର ମଣ୍ଡପରେ ଉପସ୍ଥିତ ଦର୍ଶକ, ଅତିଥିଙ୍କ ମନରେ ଗୁରୁଭକ୍ତି ଭାବ ସୃଷ୍ଟି କରିଥିଲା। ପରେ ତାଙ୍କର ଏକାଧିକ ପରିବେଷଣ କର୍ନାଟକୀ କଣ୍ଠସଙ୍ଗୀତ ପରିସରର ଜଟିଳତାକୁ ଗଭୀର ଭାବରେ ହୃଦୟଙ୍ଗମ କରିବାକୁ ଦର୍ଶକଙ୍କୁ ଅନୁମତି ଦେଇଥିଲା। ଆକର୍ଷଣୀୟ ଉପସ୍ଥାପନା ସହ ଭାବାବେଗ, ଶୁଦ୍ଧ ଉଚ୍ଚାରଣ ଓ ଗାମ୍ଭିର୍ଯ୍ୟ ଏବଂ ଚିତାକର୍ଷକ ସ୍ୱରରେ ସେ ଦୀର୍ଘ ସମୟଧରି ଦର୍ଶକଙ୍କୁ ଆହ୍ଲାଦିତ କରିଥିଲେ। ବେହେଲାରେ ଭି ସଞ୍ଜୀବ ଏବଂ ମୃଦଙ୍ଗମ୍‌ରେ ଏନ୍‌ସି ଭରଦ୍ୱାଜ ସହଯୋଗ କରିଥିଲେ।

ଏହାପରେ ପଶ୍ଚିମବଙ୍ଗରୁ ଆସିଥିବା ବିଦୁଷୀ ପରମିତା ମିତ୍ର ଏବଂ ତାଙ୍କ ଅନୁଷ୍ଠାନ ନୃତ୍ୟାଙ୍ଗନ୍ କଥକ କେନ୍ଦ୍ରର ଶିଳ୍ପୀମାନେ କଥକ ନୃତ୍ୟ ପରିବେଷଣ କରିଥିଲେ। ପ୍ରଥମେ ଅଭିନୟରେ ଶ୍ରୀମନ୍ଦିରାୟଣ, ଯାହା ତିନି ଆଖି ଭଗବାନ ଶିବ କିମ୍ବା ରୁଦ୍ରଙ୍କୁ ସମ୍ବୋଧିତ କରିଥିଲା। ବ୍ୟକ୍ତିର ଭାବପ୍ରବଣ ତଥା ଶାରୀରିକ ସୁସ୍ଥତା ପାଇଁ ଜୀବନ ପ୍ରଦାନ କରୁଥିବା ଅମୃତଭଣ୍ଡାର ପ୍ରତୀକ ଏବଂ ଦୀର୍ଘାୟୁ ହେବାର କାରଣ ଏହି ମନ୍ତ୍ର କଥକ ନୃତ୍ୟରେ ଏକ ପ୍ରମୁଖ ଭୂମିକା ଗ୍ରହଣ କରିଥିଲା। ଶ୍ରୀମନ୍ଦିରାୟଣଙ୍କୁ ସ୍ୱର୍ଗତ ଦେବାଶିଷ ସାର୍କ ଗାଇଥିଲେ। ବିଶ୍ୱଜିତ ପାଲ ତବଲା ଓ ସୀତାରରେ ଚନ୍ଦ୍ରଚୁର ଭଟ୍ଟାଚାର୍ଯ୍ୟ ସହଯୋଗ କରିଥିଲେ। ପରମିତା ମିତ୍ରଙ୍କ ସହ ଶ୍ରୀତମା ବାନାର୍ଜୀ, ରେଶମୀ ମିତ୍ର, ନିଲୋପା ମିତ୍ର, ସତବଡି ମାଜି, ସୁଜନ୍ତ ଘୋଷ, ଶୁଭ୍ରଦୀପ ଖାଁ, ବିଶାଲ ଦା ଏବଂ ନୀଲମ ରାଜ ରୟ ପ୍ରମୁଖ ଅଭିନୟ କରିଥିଲେ। ପରବର୍ତ୍ତୀ ଉପସ୍ଥାପନା ଥିଲା ଧାମର, ଯାହା ୧୪ଟି ମାତ୍ରା ଚକ୍ରରେ କଥକ ନୃତ୍ୟର ଅଭିନ୍ନ ଦିଗଗୁଡିକୁ ପ୍ରଦର୍ଶନ କରୁଥିଲା। ଅନ୍ତିମ ଉପସ୍ଥାପନା ଥିଲା ବାଦ୍ୟଚିତ୍ରା, ଯାହା ଏକ ମ୍ୟୁଜିକାଲ୍ ଡ୍ରମ୍ ଦ୍ୱାରା ଅଙ୍କିତ ଘୁଙ୍ଗୁର ଚିତ୍ରକୁ ଚିତ୍ରଣ କରିଥିଲା। ବାଦ୍ୟଚିତ୍ରା ୪ଟି ବାଦ୍ୟଯନ୍ତ୍ର ଯଥା ପଖୋଜ, ଖୋଳ, ତବଲା ଏବଂ ଢୋଲକୁ ସୁନ୍ଦର ଭାବରେ କଥକ ନୃତ୍ୟ ମାଧ୍ୟମରେ ଉପସ୍ଥାପିତ କରିଥିଲେ ଶିଳ୍ପୀମାନେ। କର୍ନାଟକୀ ସଙ୍ଗୀତ ସହ କଥକ ନୃତ୍ୟ ଦର୍ଶକଙ୍କ ମନଜିଣିଥିଲା। କାର୍ଯ୍ୟକ୍ରମରେ ଅତିଥି ଭାବେ ଶିକ୍ଷାବିତ୍ ତଥା ସମାଜ ସେବିକା ପ୍ରୀତିରାୟ ଚାନ୍ଦ, ଓଡ଼ିଶୀ ସଙ୍ଗୀତଜ୍ଞ ଡ. ରାମହରି ଦାସ, କଳା ସମୀକ୍ଷିକା ତପତୀ ଚୌଧୁରୀ ଓ ଲେଖକ ତଥା କଳା ସମୀକ୍ଷକ କେଦାର ମିଶ୍ର ଉପସ୍ଥିତ ଥିଲେ। ସୃଜନ ପକ୍ଷରୁ ଚାଲିଥିବା ଏହି ପୁରସ୍କାର ଉତ୍ସବର ସିଧା ପ୍ରସାରଣ ଅନୁଷ୍ଠାନର ଫେସବୁକ୍ ପେଜ୍ ଏବଂ ୟୁଟ୍ୟୁବ୍ ଚ୍ୟାନେଲରେ କରାଯାଉଛି। ସୃଜନ ନିର୍ଦ୍ଦେଶକ ଗୁରୁ ରତିକାନ୍ତ ମହାପାତ୍ର ଉତ୍ସବର ପରିକଳ୍ପନା କରିଥିବାବେଳେ ଏହାକୁ କାର୍ଯ୍ୟକାରୀ କରିଛନ୍ତି ଦେବୀପ୍ରସାଦ ମିଶ୍ର। କାର୍ଯ୍ୟକ୍ରମକୁ ଡ. ମୃତ୍ୟୁଞ୍ଜୟ ରଥ ଓ ଅନୁଜା ତାରିଣୀ ମିଶ୍ର ପରିଚାଳନା କରିଥିଲେ। 'ଧରିତ୍ରୀ' ଏବଂ 'ଓଡ଼ିଶା ପୋଷ୍ଟ' ଏହାର ମିଡିଆ ପାର୍ଟନର ରହିଛନ୍ତି।




କାର୍ଯ୍ୟକ୍ରମକୁ ଅତିଥିମାନେ ଉଦ୍‌ଘାଟନ କରୁଛନ୍ତି।

## ସେଲ୍ଫି କର୍ନର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି

metroselfie@gmail.com



@ ସୋନୁ



@ ଜ୍ୟୋତି



@ ବିକୁ



@ ରାଜେଶ

# 'ଡାକ୍ତର ହୋଇ ଓଡ଼ିଶାବାସୀଙ୍କ ସେବା କରିବା ଲକ୍ଷ୍ୟ'

## ସମୟ ନୁହେଁ, କେତେ ପାଠ ଗ୍ରହଣ କଲ ତାହା ଗୁରୁତ୍ୱପୂର୍ଣ୍ଣ

*ଡାକ୍ତରୀ ପାଠ୍ୟକ୍ରମରେ ନାମଲେଖା ପାଇଁ ନ୍ୟାଶନାଲ ଟେଷ୍ଟିଂ ଏଜେନ୍ସି(ଏନ୍‌ଟିଏ) ଦ୍ୱାରା ପରିଚାଳିତ ଏନ୍‌ଇଇଟି ୟୁଜି-୨୦୨୨ ପ୍ରବେଶିକା ପରୀକ୍ଷା ଫଳ ପ୍ରକାଶ ପାଇଛି। ସାଇ ଇଣ୍ଟରନ୍ୟାଶନାଲ ସ୍କୁଲ୍‌ର ଛାତ୍ର ପ୍ରିୟ ସୋମଦତ୍ତ ନାୟକ ସର୍ବଭାରତୀୟ ସ୍ତରରେ ୩୯ତମ ର୍‍ୟାଙ୍କ ସହ ରାଜ୍ୟ ଟପ୍ପର ହୋଇଛନ୍ତି। ତାଙ୍କର ଏହି ସଫଳତାରେ ନିଜ ସ୍କୁଲ୍ ସହ କୋଚିଂ ନେଉଥିବା ଆକାଶ ଇନ୍‌ଷ୍ଟିଚ୍ୟୁଟ୍, ଯାଜପୁର ବିଞ୍ଝାରପୁରସ୍ଥିତ ତାଙ୍କ ଗାଁ ସବୁଠି ଉତ୍ସବର ପରିବେଶ ସୃଷ୍ଟି ହୋଇଛି। ଏହି ଅବସରରେ ପ୍ରିୟ ସୋମଦତ୍ତଙ୍କ ସହ 'ଧରିତ୍ରୀ'ର କେଇପଦ ଅନ୍ତରଙ୍ଗ କଥା।*



ପ୍ରିୟ ସୋମଦତ୍ତ ନାୟକ
ଏନ୍‌ଇଇଟି ରାଜ୍ୟ ଟପ୍ପର

**●ଫଳାଫଳ ଶୁଣିବା ପରେ ଅନୁଭବ କ'ଣ ଥିଲା?**

ଏନ୍‌ଟିଏସ୍‌ଇ ଷ୍ଟେଜ୍-୨ ଏବଂ କେଜିପିୱାଇରେ ଯୋଗ୍ୟତା ଅର୍ଜନ କରିବା ପରେ ଏନ୍‌ଇଇଟିରେ ରାଜ୍ୟ ଟପ୍ପର ହୋଇଥିବାରୁ ମୁଁ ବହୁତ ଖୁସି। ତେବେ ଦେଶରେ ଶ୍ରେଷ୍ଠ ୫୦ଜଣଙ୍କ ମଧ୍ୟରେ ସ୍ଥାନ ପାଇଥିବାରୁ ସବୁଠାରୁ ବେଶି ଖୁସି ଲାଗୁଛି।

**● ପାଠପଢ଼ା, ପରୀକ୍ଷା ପ୍ରସ୍ତୁତି କେମିତି ଥିଲା?**

ମୁଁ ଡେରି ରାତିରେ ଯାଏ ପଢ଼ିବାକୁ ପସନ୍ଦ କରେ ନାହିଁ। ରାତି ୯ଟାରେ ଶୋଇପଡେ ଓ ସକାଳ ୫ଟାରେ ଉଠେ। ତଥାପି ମୁଁ ପ୍ରତିଦିନ ପାଖାପାଖି ୮-୯ ଘଣ୍ଟା ଅଧ୍ୟୟନ କରୁଥିଲି। ବିଶେଷକରି ଏନ୍‌ସିଇଆରଟି ପାଠ୍ୟକ୍ରମ ପାଇଁ ବେଶି ସମୟ ଦେଉଥିଲି। ଦିନକୁ ଅଧିକ ସମୟ ପାଠ ପଢ଼ିଲେ ଯେ ସବୁ ହାସଲ କରିହେବ, ତାହା ମୁଁ ବିଶ୍ୱାସ କରେ ନାହିଁ। ଦିନକୁ କେତେଟା ଚାପ୍ଟର ଶେଷ କରିବି ତାହା ମୋର ଟାର୍ଗେଟ ଥାଏ। ତେବେ ଗୋଟେ ଚାପ୍ଟରକୁ ମୁଁ ଅତି କମ୍‌ରେ ୪ଥର ପଢ଼ିଥାଏ। ଫିଜିକ୍ସ ଓ କେମିଷ୍ଟ୍ରି ପାଇଁ ବ୍ୟସ୍ତ ଲାଗୁଥିଲା। ତେଣୁ ଏହି ଦୁଇ ବିଷୟ ପ୍ରତି ଅଧିକ ଧ୍ୟାନ ଦେଉଥିଲି। ପରୀକ୍ଷା ପୂର୍ବରୁ ମକ୍ ଟେଷ୍ଟ ବହୁତ ଦେଇଥିଲି। ଶୋଇବା ପୂର୍ବରୁ ଯେପରି ମନରେ କିଛି ଡାଉଟ୍ ନ ରହିବ ସେଥିପ୍ରତି ମୁଁ ନିଶ୍ଚିତ ହେଉଥିଲି। ଯଦି କିଛି ସନ୍ଦେହ ରହୁଥିଲା, ତେବେ ଶୋଇବା ପୂର୍ବରୁ ତାକୁ ସଙ୍ଗେ ସଙ୍ଗେ ସମାଧାନ କରିଦେଉଥିଲି।

**●ସଫଳତାର ଶ୍ରେୟ କାହାକୁ ଦେବେ?**

କରୋନା ସମୟରେ ସ୍କୁଲ ବନ୍ଦ ମୋତେ ଏକ ସୁଯୋଗ ଆଣିଦେଇଥିଲା। ମୁଁ ଏନ୍‌ଇଇଟି ପରୀକ୍ଷା ପାଇଁ ଭଲ ଭାବେ ପ୍ରସ୍ତୁତ ହୋଇପାରିଥିଲି। ଏହାସହ ସାଇ ଇଣ୍ଟରନ୍ୟାଶନାଲ ସ୍କୁଲର ଶିକ୍ଷକଙ୍କ ସହଯୋଗ, ମାତାପିତାଙ୍କ ପ୍ରେରଣା ଏବଂ ଆକାଶ ଇନଷ୍ଟିଚ୍ୟୁଟ୍‌ର କୋଚିଂ ମୋତେ ମୋର ସଫଳତା ପାଇଁ ବିଶେଷ ସହାୟକ ହୋଇଥିଲା।

**●ସ୍କୁଲ ପାଠପଢ଼ା ସହ ପ୍ରବେଶିକା ପରୀକ୍ଷା ପ୍ରସ୍ତୁତି। ଚାପମୁକ୍ତ ପାଇଁ କ'ଣ କରନ୍ତି?**

ସାଙ୍ଗମାନଙ୍କ ସହିତ ଫୋନ୍‌ରେ ଗପେ। ନଚେତ ପରିବାର ଲୋକଙ୍କ ସହ ସମୟ ବାଣ୍ଟେ। ଏମାନେ ସବୁବେଳେ ମୋତେ ଇମୋଶନାଲି ସପୋର୍ଟ କରନ୍ତି, ଯେଉଁଥିପାଇଁ ମୋର ପାଠପଢ଼ା ଚାପ ଦୂର ହୋଇଯାଏ।

**●ସଫଳତାର ସୂତ୍ର କ'ଣ?**

ଦୃଢ଼ ଆତ୍ମବିଶ୍ୱାସ, ଭଗବାନଙ୍କ ଉପରେ ଭରସା, ହାର୍ଡ଼ ୱାର୍କ ସହ ସ୍ମାର୍ଟ ୱାର୍କ ମୋର ସଫଳତାର ସୂତ୍ର।

**● ପାଠପଢ଼ା ବ୍ୟତୀତ ଆଉ କ'ଣ କରିବାକୁ ଭଲଲାଗେ ?**

କ୍ରିକେଟ୍ ଖେଳିବାକୁ ଭଲ ଲାଗେ।

**●ଭବିଷ୍ୟତ ଲକ୍ଷ୍ୟ ବା ଯୋଜନା ସମ୍ପର୍କରେ କ'ଣ କହିବେ?**

ମୋର ମାତାପିତାଙ୍କ ଇଚ୍ଛା ମୁଁ ଜଣେ ଡାକ୍ତର ହୋଇ ଜନସେବା କରିବି। ତେଣୁ ଭବିଷ୍ୟତରେ ଜଣେ ଡାକ୍ତର ହେବାର ସ୍ୱପ୍ନକୁ ଏନ୍‌ଇଇଟିର ଏହି ଫଳାଫଳ ନିଶ୍ଚିତ କରାଇଛି। ମେଡ଼ିସିନ୍ ଓ ସ୍ନାୟୁବିଜ୍ଞାନ କ୍ଷେତ୍ରରେ କ୍ୟାରିଅର କରିବାକୁ ଚାହୁଁଛି। ମୁଁ ଦିଲ୍ଲୀ ଏମ୍ସରେ ପଢ଼ିବାକୁ ଲକ୍ଷ୍ୟ ରହିଛି। କିନ୍ତୁ ଓଡ଼ିଶାରେ ପ୍ରାକ୍ଟିସ କରିବି, ଓଡ଼ିଶାବାସୀଙ୍କ ସେବା କରିବାକୁ ଇଚ୍ଛା ରଖିଛି।

**-ସାକ୍ଷାତ୍‌କାର- ଅସମାପିକା ସାହୁ**

# ଜବାବ ଦାଖଲ ପାଇଁ ଅଧିକ ସମୟ ନେଲେ ସରକାର

## ବଗଲା ଧର୍ମଶାଳା ଜମି ବିବାଦ ମାମଲା

କଟକ ଅଫିସ/ପୁରୀ ଅଫିସ,୮।୯

ପୁରୀ ବଡ଼ଦାଣ୍ଡରେ ଥିବା ବଗଲା ଧର୍ମଶାଳା ଜମି ବିବାଦ ମାମଲାରେ ଗୁରୁବାର ହାଇକୋର୍ଟ ଅନ୍ତରୀଣ ନିର୍ଦ୍ଦେଶକୁ ବଳବତ୍ତର ରଖିଛନ୍ତି। ଏଥିସହ ଜବାବ ଦାଖଲ କରି ନ ଥିବା ପ୍ରତିପକ୍ଷଙ୍କୁ ୮ ସପ୍ତାହ ଭିତରେ ଜବାବ ଦାଖଲ କରିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ଏହି ମାମଲାରେ ଜବାବ ଦାଖଲ ଲାଗି ରାଜ୍ୟ ସରକାର ଅଧିକ ସମୟ ନେଇଛନ୍ତି। ମୁଖ୍ୟ ବିଚାରପତି ଡ. ଏସ୍. ମୁରଲୀଧର ଓ ବିଚାରପତି ଚିତ୍ତରଞ୍ଜନ ଦାଶଙ୍କୁ ନେଇ ଗଠିତ ଖଣ୍ଡପୀଠ ଏଥିପାଇଁ ଅନୁମତି ଦେଇଛନ୍ତି। ମାମଲାର ପରବର୍ତ୍ତୀ ଶୁଣାଣି ନଭେମ୍ବର ୩୦କୁ ଧାର୍ଯ୍ୟ ହୋଇଛି।

ସୂଚନାଯୋଗ୍ୟ, ବଗଲା ଧର୍ମଶାଳାକୁ ହୋଟେଲ୍ ଓ ଲଜ୍ ଉଦ୍ଦେଶ୍ୟରେ ଦିଆଯିବା ଘଟଣାକୁ ଦୃଢ଼ ବିରୋଧ କରି ହାଇକୋର୍ଟରେ ଏକାଧିକ ଆବେଦନ ହୋଇଛି। ଆବେଦନରେ ଦର୍ଶାଯାଇଛି ଯେ, ଶ୍ରୀମନ୍ଦିର ସଂସ୍କାର ମାମଲାରେ ସର୍ବୋଚ୍ଚ ଅଦାଲତ ପୁରୀରେ ୬୦ହଜାର ଭକ୍ତଙ୍କ ରହିବା ପାଇଁ ବନ୍ଦୋବସ୍ତ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ରାଜ୍ୟ ସରକାର ଏହା ନ କରି ପରିକ୍ରମା ପ୍ରକଳ୍ପରେ ଜାଗା ହରାଇଥିବା ପରିବାରଙ୍କୁ ସେଠାରେ ଜାଗା ଦେଇଥିଲେ। ସେମାନେ ସେଠାରେ ହୋଟେଲ୍ ଓ ଲଜ୍ କରିବାକୁ ମସୁଧା ଚଳାଇଛନ୍ତି। ବଗଲା ବିବାଦ ମାମଲାରେ ମୁଖ୍ୟ ଶାସନ ସଚିବ ଏବଂ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ପ୍ରମୁଖଙ୍କୁ ପକ୍ଷଭୁକ୍ତ କରାଯାଇଛି। ପୂର୍ବରୁ ଦୁଇଟି ଶୁଣାଣିରେ ରାଜ୍ୟ ସରକାର, ପୁରୀ ପୌରସଂସ୍ଥା, ଓଡ଼ିଶା ସେତୁ ନିର୍ମାଣ ନିଗମ (ଓବିସିସି) ଏବଂ ପୁରୀ-କୋଣାର୍କ ଉନ୍ନୟନ କର୍ତ୍ତୃପକ୍ଷ (ପିକେଡିଏ)ଙ୍କୁ ସତ୍ୟପାଠ ଦାଖଲ ଲାଗି କୋର୍ଟ ନିର୍ଦ୍ଦେଶ ଦେଇଥିଲେ। ମାତ୍ର ସେମାନେ ସତ୍ୟପାଠ ଦାଖଲ କରିପାରି ନ ଥିଲେ। ତେଣୁ ସେମାନେ ଏଥିଲାଗି ଅଧିକ ସମୟ ମାଗିଛନ୍ତି। ସେହିପରି ଗୁରୁବାର ଶୁଣାଣି ସମୟରେ ଆବେଦନକାରୀ ଜଗନ୍ନାଥ ବସ୍ତିଆଙ୍କ ପକ୍ଷରୁ ଦର୍ଶାଯାଇଥିଲା ଯେ, ସଂଶୋଧନ ଆବେଦନ ଉପରେ ଜବାବ ରଖିବାକୁ ସରକାରଙ୍କୁ ମେ' ୨ରେ ହାଇକୋର୍ଟ ନିର୍ଦ୍ଦେଶ ଦେଇଥିଲେ। ଏଥିଲାଗି ସରକାର ଜୁନ ୨୨ରେ ୪ ସପ୍ତାହ ସମୟ ନେଇଥିଲେ। ମାତ୍ର ଜବାବ ଦାଖଲ କରିପାରି ନ ଥିଲେ।




ଆଜୀବନ ସଜା କାଟୁଥିବା ବିଲ୍‌କିସ୍ ବାନୋଙ୍କ ବଳାତ୍କାରୀଙ୍କୁ ଗୁଜରାଟ ସରକାରଙ୍କ ଅନୁକମ୍ପାମୂଳକ ଖଲାସ ପ୍ରତ୍ୟାହାର ଦାବିରେ ରାଷ୍ଟ୍ରୀୟ ଯୁବା ସଂଗଠନ ପକ୍ଷରୁ ଭୁବନେଶ୍ୱର ମାଷ୍ଟରକ୍ୟାଣ୍ଟିନ ଛକରେ ଗୁରୁବାର ଅନୁଷ୍ଠିତ 'ଯୁବ ଛାତ୍ର ପ୍ରତିବାଦ' କାର୍ଯ୍ୟକ୍ରମ।




କଟକ ସାରଳା ଭବନରେ ଚାଲିଥିବା ୨୮ତମ ଇଣ୍ଡିଆ ଥିଏଟର ଅଲିମ୍ପିଆଡର ଗୁରୁବାର ଉଦ୍‌ଯାପନୀ ସନ୍ଧ୍ୟାରେ ଆସାମର ନଟରାଜ କଳାକେନ୍ଦ୍ର ପକ୍ଷରୁ ମଞ୍ଚସ୍ଥ ନାଟକ 'ରାମ ବିଜୟ'ର ଏକ ଦୃଶ୍ୟ।

## ସଂକ୍ଷେପରେ

### ୧୪ରୁ ଯୁବ ଉତ୍କର୍ଷ କାର୍ଯ୍ୟକ୍ରମ

ଭୁବନେଶ୍ୱର,୮।୯(ବ୍ୟୁରୋ) - ଅଖିଳ ବିଶ୍ୱ ଗାୟତ୍ରୀ ପରିବାର, ଗାୟତ୍ରୀ ତୀର୍ଥ ଶାନ୍ତିକୁଞ୍ଜ ହରିଦ୍ୱାର ପକ୍ଷରୁ 'ପ୍ରାନ୍ତୀୟ ଯୁବା ଉତ୍କର୍ଷ ଓଡ଼ିଶା -୨୦୨୨' ଆସନ୍ତା ୧୪ ତାରିଖରୁ ଭୁବନେଶ୍ୱର ନନ୍ଦନକାନନ ରୋଡ୍‌ର ରଘୁନାଥପୁରସ୍ଥିତ ଡ୍ରିମ୍ ସିଟି ରିସର୍ଟସଠାରେ ଆରମ୍ଭ ହେବ। ଏଥିରେ ମନୋଚିକିତ୍ସକ ତଥା ଦେବ ସଂସ୍କୃତି ବିଶ୍ୱବିଦ୍ୟାଳୟ ହରିଦ୍ୱାରର ପ୍ରୋ-ଭାଇସ୍‌ଚାନ୍‌ସେଲର ଡା. ଚିନ୍ମୟ ପଣ୍ଡ୍ୟାଜି ରାଜ୍ୟର ଦୁଇ ହଜାର ଯୁବକଙ୍କୁ ଦେଶପ୍ରେମରେ ଉଦ୍‌ବୁଦ୍ଧ କରାଇବେ। ଏଥିସହ ଜୀବନଯାପନର କଳ, ମନୁଷ୍ୟ ଜୀବନର ଗରିବା ଆଦି ବିଷୟରେ ମାର୍ଗ ଦର୍ଶନ ଦେବେ। ଏହା ୩ଦିନ ଧରି ଚାଲିବ।ଏହି ପରିପ୍ରେକ୍ଷୀରେ ପ୍ରାନ୍ତୀୟ ଯୁବା ପ୍ରକୋଷ୍ଠ ଯୁଗଶକ୍ତି ଗାୟତ୍ରୀ ଭବନ ଭୁବନେଶ୍ୱରର ସଂଯୋଜକ ସନ୍ତୋଷ କୁମାର ଜେନାଙ୍କ ତତ୍ତ୍ୱାବଧାନରେ ୟୁନିଟ୍-୯ସ୍ଥିତ ଗାୟତ୍ରୀ ଶକ୍ତିପୀଠ ସଭାଗୃହରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା। ରାଷ୍ଟ୍ରୀୟ ଯୁବ ପ୍ରକୋଷ୍ଠ ଦାୟିତ୍ୱରେ ଥିବା ଆଶିଷ ସିଂ ମାର୍ଗଦର୍ଶନ ପ୍ରଦାନ କରିବା ସହ କାର୍ଯ୍ୟକ୍ରମ ପାଇଁ ଗଠିତ ୨୪ଟି ସବ୍‌କମିଟିର କାର୍ଯ୍ୟଧାରା ବିଷୟରେ ଆଲୋଚନା କରିଥିଲେ। ଗାୟତ୍ରୀ ଭବନର ଉପେନ୍ଦ୍ର ପାତ୍ର, ଉର୍ମିଳା ମିଶ୍ର, ୟୁନିଟ୍-୯ ଶକ୍ତିପୀଠର ବ୍ୟବସ୍ଥାପକ ମାୟାଧର ବେହେରା, ଚନ୍ଦ୍ରଶେଖର ବେହେରା, ରଜନୀ ରାଣୀ ରାଜହଂସ, ପାଣ୍ଡରା ପ୍ରଜ୍ଞାପୀଠରେ ହୃଦାନନ୍ଦ ସାହୁ, ପ୍ରଦୀପ ଜେନା, କୋରାପୁଟ ସବ୍‌ଜୋନ୍‌ର ବାଲ୍ମିକୀ ପ୍ରଧାନ, ଭୁବନେଶ୍ୱର ଜୋନ୍‌ର ବଳରାମ ଗୌତମ, କୃପାସିନ୍ଧୁ ଷଡ଼ଙ୍ଗୀ, ପ୍ରାନ୍ତୀୟ ଯୁବ ପ୍ରକୋଷ୍ଠର ସଦସ୍ୟ ଜ୍ୟୋତିରଞ୍ଜନ ଦାଶ, ପ୍ରକାଶ ଚନ୍ଦ୍ର ବାରିକ, ଗାୟତ୍ରୀ ସାହୁ ପ୍ରମୁଖ ଉପସ୍ଥିତ ରହି ଗୋଷ୍ଠୀ ପରିଚାଳନାରେ ଭାଗ ନେଇଥିଲେ।

### ମାଗଣା ସ୍ୱାସ୍ଥ୍ୟସେବା ଶିବିର

ବାଲିପାଟଣା,୮।୯(ଡି.ଏନ୍.ଏ.): ରୋଟାରୀ କ୍ଲବ (କନ୍‌ଫ୍ଲୁଏନ୍ସ) ଆନୁକୂଲ୍ୟରେ ପମ୍ପାଲୋ ପଞ୍ଚାୟତ ଅନ୍ତର୍ଗତ କୁଳନ୍ତିରାଶାସନଠାରେ ମାଗଣା ସ୍ୱାସ୍ଥ୍ୟସେବା ଶିବିର ଅନୁଷ୍ଠିତ ହୋଇଯାଇଛି। ଶିବିରକୁ କ୍ଲବ ସଭାପତି ଡା. ସୌଭିକ ସିଂହ ଉଦ୍‌ଘାଟନ କରିଥିଲେ। ଶିବିରରେ କୁଳନ୍ତିରା ଓ ବାଗିଲୋ ଗ୍ରାମର ବହୁ ରୋଗୀଙ୍କ ଡା. ଲଳିତ ବେହେରା, ଡା. ଅଶୋକ ସାମଲ ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ। ରୋଟାରିଆନ୍ ରବୀନ୍ଦ୍ର ନାଥ ସାହୁ, ସ୍ଥାନୀୟ ସ୍ୱେଚ୍ଛାସେବୀ ବିଜୟଲକ୍ଷ୍ମୀ ବେହେରା, ବିଦ୍ୟାଭୂଷଣ ଭୋଳଙ୍କ ସମେତ ଗ୍ରାମବାସୀ ଶିବିର ପରିଚାଳନାରେ ସହଯୋଗ କରିଥିଲେ।

### ଧର୍ମପ୍ରାଣା ମହିଳାଙ୍କ ପରଲୋକ

ଭୁବନେଶ୍ୱର,୮।୯(ବ୍ୟୁରୋ)-ଭୁବନେଶ୍ୱର କେଦାରଗୌରୀ ବିହାରର ଧର୍ମପ୍ରାଣା ମହିଳା ଶରତ କୁମାରୀ ମହାନ୍ତି(୮୦)ଙ୍କର ଗୁରୁବାର ସକାଳେ ଏକ ଘରୋଇ ହସ୍‌ପିଟାଲରେ ପରଲୋକ ଘଟିଛି।



ସେ କିଛି ଦିନ ଧରି ବିଭିନ୍ନ ରୋଗରେ ପୀଡିତ ଥିଲେ। ମୃତ୍ୟୁ ଖବର ଜଣାପଡିବା ପରେ କେଦାରଗୌରୀ ବିହାର ସୁରକ୍ଷା ପରିଷଦ ସଭାପତି ଶରତ ମହାନ୍ତି, ପୂର୍ଣ୍ଣଚନ୍ଦ୍ର ରାଉତ ଓ ପର୍ଶୁରାମ ଦାସ ପ୍ରମୁଖ ତାଙ୍କ ମରଶରୀରରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ମୃତ୍ୟୁ ଶଯ୍ୟା ନିକଟରେ ଅନ୍ୟମାନଙ୍କ ମଧ୍ୟରେ ପୁତୁରା ଅବସରପ୍ରାପ୍ତ ମୁଖ୍ୟଯନ୍ତ୍ରୀ ବିଶ୍ୱଜିତ ମହାନ୍ତି, ଓପିଏସ୍‌ସି ଅଧକ୍ଷ ଡ. ସତ୍ୟଜିତ ମହାନ୍ତି, ପ୍ରଦୀପ୍ତ କିଶୋର ମହାନ୍ତି, ଜ୍ୱାଇଁ ସାମ୍ବାଦିକ ଅରୁଣ ପ୍ରସାଦ କାନୁନ୍‌ଗୋ, କୈଳାସ ମିଶ୍ର, ପ୍ରସନ୍ନ କୁମାର ମହାନ୍ତି, ପ୍ରଶାନ୍ତ କୁମାର ପରିଜା ଉପସ୍ଥିତ ଥିଲେ। ପୁରୀ ସ୍ୱର୍ଗଦ୍ୱାରରେ ତାଙ୍କ ଶେଷକୃତ୍ୟ ସମ୍ପନ୍ନ ହୋଇଥିଲା। ପୁଅ ଚିତ୍ତରଞ୍ଜନ ମହାନ୍ତି ମୁଖାଗ୍ନି ଦେଇଥିଲେ ।

# ଅନ୍‌ଲାଇନ୍‌ରେ ହେବ ସମ୍ପୂର୍ଣ୍ଣ ଟିକସ ପଇଠ

ଭୁବନେଶ୍ୱର,୮।୯(ବ୍ୟୁରୋ)




- ଅଫ୍‌ଲାଇନ୍ ସେବା ବନ୍ଦ କଲା ବିଏମ୍‌ସି
- ଅନ୍‌ଲାଇନ୍ ଜାଣି ନ ଥିବା ଲୋକଙ୍କୁ ସାହାଯ୍ୟ କରିବେ ଟିକସ କଲେକ୍ଟର ଅଫିସର
- ପ୍ରତି ଟିକସ କଲେକ୍ଟରଙ୍କୁ ଦିଆଯିବ ପିଓଏସ୍ ମେଶିନ୍
- ଖୁବ୍‌ଶୀଘ୍ର ଆରମ୍ଭ ହେବ 'ସଫା ଆପ୍'

ଏଣିକି ଘରେ ବସି ଟିକସ ପଇଠ କରିପାରିବେ ରାଜଧାନୀବାସୀ। ଟିକସ ଦେବା ପାଇଁ ଆଉ ବିଏମ୍‌ସି ଅଫିସ୍ ଆଗରେ କିମ୍ବା ୱାର୍ଡ ଅଫିସ୍ ଆଗରେ ଧାଡ଼ିରେ ଠିଆ ହେବାକୁ ପଡିବ ନାହିଁ। କେବଳ ଅନ୍‌ଲାଇନ୍ ମୋଡ୍‌ରେ ଟିକସ ପଇଠ କରାଯିବ। ପୂର୍ବରୁ ଉଭୟ ଅଫ୍‌ଲାଇନ୍ ଓ ଅନ୍‌ଲାଇନ୍ ମାଧ୍ୟମରେ ସହରବାସୀ ହୋଲ୍ଡିଂ ଟିକସ, ଟ୍ରେଡ୍ ଲାଇସେନ୍ସ ଭଳି ବିଭିନ୍ନ ଟିକସ ପଇଠ କରୁଥିଲେ। ମାତ୍ର ଏବେ କେବଳ ଅନ୍‌ଲାଇନ୍‌ରେ 'ଭୁବନେଶ୍ୱର ଡଟ୍ ମି' ଆପ୍ ମାଧ୍ୟମରେ ଟିକସ ପଇଠ କରାଯିବ। ଏହି ଆପ୍‌କୁ ଭୁବନେଶ୍ୱର ସ୍ମାର୍ଟସିଟି ଲିମିଟେଡ୍ ପକ୍ଷରୁ ପ୍ରସ୍ତୁତ କରାଯାଇଛି। ଅନ୍‌ଲାଇନ୍ ମାଧ୍ୟମରେ ଟିକସ ପଇଠ କରିବା ଦ୍ୱାରା ସିଧାସଳଖ ବିଏମ୍‌ସିକୁ ଆସିବ। ବାଟମାରଣା ହେବାରେ କୌଣସି ଆଶଙ୍କା ରହିବ ନାହିଁ। ସେହିପରି ପ୍ରତ୍ୟେକ ଦେଣର ରେକର୍ଡ ରହିବ। ଅପରପକ୍ଷେ ବିଏମ୍‌ସିର ରାଜସ୍ୱ ଆୟ ବଢିପାରିବ ଏବଂ ତାହା ଲୋକଙ୍କ ପାଇଁ ଖର୍ଚ୍ଚ ହେବ ବୋଲି କୁହାଯାଇଛି। ଏ ନେଇ ଗୁରୁବାର ବିଏମ୍‌ସି ପକ୍ଷରୁ ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ସୂଚନା ଦିଆଯାଇଛି।

ରାଜ୍ୟ ସରକାରଙ୍କ ୫ଟି ଆଧାରରେ ଲୋକଙ୍କୁ ଡୋର ଷ୍ଟେପ୍‌ରେ ସେବା ଯୋଗାଇବା ପାଇଁ ବିଏମ୍‌ସି ପକ୍ଷରୁ ଏହି ବ୍ୟବସ୍ଥା କରାଯାଇଛି। ଏହାଦ୍ୱାରା କେବଳ ଭୁବନେଶ୍ୱରବାସୀ ନୁହେଁ, ବରଂ ସହର, ରାଜ୍ୟ ଏପରିକି ଦେଶ ବାହାରେ ରହୁଥିବା ଲୋକ ମଧ୍ୟ ଏହି ଆପ୍ ମାଧ୍ୟମରେ ଟିକସ ପଇଠ କରିପାରିବେ। ଏପରିକି ମୋବାଇଲ୍ ସାହାଯ୍ୟରେ ମଧ୍ୟ ଏହି ଆପ୍‌କୁ ଡାଉନ୍‌ଲୋଡ୍ କରି ଟିକସ ପଇଠ କରିହେବ। ହୋଲ୍ଡିଂ ଟିକସ ପଇଠଠାରୁ ଆରମ୍ଭ କରି ହୋଲ୍ଡିଂ ଟିକସର ମୂଲ୍ୟାୟନ, ପୁନଃମୂଲ୍ୟାୟନ, ନୂଆ ଟ୍ରେଡ୍ ଲାଇସେନ୍ସ ପାଇଁ ଆବେଦନ କରିବା ସହିତ ଲାଇସେନ୍ସ ନବୀକରଣ ଭଳି ବିଭିନ୍ନ କାର୍ଯ୍ୟ କରାଯାଇପାରିବ। ଅପରପକ୍ଷେ ଯେଉଁମାନଙ୍କ ପାଖରେ ଅନ୍‌ଲାଇନ୍‌ର ସୁବିଧା ନ ଥିବ ବା ଅନ୍‌ଲାଇନ୍ ବିଷୟରେ ଅଭିଜ୍ଞତା ନ ଥିବ ସେମାନଙ୍କ ପାଇଁ ମଧ୍ୟ ବ୍ୟବସ୍ଥା କରାଯାଇଛି। ବିଏମ୍‌ସି ପକ୍ଷରୁ ସମସ୍ତ ଟିକସ କଲେକ୍ଟରଙ୍କୁ ପିଓଏସ୍ ମେଶିନ୍ ପ୍ରଦାନ କରାଯିବ। ଅନ୍‌ଲାଇନ୍ ସୁବିଧା ଲୋକ ୱାର୍ଡରେ ଥିବା 'ମୋ ସେବା କେନ୍ଦ୍ର'କୁ ଯାଇ ଟିକସ କଲେକ୍ଟରଙ୍କ ସହଯୋଗରେ ଅନ୍‌ଲାଇନ୍ ମାଧ୍ୟମରେ ଏହାକୁ ପଇଠ କରିପାରିବେ। ଏଥିପାଇଁ ପ୍ରତି ୱାର୍ଡରେ ଲୋକଙ୍କୁ ସଚେତନ କରାଯିବ ବୋଲି ମେୟର ସୁଲୋଚନା ଦାସ କହିଛନ୍ତି। ଅପରପକ୍ଷେ ବଡ ବଡ ଟିକସ ଖିଲାପକାରୀଙ୍କୁ ଚିହ୍ନଟ କରି ସେମାନଙ୍କର ତାଲିକା ପ୍ରକାଶ କରାଯାଉଛି। ସେମାନଙ୍କର ନାମ ତାଲିକା ଅନ୍‌ଲାଇନ୍ ମାଧ୍ୟମରେ ପ୍ରକାଶ କରାଯିବ ବୋଲି ସୂଚନା ଦିଆଯାଇଛି।

ସେହିପରି ସହରରେ ଅନେକ ସମୟରେ ଅଳିଆ ଗଦା ହୋଇ ରହୁଥିବା ଅଭିଯୋଗ ଆସୁଛି। କେଉଁ ଅଞ୍ଚଳରେ ଅଳିଆ ଗଦା ହୋଇ ରହୁଛି, କେଉଁଠାରେ ଅଳିଆ ଗାଡ଼ି ଆସୁନାହିଁ ଏଭଳି ସମସ୍ୟା ଦେଖାଦେଲେ ଜନସାଧାରଣଙ୍କୁ ଆଉ ବିଏମ୍‌ସି ଅଫିସ୍‌କୁ କିମ୍ବା ଅଧିକାରୀଙ୍କ ନିକଟକୁ ଆସିବା ଦରକାର ନାହିଁ। ଏଥିପାଇଁ ମଧ୍ୟ ଏକ ଆପ୍ 'ସଫା ଆପ୍' ପ୍ରସ୍ତୁତ କରାଯାଉଛି। ଲୋକମାନେ ଏହି ଆପ୍ ମାଧ୍ୟମରେ ଅଳିଆ ସମ୍ପର୍କିତ ଯେକୌଣସି ସମସ୍ୟା ଜଣାଇପାରିବେ। ଏବେ ୱାର୍ଡ ନଂ. ୪୦ରେ ପରୀକ୍ଷାମୂଳକ କାମ କରୁଛି। ସମସ୍ତ ପ୍ରକ୍ରିୟା ଶେଷ ହେବା ପରେ ଖୁବ୍‌ଶୀଘ୍ର ଏହା ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ଉନ୍ମୋଚନ କରାଯିବାର ଯୋଜନା ରହିଥିବା ସୂଚନା ଦିଆଯାଇଛି। ସମ୍ମିଳନୀରେ ମେୟରଙ୍କ ସମେତ ଡେପୁଟି ମେୟର ମଞ୍ଜୁଲତା କହଁର, କମିଶନର ବିଜୟ ଅମୃତା କୁଲାଙ୍ଗେ, ଅତିରିକ୍ତ କମିଶନର ଲକ୍ଷ୍ମୀକାନ୍ତ ସେଠୀ, ବିନୟ ଦାଶ, ସୂର୍ଯ୍ୟବଂଶୀ ମୟୂର ବିକାଶ, ଡେପୁଟି କମିଶନର କମଳଜିତ୍ ଦାସ ପ୍ରମୁଖ ଉପସ୍ଥିତ ଥିଲେ।

# ରାଜସ୍ୱ ଆଦାୟରେ ଲକ୍ଷ୍ୟପୂରଣ ନେଇ ଆଶଙ୍କା

ଭୁବନେଶ୍ୱର,୮।୯(ବ୍ୟୁରୋ)

ବିଏମ୍‌ସି ଅନ୍‌ଲାଇନ୍‌ରେ ସମସ୍ତ ପ୍ରକାର ଟିକସ ପଇଠ କରିବା ନେଇ ବ୍ୟବସ୍ଥା ଆରମ୍ଭ ହୋଇଛି। ଏହାଦ୍ୱାରା ଜନସାଧାରଣ ଦେଉଥିବା ଟିକସ ଆଉ ବାଟମାରଣା ହେବ ନାହିଁ। ହେଲେ ଅଫ୍‌ଲାଇନ୍ ହେଉ ଅବା ଅନ୍‌ଲାଇନ୍ କେଉଁଥିରେ ବି ବିଏମ୍‌ସି ଧାର୍ଯ୍ୟ ଲକ୍ଷ୍ୟ ପୂରଣ କରିପାରୁ ନାହିଁ। ଚଳିତବର୍ଷ ମଧ୍ୟ ରାଜସ୍ୱ ଆଦାୟ ନେଇ ଧାର୍ଯ୍ୟ କରିଥିବା ଲକ୍ଷ୍ୟ ପୂରଣ ହୋଇପାରିବ କି ନାହିଁ ସେନେଇ ଆଶଙ୍କା ସୃଷ୍ଟି ହେଉଛି।

୨୦୧୯ରୁ ବିଏମ୍‌ସି ଅନ୍‌ଲାଇନ୍ ବ୍ୟବସ୍ଥା ଆରମ୍ଭ କରାଯାଇଛି। ଲୋକମାନେ ଉଭୟ ଅନ୍‌ଲାଇନ୍ ଓ ଅଫ୍‌ଲାଇନ୍ ମାଧ୍ୟରେ ବିଭିନ୍ନ ଟିକସ ପଇଠ କରୁଥିଲେ। ମାତ୍ର ଚଳିତବର୍ଷ ମେ ମାସରୁ ସମ୍ପୂର୍ଣ୍ଣ ଅନ୍‌ଲାଇନ୍ ମୋଡ୍‌ରେ କାମ କରାଯାଉଛି। ଅନ୍‌ଲାଇନ୍ ଦ୍ୱାରା ଲୋକମାନେ ସହଜରେ ଟିକସ ପଇଠ କରିପାରୁଥିବାରୁ ବିଏମ୍‌ସିର ରାଜସ୍ୱ ମଧ୍ୟ ବୃଦ୍ଧି ପାଇବାରେ ଲାଗିଛି। ଗତ ବର୍ଷ ରାଜସ୍ୱ ଆଦାୟରେ ବିଏମ୍‌ସି ଲକ୍ଷ୍ୟ ହାସଲ କରିପାରି ନଥିଲେ ମଧ୍ୟ ଏକ ମାଇଲ୍‌ଖୁଣ୍ଟ ସ୍ଥାପନ କରିଥିଲା। ଏହାକୁ ଲକ୍ଷ୍ୟ ରଖି ଚଳିତ ଆର୍ଥିକ ବର୍ଷରେ ଅଧିକ ରାଜସ୍ୱ ଆଦାୟ କରିବା ପାଇଁ ଲକ୍ଷ୍ୟ ରଖାଯାଇଛି। ୨୦୨୨-୨୩ରେ ବିଏମ୍‌ସି ପକ୍ଷରୁ ହୋଲ୍ଡିଂ ଟିକସ ପାଇଁ ୧୨୦ କୋଟି ୨୪ଲକ୍ଷ ଟଙ୍କା ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି। ସେଥିମଧ୍ୟରୁ ଏପ୍ରିଲରୁ ଅଗଷ୍ଟ ମାତ୍ର ୫ମାସ ମଧ୍ୟରେ ୨୦କୋଟି ୯୨ଲକ୍ଷ ଟଙ୍କା ଆଦାୟ ହୋଇସାରିଛି। ଏଥିରୁ ୯କୋଟି ୫୬ଲକ୍ଷ କେବଳ ଅନ୍‌ଲାଇନ୍ ମାଧ୍ୟମରେ

### ଅଫ୍‌ଲାଇନ୍‌ରୁ ଅନ୍‌ଲାଇନ୍ ମୋଡ୍

ଆଦାୟ ହୋଇଥିବାବେଳେ ୧୧କୋଟି ୩୫ଲକ୍ଷ ଟଙ୍କା ଅଫ୍‌ଲାଇନ୍ (କେବଳ ଚେକ୍) ମାଧ୍ୟମରେ ପଇଠ କରାଯାଇଛି। ଗତ ଆର୍ଥିକ ବର୍ଷରେ ଏପ୍ରିଲ୍‌ରୁ ଅଗଷ୍ଟ ମାସ ମଧ୍ୟରେ ମାତ୍ର ୮କୋଟି ଟଙ୍କା ଆଦାୟ ହୋଇଥିଲା। ଏହା ଲକ୍ଷ୍ୟ ପୂରଣ ପାଇଁ ଏହା ଯଥେଷ୍ଟ ନୁହେଁ। କାରଣ ୫ ମାସ ବିତି ଯାଇଥିବାବେଳେ ହାତରେ ଆଉ ୭ମାସ ସମୟ ରହିଛି। ଏହି ୭ ମାସ ଭିତରେ ପ୍ରାୟ ଶହେ କୋଟି କିଭଳି ଆଦାୟ କରିବେ ତାହା ସନ୍ଦେହ ସୃଷ୍ଟି କରୁଛି। ତେଣୁ ଏଥର ମଧ୍ୟ ବିଏମ୍‌ସି ରାଜସ୍ୱ ଆଦାୟରେ ଧାର୍ଯ୍ୟ ଲକ୍ଷ୍ୟ ପୂରଣ କରିବା ଭଳି ମନେ ହେଉନାହିଁ। ଅପରପକ୍ଷେ ଟ୍ରେଡ୍ ଲାଇସେନ୍ସ ପାଇଁ ଚଳିତ ଆର୍ଥିକ ବର୍ଷରେ ୧୪କୋଟି ୮୨ଲକ୍ଷ ଟଙ୍କା ଧାର୍ଯ୍ୟ କରାଯାଇଛି। ସେଥି ମଧ୍ୟରୁ ମାତ୍ର ୨କୋଟି ୯୩ଲକ୍ଷ ଆଦାୟ ହୋଇ ଥିବାବେଳେ ଆହୁରି ୧୧ କୋଟିରୁ ଅଧିକ ଟଙ୍କା ବାକି ରହିଛି। ସେହିପରି ଚଳିତ ବର୍ଷ ୩୨ହଜାର ୯୩୮ ଟି ଟ୍ରେଡ୍ ଲାଇସେନ୍ସ ଇସ୍ୟୁ, ନବୀକରଣର ଲକ୍ଷ୍ୟ ଥିବାବେଳେ ସେଥି ମଧ୍ୟରୁ ୮ହଜାର ୬୮୯ଟି ଲାଇସେନ୍ସ ପ୍ରଦାନ କରାଯାଇଛି। ଏହାବାଦ୍ ଅନ୍ୟାନ୍ୟ ରାଜସ୍ୱ ଯଥା ବିଜ୍ଞାପନ, ପାର୍କିଂ, ମାର୍କେଟ ଭଡ଼ା ଆଦି ବାବଦକୁ ମୋଟ୍ ୧୫୭ କୋଟି ୫୦ଲକ୍ଷ ଟଙ୍କାର ରାଜସ୍ୱ ଆଦାୟ ଲକ୍ଷ୍ୟ ରଖାଯାଇଥିବାବେଳେ ସେଥିମଧ୍ୟରୁ ୧୭ କୋଟି ୬୩ଲକ୍ଷ ୫୫ହଜାର ୫୨୬ ଟଙ୍କା ଆଦାୟ ହୋଇଥିବା ବିଏମ୍‌ସି ପକ୍ଷରୁ ସୂଚନା ଦିଆଯାଇଛି।



କଟକ ଜିଲା ସଂସ୍କୃତି ପରିଷଦ ଓ କଳା ବିକାଶ କେନ୍ଦ୍ର ମିଳିତ ଆନୁକୂଲ୍ୟରେ ନୂଆଖାଇଁ ଭେଟ ଘାଟରେ ସମ୍ବଲପୁରୀ ନୃତ୍ୟ ପରିବେଷଣ କରୁଛନ୍ତି।

# ଗଜାନନଙ୍କ ଲଡୁ ୩୦ ହଜାରରେ ନିଲାମ

ଜଟଣୀ,୮।୯(ଡି.ଏନ୍.ଏ.)

ଗଣେଶ ପୂଜା ପାଇଁ ଜଟଣୀ ସହର ଏବେ ଉତ୍ସବମୁଖର। ଧୁମଧାମରେ ଚାଲିଛି ବିଘ୍ନରାଜଙ୍କ ଆରାଧନା। ସୁଉଚ୍ଚ ତୋରଣ ସହିତ ଆକର୍ଷଣୀୟ ସାଜସଜ୍ଜା, ବିଭିନ୍ନ ରଙ୍ଗିନ ଆଲୋକରେ ଝଲସୁଛି ପୂରା ସହର। ମିନା ବଜାରରେ ବୁଲିବା ସହ ସାଂସ୍କୃତିକ କାର୍ଯ୍ୟକ୍ରମ ଦେଖିବା ଲାଗି ଲୋକଙ୍କ ନାହିଁ ନ ଥିବା ଭିଡ଼ ଜମୁଛି। ଦୁଇ ଶହରୁ ଊର୍ଦ୍ଧ୍ୱ ମଣ୍ଡପରେ ପୂଜା ପାଉଛନ୍ତି ଶ୍ରୀଗଣେଶ। ଗୁରୁବାର ଜଟଣୀ ଗୋପବନ୍ଧୁ ବଜାର କମିଟି ପକ୍ଷରୁ ଗଜାନନଙ୍କ ୩୫ କେଜିର ଲଡୁ ନିଲାମ କରାଯାଇଥିଲା। ପ୍ରଥମେ କମିଟି ପକ୍ଷରୁ ଏହି ଲଡୁର ମୂଲ୍ୟ ୧୦୦ ଟଙ୍କା ଡକାଯାଇଥିଲା।



ଏହା ପରେ ଉପସ୍ଥିତ ଶ୍ରଦ୍ଧାଳୁ ଏହାର ମୂଲ୍ୟ ବଢ଼ାଇ ଡାକିଥିଲେ। ଶେଷରେ ଜଟଣୀ ରାମଚନ୍ଦ୍ରପୁର ବଜାରର ଦୀପକ କୁମାର ଅଗ୍ରୱାଲ ଏହି ୩୫ କେଜି ଲଡୁକୁ ୩୦ହଜାର ଟଙ୍କାରେ ନେଇଥିଲେ ବୋଲି ଗୋପବନ୍ଧୁ ବଜାର କମିଟି ସଭାପତି ସୁରେନ୍ଦ୍ର କୁମାର ସାହୁ କହିଛନ୍ତି। ଏହି ନିଲାମ କାର୍ଯ୍ୟକ୍ରମକୁ ଦେଖିବା ପାଇଁ ପ୍ରବଳ ଜନସମାଗମ ହୋଇଥିଲା। ପ୍ରକାଶ ଯେ, ଗଣେଶ ପୂଜାର ପ୍ରଥମ ଦିନରେ ଏହି ଲଡୁ ଗଣେଶଙ୍କ ପାଖରେ ପୂଜା କରାଯାଇ ରଖାଯାଇଥିଲା। ପୂଜାର ନବମ ଦିନ ଅର୍ଥାତ୍ ଗୁରୁବାର ଏହି ଲଡୁକୁ ନିଲାମ ଡକାଯାଇଥିଲା।

# ବିଏମ୍‌ସି ହସ୍ପିଟାଲରେ ହେବ କ୍ୟାନ୍‌ସର ଟେଷ୍ଟ



ଭୁବନେଶ୍ୱର, ୮।୯ (ବ୍ୟୁରୋ)

ବିଏମ୍‌ସି ହସ୍ପିଟାଲରେ ଏଣିକି କ୍ୟାନ୍‌ସର ଟେଷ୍ଟ ହୋଇପାରିବ। ରାଜଧାନୀବାସୀଙ୍କୁ ସହଜ ଏବଂ ସୁବିଧାରେ କର୍କଟ ରୋଗ ସମ୍ପର୍କରେ ଜଣାଇବା ପାଇଁ ବିଏମ୍‌ସି ପକ୍ଷରୁ ଏହି ଅଭିନବ ପ୍ରୟାସ ଆରମ୍ଭ କରାଯାଇଛି। ଏନେଇ ଏଚ୍‌ସିଜି ପଣ୍ଡା କ୍ୟାନସର ହସ୍ପିଟାଲ ଓ ବିଏମ୍‌ସି ପକ୍ଷରୁ ଚୁକ୍ତି ସ୍ୱାକ୍ଷରିତ ହୋଇଛି। ଏଣିକି ପ୍ରତି ମଙ୍ଗଳବାର ବିଏମ୍‌ସି ହସ୍ପିଟାଲରେ କର୍କଟ ରୋଗର ଟେଷ୍ଟ ପାଇଁ ଓପିଡି ଖୋଲିବ। ପଣ୍ଡା କ୍ୟାନସର ହସ୍ପିଟାଲର ଡାକ୍ତରମାନେ ସେଠାକୁ ଆସି ରୋଗୀଙ୍କର ଟେଷ୍ଟ କରିବେ। ଏହା ବିନା ମୂଲ୍ୟରେ କରାଯିବ। ଏହି ଚୁକ୍ତି ଦ୍ୱାରା ଭୁବନେଶ୍ୱରବାସୀ ଉପଯୁକ୍ତ କ୍ୟାନ୍ସର ଚିକିତ୍ସା ଓ ପରାମର୍ଶ ପାଇବାକୁ ସମର୍ଥ ହେବେ ବୋଲି ହସ୍ପିଟାଲର ମୁଖ୍ୟ କାର୍ଯ୍ୟ ନିର୍ବାହୀ ଅଧିକାରୀ ଶାନ୍ତନୁ କୁମାର ଦାସ କହିଥିଲେ। କାର୍ଯ୍ୟକ୍ରମରେ ମନ୍ତ୍ରୀ ଅଶୋକ ପଣ୍ଡା, ବିଧାୟକ ସୁଶାନ୍ତ କୁମାର ରାଉତ, ଅନନ୍ତ ନାରାୟଣ ଜେନା, ମେୟର ସୁଲୋଚନା ଦାସ, କମିଶନର ବିଜୟ ଅମୃତା କୁଲାଙ୍ଗେ, ପଣ୍ଡା ହସ୍ପିଟାଲର ନିର୍ଦ୍ଦେଶକ ପ୍ରଫେସର କୃପାସିନ୍ଧୁ ପଣ୍ଡା ଉପସ୍ଥିତ ରହି ଏହି ସେବାକୁ ଉଦ୍‌ଘାଟନ କରିଥିଲେ।

# ଜମି କିଣାଇଦେବା ନାଁରେ ୧୭ ଲକ୍ଷ ଠକେଇ

ଭୁବନେଶ୍ୱର,୮।୯(ବ୍ୟୁରୋ)

### ୧୧ ମାସ ପରେ ଅଭିଯୁକ୍ତ ଗିରଫ

ଜମି କିଣାଇଦେବା ନାଁରେ ୧୭ ଲକ୍ଷରୁ ଅଧିକ ଟଙ୍କା ଠକେଇ କରିବା ଅଭିଯୋଗରେ ଚନ୍ଦ୍ରଶେଖରପୁର ଥାନା ପୋଲିସ ଜଣେ ଦଲାଲଙ୍କୁ ଗିରଫ କରି ଗୁରୁବାର କୋର୍ଟ ଚାଲାଣ କରିଛି। ସେ ହେଲେ ପଶ୍ଚିମବଙ୍ଗରେ ରହୁଥିବା କଟକ ଜିଲା ମାହାଙ୍ଗା ଥାନା ଅଞ୍ଚଳର ନଳିନୀକାନ୍ତ ବରାଳ। ୧୧ ମାସ ପରେ ଫେରାର ଥିବା ଅଭିଯୁକ୍ତ ନଳିନୀଙ୍କୁ ଧରିବାରେ ସଫଳ ହୋଇଛି ପୋଲିସ। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି।

ପୋଲିସ ସୂଚନା ଅନୁଯାୟୀ, ଗତବର୍ଷ ସୌମିତ୍ର ପଟ୍ଟନାୟକ ଭୁବନେଶ୍ୱରରେ ଜମି କିଣିବା ସନ୍ଧାନରେ ଥିଲେ। ସୌମିତ୍ରଙ୍କ ଜଣେ ସହଯୋଗୀ ଜମି କିଣିବା ଲାଗି ନଳିନୀକାନ୍ତଙ୍କ ସହ ପରିଚିତ କରାଇଥିଲେ। ଯୋଜନା ମୁତାବକ ନଳିନୀ ତାଙ୍କ ଶ୍ୱଶୁରଙ୍କ ନାମରେ ଥିବା ଏକ ଜମିକୁ କିଣିବାକୁ ସୌମିତ୍ରଙ୍କୁ କହିଥିଲେ। ଏଥିପାଇଁ ୨୫ ଲକ୍ଷ ଟଙ୍କାରେ ଜମିର ମୂଲ୍ୟକୁ ଧାର୍ଯ୍ୟ କରାଇଥିଲେ। ଉଭୟଙ୍କ କଥାରେ ବିଶ୍ୱାସ ରଖି ସୌମିତ୍ର ତାଙ୍କୁ ୧୯ ଲକ୍ଷ ଆକାଉଣ୍ଟ ମାଧ୍ୟମରେ ଓ ୩ ଲକ୍ଷ କ୍ୟାଶ ଆକାରରେ ଦେଇଥିଲେ । ହେଲେ ଟଙ୍କା ନେବା ପରେ କୌଣସି ଜମି ଦେଇ ନ ଥିଲେ। ଟଙ୍କା ଫେରସ୍ତ କରିବାକୁ କହିବାରୁ ଅଭିଯୁକ୍ତ ଓ ସହଯୋଗୀ ବ୍ୟକ୍ତି ସୌମିତ୍ରଙ୍କୁ ୫ ଲକ୍ଷ ଟଙ୍କା ଫେରସ୍ତ କରିଥିଲେ। ବାକି ଟଙ୍କା ପରେ ଦେବାକୁ କହିଥିଲେ। କିନ୍ତୁ ପରବର୍ତ୍ତୀ ସମୟରେ ଆଉ ଫେରାଇ ନ ଥିଲେ। ଠକେଇର ଶିକାର ହେବା ଜାଣିବା ପରେ ସୌମିତ୍ର ଚନ୍ଦ୍ରଶେଖରପୁର ଥାନା ଦ୍ୱାରସ୍ଥ ହୋଇଥିଲେ। ଏ ନେଇ ପୋଲିସ ଏକ ମାମଲା (ନଂ. ୩୨୫/୨୧) ରୁଜୁ କରି ତଦନ୍ତ ଚଳାଇଥିଲା। ଅଭିଯୋଗକ୍ରମେ ପୋଲିସ ଚନ୍ଦ୍ରଶେଖରପୁରରେ ରହୁଥିବା ଭଡାଘରେ ଚଢାଉ କରିଥିଲେ ମଧ୍ୟ ଅଭିଯୁକ୍ତ ନଳିନୀ ସ୍ତ୍ରୀ ପିଲାଙ୍କୁ ନେଇ ପଶ୍ଚିମବଙ୍ଗ ପଳାଇଥିଲେ। ବୁଧବାର କୌଣସି କାମରେ ଭୁବନେଶ୍ୱର ଆସିଥିବା ବିଶେଷ ସୂତ୍ରରୁ ଖବରପାଇ ପୋଲିସ ନଳିନୀଙ୍କୁ କାବୁ କରିଥିଲା। ଘଟଣାରେ ସମ୍ପୃକ୍ତ ଥିବା ଜଣେ ଓକିଲ ଫେରାର ଅଛନ୍ତି। ସେହିଭଳି ଅଭିଯୁକ୍ତ ନଳିନୀ ୨୦୧୬ରେ ମଧ୍ୟ ଜଣଙ୍କୁ ଜମି ଦେବାକୁ କହି ଟଙ୍କା ଠକେଇ ଅଭିଯୋଗରେ ଗିରଫ ହୋଇଥିଲେ।

# ବେଆଇନ ଇଟାଭାଟି ବନ୍ଦ କଲା ପ୍ରଶାସନ

ବାଲିପାଟଣା,୮।୯(ଡି.ଏନ୍.ଏ.)

ବାଲିପାଟଣା ତହସିଲ ଅଞ୍ଚଳରେ ବେଆଇନଭାବେ ଚାଲିଥିବା ୪ଟି ଇଟାଭାଟିକୁ ତହସିଲ ପକ୍ଷରୁ ଗୁରୁବାର ସିଲ୍ କରାଯାଇଛି। ଦୀର୍ଘଦିନ ଧରି ନରଦା, ଆଇତଳଙ୍ଗ, ଅଭୟମୁଖୀ ଓ ଆମେଣକୁଦାରେ ଚାଲିଥିବା ବେଆଇନ ଇଟାଭାଟିଗୁଡ଼ିକ ଉପରେ ତହସିଲ ପ୍ରଶାସନ, ଭୂତତ୍ତ୍ୱ, ପ୍ରଦୂଷଣ ଓ ପୋଲିସ ବିଭାଗ ପକ୍ଷରୁ ମିଳିତ ଭାବେ ଚଢ଼ାଉ କରାଯାଇଥିଲା। ମାର୍ଗଦର୍ଶିକାକୁ ବେଖାତିର କରି ବେଧଡ଼କ ଭାବେ ଚାଲିଥିବା ଭାଟିଗୁଡ଼ିକୁ ଅନୁଧ୍ୟାନ କରି ସିଲ୍ କରାଯାଇଥିବା ତହସିଲଦାର ମୃତ୍ୟୁଞ୍ଜୟ ତ୍ରିପାଠୀ କହିଛନ୍ତି। ଭୂତତ୍ତ୍ୱବିତ୍ ଦିପେନ ପରିଡ଼ା, ପରିବେଶ ବିଜ୍ଞାନୀ ରଜତ ସେଠୀ, ଆଇଆଇସି କୃପାସିନ୍ଧୁ ବରାଡ଼, ଅତିରିକ୍ତ ତହସିଲଦାର ସ୍ନେହଲତା ଆଚାର୍ଯ୍ୟ ପ୍ରମୁଖ ସାମିଲ ଥିଲେ।

# ରାଜ୍ୟପାଳଙ୍କ ଦ୍ୱାରା ଦେବଦୂତ ପୁସ୍ତକ ଉନ୍ମୋଚନ




ଭୁବନେଶ୍ୱର,୮।୯(ବ୍ୟୁରୋ)

### ଶିଶୁ, ମହିଳା ବିକାଶ ସୋସାଇଟିର ବାର୍ଷିକୋତ୍ସବ

ଶିଶୁ ଓ ମହିଳା ବିକାଶ ସୋସାଇଟିର ବାର୍ଷିକ ଉତ୍ସବ ଏବଂ ଦେବଦୂତ ଆୱାର୍ଡ ଅଫ୍ ଏକ୍ସଲେନ୍ସ କାର୍ଯ୍ୟକ୍ରମ ଗୁରୁବାର ଓଡ଼ିଶା ଆସୋସିଏଶନ ଫର୍ ବ୍ଲାଇଣ୍ଡ, ଖାରବେଳ ନଗରରେ ଆୟୋଜିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ, ସମ୍ମାନିତ ଅତିଥି ଭାବେ କମୋଡର କୁଲଦୀପ ଚତୁର୍ବେଦୀ (ଅବସରପ୍ରାପ୍ତ ନାଭାଲ ଅଫିସର), କିଟ୍ ବିଶ୍ୱବିଦ୍ୟାଳୟର କୁଳପତି ଡ. ସସ୍ମିତା ସାମନ୍ତ, ୟୁଏନ୍‌ଡିପିର ଓଡ଼ିଶା ମୁଖ୍ୟ ଆଭା ମିଶ୍ର ଯୋଗଦେଇଥିଲେ। ଦିବ୍ୟାଙ୍ଗ, ଆଦିବାସୀ ତଥା ସମାଜର ଅନ୍ୟ ଅପହଞ୍ଚ ବ୍ୟକ୍ତିଙ୍କ ଉନ୍ନତି ପାଇଁ ସିଡବ୍ଲୁଡିଏସ୍ ଦ୍ୱାରା କରାଯାଇଥିବା ଆଦର୍ଶ କାର୍ଯ୍ୟକୁ ପ୍ରତିପାଦନ କରୁଥିବା ପୁସ୍ତକ-ଦେବଦୂତ ରାଜ୍ୟପାଳଙ୍କ ଦ୍ୱାରା ଉନ୍ମୋଚନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଏକ ଉନ୍ନତ ଓ ବିକଶିତ ରାଷ୍ଟ୍ର ଗଠନ ପାଇଁ ପ୍ରତିରକ୍ଷା, ଶିକ୍ଷା, ସ୍ୱାସ୍ଥ୍ୟ , ସ୍ୱୟଂ ସହାୟକ ଗୋଷ୍ଠୀ ତଥା ସମାଜ ସେବା ଭଳି ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ କାର୍ଯ୍ୟ କରିଥିବା ବ୍ୟକ୍ତିମାନଙ୍କୁ ଦେବଦତ୍ତ ପୁରସ୍କାର ପ୍ରଦାନ କରାଯାଇଥିଲା। ଏହି ଅବସରରେ ଦିବ୍ୟାଙ୍ଗମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା ।

# ଲୋକ କଳା ସଂଘର ଉନ୍ନତି ପାଇଁ ଉଦ୍ୟମ ଜାରି ରହିଛି: ମନ୍ତ୍ରୀ

ଭୁବନେଶ୍ୱର,୮।୯(ବ୍ୟୁରୋ)

- ବ୍ଲକ, ଜିଲା ସଂସ୍କୃତି ସଂଘ ଓ ଜିଲା ସଂସ୍କୃତି ଅଧିକାରୀଙ୍କୁ ନେଇ ପ୍ରଶିକ୍ଷଣ
- ୨୦୧୧ରୁ ଏଯାବତ ୫୦କୋଟିର ସାଂସ୍କୃତିକ କାର୍ଯ୍ୟକ୍ରମ ହୋଇଛି

ଓଡ଼ିଶାର କଳା, ସଂସ୍କୃତି ଅନନ୍ୟ। ଓଡ଼ିଆ କାରିଗରମାନଙ୍କର ପଥରକୁ ଜୀବନ୍ତ କରିବା ସହ ଲୋକକଳା, ଲୋକନୃତ୍ୟ, ଗୀତ, ସଙ୍ଗୀତ ଆଦି ଓଡ଼ିଶାର ବିଶେଷତ୍ୱ। କରୋନା ପାଇଁ ଗତ ୨ବର୍ଷ ହେବ କଳାକାରମାନେ ବିଭିନ୍ନ ଅସୁବିଧାର ସମ୍ମୁଖୀନ ହୋଇଛନ୍ତି। ବିଭିନ୍ନ ରାଜ୍ୟର କଳାକାରଙ୍କୁ ଏକାଠି କରିବା ଉଦ୍ଦେଶ୍ୟରେ ୨୦୧୧ରେ ବ୍ଲକ କଳା ସଂସ୍କୃତି ସଂଘ, ଜିଲା କଳାକାର ସଂଘ ଗଠନ ହୋଇ ପରେ ନଗର କଳା ସଂସ୍କୃତି ସଂଘ ଓ ରାଜ୍ୟ କଳା ସଂସ୍କୃତି ସଂଘ ଗଠନ କରାଯାଇଥିଲା। ଏହି ସଂଘଗୁଡ଼ିକର ଉନ୍ନତି ପାଇଁ ସମସ୍ତ ପ୍ରକାର ଉଦ୍ୟମ ଜାରି ରହିବ ବୋଲି ଗୁରୁବାର ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଆନୁକୂଲ୍ୟରେ ବ୍ଲକ କଳା ସଂସ୍କୃତି ସଂଘ, ଜିଲା କଳା ସଂସ୍କୃତି ସଂଘ ଓ ଜିଲା ସଂସ୍କୃତି ଅଧିକାରୀମାନଙ୍କ ନିମନ୍ତେ ଗୁରୁବାର ସ୍ଥାନୀୟ ଭଞ୍ଜକଳା ମଣ୍ଡପ ସମ୍ମିଳନୀ କକ୍ଷରେ ଆୟୋଜିତ ୨ ଦିନିଆ ପ୍ରଶିକ୍ଷଣ ଓ ଜ୍ଞାନ ସଂସ୍କାର କାର୍ଯ୍ୟକ୍ରମରେ ଯୋଗଦେଇ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ମନ୍ତ୍ରୀ ଅଶ୍ୱିନୀ କୁମାର ପାତ୍ର ଏହି ମତ ପ୍ରକାଶ କରିଛନ୍ତି। ଏହି ପ୍ରଶିକ୍ଷଣ ଶିବିରରେ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ମଧୁସୂଦନ ପାଢୀ ଯୋଗଦେଇ କହିଥିଲେ, ରାଜ୍ୟରେ ଲୋକ କଳାକାରମାନଙ୍କ ଉନ୍ନତି ପାଇଁ ପୂର୍ବରୁ ରାଜ୍ୟର ୧୦ ଜିଲାରେ ଜିଲା ସଂସ୍କୃତି ଅଧିକାରୀ ଥିଲେ। ଏବେ ମୋଟ ୨୭ ଜିଲାରେ ଜିଲା ସଂସ୍କୃତି ଅଧିକାରୀ ପଦବୀ ପୂରଣ ହୋଇସାରିଛି। ନିକଟରେ ସଂସ୍କୃତି ବିଭାଗରେ କମ୍ପ୍ୟୁଟରୀକୃତ ସାଂସ୍କୃତିକ କାର୍ଯ୍ୟକ୍ରମ ପରିଚାଳନା ନିମନ୍ତେ ହୋଇଥିବା ନୂଆ ବ୍ୟବସ୍ଥା ସମ୍ପର୍କରେ ସମସ୍ତେ ଅବଗତ ହେବାନେଇ ସେ ଗୁରୁତ୍ୱାରୋପ କରିଥିଲେ। ବ୍ଲକ ଜରିଆରେ ବିଭିନ୍ନ ବିଭାଗର ସୂଚନା, ଶିକ୍ଷା ଓ ଯୋଗାଯୋଗ(ଆଇ.ଇ.ସି) କାର୍ଯ୍ୟକ୍ରମ କରାଯାଉଥିବା ବେଳେ ସଂସ୍କୃତି ବିଭାଗର ସହଯୋଗରେ କିପରି ଲୋକ କଳାକାରମାନେ ଅଧିକରୁ ଅଧିକ କଳା ପ୍ରଦର୍ଶନର ସୁଯୋଗ ନେଇ ନିଯୁକ୍ତି ପାଇପାରିବେ, ସେ ଦିଗରେ ଦୃଷ୍ଟି ଦିଆଯାଉଛି ବୋଲି ପାଢୀ କହିଥିଲେ। ୨୦୧୧ରୁ ଅଦ୍ୟାବଧି ପ୍ରାୟ ୫୦ କୋଟି ଟଙ୍କାର ସାଂସ୍କୃତିକ କାର୍ଯ୍ୟକ୍ରମ ଲୋକ କଳାକାରମାନଙ୍କ ଦ୍ୱାରା କରାଯାଇଥିବା ସେ ପ୍ରକାଶ କରିଥିଲେ।

ସଂସ୍କୃତି ବିଭାଗ ନିର୍ଦ୍ଦେଶକ ରଞ୍ଜନ କୁମାର ଦାସ ଯୋଗଦେଇ କହିଛନ୍ତି, ଅକ୍ଟୋବରରେ ବେଙ୍ଗାଲୁରୁଠାରେ ଓଡ଼ିଶା ପର୍ବ ହେବାକୁ ଯାଉଛି । ଲୋକକଳାକୁ ପ୍ରୋତ୍ସାହନ ଦେବା, ଓଡ଼ିଶାର ଲୋକ କଳାକୁ ବିଶ୍ୱ ଦରବାରରେ ପହଞ୍ଚାଇବା ପାଇଁ ଏଥିରେ ଗୋଟିଏ ଦିନ ଲୋକକଳା ପ୍ରଦର୍ଶନର ସୁଯୋଗ ରହିବ। ଏହି କର୍ମଶାଳାରେ ରାଜ୍ୟର ୩୧୪ ବ୍ଲକ ତଥା ୩୦ଟି ଜିଲାରୁ ଜିଲା କଳା ସଂସ୍କୃତି ସଂଘ ଏବଂ ବ୍ଲକ କଳା ସଂସ୍କୃତି ସଂଘର ଉପସଭାପତି ମାନେ ଯୋଗଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ରାଜ୍ୟ କଳା ସଂସ୍କୃତି ସଂଘର ଉପସଭାପତି ଅବନୀ କୁମାର ମିଶ୍ର, ସଂସ୍କୃତି ବିଭାଗର ଯୁଗ୍ମ ନିର୍ଦ୍ଦେଶକ ସୁବୋଧ ଆଚାର୍ଯ୍ୟ ଏବଂ ଉପଶାସନ ସଚିବ ସଞ୍ଜୟ କୁମାର ମିଶ୍ରଙ୍କ ସମେତ ବିଭାଗର ଅନ୍ୟ ଶାଖାର ଉଚ୍ଚ କର୍ତ୍ତୃପକ୍ଷମାନେ ଉପସ୍ଥିତ ଥିଲେ। ଓଡିଆ ଭାଷା ପ୍ରତିଷ୍ଠାନର ସଂଯୋଜକ ପ୍ରଫେସର ପ୍ରେମାନନ୍ଦ ମହାପାତ୍ର କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।

# ଆତ୍ମହତ୍ୟା ଏକ ବିକୃତ ମାନସିକତା

## ବିଶ୍ୱ ଆତ୍ମହତ୍ୟା ନିରୋଧୀ ଦିବସ



ମଣିଷ ମାନସିକ ଭାରସାମ୍ୟ ହରାଇ ବସିଲେ ସମସ୍ୟା ସମାଧାନର ବାଟ ନ ପାଇ ଶେଷରେ ଆତ୍ମହତ୍ୟା କରିବାକୁ ନିଷ୍ପତ୍ତି ନେଇଥାଏ। କିନ୍ତୁ ଏହା ଏକ ଭୁଲ୍ ପଦକ୍ଷେପ। ସୁନ୍ଦର ପୃଥିବୀରେ ସମସ୍ତ ସମସ୍ୟାର ସମାଧାନ ଥିବାବେଳେ ଏଭଳି ପଦକ୍ଷେପରୁ ଦୂରେଇ ରହିବା ଜରୁରୀ। ଆତ୍ମହତ୍ୟା କରୁଥିବା ବ୍ୟକ୍ତି ନିଜ ସମସ୍ୟାକୁ ଅଧିକ ଗୁରୁତ୍ୱପୂର୍ଣ୍ଣ ବୋଲି ମନେକରି ଶେଷରେ ଜୀବନ ଶେଷ କରିବାକୁ ପଦକ୍ଷେପ ଗ୍ରହଣ କରିଥା'ନ୍ତି। ତେଣୁ ଆତ୍ମହତ୍ୟାକୁ ଏକ ବିକୃତ ମାନସିକତା କୁହାଯାଇପାରେ। ଆତ୍ମହତ୍ୟା ସମ୍ପର୍କରେ ସଚେତନତା ସୃଷ୍ଟି ଲାଗି ପ୍ରତିବର୍ଷ ୧୦ ସେପ୍ଟେମ୍ବରରେ ଆତ୍ମହତ୍ୟା ନିରୋଧୀ ଦିବସ ପାଳନ କରାଯାଇଥାଏ। ୨୦୦୩ ମସିହାରୁ ସାରା ବିଶ୍ୱରେ ବିଭିନ୍ନ କାର୍ଯ୍ୟକଳାପ ସହିତ ଆତ୍ମହତ୍ୟାକୁ ରୋକିବା ପାଇଁ ବିଶ୍ୱବ୍ୟାପୀ ପ୍ରତିବଦ୍ଧତା ତଥା କାର୍ଯ୍ୟାନୁଷ୍ଠାନ ପାଇଁ ଏହା ପାଳିତ ହୋଇଆସୁଛି। ଅନ୍ତର୍ଜାତୀୟ ଆତ୍ମହତ୍ୟା ନିବାରଣ ଆସୋସିଏଶନ, ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ଏବଂ ୱାର୍ଲ୍ଡ ମାନସିକ ସ୍ୱାସ୍ଥ୍ୟ ଫେଡେରେଶନ ମିଳିତ ସହଯୋଗରେ ଏହା ପାଳିତ ହେଉଛି। ୨୦୧୧ରେ ପ୍ରାୟ ୪୦ଟି ଦେଶ ବିଭିନ୍ନ ସଚେତନତା କାର୍ଯ୍ୟକ୍ରମ କରିଥିଲେ। ଆତ୍ମହତ୍ୟା ବିଷୟରେ ଖୋଲାଖୋଲି ଆଲୋଚନା କରିବା, ଜନସଚେତନତା ସୃଷ୍ଟି ଉଦ୍ଦେଶ୍ୟରେ ଏହି ଦିବସ ପାଳନ କରାଯାଇଥାଏ।

ରିପୋର୍ଟ ଅନୁସାରେ ପ୍ରତିବର୍ଷ ପ୍ରାୟ ୧ ନିୟୁତ ଲୋକ ଆତ୍ମହତ୍ୟା କରିଥା'ନ୍ତି। ଅର୍ଥାତ୍ ପ୍ରତି ୧୦ ହଜାରରେ ଜଣେ ବ୍ୟକ୍ତି ଏଭଳି ପଥକୁ ବାଛି ନେଇଥା'ନ୍ତି। ପ୍ରତି ୪୦ ସେକେଣ୍ଡରେ ଜଣେ ଅବା ପ୍ରତିଦିନ ପ୍ରାୟ ୩୦୦୦ ଲୋକ ଆତ୍ମହତ୍ୟା କରନ୍ତି। ପୁରୁଷଙ୍କ ମଧ୍ୟରେ ଆତ୍ମହତ୍ୟା ହାର ଅଧିକ।

# ଦୀପାବଳିରେ ସିଂଘମ୍‌ଙ୍କ 'ଥ୍ୟାଙ୍କ୍ ଗଡ୍'



ଅଜୟ ଦେବଗନ୍

**ମୁମ୍ବାଇ:** ଭିନ୍ନ ଲୁକ୍‌ରେ ଆଗାମୀ ଫିଲ୍ମରେ ନଜର ଆସିବେ ବଲିଉଡ୍ ସିଂଘମ୍ ଅଜୟ ଦେବଗନ୍। ସିଦ୍ଧାର୍ଥ ମାଲ୍‌ହୋତ୍ରା, ରକୁଲ ପ୍ରୀତ୍ ଏବଂ ଅଜୟଙ୍କ ବହୁ ପ୍ରତୀକ୍ଷିତ ସିନେମା 'ଥ୍ୟାଙ୍କ୍ ଗଡ୍'ର ରିଲିଜ୍‌କୁ ଦର୍ଶକ ଉତ୍ସାହର ସହ ଅପେକ୍ଷା କରି ରହିଛନ୍ତି। ଏହି ଫିଲ୍ମର ଟ୍ରେଲର ଶୁକ୍ରବାର ରିଲିଜ୍ ହେବାକୁ ଯାଉଛି। ତେବେ ଏହା ପୂର୍ବରୁ ଅଜୟଙ୍କ ପ୍ରଥମ ଲୁକ୍ ସୋସିଆଲ ମିଡିଆରେ ଶେୟାର ହୋଇଛି। ଏଥିରେ ସେ ଶୁଟ୍‌ବୁଟ୍ ସହିତ ଏକ ସିଂହାସନ ଉପରେ ବସିଥିବା ନଜର ଆସିଛନ୍ତି। ସିଦ୍ଧାର୍ଥ ଏବଂ ରକୁଲ ମଧ୍ୟ ସୋସିଆଲ ମିଡିଆରେ ପ୍ରଥମ ଲୁକ୍ ଶେୟାର କରିଛନ୍ତି। ସିନେମାରେ ଅଜୟଙ୍କୁ 'ଚିତ୍ରଗୁପ୍ତ'ଙ୍କ ଚରିତ୍ରରେ ଦେଖିବାକୁ ମିଳିବ। ସିଦ୍ଧାର୍ଥ ଜଣେ ପୋଲିସ ଅଫିସରଙ୍କ ଭୂମିକାରେ ନଜରକୁ ଆସିବେ। ଏଥିସହ ରକୁଲଙ୍କ ସହ ସିଦ୍ଧାର୍ଥଙ୍କ ରୋମାଣ୍ଟିକ କେମିଷ୍ଟ୍ରି ଦେଖିବାକୁ ମିଳିବ। ଦୀପାବଳିରେ ଅର୍ଥାତ୍ ଅକ୍ଟୋବର ୨୫ରେ ଫିଲ୍ମ ପ୍ରେକ୍ଷାଳୟରେ ମୁକ୍ତିଲାଭ କରିବା ନେଇ ଅଜୟ ତାଙ୍କ ଟୁଇଟ୍‌ରେ ସୂଚନା ଦେଇଛନ୍ତି। ଏହି କମେଡି ଡ୍ରାମାଭିତ୍ତିକ ମୁଭିରେ ଇନ୍ଦ୍ର କୁମାର ନିର୍ଦ୍ଦେଶନା ଦେଇଥିବାବେଳେ ଫିଲ୍ମର କାହାଣୀକୁ ଆକାଶ କୌଶିକ ଏବଂ ମଧୁର ଶର୍ମା ଲେଖିଛନ୍ତି। ଏଥିସହ ବଲିଉଡ୍ ଡାନ୍ସର ନୋରା ଫତେହିଙ୍କ ଏକ ଆଇଟମ୍ ଡାନ୍ସ ମଧ୍ୟ ରହିଛି। 'ଥ୍ୟାଙ୍କ୍ ଗଡ୍' ହେଉଛି ରକୁଲ ଏବଂ ଅଜୟଙ୍କ ତୃତୀୟ ସିନେମା। ଏଥିପୂର୍ବରୁ 'ରନ୍‌ୱେ-୩୪' ଏବଂ 'ଦେଦେ ପ୍ୟାର୍ ଦେ'ରେ ଉଭୟେ ଏକାଠି ନଜର ଆସିଥିଲେ। ଅଜୟ ଦେବଗନ୍‌ଙ୍କ ଅଭିନୀତ 'ରନ୍‌ୱେ-୩୪', 'ଆର୍‌ଆର୍‌ଆର୍', 'ତାହ୍ନାଜି', 'ଗଙ୍ଗୁବାଈ କାଠିଆୱାଡି', 'ସୂର୍ଯ୍ୟବଂଶୀ' ପ୍ରଭୃତି ଦମଦାର ମୁଭିକୁ ଦର୍ଶକେ ସ୍ୱୀକୃତି ଦେଇଛନ୍ତି।

# ୧୫ ସ୍ତ୍ରୀ, ୧୦୭ ସନ୍ତାନ

ନାଇରୋବି: ପଶ୍ଚିମ କେନିୟା ବାସିନ୍ଦା ଡେଭିଡ୍ ସକାୟୋ ୧୫ ଜଣଙ୍କୁ ବିବାହ କରିଛନ୍ତି। ଏହି ୬୧ ବର୍ଷୀୟ ବ୍ୟକ୍ତି ୧୫ ସ୍ତ୍ରୀ ଏବଂ ୧୦୭ ପିଲାଙ୍କ ସହ ଏକାଠି ରହୁଛନ୍ତି। ରାଜାଙ୍କ ଭଳି ଏକାଧିକ ସ୍ତ୍ରୀ ରଖିବାକୁ ଇଚ୍ଛା କରି ସେ ଏପରି ବହୁବିବାହ କରିଥିବା କହିଛନ୍ତି। ତାଙ୍କର ୨୦ ଜଣ ସ୍ତ୍ରୀ ଥିଲେ ମଧ୍ୟ ତାଙ୍କୁ ସେଥିରେ କୌଣସି ଅସୁବିଧା ହୋଇ ନ ଥାନ୍ତା ବୋଲି ନିକଟରେ ଏକ ସାକ୍ଷାତ୍କାରରେ କହିଛନ୍ତି।


## CORRIGENDUM

In partial modification of this Office Bid Identification No. CHHB-01/2022-23, the Class of Contractor two Projects namely "Constn. of Administrative Building at Bapujee College, Chhendipada & Constn. of Day Care Sub-Centre Building at Sapoinali" with Approximate Value of Work Rs.14.6 Lakhs & Rs.23.78 Lakhs at Sl.No.1 & 2 is rectified as 'C & D' and "B & C" instead of "D" & "C".

**Sd./- Block Development Officer, Chhendipada**

## ZILLA SWASTHYA SAMITI, BALANGIR
**(Department of Health & FW, Govt. of Odisha)**

**Advt. No. 3101** **Date: 08.09.2022**

No. E-455: Sealed tenders in prescribed format are invited from regitered firms/agencies towards engagement of Outsourcing agency for Bio Medical Waste Management services at different Govt. Health Institutions of Balangir district. Sealed tender documents should reach to the undersigned on or before **23.09.2022 till 5.00 P.M.** by Registered Post/Speed Post/Courier only. Tender documents received after the scheduled date & time and received without relevant documents will summarily be rejected. The details of tender documents are available in the district website **(www.balangir.nic.in)**. The undersigned reserves the right to cancel any or all tender document(s) without assigning any reason thereof.

**OIPR-10019/11/0013/2223** **Sd./- CDM & PHO, Balangir**

## OFFICE OF THE EXECUTIVE ENGINEER, RWS&S DIVISION, BARIPADA
No. O-944

Tel. No. 06792-254029, Fax No. 06792-259464, E-mail: eerwss_bpd@rediffmail.com, eerwss_bpd@ori.nic.in

**Govt. of Odisha e-procurement Notice**

**Bid Identification No. 20 of 2022-23, Date: 07.09.2022**

1. **Nature of work:** Execution of Rural Piped Water Supply New Projects under different Blocks in Mayurbhanj district in **Percentage rate**. (02 packages)
2. Estimated Cost: **348.95 lakh to 389.90 lakhs.**
3. Period of Completion: **11 months.**
4. Date and time of availability of bid document in portal: **From 11 hour of 14.09.2022 to 28.09.2022 upto 17 hours.**
5. Last Date / Time for receipt of bids in the portal: Both Technical & Financial Bid for each Package **Upto 17 hours of 28.09.2022.**
6. Name and address of the O.I.T.: **Executive Engineer, RWS&S Division, Baripada.**
7. **Date & Time for Opening of Tender: 29.09.2022 at 11.00 A.M.**
8. Corrigendum and addendum if any shall only be published in the above website **http://www.tenderodisha.gov.in**

**Further details can be seen from the e-procurement Portal: "https://tendersodisha.gov.in"**

**Sd./- Executive Engineer, RWS&S Division, Baripada**

OIPR-25014/11/0012/2223

## DIRECTORATE OF STATE INSTITUTE OF HEALTH & FAMILY WELFARE, ODISHA
**Nayapalli, Bhubaneswar - 751012**

**Advertisement Reference No. 3316 Dated: 08.09.2022**

### TRAINING OF GOVERNMENT DOCTORS

No. E-453: Applications are invited as per the following criteria from interested and committed regular in service State Govt. MBBS Doctors for 1 year Course of Post Graduate Diploma in Public Health Management for the year 2022-23. The candidates applying for the above courses must not have completed/undergone any PG Degree, Diploma Course in any subject or any such similar course viz LSAS/EmOC/USG Training/Chemotherapy/Mental Health/ICU/CPS Diploma etc.

| Name of the Training | Duration | Training Organizing Institute | Eligibility Criteria |
|---|---|---|---|
| PG Diploma in Public Health Management | 1 year | Indian Institute of Public Health, Bhubaneswar | Minimum 5 years of service completed and five years to retire 30th September' 2022. |

All interested MBBS Doctors (OPSC Confirmed) are requested to apply to the Director, SIHFW, Odisha. Nayapalli, Unit - 8, Bhubaneswar - 751012, through proper channel (CDM & PHO of the districts/Superintendent of Medical Colleges or respective authorities) in the prescribed format available on website **www.sihfwodisha.nic.in / www.nhmodisha.gov.in / www.health.odisha.gov.in** through Registered Post, Courier or in person. The application form can also be obtained from respective **CDM & PHO Office/Superintendent Govt. Medical Colleges. Last date for receipt of application is 1st October 2022**. No application will be entertained after the last date. For further clarifiation Director, SIHFW, Odisha can be contacted in **sihfwodisha@gmail.com**, Phone No.: 0674-2394336.

**OIPR-10003/11/0076/2223** **Sd./- Director, SIF&FW (Odisha), Bhubaneswar**

## The Odisha Small Industries Corporation Ltd.
(A Government of Odisha Undertaking)
*(An ISO:9001:2008 certified Govt. Company)*
Industrial Estate, Madhupatna, CUTTACK – 753 010. Odisha.
Tel No. : 0671-2341204 ,2342816 Fax : 0671-2341875/2342561
e-mail: osicltd@gmail.com, osicmd@gmail.com, website: osicltd.in
**No. CAD-1750** OSIC GST No. 21AAACO2101M1Z1

### TENDER CALL NOTICE

**Tender Notice No.3842/RE/OSIC** **Dt.08.09.2022**

The Managing Director, OSIC Ltd., Cuttack invites tender from experienced MSMEs duly empanelled with OSIC for execution of the work "**Up-gradation of Model Mandi (R.C.C. concrete road from N.H. to RMC campus, installation of electronics weigh bridge and Renovation of existing godowns) at Market yard Bareipali under RMC, Sambalpur**". Tender details can be downloaded from the OSIC website www.osicltd.in . Authority reserves the right to accept or reject any or all tenders without assigning any reason thereof or the tendering process may be cancelled in Toto. Any corrigendum/changes/ modifications will appear in OSIC Ltd. website www.osicltd.in only.

Sd/-
GENERAL MANAGER(O)

OIPR-14073/11/0076/2223

## NOTICE INVITING TENDER
## OFFICE OF CHIEF CSO-CUM-DISTRICT MANAGER
## ODISHA STATE CIVIL SUPPLIES CORPORATION LTD.

**No. CAD-1742 DISTRICT: KEONJHAR**

**Tender No. 2060/2061/2062** **Dated: 07.09.2022**

Cost of Tender Document: Rs.5900/- inclusive of GST for each Unit i.e. **UNIT - I (KEONJHAR SADAR SUB-DIVISION), UNIT - II (CHAMPUA SUB-DIVISION & UNIT - III ANANDAPUR SUB-DIVISION)**

Online tenders are invited from eligible bidders for selection and appointment of transport contractors for transportation of Paddy from Paddy Purchase Centres (PPC) to Rice Mills within district or out side the district within the State of Odisha.

| | | |
|---|---|---|
| 1 | Availability of tender documents | From Date: 08.09.2022 Downloadable from website: **www.tendersodisha.gov.in** |
| 2 | Date, time and venue for pre-bid conference | On Dt. 12.09.2022 at 04.00 P.M. Place: Office of the Chief CSO-cum-District Manager, OSCSC Ltd., Keonjhar |
| 3 | Last date and time for online submission of completed Tender Documents with enclosures | Through e-Procurement Portal: **www.tendersodisha.gov.in** Upto 22.09.2022, 05.00 P.M. |
| 4 | Date, time and venue for opening of Technical Bid by the Tender Committee | On Dt.23.09.2022 at 11.30 A.M. at Office Chamber of the ADM, Keonjhar |
| 5 | Date, time and venue of submission of original documents in support of scanned copies uploaded in the portal for verification | On Dt.23.09.2022 at Office of the Chief CSO-cum-District Manager, OSCSC Ltd., Keonjhar |
| 6 | Date & time of Financial Bid opening by the Tender Committee (Only of Technically Qualified Bidders) | To be announed after technical bid evaluation |

**N.B.: 1.** If the office happens to be closed on the date of opening of tenders, tenders will be opened on the next working day in the same time.

**Sd./- Chief CSO-cum-District Manager**
**OSCSC Ltd., Keonjhar**

**OIPR-07048/11/0005/2223**

## GOVERNMENT OF ODISHA
No. O-945
## O/O. THE SUPERINTENDING ENGINEER RURAL WORKS DIVISION-II, CUTTACK
**Email ID: cuttackrw2nd@yahoo.co.in**
**Telephone/Fax No. (0671) 2445119**

### e-Procurement Notice for BUILDING WORK
**Bid Identification No. SECTC-II-09 of 2022-23 Dt.08.09.2022**

1. Number of the work : 04 (Four) Number Buildings for the year 2022-2023
2. Estimated Cost (Approx.) : Rs.92.11 lakh to Rs.94.67 lakh
3. Period of Completion : 11 (Eleven) Calendar Months
4. Date & time of sale & receipt of bid document online : From 26.09.2022 at 11.00 A.M. to 10.10.2022 at 4.00 P.M.
5. Date & time of opening of Technical bid : 11.10.2022 at 11.30 A.M.
6. Date & time of opening of Financial bid : To be intimated later on
7. Name and address of Inviting Officer : Superintending Engineer, R.W. Division-II, Cuttack, Nayabazar, Cuttack - 753004

Further details can be seen from the State Govt. portal **https://tendersorissa.gov.in**.

**Sd./- Superintending Engineer**
**R.W. Division-II, Cuttack**

**OIPR-25095/11/0011/2223**

## idco | ODISHA NEW OPPORTUNITIES
No.CAD-1740
### REQUEST FOR PROPOSAL
**Bid Identification No. P&C/EST/E-60/2022-23**

**File No.: CIV/ARCH/E-4078/01-21/22881 Date: 07.09.2022**

Request for Proposal is invited from renowned consulting firms for "Selection of Interior Design Consultant for State of Art Furnishing O-HUB for Startup Odisha in Bhubaneswar".

The detail RFP notice can be seen in E-Procurement Portal of Government of Odisha website **https://tendersodisha.gov.in/nicgep/app.** The bid document can be downloaded from 5.00 P.M. of 16.09.2022. The last date of submission of the technical bid is 30.09.2022 by 5.00 P.M. in E-Procurement portal only.

**Sd./- Chief General Manager (P&C)**
**IDCO, Bhubaneswar**

OIPR-14003/11/0135/2223

## OFFICE OF THE DEPUTY DIRECTOR
## SIMILIPAL SOUTH WILDLIFE DIVISION, BARIPADA
**Phone: 06792-259126, Fax: 06792-256705**
**e-mail: dfo.similipalsouthwl@odisha.gov.in**

### QUOTATION CALL NOTICE

**No. 3583** **Date: 07.09.2022**

No. MM-143: Sealed quotations are invited from reputed manufacturers/distributors/authorized dealers for supply of Table, Chair, Cot (Single), Cot (Double Decker), Mattress, Rain Coat, Utensil, Mosquito Net, Water Filter, Leech Guard, Aqua Guard & Almirah for use in the different Anti-poaching Campus under Similipal South WL Division.

Last date and time of receipt of quotation documents - 22.09.2022 upto 02.00 P.M.
Date and time of opening of quotation - 22.09.2022 at 04.00 P.M.

For more details please log into **www.similipal.org**.

**Sd./- Deputy Director**
**Similipal South WL Division, Baripada**

**OIPR-08127/11/0002/2223**

## GOVT. OF ODISHA
No. O-942
## OFFICE OF THE CHIEF CONSTRUCTION ENGINEER, RURAL WORKS CIRCLE, KEONJHAR
**Tel.; 06766-258301 (O), email: se_nerwkjr@rediffmail.com**

### e-Procurement Notice for Road Works under DMF
**Identification No. - Road Online NCB No. 347**

**No. 1873** **Date: 07.09.2022**

1. Name of the Work : Road Works under DMF in the District of Keonjhar
2. No. of Work : 06 (Six) No.
3. Estimated Cost : As per Annexure in NIT
4. Class of Contractor (Eligible) : As per Annexure in NIT
5. Period of Completion : As per Annexure in NIT
6. Other details :

| Procurement Officer | Bid Identification No. | Availability of tender Online for Bidding | | Last date & time of seeking tender clarification | Date & time of Opening of Tender in O/o. C.C.E., R.W. Circle, Keonjhar | |
|---|---|---|---|---|---|---|
| | | From | To | | Technical Bid | Financial Bid |
| 1 | 2 | 3 | 4 | 5 | 6 | 7 |
| Chief Construction Engineer, Rural Works Circle, Keonjhar | Road Online NCB No. 347 | Dt.15.09.2022 at 11.00 A.M. | Dt.29.09.2022 upto 5.00 P.M. | Dt.28.09.2022 upto 5.00 P.M. | Dt.30.09.2022 at 11.00 A.M. | Will be intimated later |

- Further details can be seen from the website: **www.tendersorissa.gov.in**.

**OIPR-25177/11/0020/2223** **Sd./- Chief Construction Engineer, R.W. Circle, Keonjhar**

## NOTICE INVITING TENDER
## OFFICE OF CHIEF CSO/CSO-CUM-DISTRICT MANAGERS
## ODISHA STATE CIVIL SUPPLIES CORPORATION LTD.
No. CAD-1746

**DISTRICT: KORAPUT (JEYPORE SUB-DIVISION)**

**TENDER No. 2197** **Dated: 07.09.2022**

Cost of Tender Document: Rs.5900/- Inclusive of GST for each UNIT.

Online tenders are invited from eligible bidders for selection and appointment of transport contractors for transportation of paddy from paddy purchase centres (PPC) to rice mills with in district or outside the district within the State of Odisha.

| | | |
|---|---|---|
| 1 | Availability of Tender documents | From Date: 09.09.2022 Downloadable from website: **www.oscsc.in & www.tendersodisha.gov.in** |
| 2 | Date, time and venue for pre-bid conference | On dated 16.09.2022 (at 11.30 A.M.) at Office of the CCSO-cum-DM, OSCSC Ltd., Jeypore) |
| 3 | Last date and time for online submission of completed Tender Documents with enclosures | Through e-Procurement Portal: **www.tendersodisha.gov.in** Upto 23.09.2022 till 5.00 P.M. |
| 4 | Date, time and venue for opening of Technical Bid by the Tender Committee | On dated 26.09.2022 at 3.30 P.M. at Collectorate, Koraput |
| 5 | Date, time and venue of submission of original documents in support of scanned copies uploaded in the portal for verification | On dated 26.09.2022, 4.30 P.M. onwards at Collectorate, Koraput |
| 6 | Date & time of Financial Bid opening by the Tender Committee (Only of Technically Qualified Bidders) | To be announced after technical bid evaluation |

**N.B.: 1.** If the office happens to be closed on the date of opening of tenders, tenders will be opened on the next working day in the same time.

**Sd./- Chief CSO/CSO-cum-District Manager**
**OSCSC Ltd., Koraput**

**OIPR-07038/11/0004/2223**

## ODISHA POWER TRANSMISSION CORPORATION LIMITED
(A Government of Odisha Undertaking)
**Regd. Office: Janpath, Bhubaneswar-751022**
CIN:U40102OR2004SGC007553

Lifeline of Odisha

**No. CAD-1755** **TENDER ALERT**

**1) Tender Call Notice No.-17/2022-23:** Renovation of earth pit by treatment with bentonite powder & other materials at Grid S/s Dhenkikote under EHT(O&M) Division Joda.

**2) Tender Call Notice No.19/2022-23:** Erection of 250KVA 33/0.4 kV Station Transformer including construction of plinth foundation, supply of materials and erection of structure, equipment and transformer at 220/33 kV Grid S/s Bonai, under E.H.T (O&M) Division, Rourkela under E.H.T (O&M) Circle, Burla.

**3) E-Tender Call Notice No.BAM 08/2022-23:** Construction of CC road from first entrance gate of 220 kV switchyard to TATA bay and renovation of damaged rain water outlet drain at Grid S/s Narendrapur under E.H.T (O&M) Circle Berhampur.

**4) Tender Call Notice No.09/2022-23:** Engagement of One No. Non A/C Bolero or equivalent for official work of SDO, Grid S/s Berhampur & One No. of Non A/C Camper or equivalent for official work of SDO, Grid S/s Digapahandi on monthly basis under E.H.T (O&M) Circle Berhampur.

**5) Tender Call Notice No.01/CHP-DIV/22-23:** Procurement of 05 nos. of FRP Ladder-Extension type of make- Ladderman/Youngman/Maxell for utilization during maintenance works at different Grid S/s and Lines under E.H.T ((O&M) Division Chainpal.

For more details please visit OPTCL's website: **www.optcl.co.in.**

**OIPR-04011/11/0091/2223** **FIPR-40/2022-23**

## OFFICE OF THE CHIEF DISTRICT MEDICAL & PUBLIC HEALTH OFFICER, GANJAM
**(Dist. Programme Management Unit, Berhampur, Ganjam)**
**Health & Family Welfare Department, Government of Odisha**

**Advt. No. 12713** **Date: 07.09.2022**

### CONTRACTUAL APPOINTMENT

**No.E-454:-** Applications are invited from eligible candidates for filling of vacancies of different categories of posts under City Health Society, National Urban Health Mission, Berhampur, Ganjam. All these posts are contractual and for a period of 11 months, with monthly remuneration as noted against each post and subject to renewal as per society norms based on the performance and subject to continuance of the programme. Lower age limit for all the positions is 21 years as on dtd. 01.09.2022.

| Sl. No. | Name of the Post | No. of Vacancy | Remuneration in Rs. Per Month |
|---|---|---|---|
| 1 | **Programme Assistant, Urban Health** | 1 | Rs. 25,328/- + PI |
| 2 | **Data Assistant-cum-Accountant, Urban Health** | 1 | Rs. 13,371/- + PI |

Interested candidates may log on to **https://ganjam.nic.in** for details (Vacancies, terms and conditions & application form etc.). Eligible Candidates fulfilling the eligibility criteria are to apply in the prescribed application form "superscribed for the post applied for" to the undersigned by Regd. Post / Speed Post / Courier on or before **30.09.2022** with all relevant documents. The undersigned is not responsible for any postal delay. Application received after due date will be rejected. The envelope containing the application should be superscribed clearly with the name of the post applied for.

**Number of Vacancies shown above are provisional and it may change at the time of actual appointment / Posting**. Time to time notification regarding status of selection process will be web hosted in district web-site. The undersigned reserves the right to cancel /reject any or all the applications without assigning any reason thereof.

**OIPR-10041/11/0011/2223** **Sd./- CDM & PHO, Ganjam**

## ସଂକ୍ଷେପରେ

### ଏନ୍‌ଇଇଟି, ଜେଇଇ ମିଶ୍ରଣ ନିଷ୍ପତ୍ତି ହୋଇନାହିଁ: ୟୁଜିସି ମୁଖ୍ୟ

**ନୂଆଦିଲ୍ଲୀ,୮।୯ (ପି.ଟି.):** ଡାକ୍ତରୀ ପ୍ରବେଶିକା ପରୀକ୍ଷା ଏନ୍‌ଇଇଟି,ଇଞ୍ଜିନିୟରିଂ ପ୍ରବେଶିକା ପରୀକ୍ଷା ଜେଇଇ ଏବଂ ସିୟୁଇଟି-ୟୁଜିର ମିଶ୍ରଣ ଲାଗି ଏପର୍ଯ୍ୟନ୍ତ କୌଣସି ଆନୁଷ୍ଠାନିକ ନିଷ୍ପତ୍ତି ହୋଇନାହିଁ। ଛାତ୍ରୀଛାତ୍ରଙ୍କ ଉପରେ କିଛି ଲଦିଦିଆଯିବ ନାହିଁ ବୋଲି ବିଶ୍ୱବିଦ୍ୟାଳୟ ଅନୁଦାନ ଆୟୋଗ (ୟୁଜିସି) ଅଧକ୍ଷ ଏମ୍. ଜଗଦେଶ କୁମାର ଗୁରୁବାର କହିଛନ୍ତି। ଜେଇଇ ଏବଂ ଏନ୍‌ଇଇଟି ମିଶ୍ରର ଯୋଜନା ନାହିଁ ବୋଲି ଦୁଇଦିନ ପୂର୍ବରୁ ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ସୂଚନା ଦେଇଥିଲେ। ସୂଚନାଯୋଗ୍ୟ, ଉପରୋକ୍ତ ପ୍ରବେଶିକା ପରୀକ୍ଷାଗୁଡ଼ିକ ଭବିଷ୍ୟତରେ ଏକାଠି ହେବ ବୋଲି ଗତ ମାସରେ ୟୁଜିସି ମୁଖ୍ୟ ଘୋଷଣା କରିଥିଲେ। ଏନେଇ ବିଭିନ୍ନ ପକ୍ଷଙ୍କ ମଧ୍ୟରେ ବିଚାରବିମର୍ଶ ଚାଲିଥିବା ସେ କହିଛନ୍ତି। ତେବେ ଆସନ୍ତା ବର୍ଷରୁ ମିଳିତ ପରୀକ୍ଷା ହେବା ନେଇ ଛାତ୍ରୀଛାତ୍ରଙ୍କ ଉପରେ ଉପରୁ କିଛି ଲଦିଦିଆଯିବ ନାହିଁ ବୋଲି କୁମାର ସ୍ପଷ୍ଟ କରିଦେଇଛନ୍ତି। ଏପରିକି ନିଷ୍ପତ୍ତି ନିଆଗଲେ ମଧ ତାହା ବର୍ତ୍ତମାନର ଏକାଦଶ ଓ ଦ୍ୱାଦଶ ଶ୍ରେଣୀ ପିଲାଙ୍କୁ ପ୍ରଭାବିତ କରିବା ଉଚିତ ନୁହେଁ। ଆମେ ସେମାନଙ୍କୁ ପର୍ଯ୍ୟାପ୍ତ ସମୟ ଦେବୁ। ପ୍ରବେଶିକା ପରୀକ୍ଷାର ମିଶ୍ରଣ ଅନ୍ତତଃ ଆଗାମୀ ଦୁଇବର୍ଷରେ ଲାଗୁ ହେବାର ନାହିଁ ବୋଲି ୟୁଜିସି ମୁଖ୍ୟ କହିଛନ୍ତି।

### ରାଜସ୍ଥାନର ତନିଷ୍କା ଟପ୍ପର

**ଏନ୍‌ଇଇଟି-ୟୁଜି ଫଳାଫଳ**



ତନିଷ୍କା ସାରା

**ନୂଆଦିଲ୍ଲୀ,୮।୯ (ପି.ଟି.):** ଡାକ୍ତରୀ ଶିକ୍ଷାରେ ନାମଲେଖା ପାଇଁ ଅନୁଷ୍ଠିତ ଜାତୀୟ ଯୋଗ୍ୟତା ତଥା ପ୍ରବେଶିକା ପରୀକ୍ଷା ଅଣ୍ଡରଗ୍ରାଜୁଏଟ୍ (ଏନ୍‌ଇଇଟି-ୟୁଜି)ରେ ରାଜସ୍ଥାନର ତନିଷ୍କା ସାରା ଦେଶରେ ଟପ୍ପର ହୋଇଛନ୍ତି। ନ୍ୟାଶନାଲ ଟେଷ୍ଟିଂ ଏଜେନ୍ସି (ଏନ୍‌ଟିଏ) ଏହି ପରୀକ୍ଷା ପରିଚାଳନା କରିଥିଲା। ଏଥର ମୋଟ ୭୨୦ ନମ୍ବରରୁ ୪ ଜଣ ପିଲା ୭୧୫ ନମ୍ବର ଲେଖାଏ ରଖିଥିଲେ ମଧ ଗତବର୍ଷ ଭଳି ୪ ଜଣଙ୍କୁ ଟପ୍ପର ଘୋଷଣା କରାଯାଇ ନାହିଁ। ଏନ୍‌ଟିଏ ନୂଆ ଟାଇ-ବ୍ରେକର ନୀତିରେ ତନିଷ୍କାଙ୍କୁ ଟପ୍ପର ଘୋଷଣା କରିଥିବାବେଳେ ଦିଲ୍ଲୀର ଆଶିଷ ବାତ୍ରାଙ୍କୁ ଦ୍ୱିତୀୟ ଏବଂ କର୍ଣ୍ଣାଟକର ହୃଷୀକେଶ ନାଗଭୂଷଣ ଗାଙ୍ଗୁଲେ ଓ ରୁଚା ପାୱାସେଙ୍କୁ ଯଥାକ୍ରମେ ତୃତୀୟ ଓ ଚତୁର୍ଥ ଘୋଷଣା କରାଯାଇଛି। ଟାଇ-ବ୍ରେକର ନୀତିରେ ୯ଟି ଫ୍ୟାକ୍ଟରକୁ ବିଚାରକୁ ନିଆଯାଇ ଟପ୍ପର ନିରୂପଣ କରାଯାଇଥିଲା ବୋଲି ଏନ୍‌ଟିଏ ଅଧିକାରୀମାନେ କହିଛନ୍ତି। ଗତବର୍ଷ ୩ ଜଣଙ୍କୁ ଟପ୍ପର ଘୋଷଣା କରାଯାଇଥିଲା। ସେମାନେ ହେଲେ ତେଲଙ୍ଗାନାର ମୃଣାଳ କୁଟ୍ଟେରି, ଦିଲ୍ଲୀର ତନ୍ମୟ ଗୁପ୍ତା ଏବଂ ମହାରାଷ୍ଟ୍ରର କାର୍ତ୍ତିକ ନାୟାର। ଏଥର ଶୀର୍ଷ ୫୦ ଜଣଙ୍କ ମଧ୍ୟରେ ଓଡ଼ିଶାରୁ ପ୍ରିୟସୋମଦତ୍ତ ନାୟକ ସ୍ଥାନ ପାଇଛନ୍ତି। ସେ ୭୨୦ରୁ ୭୦୫ ନମ୍ବର ରଖି ସର୍ବଭାରତୀୟ ସ୍ତରରେ ୩୯ ର୍‌ୟାଙ୍କ ପାଇଥିବାବେଳେ ଓଡ଼ିଶାର ଟପ୍ପର ହୋଇଛନ୍ତି। ଓଡ଼ିଶାରୁ ମୋଟ ୪୪,୯୪୭ ଜଣ ଏନ୍‌ଇଇଟି-ପିଜି ଲାଗି ପଞ୍ଜୀକୃତ ହୋଇଥିବାବେଳେ ସେମାନଙ୍କ ମଧ୍ୟରୁ ୪୩,୦୮୦ ଜଣ ପରୀକ୍ଷା ଦେଇଥିଲେ। ୨,୬୨୭ ଜଣ ପରୀକ୍ଷାରେ କୃତକାର୍ଯ୍ୟ ହୋଇଥିବା ଜଣାପଡ଼ିଛି।

## ରୋବୋ ହେଲା କମ୍ପାନୀ ସିଇଓ



ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ (ଏଆଇ) ଜୀବନକୁ ଅଧିକ ସହଜ କରିଥିବାବେଳେ ଏହାର ଉପଯୋଗରେ ନିର୍ମିତ ରୋବୋ ଧୀରେ ଧୀରେ କର୍ମଚାରୀଙ୍କ ସ୍ଥାନ ନେବାକୁ ଯାଉଛି। ଚାଇନା ଏହାର ମେଟାଭର୍ସ କମ୍ପାନୀ ନେଟ୍‌ଡ୍ରାଗନ୍ ୱେବ୍‌ସଫ୍ଟରେ ଏକ ରୋବୋକୁ ସିଇଓ ନିଯୁକ୍ତି ଦେଇ ଏହି ଧାରା ଆରମ୍ଭ କରିଛି। ଇତିହାସରେ ପ୍ରଥମ ଥର ପାଇଁ ଏମ୍‌ଏସ୍ ତାଙ୍ଗ୍ ୟୁ ନାମକ ଭର୍ଚୁଆଲ ହ୍ୟୁମାନଏଡ୍ ରୋବୋ କୌଣସି କମ୍ପାନୀର ବସ୍ ହୋଇଛି। ତାଙ୍ଗ୍ ୟୁ ପ୍ରାୟ ୧୦ ବିଲିୟନ ଡଲାର ମୂଲ୍ୟର ଏହି କମ୍ପାନୀର ପରିଚାଳନା ଦାୟିତ୍ୱ ଏବଂ କୌଶଳ ବିକାଶ ବିଭାଗର ନେତୃତ୍ୱ ନେବ। ଏହାସହ ରୋବୋ ରିଅଲ୍-ଟାଇମ୍ ଡାଟା ହବ୍ ହେବା ସହ ଦୈନନ୍ଦିନ କାର୍ଯ୍ୟରେ ଉପଯୁକ୍ତ ନିଷ୍ପତ୍ତି ନେବାରେ ସହଯୋଗ କରିବ ବୋଲି କମ୍ପାନୀ ପକ୍ଷରୁ କୁହାଯାଇଛି।

## ୪୩୮ କୋଟିର ବଙ୍ଗଳା ଦାନ

ଆମେରିକୀୟ ଫିଲାନ୍ଥ୍ରୋପିଷ୍ଟ (ଗରିବ/ଅସହାୟଙ୍କୁ ସହାୟତା କରୁଥିବା ବ୍ୟକ୍ତି) ତଥା ଆମାଜନ୍ ପ୍ରତିଷ୍ଠାତା ଜେଫ୍ ବେଜୋସ୍‌ଙ୍କ ପୂର୍ବତନ ସ୍ତ୍ରୀ ମ୍ୟାକେଞ୍ଜି ସ୍କଟ୍ ୫୫ ବିଲିୟନ ଡଲାର (ପ୍ରାୟ ୪୩୮ କୋଟି ଟଙ୍କା) ମୂଲ୍ୟର ଦୁଇଟି ମାନ୍‌ସନ୍ ଏକ ଦାତବ୍ୟ ସଂସ୍ଥାକୁ ଦାନ କରିଛନ୍ତି। ଏକ ଅଣଲାଭକାରୀ ଫିଲାନ୍ଥ୍ରୋପିଷ୍ଟ ସଂସ୍ଥା କାଲିଫର୍ନିଆ କମ୍ୟୁନିଟି ଫାଉଣ୍ଡେଶନ୍ (ସିସିଏଫ୍) ଏ ବାବଦରେ ସୂଚନା ଦେଇଛି। ଏଥିପାଇଁ ସିସିଏଫ୍ ଅଧକ୍ଷ ତଥା ସିଇଓ ଆଣ୍ଟୋନିଆ ହର୍‌ନାନ୍ଦେଜ୍ ତାଙ୍କୁ ଧନ୍ୟବାଦ ଜଣାଇଛନ୍ତି। ବିଶ୍ୱର ଅନ୍ୟତମ ଧନୀ ମହିଳା ସ୍କଟ୍ ତାଙ୍କ ସମ୍ପତ୍ତିର ଅଧିକାଂଶ ଦାନ କରିବେ ବୋଲି ପୂର୍ବରୁ ଘୋଷଣା କରିଥିଲେ। ସ୍କଟ୍ ୨୦୧୯ରେ ବେଜୋସ୍‌ଙ୍କଠାରୁ ଅଲଗା ହୋଇଥିଲେ। ୨୦୨୧ରେ ସ୍କଟ୍ ଜଣେ ସ୍କୁଲ ଶିକ୍ଷକ ଡାନ୍ ଜିଓ୍ୱେଟ୍‌ଙ୍କୁ ବିବାହ କରିଥିଲେ।



ମ୍ୟାକେଞ୍ଜି ସ୍କଟ୍

**ମହଙ୍ଗା ପଡ଼ିବ ମେକ୍ ଇନ୍ ଇଣ୍ଡିଆ**

# ଅସ୍ତ୍ରଶସ୍ତ୍ରରେ ପଛାଉଛି ଭାରତ

**'ମେକ୍ ଇନ୍ ଇଣ୍ଡିଆ' ନୀତିରେ ମୋବାଇଲଠାରୁ ଆରମ୍ଭ କରି ଫାଇଟର ଜେଟ୍ ନିର୍ମାଣକୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ପ୍ରୋତ୍ସାହିତ କରୁଛନ୍ତି। ହେଲେ ପ୍ରତିରକ୍ଷା କ୍ଷେତ୍ରରେ ଏହାର ବିପରୀତ ପ୍ରଭାବ ଦେଖାଯିବା ଆଶଙ୍କା ଉପୁଜିଛି। କେନ୍ଦ୍ରର କଟକଣା ଯୋଗୁ ଭାରତୀୟ ବାୟୁସେନା, ସ୍ଥଳ ଏବଂ ନୌସେନା ଗୁରୁତ୍ୱପୂର୍ଣ୍ଣ ଯୁଦ୍ଧାସ୍ତ୍ର ନିର୍ମାଣ ନିମନ୍ତେ ଯନ୍ତ୍ରାଂଶ ଆମଦାନୀ କରିପାରୁନାହାନ୍ତି। ଏଥିଯୋଗୁ ପୁରୁଣା ହୋଇଯାଉଥିବା ଅସ୍ତ୍ରଶସ୍ତ୍ରର ମରାମତି କଷ୍ଟକର ହୋଇପଡ଼ିବ। ସ୍ୱଦେଶୀ ଜ୍ଞାନକୌଶଳ ଏବଂ କଞ୍ଚାମାଲ ବ୍ୟବହାରରେ ଗତ ୮ ବର୍ଷରେ ଭାରତର ଯୁଦ୍ଧାସ୍ତ୍ର ଆବଶ୍ୟକତା ପୂରଣ ହୋଇପାରିନାହିଁ। ଫଳରେ ଆଗକୁ ଭାରତୀୟ ସେନାରେ ହେଲିକପ୍ଟର, ଯୁଦ୍ଧବିମାନର ଅଭାବ ଉପୁଜିବ। ଏପରି ହେଲେ ଚାଇନା ଓ ପାକିସ୍ତାନ ପଟୁ ବଢୁଥିବା ଆହ୍ୱାନର ମୁକାବିଲା କଷ୍ଟକର ହୋଇପଡ଼ିବ।**







**ନୂଆଦିଲ୍ଲୀ, ୮।୯**

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସରକାର 'ମେକ୍ ଇନ୍ ଇଣ୍ଡିଆ' ନୀତିରେ ପ୍ରତିରକ୍ଷା ସାମଗ୍ରୀ ନିର୍ମାଣକୁ ଗୁରୁତ୍ୱ ଦେଉଛନ୍ତି। ହେଲେ ଡିଫେନ୍ସ ସିଷ୍ଟମରେ ଘରୋଇ ଉତ୍ପାଦନକୁ ପ୍ରୋତ୍ସାହିତ ନିମନ୍ତେ କେନ୍ଦ୍ରର ପଦକ୍ଷେପ ଭାରତକୁ ପଡ଼ୋଶୀ ଚାଇନା ଓ ପାକିସ୍ତାନ ପଟୁ ବଢୁଥିବା ବିପଦ ପାଇଁ ଅସୁରକ୍ଷିତ କରିପାରେ। ଏଥିଯୋଗୁ ଆଗକୁ ଦେଶକୁ ଯୁଦ୍ଧାସ୍ତ୍ର ଅଭାବର ସାମ୍ନା କରିବା ଆଶଙ୍କା ରହିଛି ବୋଲି ଏହାସହ ଜଡ଼ିତ ବରିଷ୍ଠ ଅଧିକାରୀ ମତବ୍ୟକ୍ତ କରିଛନ୍ତି। ଏ ବାବଦରେ ଜାତୀୟ ଓ ଅନ୍ତର୍ଜାତୀୟ ଗଣମାଧ୍ୟମରେ ରିପୋର୍ଟ ପ୍ରକାଶ ପାଇଛି। ପୁରୁଣା ଯୁଦ୍ଧାସ୍ତ୍ର ବଦଳାଇବା, ଏହା ମରାମତି ଆଦି ନିମନ୍ତେ ଭାରତର ବାୟୁସେନା, ସ୍ଥଳ ଏବଂ ନୌସେନା ପାର୍ଟସ୍ ଆମଦାନୀ କରିପାରିବେ ନାହିଁ। ମେକ୍ ଇନ୍ ଇଣ୍ଡିଆ ନୀତି ଯୋଗୁ ଦେଶରେ ୨୦୨୬ ସୁଦ୍ଧା ହେଲିକପ୍ଟର ଏବଂ ୨୦୩୦ ସୁଦ୍ଧା ଶତାଧିକ ଯୁଦ୍ଧବିମାନ ଅଭାବ ଦେଖାଯିବ ବୋଲି ଅଧିକାରୀମାନେ କହିଛନ୍ତି। ଏଥିସହ

**ଗମ୍ଭୀର ହେବ ଯୁଦ୍ଧାସ୍ତ୍ର ଅଭାବ ସଙ୍କଟ**

ଅନେକ ଗୁରୁତ୍ୱପୂର୍ଣ୍ଣ ଓ ଅତ୍ୟାଧୁନିକ ଯୁଦ୍ଧାସ୍ତ୍ର ସଂଖ୍ୟା ମଧ କମିଯିବା ଆଶଙ୍କା ରହିଛି।

୨୦୧୪ରେ କେନ୍ଦ୍ରରେ ଭାଜପା କ୍ଷମତାକୁ ଆସିବା ପରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ମୋବାଇଲଠାରୁ ଆରମ୍ଭ କରି ଯୁଦ୍ଧବିମାନ ପର୍ଯ୍ୟନ୍ତ ସବୁକିଛି 'ମେକ୍ ଇନ୍ ଇଣ୍ଡିଆ' ନୀତିରେ ଭାରତରେ ନିର୍ମାଣ ଯୋଜନା ଆରମ୍ଭ କରିଥିଲେ। ବିଦେଶ ଉପରେ ନିର୍ଭରଶୀଳତା ହ୍ରାସ ଏବଂ ଅଧିକ ରୋଜଗାର ସୃଷ୍ଟି ଏହାର ମୂଳ ଉଦ୍ଦେଶ୍ୟ ବୋଲି ମୋଦି କହିଥିଲେ। କିନ୍ତୁ ଏହି ନୀତିର ୮ ବର୍ଷ ପରେ ବି ସର୍ବାଧିକ ଅସ୍ତ୍ରଶସ୍ତ୍ର ଆମଦାନୀକାରୀ ଦେଶ ଭାରତ ଆବଶ୍ୟକତା ପୂରଣ କରିବା ଭଳି ଯୁଦ୍ଧାସ୍ତ୍ର ନିର୍ମାଣ କରିପାରିନାହିଁ। ସେପଟେ କେନ୍ଦ୍ର ସରକାରଙ୍କ ନିୟମ ବିଦେଶରୁ ଅସ୍ତ୍ରଶସ୍ତ୍ର କିଣିବାରେ ମଧ ବାଧା ସୃଷ୍ଟି କରିଛି। ଚାଇନା ଓ ପାକିସ୍ତାନ ପଟୁ ଆହ୍ୱାନ ବଢୁଥିବାବେଳେ ଏପରି ସ୍ଥିତିରେ ଭାରତର ଅସ୍ତ୍ରାଗାରରେ ଯୁଦ୍ଧାସ୍ତ୍ର ଅଭାବ ଆଶଙ୍କା ଉପୁଜିଛି। ପ୍ରଧାନମନ୍ତ୍ରୀଙ୍କ ଯୋଜନା ଅନୁସାରେ ପ୍ରତିରକ୍ଷା ସାମଗ୍ରୀରେ ୩୦ରୁ ୬୦% ସ୍ୱଦେଶୀ ଉତ୍ପାଦ ବାଧ୍ୟତାମୂଳକ। ଏହା ପୂର୍ବରୁ ଏପରି କୌଣସି ନୀତି ନ ଥିଲା। ନିକଟ ଅତୀତରେ ଭାରତର ଅନ୍ତର୍ଜାତୀୟ ସୀମାରେ ଉତ୍ତେଜନା ଯଥେଷ୍ଟ ବୃଦ୍ଧି ପାଇଛି। ପାକିସ୍ତାନ ଏବଂ ଚାଇନା ସହିତ ତିକ୍ତତା ପରିସ୍ଥିତି ଏବେ ବି ଜାରି ରହିଛି। ଚାଇନା ପ୍ରକୃତ ନିୟନ୍ତ୍ରଣ ରେଖା (ଏଲ୍‌ଏସି) ନିକଟରେ ସେନା ଭିତ୍ତିଭୂମି ନିର୍ମାଣ କରିଚାଲିଛି। ସୀମାରେ ଚାଇନା ସେନାକୁ ରୋକିବାକୁ ହେଲେ ଭାରତକୁ ଦୁଇଗୁଣ ସୈନ୍ୟ ଆବଶ୍ୟକ ପଡ଼ିପାରେ। ବେଜିଂ ଉପରେ ଚାପ ପକାଇବା ପାଇଁ ଅଧିକରୁ ଅଧିକ ଅତ୍ୟାଧୁନିକ ଅସ୍ତ୍ରଶସ୍ତ୍ର ଜରୁରୀ। କିନ୍ତୁ ସ୍ୱଦେଶୀ ନିର୍ମାତା ସମୟର ଦାବି ଅନୁସାରେ ଏ ଯାଏ ସେତିକି ମାତ୍ରାରେ ପ୍ରତିରକ୍ଷା ସାମଗ୍ରୀ ନିର୍ମାଣ କରିପାରିନାହାନ୍ତି। ସମ୍ପୃକ୍ତ ଅଧିକାରୀଙ୍କ କହିବା ଅନୁସାରେ, ୨୦୩୦ ସୁଦ୍ଧା ଏୟାରଫୋର୍ସରେ ୩୦ରୁ କମ୍ ଫାଇଟର ସ୍କ୍ୱାଡ୍ରନ ରହିଥିବ। ଚାଇନା ଓ ପାକିସ୍ତାନ ସୀମାରେ ପର୍ଯ୍ୟାପ୍ତ ସୁରକ୍ଷା ବ୍ୟବସ୍ଥା ଅଧିକ ମଜଭୁତ କରିବାକୁ ପଡ଼ିବ। ବାୟୁସେନାକୁ ଅଧ ଡଜନେରୁ ଅଧିକ ସ୍କ୍ୱାର୍ଡନକୁ ଗ୍ରାଉଣ୍ଡକୁ ପଠାଇବାକୁ ପଡ଼ିବ। ହିନ୍ଦୁସ୍ତାନ ଏରୋନଟିକ୍ସ ଲିମିଟେଡ୍ ବର୍ଷକୁ ମାତ୍ର ୮ଟି ତେଜସ୍ ଫାଇଟ୍‌ର କିମ୍ବା ଗୋଟିଏ ସ୍କ୍ୱାର୍ଡନ ଯୁଦ୍ଧଜାହାଜ ବା ବିମାନ ନିର୍ମାଣ କରିପାରିବ। ୨୦୨୬ ସୁଦ୍ଧା କମ୍ପାନୀ ଏହାର ଉତ୍ପାଦନ କ୍ଷମତା ଦୁଇଗୁଣ କରିବାକୁ ଯୋଜନା କରିଛି। ହେଲେ ରୁଷିଆ-ୟୁକ୍ରେନ୍ ଯୁଦ୍ଧ ଯୋଗୁ ଯୋଗାଣ ଶୃଙ୍ଖଳରେ ବାଧା ଉପୁଜୁଥିବାରୁ ଏହା ଆହୁରି ଅଧିକ ସମୟ ନେଇପାରେ। ତାହାର କୌଣସି ସମୟସୀମା ନାହିଁ।

### ହେଲିକପ୍ଟର ସଙ୍କଟ ଜାରି

ପ୍ରତିରକ୍ଷା ମନ୍ତ୍ରଣାଳୟର ଜଣେ ଅଧିକାରୀଙ୍କ କହିବା ଅନୁସାରେ, ଭାରତୀୟ ସେନାରେ ହେଲିକପ୍ଟର ସଙ୍କଟ ଗମ୍ଭୀର ହେବାରେ ଲାଗିଛି। ତିନି ସେନା ୫୦ ବର୍ଷରୁ ଅଧିକ ସମୟ ହେଲା ଫ୍ରାନ୍ସ ନିର୍ମିତ ହେଲିକପ୍ଟର ଉପରେ ନିର୍ଭରଶୀଳ। ମୋଟ ହେଲିକପ୍ଟରର ୮୦%ରୁ ଅଧିକ ୩୦ ବର୍ଷର ଜୀବନକାଳ ପୂରଣ କରିସାରିଛି। ସିଙ୍ଗଲ-ଇଞ୍ଜିନ ହେଲିକପ୍ଟରଗୁଡ଼ିକୁ ୨୦୨୬ ସୁଦ୍ଧା ଗ୍ରାଉଣ୍ଡ କରିବାକୁ ପଡ଼ିବ। ହେଲେ ଘରୋଇ ଭାବେ ନିର୍ମିତ ଲାଇଟ୍ ହେଲିକପ୍ଟରଗୁଡ଼ିକ ୨୦୩୦ ଶେଷ ପୂର୍ବରୁ ସମ୍ପୂର୍ଣ୍ଣ ନିର୍ମାଣ ସମ୍ଭାବନା କମ୍। ରୁଷୀୟ କାମୋଭ୍-୨୨୬ଟି ହେଲିକପ୍ଟର ପ୍ରସ୍ତୁତ ପାଇଁ ଯୋଜନା ହୋଇଥିଲେ ହେଁ ଏ ଯାଏ ଏହାର ମୂଲ୍ୟ ଏବଂ ଏଥିରେ ଲାଗିବାକୁ ଥିବା ପାର୍ଟସ୍‌ଗୁଡ଼ିକର ପ୍ରସ୍ତୁତି ନିମନ୍ତେ ଆବଶ୍ୟକ ସାମଗ୍ରୀର ମୂଲ୍ୟ ନିର୍ଦ୍ଧାରଣ କରାଯାଇପାରିନାହିଁ ବୋଲି ସେ ପ୍ରକାଶ କରିଛନ୍ତି। ପୁରୁଣା ହେଲିକପ୍ଟର ଯୋଗୁ ସେନା କର୍ମଚାରୀଙ୍କ ଜୀବନ ଯାଉଛି। ରେକର୍ଡ ଅନୁସାରେ, ୨୦୧୭ରୁ ୨୦୨୧ ଡିସେମ୍ବର ୩୧ ସୁଦ୍ଧା ହେଲିକପ୍ଟର ଦୁର୍ଘଟଣାରେ ୩୧ ଯବାନ ଶହୀଦ ହୋଇଛନ୍ତି।

### ୧୩୨ ସ୍ଥାନରେ ଭାରତ

**ମାନବ ବିକାଶ ସୂଚକାଙ୍କ**

**ନୂଆଦିଲ୍ଲୀ,୮।୯ (ପି.ଟି.):** ୨୦୨୧ ବର୍ଷରେ ମାନବ ବିକାଶ ସୂଚକାଙ୍କ (ଏଚ୍‌ଡିଆଇ)ରେ ଭାରତ ୧୯୧ ଦେଶ ମଧ୍ୟରେ ୧୩୨ତମ ସ୍ଥାନରେ ରହିଛି। ଜାତିସଂଘ ବିକାଶ କାର୍ଯ୍ୟକ୍ରମ (ୟୁଏନ୍‌ଡିପି) ପକ୍ଷରୁ ଏଭଳି ରିପୋର୍ଟ ପ୍ରକାଶ ପାଇଛି। ଗତବର୍ଷ ଭାରତର ଏଚ୍‌ଡିଆଇ ମୂଲ୍ୟ ୦.୬୩୩ ରହିଛି ଯାହା ୨୦୨୦ରେ ୦.୬୪୫ ରହିଥିଲା। ସେହିବର୍ଷ ଭାରତ ମାନବ ବିକାଶ ସୂଚକାଙ୍କରେ ୧୮୯ ଦେଶ ମଧ୍ୟରେ ୧୩୧ତମ ସ୍ଥାନରେ ରହିଥିଲା। ରିପୋର୍ଟକୁ ଦେଖିଲେ ଭାରତ ମଧ୍ୟମ ମାନବ ବିକାଶ ବର୍ଗରେ ରହିଛି। ୨୦୧୯ରେ ଭାରତୀୟଙ୍କ ହାରାହାରି ଆୟୁଷ ୬୯.୭ ବର୍ଷ ଥିବାବେଳେ ୨୦୨୧ରେ ତାହା ୬୭.୨ ବର୍ଷକୁ ହ୍ରାସ ପାଇଛି। ଦେଶରେ ସ୍କୁଲ୍ ଶିକ୍ଷାର ବାଞ୍ଛିତ ବର୍ଷ ୧୧.୯ ବର୍ଷ ହୋଇଥିବାବେଳେ ପିଲାମାନେ ସ୍କୁଲରେ ହାରାହାରି ୬.୭ ବର୍ଷ ପୂରଣ କରୁଥିବା ରିପୋର୍ଟରୁ ଜଣାପଡ଼ିଛି। ଅର୍ଥାତ୍ ଅନେକ ପିଲା ସ୍କୁଲ ଶିକ୍ଷା ସମ୍ପୂର୍ଣ୍ଣ ନ କରି ଅଧାରୁ ପାଠ ଛାଡ଼ୁଛନ୍ତି। ମାନବ ବିକାଶର ମୁଖ୍ୟ ଅଙ୍ଗ ହେଉଛି ସ୍ୱାସ୍ଥ୍ୟ, ଶିକ୍ଷା ଓ ହାରାହାରି ଆୟ। ଏଥିରେ ୫ ବର୍ଷର ଅଗ୍ରଗତି ପରେ ଗତ ଦୁଇବର୍ଷ (୨୦୨୦ ଏବଂ ୨୦୨୧)ରେ ଅବନତି ଘଟିଛି। ବିଶ୍ୱସ୍ତରରେ ଶିକ୍ଷା, ସ୍ୱାସ୍ଥ୍ୟ ଓ ଆୟରେ ହ୍ରାସ ଯୋଗୁ ୩୨ ବର୍ଷ ମଧ୍ୟରେ ପ୍ରଥମ ଥର ପାଇଁ ମାନବ ବିକାଶରେ ଅବନତି ଦେଖାଯାଇଥିବା ରିପୋର୍ଟରେ କୁହାଯାଇଛି। ବିଶ୍ୱ ସ୍ତରରେ ହାରାହାରି ଆୟୁ ୨୦୧୯ରେ ୭୨.୮ ବର୍ଷ ଥିବାବେଳେ ୨୦୨୧ରେ ତାହା ୭୧.୪ ବର୍ଷକୁ ହ୍ରାସ ପାଇଛି। ଗୋଟିଏ ପରେ ଗୋଟିଏ ସଙ୍କଟ ଏବଂ ଅନିଶ୍ଚିତତା କାରଣରୁ ସାରା ବିଶ୍ୱରେ ମାନବ ବିକାଶ ପ୍ରଭାବିତ ହୋଇଛି।

## ପିପି-୧୫ରୁ ଫେରିଲେ ଭାରତ, ଚାଇନା ସୈନ୍ୟ

**ନୂଆଦିଲ୍ଲୀ,୮।୯**

ଭାରତ ଓ ଚାଇନା ସେନା ମଧ୍ୟରେ ଷୋଡ଼ଶ ପର୍ଯ୍ୟାୟ କମାଣ୍ଡର ସ୍ତରୀୟ ଆଲୋଚନା ପରେ ପୂର୍ବ ଲଦାଖ ଅନ୍ତର୍ଗତ ପ୍ରକୃତ ନିୟନ୍ତ୍ରଣ ରେଖା (ଏଲ୍‌ଏସି)ରେ ରହିଥିବା ଗୋଗ୍ରା-ହଟ୍ ସ୍ପ୍ରିଙ୍ଗ୍ (ପିପି-୧୫) ଅଞ୍ଚଳରୁ ଉଭୟ ପକ୍ଷ ସେମାନଙ୍କ ସୈନ୍ୟ ପ୍ରତ୍ୟାହାର ଆରମ୍ଭ କରିଛନ୍ତି। ସମନ୍ୱିତ ଓ ଯୋଜନାବଦ୍ଧ ଭାବେ ଦୁଇଦେଶର ସୈନ୍ୟଙ୍କୁ ଫେରାଇ ନିଆଯାଉଛି। ଏହା ସୀମାନ୍ତ ଅଞ୍ଚଳରେ ସ୍ଥାୟୀ ଶାନ୍ତି ଓ ସ୍ଥିରତା ବଜାୟ ରଖିବାରେ ସହାୟକ ହେବ ବୋଲି ଭାରତ ଓ ଚାଇନା ପକ୍ଷରୁ ମିଳିତ ବିବୃତିରେ କୁହାଯାଇଛି।

୨୦୨୦ ଏପ୍ରିଲ୍-ମେ'ରେ ଚାଇନା ସୈନ୍ୟ ପୂର୍ବ ଲଦାଖର ଏକାଧିକ ସ୍ଥାନରେ ଜବରଦସ୍ତ ଅନୁପ୍ରବେଶ କରିବାରୁ ଉଭୟ ସେନା ମଧ୍ୟରେ ମୁହାଁମୁହିଁ ପରିସ୍ଥିତି ସୃଷ୍ଟି ହୋଇଥିଲା। ଚାଇନା ସୈନ୍ୟ ଉକ୍ତ ପୂର୍ବ ଲଦାଖର ଫିଙ୍ଗର ଅଞ୍ଚଳ, ଗଲୱାନ ଭ୍ୟାଲି, ହଟ୍ ସ୍ପ୍ରିଂ ଏବଂ କଙ୍ଗରୁଙ୍ଗ ନାଲା ଅଞ୍ଚଳରେ ପ୍ରବେଶ କରିଥିଲେ। ଦୀର୍ଘଦିନର ମୁହାଁମୁହିଁ ସ୍ଥିତି ପରେ ୨୦୨୦ ଜୁନ୍‌ରେ ଗଲୱାନ ଉପତ୍ୟକାରେ ଚାଇନା ଓ ଭାରତୀୟ ସୈନ୍ୟଙ୍କ ମଧ୍ୟରେ ରକ୍ତାକ୍ତ ସଂଘର୍ଷ ଘଟିଥିଲା। ଏଥିରେ ଭାରତର ୨୦ ସୈନ୍ୟ ନିହତ ହୋଇଥିବାବେଳେ ଚାଇନାର ୪୦ରୁ ଊର୍ଦ୍ଧ୍ୱ ସୈନ୍ୟ ମୃତାହତ ହୋଇଥିଲେ। ଏହା ପରେ ଉଭୟ ସାମରିକ ଓ କୂଟନୈତିକ ସ୍ତରରେ ଏକାଧିକ ପର୍ଯ୍ୟାୟ ଆଲୋଚନା ହୋଇ ପଙ୍ଗଓଙ୍ଗ ସୋ'ର ଉତ୍ତର ଓ ଦକ୍ଷିଣ ପାର୍ଶ୍ୱ ଏବଂ ଗଲୱାନର କେତେକ ଅଞ୍ଚଳରୁ ସୈନ୍ୟ ପ୍ରତ୍ୟାହାର ନିଷ୍ପତ୍ତି ହୋଇଥିଲା। ମୋଟାମୋଟି ଭାବେ ଦ୍ୱିପାକ୍ଷିକ ସମ୍ପର୍କରେ ଉନ୍ନତି ପାଇଁ ଲଦାଖ ସମସ୍ୟାର ସ୍ଥାୟୀ ସମାଧାନ ଉପରେ ଭାରତ କ୍ରମାଗତ ଭାବେ ଜୋର୍ ଦେଇଆସିଛି। ଏହା ସତ୍ତ୍ୱେ ଚାଇନା ସୈନ୍ୟମାନେ ଅନେକ ସମୟରେ ସ୍ଥିତିକୁ ଅଧିକ ଜଟିଳ କରିଛନ୍ତି।



ଆମେରିକା ପରରାଷ୍ଟ୍ର ସଚିବ ଆଣ୍ଟୋନି ବ୍ଲିଙ୍କେନ୍ କିଭ୍‌ରେ ଥିବା ଏକ ଶିଶୁ ହସ୍ପିଟାଲରେ ଆହତଙ୍କୁ ଭେଟୁଛନ୍ତି।

### କିଭ୍‌ରେ ବ୍ଲିଙ୍କେନ୍

**୨ ବିଲିୟନ ଡଲାର ସାମରିକ ସହାୟତା ଘୋଷଣା**

**କିଭ୍, ୮।୯:** ଆମେରିକା ପରରାଷ୍ଟ୍ର ସଚିବ ଆଣ୍ଟୋନି ବ୍ଲିଙ୍କେନ୍ ଗୁରୁବାର ଅଚାନକ ଯୁଦ୍ଧ ପ୍ରଭାବିତ ୟୁକ୍ରେନ୍ ରାଜଧାନୀ କିଭ୍‌ରେ ପହଞ୍ଚିଛନ୍ତି। ଏହି ଅବସରରେ ସେ ୟୁକ୍ରେନ୍ ସମେତ ରୁଷିଆ ପଟୁ ଚ୍ୟାଲେଞ୍ଜର ସାମ୍ନା କରୁଥିବା ୟୁରୋପୀୟ ଦେଶଗୁଡ଼ିକ ପାଇଁ ୨ ବିଲିୟନ ଡଲାରର ସାମରିକ ସହାୟତା ଘୋଷଣା କରିଛନ୍ତି। ବ୍ଲିଙ୍କେନ୍ କହିଥିଲେ, ଆମେରିକା ରାଷ୍ଟ୍ରପତି ଜୋ ବାଇଡେନ୍ ୟୁକ୍ରେନ ଏବଂ ନାଟୋ ସଦସ୍ୟଙ୍କ ସମେତ ୧୮ ପଡୋଶୀ ଦେଶକୁ ଉପରୋକ୍ତ ସହାୟତା ପ୍ରଦାନ ନିଷ୍ପତ୍ତି ନେଇଛନ୍ତି। ବ୍ଲିଙ୍କେନ୍ ସେଠାରେ ଥିବା ଆମେରିକା ଦୂତାବାସ ଏବଂ ହସ୍ପିଟାଲ ବୁଲି ଦେଖିବା ସହ ରୁଷିଆ ଆକ୍ରମଣରେ ଆହତ ହୋଇଥିବା ୟୁକ୍ରେନୀୟଙ୍କୁ ଭେଟିଥିଲେ।

# କର୍ତ୍ତବ୍ୟ ପଥ, ନେତାଜୀଙ୍କ ପ୍ରତିମୂର୍ତ୍ତି ଉନ୍ମୋଚିତ

**ସୁଭାଷ ବୋଷଙ୍କ ପଥ ଅନୁସରଣ କରିଥିଲେ, ଭାରତ ନୂଆ ଉଚ୍ଚତାରେ ପହଞ୍ଚିଥାନ୍ତା: ମୋଦି**

**ନୂଆଦିଲ୍ଲୀ,୮।୯**

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଗୁରୁବାର ଇଣ୍ଡିଆ ଗେଟ୍‌ରେ ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କ ବିଶାଳ ପ୍ରତିମୂର୍ତ୍ତିକୁ ଅନାବରଣ କରିବା ସହ ରାଷ୍ଟ୍ରପତି ଭବନଠାରୁ ଇଣ୍ଡିଆ ଗେଟ୍ ପର୍ଯ୍ୟନ୍ତ 'କର୍ତ୍ତବ୍ୟ ପଥ' ଉନ୍ମୋଚନ କରିଛନ୍ତି। ଭାରତ ନେତାଜୀଙ୍କ ପଥ ଅନୁସରଣ କରିଥିଲେ ଆଜି ନୂଆ ଉଚ୍ଚତାରେ ପହଞ୍ଚିଥାନ୍ତା। ଅଥଚ ଦୁର୍ଭାଗ୍ୟର ବିଷୟ, ଆମେ ତାଙ୍କୁ ଭୁଲିଯାଇଛୁ। ଗତ ୮ ବର୍ଷର ଶାସନ କାଳରେ



ସରକାର ନେଇଥିବା ଅନେକ ନିଷ୍ପତ୍ତିରେ ନେତାଜୀଙ୍କ ନୀତି ଆଦର୍ଶ ଓ ସ୍ୱପ୍ନର ଛାପ ରହିଥିବା ମୋଦି ଏହି ଅବସରରେ ଉଦ୍‌ବୋଧନ ଦେଇ କହିଛନ୍ତି। ପୂର୍ବରୁ ରାଜପଥ ଭାବେ ପରିଚିତ ଥିବା ରାଷ୍ଟ୍ରପତି ଭବନରୁ ଇଣ୍ଡିଆ ଗେଟ୍ ପର୍ଯ୍ୟନ୍ତ ଅଞ୍ଚଳକୁ କର୍ତ୍ତବ୍ୟ ପଥ ଭାବେ ନାମିତ କରାଯାଇଛି। ପୂର୍ବରୁ ରାଜପଥ ନାମ ଦାସତ୍ୱର ପ୍ରତୀକ ଥିଲା, ଯାହା ଏବେ ଇତିହାସରେ ପରିଣତ ହେଲା ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି।

### ନିୟୋଜିତ ହେବେ ଘରୋଇ ସୁରକ୍ଷା କର୍ମୀ

'କର୍ତ୍ତବ୍ୟ ପଥ' ବିସ୍ତୀର୍ଣ୍ଣ ଅଞ୍ଚଳରେ ହୋଇଥିବା ନିର୍ମାଣକୁ କେହି ଯେପରି ନ ଭାଙ୍ଗେ କିମ୍ବା ଚୋରି ନ କରେ, ସେଥିପାଇଁ ସୁରକ୍ଷା ଦାୟିତ୍ୱରେ ୮୦ରୁ ଊର୍ଦ୍ଧ୍ୱ ଘରୋଇ ସୁରକ୍ଷା କର୍ମୀଙ୍କୁ ନିୟୋଜିତ କରାଯିବ। ଏହାବ୍ୟତୀତ ପୋଲିସ ମଧ ସୁରକ୍ଷା ଦାୟିତ୍ୱରେ ରହିବ। ତେବେ ଦର୍ଶକମାନଙ୍କ ପାଇଁ ବିଶେଷ କଟକଣା ରହିବ ନାହିଁ।

ଯୋଜନା ଅନୁଯାୟୀ ଇଣ୍ଡିଆ ଗେଟ୍‌ରୁ ମାନ୍‌ସିଂ ରୋଡ୍ ପର୍ଯ୍ୟନ୍ତ ଉଦ୍ୟାନ ଅଞ୍ଚଳରେ ଖାଦ୍ୟ ସାମଗ୍ରୀକୁ ଅନୁମତି ମିଳିବ ନାହିଁ। ଉଦ୍‌ଘାଟନ ପରେ ରାଜଧାନୀରେ ସେଣ୍ଟ୍ରାଲ ଭିଷ୍ଟା ଆଭେନ୍ୟୁ ସବୁଠୁ ଲୋକପ୍ରିୟ ସର୍ବସାଧାରଣ ସ୍ଥାନ ହେବାକୁ ଯାଉଥିବାରୁ ପ୍ରତିଦିନ ହଜାର ହଜାର ଲୋକ ଆସିବେ। ସ୍ୱଚ୍ଛତା ବଜାୟ ରଖିବା ସବୁଠୁ ବଡ଼ ଚ୍ୟାଲେଞ୍ଜ ହୋଇଥିବାରୁ ବ୍ୟାପକ ପରିମଳ କର୍ମଚାରୀଙ୍କୁ ନିୟୋଜିତ କରାଯିବ। ସେଠାରେ ଥିବା ପାର୍କିଂ ପ୍ଲେସ୍‌ରେ ୧,୧୨୫ ଗାଡ଼ି ରଖାଯାଇପାରିବ। ଇଣ୍ଡିଆ ଗେଟ୍ ନିକଟରେ ୩୫ଟି ବସ୍ ରହିବା ଲାଗି ପାର୍କିଂ ସ୍ଥାନ ରହିଛି। ସେଣ୍ଟ୍ରାଲ ଭିଷ୍ଟା ପ୍ରକଳ୍ପରେ ନୂଆ ପାର୍ଲାମେଣ୍ଟ ଭବନ, କେନ୍ଦ୍ରୀୟ ସଚିବାଳୟ, ପ୍ରଧାନମନ୍ତ୍ରୀଙ୍କ ନୂଆ ବାସଭବନ ଓ କାର୍ଯ୍ୟାଳୟ ଏବଂ ଉପରାଷ୍ଟ୍ରପତିଙ୍କ ଏନ୍‌କ୍ଲେଭ୍ ରହିବ।

### ନେତାଜୀଙ୍କ ପ୍ରତିମୂର୍ତ୍ତିର ବୈଶିଷ୍ଟ୍ୟ

ନୂଆଦିଲ୍ଲୀର ଇଣ୍ଡିଆ ଗେଟ୍‌ରେ ଗୁରୁବାର ଉନ୍ମୋଚିତ ହୋଇଥିବା ନେତାଜୀ ସୁଭାଷ ଚନ୍ଦ୍ର ବୋଷ୍‌ଙ୍କ ପ୍ରତିମୂର୍ତ୍ତି ବେଶ୍ ଆକର୍ଷଣୀୟ ହୋଇଛି। ବିଶାଳ କଳା ମୁଗୁନି ପଥରକୁ ଖୋଦେଇ କରି ୨୮ ଫୁଟ୍ ଉଚ୍ଚର ସୁଭାଷ ବୋଷଙ୍କ ପ୍ରତିମୂର୍ତ୍ତି ନିର୍ମାଣ କରିବାରେ ୨୬,୦୦୦ ଘଣ୍ଟା ସମୟ ଲାଗିଛି। ଏଥିପାଇଁ ତେଲଙ୍ଗାନାର ଖମ୍ମାମରୁ ୨୮୦ ଟନ୍ ବିଶିଷ୍ଟ ବିଶାଳ ଗ୍ରାନାଇଟ୍ ପଥର ଦିଲ୍ଲୀ ଅଣାଯାଇଥିଲା। ୧,୬୬୫ କିଲୋମିଟର ସଡ଼କ ପଥରେ ଉକ୍ତ ପଥର ବୋହିବା ପାଇଁ ୧୦୦ ଫୁଟ୍ ଲମ୍ବ ଓ ୧୪୦ ଚକ ବିଶିଷ୍ଟ ସ୍ୱତନ୍ତ୍ର ଟ୍ରକ୍ ନିର୍ମାଣ କରାଯାଇଥିଲା। ମୂର୍ତ୍ତିଟି ପାରମ୍ପରିକ ପ୍ରଯୁକ୍ତି ଓ ଆଧୁନିକ ଯନ୍ତ୍ରପାତିରେ ସମ୍ପୂର୍ଣ୍ଣ ହସ୍ତ କାରିଗରିରେ ନିର୍ମିତ ହୋଇଛି। ମହୀଶୂରର ବିଶିଷ୍ଟ ସ୍ଥପତି ଅରୁଣ ଯୋଗୀରାଜଙ୍କ ନେତୃତ୍ୱରେ ପଥର ଶିଳ୍ପୀମାନଙ୍କର ଏକ ଟିମ୍ ମୂର୍ତ୍ତି ନିର୍ମାଣରେ ନିୟୋଜିତ ଥିଲେ। ବୁଧବାର ଏହାକୁ ଇଣ୍ଡିଆ ଗେଟ୍‌ରେ ସ୍ଥାପନ କରାଯାଇଥିଲା। ନେତାଜୀଙ୍କ ୧୨୫ତମ ଜନ୍ମବାର୍ଷିକୀ ଅବସରରେ ଚଳିତ ବର୍ଷ ଜାନୁୟାରୀ ୨୩ରେ ପରାକ୍ରମ ଦିବସ ପାଳନ କରାଯାଇଥିଲା ଏବଂ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଇଣ୍ଡିଆ ଗେଟ୍‌ରେ ନେତାଜୀଙ୍କ ହୋଲୋଗ୍ରାମ ପ୍ରତିମୂର୍ତ୍ତି ଉନ୍ମୋଚନ କରିଥିଲେ। ସେହି ସ୍ଥାନରେ ନେତାଜୀଙ୍କ ଗ୍ରାନାଇଟ୍ ମୂର୍ତ୍ତି ସ୍ଥାପନ କରାଯାଇଛି। ମୂର୍ତ୍ତିର ଉଚ୍ଚତା ଦୁଇ ମହଲା ବିଲ୍ଡିଂଠାରୁ ଅଧିକ ଉଚ୍ଚ। ଏହା ଉପରେ ବିଶାଳ କାନୋପି ରହିଛି।

## ସଂକ୍ଷେପରେ

### ବୃକ୍ଷର ଯତ୍ନ ନେବା ଜରୁରୀ

ବାଲିଅନ୍ତା,୮।୯(ଡି.ଏନ୍.ଏ.): ଭୁବନେଶ୍ୱର ମହାନଗର ନିଗମର ୫ନଂ. ୱାର୍ଡ ଅଧୀନ ମଞ୍ଚେଶ୍ୱର ଗ୍ରାମ ନିକଟସ୍ଥ ବିଜୁ ପଟ୍ଟନାୟକ କ୍ଲବ ଖେଳ ପଡିଆରେ ଗୁରୁବାର ଚାରାରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବିଜେଡି ପକ୍ଷରୁ ଏହି ଚାରାରୋପଣ କାର୍ଯକ୍ରମ ଆୟୋଜିତ ହୋଇଥିଲା। ଏଥିରେ ଭୁବନେଶ୍ୱର ଉତ୍ତର ବିଧାୟକ ସୁଶାନ୍ତ ରାଉତ, ଧର୍ମଶାଳା ବିଧାୟକ ପ୍ରଣବ ବଳବନ୍ତରାୟ, ଚାନ୍ଦବାଲି ବିଧାୟକ ବ୍ୟୋମକେଶ ରାୟ, ମେୟର ସୁଲୋଚନା ଦାସ, ସ୍ଥାନୀୟ କର୍ପୋରେଟର ମିନୁଶ୍ରୀ ଖୁଣ୍ଟିଆ, ବରିଷ୍ଠ ବିଜେଡି ନେତା ଦୁର୍ଗାପ୍ରସାଦ ସାମନ୍ତରାୟ, ସୁବାସ ଚନ୍ଦ୍ର ପାତ୍ର ଏବଂ ଚିତ୍ତରଞ୍ଜନ ଦାସ ପ୍ରମୁଖ ଅତିଥି ରୂପେ ଯୋଗଦେଇଥିଲେ। ଏହି ଅବସରରେ ସେଠାରେ ଏକ ସଭା ଆୟୋଜିତ ହୋଇଥିଲା। କେବଳ ଗଛ ଲଗାଇ ଦେଲେ ହେବନି, ଗଛର ଯତ୍ନ ନେବା ଜରୁରୀ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ଡେପୁଟି ମେୟର ମଞ୍ଜୁଲତା କଅଁର ଧନ୍ୟବାଦ ଦେଇଥିଲେ। ସଭାକୁ ଆଦିକନ୍ଦ ରାଉତ ଓ କାର୍ଯ୍ୟକ୍ରମକୁ ଅନୁପ ଖୁଣ୍ଟିଆ ପରିଚାଳନା କରିଥିଲେ।

### ସ୍ତ୍ରୀଙ୍କୁ ମରଣାନ୍ତକ ଆକ୍ରମଣ, ସ୍ୱାମୀ ଗିରଫ

ଭୁବନେଶ୍ୱର,୮।୯:(ବ୍ୟୁରୋ) ସ୍ତ୍ରୀକୁ ମରଣାନ୍ତକ ଆକ୍ରମଣ ଅଭିଯୋଗରେ ଲକ୍ଷ୍ମୀସାଗର ଥାନା ପୋଲିସ ସମ୍ପୃକ୍ତ ସ୍ୱାମୀଙ୍କୁ ଗିରଫ କରିଛି। ସେ ହେଲେ ଲକ୍ଷ୍ମୀସାଗର ଥାନା ଅଞ୍ଚଳରେ ରହୁଥିବା ଆନ୍ଧ୍ରପ୍ରଦେଶର ୟୁ. ପିତମ୍ବର(୪୦)। ଏନେଇ ପୋଲିସ ଏକ ମାମଲା (ନଂ.୩୨୦/୨୨) ରୁଜୁ କରି ପିତମ୍ବରଙ୍କୁ ଗୁରୁବାର କୋର୍ଟ ଚାଲାଣ କରିଥିଲା। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ବିଚାରବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ମହିଳାଙ୍କ ଅଭିଯୋଗ ଅନୁସାରେ, ଗତ ୧୭ ବର୍ଷ ତଳେ ସେମାନଙ୍କର ବିବାହ ହୋଇଥିଲା। ବିବାହ ପରଠାରୁ ସ୍ୱାମୀ ପିତମ୍ବର ତାଙ୍କୁ ପ୍ରାୟ ସମୟରେ ମାର ଧର କରି ଆସୁଥିଲେ। ଗତ ୪ ତାରିଖରେ ପିତମ୍ବର ଏକ ମାରଣାସ୍ତ୍ରରେ ଆକ୍ରମଣ କରିବାରୁ ତାଙ୍କ ମୁଣ୍ଡ ଫାଟିଯାଇଥିଲା। ଏନେଇ ସେ ଥାନାରେ ଅଭିଯୋଗ କରିବା ପରେ ପୋଲିସ ଫେରାର ଥିବା ପିତମ୍ବରଙ୍କୁ ଷ୍ଟେଶନ ବଜାରରୁ କାବୁ କରିଥିଲା।

### ବଟି ମାଗି ଯୁବକ ଗିରଫ

ଭୁବନେଶ୍ୱର ୮।୯ (ବ୍ୟୁରୋ) ସରକାରୀ ଜାଗାକୁ ନିଜ ନାଁରେ କହି ଜଣେ ବ୍ୟବସାୟୀଙ୍କୁ ବିଭିନ୍ନ ପ୍ରକାର ଧମକ ଚମକ ଦେଇ ବଟି ଆଦାୟ କରୁଥିବା ଜଣେ ଅଭିଯୁକ୍ତଙ୍କୁ ଲକ୍ଷ୍ମୀସାଗର ଥାନା ପୋଲିସ ଗିରଫ କରିଛି । ସେ ହେଲେ ଲକ୍ଷ୍ମୀସାଗର ଥାନା ଅଞ୍ଚଳର ମାନସ କୁମାର ଜଗଦେବ (୩୨) । ଏନେଇ ପୋଲିସ ମାମଲା (ନଂ ୩୨୫/୨୨) ରେ ରୁଜୁ କରି ଅଭିଯୁକ୍ତ ମାନସଙ୍କୁ ଗୁରୁବାର କୋର୍ଟ ଚାଲାଣ କରିଥିଲା । ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇଦିଆଯାଇଛି । ସୂଚନାନୁସାରେ, କେନାଲ ରୋଡରେ ଥିବା ସରକାରୀ ଜାଗାରେ ଦୁଷ୍ମନ୍ତ କୁମାର ସାହୁ ମାଛ ଦୋକାନ କରିଥିଲେ। ହେଲେ ଅଭିଯୁକ୍ତ ମାନସ ଉକ୍ତ ସରକାରୀ ଜାଗାକୁ ନିଜ ନାମରେ କହି ପ୍ରତିମାସରେ ଦୁଷ୍ମନ୍ତଙ୍କ ଠାରୁ ଏକ ହଜାର ଟଙ୍କା ନେଉଥିଲେ। ଚଳିତ ମାସରେ ଅଭିଯୁକ୍ତ ମାନସଙ୍କୁ ଟଙ୍କା ଦେବାକୁ ଅସମର୍ଥ ହେବାରୁ ଦୁଷ୍ମନ୍ତ ଦେଇ ପାରିନଥିଲେ। ଏହାପରେ ମାନସ ଉତକ୍ଷିପ୍ତ ହୋଇ ଦୁଷ୍ମନ୍ତଙ୍କୁ ଖରାପ ଭାଷାରେ ଗାଳିଗୁଲଜ କରିବା ସହ ତାଙ୍କୁ ଦୋକାନରୁ ଜିନିଷ ଚୋରି କରିନେଇଥିଲେ । ଏନେଇ ଦୁଷ୍ମନ୍ତ ପଚାରିବାରୁ ଅଭିଯୁକ୍ତ ମାନସ ଜୀବନରୁ ମାରିଦେବାକୁ ଧମକ ଦେଇଥିଲେ ।

# ମାର୍କେଟ ବିଲ୍ଡିଂରେ ପୁଣି ଅଗ୍ନିକାଣ୍ଡ

- ଉଷା କମ୍ପାନୀ ଷ୍ଟୋର୍‌ର ଲକ୍ଷାଧିକ ସମ୍ପତ୍ତି ନଷ୍ଟ
- ଘଣ୍ଟାଏରୁ ଊର୍ଦ୍ଧ୍ୱ ସମୟ ପରେ ଆୟତ୍ତ ହେଲା ନିଆଁ

ଭୁବନେଶ୍ୱର,୮।୯ (ବ୍ୟୁରୋ)



ନିଆଁକୁ ଆୟତ୍ତ କରିବା ପାଇଁ ଅଗ୍ନିଶମ କର୍ମଚାରୀମାନେ ଉଦ୍ୟମ କରୁଛନ୍ତି।

ଭୁବନେଶ୍ୱର ୟୁନିଟ-୨ ମାର୍କେଟ ବିଲ୍ଡିଂସ୍ଥିତ ଉଷା କମ୍ପାନୀ ଷ୍ଟୋର୍‌ରେ ଗୁରୁବାର ରାତିରେ ଅଗ୍ନିକାଣ୍ଡ ଘଟିଛି। ରାତି ପ୍ରାୟ ୧୦ଟା ୨୫ରେ ଷ୍ଟୋର୍‌ର ଉପର ମହଲାରେ ନିଆଁ ଲାଗିଯାଇଥିଲା। ଫଳରେ ଘଟଣାସ୍ଥଳ ଧୂଆଁମୟ ହୋଇଯାଇଥିଲା। ଖବର ପାଇ ୩୦ଜଣ ଅଗ୍ନିଶମ କର୍ମଚାରୀ ୬ଟି ଦମକଳ ଗାଡ଼ି ସହ ଘଟଣାସ୍ଥଳରେ ପହଞ୍ଚି ନିଆଁ ଲିଭାଇବାକୁ ପ୍ରକ୍ରିୟା ଆରମ୍ଭ କରିଥିଲେ। ଷ୍ଟୋର୍‌ର ଉପର ମହଲା ଛାତ ଉପରକୁ ଶିଡି ଯୋଗେ ଅଗ୍ନିଶମ କର୍ମଚାରୀମାନେ ଯାଇ ନିଆଁ ଲିଭାଇବାକୁ ଉଦ୍ୟମ କରିଥିଲେ। ଷ୍ଟୋରରେ ବିଦ୍ୟୁତ ସରଞ୍ଜାମ ବିକ୍ରି ହେଉଥିବାରୁ ମାଲିକ ଏବଂ ପଡ଼ୋଶୀ ଦୋକାନୀମାନେ ଭୟଭୀତ ହୋଇଯାଇଥିଲେ। ଆଖପାଖରେ ଥିବା ସ୍ଥାନୀୟ ଲୋକ ଏବଂ ଦୋକାନୀମାନେ ଭିଡ଼ ଜମାଇଥିଲେ। କ୍ୟାପିଟାଲ ଥାନା ପୋଲିସ ପହଞ୍ଚି ପରିସ୍ଥିତି ଉପରେ ନଜର ରଖିବା ସହ ଭିଡ଼ ନିୟନ୍ତ୍ରଣ କରିବାକୁ ପ୍ରୟାସ କରିଥିଲା। ତେବେ ଘଣ୍ଟାଏରୁ ଊର୍ଦ୍ଧ୍ୱ ସମୟ ପରେ ରାତି ପ୍ରାୟ ୧୧ଟା ୪୦ ବେଳକୁ ନିଆଁକୁ ଆୟତ୍ତ କରିବାକୁ ଅଗ୍ନିଶମ କର୍ମଚାରୀମାନେ ସକ୍ଷମ ହୋଇଥିଲେ। ଘଟଣା ସମ୍ପର୍କରେ ଅଗ୍ନିଶମ ଅଧିକାରୀ ଅବନୀ ସ୍ୱାଇଁ କହିଛନ୍ତି, ଶର୍ଟସର୍କିଟରୁ ଅଗ୍ନିକାଣ୍ଡ ଘଟିଥିବା ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି। ସମ୍ପତ୍ତିଗତ କ୍ଷୟକ୍ଷତି ନିର୍ଦ୍ଦିଷ୍ଟ ଭାବେ ଆକଳନ କରାଯାଇନାହିଁ। ହେଲେ ଲକ୍ଷାଧିକ ଟଙ୍କାର ବିଦ୍ୟୁତ ସରଞ୍ଜାମ ପୋଡ଼ିଯାଇଥିବା ଅନୁମାନ କରାଯାଉଛି ବୋଲି ସେ କହିଛନ୍ତି।

ସ୍ଥାନୀୟ ଲୋକଙ୍କ କହିବା ଅନୁଯାୟୀ, ମାର୍କେଟ ବିଲ୍ଡିଂର ପ୍ରାୟ ଦୋକାନ ବନ୍ଦ ହୋଇଯାଇଥିବାବେଳେ କେତେଜଣ ଦୋକାନୀ ମାର୍କେଟରେ ଉପସ୍ଥିତ ଥିଲେ। ଉଷା ଷ୍ଟୋରର ମାଲିକ ଓ କର୍ମଚାରୀମାନେ ଦୋକାନ ବନ୍ଦ କରି ଫେରୁଥିଲେ। ଏହି ସମୟରେ ଉକ୍ତ ଷ୍ଟୋର୍‌ର ଉପର ମହଲାର ଏକ ସ୍ଥାନରୁ ଧୂଆଁ ବାହାରୁଥିବା ସ୍ଥାନୀୟ ଦୋକାନୀ ଦେଖି ମାଲିକଙ୍କୁ ଜଣାଇଥିଲେ। ଏନେଇ ଅଗ୍ନିଶମ ବାହିନୀଙ୍କୁ ଖବର ଦିଆଯାଇଥିଲା। ଅଗ୍ନିକାଣ୍ଡ ସମ୍ପର୍କରେ ସୂଚନା ପାଇ ମେୟର ସୁଲଚନା ଦାସ ଘଟଣାସ୍ଥଳରେ ପହଞ୍ଚି ସ୍ଥିତି ଅନୁଧ୍ୟାନ କରିବା ସହ ମାଲିକଙ୍କୁ ଶାନ୍ତନା ଦେଇଥିଲେ। ଏଥିସହ ଅଗ୍ନିକାଣ୍ଡର କାରଣ ଜାଣିବାକୁ ତଦନ୍ତ କରାଯିବ ମେୟର ପ୍ରତିଶ୍ରୁତି ଦେଇଛନ୍ତି। ଉଲ୍ଲେଖଯୋଗ୍ୟ, ଗତ ଏପ୍ରିଲ ୧୫ ରାତିରେ ମାର୍କେଟ ବିଲ୍ଡିଂସ୍ଥିତ କେଶରୀ ମଲ୍‌ରେ ଭୟାବହ ଅଗ୍ନିକାଣ୍ଡ ଘଟି ଅଜୟ ଗାର୍ମେଣ୍ଟ ସମେତ ୬ ଦୋକାନର ବହୁ ଲକ୍ଷ ଟଙ୍କା ସମ୍ପତ୍ତି ନଷ୍ଟ ହୋଇଥିଲା। ଏବେ ଆଉଏକ ଦୋକାନରେ ନିଆଁ ଲାଗିବା ପରେ ବ୍ୟବସାୟରୀମାନେ ଡରିଯାଇଛନ୍ତି।


ଶିକ୍ଷା କ୍ଷେତ୍ରରେ ଉଲ୍ଲେଖନୀୟ କାର୍ଯ୍ୟ ନିମନ୍ତେ ଜାତିସଂଘ ପକ୍ଷରୁ କିସ୍‌କୁ ସମ୍ମାନଜନକ ୟୁନେସ୍କୋ କିଙ୍ଗ୍ ସିଜଙ୍ଗ୍ ଇଣ୍ଟରନ୍ୟାଶନାଲ ଲିଟେରାସି ପୁରସ୍କାର ମିଳିଛି। କିସ୍ ପରିସରରେ ଗୁରୁବାର ସାକ୍ଷରତା ଦିବସ ପାଳନ ଅବସରରେ କିଟ୍ ଓ କିସ୍‌ର ପ୍ରତିଷ୍ଠାତା ଡ. ଅଚ୍ୟୁତ ସାମନ୍ତ ଏ ସମ୍ପର୍କରେ ବକ୍ତବ୍ୟ ରଖିବା ସହ ଛାତ୍ରୀଛାତ୍ର ଏବଂ ଶିକ୍ଷୟିତ୍ରୀଶିକ୍ଷକଙ୍କୁ ଉତ୍ସାହିତ କରୁଛନ୍ତି।

## ଜାନୁଆରୀରୁ ପ୍ରତ୍ୟକ୍ଷ ସପ୍ତମ ବେତନ ପ୍ରଦାନ ନିଷ୍ପତ୍ତି

ଭୁବନେଶ୍ୱର,୮।୯(ବ୍ୟୁରୋ)

ସପ୍ତମ ବେତନ ମୋଡାଲିଟିକୁ ନେଇ ଲାଗି ରହିଥିବା ସମସ୍ୟାର ସମାଧାନ ହୋଇଛି। ଓଡ଼ିଶା ସ୍କୁଲ କଲେଜ ଶିକ୍ଷକ କର୍ମଚାରୀ ସମନ୍ୱୟ ସମିତିର ନେତୃମଣ୍ଡଳୀ ଗୁରୁବାର ରାଜ୍ୟ ସରକାରଙ୍କ ସହିତ ଆଲୋଚନା କରିଛନ୍ତି। ୨୦୨୨ ଜାନୁୟାରୀ ପହିଲାରୁ ପିଛିଲା ଭାବେ ସମସ୍ତଙ୍କୁ ସପ୍ତମ ବେତନ ପ୍ରଦାନ କରାଯିବା ପାଇଁ ଆଲୋଚନାରେ ନିଷ୍ପତ୍ତି ହୋଇଛି। ମାଧ୍ୟମିକ ବିଦ୍ୟାଳୟର ଖେଳ, ସଂସ୍କୃତ ଓ ହିନ୍ଦୀ ଶିକ୍ଷକ ଯେଉଁମାନଙ୍କର ୨୮୦୦ ଗ୍ରେଡ୍ ପେ' ସେମାନଙ୍କର ଉଚ୍ଚତର ଦରମାକୁ ପେ' ପ୍ରୋଟେକ୍ସନ୍ ଦିଆଯିବା ପାଇଁ ନିଷ୍ପତ୍ତି ହୋଇଥିବା ସମନ୍ୱୟ ସମିତିର ଆବାହକ ପ୍ରକାଶ ଚନ୍ଦ୍ର ମହାନ୍ତି ଏକ ପ୍ରେସ୍ ଇସ୍ତାହାରରେ ଜଣାଇଛନ୍ତି। ଏହି ଆଲୋଚନାରେ ରାଜ୍ୟ ସରକାରଙ୍କ ପକ୍ଷରୁ ମୁଖ୍ୟ ସଚିବଙ୍କ ସମେତ ଉନ୍ନୟନ ଆୟୁକ୍ତ, ଦୁଇ ବିଭାଗର ପ୍ରମୁଖ ସଚିବ, ଅତିରିକ୍ତ ସଚିବ, ଅର୍ଥ ପରାମର୍ଶଦାତାଙ୍କ ସମେତ ଅର୍ଥ ବିଭାଗର ପ୍ରମୁଖ ସଚିବ, ଅତିରିକ୍ତ ସଚିବ ଓ ବିଭାଗୀୟ ଅଧିକାରୀମାନେ ଭାଗ ନେଇଥିଲେ। ଓଡ଼ିଶା ସ୍କୁଲ କଲେଜ ଶିକ୍ଷକ କର୍ମଚାରୀ ସମନ୍ୱୟ ସମିତି ପକ୍ଷରୁ ଆବାହକ ପ୍ରକାଶ ଚନ୍ଦ୍ର ମହାନ୍ତିଙ୍କ ସମେତ ମିଳିତ ମଞ୍ଚର ଆବାହକ ପବିତ୍ର ମହାଲା, ଅଟଳ ବିହାରୀ ବଳ, ସୁକାନ୍ତ କୁମାର ବେହେରା, ରଞ୍ଜନ କୁମାର ଦାଶ, ଅଶୋକ କୁମାର ମହାପାତ୍ରଙ୍କ ସମେତ ୬୬୨ କଲେଜର ନେତୃବୃନ୍ଦ ଉପସ୍ଥିତ ଥିଲେ।

# ନିରପେକ୍ଷ ତଦନ୍ତ ପାଇଁ ଡିଜିପିଙ୍କୁ ନିର୍ଦ୍ଦେଶ

## ଭେଡେନ୍ ଗଣ ବଳାତ୍କାର ମାମଲା

କଟକ ଅଫିସ,୮।୯

ବରଗଡ଼ ଜିଲା ଭେଡେନ ଥାନା ରୂପାପଲ୍ଲୀ ଗାଁର ତିନି ଦଳିତ ମହିଳାଙ୍କୁ ଗଣ ବଳାତ୍କାର ଓ ଦୁଇ ଜଣଙ୍କୁ ହତ୍ୟା ମାମଲାର ନିରପେକ୍ଷ ତଦନ୍ତ କରାଇବା ଲାଗି ଓଡ଼ିଶା ମାନବିକ ଅଧିକାର ଆୟୋଗ (ଓଏଚ୍‌ଆରସି) ପୋଲିସ ମହାନିର୍ଦ୍ଦେଶକ(ଡିଜିପି)ଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଏହି ଘଟଣାରେ ପୋଲିସ ତଦନ୍ତରେ କୌଣସି ଅଗ୍ରଗତି ହୋଇ ନ ଥିବା ଏବଂ ସ୍ଥାନୀୟ ପୋଲିସ ଉପରୁ ପୀଡ଼ିତାଙ୍କ ବିଶ୍ୱାସ ତୁଟି ଯାଇଥିବାରୁ ସେ ପୋଲିସ ପାଖକୁ ଯାଉନାହାନ୍ତି ବୋଲି ଆୟୋଗଙ୍କ ପକ୍ଷରୁ କରାଯାଇଥିବା ତଦନ୍ତରୁ ଜଣାପଡ଼ିଥିଲା। ଏପରି କି ତଦନ୍ତ ସମ୍ପର୍କରେ ରିପୋର୍ଟ ଦେଇ ନ ଥିବାରୁ ତଦନ୍ତକାରୀ ଅଫିସର ତଥା ବରଗଡ଼ ଏସ୍‌ଡିପିଓଙ୍କୁ ବ୍ୟକ୍ତିଗତ ଭାବେ ହାଜର ହେବା ଲାଗି ମଧ୍ୟ ଆୟୋଗ ନିର୍ଦ୍ଦେଶ ଦେଇଥିଲେ। ସେହି ଅନୁସାରେ ୨୦୨୧ ଫେବୃୟାରୀ ୨୨ରେ ବରଗଡ଼ ଡିଏସ୍‌ପି ହାଜର ହୋଇ ତଦନ୍ତ ରିପୋର୍ଟ ପ୍ରଦାନ କରିଥିଲେ। ହେଲେ ତଦନ୍ତ ରିପୋର୍ଟ ଠିକ୍ ଓ ନିରପେକ୍ଷ ହୋଇ ନ ଥିବା ଆୟୋଗ ହୃଦ୍‌ବୋଧ କରିଥିଲେ। ତେଣୁ ତତ୍କାଳୀନ ଆଇଆଇସି ଓ ତଦନ୍ତକାରୀ ଅଧିକାରୀଙ୍କ ବିରୋଧରେ କାହିଁକି କାର୍ଯ୍ୟାନୁଷ୍ଠାନ ସୁପାରିସ କରା ନ ଯିବ ସେ ସମ୍ପର୍କରେ ବରଗଡ଼ ଏସ୍‌ପିଙ୍କ ମାଧ୍ୟମରେ ତାହାର ଉତ୍ତର ଦେବାକୁ ଆୟୋଗ ନିର୍ଦ୍ଦେଶ ଦେଇଛନ୍ତି। ତଦନ୍ତ ଠିକ୍ ଭାବେ ହୋଇନାହିଁ ବୋଲି ଆବେଦନକାରୀଙ୍କ ଓକିଲ ନିଶିକାନ୍ତ ମିଶ୍ର ଆୟୋଗଙ୍କୁ ଜଣାଇଥିଲେ।

ପ୍ରକାଶ ଯେ ପ୍ରଜାକୋର୍ଟ ଦ୍ୱାରା ବାସନ୍ଦ ହୋଇଥିବା ଗୋଟିଏ ପରିବାରର ତିନି ମହିଳାଙ୍କୁ ୨୩।୯।୨୦୧୬ରେ ଭେଡେନ୍ ଥାନାର କିଛି ପୋଲିସ୍ କର୍ମଚାରୀ ଘରୁ ପୋଲିସ୍ ଭ୍ୟାନରେ ଉଠାଇ ନେଇ ବଳାତ୍କାର କରିଥିଲେ। ପରେ ଗାଁ ଲୋକଙ୍କ ହାତରେ ଏହି ମହିଳାମାନଙ୍କୁ ଛାଡ଼ି ଦେଇଥିଲେ। ଗାଁର କିଛି ଲୋକ ସେମାନଙ୍କୁ ୧୦ ଦିନ ଜଙ୍ଗଲରେ ରଖି ବଳାତ୍କାର କରିଥିଲେ। ସେମାନଙ୍କ ମଧ୍ୟରୁ ଜଣେ ଖସି ଆସିଥିବାବେଳେ ଆଉ ଦୁଇଜଣଙ୍କୁ ସେମାନେ ହତ୍ୟା କରିଥିବା ଅଭିଯୋଗ ହୋଇଥିଲା। କିନ୍ତୁ ପୋଲିସ୍ ଏହା ଉପରେ କୌଣସି ପଦକ୍ଷେପ ନେଇ ନ ଥିଲା। ପରେ ଉକ୍ତ ମହିଳାଜଣଙ୍କ ମାନବିକ ଅଧିକାର ଆୟୋଗରେ ଅଭିଯୋଗ କରିଥିଲେ।

# ଅଗଷ୍ଟରେ ରାଜଧାନୀରୁ ସାଇବର ଠକ ଲୁଟିଛନ୍ତି ୭୯.୮୯ ଲକ୍ଷ

ଭୁବନେଶ୍ୱର,୮।୯ (ବ୍ୟୁରୋ)

ଭୁବନେଶ୍ୱର ଡିସିପି ଅଫିସ ପକ୍ଷରୁ ଗୁରୁବାର ଅଗଷ୍ଟ ମାସର ସାଇବର ଠକେଇ ରିପୋର୍ଟ ପ୍ରକାଶ ପାଇଛି। ଜୁଲାଇ ତୁଳନାରେ ଅଗଷ୍ଟରେ ଏହି ଠକେଇର ପରିମାଣ କମିଛି। ଜୁଲାଇରେ ରାଜଧାନୀରୁ ୧ କୋଟି ୩୮ ଲକ୍ଷ ୬୪ ହଜାର ୬୯୪ ଟଙ୍କା ଲୁଟି ନେଇଥିଲେ ସାଇବର ଠକ। ତେବେ ରିପୋର୍ଟ ଅନୁଯାୟୀ, ଅଗଷ୍ଟ ମାସରେ ସାଇବର ଠକମାନେ ଭୁବନେଶ୍ୱର ସହରାଞ୍ଚଳ ଜିଲାରୁ ମୋଟ ୭୯ ଲକ୍ଷ ୯୮ ହଜାର ୫୭୧ ଟଙ୍କା ଲୁଟି ନେଇଛନ୍ତି। ଏଥିରୁ ମାତ୍ର ୬ ଲକ୍ଷ ୧୧ ହଜାର ୫୬୩ ଟଙ୍କା ଅଭିଯୋଗକାରୀଙ୍କୁ ଫେରସ୍ତ କରାଯାଇଥିବାବେଳେ ସାଇବର ଠକଙ୍କ ଆକାଉଣ୍ଟରୁ ୨୬ ଲକ୍ଷ ୨୮ ହଜାର ୩୫୪ ହଜାର ଟଙ୍କା ଫ୍ରିଜ୍ କରିଦିଆଯାଇଛି। ରାଜ୍ୟର ବିଭିନ୍ନ ଜିଲାରୁ ଜୁଲାଇରେ ସାଇବର ଥାନାକୁ ୩୪୪ କଲ୍ ଆସିଥିଲା। ଏଥିମଧ୍ୟରୁ ଭୁବନେଶ୍ୱରରୁ ୨୯୮ ଅଭିଯୋଗ ରହିଥିବା ବେଳେ ଅନ୍ୟାନ୍ୟ ଜିଲାରୁ ମାତ୍ର ୪୬ କଲ୍ ଆସିଛି। ରାଜଧାନୀରୁ ୧୦୭ଟି ୟୁପିଆଇ, ୧୧୦ କ୍ରେଡିଟ ଓ ଡେବିଟ କାର୍ଡ ଏବଂ ସୋସିଆଲ୍ ମିଡ଼ିଆ ସମ୍ପର୍କିତ ୮୧ ଠକେଇ ଅଭିଯୋଗ ରହିଛି। ଅନ୍ୟପକ୍ଷରେ ସାଇବର କ୍ରାଇମ ଓ ଅର୍ଥନୈତିକ ଅପରାଧ ଥାନାରେ ୬ଟି ମାମଲା ରୁଜୁ କରାଯାଇଥିବା କମିଶନରେଟ ପୋଲିସ ପକ୍ଷରୁ ରିପୋର୍ଟରେ କୁହାଯାଇଛି।

## ସମ୍ପୂର୍ଣ୍ଣ ସାକ୍ଷରତା ଅଭିଯାନ ଆରମ୍ଭ

ଭୁବନେଶ୍ୱର,୮।୯(ବ୍ୟୁରୋ)

ରାଜ୍ୟରେ ଶିକ୍ଷାର ବିକାଶ ପାଇଁ ଓଡ଼ିଶା ଅଭିଭାବକ ମହାସଂଘ ପକ୍ଷରୁ ସମ୍ପୂର୍ଣ୍ଣ ସାକ୍ଷରତା ଅଭିଯାନ ଆରମ୍ଭ ହୋଇଛି। ଖୋର୍ଦ୍ଧା ଜିଲାକୁ ସର୍ବପ୍ରଥମେ ସମ୍ପୂର୍ଣ୍ଣ ସାକ୍ଷର କରି ଉଦାହରଣ ସୃଷ୍ଟି କରି ପରେ ରାଜ୍ୟ ସାରା ଏହି ଅଭିଯାନ ଜାରି ରଖିବାକୁ ନିଷ୍ପତ୍ତି ନିଆଯାଇଛି। ଖୋର୍ଦ୍ଧା ଜିଲାକୁ ମିଶନ ମୋଡରେ ସମ୍ପୂର୍ଣ୍ଣ ସାକ୍ଷର କରିବା ଅଭିଯାନ ମହାସଂଘ ହାତକୁ ନେଇଥିବା ମହାସଂଘ ଅଧ୍ୟକ୍ଷ ବାସୁଦେବ ଭଞ୍ଜ ଗୁରୁବାର ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି। ରାଜ୍ୟରେ ୩ ବର୍ଷର ସମସ୍ତ ପିଲା ପାଠ ପଢିବେ, ଅଧାରୁ ପାଠପଢ଼ା ଛାଡୁଥିବା ସବୁ ପିଲା ପୁଣି ସ୍କୁଲକୁ ଫେରି ପଢିବେ, ଦାଦନ ଖଟିବାକୁ ଯାଉଥିବା ଶ୍ରମିକଙ୍କ ପିଲାଙ୍କୁ ପାଠ ପାଇବାର ପର୍ଯ୍ୟାପ୍ତ ବ୍ୟବସ୍ଥା, ନିରକ୍ଷର ଥିବା ପ୍ରାପ୍ତ ବୟସ୍କ ସମସ୍ତ ବ୍ୟକ୍ତି ସାକ୍ଷର ହୋଇ ଅନ୍ତତଃ ପକ୍ଷେ ଖବରକାଗଜ ଓ ବହି ପଢିପାରିବେ। ଏହାଦ୍ୱାରା ସମସ୍ତ ଘଟଣା ସଂକ୍ରାନ୍ତରେ ସେମାନେ ଅବଗତ ହୋଇପାରିବେ। ଏହି ଉଦ୍ଦେଶ୍ୟକୁ ନେଇ ମହାସଂଘ ରାଜ୍ୟରେ ସାକ୍ଷର ପାଇଁ କାର୍ଯ୍ୟ କରିବ। ଏଥିରେ ରୋଟାରି କ୍ଲବ, ସ୍ଥାନୀୟ ଯୁବକ ସଂଘ, ଶିକ୍ଷକ ସଂଘ, ବସ୍ତି କମିଟି, ମନ୍ଦିର କମିଟି, ଭୁବନେଶ୍ୱର ଓକିଲ ସଂଘ, ଅବସର ପ୍ରାପ୍ତ ଶିକ୍ଷକ, ଗ୍ରାମ୍ୟ କମିଟି, ବଜାର କମିଟି, ଶିକ୍ଷାବିତ୍, ସରକାରୀ ସ୍କୁଲ ଆଲୁମିନି, ଡ୍ରାଇଭର ମହାସଂଘ, ନିର୍ବାଚିତ ଲୋକପ୍ରତିନିଧି, ବର୍ତ୍ତମାନ ଓ ପୂର୍ବତନ ସରପଞ୍ଚ, ସମିତି ସଭ୍ୟ, ୱାର୍ଡ ମେମ୍ବର, କର୍ପୋରେଟର, ପୂର୍ବତନ କର୍ପୋରେଟର, କ୍ରିକେଟ ଟିମ୍, ଓମଫେଡ୍ ସଂଘ ପରି ବହୁ ସଂଗଠନ ଓ ବ୍ୟକ୍ତି ବିଶେଷଙ୍କୁ କାର୍ଯ୍ୟକ୍ରମରେ ମହାସଂଘ ସାମିଲ କରିବ। ସମ୍ମିଳନୀରେ ମହାସଂଘର ସହ ଅଧ୍ୟକ୍ଷ ପ୍ରସନ୍ନ ବିଷୋୟୀ, ବରିଷ୍ଠ ଉପାଧ୍ୟକ୍ଷ କାର୍ତ୍ତିକ ସାହୁ, ଭୁମୋହନ ପଟ୍ଟନାୟକ, ସତ୍ୟଜିତ ଦାଶ ପ୍ରମୁଖ ଉପସ୍ଥିତ ଥିଲେ।

## ସୁସ୍ଥତାର ଯୋଗସୂତ୍ର ଫିଜିଓଥେରାପି



ଭୁବନେଶ୍ୱର, ୮।୯(ବ୍ୟୁରୋ)

ଟଙ୍କପାଣିସ୍ଥିତ ରିହାବ୍‌ସ୍କେପ୍ ହେଲ୍‌ଥ କେୟାରରେ ବିଶ୍ୱ ଫିଜିଓଥେରାପି ଦିବସ ପାଳିତ ହୋଇଯାଇଛି। ଏଥିରେ ରିହାବ୍‌ସ୍କେପ୍ ହେଲ୍‌ଥ କେୟାରର ନିର୍ଦ୍ଦେଶକ ଡାକ୍ତର କୃଷ୍ଣେନ୍ଦୁ ସୁନ୍ଦର ସାହୁ ଏବଂ ଫିଜିଓଥେରାପିର ଡାକ୍ତର ସୌମ୍ୟରଞ୍ଜନ ଖୁଣ୍ଟିଆ, ଡକ୍ଟର ସୁମନ୍ତ ଶେଖର ପାତ୍ର ପ୍ରମୁଖ ଉପସ୍ଥିତ ରହି ଫିଜିଓଥେରାପି ସୁସ୍ଥ ରହିବାର ଏକ ଯୁଗସୂତ୍ର ବୋଲି କହିଥିଲେ।

ପ୍ରତିବର୍ଷ ସେପ୍ଟେମ୍ବର ୮କୁ ବିଶ୍ୱ ଫିଜିଓଥେରାପି ଦିବସ ଭାବରେ ପାଳନ କରାଯାଉଛି। ବର୍ତ୍ତମାନ ସ୍ଥିତିରେ ସମସ୍ତେ ସୁସ୍ଥ ଓ ନୀରୋଗ ହେବାକୁ ଚାହୁଁଛନ୍ତି। ବ୍ୟସ୍ତବହୁଳ ଜୀବନ ମଧ୍ୟରେ ସମସ୍ତେ ଏବେ ନିଜର ସ୍ୱାସ୍ଥ୍ୟ ପ୍ରତି ଅତ୍ୟନ୍ତ ଯତ୍ନବାନ। ଏଭଳି ସ୍ଥିତିରେ ଫିଜିଓଥେରାପି ଚିକିତ୍ସା ବ୍ୟବସ୍ଥା ଏବେ ଜରୁରୀ ହୋଇପଡ଼ିଛି। ବିଶେଷକରି ଗଣ୍ଠି ଜନିତ ସମସ୍ୟା, ମାଂସପେଶୀ ଯନ୍ତ୍ରଣା, ପକ୍ଷାଘାତ, ଜନ୍ମଗତ ଅକ୍ଷମତା, ଦୁର୍ଘଟଣା ଜନିତ ଶାରୀରିକ କ୍ଷତି, କ୍ରୀଡ଼ାକ୍ଷେତ୍ରରେ ଅଘଟଣ, ମେଦବହୁଳତା ଆଦି ଦେଖାଯାଉଥିବା ସମସ୍ୟାର ସମାଧାନ ଫିଜିଓଥେରାପିରେ ରହିଛି। ଖେଳାଳିଙ୍କ ସ୍ୱାସ୍ଥ୍ୟ ଫିଟ୍‌ନେସ୍ ଏବଂ ସେମାନଙ୍କୁ ଯନ୍ତ୍ରଣା ମୁକ୍ତ ରଖିବା ଦାୟିତ୍ୱ ଫିଜିଓଥେରାପିଷ୍ଟ ନେଇଥାନ୍ତି। ଆମ ରାଜ୍ୟର ସବୁ ଜିଲା ଓ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ସମସ୍ତ ବଡ଼ ବଡ଼ ମେଡିକାଲରେ ଏହି ଚିକିତ୍ସା ସେବା ଉପଲବ୍ଧ ରହିଛି। ତେଣୁ ଲୋକମାନେ ଏହାର ସୁବିଧା ନେବା ଉଚିତ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ।

# ଭବିଷ୍ୟତ ପୀଢ଼ିଙ୍କୁ ଦିଗଦର୍ଶନ ଦେବାରେ ଶିକ୍ଷକଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ

## ରାଜ୍ୟସ୍ତରୀୟ ଶିକ୍ଷକ ସମ୍ବର୍ଦ୍ଧନା ଉତ୍ସବ

ଭୁବନେଶ୍ୱର,୮।୯(ବ୍ୟୁରୋ)



ମନ୍ତ୍ରୀ ସମୀର ରଞ୍ଜନ ଦାଶ ଓ ଅନ୍ୟମାନେ ଜଣେ ଶିକ୍ଷୟିତ୍ରୀଙ୍କୁ ସମ୍ବର୍ଦ୍ଧିତ କରୁଛନ୍ତି।

ଶିବାଂଶୀ ଫାଉଣ୍ଡେଶନ ପକ୍ଷରୁ ସ୍ଥାନୀୟ ଗୀତଗୋବିନ୍ଦ ସଦନଠାରେ ରାଜ୍ୟସ୍ତରୀୟ ଶିକ୍ଷକ ସମ୍ବର୍ଦ୍ଧନା ଉତ୍ସବ 'ଗୁରବେ ନମଃ' ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ସ୍କୁଲ ଓ ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶ ଯୋଗଦେଇ କହିଛନ୍ତି, ସମାଜ ଓ ଭବିଷ୍ୟତ ପୀଢ଼ିଙ୍କୁ ସଠିକ୍ ଦିଗଦର୍ଶନ ଦେବାରେ ଶିକ୍ଷକଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ରାଜ୍ୟରେ ଶିକ୍ଷା ଭିତ୍ତିଭୂମିରେ ଏବେ ଆମୂଳଚୂଳ ପରିବର୍ତ୍ତନ ଆସିଛି । ୫-ଟି କାର୍ଯ୍ୟକ୍ରମରେ ସ୍କୁଲ ରୂପାନ୍ତରଣ ଓ ଭିତ୍ତିଭୂମି ସୁଧାର ମାଧ୍ୟମରେ ରାଜ୍ୟରେ ସରକାରୀ ସ୍କୁଲର ଶିକ୍ଷା ବ୍ୟବସ୍ଥାକୁ ସୁଦୃଢ଼ କରାଯାଉଛି । ଖାଲି ପଡ଼ିଥିବା ଶିକ୍ଷକ ପଦବୀକୁ ମଧ୍ୟ ରାଜ୍ୟ ସରକାର ପର୍ଯ୍ୟାୟକ୍ରମେ ପୂରଣ କରୁଛନ୍ତି। ଶିକ୍ଷକମାନେ ନିଜର ଗୁରୁ ଦାୟିତ୍ୱ ତୁଲାଇ ପିଲାମାନଙ୍କୁ ସଠିକ୍ ମାର୍ଗ ଦର୍ଶନ କରାଇଲେ ଭଲ ସମାଜ ଓ ରାଷ୍ଟ୍ର ଗଠନ ହୋଇପାରିବ ବୋଲି ସେ ଆଶାବ୍ୟକ୍ତ କରିଥିଲେ। ସରକାରୀ ମୁଖ୍ୟ ସଚେତକ ପ୍ରଶାନ୍ତ କୁମାର ମୁଦୁଲି, ଓଟିଡିସିର ପୂର୍ବତନ ଅଧ୍ୟକ୍ଷା ଶ୍ରୀମୟୀ ମିଶ୍ର, ପ୍ରସୂତୀ ବିଶେଷଜ୍ଞ ପ୍ରଫେସର ଡାକ୍ତର ସରୋଜିନୀ ଷଡ଼ଙ୍ଗୀ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ରାଜ୍ୟର ବିଭିନ୍ନ ଭାଗରୁ ଆସିଥିବା ୩୦ଜଣ ଶିକ୍ଷୟିତ୍ରୀ- ଶିକ୍ଷକ, ଅଧାପିକା- ଅଧାପକଙ୍କୁ ମାନପତ୍ର ଓ ଉପୌକନ ଦେଇ ଅତିଥିମାନେ ସମ୍ବର୍ଦ୍ଧିତ କରିଥିଲେ। ଫାଉଣ୍ଡେଶନର ସଂଯୋଜକ ଇପ୍ସିତା ଓ ସୁପ୍ରୀତି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ମହିଳା ସଶକ୍ତୀକରଣ କ୍ଷେତ୍ରରେ ପାଦେ ଆଗକୁ ଯାଇ କେବଳ ମହିଳାଙ୍କ ଦ୍ୱାରା 'ଶିବାଂଶୀ ଫାଉଣ୍ଡେଶନ' ଗଠିତ ଓ ପରିଚାଳିତ ବୋଲି ଅନୁଷ୍ଠାନର ନିର୍ଦ୍ଦେଶିକା ଅସୀମା ନାୟକ ସୂଚନା

# ନାବାଳିକାଙ୍କ ନାଁରେ ଫେକ୍ ଆକାଉଣ୍ଟ

ଭୁବନେଶ୍ୱର,୮।୯ (ବ୍ୟୁରୋ)

ନାବାଳିକାଙ୍କ ନାଁରେ ସୋସିଆଲ୍ ମିଡ଼ିଆରେ ଫେକ୍ ଆକାଉଣ୍ଟ ଖୋଲି ସେଥିରେ ତାଙ୍କ ଫଟୋକୁ ଅଶ୍ଳୀଳ କରି ବ୍ଲାକ୍‌ମେଲ କରିବା ଅଭିଯୋଗରେ ଭୁବନେଶ୍ୱର ସାଇବର କ୍ରାଇମ୍ ଓ ଅର୍ଥନୈତିକ ଅପରାଧ ଥାନା ଜଣେ ରୋଷେୟାଙ୍କୁ ଗୁରୁବାର ଗିରଫ କରିଛି। ଅଭିଯୁକ୍ତ ହେଲେ ପଟିଆ ଅଞ୍ଚଳରେ ରହୁଥିବା ଢେଙ୍କାନାଳ ଜିଲା ବାଲିମୀ ଥାନା ଅନ୍ତର୍ଗତ ଝାଡ଼ବନ୍ଧ ଗ୍ରାମର ପରିକ୍ଷୀତ ନାୟକ ଓରଫ କାଳିଆ ଦାସ(୩୫)। ସେ ବିଭିନ୍ନ ହଷ୍ଟେଲରେ ରୋଷେୟା ଭାବେ କାର୍ଯ୍ୟ କରନ୍ତି। ଅଭିଯୁକ୍ତ କାଳିଆଙ୍କୁ ଭୁବନେଶ୍ୱର ସ୍ୱତନ୍ତ୍ର ପୋକ୍ସ କୋର୍ଟକୁ ଚାଲାଣ କରାଯାଇଥିଲା। ଜାମିନ ନାମଞ୍ଜୁରେ ହେବାରୁ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି।

ପୋଲିସ ସୂଚନା ଅନୁଯାୟୀ, ୨ ବର୍ଷ ତଳେ ଆଚାର୍ଯ୍ୟବିହାରସ୍ଥିତ ସାଇନ୍ସପାର୍କର ଜଣେ ନାବାଳିକା ମଞ୍ଚେଶ୍ୱର ଥାନା ନହରକଣ୍ଟା ଅଞ୍ଚଳରେ ଥିବା ଏକ ହଷ୍ଟେଲରେ ରହି ପଢୁଥିଲେ। ସେଠାରେ କାଳିଆ ରୋଷେଇ କରୁଥିଲେ। ହଷ୍ଟେଲରେ ବିଭିନ୍ନ ସମୟରେ ନାବାଳିକା ଜଣକ କାଳିଆଙ୍କ ଫୋନରେ ପରିବାର ଲୋକଙ୍କ ସହ କଥା ହେଉଥିଲେ। ତେବେ ଛାତ୍ରୀ ଜଣକ ହଷ୍ଟେଲ ଛାଡ଼ିବା ପରେ କାଳିଆ ତାଙ୍କୁ କଲ୍ କରି ପ୍ରେମ ନିବେଦନ କରିବା ସହ ସମୟ ବିତାଇବା ପାଇଁ କହିଥିଲେ। ଏନେଇ ନାବାଳିକା ଅରାଜି ହେବାରୁ କାଳିଆ ତାଙ୍କ ନାମରେ ଫେସ୍‌ବୁକ୍ ଓ ଇନ୍‌ଷ୍ଟାଗ୍ରାମରେ ଆକାଉଣ୍ଟ ଖୋଲିଥିଲେ। ସେଥିରେ ତାଙ୍କ ଫଟୋକୁ ଅଶ୍ଳୀଳରେ ପରିବର୍ତ୍ତନ କରି ଡିପିରେ ରଖିଥିଲେ। ଏଥିସହ ତାଙ୍କ ପରିବାର ଲୋକ ଓ ସାଙ୍ଗଙ୍କୁ ଉକ୍ତ ଆକାଉଣ୍ଟରୁ ଅଶ୍ଳୀଳ ମେସେଜ ପଠାଉଥିଲେ। ଏନେଇ ଗତ ଜୁଲାଇ ୨୪ରେ ଅଭିଯୋଗ ପରେ


କାଳିଆ ଦାସ

ଆଇଟି, ପୋକ୍ସ ଆକ୍ଟ ସହ ଆଇପିସିର ବିଭିନ୍ନ ଦଫାରେ ପୋଲିସ ଏକ ମାମଲା (ନଂ.୨୯/୨୦୨୨) ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ସୋସିଆଲ୍ ମିଡିଆକୁ

## ଅଭିଯୁକ୍ତ ରୋଷେୟା ଗିରଫ

- ନାବାଳିକାଙ୍କ ଫଟୋକୁ ଅଶ୍ଳୀଳ କରି ଡିପିରେ ରଖୁଥିଲେ
- ପରିବାର ଲୋକଙ୍କୁ ଅଶ୍ଳୀଳ ମେସେଜ୍ ପଠାଇ ବ୍ଲାକମେଲ କରୁଥିଲେ
- ଇସ୍କନ ଭକ୍ତ ବୋଲି ପରିଚୟ ଦେଉଥିଲେ କାଳିଆ

ତଥ୍ୟ ମଗାଯିବା ପରେ କାଳିଆ ହିଁ ଏସବୁ କରୁଥିବା ଜଣାପଡିଥିଲା। ତଦନ୍ତ ବେଳେ ନାବାଳିକାଙ୍କ ଅନ୍ୟ ସାଙ୍ଗଙ୍କ ନାଁରେ ମଧ୍ୟ କାଳିଆ ଏପରି ଫେକ୍ ଆକାଉଣ୍ଟ ଖୋଲିଥିବା ଜଣାପଡ଼ିଛି। ଅଭିଯୁକ୍ତ କାଳିଆ ଇସ୍କନରେ ରୋଷେଇ କରିବା ସହ ସେଠାରେ ଦିକ୍ଷା ନେଇ ନିଜକୁ ବାବା ବୋଲି ପରିଚୟ ଦେଉଥିବା ପୋଲିସ କହିଛି।

## ଶେୟାର ବଜାରରେ ଉତ୍ସାହ

**ନୂଆଦିଲ୍ଲୀ:** ଅନ୍ତଃରାଷ୍ଟ୍ରୀୟ ତୈଳ ଦର ହ୍ରାସ ସାଙ୍ଗକୁ ଭାରତୀୟ ମୁଦ୍ରା ମୂଲ୍ୟର ସୁଧାର କାରଣରୁ ଷ୍ଟକ୍ ବଜାରର କାରବାର ଗୁରୁବାର ପୂର୍ବଦିନର କାରବାର ଅପେକ୍ଷା ଭଳି ରହିଛି। ଏପରିକି କିଛିଦିନ ପରେ ଶେୟାର ବଜାରର କାରବାରେ ଉତ୍ସାହ ପରିଲକ୍ଷିତ ଦେଖାଦେଇଛି। ଏପରିକି ଉଭୟ ସେନ୍‌ସେକ୍ସ ଏବଂ ନିଫ୍ଟିରେ ୧%ର ଅଧିକ ବଜାର ଶେୟାର ବୃଦ୍ଧି ଘଟିଥିବା ଜଣାପଡ଼ିଛି। ଗୁରୁବାର ସେନ୍‌ସେକ୍ସ ୬୫୯ (୬୫୯.୩୧) ପଏଣ୍ଟ ବଢ଼ି ୫୯,୬୮୮ (୫୯,୬୬୮.୨୨) ଅଙ୍କରେ କାରବାର ବନ୍ଦ କରିଥିବା ବେଳେ ନିଫ୍ଟି-୫୦ରେ ମଧ୍ୟ ୧୭୪ (୧୭୪.୩୫) ପଏଣ୍ଟ ବୃଦ୍ଧି ଘଟି ୧୭,୭୯୯(୧୭,୭୯୮.୭୫) ଅଙ୍କରେ ବଜାର ବନ୍ଦ ହୋଇଥିବା ଜଣାପଡ଼ିଛି।

# ଭିଆଇଏଲ୍‌ର ଅଂଶଧନ ହାସଲ କରିବେ ସରକାର

### ଶେୟାର ମୂଲ୍ୟ ୧୦ ବା ଅଧିକ ଟଙ୍କାରେ ସ୍ଥିର ହେବା ପରେ ଅଧିଗ୍ରହଣ

ନୂଆଦିଲ୍ଲୀ,୮।୯

ଦେଶର ପ୍ରମୁଖ ଘରୋଇ ଟେଲିକମ୍ ସେବା ପ୍ରଦାନକାରୀ ସଂସ୍ଥା ଭୋଡାଫୋନ-ଆଇଡିଆ ଗତ କିଛି ବର୍ଷ ହେବ ବ୍ୟବସାୟିକ ହ୍ରାସ ଯୋଗୁ ମାନ୍ଦାବସ୍ଥା ଦେଇ ଗତି କରୁଛି। ଏପରିକି ଋଣଗ୍ରସ୍ତ ଭୋଡାଫୋନ-ଆଇଡିଆ ଲିମିଟେଡ୍ (ଭିଆଇଏଲ୍)ର ଅଂଶଧନ ସରକାର ହାସଲ କରିବେ ବୋଲି ସୂଚନା ମିଳିଛି। ବିଶେଷକରି କମ୍ପାନୀର ଷ୍ଟକ୍ ମୂଲ୍ୟ ୧୦ଟଙ୍କା କିମ୍ବା ତା'ଠାରୁ ଅଧିକରେ ସ୍ଥିର ହେବା ପରେ ଏହି କାରବାର (ଅଧିଗ୍ରହଣ) ହେବ ବୋଲି ସରକାରୀ ସୂତ୍ରରୁ ଜଣାପଡ଼ିଛି। ସେହିଭଳି ଭିଆଇଏଲ୍ ବୋର୍ଡ ପକ୍ଷରୁ ମଧ୍ୟ ଶେୟାର ପିଛା ୧୦ଟଙ୍କା ମୂଲ୍ୟରେ ସରକାରଙ୍କୁ ଏକ ଅଂଶ ପ୍ରଦାନ କରିଛି। ସେହିଭଳି ବଜାର ନିୟାମକ ସେବିର ନିୟମାବଳୀ ଅନୁସାରେ ଅଂଶ ବା ଶେୟାର ଅଧିଗ୍ରହଣ ସମାନ ମୂଲ୍ୟରେ ହିଁ ହେବା ଜରୁରୀ। ଭିଆଇଏଲ୍‌ର ଶେୟାର ମୂଲ୍ୟ ୧୦ ଟଙ୍କା ପାଖାପାଖିରେ ସ୍ଥିର ହେବା ପରେ ଡିଓଟି ବା ଦୂରସଞ୍ଚାର ବିଭାଗ ଏହାର ଅଂଶଧନକୁ ଅଧିଗ୍ରହଣ କରିବା ପାଇଁ ମଞ୍ଜୁରୀ ପ୍ରଦାନ କରିବ। ସେହିପରି ଭିଆଇଏଲ୍‌ର ଶେୟାର ୧୯ ଅଗଷ୍ଟରୁ ହିଁ ୧୦ ଟଙ୍କା ତଳେ କାରବାର ହେଉଛି। ଅପରପକ୍ଷରେ ଗୁରୁବାର ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ (ବିଏସ୍‌ଇ) ରେ ଏହାର ଶେୟାର ୧.୦୨% ହ୍ରାସ ସହ ୯.୬୮ ଟଙ୍କାରେ ବନ୍ଦ ହୋଇଥିଲା। ବର୍ତ୍ତମାନ ସମୟରେ ଉକ୍ତ କମ୍ପାନୀର ୧୬ ହଜାର କୋଟି ଟଙ୍କା ସରକାରଙ୍କୁ ଦେୟ ରହିଛି। ଏହି ଦେୟ ବଦଳରେ ଏହାର ନିର୍ଦ୍ଦେଶକ ବୋର୍ଡ ସରକାରଙ୍କୁ ପ୍ରତି ଶେୟାର ୧୦ ଟଙ୍କାରେ ପ୍ରଦାନ କରିବାକୁ ପ୍ରସ୍ତାବ ଦେଇଛନ୍ତି। ଜୁଲାଇରେ ଅର୍ଥ ମନ୍ତ୍ରଣାଳୟ କମ୍ପାନୀର ଅଂଶଧନ ହାସଲ କରିବା ପ୍ରସ୍ତାବକୁ ଅନୁମୋଦନ କରିଥିଲା। ଋଣଗ୍ରସ୍ତ ଭିଆଇଏଲ୍ ସରକାରଙ୍କୁ ପ୍ରଦାନ କରାଯିବାକୁ ଥିବା ପ୍ରାୟ ୧୬,୦୦୦ କୋଟି ଟଙ୍କା ସୁଧ ଦାୟିତ୍ୱକୁ ଇକ୍ୱିଟିରେ ରୂପାନ୍ତର କରିବାକୁ ନିଷ୍ପତ୍ତି ନେଇଛି, ଯାହା କମ୍ପାନୀର ପ୍ରାୟ ୩୩% ଅଂଶଧନ ହେବ ଏବଂ ପ୍ରମୋଟରଙ୍କ ହୋଲ୍ଡିଂ ୭୪.୯୯% ରୁ ହ୍ରାସ ପାଇ ୫୦% ପର୍ଯ୍ୟନ୍ତ ରହିବ। କମ୍ପାନୀର ମୋଟ ଋଣ, ଲିଜ୍ ଦାୟିତ୍ୱକୁ ବାଦ୍ ଦେଇ ସୁଧକୁ ଅନ୍ତର୍ଭୁକ୍ତ କରି କିନ୍ତୁ ଧାର୍ଯ୍ୟ ହୋଇ ନ ଥିଲା।




## ଆର୍‌ବିଆଇ ପକ୍ଷରୁ 'ସତର୍କ ତାଲିକା' ଜାରି

ନୂଆଦିଲ୍ଲୀ,୮।୯

ଭାରତରେ ଅନଧିକୃତ ଆର୍ଥିକ ସଂସ୍ଥାର ୱେବ୍‌ସାଇଟ ଏବଂ ଆପ୍ ଜରିଆରେ ବିନିମୟ ମୁଦ୍ରା (ଫୋରେକ୍ସ) କାରବାର ପାଇଁ ଭାରତୀୟ ରିଜର୍ଭ ବ୍ୟାଙ୍କ (ଆର୍‌ବିଆଇ) ପକ୍ଷରୁ ଏକ ସତର୍କ ତାଲିକା ଜାରି କରାଯାଇଛି। ବିଶେଷକରି ସ୍ୱୀକୃତି ପାଇ ନ ଥିବା ସଂସ୍ଥାଗୁଡ଼ିକ ସହ କାରବାର ନ କରିବା ଲାଗି ବିଜ୍ଞପ୍ତି ମାଧ୍ୟମରେ ସର୍ବସାଧାରଣଙ୍କୁ ଅବଗତ କରାଯାଇଛି। ଏପରିକି ବେନାମୀ ସଂସ୍ଥା ଜରିଆରେ ଅର୍ଥ କାରବାର ନ କରିବା ପାଇଁ ସମସ୍ତଙ୍କୁ ବାରଣ ମଧ୍ୟ କରାଯାଇଛି। ସେହିଭଳି ଭେଣ୍ଡରମାନଙ୍କ ଲାଗି ଜାରି କରାଯାଇଥିବା ଉକ୍ତ ତାଲିକାରେ ଆଲ୍‌ପାରି, ଏଜିଏଫ୍‌ଏକ୍ସ, ଆଭା ଟ୍ରେଡ୍, ବିନୋମୋ, ଇଟୋରୋ, ଏକ୍ସନେସ୍ ଭଳି ୩୦ରୁ ଊର୍ଦ୍ଧ୍ୱ ବେନାମୀ ସଂସ୍ଥାର ନାମ ଅନ୍ତର୍ଭୁକ୍ତ ରହିଛି।

# ନ୍ୟୁ ଇଣ୍ଡିଆ ଆସ୍ୟୁରାନ୍ସର ନୂତନ ଉପ ମହାପ୍ରବନ୍ଧକ

ଭୁବନେଶ୍ୱର,୮।୯

ଦେଶର ପ୍ରମୁଖ ବୀମା କମ୍ପାନୀ ନ୍ୟୁ ଇଣ୍ଡିଆ ଆସ୍ୟୁରାନ୍ସର ଭୁବନେଶ୍ୱର କ୍ଷେତ୍ରୀୟ କାର୍ଯ୍ୟାଳୟର ଉପ ମହାପ୍ରବନ୍ଧକ ଭାବେ ସଦାନନ୍ଦ ମହାନ୍ତି ଯୋଗ ଦେଇଛନ୍ତି। ଏହା ପୂର୍ବରୁ ମହାନ୍ତି ମୁମ୍ବାଇସ୍ଥିତ ମୁଖ୍ୟ କାର୍ଯ୍ୟାଳୟରେ ଉପ ମହାପ୍ରବନ୍ଧକଭାବେ କାର୍ଯ୍ୟ କରୁଥିଲେ। ୧୯୯୧ରେ ମହାନ୍ତି ନ୍ୟୁ ଇଣ୍ଡିଆର ପ୍ରଶାସନିକ ଅଧିକାରୀ ଭାବେ ପୁଣେସ୍ଥିତ ସାଙ୍ଗ୍‌ଲିଠାରେ ଯୋଗଦେଇଥିଲେ। ବଲାଙ୍ଗୀର ଜିଲାରୁ ଆସିଥିବା ମହାନ୍ତି ଜଣେ ଦକ୍ଷ ପ୍ରଶାସକ ଭାବେ କମ୍ପାନୀର ଭୁବନେଶ୍ୱର, ବଲାଙ୍ଗୀର, ଚୌଦ୍ୱାର ଏବଂ ମୁଖ୍ୟ କାର୍ଯ୍ୟାଳୟ ଠାରେ ବିଭିନ୍ନ ପଦପଦବୀରେ ଯୋଗଦେଇ ସଫଳତାର ସହ କାର୍ଯ୍ୟ ସମ୍ପନ୍ନ କରିଛନ୍ତି। ଏହି ପରିପ୍ରେକ୍ଷୀରେ ମହାନ୍ତି ଭୁବନେଶ୍ୱର କ୍ଷେତ୍ରକୁ ବ୍ୟବସାୟିକ ଦୃଷ୍ଟିକୋଣରୁ ଏକ ଅଗ୍ରଣୀ କ୍ଷେତ୍ର ରୂପେ ଗଢ଼ି ତୋଳିବା ସହ ସ୍ୱାସ୍ଥ୍ୟବୀମାକୁ ଗ୍ରାମାଞ୍ଚଳର ଲୋକମାନଙ୍କ ପାଖରେ ପହଞ୍ଚାଇବା ଉପରେ ଗୁରୁତ୍ୱ ଦେବେ ବୋଲି ମତ ପ୍ରକାଶ କରିଛନ୍ତି।


ସଦାନନ୍ଦ ମହାନ୍ତି

# ହୋଣ୍ଡା ଆମେଜ୍‌ର ବିକ୍ରି ମାଇଲଖୁଣ୍ଟ ହାସଲ




ନୂଆଦିଲ୍ଲୀ,୮।୯

ଦେଶର ପ୍ରମୁଖ ଚାରିଚକିଆ ଯାନ ନିର୍ମାତା ହୋଣ୍ଡା କାର୍‌ସ ଇଣ୍ଡିଆ ଲିମିଟେଡ୍ (ଏଚ୍‌ସିଆଇଏଲ୍)ର ଲୋକପ୍ରିୟ ଫ୍ୟାମିଲି ସେଡାନ୍ ହୋଣ୍ଡା ଆମେଜ୍ ଏକ ବିରଳ ରେକର୍ଡର ମାଇଲଖୁଣ୍ଟ ହାସଲ କରିଛି। ବିଶେଷକରି ଏହାର (ଆମେଜ୍) ପୌନପୁନିକ ବିକ୍ରୟ ୫ଲକ୍ଷ ୟୁନିଟ୍ ହୋଇଥିବା କମ୍ପାନୀ ପକ୍ଷରୁ ଘୋଷଣା କରାଯାଇଛି। ସେହିଭଳି ଆମେଜ୍ ହେଉଛି ବର୍ତ୍ତମାନ ଏଚ୍‌ସିଆଇଏଲ୍‌ର ସର୍ବାଧିକ ବିକ୍ରି ହେଉଥିବା ମଡେଲ, ଯାହାକି କମ୍ପାନୀର ବିକ୍ରୟର ୪୦% ରୁ ଅଧିକ ରହିଛି। ଏହା ଏକ ଭାରତ ଉପଯୋଗୀ ଉତ୍ପାଦ ହୋଇଥିବାରୁ ଭାରତରେ ନିର୍ମିତ ଆମେଜ୍‌କୁ ରାଜସ୍ଥାନରେ ହୋଣ୍ଡାର ଟାପୁକାରା ପ୍ଲାଣ୍ଟରେ ପ୍ରସ୍ତୁତ କରାଯାଇଛି। ଏହାକୁ 'ୱାନ୍ କ୍ଲାସ୍ ଆବୋଭ୍ ସେଡାନ୍' ଭାବେ ମଧ୍ୟ ଡିଜାଇନ କରାଯାଇଛି। ଏ ସମ୍ପର୍କରେ ହୋଣ୍ଡା କାର୍‌ସ ଇଣ୍ଡିଆ ଲିମିଟେଡ୍‌ର ପ୍ରେସିଡେଣ୍ଟ ତଥା ସିଇଓ ତାକୁୟା ସୁମୁରା କହିଛନ୍ତି, ହୋଣ୍ଡା ଆମେଜ୍ ୫ ଲକ୍ଷ ୟୁନିଟ ବିକ୍ରିର ମାଇଲଖୁଣ୍ଟ ହାସଲ କରିଥିବାରୁ ଏହା ଆମ ପାଇଁ ଏକ ଗୌରବର ବିଷୟ। ଏହି ବ୍ରାଣ୍ଡ ପାଇଁ ଗ୍ରାହକମାନେ ସେମାନଙ୍କର ଭଲ ପାଇବା ଦେଇଥିବାରୁ ଆମେ ସେମାନଙ୍କ ନିକଟରେ କୃତଜ୍ଞ ଓ ଆମ ପାର୍ଟନରମାନେ ଆମକୁ ନିରନ୍ତର ସହଯୋଗ ପ୍ରଦାନ କରୁଥିବାରୁ ଆମେ ସେମାନଙ୍କୁ ମଧ୍ୟ କୃତଜ୍ଞତା ଜ୍ଞାପନ କରୁଛୁ। ଛୋଟ ଓ ବଡ଼ ସହରରେ ଏହାର ଲୋକପ୍ରିୟତା ପ୍ରମାଣିତ କରିଛି ଯେ ପ୍ରିମିୟମ ସେଡାନ୍ କେବଳ ଗ୍ରାହକଙ୍କର ଆବଶ୍ୟକତାକୁ ପୂରଣ କରି ନ ଥାଏ ବରଂ ଏହା ସେମାନଙ୍କର ଆଶାକୁ ମଧ୍ୟ ଅତିକ୍ରମ କରିଥାଏ।

# ଜେଏସ୍‌ପିକୁ ଶ୍ରେଷ୍ଠ ସିଏସ୍‌ଆର୍ ସମ୍ମାନ

ନୂଆଦିଲ୍ଲୀ,୮।୯

କର୍ପୋରେଟ୍ ସାମାଜିକ ଦାୟିତ୍ୱବୋଧ (ସିଏସ୍‌ଆର୍) କାର୍ଯ୍ୟକ୍ରମ କ୍ଷେତ୍ରରେ ଉଲ୍ଲେଖନୀୟ କାର୍ଯ୍ୟ ପାଇଁ ଜିନ୍ଦଲ ଷ୍ଟିଲ୍ ଆଣ୍ଡ ପାୱାର (ଜେଏସ୍‌ପି)କୁ ସମ୍ମାନିତ କରାଯାଇଛି। ଗୁରୁବାର କୋଲକାତାରେ ଆୟୋଜିତ ଇଷ୍ଟର୍ନ ଇଣ୍ଡିଆ ଲିଡରଶିପ୍ ପୁରସ୍କାର କାର୍ଯ୍ୟକ୍ରମରେ ଜେଏସ୍‌ପିର ସଭାପତି ତଥା ଗ୍ରୁପ୍ ସିଏସ୍‌ଆର୍ ମୁଖ୍ୟ ପ୍ରଶାନ୍ତ ହୋତା ଯୋଗ ଦେଇ ଉପରୋକ୍ତ ପୁରସ୍କାର ଗ୍ରହଣ କରିଛନ୍ତି। ଏପରିକି ଟାଇମ୍ସ ଆସେଣ୍ଟ ସହଭାଗିତା ହୋଇଥିବା ପୁରସ୍କାରକୁ ୱାର୍ଲ୍ଡ ସିଏସ୍‌ଆର୍ ଫେଡେରେଶନ ଦ୍ୱାରା ପ୍ରମାଣିତ କରାଯାଇଛି। ଏ ସମ୍ପର୍କରେ ହୋତା କହିଛନ୍ତି, ଜେଏସ୍‌ପିରେ ଆମେ ଆମର କାରଖାନା ଆଖପାଖରେ ତଥା ସାରା ଦେଶରେ ଲୋକଙ୍କ ଜୀବନରେ ଗୁଣାତ୍ମକ ପରିବର୍ତ୍ତନ ଆଣିବା ପାଇଁ ବିଭିନ୍ନ କାର୍ଯ୍ୟ କରୁଛୁ। ଜେଏସ୍‌ପି ଫାଉଣ୍ଡେଶନ ଦ୍ୱାରା ଏହାର ଚେୟାରପର୍ସନ ଶାଲୁ ଜିନ୍ଦଲଙ୍କ ନେତୃତ୍ୱରେ କରାଯାଉଥିବା ଆମର ସମସ୍ତ ସିଏସ୍‌ଆର୍ କାର୍ଯ୍ୟକ୍ରମ ଜାତିସଂଘର ସ୍ଥାୟୀ ବିକାଶ ଲକ୍ଷ୍ୟ ସହ ସମାନ୍ତରାଳ, କାରୋନା ମହାମାରୀ ମୁକାବିଲାରେ ଦେଶର ବିଭିନ୍ନ ଡାକ୍ତରଖାନାକୁ ମେଡିକାଲ ଅକ୍ସିଜେନ ଯୋଗାଇବାରେ ଜେଏସ୍‌ପିର ଚେୟାରମ୍ୟାନ୍ ନବୀନ ଜିନ୍ଦଲଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ ରହିଥିଲା।

ସେହିଭଳି ଉକ୍ତ କାର୍ଯ୍ୟକ୍ରମରେ ହୋତା ଏକ ପ୍ୟାନେଲ ଆଲୋଚନାରେ ମଧ୍ୟ ଅଧ୍ୟକ୍ଷତା କରିଥିଲେ। ଯେଉଁଠାରେ ସସ୍‌ଟେନବିଲିଟି ଷ୍ଟଲୱାର୍ଟ, ଷ୍ଟାର୍ଟଅପ୍ ଏବଂ ଏନ୍‌ଜିଓ କ୍ଷେତ୍ରରେ କାର୍ଯ୍ୟକରୁଥିବା ବିଭିନ୍ନ କାର୍ଯ୍ୟକର୍ତ୍ତା ଅଂଶଗ୍ରହଣ କରିଥିଲେ। ବିଶେଷକରି ସ୍ୱାସ୍ଥ୍ୟ, ଶିକ୍ଷା,ମହିଳା ସଶକ୍ତୀକରଣ, କୃଷି, ଦକ୍ଷତା ଶିକ୍ଷା ଏବଂ ଅନ୍ୟାନ୍ୟ କ୍ଷେତ୍ରରେ ବହୁମୁଖୀ ସାମାଜିକ ବିକାଶ କାର୍ଯ୍ୟକ୍ରମ ଦ୍ୱାରା ଜେଏସ୍‌ପି ୩ଲକ୍ଷରୁ ଅଧିକ ଲୋକଙ୍କ ନିକଟରେ ପହଞ୍ଚିଛି।



# ନିଟ୍-୨୦୨୨ରେ ଓଡିଏମ୍‌ର ବାଜିମାତ

### ୧୩୮ତମ ସର୍ବଭାରତୀୟ ର୍‍ୟାଙ୍କ୍‌ରେ ଅଙ୍କିତା ମଣ୍ଡଳ

ଭୁବନେଶ୍ୱର,୮।୯

ରାଜ୍ୟର ପ୍ରମୁଖ ଘରୋଇ ଶିକ୍ଷାନୁଷ୍ଠାନ ଓଡିଏମ୍ ପବ୍ଲିକ୍ ସ୍କୁଲ ଚଳିତ ବର୍ଷର ମେଡିକାଲ ପ୍ରବେଶିକା ପରୀକ୍ଷା ନିଟ୍-୨୦୨୨ର ଫଳାଫଳରେ ବାଜିମାତ କରିଛି। ବିଶେଷକରି ସଦ୍ୟ ପ୍ରକାଶିତ ନିଟ୍ ପରୀକ୍ଷା ଫଳାଫଳରେ ସ୍କୁଲର ଛାତ୍ରୀଛାତ୍ରମାନେ ଅଭୂତପୂର୍ବ ସଫଳତା ସହ କୃତିତ୍ୱ ହାସଲ କରିଛନ୍ତି । ଏପରିକି ସର୍ବମୋଟ ୪୩ ଜଣ ଛାତ୍ରୀଛାତ୍ର ଚୟନ ତାଲିକାରେ ଥିଲାବେଳେ କୁମାରୀ ଅଙ୍କିତା ମଣ୍ଡଳ ସର୍ବଭାରତୀୟ ସ୍ତରରେ ୧୩୮ତମ ସ୍ଥାନରେ ରହି ବିଦ୍ୟାଳୟକୁ ଗୌରବ ମଣ୍ଡିତ କରିଛନ୍ତି। ଏହି ପରିପ୍ରେକ୍ଷୀରେ ବିଦ୍ୟାଳୟର ଅଧ୍ୟକ୍ଷ ଡ.ସତ୍ୟବ୍ରତ ମୀନକେତନ, ନିର୍ଦ୍ଦେଶିକା (ଅର୍ଥ ଓ ପ୍ରଶାସନ) ତଥା ପ୍ରବନ୍ଧିକା ଇନ୍ଦୁମତୀ ରାୟ ଏବଂ ସ୍କୁଲର ମୁଖ୍ୟ ସଞ୍ଚାଳନ ଅଧିକାରୀ ସ୍ୱୟନ୍ ସତ୍ୟେନ୍ଦୁ ସମସ୍ତ ଛାତ୍ରୀଛାତ୍ର, ତାଙ୍କ ଅଭିଭାବକ ଓ ଶିକ୍ଷକ ଶିକ୍ଷୟିତ୍ରୀମାନଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ଜଣାଇଛନ୍ତି।



## ଆଜିଠାରୁ ଅଣ ବାସ୍ମୁତି ଚାଉଳରେ ୨୦% ରପ୍ତାନି ଶୁଳ୍କ

**ନୂଆଦିଲ୍ଲୀ, ୮।୯:** ସରକାର ଗୁରୁବାର ଅଣ ବାସ୍ମୁତି ଚାଉଳ ଉପରେ ୨୦%ର ରପ୍ତାନି ଶୁଳ୍କ ଲାଗୁ କରିଛନ୍ତି। ଏପରିକି ଚଳିତ ଖରିଫ ଋତୁରେ ଧାନ ଫସଲ ଅଧୀନରେ ଘରୋଇ ଯୋଗାଣକୁ ବୃଦ୍ଧି କରିବା ପାଇଁ ପାରାବଏଲ ଚାଉଳ ବ୍ୟତୀତ ସରକାର ଅଣ-ବାସ୍ମୁତି ଚାଉଳ ଉପରେ ଏହି ଶୁଳ୍କ ଲାଗୁ କରିଛନ୍ତି। ଏପରିକି ରାଜସ୍ୱ ବିଭାଗର ବିଜ୍ଞପ୍ତି ଅନୁଯାୟୀ, ଚାଉଳ (ଧାନ କିମ୍ବା ରୁଗ୍) ଏବଂ ହଳଦୀ (ବାଦାମୀ) ଚାଉଳ' ଉପରେ ୨୦% ରପ୍ତାନି ଶୁଳ୍କ ଲାଗୁ କରାଯାଇଛି। ଅପରପକ୍ଷରେ ସେଣ୍ଟ୍ରାଲ୍ ବୋର୍ଡ ଅଫ୍ ପରୋକ୍ଷ ଟିକସ ଏବଂ କଷ୍ଟମସ ପକ୍ଷରୁ କୁହାଯାଇଛି ଯେ 'ଅର୍ଦ୍ଧ ମିଲ୍ କିମ୍ବା ସମ୍ପୂର୍ଣ୍ଣ ମିଲ୍ ହୋଇଥିବା ଚାଉଳ ରପ୍ତାନି ହେଉ ଅଥବା ପଲିସ୍ ହେଉ କିମ୍ବା ଗ୍ଲାସ୍‌ଡ (ପାରାବଏଲଡ୍ ଚାଉଳ ଏବଂ ବାସମତି ଚାଉଳ ବ୍ୟତୀତ) ରପ୍ତାନିରେ ମଧ୍ୟ ୨୦% ସୀମା ଶୁଳ୍କ ଆକର୍ଷିତ କରିବ। ସେହିପରି ଚଳିତ ବର୍ଷ ସେପ୍ଟେମ୍ବର ୯ରୁ ଉପରୋକ୍ତ ଚାଉଳ ରପ୍ତାନି ଉପରେ ଶୁଳ୍କ ଲାଗୁ ହେବ ବୋଲି ଉକ୍ତ ବିଜ୍ଞପ୍ତିରେ କୁହାଯାଇଛି।

ଜନ୍ମଦିନର ଶୁଭେଚ୍ଛା
ସୌରଭ ରଞ୍ଜନ ବିଶ୍ୱାଳ (କ୍ରିଷ୍ଣା)
(ପହଙ୍ଗା, ନିଆଳୀ, କଟକ)
ଆଜି ତୋର ସପ୍ତମ ଜନ୍ମଦିନ ଅବସରରେ ଅନେକ ଶୁଭେଚ୍ଛା ଓ ଅଭିନନ୍ଦନ । ପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ପଦାରବିନ୍ଦରେ ତୋର ଉଜ୍ଜ୍ୱଳ ଭବିଷ୍ୟତ ସହିତ ଦୀର୍ଘାୟୁ କାମନା କରୁଛୁ ।
ଆଶିର୍ବାଦ ସହ:
ଅଜା, ଆଈ, ବଡ଼ ବାବା, ବଡ଼ ମମି, ମଝିଆ ବାବା, ମଝିଆ ମମି, ବାବା, ମାମା, ଗେଲୁ ଦିଦି, ଏଲି ଦିଦି, ରିବୁ ଭାଇ, କାର୍ତ୍ତିକ ଭାଇ
ସମସ୍ତ ବନ୍ଧୁ ଓ ପରିବାରବର୍ଗ
D-73349

# ଅନ୍‌ଏକାଡେମିର ୫୦ ଶିକ୍ଷା ଚ୍ୟାନେଲ

ନୂଆଦିଲ୍ଲୀ, ୮।୯

ଅନ୍‌ଏକାଡେମି ପକ୍ଷରୁ ନିକଟରେ ୫୦ଟି ଅନନ୍ୟ ଶିକ୍ଷା ଚ୍ୟାନେଲ ସମ୍ପର୍କରେ ଘୋଷଣା କରାଯାଇଛି। ସେହିଭଳି ଶିକ୍ଷାର ଗଣତାନ୍ତ୍ରିକୀକରଣ କରିବାର ଦୃଷ୍ଟିକୋଣ ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ମଧ୍ୟ ଗ୍ରହଣ କରିଛି। ଏ ସମ୍ପର୍କରେ ଅନ୍‌ଏକାଡେମିର ସିଓଓ ବିବେକ ସିହ୍ନା କହିଛନ୍ତି, ଆମେ ୫୦ଟି ଅନନ୍ୟ ଶିକ୍ଷା ଚ୍ୟାନେଲ ସମ୍ପର୍କରେ ଘୋଷଣା କରିବା ସହ ଶିକ୍ଷାକୁ ଗଣତାନ୍ତ୍ରିକୀକରଣ କରିବା ଦିଗରେ ଆମର ପ୍ରତିବଦ୍ଧତାକୁ ମଧ୍ୟ ଦୃଢ଼ କରୁଛୁ। ଆମେ ଆମର ଉଦ୍ଦେଶ୍ୟକୁ ବୃହତ୍ ସମ୍ପ୍ରଦାୟକୁ ବିସ୍ତାର ସାଙ୍ଗକୁ ଶିକ୍ଷା ପ୍ରଦାନରେ ଏହା ଶକ୍ତିଶାଳୀ ଭବିଷ୍ୟତ ଗଠନ କରିବାରେ ମଧ୍ୟ ସାହାଯ୍ୟ କରିବ। ଉକ୍ତ ସଂସ୍ଥାର ଫ୍ଲାଗ୍‌ଶିପ୍ ଇଭେଣ୍ଟ 'ଅନ୍‌ଏକାଡେମି ୱାନ୍'ର ୧ମ ସଂସ୍କରଣରେ ମଧ୍ୟ ଏ ସମ୍ପର୍କରେ ଘୋଷଣା କରାଯାଇଥିଲା। ଯେଉଁଠାରେ ଭାରତର ଶ୍ରେଷ୍ଠ ଶିକ୍ଷାବିତ୍‌ମାନେ ଏହି ଉତ୍ସବକୁ ଅନୁକରଣ କରିଥିଲେ।

ଉକ୍ତ କାର୍ଯ୍ୟକ୍ରମରେ ଅନ୍‌ଏକାଡେମିର ସର୍ବୋଚ୍ଚ ଶିକ୍ଷାବିତ୍, ପ୍ରଭାବଶାଳୀ ଏବଂ ବିଷୟବସ୍ତୁ ନିର୍ମାତା ତନ୍ମୟ ଭଟ୍ଟ, ଗୌରବ ତନେଜା, ରଣବୀର ଆଲ୍ଲାବାଦିଆ, ସୁହାନି ଶାହା, ମିଥପାଟ ଏବଂ ସୌରଭ ଜୋଷୀ ପ୍ରମୁଖ ଉପସ୍ଥିତ ଥିଲେ। ସେହିଭଳି ଅନ୍‌ଏକାଡେମି ଗେଟ୍ ଏକାଡେମୀ ସହ ସହଭାଗିତା କରୁଛି ବୋଲି ମଧ୍ୟ ଘୋଷଣା କରିଛି ଏବଂ ସମସ୍ତ ଗେଟ୍ ଆଶାୟୀଙ୍କ ପାଇଁ ସର୍ବୋତ୍ତମ ଗୁଣବତ୍ତା ବିଷୟବସ୍ତୁ ପାଇପାରିବେ। ଉମେଶ ଧଣ୍ଡେ ଅନ୍‌ଏକାଡେମି ପ୍ଲାଟ୍‌ଫର୍ମରେ ଉପାଧ୍ୟକ୍ଷ, ଏକାଡେମିକ୍ସ, ଗେଟ୍ ଏବଂ ଇଏସ୍‌ଇ ଭାବେ ଯୋଗ ଦେଇଛନ୍ତି। ପ୍ରତ୍ୟେକ ଚ୍ୟାନେଲରେ ଦେଶର ଶ୍ରେଷ୍ଠ ଶିକ୍ଷାବିତ୍, ଶିକ୍ଷାର୍ଥୀ ଏବଂ ଆଶାୟୀମାନଙ୍କ ପାଇଁ ଉଚ୍ଚମାନର ବିଷୟବସ୍ତୁ ପ୍ରସ୍ତୁତ କରିବେ। ବିଭିନ୍ନ ବର୍ଗର ପରିଭାଷିତ ବକ୍ତୃତା ସହ ନେତୃତ୍ୱ ନେଉଥିବା କେତେଜଣ ଶ୍ରେଷ୍ଠ ଶିକ୍ଷାବିତ୍‌ଙ୍କ ମଧ୍ୟରେ ଡ. ଆନନ୍ଦ ମଣି, ନମୋ କୌଲ, ନିଶାନ୍ତ ଭୋରା, ମୃଣାଲ ପଟେଲ, ଆଶିଷ ଅରୋରା, ମୋହିତ ଭାର୍ଗବ ଏବଂ ଅନ୍ୟମାନେ ସାମିଲ ଅଛନ୍ତି।

# ଏଏସ୍‌ବିଏମ୍ ପକ୍ଷରୁ ନବାଗତଙ୍କୁ ସ୍ୱାଗତ




ଭୁବନେଶ୍ୱର,୮।୯

ରାଜ୍ୟର ପ୍ରମୁଖ ଶିକ୍ଷାନୁଷ୍ଠାନ ଏଏସ୍‌ବିଏମ୍ ବିଶ୍ୱବିଦ୍ୟାଳୟ ପକ୍ଷରୁ ଚଳିତ ବର୍ଷର ଛାତ୍ରୀଛାତ୍ରଙ୍କ ପାଇଁ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ନବାଗତ ସ୍ୱାଗତ ଉତ୍ସବ ନିକଟରେ ଅନୁଷ୍ଠିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ଏକ ୧୦ ଦିନିଆ ଓରିଏଣ୍ଟେଶନ କାର୍ଯ୍ୟକ୍ରମର ମଧ୍ୟ ଆୟୋଜନ ହୋଇଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ବହୁ ଷ୍ଟାର୍ଟଅପ୍ ଉଦ୍ୟୋଗୀ, ମାନବ ସମ୍ବଳ ପଦାଧିକାରୀ, ଆଧ୍ୟାତ୍ମିକ ଗୁରୁ ଓ ବିଶିଷ୍ଟ ଶିକ୍ଷାବିତ୍ ଯୋଗଦେଇ ଅନୁଷ୍ଠାନର ଛାତ୍ରୀଛାତ୍ରମାନଙ୍କୁ ସଫଳ କ୍ୟାରିୟରର ମୂଳମନ୍ତ୍ର ଦେଇଥିଲେ। ଉକ୍ତ କାର୍ଯ୍ୟକ୍ରମ ସ୍ନାତକ ଓ ସ୍ନାତକୋତ୍ତର ନୂତନ ଛାତ୍ରୀଛାତ୍ରମାନଙ୍କ ପାଇଁ ପୃଥକ୍ ଭାବେ ଆୟୋଜିତ ହୋଇଥିଲା। ଆନୁଷ୍ଠାନିକ ଭାବେ ପ୍ରାରମ୍ଭ-୨୦୨୨କୁ ଓଡ଼ିଶା ଲୋକସେବା ଆୟୋଗର ଅଧ୍ୟକ୍ଷ ଡ. ସତ୍ୟଜିତ ମହାନ୍ତି ଉଦ୍‌ଘାଟନ କରିଥିଲେ। ସେହିଭଳି ୟୁନିୟନ ବ୍ୟାଙ୍କ ଅଫ୍ ଇଣ୍ଡିଆର ଜେନେରାଲ ମ୍ୟାନେଜର ରମାକାନ୍ତ ପ୍ରଧାନ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଏହି ପରିପ୍ରେକ୍ଷୀରେ ବିଶ୍ୱବିଦ୍ୟାଳୟର ମୁଖପତ୍ର ଫିନିକ୍ସର ନୂତନ ସଂସ୍କରଣକୁ ଅତିଥିମାନେ ଉନ୍ମୋଚନ କରିଥିଲେ। ସେହିଭଳି ବିଶ୍ୱବିଦ୍ୟାଳୟର ପ୍ରତିଷ୍ଠାତା ତଥା କୁଳାଧ୍ୟକ୍ଷ ପ୍ରଫେସର ବିଶ୍ୱଜିତ ପଟ୍ଟନାୟକ ତାଙ୍କ ବକ୍ତବ୍ୟରେ ସମ୍ଭାବ୍ୟ ଚିନ୍ତାଧାରାର ମହତ୍ତ୍ୱ ଉପରେ ଗୁରୁତ୍ୱାରୋପକରି ଛାତ୍ରୀଛାତ୍ରମାନଙ୍କୁ ସକାରାତ୍ମକ ମନୋଭାବ ରଖିବାକୁ ପରାମର୍ଶ ଦେଇଥିଲେ। କୁଳପତି ପ୍ରଫେସର କଲ୍ୟାଣ ଶଙ୍କର ରାୟ ସ୍ୱାଗତ ଅଭିଭାଷଣ ଦେଇ ବିଶ୍ୱବିଦ୍ୟାଳୟର ଇତିହାସ ବିଷୟରେ ଆଲୋକପାତ କରିଥିଲେ। ଉପ କୁଳପତି ପ୍ରଫେସର ଫଲ୍ଗୁ ନିରଞ୍ଜନା ନବାଗତ ଛାତ୍ରୀଛାତ୍ରମାନଙ୍କୁ ବିଶ୍ୱବିଦ୍ୟାଳୟର ଶପଥ ପାଠ କରାଇଥିଲେ। ଡିନ୍ ଏକାଡେମିସ୍ ପ୍ରଫେସର ପଦ୍ମନାଭ ମହାପାତ୍ର ଅତିଥି ପରିଚୟ ପ୍ରଦାନ କରିଥିଲେ ଏବଂ ସହକାରୀ ଡିନ୍ ପ୍ରଫେସର ସରୋଜ ବିଷେ ଧନ୍ୟବାଦ ଅର୍ପଣ କରିଥିଲେ। ଉଦ୍‌ଘାଟନୀ ଉତ୍ସବ ପରେ ବରିଷ୍ଠ ଛାତ୍ରୀଛାତ୍ରମାନେ ନୂତନ ଛାତ୍ରୀଛାତ୍ରମାନଙ୍କୁ ସ୍ୱାଗତ ଜଣାଇ ସାଂସ୍କୃତିକ କାର୍ଯ୍ୟକ୍ରମ 'ଆକାଂକ୍ଷା' ପରିବେଷଣ କରିଥିଲେ।

JTS GROUP
ନିଜ ନାମରେ କାର, ସ୍କୁଟି ଏବଂ ଟୋଏଟୋ କିଣି ମାସକୁ ୩ ରୁ ୪୦ ହଜାର ଟଙ୍କା ରୋଜଗାର କରନ୍ତୁ ଏବଂ ସ୍ୱଳ୍ପ ବିନିଯୋଗ ସହିତ ଦୀର୍ଘକାଳିନ ଚୁକ୍ତିରେ ଲିଜ୍ ଦିଅନ୍ତୁ । କମ୍ପାନୀ ଗୁଡିକ ସହିତ ସ୍ୱଳ୍ପ କିମ୍ବା ଦୀର୍ଘ ମିଆଦି ଚୁକ୍ତିରେ ୦ ରୁ ୩ ବର୍ଷ ପର୍ଯ୍ୟନ୍ତ ଯେକୌଣସି ପ୍ରକାରର ୫ ସିଟ୍‌ରୁ ୯ ସିଟ୍ ପର୍ଯ୍ୟନ୍ତ କାରକୁ ଲିଜ୍‌ରେ ଦେଇ ଉଚ୍ଚ ମାସିକ ଆୟ ଉପାର୍ଜନ କରନ୍ତୁ ।
ଯୋଗାଯୋଗ: 7608891779

ମନେ ପଡ଼ନ୍ତି
ଦ୍ୱାଦଶାହରେ ଶ୍ରଦ୍ଧାଞ୍ଜଳୀ
୰ ପି. ଭୀମରାଜୁ ପାତ୍ର
ରାଜଲକ୍ଷ୍ମୀ ଯୁଏଲ୍ ହାଉସ୍
ମହାତ୍ମା ଗାନ୍ଧୀ ରୋଡ, ଆସିକା
ତିରୋଧାନ : ୩୦.୦୮.୨୦୨୨ (ମଙ୍ଗଳବାର)
ଆଜି ଆପଣଙ୍କ ତିରୋଧାନର ଦ୍ୱାଦଶାହ ଦିବସରେ ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ଲାଗି ଜଗତରନାଥ ଶ୍ରୀଜଗନ୍ନାଥଙ୍କ ଚରଣାର ବିନ୍ଦରେ ଶତକୋଟି ପ୍ରଣତି ଜଣାଉଛୁ ।
- ଶୋକସନ୍ତପ୍ତ -
ହତଭାଗା ପୁତ୍ର- ପ୍ରଦୀପ, ଅନିଲ୍
ପୁତ୍ରବଧୂ- ସସ୍ମିତା, କଳ୍ପନା
ଝିଅ- ପୁଷ୍ପା, ସଂଯୁକ୍ତା
ଜ୍ୱାଇଁ- ବଦ୍ରିନାରାୟଣ, ନାରାୟଣ
ନାତି, ନାତୁଣି ଏବଂ ଆତ୍ମୀୟ ସ୍ୱଜନ

# ନିଟ୍-୨୦୨୨ରେ ଆକାଶ ବାଇଜୁସ୍ ରେକର୍ଡ ସଫଳତା

### ୭୦୫ ନମ୍ବର ସହ ପ୍ରିୟ ସୋମଦତ୍ତ ଓଡ଼ିଶା ଟପ୍ପର

ଭୁବନେଶ୍ୱର,୮।୯

ଚଳିତ ବର୍ଷର ଡାକ୍ତରୀ ଶିକ୍ଷା ପାଇଁ ୨୦୨୨-ମେଡିକାଲ ପ୍ରବେଶିକା ପରୀକ୍ଷା ବା ଏନ୍‌ଇଇଟି(ୟୁଜି)-୨୨ର ଫଳାଫଳ ନିକଟରେ ପ୍ରକାଶ ପାଇଛି। ଉକ୍ତ ଫଳାଫଳ ଅନୁଯାୟୀ ଆକାଶ ବାଇଜୁସ୍‌ର ଭୁବନେଶ୍ୱର ଶାଖାର ଛାତ୍ରୀଛାତ୍ରମାନେ ରେକର୍ଡ ସଂଖ୍ୟକ ସଫଳତା ହାସଲ ପୂର୍ବକ ବାଜିମାତ କରିଛନ୍ତି। ପ୍ରତି ବର୍ଷ ପରି ଚଳିତ ବର୍ଷ ମଧ୍ୟ ଆକାଶ ବାଇଜୁସ୍‌ର ଭୁବନେଶ୍ୱର ଶାଖାର ଛାତ୍ର ପ୍ରିୟସୋମଦତ୍ତ ନାୟକ ନିଟ୍-୨୦୨୨ ଫଳାଫଳରେ ୭୦୫ ନମ୍ବର ସହ ସର୍ବଭାରତୀୟ ସ୍ତରରେ ୩୯ ର୍‍ୟାଙ୍କ୍ ହାସଲକରି ଓଡ଼ିଶା ଟପ୍ପର ହୋଇଛନ୍ତି। ଜଣେ ଛାତ୍ର ମନରେ ଡାକ୍ତର ହେବାର ସ୍ୱପ୍ନକୁ ପୂରଣ କରିବା ପାଇଁ ଦିନରାତି କଠିନ ପରିଶ୍ରମ ସହ ସଫଳତା ଅର୍ଜନ କରିଥାଏ। ବିଶେଷକରି ଜଣେ ମାର୍କେଟିଂ ମ୍ୟାନେଜରଙ୍କ ପୁଅ (ପ୍ରିୟ) ୮ମ ଶ୍ରେଣୀରେ ପାଠ ପଢୁଥିବା ସମୟରେ ଡାକ୍ତରମାନଙ୍କର 'ଆରୋଗ୍ୟକାରୀ ଶକ୍ତି'କୁ ଲକ୍ଷ୍ୟକରି ଏବଂ ତାଙ୍କ ପରିବାରରେ କେହି ଡାକ୍ତର ନ ଥିବା ଅନୁଭବ କରି ସେ ନିଜେ ଜଣେ ଡାକ୍ତର ହେବାକୁ ନିଷ୍ପତ୍ତି ନେଇଥିଲେ ବୋଲି ଆକାଶ ବାଇଜୁସ୍‌ର ଭୁବନେଶ୍ୱର ଶାଖା ମୁଖ୍ୟ ଏ. ବି. ସିଂହ ମତବ୍ୟକ୍ତ କରିଛନ୍ତି। ଅପରପକ୍ଷରେ ପ୍ରିୟ ଏମ୍ସ, ଦିଲ୍ଲୀ ଅଥବା ଭୁବନେଶ୍ୱରରେ ଏମ୍‌ବିବିଏସ୍ ଡିଗ୍ରୀ କରିବା ସହ ଭବିଷ୍ୟତରେ ଜଣେ ନେଫ୍ରୋଲୋଜିଷ୍ଟ ହେବାର ଲକ୍ଷ୍ୟ ରଖିଛନ୍ତି।

ଏ ସମ୍ପର୍କରେ ଆକାଶ ବାଇଜୁସ୍‌ର ମ୍ୟାନେଜିଂ ଡାଇରେକ୍ଟର ଆକାଶ ଚୌଧରୀ କହିଛନ୍ତି, ପ୍ରିୟ ଜଣେ ଠିକ୍ ଭାବେ କଟାଯାଇ ନ ଥିବା ମଣି । ସେ ସ୍କୁଲ ଟପ୍ପର ସହ ଜୀବନରେ କିଛି ବଡ କରିବାକୁ ବ୍ୟଗ୍ର ଥିଲେ। ଆମେ ଅତ୍ୟନ୍ତ ଆନନ୍ଦିତ ଯେ ତାଙ୍କୁ ପ୍ରତିଯୋଗିତାମୂଳକ ପରିବେଶ ଯୋଗାଇଦେଇ ପାରିଥିଲୁ ଏବଂ ସେ ଜୀବନରେ ଯେଉଁ ଆଶା ପୋଷଣ କରିଥିଲେ ସେହି ଲକ୍ଷ୍ୟ ହାସଲ ନିମନ୍ତେ ତାଙ୍କର ଶକ୍ତିକୁ ଠିକ୍ ବାଟରେ ଉପଯୋଗ କରିବାକୁ ସମସ୍ତ ସମର୍ଥନ ଯୋଗାଇ ଦେଇଥିଲୁ। କୋଚିଂ ନେବା ବର୍ଷଗୁଡିକରେ ପ୍ରିୟ ନିରନ୍ତର ଚମତ୍କାର ପ୍ରଦର୍ଶନକରି ନିଜକୁ ପ୍ରମାଣିତ କରିଥିଲେ। ଇଣ୍ଟେନ୍‌ସିଭ ମକ୍ ଟେଷ୍ଟରେ ଭଲ ନମ୍ବର ରଖିଥିଲେ, ଯାହା ବାସ୍ତବ ଏନ୍‌ଇଇଟି ପରୀକ୍ଷା ଅପେକ୍ଷା ସାମାନ୍ୟ ଜଟିଳ ଥିଲା। ପ୍ରିୟଙ୍କର କଠିନ ପରିଶ୍ରମ ତାଙ୍କୁ ଭଲ ପ୍ରଦର୍ଶନ କରିବାରେ ସହାୟତା କରିଥିଲା।



CLASSIFIED DISPLAY

MORE SPACE • SAME PRICE

| TARIFF | For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|---|
| | 6x4 | 12x4 | 6x4 | 12x4 | 6x4 | 12x4 | 6x4 | 12x4 |
| | 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

GST 5%

ଟିସିଏଫ୍ ଭାରତର ଏକ ମାତ୍ର ପଞ୍ଜୀକୃତ କମ୍ପାନୀ ଦ୍ୱାରା ଋଣ
2% ସୁଧ
45% ଛାଡ଼
ମାର୍କଶିଟ୍, ପ୍ରପର୍ଟି, ବି.ପି.ଏଲ୍. ଓ ସମସ୍ତ ଋଣ 5 ଘଣ୍ଟାରେ ଘରେ ବସି ପାଆନ୍ତୁ
08779988242

GALAXY TOWER
ଗୋଲ୍ଡ ମେଡାଲିଷ୍ଟ Govt. Approved କମ୍ପାନି ଦ୍ୱାରା ମାନ୍ୟତା ପ୍ରାପ୍ତ ସମସ୍ତ ଡିଜିଟାଲ ମଲ୍ଟିମିଡିଆ 4G/5G ଟାୱାର କମ୍ପାନି ଆପଣଙ୍କ ର ଖାଲି ଜମି, ଛାତ ଏବଂ ପ୍ଲଟରେ ଲଗାନ୍ତୁ ।
Rupees 60 ଲକ୍ଷ advance 45,000/- rent, 1 ଜଣଙ୍କୁ ଚାକିରି ସହିତ 20,000/- ଦରମା
Bansal Market Complex, B wing, Bangalore, Karnataka-400021
8901110759

**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

## ଆଧୁନିକ ଅଲିମ୍ପିକ କ୍ରୀଡ଼ାରେ ଭାରତ

# ଲସ୍ ଏଞ୍ଜେଲ୍ସରୁ ଟୋକିଓ



ଭାରତୀ ଭୂଷଣ ମିଶ୍ର

୧୯୨୮ରେ ଭାରତୀୟ ହକି ଦଳ ଅଲିମ୍ପିକ୍ସରେ ସ୍ୱର୍ଣ୍ଣ ପଦକ ଜିତିବା ପରେ ଏହି ଧାରା ୧୯୩୨ର ଲସ୍ ଏଞ୍ଜେଲସ୍ ଓ ୧୯୩୬ ବର୍ଲିନ୍ ଅଲିମ୍ପିକ୍ସରେ ମଧ୍ୟ ବଳବତ୍ତର ରହିଥିଲା। ୧୯୩୬ ଅଲିମ୍ପିକ୍‌ରେ ଭାରତ ଫାଇନାଲରେ ରେକର୍ଡ ୮-୧ ଗୋଲରେ ବିଜୟୀ ହୋଇ ସ୍ୱର୍ଣ୍ଣ ପଦକ ବଜାୟ ରଖିଲା। ଧ୍ୟାନ୍‌ଚାନ୍ଦ ଖାଲି ପାଦରେ ଖେଳି ଏଥିରେ ୬ ଗୋଟି ଗୋଲ ଦେଇ ଜର୍ମାନୀର ଏକଚ୍ଛତ୍ର ଶାସକ ଆଡ୍‌ଲଫ ହିଟ୍‌ଲରଙ୍କ ଦୃଷ୍ଟି ଆକର୍ଷଣ କରିପାରିଥିଲେ।

ଲସ୍ ଏଞ୍ଜେଲ୍ସ ଅଲିମ୍ପିକ୍‌ରେ ୨୦ ଜଣ ଏବଂ ବର୍ଲିନ୍ ଅଲିମ୍ପିକ୍‌ରେ ୨୭ ଜଣ ଖେଳାଳି ଭାରତର ପ୍ରତିନିଧିତ୍ୱ କରିଥିଲେ। ପ୍ରକାଶଥାଉ କି ୧୯୨୮-୧୯୩୨ ଓ ୧୯୩୬ ଅଲିମ୍ପିକ୍‌ରେ ଭାରତ କେବଳ ହକିରେ ହିଁ ଗୋଟିଏ ଲେଖାଏ ସ୍ୱର୍ଣ୍ଣ ପଦକ ହାସଲ କରି ତାଲିକାରେ ନିଜକୁ ସ୍ଥାନିତ କରିପାରିଥିଲା। ଦ୍ୱିତୀୟ ବିଶ୍ୱଯୁଦ୍ଧ ଆରମ୍ଭ ଯୋଗୁ ୧୯୪୦ରେ ଟୋକିଓ ଓ ୧୯୪୮ର ଲଣ୍ଡନ ଅଲିମ୍ପିକ୍ସ ବାତିଲ ହେଲା। ୧୯୪୭ରେ ଭାରତ ବ୍ରିଟିଶ୍ ଶାସନରୁ ମୁକ୍ତ ହୋଇ ସ୍ୱାଧୀନତା ହାସଲ କରିଥିଲା।

ଭାରତୀୟ ଅଲିମ୍ପିକ୍ ସଂଘର ସୁଦୂରପ୍ରସାରୀ ଯୋଜନାର ସଫଳ କାର୍ଯ୍ୟକାରିତା ପାଇଁ ଭାରତ ୧୯୪୮ ପରଠାରୁ ବହୁ କ୍ରୀଡ଼ା ଶୃଙ୍ଖଳାରେ ୫୦ରୁ ଅଧିକ କ୍ରୀଡ଼ାବିତ୍‌ଙ୍କୁ ଅଂଶଗ୍ରହଣ ପାଇଁ ପ୍ରେରଣ କଲା। ଭାରତୀୟ ପ୍ରତିନିଧି ଦଳର ମୁଖ୍ୟ ଭାବେ ଜଣେ ଚିଫ୍ ଡି. ମିଶନ୍‌ଙ୍କୁ ମଧ୍ୟ ଅଲିମ୍ପିକ୍‌କୁ ପଠାଗଲା। ପ୍ରଥମଥର ପାଇଁ ୧୯୪୮ ଲଣ୍ଡନ ଅଲିମ୍ପିକ୍ସରେ ଭାରତର ୩୯ ଜଣିଆ ଦଳ ଅଂଶଗ୍ରହଣ କଲା। ଏଠାରେ ହକି ଫାଇନାଲରେ ଭାରତ ଆୟୋଜକ ବ୍ରିଟେନ୍‌କୁ ୪-୦ ଗୋଲରେ ପରାସ୍ତ କରି ସ୍ୱର୍ଣ୍ଣପଦକ ଲାଭ କଲା କ୍ରମାଗତ ଚତୁର୍ଥ ଥର ପାଇଁ। ସ୍ୱାଧୀନ ଭାରତର କୌଣସି କ୍ରୀଡ଼ାରେ ପ୍ରଥମ ଅଲିମ୍ପିକ୍ ସ୍ୱର୍ଣ୍ଣପଦକ ଏହା ହିଁ ଥିଲା।

୧୯୫୨ରେ ହେଲ୍‌ସିଙ୍କିଠାରେ ଅନୁଷ୍ଠିତ ହୋଇଥିଲା ପଞ୍ଚଦଶ ଅଲିମ୍ପିକ୍ସ। ୬୦ ପୁରୁଷ ଓ ୪ ମହିଳା କ୍ରୀଡ଼ାବିତ୍ ଭାରତର ପ୍ରତିନିଧିତ୍ୱ କରିଥିଲେ। ଚିରାଚରିତ ଢଙ୍ଗରେ ଭାରତ ହକି ଫାଇନାଲରେ ୬-୧ ଗୋଲରେ ହଲାଣ୍ଡକୁ ହରାଇ କ୍ରମାଗତ ପଞ୍ଚମ ସ୍ୱର୍ଣ୍ଣ ପଦକ ହାସଲ କଲା। ହେଲ୍‌ସିଙ୍କି ଗେମ୍ସର ଉଲ୍ଲେଖନୀୟ କଥା ହେଲା, କୁସ୍ତି ଯୋଦ୍ଧା ଖାସବା ଦାଦା ସାହେବ ଯାଦବ ପୁରୁଷ ଫ୍ରିଷ୍ଟାଇଲ ବାଣ୍ଟମୱେଟ ବିଭାଗରେ ଭାରତ ପାଇଁ ବ୍ରୋଞ୍ଜ ପଦକ ହାସଲ କରିଥିଲେ। ଏହା ଥିଲା ସ୍ୱାଧୀନ ଭାରତର ପ୍ରଥମ ବ୍ୟକ୍ତିଗତ ଅଲିମ୍ପିକ୍ ପଦକ।

୧୯୫୬ରେ ମେଲ୍‌ବୋର୍ନରେ ହେଲା ଷୋଡ଼ଶ ଗ୍ରୀଷ୍ମକାଳୀନ ଅଲିମ୍ପିକ୍ସ। ଭାରତର ୫୮ ପୁରୁଷ ଓ ଜଣେ ମହିଳା କ୍ରୀଡ଼ାବିତ୍ ଏଥିରେ ଅଂଶଗ୍ରହଣ କଲେ। ସେତେବେଳକୁ ଭାରତଠାରୁ ଅଲଗା ହୋଇ ସ୍ୱାଧୀନ ରାଷ୍ଟ୍ର ହୋଇଥିବା ପାକିସ୍ତାନ ହକିରେ ନିଜର ସ୍ଥିତି ଜାହିର କରିବାକୁ ପ୍ରୟାସ ଚଳାଇଥାଏ। ଫାଇନାଲରେ ଏକ କଡ଼ା ମୁକାବିଲାରେ ଭାରତ ୧-୦ ଗୋଲରେ ପାକିସ୍ତାନକୁ ହରାଇ କ୍ରମାଗତ ଷଷ୍ଠ ସ୍ୱର୍ଣ୍ଣ ପଦକ ଲାଭକଲା। ହକିରେ ଭାରତର ଏକଚ୍ଛତ୍ର ଆଧିପତ୍ୟକୁ ଏହିଠାରୁ କଡ଼ା ଟକ୍କର ମିଳିବା ଆରମ୍ଭ ହେଲା। ରୋମ୍‌ରେ ୧୯୬୦ରେ ଆୟୋଜିତ ପରବର୍ତ୍ତୀ ଅଲିମ୍ପିକ୍ସରେ ୪୫ ଜଣିଆ ପ୍ରତିନିଧି ଦଳ ଭାରତର ପ୍ରତିନିଧିତ୍ୱ କଲେ। ଏଠାରେ ହକିରେ ୧୯୨୮ ମସିହାରୁ ଜାରି ରହିଥିବା ଭାରତର ଆଧିପତ୍ୟ ହ୍ରାସ ପାଇଲା। ଫାଇନାଲରେ ପାକିସ୍ତାନଠାରୁ ୦-୧ ଗୋଲରେ ପରାଜୟ ବରଣ କରି ଭାରତ ରୌପ୍ୟ ପଦକରେ ସନ୍ତୁଷ୍ଟ ହେଲା।

ପରବର୍ତ୍ତୀ ଅଲିମ୍ପିକ୍ ୧୯୬୪ରେ ଟୋକିଓରେ ହେଲା। ଭାରତର ୫୨ ପୁରୁଷ ଓ ଜଣେ ମହିଳା ଖେଳାଳି ଏଥିରେ ଅଂଶଗ୍ରହଣ କଲେ। ଭାରତ ହକିରେ ତା'ର ହୃତ୍‌ଗୌରବ ଫେରାଇ ଆଣିବାକୁ ଜୋରଦାର ପ୍ରୟାସ କରି ଫାଇନାଲରେ ପାକିସ୍ତାନକୁ ଏକମାତ୍ର ଗୋଲରେ ପରାଜିତ କରି ସ୍ୱର୍ଣ୍ଣ ପଦକ ଫେରିପାଇଲା। ପାକିସ୍ତାନ ଖେଳାଳି ମୁନିର ଅହମ୍ମଦ ଦାରଙ୍କର ବିପଜ୍ଜନକ ଖେଳ ପାଇଁ ରେଫରି ଦେଇଥିବା ପେନାଲ୍‌ଟି ଶଟ୍‌କୁ ଭାରତର ମହିନ୍ଦର ଲାଲ ଗୋଲରେ ପରିଣତ କରି ଏହି ଆକାଂକ୍ଷିତ ବିଜୟ ଦେଇଥିଲେ। ଏହା ଥିଲା ଭାରତର ସପ୍ତମ ହକି ସ୍ୱର୍ଣ୍ଣ ପଦକ।

୧୯୬୮ ମେକ୍ସିକୋ ସିଟି ଅଲିମ୍ପିକ୍ସ ଓ ୧୯୭୨ର ମ୍ୟୁନିକ୍ ଅଲିମ୍ପିକ୍ସରେ ଭାରତ ତା'ର ପୂର୍ବ ସଫଳତା ଦୋହରାଇବାରେ ସକ୍ଷମ ହୋଇପାରିଲା ନାହିଁ। ୧୯୭୬ରେ ମଣ୍ଟ୍ରିଲରେ ହୋଇଥିଲା ଏକବିଂଶତିତମ ଅଲିମ୍ପିକ କ୍ରୀଡ଼ା। ଭାରତର ୨୦ ଜଣ କ୍ରୀଡ଼ାବିତ୍ ଯଦିଓ ଏଠାରେ ଅଂଶ ଗ୍ରହଣ କରିଥିଲେ କିନ୍ତୁ ଭାରତ ରିକ୍ତ ହସ୍ତରେ ସ୍ୱଦେଶ ଫେରିଲା। ୧୯୨୪ ପରେ ପ୍ରଥମ ଥର ପାଇଁ ଭାରତ ପଦକଶୂନ୍ୟ ରହିଲା।

୧୯୮୦ରେ ମସ୍କୋରେ ଅନୁଷ୍ଠିତ ପରବର୍ତ୍ତୀ ସଂସ୍କରଣରେ ୫୮ ଜଣ ପୁରୁଷ ଓ ୧୮ ମହିଳା କ୍ରୀଡ଼ାବିତ୍ ଅଂଶଗ୍ରହଣ କରିଥିଲେ। ଯୁକ୍ତରାଷ୍ଟ୍ର ଆମେରିକା ଓ ତା'ର ମିତ୍ର ରାଷ୍ଟ୍ରମାନେ ଏହି ଅଲିମ୍ପିକକୁ ବର୍ଜନ କରିବା ହେତୁ ଏହା ଚମକ ହରାଇଥିଲା। ସଂଘର୍ଷପୂର୍ଣ୍ଣ ହକି ଫାଇନାଲରେ ଭାରତ ସ୍ପେନ୍‌କୁ ୪-୩ ଗୋଲରେ ହରାଇ ଦୀର୍ଘ ୧୬ ବର୍ଷ ପରେ ପୁନର୍ବାର ସ୍ୱର୍ଣ୍ଣପଦକ ହାସଲ କଲା। ଏହା ହିଁ ଆଜିପର୍ଯ୍ୟନ୍ତ ଭାରତର ଶେଷ ହକି ସ୍ୱର୍ଣ୍ଣ ପଦକ। ଭାରତୀୟ ମହିଳା ହକି ଦଳ ପ୍ରଥମଥର ପାଇଁ ଅଲିମ୍ପିକ ହକିରେ ଅଂଶଗ୍ରହଣ କରି ଚତୁର୍ଥ ସ୍ଥାନରେ ରହିଥିଲା।

ଭାରତୀୟ କ୍ରୀଡ଼ାରେ ଏହାପରେ ଅବନତିର ଧାରା ଚାଲୁ ରହିଲା। ୧୯୮୪ ଲସ୍ ଏଞ୍ଜେଲ୍ସ, ୧୯୮୮ ସିଓଲ୍ ଓ ୧୯୯୨ ବାର୍ସେଲିନା ଅଲିମ୍ପିକ୍ସରେ ଭାରତର କ୍ରୀଡ଼ାବିତ୍‌ମାନେ ଗୋଟିଏ ହେଲେ ପଦକ ଜିତିବାକୁ ସକ୍ଷମ ହେଲେନାହିଁ।

୧୯୯୬ର ଆଟ୍‌ଲାଣ୍ଟା ଅଲିମ୍ପିକ୍ସରେ ଭାରତର ପୁରୁଷ ଟେନିସ୍ ଖେଳାଳି ଲିଆଣ୍ଡର ପେସ୍ ଟେନିସ୍‌ରେ ଗୋଟିଏ ବ୍ରୋଞ୍ଜ ପଦକ ହାସଲ କରି ୧୬ ବର୍ଷର ପଦକଶୂନ୍ୟ ରହିବାର ଗ୍ଲାନିକୁ କିଛିମାତ୍ରାରେ ଲାଘବ କଲେ।

୨୦୦୦ ସିଡ୍‌ନୀ ଅଲିମ୍ପିକ୍ସରେ ୪୬ ପୁରୁଷ ଓ ୧୯ ମହିଳା କ୍ରୀଡ଼ାବିତ୍ ଅଂଶଗ୍ରହଣ କରିଥିଲେ ମଧ୍ୟ କେବଳ କର୍ଣ୍ଣମ୍ ମାଲେଶ୍ୱରୀ ମହିଳା ୬୯ କିଗ୍ରା ଭାରୋତ୍ତୋଳନରେ ଭାରତ ପାଇଁ ଏକମାତ୍ର ବ୍ରୋଞ୍ଜ ପଦକ ଲାଭ କରିଥିଲେ। ଏହା ହିଁ ଥିଲା ଭାରତ ଲାଗି ଜଣେ ମହିଳା କ୍ରୀଡ଼ାବିତ୍ ଜିତିଥିବା ପ୍ରଥମ ଅଲିମ୍ପିକ୍ ପଦକ। ଏଥେନ୍ସଠାରେ ଆୟୋଜିତ ୨୦୦୪ ଅଲିମ୍ପିକ୍ କ୍ରୀଡ଼ାରେ ଭାରତର ଶୁଟିଂ ତାରକା ରାଜ୍ୟ ବର୍ଦ୍ଧନ ସିଂ ରାଠୋର ପୁରୁଷ ଡବଲ୍ ଟ୍ରାପ୍ ଶୁଟିଂରେ ବ୍ୟକ୍ତିଗତ ରୌପ୍ୟ ପଦକ ହାସଲ କରିଥିଲେ। ବେଜିଂରେ ହେଲା ପରବର୍ତ୍ତୀ ଅଲିମ୍ପିକ୍। ୧୨ ଗୋଟି କ୍ରୀଡ଼ା ଶୃଙ୍ଖଳାରେ ୩୧ ପୁରୁଷ ଓ ୨୫ ଜଣ ମହିଳା କ୍ରୀଡ଼ାବିତ୍ ଅଂଶଗ୍ରହଣ କରିଥିଲେ। ମାତ୍ର ପ୍ରଥମଥର ପାଇଁ ଭାରତୀୟ ହକି ଦଳ ଅଲିମ୍ପିକ୍ କ୍ରୀଡ଼ାରେ ଅଂଶଗ୍ରହଣ କରିବା ପାଇଁ ଯୋଗ୍ୟ ବିବେଚିତ ହୋଇପାରିଲା ନାହିଁ। କିନ୍ତୁ ଆଶ୍ୱାସନାର ବିଷୟ ହେଲା ଯେ ଏଠାରେ ଆମ ଦେଶର ଅଭିନବ ବିନ୍ଦ୍ରା ପୁରୁଷ ୧୦ ମିଟର ଏୟାର ରାଇଫଲରେ ଐତିହାସିକ ସ୍ୱର୍ଣ୍ଣପଦକ ଲାଭ କରିଥିଲେ। ଏହା ହିଁ ଥିଲା ବ୍ୟକ୍ତିଗତ ସ୍ପର୍ଦ୍ଧାରେ ପ୍ରଥମ ଭାରତୀୟ ଅଲିମ୍ପିକ୍ ସ୍ୱର୍ଣ୍ଣପଦକ। ୨୦୧୨ ଲଣ୍ଡନ ଅଲିମ୍ପିକ୍ସକୁ ଭାରତ ୬୦ ପୁରୁଷ ଓ ୨୩ ଜଣ ମହିଳା ଏପରି ମୋଟ ୮୩ ଜଣିଆ ବୃହତ୍ ଦଳ ପ୍ରେରଣ କଲା। ଫଳସ୍ୱରୂପ ଭାରତର ପ୍ରତିଯୋଗୀମାନେ ୨ ରୌପ୍ୟ ଓ ୪ ବ୍ରୋଞ୍ଜ ଏପରି ୬ଟି ପଦକ ଲାଭ କରିଥିଲେ। ଶୁଟିଂରେ ବିଜୟ କୁମାର ଓ କୁସ୍ତିରେ ସୁଶୀଲ କୁମାର ରୌପ୍ୟ ପଦକ ଜିତିଲେ। ସୁଶୀଲ କୁମାର ହେଲେ ଅଲିମ୍ପିକ୍ସରେ ଏକାଧିକ ପଦକ ହାସଲ କରିବାରେ ସ୍ୱାଧୀନ ଭାରତର ପ୍ରଥମ କ୍ରୀଡ଼ାବିତ୍। ବ୍ୟାଡ୍‌ମିଣ୍ଟନରେ ମହିଳା ତାରକା ସାଇନା ନେହ୍ୱାଲ ବ୍ରୋଞ୍ଜ ପଦକ ଜିତି ପ୍ରଥମ ଭାରତୀୟ ବ୍ୟାଡ୍‌ମିଣ୍ଟନ ପଦକ ବିଜେତାର ମାନ୍ୟତା ପାଇଲେ। ଏମ୍.ସି. ମେରିକମ୍ ମହିଳା ଫ୍ଲାଇୱେଟ୍ ବକ୍ସିଂରେ ବ୍ରୋଞ୍ଜ ପଦକ ଜିତି ପ୍ରଥମ ମହିଳା ବକ୍ସର ଭାବେ ଅଲିମ୍ପିକ୍ ପଦକର ଅଧିକାରୀ ହେଲେ।

୨୦୧୬ରେ ରିଓ ଡି ଜେନିରୋ ଅଲିମ୍ପିକ୍ସ ପାଇଁ ଆମ ଦେଶ ରେକର୍ଡ ସଂଖ୍ୟକ ୧୧୭ ଜଣିଆ ଦଳ ପ୍ରେରଣ କରିଥିଲା। କିନ୍ତୁ ଫଳାଫଳ ସନ୍ତୋଷଜନକ ହୋଇ ପାରିଲାନି। ଟୋକିଓରେ ୨୦୨୦ରେ ଆୟୋଜିତ ଅଲିମ୍ପିକ୍ କ୍ରୀଡ଼ାରେ ପୁନର୍ବାର ଭାରତର ରେକର୍ଡ ସଂଖ୍ୟକ ୧୨୪ ଜଣିଆ ଦଳ ଅଂଶଗ୍ରହଣ କରିଥିଲା ଓ ଗୋଟିଏ ସ୍ୱର୍ଣ୍ଣ, ଦୁଇଟି ରୌପ୍ୟ ଓ ୪ଟି କାଂସ୍ୟ ପଦକ ସମେତ ମୋଟ ୭ ଗୋଟି ପଦକ ହାସଲ କରିଥିଲା। ଏହି ଅଲିମ୍ପିକ୍ସର ସବୁଠାରୁ ବଡ଼ ଉପଲବ୍ଧି ହେଲା, ଭାରତର ନିରଜ ଚୋପ୍ରା ଜାଭେଲିନ୍ ଥ୍ରୋରେ ଐତିହାସିକ ସ୍ୱର୍ଣ୍ଣପଦକ ହାସଲ କରି ଆଥ୍‌ଲେଟିକ୍ସ ଇଭେଣ୍ଟରେ ଅଲିମ୍ପିକ୍ସରେ ସ୍ୱର୍ଣ୍ଣପଦକ ଲାଭ କରିବାରେ ପ୍ରଥମ ଭାରତୀୟ ହେଲେ। ଏହା ବ୍ୟତୀତ ଦ୍ୱିତୀୟ ଭାରତୀୟ ଭାବେ ବ୍ୟକ୍ତିଗତ ସ୍ପର୍ଦ୍ଧାରେ ସ୍ୱର୍ଣ୍ଣପଦକ ବିଜେତା ହେଲେ। ଉପରଲିଖିତ ତଥ୍ୟାବଳୀକୁ ବିଶ୍ଳେଷଣ କଲେ ଜଣାଯାଏ ଯେ, ଆଧୁନିକ ଅଲିମ୍ପିକ କ୍ରୀଡ଼ାରେ ଭାରତ ଅଦ୍ୟାବଧି ୧୦ ସ୍ୱର୍ଣ୍ଣ, ୯ ରୌପ୍ୟ ଓ ୧୬ ବ୍ରୋଞ୍ଜ ଏପରି ମୋଟ ୩୫ ଗୋଟି ପଦକ ହାସଲ କରିପାରିଛି। ଜନସଂଖ୍ୟା ସ୍ଥିତିକୁ ବିଚାର କରାଗଲେ ଅନ୍ୟ ରାଷ୍ଟ୍ରମାନଙ୍କ ତୁଳନାରେ ଆମର ଉପଲବ୍ଧି ନିରୁତ୍ସାହଜନକ ରହିଛି।

'ଆଧୁନିକ ଅଲିମ୍ପିକ୍ସରେ ଭାରତ'ର ପ୍ରଥମଭାଗ ଜାତୀୟ କ୍ରୀଡ଼ା ଦିବସ ସ୍ୱତନ୍ତ୍ର ପୃଷ୍ଠାରେ ପ୍ରକାଶ ପାଇଥିଲା। ଏଥିରେ ୧୮୯୬ରେ ଏଥେନ୍ସରେ ଅନୁଷ୍ଠିତ ପ୍ରଥମ ଆଧୁନିକ ଅଲିମ୍ପିକ୍ କ୍ରୀଡ଼ାରୁ ୧୯୨୮ ଆମ୍‌ଷ୍ଟରଡାମ୍ ଅଲିମ୍ପିକ୍ସ ପର୍ଯ୍ୟନ୍ତ ସ୍ଥାନ ପାଇଥିଲା। ଦ୍ୱିତୀୟ ଭାଗରେ ୧୯୩୨ର ଲସ୍ ଏଞ୍ଜେଲ୍ସରୁ ୨୦୨୦ ଟୋକିଓ ଅଲିମ୍ପିକ୍ସ ପର୍ଯ୍ୟନ୍ତ ଭାରତର ପ୍ରଦର୍ଶନକୁ ନେଇ ଏହି ଆଲେଖ୍ୟ...



ଅଭିନବ ବିନ୍ଦ୍ରା

ନୀରଜ ଚୋପ୍ରା

# ବିଗ୍ ସର୍ଭର



ରମେଶ ସାହୁ

**ଦ୍ରୁତଗତିରେ ବଲ୍ ସର୍ଭ କରି ଏସେସ୍ ହାସଲ କରିବାରେ ସମ୍ପ୍ରତି ଆମେରିକା ଟେନିସ୍ ତାରକା ଜନ୍ ରବର୍ଟ ଇଜନର୍ ରେକର୍ଡର ଅଧିକାରୀ ଅଛନ୍ତି। ଏହି ସଫଳତା ତାଙ୍କୁ 'କିଙ୍ଗ୍ ଅଫ୍ ଏସେସ୍' ପରିଚୟ ଆଣିଦେଇଛି...**

କୋଟି କୋଟି ଟଙ୍କା ପ୍ରାଇଜ୍ ମନି ପ୍ରଦାନ କରୁଥିବା ଖେଳଗୁଡ଼ିକ ମଧ୍ୟରେ ଲନ୍ ଟେନିସ୍ ଅନ୍ୟତମ। ଟେନିସ୍ କୋର୍ଟରେ ଦୁଇ ଖେଳାଳି ଖେଳୁଥିଲା ବେଳେ ଦର୍ଶକ ଦେଖନ୍ତି ସେମାନଙ୍କର ମାନସିକ ଦମ୍। ଖେଳାଳିଙ୍କର ଉପସ୍ଥିତ ବୁଦ୍ଧି ଏବଂ ପ୍ରୟୋଗମୂଳକ ମୁକାବିଲା ଦର୍ଶକଙ୍କୁ ରୋମାଞ୍ଚିତ କରେ। ଆୟତାକାର କୋର୍ଟରେ ଟେନିସ୍ ଖେଳାଯାଏ। ଅତୀତରେ ଖେଳଟି ସମ୍ଭ୍ରାନ୍ତ ଲୋକଙ୍କ ମଧ୍ୟରେ ସୀମିତ ଥିଲା। ଏହାର ରୋମାଞ୍ଚକର ଦିଗ ସାଧାରଣ ଲୋକଙ୍କୁ ଆକର୍ଷିତ କରିବାରୁ ଖେଳଟି ସାର୍ବଜନୀନ ହୋଇଯାଇଥିଲା। ଏହା ର୍ୟାକେଟ୍ ଓ ବଲ୍‌ର ଖେଳ। ଆଧୁନିକ ଯୁଗରେ ଗ୍ରାସ୍ କୋର୍ଟ, ହାର୍ଡ କୋର୍ଟ(ସିମେଣ୍ଟ ନିର୍ମିତ) ଓ କ୍ଲେ କୋର୍ଟ(ମାଟି ନିର୍ମିତ)ରେ ଟେନିସ୍ ଖେଳାଯାଉଛି। ଖେଳାଳି ର୍ୟାକେଟ୍‌ରେ ବଲକୁ ହିଟ୍ କରି ପ୍ରତିପକ୍ଷ କୋର୍ଟର ଠିକ ଯାଗାରେ ପକାଇବା ଏବଂ ପ୍ରତିଦ୍ୱନ୍ଦ୍ୱୀ ସଟ୍‌କୁ ରିଟର୍ନ କରିପାରିଲେ ଉଭୟଙ୍କ ମଧ୍ୟରେ ବଲ୍ ବିନିମୟ ଚାଲେ। ସର୍ଭ ହିଟ୍ ଶକ୍ତିଶାଳୀ ତଥା ଶାଣିତ ହେଲେ ବଲ୍ ରିଟର୍ନ କରିବାରେ ପ୍ରତିଦ୍ୱନ୍ଦ୍ୱୀ ସମସ୍ୟାରେ ପଡ଼େ। ଏଣୁ ଲାଇନ, ଲେଙ୍ଗ୍‌ଥ ସହ ଦ୍ରୁତଗାମୀ ଓ ଶାଣିତ ସର୍ଭିସ ହିଟ୍ ସର୍ବଦା ଗୁରୁତ୍ୱ ବହନ କରେ। ଏହି ହିଟ୍‌କୁ 'ଏସ୍'(ACE) ଭାବେ ନାମିତ କରାଯାଇଛି। ଦ୍ରୁତଗତିରେ ସର୍ଭ ହିଟ୍ କରି ଏସେସ୍ ହାସଲ କରିବାରେ ସମ୍ପ୍ରତି ଆମେରିକାର ଜନ୍ ରବର୍ଟ ଇଜନର୍ ବିଶ୍ୱରେ ଶ୍ରେଷ୍ଠ। ପେସାଦାର ଟେନିସ୍ ଖେଳାଳିଙ୍କର ବିଶ୍ୱସ୍ତରୀୟ ସଂଘ ହେଉଛି ଏଟିପି। ଅନ୍ତର୍ଜାତୀୟ ଟେନିସ୍ ଟୁର୍ନାମେଣ୍ଟଗୁଡ଼ିକ ଏଟିପି ଦ୍ୱାରା ପରିଚାଳିତ ହୁଏ। ଏବେ ଏଟିପି ଇତିହାସରେ ଜନ୍ ଇଜନର୍ ହେଉଛନ୍ତି ସର୍ବାଧିକ ଏସେସ୍ ଅର୍ଜନକାରୀ ଖେଳାଳି। ଏହି ସଫଳତା ତାଙ୍କୁ 'କିଙ୍ଗ୍ ଅଫ୍ ଏସେସ୍' ରୂପେ ପରିଚୟ ଆଣିଦେଇଛି। ଚଳିତ ବର୍ଷ ଜୁଲାଇ୨ରେ ୱିମ୍ବେଲଡନ୍ ଗ୍ରାଣ୍ଡସ୍ଲାମ୍ ଟେନିସ୍‌ର ଏକ ମ୍ୟାଚ୍‌ରେ ଇଜନର୍ ଏସେସ୍ ବିଜୟରେ ବିଶ୍ୱ ରେକର୍ଡ କରିଥିଲେ। ଏହି ମ୍ୟାଚ୍‌ରେ ସେ ଇଟାଲୀର ଜାନିକ୍ ସିନରଙ୍କୁ ଭେଟିଥିଲେ। ଇଜନର୍‌ଙ୍କ ଏସେସ୍ ସଂଖ୍ୟା ୧୩, ୭୨୯ରେ ପହଞ୍ଚିଛି। ଟେନିସ୍ ଜୀବନରେ ସେ ୧୩,୮୫୪ ଥର ସର୍ଭ ହିଟ୍ କରି ଏତିକି ଏସେସ୍ ପାଇଛନ୍ତି। ୬ ଫୁଟ ୧୦ ଇଞ୍ଚ ଉଚ୍ଚତାବିଶିଷ୍ଟ ଇଜନର୍‌ଙ୍କ ପୂର୍ବରୁ ଏହି ରେକର୍ଡର ଅଧିକାରୀ ଥିଲେ କ୍ରୋଏସିଆର ଇଭୋ କାର୍ଲୋଭିକ୍। ସେ ମଧ୍ୟ ଜଣେ ବିଗ୍ ସର୍ଭର। ତାଙ୍କ ଏସେସ୍ ସଂଖ୍ୟା ୧୩, ୭୨୮।

ଇଜନର୍‌ଙ୍କ ଏକ ଗ୍ରାଣ୍ଡସ୍ଲାମ ମ୍ୟାଚ୍ ବିଶ୍ୱ ଟେନିସ ଇତିହାସରେ ସ୍ୱର୍ଣ୍ଣାକ୍ଷରରେ ଲିପିବଦ୍ଧ ହୋଇଛି। ୨୦୧୦ ଜୁନ୍ ୨୨ରେ ୱିମ୍ବେଲଡନର ଏକ ତୃତୀୟ ରାଉଣ୍ଡ ମ୍ୟାଚ୍‌ରେ ଇଜନର୍ ଅବତୀର୍ଣ୍ଣ ହୋଇଥିଲେ। ଏହି ମ୍ୟାଚ୍‌ରେ ସେ ଫ୍ରାନ୍ସର ନିକୋଲାସ୍ ମାହୁଟ୍‌ଙ୍କୁ ସାମ୍ନା କରିଥିଲେ। ଇଜନର୍ ୧୧୩ଟି ଏସେସ୍ ହିଟ୍ କରିଥିଲେ। ମାହୁଟ୍ ୧୦୩ଟି ଏସେସ୍ ସଫଳତା ପାଇଥିଲେ। ମ୍ୟାଚ୍‌ଟି ୱିମ୍ବେଲଡନର କୋର୍ଟ ନଂ.୧୮ରେ ମୋଟ ୧୧ ଘଣ୍ଟା ୫ ମିନିଟ୍ ଧରି ଖେଳାଯାଇଥିଲା। କେବଳ ଅନ୍ତିମ ସେଟ୍‌ଟି ୮ ଘଣ୍ଟା ୧୧ ମିନିଟ୍ ଚାଲିଥିଲା। ଅନ୍ତିମରେ ଇଜନର୍ ବାଜି ମାରି ନେଇଥିଲେ। ମ୍ୟାଚ୍‌ଟିର ବିବରଣୀ ଏହିପରି। ପଏଣ୍ଟ ହାସଲରେ ଇଜନର୍ ୪୭୮- ମାହୁଟ୍ ୫୦୨, ଗେମ୍ସ ବିଜୟ ଇଜନର୍ ୯୨- ମାହୁଟ୍ ୯୧। ଇଜନର୍‌ଙ୍କର ଫାଷ୍ଟ ସର୍ଭ ହିଟ୍ ଘଣ୍ଟା ପ୍ରତି ୧୪୩ ମାଇଲ ବେଗରେ ଗତି କରିଥିଲା। ଅପରପକ୍ଷରେ ମାହୁଟ୍‌ଙ୍କର ବେଗ ଥିଲା ୧୨୮ ମାଇଲ। ଏଠାରେ ଉଲ୍ଲେଖନୀୟ, ବିଶ୍ୱରେ ଦ୍ରୁତତମ ପେସାଦାର ମ୍ୟାଚ୍ ମାତ୍ର ୨୦ ମିନିଟରେ ସରିଥିବା ରେକର୍ଡ ରହିଛି। ୬ ଫୁଟ୍ ୧୧ ଇଞ୍ଚ ଉଚ୍ଚତା ବିଶିଷ୍ଟ କ୍ରୋଏସିଆର ଇଭୋ କାର୍ଲୋଭିକ୍ ୬୯୦ଟି ମ୍ୟାଚ ଖେଳିବା ଭିତରେ ୧୩,୬୫୩ଟି ଫାଷ୍ଟ ସର୍ଭ ହିଟ୍ ଏସେସ୍ ପାଇଥିଲେ। ତାଙ୍କର ମ୍ୟାଚ୍ ପିଛା ହାରାହାରି ଏସେସ୍ ସଂଖ୍ୟା ୨୦। ସେ ନିରନ୍ତର ଭାବେ ଘଣ୍ଟା ପ୍ରତି ୧୪୦ ମାଇଲ ବେଗରେ ସର୍ଭିସ୍ କରୁଥିଲେ। ଇଜନର୍‌ଙ୍କ ଫାଷ୍ଟ ସର୍ଭ ହିଟ୍‌ର ଘଣ୍ଟା ପ୍ରତି ବେଗ ହେଉଛି ହାରାହାରି ୧୫୭.୨ ମାଇଲ। ୨୦୧୬ ମସିହା ଡେଭିସ କପ୍ ଟୁର୍ନାମେଣ୍ଟରେ ସେ ଆମେରିକୀୟ ଦଳ ପକ୍ଷରୁ ଖେଳି ଏହି ଶ୍ରେଷ୍ଠତ୍ୱ ହାସଲ କରିଥିଲେ। ୨୦୧୦ରୁ ଇଜନର୍ ଅନ୍ତର୍ଜାତୀୟ ସର୍କିଟ୍‌ରେ ସକ୍ରିୟ ଅଛନ୍ତି।

ଆମେରିକାର ନର୍ଥ କାରୋଲିନା ରାଜ୍ୟର ଗ୍ରୀନ୍ସବରୋ ସହରରେ ୧୯୮୫ ମସିହାରେ ଇଜନରଙ୍କ ଜନ୍ମ। ଛାତ୍ର ଜୀବନରୁ ଟେନିସ୍ ଖେଳରେ ମନୋନିବେଶ କରିଥିଲେ। ଅଦ୍ୟାବଧି ସେ ୧୬ଟି ଅନ୍ତର୍ଜାତୀୟ ସିଙ୍ଗଲ୍ସ ଟାଇଟଲ ହାସଲ କରିଛନ୍ତି। ସମୁଦାୟ ୪୭୮ଟି ସିଙ୍ଗଲ୍ସ ମ୍ୟାଚ ଖେଳି ୩୦୨ଟିରେ ବିଜୟ ପାଇଛନ୍ତି। ଡବଲ୍ସ ଟାଇଟଲ୍ ସଂଖ୍ୟା ୮। ୨୦୧୮ରେ ତାଙ୍କର ବିଶ୍ୱ ର୍ୟାଙ୍କିଙ୍ଗ୍ ଥିଲା ୮। ଏବେ ୪୮। ଇଜନର୍ ୨୦୧୮ରେ ମିଆମି ମାଷ୍ଟର୍ସ ଟାଇଟଲ ଜିତିବା ସହ ସେହି ବର୍ଷ ୱିମ୍ବେଲଡନ୍ ସେମିଫାଇନାଲ ଖେଳିବାରେ ସଫଳ ହୋଇ ବିଶ୍ୱ ମାନ୍ୟତାରେ ଉନ୍ନତି କରିଥିଲେ। ୫ଟି ଯାକ ଗ୍ରାଣ୍ଡସ୍ଲାମ ଟେନିସ୍ ପ୍ରତିଯୋଗିତାରେ ଇଜନର୍‌ଙ୍କର ସଫଳ ପଦଚିହ୍ନ ରହିଛି। ୨୦୧୦ ଅଷ୍ଟ୍ରେଲିଆନ୍ ଓପନ୍ ଓ ୨୦୧୬ ଫ୍ରେଞ୍ଚ ଓପନ୍‌ରେ ୪ର୍ଥ ରାଉଣ୍ଡ, ୨୦୧୧ ଓ ୧୮ ୟୁଏସ୍ ଓପନ୍‌ର କ୍ୱାର୍ଟର ଫାଇନାଲ ଯାଏ ସଫଳତା ହାସଲ କରିଛନ୍ତି। କିମ୍ବଦନ୍ତୀ ଟେନିସ୍ ଖେଳାଳି ସ୍ୱିଜରଲାଣ୍ଡର ରୋଜର ଫେଡେରର୍‌ଙ୍କ ଏସେସ୍ ସଂଖ୍ୟା ୧୧,୪୭୮। ଏସ୍ ହିଟ୍ କରିବାରେ ଗୋରାନ୍ ଇଭାନିସେଭିଚ୍‌ଙ୍କର ମଧ୍ୟ ଖ୍ୟାତି ରହିଛି। ୧୯୯୬ରେ ସେ ଗୋଟିଏ ଟେନିସ୍ ଋତୁରେ ୧,୪୭୭ଟି ଏସ୍ ହିଟ୍ କରିଥିଲେ, ଯାହା ଏଯାଏ ଏକ ବିଶ୍ୱ ରେକର୍ଡ ହୋଇ ରହିଛି। ବିଗ୍ ସର୍ଭର ର୍ୟାଙ୍କିଙ୍ଗ୍ ତାଲିକାର ଆଗରେ ଅଛନ୍ତି ଅଷ୍ଟ୍ରେଲିଆର ସାମ୍ ଗ୍ରୋଥ(୧୬୩.୪ ମାଇଲ), ୨ୟରେ ଆଲବାନୋ ଓଲିଭେଟି(୧୬୦ ମାଇଲ) ଓ ତୃତୀୟରେ ଜନ୍ ଇଜନର(୧୫୭. ୨ ମାଇଲ) ଅଛନ୍ତି।

ଦୀର୍ଘ ସମୟ ଏକ ସଂଘର୍ଷରେ ଲାଗିରହିବା ପଛରେ କେବଳ ମାନସିକ ଦୃଢ଼ତା କାମ କରେ। ଏଥିରେ ନୋଭାକ୍ ଜୋକୋଭିଚ୍ ଓ ରାଫାଲ ନାଡାଲ ଅଭିଜ୍ଞ। ତେଣୁ ଦୁହେଁ ଟେନିସ କୋର୍ଟରେ ନାୟକ।

ଏସ୍ ଶବ୍ଦଟି ପ୍ରାଚୀନ ଫ୍ରେଞ୍ଚ୍ ଶବ୍ଦ 'ଏସ୍' (ଏସିଇ)ରୁ ଆସିଛି। 'ଏସ୍'ର ଅର୍ଥ ହେଲା ଏକକ। ଏକ ଖୁଚୁରା ରୋମାନ୍ ମୁଦ୍ରାର ନାମରୁ ଶବ୍ଦଟିକୁ ଅଣାଯାଇଛି। ମୌଳିକ ରୂପେ ଏସ୍ ଶବ୍ଦର ଅର୍ଥ ହେଲା ଗୋଟିଏ ହିଟ୍ ବଲ୍‌ରେ ପ୍ରତିପକ୍ଷ ଧରାଶାୟୀ ହୋଇପଡ଼ିବା। ଏହା ପୂର୍ବରୁ 'ଏସ୍'କୁ ଏକ ତାସ୍ କାର୍ଡର ସଂଜ୍ଞା ରୂପେ ବ୍ୟବହାର କରାଯାଉଥିଲା।

*- ଶ୍ରୀ ଗୌର କୁଟୀର, ବଡ଼ବଜାର, ବାରିପଦା, ମୟୂରଭଞ୍ଜ*



ଜନ ଇଜନର

## ଆଉଟ

ଏସିଆ କପ୍‌ରୁ ଆଉଟ ଇଣ୍ଡିଆ
ଭାଣ୍ଡିଆ ଫ୍ୟାନ ଦଳ
ବୋଲର ମାରନ୍ତି ପେସରଙ୍କୁ ଛକା
ଦେଖ ପାକିସ୍ତାନ ଖେଳ,
ଗଧ ହେଲା ମହାବଳ
ବୋଲିଂ, ବ୍ୟାଟିଂ, ଫିଲ୍ଡିଂ ଦୁର୍ବଳତା
ଟିମ୍ ପାଇଁ ହେଲା କାଳ।

ଶ୍ରୀଲଙ୍କା ପାକ୍‌ଠିଁ ମୁଣ୍ଡ ନୁଆଁଇବା
ସିଗ୍‌ନଲ ବଡ଼ ମନ୍ଦ
କେ କହେ ଜାଡେଜା ଆହତ କାରଣ
ଭାଙ୍ଗିଗଲା ମଣିବନ୍ଧ
କାହିଁ ଗଲା ଦଶ କାନ୍ଧ ?
ଅଳସୁଆ ସଦା ଟ୍ରାକ୍‌ରୁ ଆଉଟ
ହଉ ପଛେ ଜରାସନ୍ଧ।

ଅଲ୍‌ଟିମେଟ ଖୋ ଖୋ ଲିଗ୍‌ର ପ୍ରଥମ
ସଂସ୍କରଣ ହେଲା ଶେଷ
ସୂରଜଙ୍କ ସ୍କାଏ ଡାଇଭ୍‌ରେ ଆଉଟ
ତେଲ୍‌ଗୁ ଯୋଦ୍ଧାସ ହସ
ହିସ୍ଟ୍ରି ହେଲା ଅଧିବାସ
ଓଡ଼ିଶା ଜଗରନଟ୍ସ ଟିମ୍ ସ୍ୱାଗତ
ରଖିଲା ରାଇଜ ଯଶ।

-ସୁବାସ ଚନ୍ଦ୍ର ପ୍ରଧାନ



**ବିଜେଡି ନେତାଙ୍କ ଆଚରଣ ପାଇଁ ଓଡ଼ିଶା ଅପମାନିତ: ଇରାଶିଷ**

ଭୁବନେଶ୍ୱର,୮।୯(ବ୍ୟୁରୋ): ଦିଲ୍ଲୀ ବିମାନବନ୍ଦରରେ ବିଜେଡିର କେତେଜଣ ନେତା ମଦ ପିଇ ବିଶୃଙ୍ଖଳା ସୃଷ୍ଟିକରିବା ଘଟଣାକୁ ନେଇ ରାଜନୈତିକ ମହଲରେ ଚର୍ଚ୍ଚା ଜୋର ଧରିଛି। ଏହି ପ୍ରସଙ୍ଗରେ ଭାଜପା ଯୁବମୋର୍ଚ୍ଚା ସଭାପତି ଇରାଶିଷ ଆଚାର୍ଯ୍ୟ ରାଜ୍ୟ ସରକାରଙ୍କୁ ଟାର୍ଗେଟ୍ କରିଛନ୍ତି। ଭାଜପା ରାଜ୍ୟ କାର୍ଯ୍ୟାଳୟଠାରେ ଗୁରୁବାର ଆୟୋଜିତ ଖବରଦାତା ସମ୍ମିଳନୀରେ ଇରାଶିଷ କହିଛନ୍ତି, ଦିଲ୍ଲୀ ବିମାନବନ୍ଦରରେ ବିଜେଡି ନେତାମାନେ ଯେଉଁଭଳି ଆଚରଣ କଲେ ତାହା ଜାତୀୟସ୍ତରରେ ଓଡ଼ିଶାକୁ ଅପମାନିତ କରିଛି। ଏହି ଘଟଣା ଯଦି ମିଛ ନୁହେଁ ତେବେ ଏହା ଉପରେ ସରକାର ସ୍ପଷ୍ଟୀକରଣ ରଖନ୍ତୁ ବୋଲି ସେ କହିଛନ୍ତି।

# ‘ମିଛ ତଥ୍ୟ ରଖନି, ଶ୍ୱେତପତ୍ର ଜାରି କର’

ଭୁବନେଶ୍ୱର,୮।୯(ବ୍ୟୁରୋ)

ରାଜ୍ୟ ସରକାର ଚାହିଁଥିଲେ ଚଳିତ ବର୍ଷ ବନ୍ୟାକୁ ରୋକି ପାରିଥାଆନ୍ତେ । କିନ୍ତୁ ଏହା ନ କରି ଚଳିତ ବନ୍ୟାର ମୁକାବିଲା ପାଇଁ ଅପ୍ରସ୍ତୁତ ଥିବା ରାଜ୍ୟ ସରକାର ପାଣିପାଗ ବିଭାଗ ସୂଚନା ଦେଲା ଭଳି କେବଳ ପ୍ରେସ୍ ବିବୃତି ଜରିଆରେ ସତର୍କ ସୂଚନା ଓ ନିର୍ଦ୍ଦେଶନାମା ଜାରି କରି ଦାୟିତ୍ୱ ସମାପ୍ତ କରିଦେଲେ। ଜଳ ସମ୍ପଦ ବିଭାଗର ମନ୍ତ୍ରୀ ଓ ରିଲିଫ କମିଶନଙ୍କ କଥାରେ ତାଳମେଳ ନ ଥିଲା। ରାଜ୍ୟ ସରକାରଙ୍କ ଅବହେଳା, ଦାୟିତ୍ୱହୀନତା ଏବଂ ଅପାରଗତା କାରଣରୁ ପ୍ରଥମ ଥର ପାଇଁ ଓଡ଼ିଶାରେ ଏପରି ଅଭାବନୀୟ ବନ୍ୟା ସୃଷ୍ଟି ହୋଇଛି ବୋଲି ଭାଜପା ରାଜ୍ୟ ସାଧାରଣ ସମ୍ପାଦିକା ଲେଖାଶ୍ରୀ ସାମନ୍ତସିଂହାର କହିଛନ୍ତି। ମିଛ ତଥ୍ୟ ଜରିଆରେ ଲୋକଙ୍କୁ ବିଭ୍ରାନ୍ତ ନ କରି ପଞ୍ଚାୟତ, ବ୍ଲକୱାରି କ୍ଷତିଗ୍ରସ୍ତଙ୍କ ତାଲିକାକୁ ସରକାର ଶ୍ୱେତପତ୍ର ଜରିଆରେ ପ୍ରକାଶ କରନ୍ତୁ ବୋଲି ସେ କହିଛନ୍ତି। ଭାଜପା ରାଜ୍ୟ କାର୍ଯ୍ୟାଳୟଠାରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଲେଖାଶ୍ରୀ କହିଛନ୍ତି, ଚଳିତ ବର୍ଷ ବନ୍ୟା ସମ୍ପୂର୍ଣ୍ଣ ଭାବେ ମନୁଷ୍ୟକୃତ ଏବଂ ଏଥିପାଇଁ ସରକାର ହିଁ ଦାୟୀ। ବନ୍ୟା ପରବର୍ତ୍ତୀ ସ୍ଥିତିର ପରିଚାଳନା କରିବାରେ ମଧ୍ୟ ସରକାର ବିଫଳ। ବନ୍ୟା ପୀଡ଼ିତଙ୍କ ପାଖରେ ପ୍ରଶାସନ କି ନେତା ପହଞ୍ଚିବାରେ ବିଫଳ ହୋଇଥିଲେ। ଭାଜପାର ବାରମ୍ବାର ଦାବି ପରେ ପ୍ରକୃତ କ୍ଷୟକ୍ଷତି ଆକଳନ କରିବାରେ ବିଫଳ ହୋଇଥିବା ରାଜ୍ୟ ସରକାର ତରବରିଆ ଭାବେ ଏହି କ୍ଷୟକ୍ଷତି ରିପୋର୍ଟ ପ୍ରକାଶ କରିଥିବା ନେଇ ସେ କହିଛନ୍ତି।

**ସରକାରଙ୍କ ବନ୍ୟା କ୍ଷୟକ୍ଷତି ରିପୋର୍ଟକୁ ଭାଜପାର ଟାର୍ଗେଟ**

# ନୀତୀଶ, ହେମନ୍ତଙ୍କ ସହ ହାତ ମିଳାଇବେ ମମତା



ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ

କୋଲକାତା,୮।୯

୨୦୨୪ ସାଧାରଣ ନିର୍ବାଚନ ପାଇଁ ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ତଥା ତୃଣମୂଳ କଂଗ୍ରେସ (ଟିଏମ୍‌ସି) ସୁପ୍ରିମୋ ମମତା ବାନାର୍ଜୀ ଗୁରୁବାର ବିଗୁଲ ଫୁଙ୍କିଛନ୍ତି। ଭାଜପାକୁ କ୍ଷମତାଠାରୁ ଦୂରେଇ ରଖିବା ପାଇଁ ସେ ବିହାର ପ୍ରତିପକ୍ଷ ନୀତୀଶ କୁମାର ଏବଂ ଝାଡ଼ଖଣ୍ଡ ପ୍ରତିପକ୍ଷ ହେମନ୍ତ ସୋରେନ୍ ଓ ଅନ୍ୟ ବିରୋଧୀ ଦଳଗୁଡ଼ିକ ସହ ହାତ ମିଳାଇବେ ବୋଲି ମମତା କହିଛନ୍ତି। କୋଲକାତାରେ ଏକ ଦଳୀୟ କାର୍ଯ୍ୟକ୍ରମକୁ ଉଦ୍‌ବୋଧନ ଦେଇ ଟିଏମ୍‌ସି ନେତ୍ରୀ କହିଥିଲେ, ଭାଜପା ଏହାର ଅହଂକାର ଏବଂ ଲୋକଙ୍କ କ୍ରୋଧ ପାଇଁ ମୂଳପୋଛ ହେବାକୁ ଯାଉଛି। ୨୦୨୪ରେ ଭାଜପାକୁ ପରାଜିତ କରି ଲାଗି ସବୁ ବିରୋଧୀ ଦଳ ଏକାଠି ହେବେ। ଏହି ନିର୍ବାଚନ ଭାଜପା ବନାମ୍ ଅନ୍ୟମାନେ ହେବ। ୩୦୦ ଆସନକୁ ନେଇ ଭାଜପା ଯେଉଁ ଅହଂକାର କରୁଛି, ତାହା ତା’ର ଶତ୍ରୁ ହେବ। ୨୦୨୪ରେ ଖେଲୋ ହବେ ବୋଲି ମମତା କହିଛନ୍ତି। ସୂଚନାଯୋଗ୍ୟ, ଗତବର୍ଷ ପଶ୍ଚିମବଙ୍ଗ ବିଧାନସଭା ନିର୍ବାଚନ ବେଳେ ମମତା ଭାଜପା ବିରୋଧରେ ଖେଲୋ ହବେ ସ୍ଲୋଗାନ ଦେଇ କ୍ରମାଗତ ତୃତୀୟ ଥର ପାଇଁ କ୍ଷମତାକୁ ଆସିଥିଲେ। ଝାଡ଼ଖଣ୍ଡର ୩ କଂଗ୍ରେସ ବିଧାୟକଙ୍କୁ ବିପୁଳ ଅର୍ଥ ସହ ପଶ୍ଚିମବଙ୍ଗ ପୋଲିସ ଗିରଫ କରିବା ଦ୍ୱାରା ଭାଜପାର ଘୋଡ଼ାବେପାରକୁ ରୋକାଯାଇପାରିଛି। ଗୈରିକ ଦଳ ଝାଡ଼ଖଣ୍ଡର କେତେଜଣ ବିଧାୟକଙ୍କୁ କିଣି ହେମନ୍ତ ସୋରେନ୍ ସରକାର ଭାଙ୍ଗିବାକୁ ଉଦ୍ୟମ ଚଳାଇଥିଲା ବୋଲି ଟିଏମ୍‌ସି ନେତ୍ରୀ କହିଛନ୍ତି। ଗତ ଜୁଲାଇ ୩୦ରେ ପଶ୍ଚିମବଙ୍ଗର ପଞ୍ଚଲରୁ ଝାଡ଼ଖଣ୍ଡର ୩ ବିଧାୟକଙ୍କୁ ଗିରଫ କରାଯିବା ସହ ସେମାନଙ୍କ କାର୍‌ରୁ ୪୯ ଲକ୍ଷ ଟଙ୍କା ଜବତ ହୋଇଥିଲା। ଭାଜପା ଭାବୁଛି ସିବିଆଇ ଏବଂ ଇଡି ଦ୍ୱାରା ବିରୋଧୀଙ୍କୁ ଭୟଭୀତ କରିପାରିବ। ସେମାନେ ଏଭଳି କୌଶଳ ଯେତେ ଆପଣାଇବେ, ପରାଜୟର ସେତେ ନିକଟବର୍ତ୍ତୀ ହେବେ ବୋଲି ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ କହିଛନ୍ତି।

























































# ସେମିରେ ଟିଆଫୋ, ଆଲକାରେଜ, ସ୍ୱିଟେକ୍

ନ୍ୟୁୟର୍କ,୮।୯(ପି.ଟି)

ୟୁଏସ୍ ଓପନ ଟେନିସ୍ ଟୁର୍ନାମେଣ୍ଟର ସେମିଫାଇନାଲରେ ପ୍ରବେଶ କରିଛନ୍ତି ଫ୍ରାନ୍ସେସ୍ ଟିଆଫୋ, କାର୍ଲୋସ୍ ଆଲକାରେଜ୍ ଗାର୍ଫିଆ ଏବଂ ଇଗା ସ୍ୱିଟେକ୍। ୯ ନମ୍ବର ସିଡ୍ ଆନ୍ଦ୍ରେ ରୁବଲେଭଙ୍କୁ ୭-୬(୩), ୭-୬(୦), ୬-୪ରେ ପରାସ୍ତ କରି ସେମିରେ ପ୍ରବେଶ ସହିତ ଦୀର୍ଘ ୧୬ ବର୍ଷ ପରେ ଜଣେ ଆମେରିକୀୟ ଭାବରେ ଏପରି କରିଛନ୍ତି ଟିଆଫୋ। ଶେଷ ଥର ପାଇଁ ୨୦୦୬ରେ ଆଣ୍ଡି ରଡିକ୍

**ୟୁଏସ୍ ଓପନ**

ଶେଷ ଆମେରିକୀୟ ଖେଳାଳି ଭାବରେ ସେମିଫାଇନାଲରେ ପ୍ରବେଶ କରିଥିଲେ। ଆର୍ଥର ଆଶେ ଷ୍ଟାଡିୟମରେ ଟିଆଫୋଙ୍କ ଏହି ମୁକାବିଲା ସମୟରେ ରଡିକ୍ ଦର୍ଶକ ଷ୍ଟାଣ୍ଡରେ ଉପସ୍ଥିତ ଥିଲେ। ୨୦୦୬ରେ ଫେଡେରରଙ୍କ ଠାରୁ ହାରି ରନର୍ସ ଅପ୍ ରହିଥିବା ବେଳେ ଶେଷ ଆମେରିକୀୟ ପୁରୁଷ ଖେଳାଳି ଭାବରେ ୨୦୦୩ରେ ଏକ ଗ୍ରାଣ୍ଡସ୍ଲାମ ଚାମ୍ପିୟନ ହୋଇଥିଲେ। ଟିଆଫୋଙ୍କ ବିଜୟ ପରେ ୱାଶିଂଟନ୍ ୱିଜାର୍ଡ ଅଲ୍ ଷ୍ଟାର ଗାର୍ଡ ବ୍ରାଡଲି ବିଲ ମଧ୍ୟ ଶୁଭେଚ୍ଛା ଜଣାଇଥିଲେ। ୟୁଏସ୍ ଓପନରେ ୨୨ ତମ ସିଡ୍‌ର ମାନ୍ୟତା ପାଇଥିବା ଟିଆଫୋ ପୂର୍ବରୁ ଚତୁର୍ଥ ରାଉଣ୍ଡରେ ରାଫେଲ ନାଡାଲଙ୍କ ପରି ବଡ ଖେଳାଳିଙ୍କୁ ପରାସ୍ତ କରିଥିଲେ। ବର୍ଷା କାରଣରୁ ଏହି ମ୍ୟାଚଟି ପ୍ରାୟ ୧ ଘଣ୍ଟା ଧରି ବନ୍ଦ ରହିଥିଲା। ଟିଆଫୋ ସେମିଫାଇନାଲ ମ୍ୟାଚରେ ସ୍ପେନର କାର୍ଲୋସ୍ ଆଲକାରେଜଙ୍କୁ ଭେଟିବେ। ଅନ୍ୟ ଏକ କ୍ୱାର୍ଟର ଫାଇନାଲରେ ୫ ସେଟ୍ ବିଶିଷ୍ଟ କଡା ସଂଘର୍ଷପୂର୍ଣ୍ଣ ମ୍ୟାଚରେ ଇଟାଲୀର ଜାନିକ୍ ସିନରଙ୍କୁ ପରାସ୍ତ କରିଥିଲେ। ବିଶ୍ୱ ମାନ୍ୟତାର ୩ ନମ୍ବର ଆଲକାରେଜ ଏବଂ ୧୧ ନମ୍ବର ସ୍ଥାନରେ ଥିବା ସିନରଙ୍କ ମଧ୍ୟରେ କଡା ପ୍ରତିଦ୍ୱନ୍ଦ୍ୱିତା ଦେଖିବାକୁ ମିଳିଥିଲା। ୫ ସେଟ ମଧ୍ୟରୁ ଦୁଇଟି ସେଟ୍ ଟାଇବ୍ରେକରକୁ ମଧ୍ୟ ଯାଇଥିଲା। ତେବେ ଶେଷରେ ୬-୩, ୬-୭(୭-୯), ୬-୭(୭-୦), ୭-୫ ଓ ୬-୩ରେ ଜିତି ନେଇଥିଲେ ଆଲକାରେଜ୍। ମହିଳା ସିଙ୍ଗଲ୍ସ ବର୍ଗରେ ଏକ ନମ୍ବର ଖେଳାଳି ଇଗା ସ୍ୱିଟେକ୍ ସେମି ଫାଇନାଲରେ ପ୍ରବେଶ କରିଛନ୍ତି। ଆମେରିକାର ଜେସିକା ପେଗୁଲାଙ୍କୁ ୬-୩, ୭-୬(୪)ରେ ପରାସ୍ତ କରି ସ୍ୱିଟେକ୍ ସେମିରେ ପ୍ରବେଶ କରିଛନ୍ତି। ସେମିଫାଇନାଲ ମ୍ୟାଚରେ ସେ ୬ ନମ୍ବର ସ୍ଥାନରେ ଥିବା ଆରିନା ସାବାଲେଙ୍କାଙ୍କୁ ଭେଟିବେ। ଏହି ବିଜୟ ସହିତ ଟପ୍ ଟେନ୍‌ରେ ରହିଥିବା ସମସ୍ତ ପ୍ରତିଦ୍ୱନ୍ଦ୍ୱୀଙ୍କ ବିପକ୍ଷରେ ସିଧାସଳଖ ସେଟରେ ବିଜୟୀ ହୋଇଛନ୍ତି ସ୍ୱିଟେକ୍। ଦୁଇ ଦୁଇ ଥର ଫ୍ରେଞ୍ଚ ଓପନ ଚାମ୍ପିୟନ ସ୍ୱିଟେକ୍ ପ୍ରଥମ ଥର ପାଇଁ ୟୁଏସ୍ ଓପନ ସେମିଫାଇନାଲରେ ପ୍ରବେଶ କରିଛନ୍ତି। ସେହିପରି ଓନ୍ସ ଜାବୁଏର ଓ କାରୋଲିନା ଗାର୍ସିଆଙ୍କ ମଧ୍ୟରେ ପ୍ରଥମ ସେମିଫାଇନାଲ ଖେଳାଯିବ।




ଜେସିକା ପେଗୁଲାଙ୍କ ବିପକ୍ଷରେ ରିଟର୍ନ ଶଟ୍ ଖେଳୁଛନ୍ତି ପୋଲାଣ୍ଡର ଇଗା ସ୍ୱିଟେକ।

# ପ୍ରଣୟ ନମ୍ବର ୱାନ୍




**କୁଆଲାଲାମ୍ପୁର, ୮।୯ (ପି.ଟି) :** ଭାରତୀୟ ଷ୍ଟାର ସଟଲର ଏଚ୍ ଏସ୍ ପ୍ରଣୟ ବିଶ୍ୱ ମାନ୍ୟତାର ଏକ ନମ୍ବର ସ୍ଥାନ ଅଳଙ୍କୃତ କରିଛନ୍ତି। ପୁରୁଷ ସିଙ୍ଗଲ୍ସ ବର୍ଗରେ ପ୍ରଣୟ ବିଡବ୍ଲୁଏଫ୍ ୱାର୍ଲ୍ଡ ଟୁର୍ ର୍ୟାଙ୍କିଙ୍ଗରେ ପଦୋନ୍ନତିକୁ ନେଇ ଭାରତୀୟ ବ୍ୟାଡମିଣ୍ଟନ ସଂଘ(ବାଇ) ସଭାପତି ହିମନ୍ତ ବିଶ୍ୱ ଶର୍ମା ଶୁଭେଚ୍ଛା ଜଣାଇଛନ୍ତି। ବିଡବ୍ଲୁଏଫ୍ ୱାର୍ଲ୍ଡ ଟୁରର ଏହା ୫ମ ସଂସ୍କରଣ ହୋଇଥିବା ବେଳେ ଜାନୁୟାରୀ ୧୧ରୁ ଡିସେମ୍ବର ୧୮ ଯାଏଁ ଟୁର୍ନାମେଣ୍ଟ ଗୁଡିକ ଏହା ମଧ୍ୟରେ ଅନ୍ତର୍ଭୁକ୍ତ। ସେପ୍ଟେମ୍ବର ୬ ତାରିଖରେ ବିଡବ୍ଲୁଏଫ୍ ପକ୍ଷରୁ ଏହାର ର୍ୟାଙ୍କିଙ୍ଗ ତାଲିକାକୁ ଅପଡେଟ୍ କରାଯାଇଥିବା ବେଳେ ପ୍ରଣୟଙ୍କୁ ଏକ ନମ୍ବର ସ୍ଥାନ ମିଳିଥିଲା। ଜାନୁୟାରୀରେ ପ୍ରଣୟ ଇଣ୍ଡିଆନ୍ ଓପନ ଓ ସୟଦ ମୋଦୀ ଇଣ୍ଟରନ୍ୟାସନାଲ ୨୦୨୨ କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଥିଲେ। ମାର୍ଚ୍ଚ ମାସରେ ଜର୍ମାନ ଓପନ କ୍ୱାର୍ଟରରେ ପ୍ରବେଶ କରିଥିବା ବେଳେ ଅଲ ଇଂଲଣ୍ଡ ଚାମ୍ପିୟନଶିପର ପ୍ରଥମ ରାଉଣ୍ଡରୁ ବିଦାୟ ନେଇଥିଲେ। ତେବେ ଏହାର କିଛି ଦିନ ମଧ୍ୟରେ ସ୍ୱିସ୍ ଓପନ ରନର୍ସ ଅପ୍ ହୋଇଥିଲେ। ଏପ୍ରିଲ ମାସରେ କୋରିଆ ଓପନ ଓ ଥାଇଲାଣ୍ଡ ଓପନ ପ୍ରଥମ ରାଉଣ୍ଡରୁ ବିଦାୟ ନେଇଥିଲେ। ଜୁନ୍ ମାସରେ ଇଣ୍ଡୋନେସିଆ ଓପନ ଓ ମାଲେସିଆ ଓପନରେ ଯଥାକ୍ରମେ ସେମି ଓ କ୍ୱାର୍ଟର ଫାଇନାଲ ପ୍ରବେଶ କରିଥିଲେ। ଜୁଲାଇ ମାସରେ ମଧ୍ୟ ମାଲେସିଆ ମାଷ୍ଟର୍ସ ସେମି ଓ ସିଙ୍ଗାପୁର ଓପନ କ୍ୱାର୍ଟର ଫାଇନାଲରେ ସେ ପ୍ରବେଶ କରଥିଲେ। ଅଗଷ୍ଟ ମାସରେ ମଧ୍ୟ ସେ ଜାପାନ ଓପନରେ କ୍ୱାର୍ଟର ଫାଇନାଲରେ ପ୍ରବେଶ କରିବା ସହିତ ବିଶ୍ୱ ମାନ୍ୟତାରେ ଏକ ନମ୍ବର ସ୍ଥାନକୁ ଉନ୍ନୀତ ହୋଇଥିଲେ।

# ଅଷ୍ଟ୍ରେଲିଆ, ନ୍ୟୁଜିଲାଣ୍ଡକୁ ଭେଟିବ ଭାରତ

ଦୁବାଇ, ୮।୯(ପି.ଟି.)

ଆଇସିସି ଟି୨୦ ବିଶ୍ୱକପ୍ ୱାର୍ମଅପ୍‌ରେ ଭାରତ ଗତଥରର ଚାମ୍ପିୟନ ଅଷ୍ଟ୍ରେଲିଆ ଓ ନ୍ୟୁଜିଲାଣ୍ଡକୁ ଭେଟିବ। ଏହି ମ୍ୟାଚ ଯଥାକ୍ରମେ ଅକ୍ଟୋବର ୧୭ ଓ ଅକ୍ଟୋବର ୧୯ରେ ଖେଳାଯିବ। ରୋହିତ ଶର୍ମାଙ୍କ ନେତୃତ୍ୱାଧୀନ ଭାରତ ଉଭୟ ୱାର୍ମଅପ୍ ମ୍ୟାଚ୍ ବ୍ରିସ୍‌ବେନ୍‌ର ଗାବାଠାରେ ଖେଳିବ। ଅନ୍ତର୍ଜାତୀୟ କ୍ରିକେଟ ପରିଷଦ (ଆଇସିସି) ଟୁର୍ନାମେଣ୍ଟରେ ଭାଗ ନେଉଥିବା ୧୬ଟି ଦଳ ପାଇଁ ୱାର୍ମଅପ୍ କାର୍ଯ୍ୟସୂଚୀ ମଙ୍ଗଳବାର ଘୋଷଣା କରିଛି। ମେଲବୋର୍ନ କ୍ରିକେଟ ଗ୍ରାଉଣ୍ଡରେ ପ୍ରଥମ ରାଉଣ୍ଡ ଟିମ୍‌ଗୁଡ଼ିକର ଅଭ୍ୟାସ ମ୍ୟାଚ ଅକ୍ଟୋବର ୧୦ରୁ ୧୩ ପର୍ଯ୍ୟନ୍ତ ହେବ। ଆଲାନ ବର୍ଡର ଫିଲ୍ଡ ସୁପର ୧୨ ପର୍ଯ୍ୟାୟ ଟିମ୍‌ଗୁଡ଼ିକ ଲାଗି ଅକ୍ଟୋବର ୧୭ରୁ ୧୯ ପର୍ଯ୍ୟନ୍ତ ହେବ। କାର୍ଯ୍ୟସୂଚୀ ଅନୁସାରେ ଅକ୍ଟୋବର ୧୦ରେ ପ୍ରଥମ ୱାର୍ମଅପ ଦୁଇଥର ଚାମ୍ପିୟନ ୱେଷ୍ଟଇଣ୍ଡିଜ (୨୦୧୨ ଓ ୨୦୧୬) ଓ ସଂଯୁକ୍ତ ଆରବ ଏମିରେଟ୍ସ (ୟୁଏଇ) ମଧ୍ୟରେ ମ୍ୟାଚ ଜଙ୍କସନ ଓଭାଲଠାରେ ହେବ। ପ୍ରତ୍ୟେକ ପ୍ରଥମ ରାଉଣ୍ଡ ଟିମ୍ ଦୁଇଟି ଲେଖାଏ ୱାର୍ମଅପ୍ ମ୍ୟାଚ୍ ଖେଳିବେ। ଅକ୍ଟୋବର ୧୮ରେ ଗାବାଠାରେ ୨୦୦୯ ବିଜେତା ପାକିସ୍ତାନ ଓ

**ଟି୨୦ ବିଶ୍ୱକପ୍ ୱାର୍ମଅପ୍**

୨୦୧୦ ସଂସ୍କରଣ ବିଜେତା ଇଂଲଣ୍ଡ ପରସ୍ପରକୁ ଭେଟିବେ। ମେଲବୋର୍ନ କ୍ରିକେଟ ଗ୍ରାଉଣ୍ଡ (ଏମ୍‌ସିଜି)ଠାରେ ୨୦୧୪ରେ ଟି୨୦ ବିଶ୍ୱକପ୍ ବିଶ୍ୱକପ୍ ବିଜେତା ଶ୍ରୀଲଙ୍କା ଏହାର ଦୁଇଟି ୱାର୍ମଅପ୍ ମ୍ୟାଚ ଜିମ୍ବାୱେ ଓ ଆୟର୍ଲାଣ୍ଡ ବିପକ୍ଷରେ ଯଥାକ୍ରମେ ଅକ୍ଟୋବର ୧୦ ଓ ଅକ୍ଟୋବର ୧୩ରେ ଖେଳିବ। ୱାର୍ମଅପ୍ ମ୍ୟାଚ ୯ଦିନ ଧରି ଅନୁଷ୍ଠିତ ହେବ। ଏହାକୁ ଦେଖିବା ଲାଗି ଦର୍ଶକମାନଙ୍କୁ ଅନୁମତି ମିଳିବ ନାହିଁ।




ଗୁଆହାଟୀରେ ଚାଲିଥିବା ୭୫ତମ ଜାତୀୟ ସିନିୟର ଆକ୍ୱାଟିକ୍ ଚାମ୍ପିୟନଶିପ୍ ମହିଳା ୧୫୦୦ ମିଟର ଫ୍ରିଷ୍ଟାଇଲ ଇଭେଣ୍ଟରେ ସ୍ୱର୍ଣ୍ଣ ବିଜୟିନୀ ଭାବ୍ୟା ସଚଦେବା (ମଝି)ଙ୍କ ସହ ରୌପ୍ୟ ଓ ବ୍ରୋଞ୍ଜ ବିଜୟିନୀ ରିଚା ମିଶ୍ର।

# ଓଏଏର କର୍ମକର୍ତ୍ତା ନିର୍ବାଚନ

**ଭୁବନେଶ୍ୱର, ୮।୯ (ସ୍ପୋର୍ଟ୍ସ ବ୍ୟୁରୋ):** ଓଡ଼ିଶା ଆଥଲେଟିକ୍ସ ଆସୋସିଏଶନ (ଓଏଏ) ପାଇଁ କର୍ମକର୍ତ୍ତା ନିର୍ବାଚନ ପାଇଁ ପ୍ରାର୍ଥିପତ୍ର ଯାଞ୍ଚ ପ୍ରକ୍ରିୟା ବୁଧବାର ଶେଷ ହୋଇଛି। ଉପସଭାପତି ପଦବୀକୁ ଛାଡ଼ିଦେଲେ ଅନ୍ୟ ପଦବୀଗୁଡ଼ିକର ପ୍ରାର୍ଥୀଙ୍କ ପ୍ରତିଦ୍ୱନ୍ଦ୍ୱିତାର ସାମ୍ନା କରିବାକୁ ପଡ଼ିବ ନାହିଁ। ୧୧ଟି କାର୍ଯ୍ୟନିର୍ବାହୀ ସଦସ୍ୟ ପାଇଁ ମୋଟ ୧୨ଜଣ ସେମାନଙ୍କ ପ୍ରାର୍ଥୀପତ୍ର ଦାଖଲ କରିଥିଲେ। ହେଲେ ଜଣକର ପ୍ରାର୍ଥିପତ୍ର ନାକଚ ହୋଇଯାଇଥିଲା। ଶୁକ୍ରବାର ପ୍ରାର୍ଥିପତ୍ର ପ୍ରତ୍ୟାହାରର ଅନ୍ତିମ ଦିବସ ରହିଛି। ସେପ୍ଟେମ୍ବର ୧୧ରେ ଆସୋସିଏଶନର ବାର୍ଷିକ ସାଧାରଣ ଅଧିବେଶନରେ ଫଳାଫଳ ଘୋଷଣା କରାଯିବ।




# ବର୍ଷା ଧୋଇନେଲା ପ୍ରଥମ ଦିନ ଖେଳ

**ଓଭାଲ, ୮।୯ :** ଦକ୍ଷିଣ ଆଫ୍ରିକା ଓ ଇଂଲଣ୍ଡ ମଧ୍ୟରେ ଖେଳାଯାଉଥିବା ନିର୍ଣ୍ଣାୟକ ଟେଷ୍ଟର ପ୍ରଥମ ଦିନ ବର୍ଷା ଧୋଇନେଇଛି। ୩ ମ୍ୟାଚ ବିଶିଷ୍ଟ ସିରିଜଟି ୧-୧ରେ ବରାବର ରହିଛି। ଲର୍ଡ୍ସରେ ଖେଳା ଯାଇଥିବା ପ୍ରଥମ ଟେଷ୍ଟକୁ ଦକ୍ଷିଣ ଆଫ୍ରିକା ଜିତି ନେଇଥିବା ବେଳେ ମାଞ୍ଚେଷ୍ଟର ଟେଷ୍ଟରେ ପ୍ରତ୍ୟାବର୍ତ୍ତନ କରିଥିଲା ଇଂଲଣ୍ଡ। ଇନିଂସ ଓ ୮୫ ରନରେ ଜିତି ସିରିଜକୁ ୧-୧କୁ ଆଣିଥିଲା ଘରୋଇ ଦଳ। କେନିଙ୍ଗଟନ୍ ଓଭାଲରେ ଖେଳାଯିବାକୁ ଥିବା ଏହି ଟେଷ୍ଟର ପ୍ରଥମ ଦିନରେ ବର୍ଷା କାରଣରୁ ଗୋଟିଏ ବି ବଲ୍ ପଡିନପାରିବା ସହ ଦିନର ଖେଳକୁ ବାତିଲ କରାଯାଇଥିଲା।

# ଅସିଫ ଅଲି, ଫରିଦ୍ ଅହମଦଙ୍କୁ ଜରିମାନା

**ଦୁବାଇ, ୮।୯ (ପି.ଟି.):** ଏସିଆକପ୍ ସୁପର-୪ର ଏକ ମ୍ୟାଚ ବେଳେ ପଡ଼ିଆରେ ବଚସା ପାଇଁ ପାକିସ୍ତାନର ଅସିଫ ଅଲି ଓ ଆଫଗାନିସ୍ତାନ ବୋଲର ଫରିଦ୍ ଅହମଦଙ୍କୁ ସେମାନଙ୍କ ମ୍ୟାଚ ଫିର ୨୫ ପ୍ରତିଶତ ଜରିମାନା କରାଯାଇଛି। ବୁଧବାର ପାକିସ୍ତାନ ଓ ଆଫଗାନିସ୍ତାନମଧ୍ୟରେଖେଳାଯାଇଥିବା ମ୍ୟାଚର ୧୯ତମ ଓଭର ବେଳେ ବାକ୍ ବିତଣ୍ଡା କରିଥିବାରୁ ଏହି ଦୁଇ ଖେଳାଳି ଆଇସିସି ଆଚରଣ ବିଧିର ଧାରା-୨.୬ ଉଲ୍ଲଂଘନ କରିଥିଲେ। ଅସିଫ ଓ ଫରିଦ ସେମାନଙ୍କ ଦୋଷ ସ୍ୱୀକାର କରିବା ସହ ମ୍ୟାଚ ରେଫରି ଆଣ୍ଡି ପାଇକ୍ରଫ୍ଟଙ୍କ ଦ୍ୱାରା ହୋଇଥିବା ଦଣ୍ଡ ବିଧାନକୁ ଗ୍ରହଣ କରି ନେଇଥିଲେ।







# ନ୍ୟୁଜିଲାଣ୍ଡ ବିପକ୍ଷରେ ସିରିଜ ଜିତିଲା ଅଷ୍ଟ୍ରେଲିଆ




ଉଇକେଟ ହାସଲ ପରେ ଆଡାମ୍ ଜାମ୍ପାଙ୍କୁ ସାଥୀ ଖେଳାଳିଙ୍କ ବଧେଇ।

କେର୍ନସ,୮।୯(ପି.ଟି.)

ଅଷ୍ଟ୍ରେଲିଆ ଗସ୍ତରେ ରହିଥିବା ନ୍ୟୁଜିଲାଣ୍ଡକୁ ଆଉ ଏକ ଝଟକା। ମିଚେଲ୍ ଷ୍ଟାର୍କଙ୍କ ଅଲରାଉଣ୍ଡ ପ୍ରଦର୍ଶନ ଏବଂ ଆଡାମ୍ ଜାମ୍ପାଙ୍କ ପ୍ରଥମ ୫ ଉଇକେଟ ସଫଳତାକୁ ପାଥେୟ କରି ଦ୍ୱିତୀୟ ଦିନିକିଆକୁ ଜିତି ନେଇଛି ଅଷ୍ଟ୍ରେଲିଆ। ଲୋ ସ୍କୋରିଂ ମ୍ୟାଚକୁ ୧୧୩ ରନରେ ଜିତିବା ସହିତ ଆଗୁଆ ୩ ମ୍ୟାଚ ବିଶିଷ୍ଟ ଚାପେଲ-ହାଡଲି ସିରିଜକୁ କବ୍‌ଜା କରିଛି। ପ୍ରଥମେ ବ୍ୟାଟିଂ କରି ଅଷ୍ଟ୍ରେଲିଆ ୯ ଉଇକେଟ ବିନିମୟରେ ମାତ୍ର ୧୯୫ ରନ କରିଥିଲା। ପୂର୍ବତନ ଅଧିନାୟକ ଷ୍ଟିଭ୍ ସ୍ମିଥ୍ ସର୍ବାଧିକ ୬୧ ରନ୍ କରିଥିଲେ। ୯୪ ବଲ୍ ଖେଳି ସେ ୫ ଚୌକା ଓ ୧ ଛକା ମାରିଥିଲେ। ଟ୍ରେଣ୍ଟ ବୋଲ୍ଟ ୪ ଓ ମ୍ୟାଟ୍ ହେନରୀ ୩ ନିଜ ମଧ୍ୟରେ ୭ ଉଇକେଟ ବାଣ୍ଟି ନେବାରୁ ଅଷ୍ଟ୍ରେଲିଆ ସଙ୍କଟରେ ପଡିଥିଲା। ନିୟମିତ ବ୍ୟବଧାନରେ ଉଇକେଟ ପତନ ଘଟିଥିବା ବେଳେ ୧୧୮ ରନରେ ୮ ଉଇକେଟ ହରାଇ ଦଳ ସଙ୍କଟରେ ପଡିଥିଲା। ତେବେ ମିଚେଲ୍ ଷ୍ଟାର୍କ(୩୮*) ଓ ଜୋସ ହେଜେଲଉଡ(୨୩*) ଦଳକୁ ବିପର୍ଯ୍ୟୟରୁ ଉଦ୍ଧାର କରିଥିଲେ। ଉଭୟଙ୍କ ସାହସିକ ଇନିଂସ ବଳରେ ଘରୋଇ ଦଳ ୧୯୫ ରନ କରିଥିଲା।

କେର୍ନସ ପିଚରେ ଅସମାନ ବାଉନ୍ସ କାରଣରୁ ବଲ ଠିକ୍‌ରେ ବ୍ୟାଟକୁ ଆସୁ ନ ଥିଲା। ଏହାର ଫାଇଦା ଉଠାଇ ନ୍ୟୁଜିଲାଣ୍ଡକୁ ମାତ୍ର ୮୨ ରନରେ ସୀମିତ ରଖିଥିଲେ ଅଷ୍ଟ୍ରେଲିଆ ବୋଲର। ଭ୍ରମଣକାରୀ ଦଳ ପକ୍ଷରୁ ୭ ଜଣ ବ୍ୟାଟ୍ସମ୍ୟାନ ଦୁଇ ଅଙ୍କ ସ୍କୋର ଛୁଇଁପାରି ନ ଥିଲେ। ଆଡାମ୍ ଜାମ୍ପା ଦିନିକିଆ କ୍ୟାରିୟରରେ ପ୍ରଥମଥର ୫ ଉଇକେଟ ସଫଳତା ହାସଲ କରିଥିବା ବେଳେ କେନ୍ ୱିଲିୟମସନ୍ ସ୍କୋର କରିଥିଲେ ସର୍ବାଧିକ ୧୭ ରନ୍। ଅନ୍ୟମାନଙ୍କ ମଧ୍ୟରେ ସିନ୍ ଆବୋଟ ଓ ମିଚେଲ ଷ୍ଟାର୍କ ଦୁଇଟି ଲେଖାଏ ଉଇକେଟ ଅକ୍ତିଆର କରିଥିଲେ। ଅଲରାଉଣ୍ଡ ପ୍ରଦର୍ଶନ ପାଇଁ ଷ୍ଟାର୍କଙ୍କୁ ପ୍ଲେୟର୍ ଅଫ୍ ଦ ମ୍ୟାଚ୍ ଘୋଷଣା କରାଯାଇଥିଲା। ଆସନ୍ତା ୧୧ ତାରିଖରେ ଏହି ଶୃଙ୍ଖଳାର ଅନ୍ତିମ ମ୍ୟାଚ୍ ଖେଳାଯିବ।









# ଭାରତ ୧୦୧ ରନ୍‌ରେ ଜିତିଲା

**ଦୁବାଇ,୮।୯**

ଏସିଆ କପରେ ଭାରତ ଏହାର ଅନ୍ତିମ ସୁପର-୪ ମ୍ୟାଚରେ ଲଢୁଆ ପ୍ରଦର୍ଶନ ସହ ସାନ୍ତ୍ୱନାମୂଳକ ବିଜୟ ହାସଲ କରିଛି । ବିରାଟ କୋହଲିଙ୍କ ଅପରାଜିତ ୧୨୨ ଓ ଭୁବନେଶ୍ୱର କୁମାରଙ୍କ ୫ ଉଇକେଟ ସଫଳତା ବଳରେ ଦଳ ଆଫଗାନିସ୍ତାନକୁ ୧୦୧ ରନରେ ପରାସ୍ତ କରିଛି। କୋହଲି ୬୧ ବଲର ଏହି ଇନିଂସରେ ୧୨ ଚୌକା ଓ ୬ ଛକା ମାରିଥିଲେ। ଜବାବରେ ଆଫଗାନିସ୍ତାନ ୧୧୧/୮ ରନରେ ସୀମିତ ରହିଥିଲା। ଟୁର୍ନାମେଣ୍ଟରୁ ବିଦାୟ ନେଇଥିଲେ ହେଁ ଦୁଇ ଅର୍ଦ୍ଧଶତକ ଓ ଗୋଟିଏ ଶତକ ସହ କୋହଲି ଫର୍ମକୁ ଫେରିବା ଟି୨୦ ବିଶ୍ୱକପ ପୂର୍ବରୁ ଭାରତ ପାଇଁ ଏକ ଶୁଭସଙ୍କେତ।

## ଏସିଆ କପ୍
## ବିରାଟ କୋହଲି ୧୨୨ ନଟ୍‌ଆଉଟ୍


ଅପରାଜିତ ଶତକୀୟ ଇନିଂସ ଅବସରରେ ପ୍ଲେୟର୍ ଅଫ୍ ଦି ମ୍ୟାଚ୍ ବିରାଟ କୋହଲି।

ଦୁବାଇ ଇଣ୍ଟରନ୍ୟାଶନାଲ ଷ୍ଟାଡିୟମରେ ଟସ୍ ହାରି ପ୍ରଥମେ ବ୍ୟାଟିଂ କରିଥିବା ଭାରତ ପକ୍ଷରୁ ଲୋକେଶ ରାହୁଲ(୬୨) ଓ ବିରାଟ କୋହଲି(୧୨୨) ଶତକୀୟ ଭାଗୀଦାରି କରିଥିଲେ। ୧୨.୪ ଓଭରରେ ଉଭୟ ୧୧୯ ରନ୍ ଯୋଡିଥିଲେ। ୪୧ ବଲରୁ ୬ ଚୌକା ଓ ୨ ଛକା ସହିତ ରାହୁଲ ପ୍ୟାଭିଲିୟନ୍ ଫେରିଥିଲେ। ମାତ୍ର ଦୁଇଟି ବଲ୍ ମଧ୍ୟରେ ସୂର୍ଯ୍ୟକୁମାର ଯାଦବ(୬) ମଧ୍ୟ ପ୍ୟାଭିଲିୟନ୍ ଫେରିଥିଲେ। ତେବେ କୋହଲି ଗୋଟିଏ ପଟରୁ ଆଫଗାନ ବୋଲରମାନଙ୍କ ବିପକ୍ଷରେ ଧୂଆଁଧାର ଇନିଂସ ଖେଳିଥିଲେ। ପନ୍ତଙ୍କ ସହିତ ୪୨ ବଲରେ ୮୭ ରନ ଯୋଡିଥିବା ବେଳେ ଏଥିରେ ପନ୍ତଙ୍କ ଯୋଗଦାନ ମାତ୍ର ୨୦ ରନ୍ ରହିଥିଲା। ଆଫଗାନିସ୍ତାନ ପକ୍ଷରୁ ଫରିଦ୍ ଅହମଦ ମଲିକ୍ ଦୁଇଟିଯାକ ଉଇକେଟ ନେଇଥିଲେ। ଏହି ଇନିଂସ ସହିତ ୧୦୨୨ ଦିନର ପ୍ରତୀକ୍ଷାର ଅନ୍ତ ଘଟାଇ ନିଜ ଅନ୍ତର୍ଜାତୀୟ କ୍ୟାରିୟରର ୭୧ତମ ଓ ପ୍ରଥମ ଟି୨୦ ଅନ୍ତର୍ଜାତୀୟ ଶତକ ହାସଲ କରିଛନ୍ତି କୋହଲି। ୨୧୩ ରନର ପିଛା କରୁଥିବା ଆଫଗାନିସ୍ତାନ ଟପ୍ ଅର୍ଡରକୁ ଛାରଖାର କରିଦେଇଥିଲେ ଭୁବନେଶ୍ୱର କୁମାର। ଖରାପ ପ୍ରଦର୍ଶନ ପାଇଁ ସମାଲୋଚିତ ହେଉଥିବା ଭୁବନେଶ୍ୱର ୪ ରନ ଦେଇ ୫ ଉଇକେଟ ନେଇଥିଲେ। ଆଫଗାନିସ୍ତାନ ୨୧ ରନରେ ୬ ଜଣ ବ୍ୟାଟରଙ୍କୁ ହରାଇଥିଲା। ଇବ୍ରାହିମ ଜାଡ୍ରାନ ସର୍ବାଧିକ ୬୪ ରନ କରି ଅପରାଜିତ ରହିଥିଲେ।

### ଅନ୍ତର୍ଜାତୀୟ କ୍ରିକେଟରେ ସର୍ବାଧିକ ଶତକ

୧୦୦: ସଚିନ ତେନ୍ଦୁଲକର (୭୮୨ ଇନିଂସ)
୭୧: ବିରାଟ କୋହଲି (୫୨୨ ଇନିଂସ)
୭୧: ରିକି ପଣ୍ଟିଂ (୬୬୮ ଇନିଂସ)
୬୩: କୁମାର ସଙ୍ଗକାରା (୬୬୬ ଇନିଂସ)
୬୨: ଜ୍ୟାକ୍ସ କାଲିସ (୬୧୭ ଇନିଂସ)

**ସଂକ୍ଷିପ୍ତ ସ୍କୋର**

ଭାରତ ୨୦ ଓଭରରେ ୨୧୨/୨ (ବିରାଟକୋହଲି–୧୨୨*, ଲୋକେଶ ରାହୁଲ–୬୨, ରିଷଭ ପନ୍ତ–୨୦*, ଫରିଦ ଅହମଦ ମଲିକ୍–୨/୫୭)। ଆଫଗାନିସ୍ତାନ: ୨୦ ଓଭରରେ ୧୧/୮ (ଇବ୍ରାହିମ ଜାଡ୍ରାନ–୬୪*, ଭୁବନେଶ୍ୱର କୁମାର–୫/୪, ଦୀପକ ହୁଡା–୧/୩, ଅର୍ଶଦୀପ ସିଂ– ୧/୭)।

### ବିରାଟ କୋହଲିଙ୍କ ଟି୨୦ ଶତକ

୧୨୨(୬୧ ବଲ)*: ବିରାଟ କୋହଲି ବନାମ ଆଫଗାନିସ୍ତାନ, ଦୁବାଇ, ୨୦୨୨
୧୧୩ (୫୦): ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର ବନାମ ପଞ୍ଜାବ କିଙ୍ଗ୍ସ, ବେଙ୍ଗାଲୁରୁ, ୨୦୧୬
୧୦୯ (୫୫): ବାଙ୍ଗାଲୋର ବନାମ ଗୁଜରାଟ ଲାୟନ୍ସ, ବେଙ୍ଗାଲୁରୁ, ୨୦୧୬
୧୦୮ (୫୮): ବାଙ୍ଗାଲୋର ବନାମ ରାଇଜିଂ ପୁଣେ ସୁପରଜାଏଣ୍ଟ୍ସ, ବେଙ୍ଗାଲୁରୁ, ୨୦୧୬
୧୦୦ (୬୩): ବାଙ୍ଗାଲୋର ବନାମ ଗୁଜରାଟ ଲାୟନ୍ସ, ରାଜକୋଟ, ୨୦୧୬
୧୦୦ (୫୮): ବାଙ୍ଗାଲୋର ବନାମ କୋଲକାତା ନାଇଟ ରାଇଡର୍ସ, କୋଲକାତା, ୨୦୧୯

### ଟି୨୦ ଅନ୍ତର୍ଜାତୀୟରେ ସର୍ବାଧିକ ସ୍କୋର (ଭାରତ)

୧୨୨*: ବିରାଟ କୋହଲି ବନାମ ଆଫଗାନିସ୍ତାନ, ଦୁବାଇ, ୨୦୨୨
୧୧୮: ରୋହିତ ଶର୍ମା ବନାମ ଶ୍ରୀଲଙ୍କା, ଇନ୍ଦୋର, ୨୦୧୭
୧୧୭: ସୂର୍ଯ୍ୟକୁମାର ଯାଦବ ବନାମ ଇଂଲଣ୍ଡ, ନଟିଂହାମ, ୨୦୨୨
୧୧୧*: ରୋହିତ ଶର୍ମା ବନାମ ୱେଷ୍ଟଇଣ୍ଡିଜ, ଲକ୍ଷ୍ନୌ, ୨୦୧୮
୧୧୦: ଲୋକେଶ ରାହୁଲ ବନାମ ୱେଷ୍ଟଇଣ୍ଡିଜ, ଲୌଡରହିଲ, ୨୦୧୬

## ହକି ବିଶ୍ୱକପ୍ ୨୦୨୩

# ଭାରତ ପୁଲ୍ 'ଡି'ରେ



୨୦୨୩ ହକି ବିଶ୍ୱକପ୍ ଡ୍ର' ଉଠାଣ ଅବସରରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ। ନିକଟରେ ଅଛନ୍ତି ୫–ଟି ସଚିବ ଭି.କେ. ପାଣ୍ଡିଆନ୍।

**ଭୁବନେଶ୍ୱର, ୮।୯ (ସ୍ପୋର୍ଟ୍ସ ବ୍ୟୁରୋ)**

୨୦୨୩ ପ୍ରାରମ୍ଭରେ ଭୁବନେଶ୍ୱର ଓ ରାଉରକେଲାରେ ହେବାକୁଥିବା ଏଫ୍‌ଆଇଏଚ୍ ହକି ବିଶ୍ୱକପ ପାଇଁ ପ୍ରକ୍ରିୟା ଗୋଟିଏ ପାଦ ଆଗକୁ ବଢ଼ିଛି। ସ୍ଥାନୀୟ ଲୋକସେବା ଭବନର କନ୍‌ଭେନଶନ ହଲ୍‌ରେ ଗୁରୁବାର ଏହି ମେଗା ପ୍ରତିଯୋଗିତାର ଡ୍ର ଅନୁଷ୍ଠିତ ହୋଇଯାଇଛି। ଡ୍ର' ପ୍ରକ୍ରିୟା ଅନ୍ତର୍ଜାତୀୟ ହକି ମହାସଂଘ (ଏଫ୍‌ଆଇଏଚ୍) ସିଇଓ ଥିଏରୀ ୱିଲ୍‌ଙ୍କ ତତ୍ତ୍ୱାବଧାନରେ ହୋଇଥିଲା। କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, ଏଫ୍‌ଆଇଏଚ୍‌ର କାର୍ଯ୍ୟକାରୀ ସଭାପତି ସେଫ୍ ଅହମଦ, ରାଜ୍ୟ କ୍ରୀଡ଼ା ଓ ଯୁବସେବା ମନ୍ତ୍ରୀ ତୁଷାରକାନ୍ତି ବେହେରା, ହକି ଇଣ୍ଡିଆ ସିଓଏ ସଦସ୍ୟ ଏସ୍.ୱାଇ. କୁରେଶୀ ଓ ଜାଫର ଇକବାଲ, ହକି ପ୍ରମୋଶନ କାଉନ୍‌ସିଲ ଅଫ୍ ଓଡ଼ିଶା ଚେୟାରମ୍ୟାନ ଦିଲୀପ ତିର୍କୀ, ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ର, ମୁଖ୍ୟମନ୍ତ୍ରୀଙ୍କ ସଚିବ (୫–ଟି) ଭି.କେ. ପାଣ୍ଡିଆନ, ରାଜ୍ୟ କ୍ରୀଡ଼ା ଓ ଯୁବସେବା ବିଭାଗ କମିଶନର ତଥା ସଚିବ ଆର. ଭିନିଲ କ୍ରିଷ୍ଣା ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ତାଙ୍କ ଅଭିଭାଷଣରେ କହିଥିଲେ, ଏଭଳି ଏକ ମେଗା ଇଭେଣ୍ଟ ଆୟୋଜନ କରୁଥିବାରୁ ଆମେ ବେଶ୍ ଗର୍ବିତ। ବିଶ୍ୱର ଶ୍ରେଷ୍ଠ ହକି ଦଳ ଓ ଖେଳାଳିମାନଙ୍କୁ ଆମେ ସ୍ୱାଗତ କରୁଛୁ। ଭୁବନେଶ୍ୱରସ୍ଥିତ ଆଇକନିକ କଳିଙ୍ଗ ଷ୍ଟାଡିୟମରେ ଇତିମଧ୍ୟରେ ଅନେକ କ୍ରୀଡ଼ା ପ୍ରତିଯୋଗିତା ସଫଳତାର ସହ ଆୟୋଜନ ହୋଇସାରିଛି। ଏଥର କିନ୍ତୁ ସେଗୁଡ଼ିକ ତୁଳନାରେ ବଡ଼ ଓ ମର୍ଯ୍ୟାଦାପୂର୍ଣ୍ଣ ଟୁର୍ନାମେଣ୍ଟ ଆୟୋଜନ ହେବାକୁ ଯାଉଛି। ଆମେ ବିଶ୍ୱକୁ ଏକ ନୂଆ ମଞ୍ଚକୁ ଆମନ୍ତ୍ରଣ କରୁଛୁ। ତାହା ହେଉଛି ରାଉରକେଲାସ୍ଥିତ ବିର୍ସା ମୁଣ୍ଡା ଷ୍ଟାଡିୟମ। ଏହି ନୂତନ ଷ୍ଟାଡିୟମ ହକି ପାଇଁ ଆମ ଦୃଢ଼ପ୍ରତିବଦ୍ଧତାର ଆଉ ଏକ ସାକ୍ଷ୍ୟ। ସମସ୍ତ ଦଳକୁ ଶୁଭେଚ୍ଛା ଓ ଅଭିନନ୍ଦନ। ଏଫ୍‌ଆଇଏଚ୍ କାର୍ଯ୍ୟକାରୀ ସଭାପତି ସେଫ୍ ଅହମଦ ବିର୍ସା ମୁଣ୍ଡା ଷ୍ଟାଡିୟମକୁ ହକିର ଏକ ନୂଆ ଅଳଙ୍କାର ବୋଲି ଅଭିହିତ କରିଥିଲେ। ଏହା ସହିତ ଆଇକନିକ କଳିଙ୍ଗ ଷ୍ଟାଡିୟମରେ ବିଶ୍ୱର ଶ୍ରେଷ୍ଠ ଦଳଗୁଡ଼ିକର କ୍ରୀଡ଼ା ନୈପୁଣ୍ୟ ଦେଖିବା ଲାଗି ଆମେ ବ୍ୟଗ୍ର ବୋଲି ସେ କହିଥିଲେ। ଏଫ୍‌ଆଇଏଚ୍ ପୁରୁଷ ହକି ଟୁର୍ନାମେଣ୍ଟ ୨୦୨୩ ଜାନୁୟାରୀ ୧୩ରୁ ୨୯ ପର୍ଯ୍ୟନ୍ତ ଖେଳାଯିବ। ବେଲ୍‌ଜିୟମ ବର୍ତ୍ତମାନ ବିଶ୍ୱ ଚାମ୍ପିୟନ ରହିଛି। ୨୦୧୮ ସଂସ୍କରଣ ଫାଇନାଲରେ ଏହି ଦଳ ନେଦରଲାଣ୍ଡ୍ସକୁ ହରାଇ ଦେଇଥିଲା। ଏଥର ଟୁର୍ନାମେଣ୍ଟରେ ଭାରତ ପୁଲ୍ 'ଡି'ରେ ଇଂଲଣ୍ଡ, ସ୍ପେନ ଓ ୱେଲ୍ସ ସହିତ ସ୍ଥାନ ପାଇଛି। ସେହିପରି ପୁଲ୍ ଏ'ରେ ଅଷ୍ଟ୍ରେଲିଆ, ଆର୍ଜେଣ୍ଟିନା, ଫ୍ରାନ୍ସ ଓ ଦକ୍ଷିଣ ଆଫ୍ରିକା ସ୍ଥାନ ପାଇଛନ୍ତି। ପୁଲ୍ ବି'ରେ ବେଲଜିୟମ, ଜର୍ମାନୀ, କୋରିଆ ଓ ଜାପାନ ରହିଛନ୍ତି। ସେହିପରି ପୁଲ୍ 'ସି'ରେ ନେଦରଲାଣ୍ଡ୍ସ, ନ୍ୟୁଜିଲାଣ୍ଡ, ମାଲେସିଆ ଓ ଚିଲି ସ୍ଥାନ ପାଇଛନ୍ତି।

# ରାଜ୍ୟ ସବ୍‌ଜୁନିୟର ବାସ୍କେଟବଲ ଉଦ୍‌ଘାଟିତ


କଟକର ଜବାହରଲାଲ ନେହେରୁ ଇନ୍‌ଡୋର ଷ୍ଟାଡିୟମରେ ଗୁରୁବାର ରାଜ୍ୟ ସବ୍‌ଜୁନିୟର ବାସ୍କେଟବଲ ଚାମ୍ପିୟନଶିପ୍ ଉଦ୍‌ଘାଟନୀ ଉତ୍ସବ ଅବସରରେ ଅଂଶଗ୍ରହଣ କରିଥିବା ପ୍ରତିଯୋଗୀ।

**ଭୁବନେଶ୍ୱର, ୮।୯ (କ୍ରୀଡ଼ା ପ୍ରତିନିଧି)**

କଟକର ଜବାହରଲାଲ ନେହେରୁ ଇନ୍‌ଡୋର ଷ୍ଟାଡିୟମରେ ଗୁରୁବାର ରାଜ୍ୟ ସବ୍‌ଜୁନିୟର ବାସ୍କେଟବଲ ଚାମ୍ପିୟନଶିପ୍ ଉଦ୍‌ଘାଟିତ ହୋଇଛି। ଜାଭିୟର ସ୍କୁଲ, ଓଡ଼ିଶା ବାସ୍କେଟବଲ ଆସୋସିଏଶନ ଓ କଟକ ବାସ୍କେଟବଲ ଆସୋସିଏଶନର ମିଳିତ ଆନୁକୂଲ୍ୟରେ ଆୟୋଜିତ ଏହି ପ୍ରତିଯୋଗିତାର ଉଦ୍‌ଘାଟନୀ ଉତ୍ସବରେ ଜାଭିୟର୍ସ ଗ୍ରୁପ ଅଫ୍ ସ୍କୁଲ୍ସର ନିର୍ଦ୍ଦେଶକ ପି.ସି. ମହାନ୍ତି ମୁଖ୍ୟ ଅତିଥି ଏବଂ ପ୍ରଶାନ୍ତ ଦାସ, ସୁବ୍ରତ କୁମାର ଜେନା, ରଶ୍ମିରଞ୍ଜନ ଦାଶ, ପ୍ରିୟଦର୍ଶୀ ନାୟକ ପ୍ରମୁଖ ଅନ୍ୟତମ ଅତିଥିଭାବେ ଯୋଗ ଦେଇଥିଲେ। ଓଡ଼ିଶା ବାସ୍କେଟବଲ ଆସୋସିଏଶନ ସମ୍ପାଦକ ଅଶୋକ କୁମାର ସାହୁ ଅତିଥି ପରିଚୟ ପ୍ରଦାନ କରିଥିଲେ। କାର୍ତ୍ତିକ ବେହେରା, କୁନାଲ ବେହେରା, ଆଶିଷ ସାହୁ, ମନୋରଞ୍ଜନ ବେହେରା, ରାଜେନ୍ଦ୍ର ପ୍ରସାଦ ଖୁଣ୍ଟିଆ, ଜ୍ଞାନ ଦାସ, ଇମ୍‌ତିଆଜ ଖାଁ, ସନ୍ତୋଷ ଦାସ ପ୍ରମୁଖ ଉପସ୍ଥିତ ଥିଲେ। ପ୍ରତିଯୋଗିତାର ବାଳିକା ବିଭାଗରେ ୧୩ ଓ ବାଳକରେ ୨୩ଟି ଦଳ ଅଂଶଗ୍ରହଣ କରିଛନ୍ତି।

# ପୃଥ୍ୱୀ, ଯଶସ୍ୱୀ, ସୁଦୀପଙ୍କ ଅର୍ଦ୍ଧଶତକ

**ଚେନ୍ନାଇ, ୮।୯**

ଦୁଲୀପ୍ ଟ୍ରଫି ଗୁରୁବାରଠାରୁ ଆରମ୍ଭ ହୋଇଥିବା ବେଳେ ପ୍ରଥମ ଦିନର ଖେଳ ବର୍ଷା ବାଧାପ୍ରାପ୍ତ ରହିଛି। ପୁଡୁଚେରୀରେ ନର୍ଥ ଜୋନ୍ ଏବଂ ଇଷ୍ଟ ଜୋନ୍ ମଧ୍ୟରେ ମ୍ୟାଚ୍ ଖେଳାଯାଇଥିବା ବେଳେ ଚେନ୍ନାଇର ଏମ୍. ଏ. ଚିଦାମ୍ବରମ ଷ୍ଟାଡିୟମରେ ୱେଷ୍ଟ ଜୋନ୍ ଓ ନର୍ଥଇଷ୍ଟ ଜୋନ୍ ମଧ୍ୟରେ ଖେଳାଯାଇଥିଲା। ନର୍ଥ ଜୋନ୍

## ଦୁଲୀପ୍ ଟ୍ରଫି

ଏବଂ ଇଷ୍ଟ ଜୋନ୍ ମୁକାବିଲାରେ ଓପନର ସୁଦୀପ ଘରାମି ଅର୍ଦ୍ଧଶତକ ହାସଲ କରିଥିବା ବେଳେ ଚେନ୍ନାଇ ମୁକାବିଲାରେ ପୃଥ୍ୱୀ ଶ ଓ ଯଶସ୍ୱୀ ଜୟସ୍ୱାଲ ଅପରାଜିତ ଅର୍ଦ୍ଧଶତକ ହାସଲ କରିଛନ୍ତି। ଉଭୟ ମ୍ୟାଚ ବର୍ଷା ବାଧାପ୍ରାପ୍ତ ହୋଇଥିବା ବେଳେ ନର୍ଥ ଜୋନ୍ ଏବଂ ଇଷ୍ଟ ଜୋନ୍ ମ୍ୟାଚରେ ମାତ୍ର ୫୪ ଓଭର ବୋଲିଂ ସମ୍ଭବ ହୋଇଥିଲା। ଟସ୍ ହାରି ପ୍ରଥମେ


ଯଶସ୍ୱୀ ଜୟସ୍ୱାଲ

ବ୍ୟାଟିଂ କରିଥିବା ଇଷ୍ଟଜୋନ ଷ୍ଟମ୍ପ ଅପସାରଣ ସୁଦ୍ଧା ୩ ଉଇକେଟରେ ୧୭୯ ରନ୍ କରିଛି। ସୁଦୀପ ଘରାମି ୬୩ ରନ କରି ଆଉଟ ହୋଇଥିବା ବେଳେ ଅଧିନାୟକ ମନୋଜ ତିୱାରୀ(୯) ଓ ଉପ ଅଧିନାୟକ ବିରାଟ ସିଂ(୪୩) କ୍ରିଜରେ ଉପସ୍ଥିତ ଅଛନ୍ତି। ସୁଦୀପଙ୍କ ସହିତ ରିୟାନ ପରାଗ(୮) ଓପନ କରିଥିଲେ। ଦଳୀୟ ସ୍କୋର ୧୮ରେ ପରାଗ ପ୍ୟାଭିଲିୟନ ଫେରିବା ପରେ ଅନୁଷ୍ଟୁପ ମଜୁମଦାର(୪୭)ଙ୍କ ସହିତ ୭୯ ରନ ଯୋଡିଥିଲେ ସୁଦୀପ। ମଜୁମଦାରଙ୍କୁ ସିଦ୍ଧାର୍ଥ କୌଲ ଆଉଟ କରିବା ପରେ ବିରାଟ ସିଂ ଓ ସୁଦୀପ ଖେଳକୁ ଆଗେଇ ନେଇଥିଲେ। ଉଭୟ ୫୯ ରନ ଯୋଡିବା ପରେ ସେଟ ହୋଇ ସାରିଥିବା ସୁଦୀପଙ୍କୁ ଆଉଟ କରିଥିଲେ ସ୍ପିନର ହିମାଂଶୁ ରାଣା। ଆଉଟ ହେବା ପୂର୍ବରୁ ସେ ୧୩୭ ବଲ ଖେଳି ୧୦ ଚୌକା ମାରିଥିଲେ। ନର୍ଥ ଜୋନ ପକ୍ଷରୁ ନବଦୀପ ସାଇନି, ସିଦ୍ଧାର୍ଥ କୌଲ ଓ ହିମାଂଶୁ ରାଣା ଗୋଟିଏ ଲେଖାଏ ଉଇକେଟ ନେଇଥିଲେ। ଓଡ଼ିଶା ଖେଳାଳି ଶାନ୍ତନୁ ମିଶ୍ରଙ୍କୁ ଇଷ୍ଟ ଜୋନ ଚୂଡ଼ାନ୍ତ ଏକାଦଶରେ ସ୍ଥାନ ମିଳିନାହିଁ।

ଚେନ୍ନାଇରେ ୱେଷ୍ଟ ବନାମ ନର୍ଥଇଷ୍ଟ ମ୍ୟାଚରେ ୨୫ ଓଭର ଖେଳ ସମ୍ଭବ ହୋଇଛି। ଟସ୍ ଜିତି ନର୍ଥଇଷ୍ଟ ବୋଲିଂ ନେଇଥିଲା। ୱେଷ୍ଟ ଜୋନ୍ ଓପନର ପୃଥ୍ୱୀ ଶ (୬୧) ଓ ଯଶସ୍ୱୀ ଜୟସ୍ୱାଲ (୫୫) ପ୍ରଥମ ଉଇକେଟରେ ୧୧୬ ରନ୍ ଯୋଡିଛନ୍ତି। ଶ' ୬୬ ବଲ ଖେଳି ୫ ଚୌକା ଓ ୪ ଛକା ମାରିଥିବା ବେଳେ ଜୟସ୍ୱାଲ ୮୪ ବଲରୁ ୯ ଚୌକା ଓ ୧ ଛକା ମାରିଛନ୍ତି।

# ସ୍ୱର୍ଣ୍ଣପଦକ ନେଇ ଦହିୟା ଦୃଢ଼ ଆଶାବାଦୀ

**ନୂଆଦିଲ୍ଲୀ, ୮।୯ (ପି.ଟି.):** ଅଲିମ୍ପିକ ରୌପ୍ୟ ପଦକ ବିଜୟୀ ରେସ୍‌ଲର ରବି ଦହିୟା ଆଗାମୀ ବିଶ୍ୱ ଚାମ୍ପିୟନଶିପ୍ ଏବଂ ଆସନ୍ତା ବର୍ଷ ଚାଇନାର ହାଙ୍ଗ୍‌ଝୋଠାରେ ହେବାକୁଥିବା ଏସିଆନ ଗେମ୍ସରେ ସ୍ୱର୍ଣ୍ଣ ପଦକ ଜିତିବା ନେଇ ଦୃଢ ଆଶାବାଦୀ ଅଛନ୍ତି। ବିଶ୍ୱ ଚାମ୍ପିୟନଶିପ୍ ସେପ୍ଟେମ୍ବର ୧୦ରୁ ବ୍ରେଲଗ୍ରେଡରେ ଆରମ୍ଭ ହେବ। ଏଥିପାଇଁ ୨୪ ବର୍ଷୀୟ ଦହିୟା ବର୍ତ୍ତମାନ ରୁଷିଆରେ ଟ୍ରେନିଂ ନେଉଛନ୍ତି। ତାଙ୍କ ସହିତ କୋଚ୍ ଅରୁଣ କୁମାର ଯାଇଛନ୍ତି। ଭ୍ଲାଡିକାଭାକାଜ୍‌ସ୍ଥିତ ଏକାଡେମୀରେ ସେ ରୁଷୀୟ ରେସ୍‌ଲର ଓ କୋଚ୍‌ଙ୍କଠାରୁ ଟ୍ରେନିଂ ନେଉଛନ୍ତି। ଏହି ସ୍ଥାନରେ ଅଲିମ୍ପିକ ସ୍ୱର୍ଣ୍ଣ ବିଜେତା ଜାଉରବେକ୍ ସିଦାକୋଭ୍ ମଧ୍ୟ ତାଲିମ ନେଉଛନ୍ତି। ସୂଚନାଯୋଗ୍ୟ, ଦହିୟା ୨୦୧୯ ବିଶ୍ୱ ଚାମ୍ପିୟନଶିପ୍‌ରେ ଏକ ବ୍ରୋଞ୍ଜ ଜିତିଥିଲେ।

# ମହିଳା ଫୁଟବଲରଙ୍କ ବେତନ ବୃଦ୍ଧିକୁ ଚୌବେଙ୍କ ପ୍ରାଥମିକତା

**କୋଲକାତା,୮।୯(ପି.ଟି)**




ସର୍ବଭାରତୀୟ ଫୁଟବଲ ମହାସଂଘ(ଏଆଇଏଫଏଫ୍)ର ନବନିର୍ବାଚିତ ସଭାପତି କଲ୍ୟାଣ ଚୌବେ ମହିଳା ଫୁଟବଲରଙ୍କ ବେତନ ଏବଂ ମହିଳା ଖେଳାଳିଙ୍କ ବିକାଶ ଉପରେ ଗୁରୁତ୍ୱାରୋପ କରିଛନ୍ତି। ଚୌବେ କହିଛନ୍ତି ପୁରୁଷ ଏବଂ ମହିଳା ଖେଳାଳିଙ୍କ ମଧ୍ୟରେ ବେତନ ତାରତମ୍ୟ ଅଧିକ ରହିଛି । ଏହାକୁ ଯଥାସମ୍ଭବ ହ୍ରାସ କରିବା ଆମର ପ୍ରାଥମିକତା ରହିବ। ସେହିପରି ସନ୍ତୋଷ ଟ୍ରଫି ପରି ପୁରୁଣା ଟୁର୍ନାମେଣ୍ଟଗୁଡିକୁ ଅଧିକ ସକ୍ରିୟ କରିବା ଦ୍ୱାରା ଜାତୀୟ ଦଳ ପାଇଁ ଖେଳାଳିଙ୍କ ଏକ ପୁଲ୍ ପ୍ରସ୍ତୁତ କରିବା ତାଙ୍କର ଲକ୍ଷ୍ୟ ବୋଲି ସେ କହିଛନ୍ତି। ଏହା ସହିତ ଜାତୀୟ ମହିଳା ଫୁଟବଲ ଲିଗ୍‌କୁ ପୂର୍ବାପେକ୍ଷା ଅଧିକ ସୁନ୍ଦର କରାଯିବ। ବର୍ତ୍ତମାନ ଅନ୍ତର୍ଜାତୀୟ ମୁକାବିଲା ଖେଳିବା ସମୟରେ ଉଭୟ ପୁରୁଷ ଓ ମହିଳା ଖେଳାଳିଙ୍କୁ ୩୦ ଡଲାରର ଦୈନିକ ଭତ୍ତା ପ୍ରଦାନ କରାଯାଏ। ତେବେ ବିଭିନ୍ନ ଲିଗ୍‌ରେ ମହିଳାଙ୍କୁ କମ୍ ବେତନ ମିଳୁଥିବା ବେଳେ ଏଥିରେ ଉନ୍ନତି ଆଣିବା ପାଇଁ ସେ ବଦ୍ଧପରିକର ବୋଲି କହିଛନ୍ତି ଚୌବେ। ଜାତୀୟ ମହିଳା ଲିଗ୍‌ରେ ଚାମ୍ପିୟନ ଦଳକୁ ୧୦ ଲକ୍ଷ ଟଙ୍କାର ପୁରସ୍କାର ମିଳୁଥିବା ବେଳେ ଆଇ ଲିଗ୍‌ରେ ୪ର୍ଥ ସ୍ଥାନ ହାସଲ କରୁଥିବା ଦଳକୁ ୨୫ ଲକ୍ଷ ଟଙ୍କା ପ୍ରଦାନ କରାଯାଉଛି।









4-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ

**ନିମ୍ସ ପକ୍ଷରୁ ସ୍ୱାସ୍ଥ୍ୟସେବା ଶିବିର**

ପିପିଲି,(ଡି.ଏନ୍.ଏ.): ପ୍ରତିବର୍ଷ ବିଶ୍ୱ ଫିଜିଓଥେରାପି ଦିବସ ଭାବେ ସେପ୍ଟେମ୍ବର ୮କୁ ପାଳନ କରାଯାଉଛି। ଏହି ଅବସରରେ ପିପିଲି ବ୍ଲକ ଅନ୍ତର୍ଗତ ଗୋବିନ୍ଦପୁର ପଞ୍ଚାୟତରେ ନିମ୍ସ ଭୁବନେଶ୍ୱରର ପକ୍ଷରୁ ବୁଧବାର ମାଗଣା ଫିଜିଓଥେରାପି ସ୍ୱାସ୍ଥ୍ୟସେବା ଶିବିର ଅନୁଷ୍ଠିତ ହୋଇଯାଇଛି। ବରିଷ୍ଠ ଖବରଦାତା ପୂର୍ଣ୍ଣଚନ୍ଦ୍ର ନାୟକ, ନିମ୍ସ ଫିଜିଓଥେରାପି କଲେଜର ଅଧକ୍ଷ ଡା. ଉମାଶଙ୍କର ଦାଶ, ଉପାଧକ୍ଷ ଡା. ଦିବ୍ୟ ପ୍ରିୟଦର୍ଶୀ ଦାଶ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ସ୍ୱାସ୍ଥ୍ୟ ଶିବିରରେ ଗୋବିନ୍ଦପୁର, ଜଇସିପାଟଣା, ଆରୁହା, ମାଟିଆପଡା ଗ୍ରାମରୁ ଶତାଧିକ ମହିଳା ଓ ପୁରୁଷ ରୋଗୀ ଯୋଗଦେଇ ସେମାନଙ୍କର ବିଭିନ୍ନ ଶାରୀରିକ ରୋଗ ସମସ୍ୟା ଉପରେ ଚିକିତ୍ସିତ ହୋଇଛନ୍ତି।

## ଶ୍ରୀମନ୍ଦିର ହୁଣ୍ଡିରୁ ଆୟ



୮।୯।୨୦୨୨

| | |
|---|---|
| ୨,୩୮,୦୯୮ ଟଙ୍କା | |
| ସୁନା | ୫୫୦ ମିଲିଗ୍ରାମ |
| ରୁପା | ୪୫.୪୦୦ ଗ୍ରାମ |

# ସୂର୍ଯ୍ୟ ମନ୍ଦିରରୁ ବାଲି କାଢ଼ିବା କାର୍ଯ୍ୟ ସାର୍ବଜନୀନ ହେଉ

କୋଣାର୍କ,୮।୯(ଡି.ଏନ୍.ଏ.)

ବିଶ୍ୱ ପ୍ରସିଦ୍ଧ ସୂର୍ଯ୍ୟ ମନ୍ଦିରର ସୌନ୍ଦର୍ଯ୍ୟ ବଢ଼ାଇବା ସହ ବିଶ୍ୱ ଦରବାରରେ ମନ୍ଦିରର କଳା, ସ୍ଥାପତ୍ୟର ନିଖୁଣତାକୁ ଦ୍ୱିଗୁଣିତ କରିବା ପାଇଁ ବିକାଶ କାର୍ଯ୍ୟ କରାଯିବ। ଏଥିପାଇଁ ବ୍ରିଟିଶ ଶାସନ ସମୟରେ ହୋଇଥିବା କାର୍ଯ୍ୟକୁ ଖୋଲାଯାଇ ନୂଆ ରୂପରେଖ କରାଯିବ। ସୂର୍ଯ୍ୟମନ୍ଦିରର ସଂରକ୍ଷଣ ସହ ସାମୁଦ୍ରିକ ଲୁଣା ବାଲିରୁ ସୁରକ୍ଷା ଦେବା ପାଇଁ ଇଂରେଜମାନେ ମନ୍ଦିର ଗର୍ଭ ଗୃହରେ ୧୯୦୩ ମସିହାରେ ବାଲି ଭର୍ତ୍ତି କରିଦେଇଥିଲେ। ତେବେ ଦୀର୍ଘ ୧୧୯ବର୍ଷ ଧରି ଗର୍ଭଗୃହ ବନ୍ଦ ଥିବାରୁ ମନ୍ଦିରର ସୁରକ୍ଷାକୁ ଦୃଷ୍ଟିରେ ରଖି ଏବେ ସେହି ବାଲିକୁ ବାହାର କରାଯିବ। ଏଥିପାଇଁ ଶନିବାର ସୂର୍ଯ୍ୟମନ୍ଦିର ପରିସରରେ ଭାରତୀୟ ପ୍ରତ୍ନତାତ୍ତ୍ୱିକ ବିଭାଗ(ଏଏସ୍‌ଆଇ) ପକ୍ଷରୁ ଏହି କାର୍ଯ୍ୟ ପାଇଁ ଭୂମି ପୂଜନ କରାଯାଇଛି। ତେବେ କେନ୍ଦ୍ର ସରକାରଙ୍କ ପକ୍ଷରୁ କୋଣାର୍କ ସୂର୍ଯ୍ୟ ମନ୍ଦିରର ଗର୍ଭଗୃହରୁ ବାଲି କଢ଼ାଯିବା ପାଇଁ ହୋଇଥିବା ନିଷ୍ପତ୍ତିକୁ ବିଭିନ୍ନ ମହଲରେ ପସନ୍ଦ କରାଯାଇଛି।



“ ଏଏସ୍‌ଆଇର ପଦକ୍ଷେପ ସ୍ୱାଗତ କରୁଛି। କିନ୍ତୁ ବୈଷୟିକ ଜ୍ଞାନକୌଶଳ ଅନୁସାରେ ଏହାର ଟିକିନିଖି ସଂରକ୍ଷଣ ପ୍ରତି ଧ୍ୟାନଦେଇ ବାଲି କଢ଼ାଯିବା ଆବଶ୍ୟକ। ମନ୍ଦିର ପ୍ରତି ଯେପରି କୋଣସି କ୍ଷତି ନ ହୁଏ। କୋଣାର୍କ ମନ୍ଦିରର ସୁରକ୍ଷା ଆମ ଓଡ଼ିଆ ଜାତିର ଗର୍ବ ଆଉ ଗୌରବ।

**–କେ. ରୋଶନ କୁମାର ମହାପାତ୍ର, ପର୍ଯ୍ୟଟକ, ଗଞ୍ଜାମ**

“ କୋଣାର୍କ ସୂର୍ଯ୍ୟ ମନ୍ଦିରରୁ ବାଲି କାଢ଼ିବା ନେଇ ଆରମ୍ଭ ହୋଇଥିବା ପ୍ରୟାସ ସ୍ୱାଗତଯୋଗ୍ୟ। କିନ୍ତୁ ଆମ ସମସ୍ତଙ୍କର ଗର୍ବ ଓ ଗୌରବ ଓଡ଼ିଆ ମାଟିର କୀର୍ତ୍ତିରାଜି କିଭଳି ଭାବେ ଅତୁଟ ରହିପାରିବ ସେଥିପାଇଁ ବିଶେଷଜ୍ଞମାନଙ୍କ ସହ ପରାମର୍ଶ କରି ବାଲି କାଢ଼ିବାର ପ୍ରୟାସ କରିବା ଉଚିତ। ଏଥିସହିତ ପ୍ରତ୍ନତତ୍ତ୍ୱ ବିଭାଗ ସମସ୍ତ ଘଟଣାବଳୀକୁ ସାର୍ବଜନୀନ କରିବା ଉଚିତ।



**– ରାମକୃଷ୍ଣ ମହାନ୍ତି, ସମ୍ପାଦକ, କୋଣାର୍କ ସୁରକ୍ଷା ସମିତି**

“ ସୂର୍ଯ୍ୟ ମନ୍ଦିରରୁ ବାଲି କଢ଼ାଯିବା ସ୍ୱାଗତଯୋଗ୍ୟ ପଦକ୍ଷେପ। କିନ୍ତୁ ମନ୍ଦିର କାନ୍ଥରେ ଥିବା କଳାକୃତି ଯେମିତି କ୍ଷତି ନ ହୁଏ, ଏଥିପ୍ରତି ବିଭାଗୀୟ ଅଧିକାରୀ ଯଥାସାଧ୍ୟ ଦୃଷ୍ଟି ଦେଉ। ଏହାଦ୍ୱାରା ପର୍ଯ୍ୟଟକ ଅଧିକ କଳାକୃତି ଦେଖିବାର ସୁଯୋଗ ପାଇପାରିବେ। ଯାହାକିଛି ମନ୍ଦିରରେ ହେଉଛି ତାହା ସାଧାରଣ ଲୋକ ଜାଣିବା ଆବଶ୍ୟକ। ଏହି କାର୍ଯ୍ୟ ପାଇଁ କୋଣାର୍କ ସୁରକ୍ଷା ସମିତି ପକ୍ଷରୁ ଆବଶ୍ୟକ ସହଯୋଗ କରାଯିବ।



**–ଭାଗୀରଥି ସ୍ୱାଇଁ, ଆବାହକ, କୋଣାର୍କ ସୁରକ୍ଷା ସମିତି**

“ ମୁଁ କୋଣାର୍କ ମନ୍ଦିର ବୁଲିବାକୁ ଆସିବା ୫ଥର ହୋଇଗଲାଣି। ମନ୍ଦିରର ସୋନ୍ଦର୍ଯ୍ୟକରଣ ହେବା ଦେଖି ଆସୁଅଛି। ଆଜି ଏଏସ୍‌ଆଇ ପକ୍ଷରୁ ମନ୍ଦିର ଭିତରରୁ ବାଲି କଢ଼ା ହେବା ପାଇଁ ଯେଉଁ ଭୂମି ପୂଜା କରାଯାଉଛି ଏହା ସ୍ୱାଗତଯୋଗ୍ୟ। ଏହାଦ୍ୱାରା ଅଧିକ ପର୍ଯ୍ୟଟକ ଭିତରକୁ ଯାଇ ପାରିବେ ଏବଂ ଭିତରର କଳାକୃତି ବିଷୟରେ ଜାଣିପାରିବେ। କିନ୍ତୁ ଏହି ମନ୍ଦିରର ସୁରକ୍ଷା ଓ ସଂରକ୍ଷଣ ପ୍ରତି ବିଶେଷ ଧ୍ୟାନ ଦେବା ଆବଶ୍ୟକ। ମନ୍ଦିର ପରିସରରୁ ବାଲି କାଢ଼ି ସୂର୍ଯ୍ୟ ଭଗବାନଙ୍କ ପୂଜାର୍ଚ୍ଚନା କରାଗଲେ ମୁଁ ଅତ୍ୟନ୍ତ ଖୁସି ହେବି।



**–ଏନ୍.ଏମ୍. ଶର୍ମା, ପର୍ଯ୍ୟଟକ, ଝାଡ଼ଖଣ୍ଡ**

# ମହାପ୍ରଭୁଙ୍କ ବଳିବାମନ ବେଶ



ପୁରୀ ଅଫିସ, ୮।୯:

ଶ୍ରୀମନ୍ଦିରରେ ଗୁରୁବାର ମହାପ୍ରଭୁଙ୍କ ବଳିବାମନ ବେଶ କରାଯାଇଛି। ଦ୍ୱିପ୍ରହର ଧୂପ ପରେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କୁ ବଳିବାମନ ବେଶରେ ସଜ୍ଜିତ କରାଯାଇଥିଲା। ଶ୍ରୀଜଗନ୍ନାଥ ସୁବର୍ଣ୍ଣ ଶ୍ରୀଭୁଜ ଓ ଶ୍ରୀପୟର ସହ ସ୍ୱର୍ଣ୍ଣ କିରୀଟରେ ଆଭୂଷିତ ହୋଇଥିଲେ। ମଥାରେ ଜୁଡ଼ା ଯୁକ୍ତ କେଶ ପାଇଁ କଳାକନାର ମଥାବରଣ ବ୍ୟବହୃତ ହୋଇଥିଲା। ସେହି କଳାକନାର ସମ୍ମୁଖ ପଟେ ଧଳାକନା ସିଲେଇ ଦ୍ୱାରା ଧଳା ଗାର ସୃଷ୍ଟି କରାଯାଇଥିଲା। ଏହା ଭସ୍ମରେଖା ବା ତିଳକର ପ୍ରତୀକ ରୂପେ ବିବେଚିତ ହୋଇଥିଲା। ମସ୍ତକରେ କିରୀଟ ଶୋଭା ପାଇଥିଲା। ବାମ ହସ୍ତରେ ଛତ୍ରୀ ଓ ଡାହାଣ ହସ୍ତରେ କୁଶଯୁକ୍ତ ରୁପା ଗଡ୍ଡୁ ଧାରଣ କରି ବାମନରୂପୀ ବ୍ରାହ୍ମଣ ବେଶରେ ମହାପ୍ରଭୁ ଭୂଷିତ ହୋଇଥିଲେ। ଦେବୀ ସୁଭଦ୍ରା ଓ ପ୍ରଭୁ ବଳଭଦ୍ର ସ୍ୱର୍ଣ୍ଣ ବେଶରେ ସଜ୍ଜିତ ହୋଇଥିଲେ। ବଳଭଦ୍ର ଶ୍ରୀହସ୍ତରେ ଧନୁ ଓ ଶର ଧରିଥିଲେ।

ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କୁ ସ୍ୱୟଂ ମହାବିଷ୍ଣୁ ଭାବେ ବିବେଚନା କରାଯାଇଥାଏ। ବିଷ୍ଣୁ ପଞ୍ଚମ ଅବତାରରେ ବାମନ ରୂପେ ଧରାପୃଷ୍ଠରେ ଅବତରଣ କରିଥିଲେ। ପୌରାଣିକ ଉପାଖ୍ୟାନ ଅନୁଯାୟୀ ଭଗବାନ ବିଷ୍ଣୁ ଏକ ଦିବ୍ୟ, ଜ୍ୟୋତିର୍ମୟ ବାମନ ବାଳକ ରୂପରେ ଧରାପୃଷ୍ଠକୁ ଆସି ବଳି ରାଜାଙ୍କ ଅହଙ୍କାର ଭାଙ୍ଗିଥିଲେ।

## ସଂକ୍ଷେପରେ

### ସ୍ୱଚ୍ଛ ବାୟୁ ଦିବସ ପାଳିତ

ପୁରୀ ଅଫିସ,୮।୯:

ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ତରଫରୁ ବୁଧବାର ପୁରୀ ଜିଲା ସ୍କୁଲରେ ସ୍ୱଚ୍ଛ ବାୟୁ ଦିବସ ପାଳିତ ହୋଇଯାଇଛି। ଏପିଡେମୋଲୋଜିଷ୍ଟ ଡାକ୍ତର ଲଳିତ କୁମାର ଦାସଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଭାରେ ଜିଲା ଜନସ୍ୱାସ୍ଥ୍ୟ ସଞ୍ଚାର ଅଧିକାରୀ ରବିନ୍ଦ୍ର କୁମାର ପ୍ରଧାନ, ସହକାରୀ ଜିଲା ଜନସ୍ୱାସ୍ଥ୍ୟ ଅଧିକାରୀ ଚଞ୍ଚଳା ପତିଙ୍କ ସମେତ ବିଦ୍ୟାଳୟର ଛାତ୍ରୀଛାତ୍ର ଉପସ୍ଥିତ ଥିଲେ। ସୁସ୍ଥ ବାୟୁମଣ୍ଡଳ ସୃଷ୍ଟି ସହ ଗ୍ରହଣ କରିବା, ସୁସ୍ଥ ଜୀବନ ବଞ୍ଚିବା ଓ ସୁନ୍ଦର ନୀଳ ଆକାଶକୁ ଉପଭୋଗ କରିବା ପାଇଁ ଡା. ଦାସ ପରାମର୍ଶ ଦେଇଥିଲେ। ଅଳ୍ପ ଦୂର ଯାତ୍ରା ପାଇଁ ମୋଟର ଯାନ ବ୍ୟବହାର ବଦଳରେ ସାଧାରଣ ପରିବହନ ବ୍ୟବହାର କରିବା, ଚାରା ଲଗାଇବା, ଜଙ୍ଗଲ ସୁରକ୍ଷା କରିବା ଏବଂ ଅଳିଆ ଆବର୍ଜନା ଏଣେତେଣେ ନ ଫୋପାଡ଼ିବା ପାଇଁ ଛାତ୍ରୀଛାତ୍ରଙ୍କୁ ପରାମର୍ଶ ଦିଆଯାଇଥିଲା।

### ପ୍ରେମାନନ୍ଦ ଦାସଙ୍କ ମହନ୍ତାଇ ଶାଢ଼ି ବନ୍ଧା



ପୁରୀ ଅଫିସ,୮।୯: ଭାଦ୍ରବ ଶୁକ୍ଳପକ୍ଷ ତ୍ରୟୋଦଶୀ ଗୁରୁବାରରେ ବାଲିସାହିସ୍ଥିତ ସିଦ୍ଧବକୁଳ ମଠ ପରିସରରେ ମଠ ଉତ୍ତରାଧିକାରୀ ତଥା ମହନ୍ତ ନିବାସ ଦାସଜୀ ମହାରାଜାଙ୍କ ଶିଷ୍ୟ ପ୍ରେମାନନ୍ଦ ଦାଶଙ୍କର ମହନ୍ତାଇ ଶାଢ଼ିବନ୍ଧା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପୂର୍ବାହ୍ନ ୧୦ଟା ୩୦ରେ ମଙ୍ଗଳାର୍ପଣ, ସାଢ଼େ ୧୧ଟାରେ ଶାଢ଼ିବନ୍ଧା କାର୍ଯ୍ୟକ୍ରମ ସମ୍ପାଦନ ହୋଇଥିଲା। ବିଭିନ୍ନ ମଠର ମହନ୍ତ ମହାମଣ୍ଡଳେଶ୍ୱରମାନେ ଉପସ୍ଥିତ ରହି ଆଶୀର୍ବାଦ ପ୍ରଦାନ କରିଥିଲେ। ମହନ୍ତ ଶ୍ରୀନିବାସ ଦାସଜୀ ମହାରାଜ, ସୁବଳ ଚରଣ ଦାସ ମହାରାଜ, ବୈଷ୍ଣବ ଚରଣ ଦାସଜୀ ମହାରାଜ, ଶ୍ରୀକୃଷ୍ଣ ଗୋପାଳ ଦାସ ଗୋସ୍ୱାମୀ, ଦେବାଶିଷ ଗୋସ୍ୱାମୀ ଏବଂ ରାଜଗୁରୁ ଗୋସ୍ୱାମୀ ପ୍ରମୁଖ ଉପସ୍ଥିତ ଥିଲେ। ମଠ ଅନ୍ତେବାସୀମାନେ ପୂଜାର୍ଚ୍ଚନା ଓ ପ୍ରସାଦ ସେବନ କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ।




ପୁରୀ ୟୁଥ ହଷ୍ଟେଲରେ ଗୁରୁବାର ଏନ୍‌ଏଫ୍ ଟାଇମ୍ସ ଏବଂ ନେହେରୁ ଯୁବକେନ୍ଦ୍ରର ମିଳିତ ସହଯୋଗରେ ଅନ୍ତର୍ଜାତୀୟ ସାକ୍ଷରତା ଦିବସ ପାଳନ କାର୍ଯ୍ୟକ୍ରମରେ ଅତିଥିଙ୍କ ସହ ସମ୍ବର୍ଦ୍ଧିତ ବ୍ୟକ୍ତିତ୍ୱ।

# ସାକ୍ଷରତା ହାର ବୃଦ୍ଧି ହେଲେ ସମାଜର ବିକାଶ ସମ୍ଭବ

ପୁରୀ ଅଫିସ, ୮।୯:

ପୁରୀ ୟୁଥ ହଷ୍ଟେଲରେ ଗୁରୁବାର ଏନ୍‌ଏଫ୍ ଟାଇମ୍ସ ଏବଂ ନେହେରୁ ଯୁବକେନ୍ଦ୍ରର ମିଳିତ ସହଯୋଗରେ ଅନ୍ତର୍ଜାତୀୟ ସାକ୍ଷରତା ଦିବସ ପାଳିତ ହୋଇଯାଇଛି। ଜିଲାପାଳ ସମର୍ଥ ବର୍ମା କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ପୁରୀ ବିଧାୟକ ଜୟନ୍ତ କୁମାର ଷଡ଼ଙ୍ଗୀ, କବି ମାନସ ରଞ୍ଜନ ମହାପାତ୍ର, ସାମ୍ବାଦିକ ସୁନୀଲ ମିଶ୍ର ପ୍ରମୁଖ ଯୋଗ ଦେଇଥିଲେ। ଏନ୍‌ଏଫ୍ ଟାଇମ୍ସ ଓ ଉତ୍କଳମେଲ୍‌ର ମୁଖ୍ୟ ସମ୍ପାଦକ ପୀତବାସ ମିଶ୍ର ଅଧ୍ୟକ୍ଷତା କରିଥିବାବେଳେ ଏନ୍‌ୱାଇକେଏସ୍ ପୁରୀର ଜିଲା ସଂଯୋଜକ ଜୟଶଙ୍କର ଜୋଷୀ ସ୍ୱାଗତ ଭାଷଣ ଦେଇଥିଲେ। ସାକ୍ଷରତା ହାର ବୃଦ୍ଧି ଦ୍ୱାରା ହିଁ ସମାଜର ବିକାଶ ସମ୍ଭବ ବୋଲି ଆୟୋଜିତ କାର୍ଯ୍ୟକ୍ରମରେ ଅତିଥିମାନେ ମତ ରଖିଥିଲେ। ଲୋକେ ସାକ୍ଷର ହେଲେ ନିଜ ଅଧିକାର ସାବ୍ୟସ୍ତ କରିବା ସହ ସ୍ୱାବଲମ୍ବୀ ହୋଇପାରିବେ। ଅର୍ଥନୈତିକ ଅଭିବୃଦ୍ଧି ମଧ୍ୟ ସମ୍ଭବପର ହୋଇପାରିବ ବୋଲି ଅତିଥିମାନେ କହିଥିଲେ। ସାମ୍ବାଦିକ ବିବେକ ଦାସ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଶ୍ରଦ୍ଧାଞ୍ଜଳି କାନୁନଗୋ, ସୌଭାଗ୍ୟ ପଟ୍ଟନାୟକ, ଶୈଳବାଳା ମହାପାତ୍ର, ମମତା ମିଶ୍ର, ମଞ୍ଜୁଳା ମିଶ୍ର, କ୍ରିଷ୍ଣା ମହାପାତ୍ର, ନିର୍ମଳା ଫତେସିଂ, ଭାବନା ଭୂୟାଁ, ସୁଜାତା ସିଂ, ବିବେକ ଦାସ ଏବଂ ବିଶ୍ୱମିତ ମିଶ୍ର ପ୍ରମୁଖଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଆଲୋଚନାଚକ୍ର ସହ କବିତା ପାଠୋତ୍ସବ ଅନୁଷ୍ଠିତ ହୋଇଥିଲା। ଶ୍ୟାମପ୍ରକାଶ ସେନାପତି କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ସନ୍ତୋଷ କୁମାର ସେଠୀ ଧନ୍ୟବାଦ ଦେଇଥିଲେ।

# ପପୁ ବରାଳଙ୍କ ବିରୋଧରେ ଏନ୍‌ଏସ୍‌ଏ ଲାଗୁ

**ଗ୍ୟାଙ୍ଗ୍‌ୱାର ରୋକିବା ପାଇଁ ଝାରପଡ଼ା ଜେଲକୁ ସ୍ଥାନାନ୍ତର**

ପୁରୀ ଅଫିସ,୮।୯:

ପପୁ ବରାଳଙ୍କ ବିରୋଧରେ ଜାତୀୟ ସୁରକ୍ଷା ଆଇନ (ଏନ୍‌ଏସ୍‌ଏ) ଲାଗୁ କରାଯାଇଛି। ଏଥିସହ ଗ୍ୟାଙ୍ଗ୍‌ୱାର ରୋକିବା ପାଇଁ ତାଙ୍କୁ ଭୁବନେଶ୍ୱରସ୍ଥିତ ଝାରପଡ଼ା ଜେଲକୁ ସ୍ଥାନାନ୍ତର କରାଯାଇଛି। ଜିଲାପାଳ ସମର୍ଥ ବର୍ମା ଏବଂ ଏସ୍‌ପି କନୱର ବିଶାଲ ସିଂଙ୍କ ନିର୍ଦ୍ଦେଶ କ୍ରମେ ଏହି ପଦକ୍ଷେପ ନିଆଯାଇଛି। ପପୁ କ୍ରମାଗତ ଭାବେ ଆପରାଧିକ କାର୍ଯ୍ୟକଳାପରେ ଲିପ୍ତ ରହୁଥିବାରୁ ତାଙ୍କୁ ଏନ୍‌ଏସ୍‌ଏରେ ବୁକ୍ କରାଯାଇଥିବା ଅତିରିକ୍ତ ଏସ୍‌ପି ମିହିର ପଣ୍ଡା ସୂଚନା ଦେଇଛନ୍ତି।

ପୁରୀ ଜିଲା କାରାଗାରରେ ପପୁଙ୍କୁ ଆକ୍ରମଣ କରାଯିବା ପରେ ଆପରାଧିକ କାର୍ଯ୍ୟକଳାପ ବଢ଼ିବା ନେଇ ଆଶଙ୍କା ଜୋର ଧରିଥିଲା। ପୋଲିସ ଏହାକୁ ଦୃଷ୍ଟିରେ ରଖି ପପୁଙ୍କ ବିରୋଧରେ ଏନ୍‌ଏସ୍‌ଏ ଲାଗୁ କରିଥିବାବେଳେ ତାଙ୍କ ଆକ୍ରମଣକାରୀଙ୍କୁ ଚୌଦ୍ୱାର ଜେଲକୁ ସ୍ଥାନାନ୍ତର କରିଛି। ଗତ ତିନି ମାସ ମଧ୍ୟରେ ପପୁଙ୍କ ବିରୋଧରେ ୩ଟି ଆପରାଧିକ ମାମଲା ସମେତ ୧୧୦ ସିଆର୍‌ପିସି ଲାଗୁ କରାଯାଇଛି। ବାରମ୍ବାର ନୋଟିସ୍ ସତ୍ତ୍ୱେ ସେ ବ୍ୟକ୍ତିଗତ ଭାବେ ଥାନାରେ ହାଜର ହୋଇ ନ ଥିଲେ। ଫଳରେ ତାଙ୍କ ବିରୋଧରେ ଜାମିନବିହୀନ ଗିରଫ ପରୱାନା ଇସ୍ୟୁ ହୋଇସାରିଛି। କଟକସ୍ଥିତ ଏସ୍‌ସିବି ମେଡିକାଲରେ ତାଙ୍କର ଚିକିତ୍ସା ସରିବା ପରେ ଗୁରୁବାର ତାଙ୍କୁ ଝାରପଡ଼ା ଜେଲକୁ ନିଆଯାଇଛି। ଏବେ ସେ ସେଠାରେ ରହିବେ ବୋଲି ଅତିରିକ୍ତ ଏସ୍‌ପି ପଣ୍ଡା କହିଛନ୍ତି।

ଉଲ୍ଲେଖଯୋଗ୍ୟ, ପପୁ ପୁରୀ ସହରର ଜଣେ ଗ୍ୟାଙ୍ଗଷ୍ଟର ଭାବେ ପରିଚିତ। ପୁରୀ ସହରର ଅନେକ ଛୋଟବଡ଼ ଅପରାଧୀ ତାଙ୍କ ଛତ୍ରଛାୟା ତଳେ ବଢ଼ିଛନ୍ତି। ପପୁ ସେମାନଙ୍କୁ ଆର୍ଥିକ ଓ ଆପରାଧିକ କାର୍ଯ୍ୟକଳାପରେ ସହଯୋଗ କରି ଆସିଛନ୍ତି। ଜେଲରେ ରହି ମଧ୍ୟ ସେ ପୁରୀ ସହରରେ ଆପରାଧିକ କାର୍ଯ୍ୟକଳାପକୁ ପରୋକ୍ଷ ଭାବେ ଚଳାଉଥିଲେ। ଏଣୁ ତାଙ୍କୁ ଜେଲ ବାହାରକୁ ଛାଡ଼ିବାକୁ ପୋଲିସ ଚାହୁଁନାହିଁ ବୋଲି ଜଣେ ପୋଲିସ ଅଧିକାରୀ କହିଛନ୍ତି। ସେହିଭଳି ପପୁଙ୍କୁ ଆକ୍ରମଣ କରିଥିବା ଅଭିଯୁକ୍ତ ମଧ୍ୟ ପୁରୀ ଜେଲ୍‌ରେ ନିଜକୁ ସୁରକ୍ଷିତ ମଣୁ ନ ଥିଲେ। ଫଳରେ ତାଙ୍କୁ ଚୌଦ୍ୱାର ଜେଲକୁ ସ୍ଥାନାନ୍ତର କରାଯାଇଛି। ତାଙ୍କର କେତେଜଣ ସହଯୋଗୀ ଏବେ ପୁରୀ ଜିଲା କାରାଗାରରେ ଅଛନ୍ତି। ଏଣୁ ପପୁଙ୍କୁ ସେଠାରେ ରଖିବା ବିପଦପୂର୍ଣ୍ଣ ବୋଲି ପୋଲିସ ସ୍ୱୀକାର କରିଛି। ଜେଲରେ ଆପରାଧିକ କାର୍ଯ୍ୟକଳାପ ଏବଂ ଅସ୍ଥିରତାକୁ ରୋକିବା ପାଇଁ ପକ୍ଷରୁ ଏଭଳି ପଦକ୍ଷେପ ନିଆଯାଇଥିବା ଜଣାପଡ଼ିଛି। ଅନ୍ୟପକ୍ଷରେ ପପୁଙ୍କ ସ୍ତ୍ରୀ ମଞ୍ଜୁ ବରାଳ କହିଛନ୍ତି, ଶ୍ୱଶୁରଙ୍କ ଦେହାନ୍ତ ପରେ ଦ୍ୱାଦଶାହ ଦିନ ପୋଲିସ ତାଙ୍କୁ ଉଠାଇନେଲେ। ଜଣେ ପୋଲିସ ଅଧିକାରୀଙ୍କ ଅଭିଯୋଗ କ୍ରମେ ପପୁଙ୍କୁ ଗିରଫ କରାଯାଇଛି। ବିନା କାରଣରେ ତାଙ୍କୁ ବାରମ୍ବାର ଟାର୍ଗେଟ କରାଯାଉଛି। ପୋଲିସ ଜାଣିଶୁଣି ତାଙ୍କୁ ଜେଲରେ ରଖିବାକୁ ଚାହୁଁଛି। ତାଙ୍କ ବିରୋଧରେ ଏନ୍‌ଏସ୍‌ଏ ଲାଗୁ କରାଯିବାର କୌଣସି କାରଣ ନାହିଁ। ଏସବୁ କେବଳ ପୋଲିସର ସ୍ୱେଚ୍ଛାଚାରିତା ବୋଲି ମଞ୍ଜୁ ଅଭିଯୋଗ କରିଛନ୍ତି।

## ଶଟର୍ ତାଡ଼ି ମୋବାଇଲ ଷ୍ଟୋରରୁ ଚୋରି

ପୁରୀ ଅଫିସ,୮।୯:

ବଡ଼ଦାଣ୍ଡ ମାର୍କେଟ ଛକସ୍ଥିତ ଭିଭୋ ଏକ୍ସକ୍ଲୁସିଭ୍ ଷ୍ଟୋରରୁ ଚୋରି ହୋଇଛି। ବୁଧବାର ରାତିରେ ଦୁର୍ବୃତ୍ତମାନେ ଶଟର୍ ତାଡ଼ି ୫ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କାର ମୋବାଇଲ ଓ ନଗଦ ଦେଢ଼ ଲକ୍ଷ ଟଙ୍କା ଲୁଟି ନେଇଛନ୍ତି। ଗୁରୁବାର ପୂର୍ବାହ୍ନ ୧୦ଟାରେ ଷ୍ଟୋର କର୍ମଚାରୀ ଦୀପକ ଦୋକାନ ଖୋଲିବାକୁ ଯିବାବେଳେ ଶଟର ତଡ଼ା ହୋଇଥିବା ଦେଖିବାକୁ ପାଇଥିଲେ। ସେ ଏ ନେଇ ଷ୍ଟୋର ମ୍ୟାନେଜର ସମୀର ଦାଶଙ୍କୁ ଅବଗତ କରାଇଥିଲେ। ସମୀର ଟାଉନ ଥାନାରେ ଏତଲା ଦେବା ପରେ ପୋଲିସ ଏକ ମାମଲା (ନଂ. ୨୮୭/୨୨)ରୁଜୁ କରି ତଦନ୍ତ ଚଳାଇଛି। ପୋଲିସର ଏକ ଟିମ୍ ଷ୍ଟୋରର ସିସିଟିଭି ଯାଞ୍ଚ କରିଥିବାବେଳେ ସାଇଣ୍ଟିଫିକ୍ ଟିମ୍ ଘଟଣାସ୍ଥଳରେ ପହଞ୍ଚି ଛାନ୍‌ଭିନ୍ କରିଛି। ଥାନା ଆଇଆଇସି ଗୋକୁଳ ରଞ୍ଜନ ଦାଶ କହିଛନ୍ତି, ସିସିଟିଭି ଫୁଟେଜ୍‌ରେ ଜଣେ ବ୍ୟକ୍ତି ଶଟର୍ ତାଡ଼ି ଷ୍ଟୋର ଭିତରକୁ ପ୍ରବେଶ କରୁଥିବା ଦେଖିବାକୁ ମିଳୁଛି। ସେହିଭଳି ଚୋର ବାରମ୍ବାର ପଛକୁ ବୁଲି ଚାହୁଁଥିବା ଦୃଶ୍ୟ କଏଦ ହୋଇଛି। ଏକାଧିକ ବ୍ୟକ୍ତି ଏହି ଚୋରିରେ ସମ୍ପୃକ୍ତ ଥିବା ଏଥିରୁ ସ୍ପଷ୍ଟ ହେଉଛି।

# ମାସିକ ୨୬ ହଜାର ଟଙ୍କା ଦରମା ଦିଆଯାଉ




ଓଡ଼ିଶା ଆଶାକର୍ମୀ ଆସୋସିଏଶନ୍‌ର ପ୍ରଥମ ସମ୍ମିଳନୀରେ ଉପସ୍ଥିତ କର୍ମକର୍ତ୍ତା ।

**ଆଶାକର୍ମୀ ଆସୋସିଏଶନ୍‌ର ଦାବି**

ପୁରୀ ଅଫିସ,୮।୯:

ଓଡ଼ିଶା ଆଶାକର୍ମୀ ଆସୋସିଏଶନ୍‌ର ପ୍ରଥମ ସମ୍ମିଳନୀ ଗୁରୁବାର ସ୍ଥାନୀୟ ମଙ୍ଗଳ ମଣ୍ଡପରେ ଅନୁଷ୍ଠିତ ହୋଇଯାଇଛି। ସମ୍ମିଳନୀରେ ପୀତବାସ ବେହେରା ସଭାପତିତ୍ୱ କରିଥିଲେ। ଆସୋସିଏଶନ୍‌ର ରାଜ୍ୟ ସଭାପତି ଲୋଭାକାନ୍ତ ସ୍ୱାଇଁ ସମ୍ମିଳନୀକୁ ଉଦଘାଟନ କରି ପୁରୀ ଜିଲା ସଂଘକୁ ଗ୍ରାମାଞ୍ଚଳ ସ୍ତରରୁ ସକ୍ରିୟ କରିବାକୁ ପରାମର୍ଶ ଦେଇଥିଲେ। ମାସିକ ୨୬ହଜାର ଟଙ୍କା ଦରମା, ବୀମା, ପେନସନ୍, ଇପିଏଫ୍, ଇଏସ୍‌ଆଇ ସୁବିଧା ଓ ମୃତ୍ୟୁକାଳୀନ ସହାୟତା ବାବଦକୁ ୫ ଲକ୍ଷ ଟଙ୍କା ଯୋଗାଇବାକୁ ପ୍ରଶାସନ ନିକଟରେ ଦାବି କରାଯାଇଛି। ସମ୍ମିଳନୀରେ ୨୨ଜଣିଆ ପଦାଧିକାରୀ ଚୟନ କରାଯାଇଛି। ସର୍ବସମ୍ମତି କ୍ରମେ ପୀତବାସ ବେହେରା ଆସୋସିଏଶନର ଆବାହକ ଭାବେ ନିର୍ବାଚିତ ହୋଇଛନ୍ତି। ବନବାସିନୀ ମହାପାତ୍ର, ଜଗନ୍ନାଥ ଦେଓ ଏବଂ ଶ୍ରୀକ୍ଷେତ୍ରୀ ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ।

# କଲେଜ ପ୍ରତିଷ୍ଠା ଦିବସ ପାଳିଲା ପୁରାତନ ଛାତ୍ର ସଂଘ




କୋଣାର୍କ ଭଗବତୀ ମହାବିଦ୍ୟାଳୟର ୪୫ତମ ପ୍ରତିଷ୍ଠା ଦିବସ ସମାରୋହରେ ମଞ୍ଚାସୀନ ଅତିଥି ।

କୋଣାର୍କ,୮।୯(ଡି.ଏନ୍.ଏ.):

କୋଣାର୍କର ପୁରାତନ ଶିକ୍ଷାନୁଷ୍ଠାନ କୋଣାର୍କ ଭଗବତୀ ମହାବିଦ୍ୟାଳୟର ୪୫ତମ ପ୍ରତିଷ୍ଠା ଦିବସ ସମାରୋହ ପୁରାତନ ଛାତ୍ର ସଂଘ ପକ୍ଷରୁ ବୁଧବାର ପାଳନ କରାଯାଇଛି। ପୁରାତନ ଛାତ୍ର ସଂଘର ସଭାପତି ହୃଦାନନ୍ଦ ସେଠୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସମାରୋହରେ ଅତିଥି ଭାବେ ଅଧ୍ୟକ୍ଷ ନୟନ କୁମାର ଦତ୍ତ, ପ୍ରାକ୍ତନ ଅଧ୍ୟକ୍ଷ ଡ. କାର୍ତ୍ତିକ ଚନ୍ଦ୍ର ଦାସ, କୋଣାର୍କ ଏନ୍‌ଏସି ଅଧ୍ୟକ୍ଷା ସୁଶ୍ରୀ ସଂଯୁକ୍ତା ତ୍ରିପାଠୀ, କଲେଜ ପ୍ରତିଷ୍ଠାତା ସଦସ୍ୟ ହରେକୃଷ୍ଣ ମହାନ୍ତି, ବଂଶୀଧର ବିଶ୍ୱାଳ ଓ ପୂର୍ବତନ ପରିଚାଳନା କମିଟି ସଦସ୍ୟ ରାଜକିଶୋର ମହାପାତ୍ର ପ୍ରମୁଖ ଯୋଗଦେଇଥିଲେ। ଏଥିସହ କଲେଜର ବହୁବିଧ ଉନ୍ନତି କଲେଜ କର୍ତ୍ତୃପକ୍ଷ, ପୁରାତନ ଛାତ୍ରୀଛାତ୍ର, ଅଧ୍ୟୟନରତ ଛାତ୍ରୀଛାତ୍ର, ବୁଦ୍ଧିଜୀବୀ, ଗଣମାଧ୍ୟମ ପ୍ରତିନିଧି ଓ ବରିଷ୍ଠ ନାଗରିକଙ୍କ ସାମୂହିକ ପ୍ରଚେଷ୍ଟା ଦ୍ୱାରା ସମ୍ଭବ ବୋଲି ବକ୍ତାମାନେ କହିଥିଲେ। କାର୍ଯ୍ୟକ୍ରମରେ କଲେଜର ଅଧିକାଂଶ ଅଧ୍ୟାପକ ଓ କର୍ମଚାରୀ ଅନୁପସ୍ଥିତ ଥିବାବେଳେ କେତେଜଣ ଅଧ୍ୟାପକ, ଛାତ୍ରୀଛାତ୍ର ଓ ପୁରାତନ ଛାତ୍ରୀଛାତ୍ର ଉପସ୍ଥିତ ଥିଲେ। କଲେଜ ପୁରାତନ ଛାତ୍ର ସଂଘର କୁନାଲ ପାତ୍ର, ପିନାକୀ ପ୍ରସାଦ ନାୟକ, ପ୍ରିୟ ରଞ୍ଜନ ରଥ, ପଞ୍ଚାନନ ସ୍ୱାଇଁ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଅନ୍ୟପଟେ ଏହି ପ୍ରତିଷ୍ଠା ଦିବସ କଲେଜ କର୍ତ୍ତୃପକ୍ଷଙ୍କ ଦ୍ୱାରା ପାଳନ କରା ନ ଯାଇ ପୁରାତନ ଛାତ୍ର ସଂଘ ପକ୍ଷରୁ ହୋଇଥିବା ଘଟଣା ଚର୍ଚ୍ଚାର ବିଷୟ ପାଲଟିଛି। ସୂଚନାଯୋଗ୍ୟ, କରୋନା ମହାମାରୀ ଯୋଗୁ ଗତ ୨ ବର୍ଷ ଧରି କଲେଜ ପ୍ରତିଷ୍ଠା ଦିବସ ପାଳନ ହୋଇ ନ ଥିଲା। ଏନେଇ କଲେଜ ଅଧ୍ୟକ୍ଷ ଦତ୍ତଙ୍କୁ ପଚରାଯିବାରୁ, ୨୦୨୦ରୁ ସେ ଦାୟିତ୍ୱ ଗ୍ରହଣ କରିଥିଲେ। ହେଲେ ସେ ଅଧ୍ୟକ୍ଷ ଦାୟିତ୍ୱରୁ ଓହରି ଯିବାକୁ ଉଚ୍ଚଶିକ୍ଷା ବିଭାଗକୁ ଚିଠି ମାଧ୍ୟମରେ ଜଣାଇଥିଲେ। କର୍ତ୍ତୃପକ୍ଷ ତାଙ୍କ ଚିଠି ଗ୍ରହଣ କରିଥିଲେ ମଧ୍ୟ ତାଙ୍କୁ ଦାୟିତ୍ୱରୁ ନିବୃତ୍ତ କରିନାହାନ୍ତି। ତାଙ୍କ ଆର୍ଥିକ କ୍ଷମତା ନ ଥିବାରୁ କଲେଜ ପ୍ରତିଷ୍ଠା ଦିବସ ପାଳନ କରିପାରି ନ ଥିବା ସେ କହିଥିଲେ। ଏପରି କାର୍ଯ୍ୟକୁ ବୁଦ୍ଧିଜୀବୀମାନେ ନାପସନ୍ଦ କରିବା ସହ ଏହାର ଉଚ୍ଚସ୍ତରୀୟ ତଦନ୍ତ ଦାବି କରିଛନ୍ତି।

# ଶିକ୍ଷକ ନିଯୁକ୍ତି ଦାବିରେ ବିଦ୍ୟାଳୟରେ ତାଲା

- ୧ମରୁ ୭ମ ଶ୍ରେଣୀ ପର୍ଯ୍ୟନ୍ତ ଜଣେ ଶିକ୍ଷକ
- ଅଭିଭାବକଙ୍କ ମଧ୍ୟରେ ଅସନ୍ତୋଷ

ଅସ୍ତରଙ୍ଗ,୮।୯(ଡି.ଏନ୍.ଏ.)




ଅସ୍ତରଙ୍ଗ ଶିକ୍ଷା ମଣ୍ଡଳ ଅଧୀନ ତାଳଦା ପଞ୍ଚାୟତରେ ଥିବା ଡିହକରଡା ପ୍ରାଥମିକ ବିଦ୍ୟାଳୟ ଅବସ୍ଥିତ। ପ୍ରତି ଶ୍ରେଣୀ ପାଇଁ ଜଣେ ଶିକ୍ଷକ ରହିବା ନିୟମ ଥିବାବେଳେ ବିଦ୍ୟାଳୟରେ ପ୍ରଧାନଶିକ୍ଷକ ନ ଥିବା ସହ ଜଣେ ମାତ୍ର ଶିକ୍ଷକରେ ଶିକ୍ଷାଦାନ ଚାଲିଛି। ଏଥିଯୋଗୁ ଶିକ୍ଷାଦାନ ବାଧାପ୍ରାପ୍ତ ହେଉଥିବା ଅଭିଯୋଗ ଆଣିଛନ୍ତି ଅଭିଭାବକ। ଏ ସମ୍ପର୍କରେ ଦାୟିତ୍ୱରେ ଥିବା ବ୍ଲକ ଶିକ୍ଷା ଅଧିକାରୀଙ୍କୁ ବାରମ୍ବାର ଅଭିଯୋଗ ଜଣାଇବା ସତ୍ତ୍ୱେ ସମସ୍ୟା ସୁଧୁରି ନାହିଁ। ଶେଷରେ ଅଭିଭାବକ ଓ ଗ୍ରାମବାସୀ ଉତ୍ତ୍ୟକ୍ତ ହୋଇ ଗୁରୁବାର ଛାତ୍ରୀଛାତ୍ରଙ୍କୁ ନେଇ ବିଦ୍ୟାଳୟ କ୍ଲାସ୍‌ରୁମରେ ତାଲା ପକାଇ ଦେଇଛନ୍ତି।

ବିଦ୍ୟାଳୟ କମିଟି ସଭାପତି ସୁଧୀର ସ୍ୱାଇଁଙ୍କ ଅଭିଯୋଗ ଅନୁଯାୟୀ, ଉକ୍ତ ବିଦ୍ୟାଳୟରେ ପ୍ରଥମ ଶ୍ରେଣୀଠାରୁ ସପ୍ତମ ଶ୍ରେଣୀ ପର୍ଯ୍ୟନ୍ତ ୪୪ଜଣ ପିଲା ପଢ଼ନ୍ତି। ହେଲେ ଦୀର୍ଘଦିନ ହେବ ଏଠାରେ କେହି ପ୍ରଧାନଶିକ୍ଷକ କି ଆବଶ୍ୟକ ଶିକ୍ଷକ ନାହାନ୍ତି। କେବଳ ଜଣେ ମାତ୍ର ଶିକ୍ଷକ ଆସି ବିଦ୍ୟାଳୟ କାର୍ଯ୍ୟାଳୟ ବୁଲାଇବା ସହ ଛାତ୍ରୀଛାତ୍ରଙ୍କୁ ପାଠ ପଢ଼ାଉଛନ୍ତି। ଏତେ ଛାତ୍ରୀଛାତ୍ରଙ୍କୁ ଜଣେ ଶିକ୍ଷକ ପାଠ ପଢ଼ାଇବାରେ ନାନା ଅସୁବିଧା ହେଉଛି। ଏ ନେଇ ପ୍ରଶାସନକୁ ଜଣାଇଥିଲେ ମଧ୍ୟ କେହି କର୍ଣ୍ଣପାତ କରୁ ନାହାନ୍ତି। ଏପରିକି ଗତ ଦୁଇଦିନ ହେବ ଛାତ୍ରୀଛାତ୍ର ଏଣେତେଣେ ବୁଲି ନିଜ ଭିତରେ ଗଣ୍ଡଗୋଳ କରି ଖଣ୍ଡିଆ ଖାବରା ହୋଇଥିବା ଦେଖି ଅଭିଭାବକମାନେ ଉତ୍ତ୍ୟକ୍ତ ହୋଇଯାଇଥିଲେ। ଫଳରେ ଅଭିଭାବକ ଓ ଗ୍ରାମବାସୀ ସମସ୍ତେ ଏକାଠି ହୋଇ ଗୁରୁବାର ସ୍କୁଲରେ ତାଲା ପକାଇ ଦେଇଥିଲେ। ଏ ସମ୍ପର୍କରେ ଅସ୍ତରଙ୍ଗ ବ୍ଲକ ଦାୟିତ୍ୱରେ ଥିବା କାକଟପୁରର ଶିକ୍ଷା ଅଧିକାରୀ ମନ୍ଦରଧର ମହାନ୍ତି କହିଛନ୍ତି, ଏବେ ଜଣେ ଶିକ୍ଷକ ନିଯୁକ୍ତି କରାଯାଇଛି। ଖୁବ୍‌ଶୀଘ୍ର ଅଧିକ ଶିକ୍ଷକ ନିଯୁକ୍ତି କରାଯିବ। କିନ୍ତୁ ଅଭିଭାବକ ଲକ୍ଷ୍ମୀପ୍ରିୟା ବିଶ୍ୱାଳ, ଲକ୍ଷ୍ମୀପ୍ରିୟା ଦାସ, ପ୍ରଫୁଲ୍ଲ ପରିଡ଼ାଙ୍କ ସମେତ ସମସ୍ତ ଗ୍ରାମବାସୀ ନିଜ ଜିଦରେ ଅଟଳ ରହି ଦାବି ପୂରଣ ନ ହେବା ପର୍ଯ୍ୟନ୍ତ ବିଦ୍ୟାଳୟରୁ ତାଲା ଖୋଲାଯିବ ନାହିଁ ବୋଲି ଚେତାବନୀ ଦେଇଛନ୍ତି। ଏହି ସମସ୍ୟା ପ୍ରତି ବିଭାଗୀୟ ଅଧିକାରୀ, ଜିଲାପାଳ, ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶ, ଗୃହ ରାଷ୍ଟ୍ର ମନ୍ତ୍ରୀ ତୁଷାରକାନ୍ତି ବେହେରା, ପୁରୀ ଜିଲା ପରିଷଦ ଉପାଧ୍ୟକ୍ଷ ସ୍ୱାଧୀନ ନାୟକ ଧ୍ୟାନ ଦେବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।

## ସଂକ୍ଷେପରେ

### ବାଇକ୍ ଚୋରି ଘଟଣାରେ ୨ ଗିରଫ



ଜଟଣୀ,୮।୯(ଡି.ଏନ୍.ଏ.): ବାଇକ୍ ଚୋରି ଘଟଣାରେ ଜଟଣୀ ଥାନା ପୋଲିସ ଗୁରୁବାର ୨ ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ଏହି ଥାନା ଅଧୀନ କୁଦିଆରୀ ମାଲଗୋଦାମ ଛକ ଅଞ୍ଚଳର ଦିଲୁ ଓରଫ ଶେଖ ଅସରାଫ(୨୫) ଏବଂ ପୁରୀ ଜିଲା ପେଣ୍ଟକଣ୍ଟା ବେହେରା ସାହିର ଟୁନା ଓରଫ ଭବାନୀ ଶଙ୍କର ମହାପାତ୍ର। ଏମାନଙ୍କ ନିକଟରୁ ଚୋରା ବାଇକ୍ ଜବତ ହୋଇଛି। ଏନେଇ ଥାନାରେ ଏକ ମାମଲା (ନଂ.୩୧୯/୨୨) ରୁଜୁ ହୋଇଛି। ସୂଚନା ମୁତାବକ, ଗତ ୫ ତାରିଖରେ ଅଶୋକ ନାୟକ ସ୍ଥାନୀୟ କୁଦିଆରୀ ବଜାରସ୍ଥିତ ଏକ ଔଷଧ ଦୋକାନ ନିକଟରେ ବାଇକ୍ ରଖି ଯାଇଥିଲେ। ଫେରି ଦେଖିଲାବେଳକୁ ବାଇକ୍ ନ ପାଇବା ସହ ଚୋରି ହୋଇଯାଇଥିବା ଜାଣିବାକୁ ପାଇଥିଲେ। ଏନେଇ ଅଶୋକଙ୍କ ଅଭିଯୋଗକୁ ଭିତ୍ତିକରି ପୋଲିସ ତଦନ୍ତ ଚଳାଇଥିଲା।

### ବଳରାମ ଦେବ ବିଦ୍ୟାପୀଠରେ ପ୍ରଧାନ ଶିକ୍ଷକ ପଦବୀ ଖାଲି

ଟାଙ୍ଗୀ(ଖୋର୍ଦ୍ଧା),୮।୯(ଡି.ଏନ୍.ଏ.): ଖୋର୍ଦ୍ଧା ଜିଲାର ପୁରାତନ ଶିକ୍ଷାନୁଷ୍ଠାନ ଟାଙ୍ଗୀ ବଳରାମ ଦେବ ବିଦ୍ୟାପୀଠରେ ଦୀର୍ଘ ଦିନ ହେବ ପ୍ରଧାନ ଶିକ୍ଷକ ପଦବୀ ଖାଲି ପଡ଼ିଛି। ଦ୍ୱିତୀୟ ପର୍ଯ୍ୟାୟରେ ଏହି ଶିକ୍ଷାନୁଷ୍ଠାନକୁ ସ୍ମାର୍ଟ ବିଦ୍ୟାଳୟ ଭାବେ ଘୋଷଣା କରାଯାଇ ସ୍ମାର୍ଟ କ୍ଲାସ ରୁମ୍, ବିଜ୍ଞାନଗାର, ଇ ପାଠାଗାର ନିର୍ମିତ ସହିତ ବିଦ୍ୟାଳୟର ଚତୁଃପାର୍ଶ୍ୱ ସବୁଜିମା, ପରିଷ୍କାର ପରିଚ୍ଛନ୍ନତା କରାଯାଇଛି। ହେଲେ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ପଦବୀ ଖାଲି ପଡ଼ିଛି। ଫଳରେ ସରକାରଙ୍କ ବିଭିନ୍ନ ଯୋଜନାର ସଫଳ ରୂପାୟନ ହୋଇପାରୁନାହିଁ। ତୁରନ୍ତ ପ୍ରଧାନ ଶିକ୍ଷକ ପଦବୀ ପୂରଣ କରିବା ପାଇଁ ବିଦ୍ୟାଳୟର ପୁରାତନ ଛାତ୍ରଙ୍କ ପକ୍ଷରୁ ଦାବି ହେଉଛି।

### ଠାକୁର ଅନୁକୂଳଚନ୍ଦ୍ରଙ୍କ ଭାଦ୍ରବ ପରିକ୍ରମା

ବୋଲଗଡ଼,୮।୯(ଡି.ଏନ୍.ଏ.): ଠାକୁର ଅନୁକୂଳଚନ୍ଦ୍ରଙ୍କ ଜନ୍ମ ମାସ ପାଳନ ଅବସରରେ ଆୟୋଜିତ ଭାଦ୍ରବ ପରିକ୍ରମା କାର୍ଯ୍ୟକ୍ରମ ବୁଧବାର ଏକବିଂଶତମ ଦିବସରେ ବୋଲଗଡ଼ ସତ୍‌ସଙ୍ଗ କେନ୍ଦ୍ର ପକ୍ଷରୁ ଘୋରଡିଆଠାରେ କମଳକାନ୍ତ ବେବର୍ତ୍ତା ପଟ୍ଟନାୟକ ସତ୍‌ସଙ୍ଗ ପ୍ରଦାନ କରିଛନ୍ତି। ସତ୍‌ସଙ୍ଗରେ କୈଳାସ ଚନ୍ଦ୍ର ବରାଳ ଅଧ୍ୟକ୍ଷତା କରିଥିବା ବେଳେ ନବକିଶୋର ସୁବୁଦ୍ଧି ସତ୍ୟାନୁସରଣ ପାଠ କରିଥିଲେ। ସତ୍ୟଭାମା ସାହୁ, ନବକିଶୋର ସୁବୁଦ୍ଧି, ବନମାଳୀ ରାୟ ପ୍ରମୁଖ ଭଜନ ଗାନ ଏବଂ ରାଧାଶ୍ୟାମ ସାହୁ ଓ ବୈକୁଣ୍ଠ ନାଥ ବାରିକ କୀର୍ତ୍ତନ କରିଥିଲେ। ଏହି ଅବସରରେ ବିଭିନ୍ନ ପ୍ରସଙ୍ଗ ଆଲୋଚନାରେ ରମେଶ ଚନ୍ଦ୍ର ସାହୁ, କୈଳାସ ଚନ୍ଦ୍ର ବରାଳ, କମଳଲୋଚନ ନାୟକ ପ୍ରମୁଖ ଅଂଶଗ୍ରହଣ କରିଥିଲେ। ବନ୍ଦେ ପୁରୁଷୋତ୍ତମମ୍ ଧ୍ୱନିରେ ସତ୍‌ସଙ୍ଗ କାର୍ଯ୍ୟକ୍ରମ ସମାପନ ହୋଇଥିଲା।

# ବିରୋଧ ପରେ ଧିମେଇଲା ଉଚ୍ଛେଦ

- ରାସ୍ତାର ଉଭୟ ପାର୍ଶ୍ୱରେ ବାଇକ୍ ପାର୍କିଂ ଟ୍ରାଫିକ ସମସ୍ୟାକୁ ବଢ଼ାଉଛି
- ପ୍ରଶାସନର ଆନ୍ତରିକତା ଅଭାବରୁ ବିକାଶ ହୋଇପାରୁନି

ଖୋର୍ଦ୍ଧା ଅଫିସ,୮।୯

ଖୋର୍ଦ୍ଧାରେ ଟ୍ରାଫିକ ସମସ୍ୟା ବଢ଼ି ଚାଲିଛି। ରାସ୍ତାକଡ ଉଠା ଦୋକାନୀ, ଅବରୋଧ ଡ୍ରେନେଜ ଏବଂ ରାସ୍ତାକୁ ଲାଗି ରହିଥିବା କ୍ୟାବିନ ଟ୍ରାଫିକ ସମସ୍ୟାର ପ୍ରମୁଖ କାରଣ ପାଲଟିଛି। ରାସ୍ତାର ଉଭୟ ପାର୍ଶ୍ୱରେ ବାଇକ୍ ପାର୍କିଂ ଟ୍ରାଫିକ ସମସ୍ୟାକୁ ବଢ଼ାଉଛି। ଟ୍ରାଫିକ ଛକ, ମାରୱାଡି ପଟି, ଗୋଡି ପୋଖରୀ ଛକ, ନୂଆବସଷ୍ଟାଣ୍ଡ ରୋଡ, ବସଷ୍ଟାଣ୍ଡ ଟ୍ରାଫିକ ଛକ, ପଲ୍ଲା ଛକରେ ଟ୍ରାଫିକ ସମସ୍ୟା ସୃଷ୍ଟି ହେଉଛି। ସେହିପରି ନୂଆବସଷ୍ଟାଣ୍ଡ ଠାରୁ ଟ୍ରାଫିକ ଛକ, ନୟାଗଡ ରୋଡ ଆଦି ଜନଗହଳି ସ୍ଥାନରେ ରାସ୍ତାରେ ବେଆଇନ ପାର୍କିଂ ଯୋଗୁ ଯାତାୟାତ ବେଳେ ଲୋକେ ନାହିଁ ନ ଥିବା ହଇରାଣ ହେଉଛନ୍ତି। ସହରର ଟ୍ରାଫିକ ସମସ୍ୟା ସୁଧାରିବା ଲାଗି ପୌର ପ୍ରଶାସନ ପକ୍ଷରୁ ରାସ୍ତାକୁ ଅବରୋଧ କରିଥିବା ଦୋକାନ ଗୃହ ଉଚ୍ଛେଦ ଲାଗି ଡାକବାଜୀ ଯନ୍ତ୍ର ମାଧ୍ୟମରେ ପ୍ରଚାର କରାଗଲା। ଏପରିକି ଦୋକାନ ଗୃହ ଭାଙ୍ଗିବା ଲାଗି ମାରୱାଡି ପଟି ଏବଂ ଡାକ୍ତରସ ଲେନରେ ମାପଚୁପ କରାଯିବା ସହ ଡ୍ରେନଗୁଡିକୁ ଅବରୋଧ ମୁକ୍ତ ଲାଗି ପୌର ପ୍ରଶାସନ ପକ୍ଷରୁ ନୋଟିସ କରାଯାଇଥିଲା। ହେଲେ ପରବର୍ତ୍ତୀ ସମୟରେ ବିଭିନ୍ନ ମହଲରେ ବିରୋଧ ହେବା ଯୋଗୁ ଏହି ଜବରଦଖଲ ମୁକ୍ତ କାର୍ଯ୍ୟ ଧିମେଇଗଲା। ପ୍ରଶାସନର ଆନ୍ତରିକତା ଏବଂ ରାଜନୈତିକ ଇଚ୍ଛାଶକ୍ତି ଅଭାବ ଯୋଗୁ ଖୋର୍ଦ୍ଧା ସହରର ବିକାଶ କାର୍ଯ୍ୟ ଧିମେଇଯାଇଛି ବୋଲି ସାଧାରଣରେ ଆଲୋଚନା ହେଉଛି।

ସୂଚନାଯୋଗ୍ୟ, ମାରୱାଡି ପଟି, ପୁରୁଣା ବସଷ୍ଟାଣ୍ଡ, ସମବାୟ ଛକ ଠାରୁ ଏସ୍‌ବିଆଇ ଛକ ପର୍ଯ୍ୟନ୍ତ ପ୍ରାୟ ୫୪୦ କ୍ୟାବିନ ରହିଛି। ଅଧିକାଂଶ କ୍ୟାବିନ ଡ୍ରେନ ଉପରେ ରହିଛି। ଡ୍ରେନକୁ ଅବରୋଧ ମୁକ୍ତ କରିବାକୁ ହେଲେ କ୍ୟାବିନ ଗୁଡିକୁ ଉଚ୍ଛେଦ କରିବାକୁ ପଡିବ। ସେପଟେ କ୍ୟାବିନ ଗୁଡିକୁ ହଟାଗଲେ, ବ୍ୟବସାୟୀମାନେ କଣ କରିବେ, କେଉଁଠିକି ଯିବେ, ସେ ସମ୍ପର୍କରେ ପ୍ରଶାସନ ପକ୍ଷରୁ କୌଣସି ନିଷ୍ପତ୍ତି ନିଆଯାଇନାହିଁ। ବିନା ଆଲୋଚନାରେ ପ୍ରଶାସନର ନିଷ୍ପତ୍ତିକୁ ସେହି ସମୟରେ ବ୍ୟବସାୟୀମାନେ ବିରୋଧ କରିଥିଲେ। ଏପରିକି ଟ୍ରାଫିକ ଛକ ଠାରୁ ସମବାୟ ଛକ ରାସ୍ତା ପାର୍ଶ୍ୱ ଅବରୋଧ ମୁକ୍ତ ବେଳେ ପୋଲିସ ଏବଂ ବ୍ୟବସାୟୀ ଧସ୍ତାଧସ୍ତି ହୋଇଥିଲେ। ପରବର୍ତ୍ତୀ ସମୟରେ ବ୍ୟବସାୟୀ ସଂଘର ଏକ ପ୍ରତିନିଧି ଦଳ ଜିଲାପାଳଙ୍କ ସହ ଆଲୋଚନା କରିଥିଲେ। ତେବେ ଆଲୋଚନା କଣ ନିଷ୍ପତ୍ତି ହେଲା କୌଣସି ଅଧିକାରୀ ମୁହଁ ଖୋଲିଲେ ନାହିଁ। ସହର ସୌନ୍ଦର୍ଯ୍ୟକରଣ, ଟ୍ରାଫିକ ନିୟନ୍ତ୍ରଣ ଏବଂ ଡ୍ରେନ ସମସ୍ୟା ସୁଧାରିବା ଲାଗି ଜବରଦଖଲ ଉଚ୍ଛେଦ ଆବଶ୍ୟକତା ରହିଛି ବୋଲି ପ୍ରଶାସନ ପକ୍ଷରୁ କୁହାଯାଇଛି।

### ଥଇଥାନ ହୋଇପାରୁ ନାହାନ୍ତି କ୍ୟାବିନ ବ୍ୟବସାୟୀ

ହାବେଳି ପଡିଆରେ କ୍ୟାବିନ ବ୍ୟବସାୟୀଙ୍କୁ ଥଇଥାନ ଲାଗି ଜିଲା ପ୍ରଶାସନ ସ୍ତରରେ ନିଷ୍ପତ୍ତି ନିଆଯାଇଥିଲା। ଏଥିଲାଗି ପ୍ରତି ବ୍ୟବସାୟୀଙ୍କ ଠାରୁ ୩ ହଜାର ଟଙ୍କା ଲେଖାଏ ସଂଗ୍ରହ କରାଯାଇଥିଲା। ପ୍ରାୟ ୧୫ଲକ୍ଷ ଟଙ୍କା ପୌର ପ୍ରଶାସନ ପକ୍ଷରୁ ସଂଗ୍ରହ ହୋଇଥିଲା। ଆଦାୟ ଅର୍ଥରେ ପାଚେରି ଏବଂ ପଡିଆକୁ ସମତୁଲ କରିବାରେ ବ୍ୟାପକ ଅର୍ଥ ଖର୍ଚ୍ଚ ହୋଇଥିବା ପୌର ପ୍ରଶାସନ ପକ୍ଷରୁ କୁହାଯାଇଛି। କ୍ୟାବିନ ସମସ୍ୟା ସମାଧାନ ଲାଗି ବେଗୁନିଆ ବିଧାୟକ ତଥା ବ୍ୟବସାୟୀ ମହାସଂଘ ସଭାପତି ରାଜେନ୍ଦ୍ର ସାହୁ ବିଧାନସଭାରେ ଶୂନ୍ୟକାଳରେ ପ୍ରଶ୍ନ ଉଠାଇଥିଲେ। ୫୪୦କ୍ୟାବିନ ବ୍ୟବସାୟୀଙ୍କୁ ଥଇଥାନ ଲାଗି ପୌର ପକ୍ଷରୁ ୩୪ କୋଟି ଟଙ୍କା ଟେଣ୍ଡର ଆହ୍ୱାନ କରାଯାଇଥିଲା। ପରବର୍ତ୍ତୀ ସମୟରେ ଏହାକୁ ରଦ୍ଦ କରିଦିଆଗଲା। ଅନ୍ୟପଟେ କ୍ୟାବିନ ସମସ୍ୟା ସମାଧାନ ଲାଗି ଖୋର୍ଦ୍ଧା ଓ ବେଗୁନିଆ ବିଧାୟକଙ୍କ ସହ ପୌରାଧକ୍ଷା କନକଲକ୍ଷ୍ମୀ ମହାନ୍ତି ଜିଲାପାଳଙ୍କ ସହ ଆଲୋଚନା କରିଥିଲେ। ଏନେଇ ବ୍ୟବସାୟୀ ମହାସଂଘ ସମ୍ପାଦକ ଜୟନ୍ତ ରାୟ କୁହନ୍ତି, କ୍ୟାବିନ ବ୍ୟବସାୟୀଙ୍କୁ ଥଇଥାନ ନେଇ ହାଇକୋର୍ଟରେ କେଶ ଚାଲିଛି। ପୌରାଧକ୍ଷା କନକଲକ୍ଷ୍ମୀ ମହାନ୍ତି କୁହନ୍ତି, କ୍ୟାବିନ ସମସ୍ୟା ସମାଧାନ ଲାଗି ଜିଲାପାଳଙ୍କ ଦୃଷ୍ଟିଆକର୍ଷଣ କରାଯାଇଛି।

# କେମିଷ୍ଟ ଆଣ୍ଡ ଡ୍ରଗିଷ୍ଟ ନିର୍ବାଚନ: ୬ ଜଣ ଜୋନ୍ ସଭ୍ୟ ନିର୍ବାଚିତ




ନିର୍ବାଚିତ ହୋଇଥିବା ଜୋନ୍ ସଭ୍ୟମାନେ।

ଖୋର୍ଦ୍ଧା ଅଫିସ,୮।୯

ଖୋର୍ଦ୍ଧା କେମିଷ୍ଟ ଆଣ୍ଡ ଡ୍ରଗିଷ୍ଟ ପକ୍ଷରୁ ସ୍ଥାନୀୟ ରୋଟାରୀ କ୍ଲବ ପରିସରରେ ଜିଲା ଜୋନ ସଭ୍ୟ ଲାଗି ନିର୍ବାଚନ ଅନୁଷ୍ଠିତ ହୋଇଯାଇଛି। ଏଥିରେ ୬ଜଣ ଜୋନ ସଭ୍ୟ ନିର୍ବାଚିତ ହୋଇଛନ୍ତି। ତନ୍ମଧ୍ୟରେ ସରୋଜ କୁମାର ପାଇକରାୟ (ବାପୁ) ସର୍ବାଧିକ ୧୫୧ଖଣ୍ଡ, ସଞ୍ଜୟ କୁମାର ମହାନ୍ତି ୧୪୫ ଖଣ୍ଡ, ବଦ୍ରିନାରାୟଣ ମହାପାତ୍ର ୧୨୯ଖଣ୍ଡ, ଅଶୋକ କୁମାର ଚୌଧୁରୀ ୧୩୦ ଖଣ୍ଡ, ଅକ୍ଷୟ କୁମାର ସାହୁ ୧୨୫ ଖଣ୍ଡ ଏବଂ ସନ୍ତୋଷ କୁମାର ଅଗ୍ରୱାଲ ୧୨୩ଖଣ୍ଡ ଭୋଟ ପାଇ ନିର୍ବାଚିତ ହୋଇଛନ୍ତି। ନିର୍ବାଚନକୁ ପ୍ରବୀଣ ଭୂୟାଁ ପରିଚାଳନା କରିଥିଲେ। ସମସ୍ତ ନିର୍ବାଚିତ ସଦସ୍ୟଙ୍କୁ ରାଜ୍ୟ ସଂଘ ପକ୍ଷରୁ ଶୁଭେଚ୍ଛା ଜଣାଯାଇଛି।

# ବେଆଇନ ଇଟାଭାଟି ବନ୍ଦ କଲା ପ୍ରଶାସନ

ବାଲିପାଟଣା,୮।୯(ଡି.ଏନ୍.ଏ.)

ବାଲିପାଟଣା ତହସିଲ ଅଞ୍ଚଳରେ ବେଆଇନଭାବେ ଚାଲିଥିବା ୪ଟି ଇଟାଭାଟିକୁ ତହସିଲ ପକ୍ଷରୁ ଗୁରୁବାର ସିଲ୍ କରାଯାଇଛି। ଦୀର୍ଘଦିନ ଧରି ନରଦା, ଆଇତଲଙ୍ଗ, ଅଭୟମୁଖୀ ଓ ଆମେଣକୁଦାରେ ଚାଲିଥିବା ବେଆଇନ ଇଟାଭାଟିଗୁଡ଼ିକ ଉପରେ ତହସିଲ ପ୍ରଶାସନ, ଭୂତତ୍ତ୍ୱ, ପ୍ରଦୂଷଣ ଓ ପୋଲିସ ବିଭାଗ ପକ୍ଷରୁ ମିଳିତ ଭାବେ ଚଢ଼ାଉ କରାଯାଇଥିଲା। ମାର୍ଗଦର୍ଶିକାକୁ ବେଖାତିର କରି ବେଧଡ଼କ ଭାବେ ଚାଲିଥିବା ଭାଟିଗୁଡ଼ିକୁ ଅନୁଧ୍ୟାନ କରି ସିଲ୍ କରାଯାଇଥିବା ତହସିଲଦାର ମୃତ୍ୟୁଞ୍ଜୟ ତ୍ରିପାଠୀ କହିଛନ୍ତି। ଭୂତତ୍ତ୍ୱବିତ୍ ଦିପେନ ପରିଡ଼ା, ପରିବେଶ ବିଜ୍ଞାନୀ ରଜତ ସେଠୀ, ଆଇଆଇସି କୃପାସିନ୍ଧୁ ବରାଡ଼, ଅତିରିକ୍ତ ତହସିଲଦାର ସ୍ନେହଲତା ଆଚାର୍ଯ୍ୟ ପ୍ରମୁଖ ସାମିଲ ଥିଲେ।

# ଖଣ୍ଡଗିରି, ପାୱାର କ୍ଲବ ବିଜୟୀ

ଯାଁଲା,୮।୯(ଡି.ଏନ୍.ଏ.)

ମଦନପୁର ନବଜ୍ୟୋତି କ୍ଲବ ପକ୍ଷରୁ ଆୟୋଜିତ ଫୁଟ୍‌ବଲ ଲିଗ୍ ଟୁର୍ନାମେଣ୍ଟରେ ଗୁରୁବାର ଖଣ୍ଡଗିରି ଫୁଟବଲ କ୍ଲବ ଏବଂ ବଜରଙ୍ଗବାଲି, ଘାଟିକିଆ ମଧ୍ୟରେ ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା। ଖେଳର ୨୧ ମିନିଟରେ ଖଣ୍ଡଗିରି ପକ୍ଷରୁ ତୋଫାନ ନାୟକ ଗୋଟିଏ ଗୋଲ ଦେଇଥିଲେ। ମ୍ୟାଚ୍ ଶେଷ ପର୍ଯ୍ୟନ୍ତ ବଜରଙ୍ଗବାଲି କୌଣସି ଗୋଲ ଦେଇ ନ ପାରି ୧-୦ରେ ପରାଜିତ ହୋଇଥିଲା। ସେହିପରି ଦ୍ୱିତୀୟ ମ୍ୟାଚ୍ ଶିବଶକ୍ତି, ଭୁବନେଶ୍ୱର ଏବଂ ପାୱାର କ୍ଲବ, କରଡ଼ାପଲ୍ଲୀ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ମ୍ୟାଚର ୨୫ ମିନିଟରେ ପାୱାର କ୍ଲବର ରଞ୍ଜନ ପ୍ରଧାନ ଗୋଟିଏ ଗୋଲ ଦେଇଥିଲେ। ମ୍ୟାଚ୍ ଶେଷ ପର୍ଯ୍ୟନ୍ତ ଶିବଶକ୍ତି ଟିମ୍ ଗୋଲ ଦେଇ ନ ପାରି ୧-୦ରେ ପରାଜିତ ହୋଇଥିଲା। ଖଣ୍ଡଗିରିର ବିଶ୍ୱଜିତ ରାଉତ ଏବଂ ପାୱାର କ୍ଲବର ଜନ୍ମେଞ୍ଜୟ ସ୍ୱାଇଁ ଶ୍ରେଷ୍ଠ ଖେଳାଳି ଭାବେ ବିବେଚିତ ହୋଇଥିଲେ। ମନୋରଞ୍ଜନ ଖୁଣ୍ଟିଆ, ଆନନ୍ଦ ନାୟକ ଓ ଲଳିତ କୁମାର ବଳିୟାରସିଂ ମ୍ୟାଚ୍ ପରିଚାଳନା କରିଥିଲେ।

# ଗଜାନନଙ୍କ ଲଡୁ ୩୦ ହଜାରରେ ନିଲାମ



ଗଣେଶ ପୂଜା ଉତ୍ସବରେ ଲଡୁ ନିଲାମ କରାଯାଉଛି।

ଜଟଣୀ,୮।୯(ଡି.ଏନ୍.ଏ.)

ଗଣେଶ ପୂଜା ପାଇଁ ଜଟଣୀ ସହର ଏବେ ଉତ୍ସବମୁଖର। ଧୁମଧାମରେ ଚାଲିଛି ବିଘ୍ନରାଜଙ୍କ ଆରାଧନା। ସୁଉଚ୍ଚ ତୋରଣ ସହିତ ଆକର୍ଷଣୀୟ ସାଜସଜ୍ଜା, ବିଭିନ୍ନ ରଙ୍ଗିନ ଆଲୋକରେ ଝଲସୁଛି ପୂରା ସହର। ମିନା ବଜାରରେ ବୁଲିବା ସହ ସାଂସ୍କୃତିକ କାର୍ଯ୍ୟକ୍ରମ ଦେଖିବା ଲାଗି ଲୋକଙ୍କ ନାହିଁ ନ ଥିବା ଭିଡ଼ ଜମୁଛି। ଦୁଇ ଶହରୁ ଊର୍ଦ୍ଧ୍ୱ ମଣ୍ଡପରେ ପୂଜା ପାଉଛନ୍ତି ଶ୍ରୀଗଣେଶ। ଗୁରୁବାର ଜଟଣୀ ଗୋପବନ୍ଧୁ ବଜାର କମିଟି ପକ୍ଷରୁ ଗଜାନନଙ୍କ ୩୫ କେଜିର ଲଡୁ ନିଲାମ କରାଯାଇଥିଲା। ପ୍ରଥମେ କମିଟି ପକ୍ଷରୁ ଏହି ଲଡୁର ମୂଲ୍ୟ ୧୦୦ ଟଙ୍କା ଡକାଯାଇଥିଲା। ଏହା ପରେ ଉପସ୍ଥିତ ଶ୍ରଦ୍ଧାଳୁ ଏହାର ମୂଲ୍ୟ ବଢ଼ାଇ ଡାକିଥିଲେ। ଶେଷରେ ଜଟଣୀ ରାମଚନ୍ଦ୍ରପୁର ବଜାରର ଦୀପକ କୁମାର ଅଗ୍ରୱାଲ ଏହି ୩୫ କେଜି ଲଡୁକୁ ୩୦ହଜାର ଟଙ୍କାରେ ନେଇଥିଲେ ବୋଲି ଗୋପବନ୍ଧୁ ବଜାର କମିଟି ସଭାପତି ସୁରେନ୍ଦ୍ର କୁମାର ସାହୁ କହିଛନ୍ତି। ଏହି ନିଲାମ କାର୍ଯ୍ୟକ୍ରମକୁ ଦେଖିବା ପାଇଁ ପ୍ରବଳ ଜନସମାଗମ ହୋଇଥିଲା। ପ୍ରକାଶ ଯେ, ଗଣେଶ ପୂଜାର ପ୍ରଥମ ଦିନରେ ଏହି ଲଡୁ ଗଣେଶଙ୍କ ପାଖରେ ପୂଜା କରାଯାଇ ରଖାଯାଇଥିଲା। ପୂଜାର ନବମ ଦିନ ଅର୍ଥାତ୍ ଗୁରୁବାର ଏହି ଲଡୁକୁ ନିଲାମ ଡକାଯାଇଥିଲା।

# ବଜ୍ରପାତରେ ବୃଦ୍ଧା ମୃତ

ଟାଙ୍ଗୀ(ଖୋର୍ଦ୍ଧା)/ନିରାକାରପୁର, ୮।୯(ଡି.ଏନ୍.ଏ.)

ଖୋର୍ଦ୍ଧା ଜିଲା ନିରାକାରପୁର ଥାନା ଅଧୀନ ହରିପୁର ଗ୍ରାମରେ ଗୁରୁବାର ବଜ୍ରପାତରେ ଜଣେ ବୃଦ୍ଧାଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଏହି ଗ୍ରାମର ସରଜୁ ମାଝି(୬୫)। ସୂଚନା ମୁତାବକ, ଘରେ ଚା' ପିଉଥିବା ବେଳେ ସରଜୁ ବଜ୍ରପାତର ଶିକାର ହୋଇଥିଲେ। ପରିବାର ଲୋକେ ତାଙ୍କୁ ଗୁରୁତର ଅବସ୍ଥାରେ ଟାଙ୍ଗୀ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

# ବାଇକ୍ ଚୋରି ଅଭିଯୋଗ

ଖୋର୍ଦ୍ଧା ଅଫିସ,୮।୯

ଆଦର୍ଶ ଥାନା ଅନ୍ତର୍ଗତ ବିଡିଏ କଲୋନୀ ଗାୟତ୍ରୀ ମନ୍ଦିର ନିକଟରୁ ଦୁର୍ବୃତ୍ତ ଏକ ବାଇକ୍ ଚୋରି କରିନେଇଛନ୍ତି। ରଣପୁର ଲେଖନପୁର ଅଞ୍ଚଳର ଜୟକୃଷ୍ଣ ମହାରଣା କାଠକାମ କରିବା ପାଇଁ ସ୍ଥାନୀୟ ବିଡିଏ କଲୋନୀ ଆସିଥିଲେ। ଗୁରୁବାର ସକାଳେ ସେ ଏହି ମନ୍ଦିର ନିକଟ ଏକ ବରଗଛ ତଳେ ତାଙ୍କ ବାଇକ୍(ଓଡି୦୨ଝ୯୦୨୫) ରଖି କାମ କରିବାକୁ ଯାଇଥିଲେ। ହେଲେ ବାଇକର ତାଲା ଭାଙ୍ଗି କେହି ଦୁର୍ବୃତ୍ତ ଚୋରି କରିନେଇଥିବା ଥାନାରେ ଅଭିଯୋଗ ହୋଇଛି।



**ବୋଲଗଡ଼:** ଖୋର୍ଦ୍ଧା ଜିଲା ବୋଲଗଡ଼ ବ୍ଲକ ଅଧୀନ ଚୁଡ଼ା ଗ୍ରାମସ୍ଥିତ ବଲାଙ୍ଗୀର-ଖୋର୍ଦ୍ଧା ୫୭ ନମ୍ବର ଜାତୀୟ ରାଜପଥରେ ସୃଷ୍ଟି ହୋଇଥିବା ଖାଲ।

# ଜମି କିଣାଇଦେବା ନାଁରେ ୧୭ ଲକ୍ଷ ଠକେଇ

ଭୁବନେଶ୍ୱର,୮।୯(ବ୍ୟୁରୋ)

ଜମି କିଣାଇଦେବା ନାଁରେ ୧୭ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ଠକେଇ କରିବା ଅଭିଯୋଗରେ ଚନ୍ଦ୍ରଶେଖରପୁର ଥାନା ପୋଲିସ ଜଣଙ୍କୁ ଗିରଫ କରି ଗୁରୁବାର କୋର୍ଟଚାଲାଣ କରିଛି। ସେ ହେଲେ ପଶ୍ଚିମବଙ୍ଗରେ ରହୁଥିବା କଟକ ଜିଲା ମାହାଙ୍ଗା ଥାନା ଅଞ୍ଚଳର ନଳିନୀକାନ୍ତ ବରାଳ। ସୂଚନା ଅନୁଯାୟୀ, ଗତବର୍ଷ ସୌମିତ୍ର ପଟ୍ଟନାୟକ ଭୁବନେଶ୍ୱରରେ ଜମି କିଣିବା ସନ୍ଧାନରେ ଥିଲେ। ସୌମିତ୍ରଙ୍କ ଜଣେ ସହଯୋଗୀ ଜମି କିଣିବା ଲାଗି ଅଭିଯୁକ୍ତ ନଳିନକାନ୍ତଙ୍କ ସହ ପରିଚିତ କରାଇଥିଲେ। ଯୋଜନା ମୁତାବକ ଅଭିଯୁକ୍ତ ତାଙ୍କ ଶ୍ୱଶୁରଙ୍କ ନାମରେ ଥିବା ଏକ ଜମିକୁ କିଣିବାକୁ ସୌମିତ୍ରଙ୍କୁ କହିଥିଲେ। ଏଥିପାଇଁ ୨୫ ଲକ୍ଷ ଟଙ୍କାରେ ଜମିର ମୂଲ୍ୟକୁ ଧାର୍ଯ୍ୟ କରାଇଥିଲେ। ଉଭୟଙ୍କ କଥାରେ ବିଶ୍ୱାସ ରଖି ସୌମିତ୍ର ତାଙ୍କୁ ୧୯ ଲକ୍ଷ ଆକାଉଣ୍ଟରେ ଓ ୩ ଲକ୍ଷ କ୍ୟାଶରେ ଦେଇଥିଲେ। ମାତ୍ର ଜମି ଦେଇ ନ ଥିଲେ। ଟଙ୍କା ଫେରସ୍ତ କରିବାକୁ କହିବାରୁ ଅଭିଯୁକ୍ତ ଓ ସହଯୋଗୀ ସୌମିତ୍ରଙ୍କୁ ୫ଲକ୍ଷ ଟଙ୍କା ଫେରସ୍ତ କରିଥିଲେ ମଧ୍ୟ ବାକି ଟଙ୍କା ଫେରାଇ ନ ଥିଲେ।

# ସୋଚ୍ ଅନୁଷ୍ଠାନର ପ୍ରଶିକ୍ଷଣ ଶିବିର ଉଦ୍‌ଯାପିତ




ଜଟଣୀ,୮।୯(ଡି.ଏନ୍.ଏ.)

ସୋସାଇଟି ଫର୍ ଚିଲ୍ଡ୍ରେନ୍ 'ସୋଚ୍' ଅନୁଷ୍ଠାନ ପକ୍ଷରୁ ଜଟଣୀ ବ୍ଲକ ଅଧୀନ ଗୋପୀନାଥପୁରରେ ଆୟୋଜିତ ତୃତୀୟ ଶିକ୍ଷା ସଂଯୋଜନା ଶିବିର ବୁଧବାର ଉଦ୍‌ଯାପିତ ହୋଇଯାଇଛି। ଭୁବନେଶ୍ୱର ଲାୟନ୍ସ କ୍ଲବର ସଦସ୍ୟ ମାୟା ସ୍ୱାଇଁଙ୍କ ସଭାପତିତ୍ୱରେ ଅବସରପ୍ରାପ୍ତ ଭାରତୀୟ ପ୍ରଶାସନିକ ସେବା ଅଧିକାରୀ ନରେନ୍ଦ୍ର କୁମାର ଦାସ, ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟର ଅବସରପ୍ରାପ୍ତ ଅଧ୍ୟାପିକା କନକ ମଞ୍ଜରୀ ମିଶ୍ର, ସମସ୍ତ ଶିକ୍ଷାର ଶିକ୍ଷା ଅଧିକାରୀ ଜୟନ୍ତ ଦାସ, ଡାକ୍ତର ରେଡ୍ଡୀ ଫାର୍ମାସିଷ୍ଟ କମ୍ପାନୀର ମୁଖ୍ୟ ଜେ.କେ ଦାସ, ନିର୍ମଳ କୁମାର ବେହେରା ଚେୟାର ପର୍ସନ ଅଫ ସୋଚ୍ ଗଭର୍ଣ୍ଣିଂ ବଡି, ମନସ୍ୱିନୀ ପ୍ରଧାନ ଖୋର୍ଦ୍ଧା ଜିଲାର ସମଗ୍ର ଶିକ୍ଷ୍ୟର ଯୋଜନା ଅଧିକାରୀ, ଜଟଣୀ ରୋଟାରୀ କ୍ଲବ ସଭାପତି ପଦାରବିନ୍ଦ ସାହୁ ଅତିଥିଭାବେ ଯୋଗ ଦେଇଥିଲେ। ମନୀଷା ପ୍ରଧାନ ସ୍ୱାଗତ ଭାଷଣ, ଲକ୍ଷ୍ମୀପ୍ରିୟା ସିଂ ବିବରଣୀ ପାଠ, ଅନୁଷ୍ଠାନର ମୁଖ୍ୟ ମନୋଜ କୁମାର ସ୍ୱାଇଁ ଉଦ୍‌ବୋଧନ ଦେଇଥିଲେ। ପୁନମ୍ ଓରାମ, ରୋଜାଲିନ ବେହେରା, ରଞ୍ଜନ କୁମାର ଧଳ, କୁମାର ମହାପାତ୍ର, ରିଲୁ ପରିଡ଼ା, ସୁକାନ୍ତ ପରିଡ଼ା, ଟୁନି ସ୍ୱାଇଁ, ମନସ୍ୱିନୀ ସ୍ୱାଇଁ ପ୍ରମୁଖ ଶିବିର ପରିଚାଳନାରେ ସହଯୋଗ କରିଥିଲେ। ବିଭିନ୍ନ ପ୍ରତିଯୋଗିତାରେ କୃତୀତ୍ୱ ହାସଲ କରିଥିବା ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ପୁନମ ଓରାମ ଧନ୍ୟବାଦ ଦେଇଥିଲେ।

# ଜାତୀୟ ପତାକାକୁ ମିଳୁନି ସମ୍ମାନ

ଖୋର୍ଦ୍ଧା ଅଫିସ,୮।୯

ସ୍ୱାଧୀନତାର ୭୫ ବର୍ଷ ପୂର୍ତ୍ତି ଅବସରରେ ଦେଶ ପାଳିଥିଲା ଆଜାଦୀ କା ଅମୃତ ମହୋତ୍ସବ। ଲକ୍ଷ୍ୟ ଥିଲା ଦେଶ ମାତୃକା ପାଇଁ ବଳିଦାନ ଦେଇଥିବା ଶହୀଦଙ୍କୁ ମନେପକାଇବା ଏବଂ ସମୂହ ରାଷ୍ଟ୍ରଗାନ କରି ସେମାନଙ୍କୁ ଯଥୋଚିତ ସମ୍ମାନ ପ୍ରଦାନ କରିବା। ଏଥିସହ ପ୍ରଧାନମନ୍ତ୍ରୀ ଅଗଷ୍ଟ ୧୩ରୁ ୧୫ ହର୍ ଘର୍ ତ୍ରିରଙ୍ଗା ଅଭିଯାନ ବାର୍ତ୍ତା ଦେଇଥିଲେ। ସ୍ୱାଧୀନତା ଦିବସ ପାଳନ ପରେ ପତାକାକୁ ସମ୍ମାନର ସହ ବାହାର କରି ସାଇତି ରଖିବା ପାଇଁ ପରାମର୍ଶ ଦିଆଯାଇଥିଲା। ଦେଶବାସୀ ମଧ୍ୟ ଆନନ୍ଦ ଉଲ୍ଲାସର ସହ ଏହି ଅଭିଯାନରେ ସାମିଲ ହୋଇଥିଲେ। ସମସ୍ତଙ୍କ ଘର ଛାତ, ବଜାର, ବ୍ୟବସାୟ ପ୍ରତିଷ୍ଠାନ ସମେତ ସବୁଠି ଉଡ଼ିଥିଲା ତ୍ରିରଙ୍ଗା। ଏହି ଅଭିଯାନ ଶେଷ ହେବାର ତିନି ସପ୍ତାହରୁ ଊର୍ଦ୍ଧ୍ୱ ସମୟ ବିତିଲାଣି। ହେଲେ ଲୋକେ ଲଗାଇଥିବା ପତାକା ବାହାର କରିବାକୁ ଭୁଲି ଯାଇଛନ୍ତି। ଖୋର୍ଦ୍ଧା ସହର ନୟାଗଡ଼ ରୋଡ, ପୁରୁଣା ବସ୍‌ଷ୍ଟାଣ୍ଡ, ଟ୍ରାଫିକ ଛକ, ମାରୱାଡି ପଟି, ମୁକୁନ୍ଦପ୍ରସାଦ, ଟ୍ରାଫିକ ଛକଠାରୁ ନୂଆ ବସ୍‌ଷ୍ଟାଣ୍ଡ, ପଲ୍ଲା ଛକ ଆଦି ଅଞ୍ଚଳରେ ପତାକା କେଉଁଠି ଚିରି ଗଲାଣି ତ' ଆଉ କେଉଁଠି ତଳକୁ ଝୁଲି ରହିଥିଲେ ମଧ୍ୟ ଏଥିପ୍ରତି କେହି ନଜର ଦେଉନାହାନ୍ତି। ସେହିପରି ବସ୍, ଅଟୋ, ବାଇକ୍‌ରେ ମଧ୍ୟ ଜାତୀୟ ପତାକା ଲାଗିଥିଲା। ପବନ ଯୋଗୁ ଚିରି ଗଲାଣି। ଏହାକୁ ଗାଡି ମାଲିକ କିମ୍ବା ଡ୍ରାଇଭର ବାହାର କରୁନାହାନ୍ତି, ଯାହାକୁ ନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି।

### ଏମାନେ କୁହନ୍ତି ...

"ସଚେତନ ନାଗରିକ ଭାବେ ଜାତୀୟ ପତାକାକୁ ଯଥୋଚିତ ସମ୍ମାନ ପ୍ରଦର୍ଶନ କରିବା ପ୍ରତ୍ୟେକଙ୍କ ଉତ୍ତରଦାୟିତ୍ୱ। ହର୍ ଘର୍ ତ୍ରିରଙ୍ଗା ଏକ ଅଭିଯାନ ଥିଲା। ଅଭିଯାନ ସରିଗଲା ପରେ ଜଣେ ଦାୟିତ୍ୱସମ୍ପନ୍ନ ନାଗରିକ ଭାବେ ପତାକାକୁ ଓହ୍ଲାଇ ଏହାକୁ ଠିକ୍ ସ୍ଥାନରେ ରଖିବା ଉଚିତ। ଏଥିଲାଗି ସମସ୍ତଙ୍କ ଦାୟିତ୍ୱ ରହିଛି।

**-ଜ୍ଞାନରଞ୍ଜନ ଦାଶ, ବୁଦ୍ଧିଜୀବୀ**

"କେବଳ ଖୋର୍ଦ୍ଧାରେ ନୁହେଁ, ସବୁ ସ୍ଥାନରୁ ଏଭଳି ଅଭିଯୋଗ ଆସିଛି। ପ୍ରଧାନମନ୍ତ୍ରୀ ଯେଉଁଭଳି ହର୍ ଘର୍ ତ୍ରିରଙ୍ଗାର ନାରା ଦେଇଥିଲେ, ସେହିଭଳି ଏବେ ପତାକାକୁ ସମ୍ମାନ ପୂର୍ବକ ଓହ୍ଲାଇ ଯଥୋଚିତ ସ୍ଥାନରେ ରଖିବା ପାଇଁ ପୁଣି ଆହ୍ୱାନ ଦିଅନ୍ତୁ। ଜାତୀୟ ପତାକାକୁ ଅସମ୍ମାନ ସମଗ୍ର ଦେଶବାସୀଙ୍କୁ ଅପମାନ ସଦୃଶ। ଜାତୀୟ ପତାକାକୁ ସମ୍ମାନ ଦେବା ସମସ୍ତଙ୍କ ଦାୟିତ୍ୱ।

-ଶିଶିର ପରିଡ଼ା, ପିସିସି ସଭ୍ୟ

"ଜାତୀୟ ପତାକା ହେଉଛି ଆମ ସ୍ୱାଭିମାନ। ଏହାକୁ ସମ୍ମାନ ଦେବା ଲାଗି ଜାତୀୟ ସ୍ତରରେ କର୍ମଶାଳା, ସଚେତନତା କାର୍ଯ୍ୟକ୍ରମ, ଆଲୋଚନାଚକ୍ର ଆୟୋଜନ ହେବା ଜରୁରୀ ହୋଇପଡିଛି। ଏଥିପ୍ରତି କେନ୍ଦ୍ର ଓ ରାଜ୍ୟ ସରକାର ଗୁରୁତ୍ୱ ଦେବା ଆବଶ୍ୟକ।

**-ଗୋପାଳକୃଷ୍ଣ ଦାସ, ଶିକ୍ଷାବିତ୍**

"ଜାତୀୟ ପତାକାକୁ କେଉଁ ସ୍ଥାନରେ ଉଡ଼ାଇପାରିବେ, କିପରି ଉଡ଼ାଇବେ, ସେଥିଲାଗି ଗାଇଡ୍‌ଲାଇନ ରହିଛି। ଜାତୀୟ ପତାକାକୁ କିଭଳି ସମ୍ମାନ ଦିଆଯିବା ଆବଶ୍ୟକ ଠିକ୍ ଭାବେ ବହୁ ଲୋକେ ଜାଣନ୍ତି ନାହିଁ। ଏଥିପ୍ରତି ସଚେତନତା କାର୍ଯ୍ୟକ୍ରମର ଆବଶ୍ୟକତା ରହିଛି।

**-ଶୋଭନ ଘୋଷ, ସାମାଜିକ କର୍ମୀ**

"ଜାତୀୟ ପତାକା ହେଉଛି ଦେଶର ଗର୍ବ ଓ ଗୌରବ। ଅସମ୍ମାନ କରୁଥିବା ବ୍ୟକ୍ତିଙ୍କୁ ଭାରତୀୟ ଆଇନ ଅନୁଯାୟୀ ୩ ବର୍ଷ ପର୍ଯ୍ୟନ୍ତ ଦଣ୍ଡବିଧାନ ରହିଛି। ଏହି ଆଇନ କଡ଼ାକଡି କରାଯାଉ ନ ଥିବାରୁ ଏଭଳି ଚିତ୍ର ଦେଖିବାକୁ ମିଳୁଛି।

**-ଅଜିତ୍ ପଟ୍ଟନାୟକ, ଆଇନଜୀବୀ**

**ରାସ୍ତା କାମବେଳେ ଇଞ୍ଜିନିୟର, ଠିକାଦାର ଉପସ୍ଥିତ ରହିବାକୁ ନିର୍ଦ୍ଦେଶ**

କଟକ ଅଫିସ: ଏଣିକି କଟକର ରାସ୍ତାଘାଟ ନିର୍ମାଣ ଓ ମରାମତି ସମୟରେ ସମ୍ପୃକ୍ତ ବିଭାଗର ଇଞ୍ଜିନିୟର ଓ କାମ ନେଇଥିବା ଠିକାଦାର ଉପସ୍ଥିତ ରହିବେ। ଏ ନେଇ କଟକ ମହାନଗର ନିଗମ(ସିଏମ୍‌ସି) ମେୟର ସୁବାସ ସିଂ କଡ଼ା ନିର୍ଦ୍ଦେଶ ଦେଇଛନ୍ତି। ଅନେକ ସ୍ଥାନରେ ଇଞ୍ଜିନିୟର ଓ ସମ୍ପୃକ୍ତ ଠିକାଦାର ଉପସ୍ଥିତ ରହୁ ନ ଥିବାରୁ ଠିକ୍ ଭାବେ କାମ ହୋଇପାରୁନାହିଁ। ମେୟର କିଛି ସ୍ଥାନ ପରିଦର୍ଶନ କରିବାବେଳେ ସିଡିଏ ଅଞ୍ଚଳରେ ବର୍ଷାଜଳ ନିଷ୍କାସନ ପଏଣ୍ଟଗୁଡ଼ିକ ରାସ୍ତା ନିର୍ମାଣବେଳେ ପୋତି ଦିଆଯାଇଥିବା ଜଣାପଡ଼ିଥିଲା। ଏଥିଯୋଗୁ ବର୍ଷାଜଳ ନିଷ୍କାସନରେ ବାଧା ସୃଷ୍ଟି ହୋଇଛି। ତେଣୁ ନିର୍ମାଣବେଳେ ସମ୍ପୃକ୍ତ ଇଞ୍ଜିନିୟର ଓ ଠିକାଦାରଙ୍କ ଉପସ୍ଥିତି ନିହାତି ଜରୁରୀ ବୋଲି ମେୟର କହିଛନ୍ତି।

## ସଂକ୍ଷେପରେ

### ଜିଲା ଭାଜପା ମହିଳା ମୋର୍ଚ୍ଚା କାର୍ଯ୍ୟକାରିଣୀ କମିଟି କର୍ମକର୍ତ୍ତାଙ୍କ ନାମ ଘୋଷିତ

**କଟକ ଅଫିସ, ୮।୯:** ଦଳୀୟ ସଙ୍ଗଠନକୁ ତୃଣମୂଳସ୍ତରରୁ ମଜଭୁତ୍ କରିବା ଲକ୍ଷ୍ୟରେ କଟକ ଜିଲା ଭାଜପା ମହିଳା ମୋର୍ଚ୍ଚା କାର୍ଯ୍ୟକାରିଣୀ କମିଟି କର୍ମକର୍ତ୍ତାଙ୍କ ନାମ ଘୋଷଣା କରାଯାଇଛି। ଭାଜପା କଟକ ଜିଲା ସଭାପତି ତଥା ପୂର୍ବତନ ବିଧାୟକ ପ୍ରକାଶ ଚନ୍ଦ୍ର ବେହେରାଙ୍କ ଅନୁମୋଦନକ୍ରମେ ମହିଳା ମୋର୍ଚ୍ଚା ଜିଲା ସଭାନେତ୍ରୀ ଯାଜ୍ଞସେନୀ ଜେନା କମିଟି କର୍ମକର୍ତ୍ତାଙ୍କ ନାଁ ଘୋଷଣା କରିଛନ୍ତି। ଏହି କମିଟିରେ ଉପସଭାନେତ୍ରୀ ଭାବେ ମଧୁସ୍ମିତା ମଲ୍ଲିକ, ଇଲା ପଣ୍ଡା, ପୂର୍ଣ୍ଣିମା ବସ୍ତିଆ, ସମିତା ବେଉରା, ମଧୁସ୍ମିତା ସାସମଲ ଓ ସାଧାରଣ ସମ୍ପାଦିକା ଭାବେ ଲକ୍ଷ୍ମୀପ୍ରିୟା ଲେଙ୍କା ଓ ମଧୁସ୍ମିତା ଘଡେଇ ସ୍ଥାନ ପାଇଛନ୍ତି। ସେହିପରି ଜିଲା ସମ୍ପାଦିକା ଭାବେ ମୌସୁମୀ ନାୟକ, ଶୁଭଶ୍ରୀ ମଲ୍ଲିକ, ସୁଜାତା ମହାନ୍ତି, ସୁମିତ୍ରା ସ୍ୱାଇଁ ଓ କୋଷାଧ୍ୟକ୍ଷ ଭାବେ ସୁଜାତା ପରିଡା ମନୋନୀତ ହୋଇଛନ୍ତି। ଏଥିସହିତ ମୁଲତା ମିଶ୍ର, ସୁଜାତା ଦାସ, ଅନିମା କର, ଜିନିଲତା ଦାସ, ଧରିତ୍ରୀ ବାରିକ, ପ୍ରଭାତୀ ପାତ୍ର, ଶୈଳବାଳା ଦାସ, ସୁମନ ପ୍ରଭା ସାହୁ, ମଧୁସ୍ମିତା ଚାତାର, ଦୀପ୍ତିମୟୀ ବେହେରା, ରଶ୍ମିତା ଦାସ, ରାଜେଶ୍ୱରୀ ନନ୍ଦୀ, ପ୍ରତିମା ରାଉତ, ସୁଜାତା ନନ୍ଦ, ଅହଲ୍ୟା ଜେନା, ବିଜୟଲକ୍ଷ୍ମୀ ସାହୁ, ପଦ୍ମିନୀ ରାଣା, ମମତା ନାୟକ, ପୁଷ୍ପିତା ଜେନା, ସୁମିତ୍ରା ନାୟକ ଓ ବିଜୟ ନନ୍ଦିନୀ ଲେଙ୍କା ପ୍ରମୁଖ କାର୍ଯ୍ୟକାରିଣୀ ସଦସ୍ୟା ଭାବେ ରହିଛନ୍ତି। କମିଟି ଅନୁମୋଦନ କରିଥିବାରୁ ମହିଳା ମୋର୍ଚ୍ଚା ଜିଲା ସଭାନେତ୍ରୀ ଯାଜ୍ଞସେନୀ ଜେନା, ଜିଲା ସଭାପତି ପ୍ରକାଶ ଚନ୍ଦ୍ର ବେହେରା, ରାଜ୍ୟ ସଭାନେତ୍ରୀ ସ୍ମୃତି ପଟ୍ଟନାୟକ ଓ ଜିଲା ମହିଳା ମୋର୍ଚ୍ଚା ପ୍ରଭାରୀ ଅରବିନ୍ଦ ବିଶ୍ୱାଳଙ୍କୁ କୃତଜ୍ଞତା ଜ୍ଞାପନ କରାଯାଇଛି।

### ୩୦୭ ଗ୍ରାମ୍ ବ୍ରାଉନସୁଗାର ଜବତ, ୨ ଗିରଫ

**କଟକ ଅଫିସ,୮।୯:** ନିଆଳି ଥାନା ଅଧୀନ ସିଠାଳ ଗ୍ରାମରେ ଗୁରୁବାର ଅବକାରୀ ବିଭାଗ ପକ୍ଷରୁ ଚଢ଼ଉ କରାଯାଇ ୩୦୭ ଗ୍ରାମ୍ ବ୍ରାଉନସୁଗାର ଓ ଏକ ବାଇକ ଜବତ କରାଯାଇଛି। ଏହି ଘଟଣାରେ ନିଆଳି ଥାନା ଅନ୍ତର୍ଗତ କୁଳ ସିଠାଳୋର ପ୍ରଦୀପ ଭୋଇ ଓ ଦୀଘି ସିଠାଳୋର ଆଲୋକ କୁମାର ଜେନାଙ୍କୁ ଗିରଫ କରାଯାଇଛି। ସେମାନେ ବାଲେଶ୍ୱରରୁ ବ୍ରାଉନ୍‌ସୁଗାର ଆଣି ସ୍ଥାନୀୟ ଅଞ୍ଚଳରେ ବିକ୍ରି କରିବାକୁ ଆସୁଥିବାବେଳେ ଅବକାରୀ ବିଭାଗ ସ୍କ୍ୱାଡ୍ ହାତରେ ଧରାପଡ଼ିଥିଲେ। ଏନେଇ ଅବକାରୀ ବିଭାଗ ପକ୍ଷରୁ ମାମଲା ରୁଜୁ ହୋଇଛି।

### ସିଏମ୍‌ସି କାର୍ଯ୍ୟାଳୟରେ ଗଣ୍ଡଗୋଳ

**କଟକ ଅଫିସ,୮।୯:** କଟକ ମହାନଗର ନିଗମ (ସିଏମ୍‌ସି) କାର୍ଯ୍ୟାଳୟରେ ବୁଧବାର ୨ ଜଣଙ୍କ ମଧ୍ୟରେ ଗଣ୍ଡଗୋଳ ଘଟିଥିଲା। ଏ ନେଇ ଉଭୟ ପକ୍ଷରୁ ଗୁରୁବାର ପୁରୀଘାଟ ଥାନାରେ ଅଭିଯୋଗ ହେବା ପରେ ପୋଲିସ ଦୁଇଟି ମାମଲା ରୁଜୁ କରିଛି। ଅଭିଯୋଗ ଅନୁଯାୟୀ, ସିଏମ୍‌ସିର ଅଡିଟର ଅରୁଣ କୁମାର ବେହେରା ଅପରାହ୍ନ ପ୍ରାୟ ସାଢ଼େ ୧ଟାରେ ତାଙ୍କ ଚାମ୍ବରରେ ବସିଥିବାବେଳେ କୌଣସି କାରଣକୁ ନେଇ ନିଗମର ପୂର୍ବତନ କର୍ମଚାରୀ ସୁରେନ୍ଦ୍ର କୁମାର ଦାସ ତାଙ୍କୁ ଗାଳିଗୁଲଜ ଓ ଠେଲାପେଲା କରିଥିଲେ। ଏପରିକି ତାଙ୍କ ଟେବୁଲ ଉପରେ ଥିବା ଫାଇଲ୍‌କୁ ଫୋପାଡ଼ି ଦେବାରୁ ସରକାରୀ କାଗଜପତ୍ର ଚିରି ନଷ୍ଟ ହୋଇଯାଇଛି। ଏ ନେଇ ସେ ଅଭିଯୋଗ କରିବା ପରେ ପୋଲିସ ଏକ ମାମଲା(ନଂ.୨୧୫/୨୨) ରୁଜୁ କରିଛି। ଅପରପକ୍ଷେ ଅଡିଟର ବେହେରା ସୁରେନ୍ଦ୍ରଙ୍କୁ ଜାତିଆଣ ଆକ୍ଷେପ କରିଥିବା ନେଇ ସେ ଅଭିଯୋଗ କରିଛନ୍ତି। ଏ ନେଇ ଥାନାରେ ଆଉଏକ ମାମଲା ରୁଜୁ ହୋଇଛି। ଉଭୟ ଅଭିଯୋଗକୁ ଭିତ୍ତିକରି ତଦନ୍ତ ଜାରି ରହିଛି ବୋଲି ଥାନାଧିକାରୀ ଜିତେନ୍ଦ୍ର ନାଥ ସେଠୀ ସୂଚନା ଦେଇଛନ୍ତି ।

# ଦଶମୀରେ ଶ୍ରଦ୍ଧାଳୁଙ୍କ ପାଇଁ ଦହିପଖାଳ

କଟକ ଅଫିସ,୮।୯






ଶାରଦୀୟ ପୂଜା ପାଇଁ କଟକର ପୂଜାମଣ୍ଡପଗୁଡ଼ିକ ଚଳଚଞ୍ଚଳ ହୋଇଛି। ମା'ଙ୍କ ଆବାହନ ଲାଗି ବିଭିନ୍ନ ପୂଜା କମିଟି କର୍ମକର୍ତ୍ତାଙ୍କ ମଧ୍ୟରେ ଉତ୍ସାହ ଦେଖିବାକୁ ମିଳିଛି। ଏହି ପୂଜା ଦୌଡ଼ରେ ନିଜକୁ ସାମିଲ କରିଛି ଶେଖ୍ ବଜାର ପୂଜା କମିଟି। ୧୮୭୫ ମସିହାରେ କଟକଚଣ୍ଡୀ ରୋଡ୍‌ସ୍ଥିତ ଶେଖ୍ ବଜାର ପୂଜା କମିଟି ପକ୍ଷରୁ ଏକ ଚାଳଘରେ ହରପାର୍ବତୀ ପୂଜା ଆରମ୍ଭ ହୋଇଥିଲା। ୧୯୦୨ରେ ସେଠାରେ ଏକ ସ୍ଥାୟୀ ମଣ୍ଡପ ନିର୍ମାଣ କରାଯାଇଥିଲା। ସେବେଠାରୁ ଉକ୍ତ ମଣ୍ଡପରେ ଦୁର୍ଗାପୂଜା ଅନୁଷ୍ଠିତ ହୋଇଆସୁଛି। କିଛିବର୍ଷ ମା'ଙ୍କର ଜରିମେଢ଼ ତିଆରି କରାଯାଇଥିଲା। ୧୯୯୧ରେ କମିଟି ପକ୍ଷରୁ ମା'ଙ୍କର ଚାନ୍ଦିମେଢ଼ ନିର୍ମାଣ କରାଯାଇଥିଲା। ୨ କୁଇଣ୍ଟାଲ ଚାନ୍ଦିରେ ନିର୍ମାଣ ହୋଇଥିବା ଏହି ମେଢ଼ କଟକର ଦ୍ୱିତୀୟ ଚାନ୍ଦିମେଢ଼ର ମାନ୍ୟତା ପାଇଛି। ୨୦୦୫ରେ ମା'ଙ୍କ ସମେତ ଅନ୍ୟ ଦେବଦେବୀଙ୍କ ପାଇଁ ୬ କେଜି ଓଜନର ସୁନା ମୁକୁଟ ପ୍ରସ୍ତୁତ କରାଯାଇଥିଲା। ୨୦୧୬ରେ ଏହି ଚାନ୍ଦିମେଢ଼ରେ ୫ଗ୍ରାମ ଓଜନର ସୁନାର ମୟୂର ଚନ୍ଦ୍ରିକା ଲଗାଯାଇଥିଲା। ପ୍ରତିବର୍ଷ ମେଢ଼ର କାରୁକାର୍ଯ୍ୟ କରାଯାଉଥିବାରୁ ଚାନ୍ଦିର ପରିମାଣ ମଧ୍ୟ ବୃଦ୍ଧି ପାଉଛି। ପୂର୍ବରୁ ୩ କୁଇଣ୍ଟାଲର ଚାନ୍ଦିମେଢ଼ ହୋଇଥିବାବେଳେ ଚଳିତବର୍ଷ ଆହୁରି ୪୫ କେଜି ଚାନ୍ଦିରେ ମେଢ଼କୁ ଅଧିକ ଆକର୍ଷଣୀୟ କରାଯିବ। ଚଳିତବର୍ଷ ଦୁର୍ଗାପୂଜାକୁ ଅଧିକ ଆକର୍ଷଣୀୟ କରିବା ପାଇଁ ପୂଜା କମିଟି ପକ୍ଷରୁ ୭୦ରୁ ୮୦ ପ୍ରତିଶତ ମେଢ଼ ଡିଜାଇନରେ ପରିବର୍ତ୍ତନ କରାଯାଇଛି। ଏବେ ମେଢ଼ କାମ ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ସେହିପରି ଚଳିତବର୍ଷ ଭଜନ ସମାରୋହ କରାଯିବାକୁ ନିଷ୍ପତ୍ତି ହୋଇଛି। ସପ୍ତମୀଠାରୁ ଦଶମୀ ପର୍ଯ୍ୟନ୍ତ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯିବ। ପ୍ରତିବର୍ଷ ଭଳି ଚଳିତବର୍ଷ ନବମୀ ଦିନ ଶ୍ରଦ୍ଧାଳୁଙ୍କ ନିମନ୍ତେ ପ୍ରସାଦ ପ୍ରସ୍ତୁତ ହେବ। ଦଶମୀ ଦିନ ପୂଜା କମିଟି ପକ୍ଷରୁ ୨ ହଜାର ଶ୍ରଦ୍ଧାଳୁଙ୍କ ପାଇଁ ଦହିପଖାଳର ବ୍ୟବସ୍ଥା କରାଯିବ। ସେହିପରି ଆଲୋକୀକରଣ ଓ ସାଜସଜ୍ଜା ଉପରେ ପୂଜା କମିଟି ପକ୍ଷରୁ ଗୁରୁତ୍ୱ ଦିଆଯାଇଛି। ପୂଜାମଣ୍ଡପଠାରୁ ଚଣ୍ଡୀରୋଡ ଏବଂ ବଜାର ଅଞ୍ଚଳକୁ ଆକର୍ଷଣୀୟ ଆଲୋକମାଳାରେ ସଜ୍ଜିତ କରାଯିବ। ଚଳିତବର୍ଷ ପୂଜା ବଜେଟ୍ ପ୍ରାୟ ୨୨ ଲକ୍ଷ ଟଙ୍କା ରହିଛି।



" ଚଳିତବର୍ଷ ମେଢ଼ର ଡିଜାଇନକୁ ଗୁରୁତ୍ୱ ଦିଆଯାଇଛି। ପାରମ୍ପରିକ ବାଜା ଓ ଘଣ୍ଟଘଣ୍ଟାରେ ମା'ଙ୍କ ଭସାଣି ଉତ୍ସବ ଅନୁଷ୍ଠିତ ହେବ। ଶ୍ରଦ୍ଧାଳୁମାନେ ଯେଭଳି ଶାନ୍ତିଶୃଙ୍ଖଳାରେ ମା'ଙ୍କ ଦର୍ଶନ କରିପାରିବେ ସେଥିପାଇଁ ବ୍ୟବସ୍ଥା କରାଯିବ। ମେଢ଼ ପରିକ୍ରମା ପାଇଁ ନୂଆ ହାଇଡ୍ରୋଲିକ ଚେଚିସ୍ ବ୍ୟବସ୍ଥା ହେଉଛି।

**ରାଜକିଶୋର ନାୟକ, ସଭାପତି**



" ପୂଜା ପୂର୍ବରୁ ସ୍ଥାନୀୟ ଅଞ୍ଚଳର ରାସ୍ତାଘାଟ ମରାମତି ହେବ। କରୋନା ମହାମାରୀ ପାଇଁ ୨ବର୍ଷ ହେବ ଦୁର୍ଗାପୂଜା ଫିକା ପଡ଼ିଥିଲା। ଚଳିତବର୍ଷ କଟକଣା ନ ଥିବାରୁ ବହୁସଂଖ୍ୟାରେ ଶ୍ରଦ୍ଧାଳୁଙ୍କ ସମାଗମ ହେବା ଆଶା କରାଯାଉଛି। ଶ୍ରଦ୍ଧାଳୁଙ୍କ ସୁରକ୍ଷା ପାଇଁ କମିଟି ପକ୍ଷରୁ ସ୍ଥାନୀୟ ପୋଲିସ ସହିତ ଆଲୋଚନା ହୋଇସାରିଛି।

**କିଶୋର ବେହେରା, ସାଧାରଣ ସମ୍ପାଦକ**

### ଜିଲା ନୋଟାରି ସଂଘର ବୈଠକ

କଟକ ଅଫିସ ୮।୯

ଖାନ୍‌ନଗରସ୍ଥିତ କାଳୀ ଭବନରେ କଟକ ଜିଲା ନୋଟାରୀ ସଂଘର ସାଧାରଣ ପରିଷଦ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ୨୦୨୨-୨୪ ବର୍ଷ ପାଇଁ ନିର୍ବାଚନ ହୋଇଥିଲା। ଏଥିରେ ସଭାପତି ଭାବେ ନଟବର ପଣ୍ଡା, ଉପ ସଭାପତି ଭାବେ ଦୀପନ କୁମାର ମହାନ୍ତି, ସମ୍ପାଦକ ନିମାଇଁ ଚରଣ ଜେନା, ସହ ସମ୍ପାଦକ ଜ୍ୟୋତିରଞ୍ଜନ ପଟ୍ଟନାୟକ, କୋଷାଧ୍ୟକ୍ଷ ଭାବେ ଅରୁଣ କୁମାର ମଲ୍ଲିକ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଥିଲେ। ସେହିପରି ସୁରେନ୍ଦ୍ର ପ୍ରସାଦ ଧଳ, ଦୀପକ କୁମାର ପୁରୋହିତ(କଟକ), ଜୟନ୍ତୀପ୍ରିୟା ସେଠୀ (ସାଲେପୁର), ସମୀର କୁମାର ଦାସ (ବାଙ୍କୀ) ଯଥାକ୍ରମେ କାର୍ଯ୍ୟକାରୀ କମିଟି ସଦସ୍ୟଭାବେ ନିର୍ବାଚିତ ହୋଇଥିଲେ। ଏଥିରେ ପର୍ଯ୍ୟବେକ୍ଷକ ଭାବେ ଉପଦେଷ୍ଟା ନଗେନ୍ଦ୍ର ନାଥ ନନ୍ଦ ଓ ନେପାଳ ପ୍ରକାଶ ସାମନ୍ତ ଉପସ୍ଥିତ ଥିଲେ। ଏହି ବୈଠକରେ ବିଜୟ କୁମାର ନାୟକ, ବିଷ୍ଣୁପ୍ରିୟା ବେହେରା, ହରପ୍ରିୟା ଚୌଧୁରୀ, ରବୀନ୍ଦ୍ର ପରିଡା, ତନ୍ମୟ ଖୁଣ୍ଟିଆ, ଗୋବିନ୍ଦ ବେହେରା, ପ୍ରଭାସ ମହାନ୍ତି, ଧ୍ରୁବ ସାହୁ ଓ ରାମଚନ୍ଦ୍ର ମିଶ୍ରଙ୍କ ସହ ଅନ୍ୟମାନେ ଯୋଗଦେଇଥିଲେ।






ଶ୍ରୀଜଗନ୍ନାଥଙ୍କ ସମ୍ମୁଖରେ ପ୍ରସାଦ ସେବନ ପାଇଁ ବିଧାୟକ ପ୍ରମୋଦ ମଲ୍ଲିକ ଚେୟାର ପକାଇ ବସିଛନ୍ତି। ଏହାକୁ ବିରୋଧ କରି ଭାଜପା କର୍ମୀମାନେ ତାଙ୍କ କୁଶପୁତ୍ତଳିକା ଦାହ କରିବା ପାଇଁ ଶୋଭାଯାତ୍ରାରେ ଆସୁଛନ୍ତି।

**ଜଗନ୍ନାଥଙ୍କ ମୂର୍ତ୍ତି ସମ୍ମୁଖରେ ପ୍ରସାଦ ଖାଇବା ଘଟଣା**

# ବିଧାୟକଙ୍କ କୁଶପୁତ୍ତଳିକା ଦାହ

କଣ୍ଟାପଡା,୮।୯(ଡି.ଏନ୍.ଏ.)

କଟକ ଜିଲା ନିଆଳିସ୍ଥିତ ଏକ ମନ୍ଦିରର ଜଗନ୍ନାଥଙ୍କ ମୂର୍ତ୍ତି ସମ୍ମୁଖରେ ସ୍ଥାନୀୟ ବିଧାୟକ ପ୍ରମୋଦ ମଲ୍ଲିକ ଚେୟାରରେ ବସି ପ୍ରସାଦ ସେବନ କରିବା ଘଟଣାକୁ କଣ୍ଟାପଡା ବ୍ଲକ ଭାଜପା ପକ୍ଷରୁ ବିରୋଧ କରାଯାଇଛି। ଏ ନେଇ ଗୁରୁବାର କଣ୍ଟାପଡା ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ଭାଜପା କର୍ମୀମାନେ ବିଧାୟକଙ୍କ କୁଶପୁତ୍ତଳିକା ଦାହ କରିଥିଲେ। ମିଳିଥିବା ସୂଚନା ଅନୁଯାୟୀ, କିଛିଦିନ ତଳେ ବିଧାୟକ ଉକ୍ତ ମନ୍ଦିର ପରିସରରେ ଥିବା ଜଗନ୍ନାଥଙ୍କ ମୂର୍ତ୍ତି ସମ୍ମୁଖରେ ଚେୟାରରେ ବସି ପ୍ରସାଦ ଖାଇଥିଲେ। ଏହି ସମୟରେ ଉଠାଯାଇଥିବା ଫଟୋ ସୋସିଆଲ ମିଡିଆରେ ଭାଇରାଲ ହୋଇଥିଲା। ଏହାକୁ ନେଇ ବିଭିନ୍ନ ମହଲରେ ବିଧାୟକଙ୍କୁ ସମାଲୋଚନା କରାଯାଇଥିଲା। ଗୁରୁବାର କଣ୍ଟାପଡା ସରପଞ୍ଚ ନିର୍ମଳ ସାହୁ, ଡିମିରି ସରପଞ୍ଚ ଅଭିଷେକ ମହାପାତ୍ର, ଭାଜପା କଟକ ଜିଲା ସମ୍ପାଦକ ଲଲାଟେନ୍ଦୁ ପ୍ରସାଦ ଦାଶଙ୍କ ନେତୃତ୍ୱରେ ବହୁସଂଖ୍ୟାରେ ଭାଜପା କର୍ମୀ ଶୋଭାଯାତ୍ରାରେ ଆସି ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ପହଞ୍ଚି ବିଧାୟକଙ୍କ କୁଶପୁତ୍ତଳିକା ଦାହ କରିଥିଲେ। ତୁରନ୍ତ ବିଧାୟକ ସର୍ବସମ୍ମୁଖରେ କ୍ଷମା ମାଗନ୍ତୁ ବୋଲି ଭାଜପା କର୍ମୀମାନେ ଦାବି କରିଥିଲେ। ତେବେ ଘଟଣା ସମ୍ପର୍କରେ ପ୍ରତିକ୍ରିୟା ନେବା ପାଇଁ ବିଧାୟକ ମଲ୍ଲିକଙ୍କୁ ଯୋଗାଯୋଗ କରାଯାଇଥିଲେ ମଧ୍ୟ ସେ ଫୋନ୍ ଉଠାଇ ନଥିଲେ।

# ରାସ୍ତା ପାର୍ଶ୍ୱରେ ମାଂସ ବିକ୍ରି ପାଇଁ ଟ୍ରେଡ୍, ଫୁଡ୍ ଲାଇସେନ୍ସ ଜରୁରୀ

କଟକ ଅଫିସ, ୮।୯

**କଟକଣା ଜାରି କଲା ସିଏମ୍‌ସି**

ରାସ୍ତା ପାର୍ଶ୍ୱରେ ମାଂସ ବିକ୍ରି କରୁଥିବା ବ୍ୟବସାୟୀଙ୍କ ଉପରେ କଟକ ମହାନଗର ନିଗମ(ସିଏମ୍‌ସି) ପକ୍ଷରୁ କଟକଣା ଜାରି କରାଯାଇଛି। ଏଣିକି ସେମାନେ ରାସ୍ତାପାର୍ଶ୍ୱରେ ମାଂସ ବିକ୍ରି କରିବାକୁ ହେଲେ ସିଏମ୍‌ସିଠାରୁ ଟ୍ରେଡ୍ ଓ ଫୁଡ୍ ଲାଇସେନ୍ସ ନେବାକୁ ପଡ଼ିବ ବୋଲି ମେୟର ସୁବାସ ସିଂ କହିଛନ୍ତି। ସିଏମ୍‌ସି ମେୟରଙ୍କ ସମ୍ମିଳନୀ କକ୍ଷରେ ଗୁରୁବାର ଉଚ୍ଚସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ମେୟର ସିଂ ଅଧ୍ୟକ୍ଷତା କରି ଉପରୋକ୍ତ ବିଷୟରେ କହିଥିଲେ। ଏହି ବୈଠକରେ ବକ୍ସିବଜାର, ପଟାପୋଲ, ସିଡିଏ, କୃଷକ ବଜାର, ପୁରୀଘାଟ, ତୁଳସୀପୁର, ଖାନ୍‌ନଗର ଓ ସତୀଚୌରା ଅଞ୍ଚଳର ମାଂସ ବ୍ୟବସାୟୀମାନେ ଯୋଗଦେଇଥିଲେ। ବିନା ଟ୍ରେଡ୍ ଓ ଫୁଡ୍ ଲାଇସେନ୍ସରେ ବ୍ୟବସାୟୀଙ୍କୁ ମାଂସ ବିକ୍ରି କରିବାକୁ ଦିଆଯିବ ନାହିଁ। ଏହି କଟକଣାକୁ କଡ଼ାକଡ଼ି ପାଳନ କରାଯିବ ବୋଲି ବୈଠକରେ ନିଷ୍ପତ୍ତି ହୋଇଛି। ପର୍ଯ୍ୟାୟକ୍ରମେ ବ୍ୟବସାୟୀଙ୍କୁ ଏହି ଲାଇସେନ୍ସ ଦିଆଯିବ। ପ୍ରତ୍ୟେକ ସପ୍ତାହରେ ଜଣେ ବ୍ୟବସାୟୀ ସମ୍ପୃକ୍ତ ଠିକାଦାରଙ୍କୁ ୩ ଦିନ ପାଇଁ(ବୁଧବାର, ଶୁକ୍ରବାର ଓ ରବିବାର) ୧୫୦ ଟଙ୍କା ଦେବାକୁ ବୈଠକରେ ନିଷ୍ପତ୍ତି ହୋଇଛି। ଏହି ବୈଠକରେ ବ୍ୟବସାୟୀ ସେକ୍ ଆଦିଲ, ସେକ୍ ସାଜିଦ୍, ସେକ୍ ତାହିର, ସେକ୍ ତିମା, ସେକ୍ ସାକିଲ୍, ସେକ୍ ହବିବ୍, ସେକ୍ ଉସ୍ମାନ ଓ ସେକ୍ ହୁସେନ୍ ମହମ୍ମଦ ପ୍ରମୁଖ ଉପସ୍ଥିତ ଥିଲେ।

# ସଚେତନତା ଦ୍ୱାରା ଡେଙ୍ଗୁ ରୋକିହେବ

- ପ୍ରତି ୱାର୍ଡରେ ଲୋକଙ୍କୁ ସଚେତନ କରାଇବେ କର୍ପୋରେଟର
- ଛାତ୍ରୀଛାତ୍ରଙ୍କ ପାଇଁ ସ୍ୱତନ୍ତ୍ର ବୈଠକ

କଟକ ଅଫିସ, ୮।୯

ଡେଙ୍ଗୁର କାରଣ ଓ ନିରାକରଣ ବିଷୟରେ ସ୍ଥାନୀୟ କର୍ପୋରେଟର ଲୋକମାନଙ୍କୁ ସଚେତନ କରାଇବେ। ଏନେଇ ସିଏମ୍‌ସି ପକ୍ଷରୁ କାର୍ଯ୍ୟ ଆରମ୍ଭ ହୋଇଛି। ଗୁରୁବାର ସିଏମ୍‌ସିର ୫୫ ଓ ୫୯ ନମ୍ବର ୱାର୍ଡରେ କର୍ପୋରେଟର ଡେଙ୍ଗୁ ସଚେତନତା କାର୍ଯ୍ୟକ୍ରମ କରିଛନ୍ତି। ୫୫ନଂ. ୱାର୍ଡ କର୍ପୋରେଟର ବିଶ୍ୱବନ୍ଦିତା ପଣ୍ଡାଙ୍କ କାର୍ଯ୍ୟାଳୟରେ ଆଶା ଓ ଅଙ୍ଗନୱାଡ଼ି କର୍ମୀ, ସ୍ଥାନୀୟ ଲୋକଙ୍କୁ ନେଇ ବୈଠକ ଅନୁଷ୍ଠିତ ହୋଇଥିଲା। ସେହିପରି ୫୯ ୱାର୍ଡର ଲକ୍ଷେଶ୍ୱର ନୋଡାଲ ହାଇସ୍କୁଲରେ ଡେଙ୍ଗୁ ସଚେତନତା କାର୍ଯ୍ୟକ୍ରମ ହୋଇଥିଲା। ଡେଙ୍ଗୁକୁ କିପରି ରୋକାଯାଇପାରିବ ସେ ସମ୍ପର୍କରେ ଛାତ୍ରୀଛାତ୍ରମାନଙ୍କୁ ସଚେତନ କରାଯାଇଥିବା ସ୍ଥାନୀୟ କର୍ପୋରେଟର ମମତା ମହାନ୍ତି କହିଛନ୍ତି। ଏନେଇ ସିଏମ୍‌ସି ସ୍ୱାସ୍ଥ୍ୟ ଅଧିକାରୀ ସତ୍ୟବ୍ରତ ମହାପାତ୍ର କହିଛନ୍ତି, ସଚେତନତା ଦ୍ୱାରା ଡେଙ୍ଗୁକୁ ରୋକାଯାଇପାରିବ। ତେଣୁ ସିଏମ୍‌ସି ପକ୍ଷରୁ ୱାର୍ଡ ସ୍ତରରେ ସଚେତନା କାର୍ଯ୍ୟକ୍ରମ କରାଯିବ। ଉକ୍ତ କାର୍ଯ୍ୟକ୍ରମର ନେତୃତ୍ୱ ପ୍ରତି ୱାର୍ଡର କର୍ପୋରେଟର ନେବେ। ଏପର୍ଯ୍ୟନ୍ତ ୫ଟି ୱାର୍ଡରେ ଏହି କାର୍ଯ୍ୟକ୍ରମ କରାଯାଇଥିବାବେଳେ ଆଗାମୀ ଦିନରେ ୫୯ଟି ୱାର୍ଡରେ ଏହା ଜାରି ରହିବ। ବିଶେଷକରି ଛାତ୍ରୀଛାତ୍ରଙ୍କୁ ଡେଙ୍ଗୁ ସମ୍ପର୍କରେ ସଚେତନ କରାଇବା ପାଇଁ ସ୍କୁଲ ଓ କଲେଜରେ ଏହି କାର୍ଯ୍ୟକ୍ରମ କରାଯିବ ବୋଲି ସେ କହିଛନ୍ତି।

**ଭେଡେନ୍ ଗଣ ବଳାତ୍କାର ମାମଲା**

# ନିରପେକ୍ଷ ତଦନ୍ତ ପାଇଁ ଡିଜିପିଙ୍କୁ ନିର୍ଦ୍ଦେଶ

କଟକ ଅଫିସ,୮।୯

ବରଗଡ଼ ଜିଲା ଭେଡେନ ଥାନା ରୂପାପଲ୍ଲୀ ଗାଁର ତିନି ଦଳିତ ମହିଳାଙ୍କୁ ଗଣ ବଳାତ୍କାର ଓ ଦୁଇ ଜଣଙ୍କୁ ହତ୍ୟା ମାମଲାର ନିରପେକ୍ଷ ତଦନ୍ତ କରାଇବା ଲାଗି ଓଡ଼ିଶା ମାନବିକ ଅଧିକାର ଆୟୋଗ (ଓଏଚ୍ଆରସି) ପୋଲିସ ମହାନିର୍ଦ୍ଦେଶକ(ଡିଜିପି)ଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଏହି ଘଟଣାରେ ପୋଲିସ ତଦନ୍ତରେ କୌଣସି ଅଗ୍ରଗତି ହୋଇ ନ ଥିବା ଏବଂ ସ୍ଥାନୀୟ ପୋଲିସ ଉପରୁ ପୀଡ଼ିତାଙ୍କ ବିଶ୍ୱାସ ତୁଟି ଯାଇଥିବାରୁ ସେ ପୋଲିସ ପାଖକୁ ଯାଉନାହାନ୍ତି ବୋଲି ଆୟୋଗଙ୍କ ପକ୍ଷରୁ କରାଯାଇଥିବା ତଦନ୍ତରୁ ଜଣାପଡ଼ିଥିଲା। ଏପରି କି ତଦନ୍ତ ସମ୍ପର୍କରେ ରିପୋର୍ଟ ଦେଇ ନ ଥିବାରୁ ତଦନ୍ତକାରୀ ଅଫିସର ତଥା ବରଗଡ଼ ଏସ୍‌ଡିପିଓଙ୍କୁ ବ୍ୟକ୍ତିଗତ ଭାବେ ହାଜର ହେବା ଲାଗି ମଧ୍ୟ ଆୟୋଗ ନିର୍ଦ୍ଦେଶ ଦେଇଥିଲେ। ସେହି ଅନୁସାରେ ୨୦୨୧ ଫେବୃୟାରୀ ୨୨ରେ ବରଗଡ଼ ଡିଏସ୍‌ପି ହାଜର ହୋଇ ତଦନ୍ତ ରିପୋର୍ଟ ପ୍ରଦାନ କରିଥିଲେ। ହେଲେ ତଦନ୍ତ ରିପୋର୍ଟ ଠିକ୍ ଓ ନିରପେକ୍ଷ ହୋଇ ନ ଥିବା ଆୟୋଗ ହୃଦ୍‌ବୋଧ କରିଥିଲେ। ତେଣୁ ତତ୍କାଳୀନ ଆଇଆଇସି ଓ ତଦନ୍ତକାରୀ ଅଧିକାରୀଙ୍କ ବିରୋଧରେ କାହିଁକି କାର୍ଯ୍ୟାନୁଷ୍ଠାନ ସୁପାରିସ କରା ନ ଯିବ ସେ ସମ୍ପର୍କରେ ବରଗଡ଼ ଏସ୍‌ପିଙ୍କ ମାଧ୍ୟମରେ ତାହାର ଉତ୍ତର ଦେବାକୁ ଆୟୋଗ ନିର୍ଦ୍ଦେଶ ଦେଇଛନ୍ତି। ତଦନ୍ତ ଠିକ୍ ଭାବେ ହୋଇନାହିଁ ବୋଲି ଆବେଦନକାରୀଙ୍କ ଓକିଲ ନିଶିକାନ୍ତ ମିଶ୍ର ଆୟୋଗଙ୍କୁ ଜଣାଇଥିଲେ। ପ୍ରକାଶ ଯେ ପ୍ରଜାକୋର୍ଟ ଦ୍ୱାରା ବାସନ୍ଦ ହୋଇଥିବା ଗୋଟିଏ ପରିବାରର ତିନି ମହିଳାଙ୍କୁ ୨୩।୯।୨୦୧୬ରେ ଭେଡେନ୍ ଥାନାର କିଛି ପୋଲିସ୍ କର୍ମଚାରୀ ଘରୁ ପୋଲିସ୍ ଭ୍ୟାନରେ ଉଠାଇ ନେଇ ବଳାତ୍କାର କରିଥିଲେ। ପରେ ଗାଁ ଲୋକଙ୍କ ହାତରେ ଏହି ମହିଳାମାନଙ୍କୁ ଛାଡ଼ି ଦେଇଥିଲେ। ଗାଁର କିଛି ଲୋକ ସେମାନଙ୍କୁ ୧୦ ଦିନ ଜଙ୍ଗଲରେ ରଖି ବଳାତ୍କାର କରିଥିଲେ। ସେମାନଙ୍କ ମଧ୍ୟରୁ ଜଣେ ଖସି ଆସିଥିବାବେଳେ ଆଉ ଦୁଇଜଣଙ୍କୁ ସେମାନେ ହତ୍ୟା କରିଥିବା ଅଭିଯୋଗ ହୋଇଥିଲା। କିନ୍ତୁ ପୋଲିସ୍ ଏହା ଉପରେ କୌଣସି ପଦକ୍ଷେପ ନେଇ ନ ଥିଲା। ପରେ ଉକ୍ତ ମହିଳାଜଣଙ୍କ ମାନବିକ ଅଧିକାର ଆୟୋଗରେ ଅଭିଯୋଗ କରିଥିଲେ।




କଟକ ଜିଲା ସଂସ୍କୃତି ପରିଷଦ ଓ କଳା ବିକାଶ କେନ୍ଦ୍ର ପକ୍ଷରୁ ଗୁରୁବାର କଟକ କଳାବିକାଶ କେନ୍ଦ୍ର ପ୍ରେକ୍ଷାଳୟରେ ଅନୁଷ୍ଠିତ ନୂଆଁଖାଇ ଭେଟ୍‌ଘାଟ୍ କାର୍ଯ୍ୟକ୍ରମରେ କଳାକାରଙ୍କ ଦ୍ୱାରା ପରିବେଷିତ ସମ୍ବଲପୁରୀ ନୃତ୍ୟ।

# ୨୦ ମିଠାଦୋକାନରେ ଚଢ଼ାଉ

କଟକ ଅଫିସ, ୮।୯

**୨ ଦୋକାନ ସିଲ୍, ୫୦ କେଜି ସାମଗ୍ରୀ ନଷ୍ଟ**

କଟକ ମହାନଗର ନିଗମ(ସିଏମ୍‌ସି)ର ସ୍ୱାସ୍ଥ୍ୟ ଓ ଖାଦ୍ୟ ନିରାପତ୍ତା ବିଭାଗ ପକ୍ଷରୁ ଗୁରୁବାର ସହରର ବିଭିନ୍ନ ସ୍ଥାନରେ ଥିବା ମିଠାଦୋକାନ ଓ ହୋଟେଲରେ ଚଢାଉ କରାଯାଇଛି। ବିଶେଷକରି କଲ୍ୟାଣ ନଗର, ଲିଙ୍କ୍‌ରୋଡ, ବାଦାମବାଡି ଓ ଦୋଳମୁଣ୍ଡାଇ ଅଞ୍ଚଳର ୨୦ଟି ନାମୀଦାମୀ ମିଠା ଦୋକାନରେ ଚଢ଼ାଉ କରାଯାଇ ମିଠାର ମାନ ଯାଞ୍ଚ କରାଯାଇଛି। ସେଥିମଧ୍ୟରୁ ଲିଙ୍କ୍‌ରୋଡଠାରେ ଦୁଇଟି ଦୋକାନ ସିଲ୍ କରାଯାଇଥିବାବେଳେ ପ୍ରାୟ ୫୦ କେଜି ମିଠା ସାମଗ୍ରୀ ନଷ୍ଟ କରାଯାଇଛି। ଏଥିସହ ୮ଜଣ ଦୋକାନୀଙ୍କୁ ତାଗିଦ୍ କରାଯାଇଛି। ସେହିପରି ଦୁଇଟି ଦୋକାନରୁ ୧୦ ହଜାର ଟଙ୍କା ଜରିମାନା ଆଦାୟ କରାଯାଇଛି। ଅନେକ ଦୋକାନରେ ନିମ୍ନମାନର ମିଠା ବିକ୍ରି କରାଯାଉଥିବା ଅଭିଯୋଗ ହୋଇଥିଲା। ଖବରପାଇ ସ୍କ୍ୱାଡ୍ ପକ୍ଷରୁ ସେଠାରେ ମଧ୍ୟ ଚଢ଼ାଉ କରାଯାଇଥିଲା। ଜିଲାପିରୁ ଦୁର୍ଗନ୍ଧ ବାହାରୁଥିବାବେଳେ ମିଠା ପ୍ରସ୍ତୁତ କରାଯାଇ ବାସି ଶିରାରେ ପକାଯାଉଥିବା ସ୍କ୍ୱାଡ୍ ଜାଣିବାକୁ ପାଇଥିଲା। ଏନେଇ ସିଏମ୍‌ସି ସ୍ୱାସ୍ଥ୍ୟ ଅଧିକାରୀ ସତ୍ୟବ୍ରତ ମହାପାତ୍ର କହିଛନ୍ତି, ପୂଜାକୁ ଦୃଷ୍ଟିରେ ରଖି ଏଭଳି ଚଢ଼ାଉ କରାଯାଇଛି। ଆଗାମୀ ଦିନରେ ଚଢ଼ାଉ ଜାରି ରହିବ। ପୂଜା ସମୟରେ ସହରର ବିଭିନ୍ନ ଦୋକାନରେ ଖାଦ୍ୟର ମାନ ଯାଞ୍ଚ କରିବା ପାଇଁ ତିନୋଟି ଟିମ୍ ଗଠନ କରାଯାଇଛି ବୋଲି ସେ କହିଛନ୍ତି।



କଟକ ଲିଙ୍କ୍‌ରୋଡ ଅଞ୍ଚଳର ଏକ ଦୋକାନରେ ଖାଦ୍ୟର ମାନ ଯାଞ୍ଚ କରାଯାଉଛି।

## ଡ୍ରାଇଭରଙ୍କ ମା'ଙ୍କ ଅନ୍ତ୍ୟେଷ୍ଟିକ୍ରିୟାରେ ଯୋଗଦେଲେ ଉପବାଚସ୍ପତି

କଣାସ,(ସ୍ୱ.ପ୍ର.): ଅନୁଗୋଳ ବିଧାୟକ ତଥା ଉପବାଚସ୍ପତି ରଜନୀକାନ୍ତ ସିଂ ତାଙ୍କ ସ୍ୱର୍ଗତ ଡ୍ରାଇଭର ରତିକାନ୍ତ ପରମଗୁରୁଙ୍କ ମା'ଙ୍କ ଅନ୍ତ୍ୟେଷ୍ଟିକ୍ରିୟାରେ ଗୁରୁବାର ଯୋଗଦେଇଛନ୍ତି। ରତିକାନ୍ତଙ୍କ ମା' ଅନ୍ନପୂର୍ଣ୍ଣା ପରମଗୁରୁଙ୍କ କଣାସ ବ୍ଲକ କଣାସ ପଞ୍ଚାୟତର ଡିମିରି ଗ୍ରାମରେ ମୃତ୍ୟୁ ହୋଇଛି। ଉପବାଚସ୍ପତି ସିଂ ଉକ୍ତ ଗ୍ରାମରେ ପହଞ୍ଚି ତାଙ୍କ ପରିବାରଙ୍କ ସମସ୍ତ ବ୍ୟକ୍ତିଙ୍କୁ ଭେଟି ସାନ୍ତ୍ୱନା ଦେଇଛନ୍ତି। ଏଥିସହ ସେମାନଙ୍କୁ କିଛି ଆର୍ଥିକ ସହାୟତା ପ୍ରଦାନ କରିଛନ୍ତି।

## ସଂକ୍ଷେପରେ

### ମା' ମଙ୍ଗଳାଙ୍କ ପୂଜାପଣ୍ଡାଙ୍କ ପରଲୋକ



କାକଟପୁର, ୮।୯ (ଡି.ଏନ୍.ଏ.)- ମା' ମଙ୍ଗଳାଙ୍କ ପୂଜାପଣ୍ଡା ତଥା ବରିଷ୍ଠ ସେବାୟତ ନରେନ୍ଦ୍ର କୁମାର ଦୀକ୍ଷିତଙ୍କ ୬୫ ବର୍ଷ ବୟସରେ କଟକସ୍ଥିତ ଏକ ଘରୋଇ ମେଡିକାଲରେ ପରଲୋକ ହୋଇଯାଇଛି। ସେ ଦୀର୍ଘ ୧ ବର୍ଷ ହେବ ଶାରୀରିକ ଅସୁସ୍ଥତାରେ ପୀଡ଼ିତ ଥିଲେ। ହଠାତ୍ ବୁଧବାର ରାତିରେ ତାଙ୍କ ଦେହ ଅସୁସ୍ଥତା କାରଣରୁ କଟକର ଏକ ଘରୋଇ ମେଡିକାଲରେ ଭର୍ତ୍ତି କରାଯାଇଥିଲା। ହେଲେ ଚିକିତ୍ସିତ ହେଉଥିବା ବେଳେ ଗୁରୁବାର ମଧ୍ୟାହ୍ନରେ ପରଲୋକ ହୋଇଯାଇଛି। ଅପରାହ୍ନରେ ତାଙ୍କ ମରଶରୀର କାକଟପୁରସ୍ଥିତ ନିଜସ୍ୱ ବାସଭବନରେ ପହଞ୍ଚିବା ପରେ ଶେଷ ଦର୍ଶନ କରିବାକୁ ଶୁଭେଚ୍ଛୁ, ବନ୍ଧୁପରିଜନ ସେବକଗଣ ପହଞ୍ଚିଥିଲେ। ସେବକ ସମିତି ସଭାପତି ମନୋରଞ୍ଜନ ପଣ୍ଡା, ପ୍ରେସ କ୍ଲବ ସଭାପତି କମଳ ଲୋଚନ ଦୀକ୍ଷିତ, ତୁଷାର ରଞ୍ଜନ ଦୀକ୍ଷିତ, ପ୍ରଦୀପ୍ତ କୁମାର ଦୀକ୍ଷିତ, ଦେବରାଜ ଦୀକ୍ଷିତ, ରୁଦ୍ର ନାରାୟଣ ଦୀକ୍ଷିତଙ୍କ ସମେତ ଅନେକ ସେବାୟତ ପହଞ୍ଚି ଶେଷ ଦର୍ଶନ କରିବା ସହିତ ଅମର ଆତ୍ମାର ସଦ୍‌ଗତି କାମନା କରିଥିଲେ। ତାଙ୍କର ମୃତ୍ୟୁଶଯ୍ୟା ନିକଟରେ ସ୍ତ୍ରୀ, ବଡପୁଅ ହରିହର, ମଝିଆ ଉମାଶଙ୍କର, ସାନପୁଅ ଭବାନୀଶଙ୍କର ଓ ୨ ବୋହୂ ଉପସ୍ଥିତ ଥିଲେ। ପରେ ତାଙ୍କର ମରଶରୀରକୁ ଏକ ବିରାଟ ପଟୁଆରରେ ଗ୍ରାମ୍ୟ ଶ୍ମଶାନକୁ ନିଆଯାଇ ସେଠାରେ ଶେଷକୃତ୍ୟ ସମ୍ପନ୍ନ କରାଯାଇଥିଲା। ବଡପୁତ୍ର ହରିହର ମୁଖାଗ୍ନି ଦେଇଥିଲେ। ତାଙ୍କର ମୃତ୍ୟୁରେ କାକଟପୁର ଅଞ୍ଚଳରେ ଶୋକରଛାୟା ଖେଳିଯାଇଛି। ସୂଚନାଥାଉକି, ଗୁରୁବାର ସ୍ୱର୍ଗତ ଦୀକ୍ଷିତଙ୍କ ମା' ମଙ୍ଗଳାଙ୍କ ସେବା ପାଳି ଥିଲା।

### ଏଏପିର ସ୍ୱାସ୍ଥ୍ୟ କ୍ରାନ୍ତି ଆନ୍ଦୋଳନ

ବ୍ରହ୍ମଗିରି,୮।୯(ଡି.ଏନ୍.ଏ.)- ବ୍ରହ୍ମଗିରିସ୍ଥିତ ରେବଣାନୂଆଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ କେତେକ ଅବ୍ୟବସ୍ଥାକୁ ନେଇ ୧୩ ଦଫା ଦାବି ନେଇ ଆମ୍ ଆଦ୍‌ମୀ ପାର୍ଟି(ଏଏପି) ତରଫରୁ ଗଣଧାରଣା ଚାଲିଛି। ଏହି ଧାରଣା ବ୍ରହ୍ମଗିରି ଆବାହକ ଶ୍ୟାମଳେନ୍ଦୁ ପ୍ରଧାନଙ୍କ ନେତୃତ୍ୱରେ ଚାଲିଥିବା ସମୟରେ ଶୁକ୍ରବାର ଏଏପିର ରାଜ୍ୟ ଆବାହକ ନିଶିକାନ୍ତ ମହାପାତ୍ର ଓ ପୁରୀ ଜିଲା ଆବାହକ ସଞ୍ଜୀବ ମହାନ୍ତି ଯୋଗଦେଇଥିଲେ। ଏହି ସମସ୍ତ ନେତାଙ୍କ ଉପସ୍ଥିତିରେ ଅତିରିକ୍ତ ତହସିଲଦାର, ଥାନା ପ୍ରତିନିଧି, ଡାକ୍ତଖାନା ପ୍ରଶାସନ ଓ ବ୍ରହ୍ମଗିରି ସାଧାରଣ ଜନତାଙ୍କ ଉପସ୍ଥିତିରେ ଧାରଣାସ୍ଥଳରେ ଏକ ସାମୂହିକ ଆଲୋଚନା ହୋଇଥିଲା। ବିଭିନ୍ନ ଦାବି ତୁରନ୍ତ ପୂରଣ ପାଇଁ ଦାବି କରାଯାଇଥିଲା।

### ଅବକାରୀ ଚଢ଼ାଉ, ଜଣେ ଗିରଫ

ଅସ୍ତରଙ୍ଗ,୮।୯(ଡି.ଏନ୍.ଏ.)- ରାଜ୍ୟରେ ମାଦକ ଦ୍ରବ୍ୟର ଚୋରା ଚାଲାଣ ଓ କାରବାର ବଢୁଥିବାବେଳେ ଏହାକୁ ମୁକାବିଲା କରିବା ସହିତ ରୋକିବା ପାଇଁ ଅବକାରୀ କମିଶନର କଡା ଆଭିମୁଖ୍ୟ ଗ୍ରହଣ କରିଛନ୍ତି। କମିଶନର ଆଶିଷ ସିଂଙ୍କ ନିର୍ଦ୍ଦେଶକ୍ରମେ ପୁରୀ ଅବକାରୀ ଅଧୀକ୍ଷକ ଜଗଦୀଶ ଚନ୍ଦ୍ର ସାମଲଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ପୁରୀ- ନିମାପଡା ଅବକାରୀ ବିଭାଗର ଏକ ସ୍ୱତନ୍ତ୍ର ଟିମ୍ ଜିଲାର ବିଭିନ୍ନ ସ୍ଥାନରେ ଚଢ଼ାଉ କରାଯାଇଛି। ଏହି କ୍ରମରେ ମୋବାଇଲ ସ୍କ୍ୱାଡର ଅବକାରୀ ଅଧିକାରିଣୀ ମମତା କୁମାରୀ ଦାସଙ୍କ ନେତୃତ୍ୱରେ ଉକ୍ତ ଟିମ୍ ଅସ୍ତରଙ୍ଗ ଅଞ୍ଚଳରେ ବାରମ୍ବାର ଚଢ଼ାଉ କରାଯାଇ ବିପୁଳ ପରିମାଣର ଦେଶୀ, ବିଦେଶୀ ମଦ, ଭାଙ୍ଗ ଓ ଗଞ୍ଜେଇ ଜବତ ହୋଇଛି। ଅଧିକାରିଣୀ ଦାସ ବୁଧବାର ଗୋସିଙ୍ଗା ଗ୍ରାମରେ ଚଢ଼ାଉ କରି ବିପୁଳ ପରିମାଣର ଦେଶୀ ମଦ ଜବତ କରିବା ସହିତ ସ୍ଥାନୀୟ ଅଞ୍ଚଳର ଜଣେ ମଦ ବେପାରୀଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ସେ ହେଲେ ଏହି ଥାନା ଅଞ୍ଚଳର ଅମରେଶ୍ୱର ସେଠୀ। ଏ ନେଇ ଅବକାରୀ ବିଭାଗ ପକ୍ଷରୁ ଏକ ମାମଲା(ନଂ. ୪୭/୨୨) ରୁଜୁ କରିଛି। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ଅବକାରୀ ବିଭାଗର ସ୍ୱତନ୍ତ୍ର ଦଳ ଅସ୍ତରଙ୍ଗ, ଗୋପ, ବଳଙ୍ଗା, ବ୍ରହ୍ମଗିରି, ପିପିଲି, ନିମାପଡା, କୋଣାର୍କ, କାକଟପୁର, ନୟାହାଟ ପ୍ରମୁଖ ସ୍ଥାନରେ ଚଢ଼ାଉ ଜାରି ରଖିଛନ୍ତି।

### ସାକ୍ଷରତା ଦିବସ ପାଳିତ

ପୁରୀ ଅଫିସ, ୮।୯: ହାପିନେସ ଫାଉଣ୍ଡେଶନ ପକ୍ଷରୁ ଗୁରୁବାର ଅନ୍ତର୍ଜାତୀୟ ସାକ୍ଷରତା ଦିବସ ପାଳନ କରାଯାଇଛି। ପେଣ୍ଠକଟା ତାରିଣୀ ବସ୍ତିରେ ଥିବା ୩୦ରୁ ୪୦ବର୍ଷ ବୟସର ନିରକ୍ଷର ଲୋକଙ୍କୁ ନିଜ ନାମଲେଖା ଶିଖାଯାଇଛି। ସେମାନଙ୍କର ପାଠପଢ଼ା ପ୍ରତି ଆଗ୍ରହ ସୃଷ୍ଟି ଲାଗି ପାଠ୍ୟ ଉପକରଣ ପ୍ରଦାନ କରାଯାଇଛି। କାର୍ଯ୍ୟକ୍ରମରେ ଅନୁଷ୍ଠାନର ସୌମ୍ୟ ରଞ୍ଜନ ସାହୁ, ଶମ୍ଭୁ ମହାନ୍ତି, ବିଜୟ ଉପାଧ୍ୟାୟ, ଯଯାତି କେଶରୀ ନାୟକ, ବଳରାମ ନାୟକ, ସୁଶିଲ କୁମାର ସାହୁ, ରଶ୍ମିତା ବିଶ୍ୱାଳ, ମାମାଲି ସୁବୁଦ୍ଧି ଓ ଶିବାନୀ ସାହୁ ପ୍ରମୁଖ ସାମିଲ ଥିଲେ।

# ନଳବଣ ପକ୍ଷୀ ଅଭୟାରଣ୍ୟ ଅସୁରକ୍ଷିତ

- ଅନଧିକାର ପ୍ରବେଶ, ଅବାଧ ଶିକାର ବଢ଼ାଇଛି ସମସ୍ୟା
- ମୋଟର ଡଙ୍ଗାର ଶବ୍ଦ ସାଜିଛି ମୁଖ୍ୟ ବାଧକ



ପୁରୀ ଅଫିସ,୮।୯:

ଚିଲିକାରେ ଶୀତୁଆ ସକାଳ ଓ ବିଦେଶୀ ପକ୍ଷୀଙ୍କ ମନୋରମ ଦୃଶ୍ୟ ପର୍ଯ୍ୟଟକଙ୍କୁ ଆକର୍ଷିତ କରିଥାଏ। ହଜାର ହଜାର ପକ୍ଷୀଙ୍କ ଆଗମନରେ ନଳବଣ ପକ୍ଷୀ ଅଭୟାରଣ୍ୟ ପୂରିଉଠେ। ମାତ୍ର ଗତ କିଛିବର୍ଷ ହେବ ଚିଲିକାକୁ ବିଦେଶୀ ପକ୍ଷୀଙ୍କ ଆଗମନ କମିଛି। ଶୀତଦିନେ ଚିଲିକାର ନଳବଣରେ ଆଉ ଆଗଭଳି ସାଇବେରିଆ ପକ୍ଷୀ ଦେଖିବାକୁ ମିଳୁନାହାନ୍ତି। ପକ୍ଷୀ ଶିକାର, ମୋଟରଚାଳିତ ଡଙ୍ଗା ଓ ଲୋକଙ୍କ ଅନଧିକାର ପ୍ରବେଶ ହିଁ ଏହାର କାରଣ ବୋଲି କୁହାଯାଉଛି। ଚିଲିକାର ଜୈବ ବିବିଧତା ମଧ୍ୟ ପ୍ରଭାବିତ ହେବାରେ ଲାଗିଛି।

ପ୍ରତିବର୍ଷ ଶୀତଋତୁରେ ନଳବଣରେ ୧ ହଜାରରୁ ଊର୍ଦ୍ଧ୍ୱ ପ୍ରକାର ପକ୍ଷୀଙ୍କ ସମାଗମ ହୋଇଥାଏ। ବନ୍ୟଜନ୍ତୁ ସଂରକ୍ଷଣ ଆଇନ-୧୯୭୨ ଅଧୀନରେ ନଳବଣକୁ ପକ୍ଷୀ ଅଭୟାରଣ୍ୟ ଭାବେ ଘୋଷଣା କରାଯାଇଛି। ନଳବଣକୁ ସି-ଇଗଲ୍, ଗ୍ରେ ହେରନ୍ସ, ସ୍ପୁନ୍ ବିଲ୍ସ, ଷ୍ଟୋର୍କ୍ସ, ପାରିଆହା କାଇଟ୍ସ, ଲାର୍କ୍ସ, ରଫ୍, ଡନ୍‌ଲିନ୍, ଲାପ୍ ଉଇଙ୍ଗ୍ସ ଓ ଗଡ୍ ଉଇଟ୍ସ ଭଳି ବିରଳ ପକ୍ଷୀ ଆସନ୍ତି। ତେବେ ଏଭଳି ସମ୍ବେଦନଶୀଳ ଅଞ୍ଚଳକୁ ମାତ୍ରାଧିକ ଚଳପ୍ରଚଳ ଓ ମୋଟରଯାନ ଶବ୍ଦ ବିଗତ ବର୍ଷଗୁଡ଼ିକରେ କ୍ରମାଗତ ଭାବେ ପ୍ରଭାବିତ କରିଛି। ଏହି ପକ୍ଷୀ ଜୈବମଣ୍ଡଳରେ ବାରମ୍ବାର ମନୁଷ୍ୟକୃତ ହସ୍ତକ୍ଷେପ ଯୋଗୁ ପକ୍ଷୀଙ୍କ ଆଗମନ ସଂଖ୍ୟା କମୁଥିବା ପରିବେଶବିତ୍ ଜ୍ଞାନପ୍ରସାଦ ମିଶ୍ର କହିଛନ୍ତି। ସେହିଭଳି ଗତ ଫେବୃୟାରୀରେ ଓଡ଼ିଶା ହାଇକୋର୍ଟ ପକ୍ଷୀ ଅଭୟାରଣ୍ୟର ସମ୍ବେଦନଶୀଳ ଅଞ୍ଚଳ ଯାହା ଗୁରୁତ୍ୱପୂର୍ଣ୍ଣ ପକ୍ଷୀ ଅଞ୍ଚଳ ଭାବେ ଚିହ୍ନିତ, ସେଠାରେ ମନୁଷ୍ୟକୃତ କାର୍ଯ୍ୟକଳାପ ଓ ମୋଟରଚାଳିତ ଡଙ୍ଗା ଚଳାଚଳ କମାଇବା ସହ ଏ ସମ୍ପର୍କିତ ନୋଟିସ୍ ଜାରି କରିଥିଲେ। ଏହାପରେ ଚିଲିକା ଉନ୍ନୟନ କର୍ତ୍ତୃପକ୍ଷ (ସିଡିଏ) ବ୍ୟକ୍ତିଗତ ଭାବେ କୋର୍ଟରେ ହାଜର ହୋଇ ଅଭୟାରଣ୍ୟ ଉପରେ ଥିବା ବିପଦ ସଂକ୍ରାନ୍ତ ଜନସ୍ୱାର୍ଥ ମାମଲାର ଉତ୍ତର ରଖିଥିଲେ। ସ୍ଥାନୀୟ ମତ୍ସ୍ୟଜୀବୀ ତଥା ଡଙ୍ଗାଚାଳକ ପ୍ରଭୁ ଜେନା କହିଛନ୍ତି, ସରକାରଙ୍କ ଦ୍ୱାରା ବେଆଇନ ଭାବେ ଅନୁମତି ନେଇ କିଛି ଲୋକ ନଳବଣ ଭିତରକୁ ପ୍ରବେଶ କରୁଛନ୍ତି। ନିୟମ ମୁତାବକ ନଳବଣର ନିୟନ୍ତ୍ରିତ ଅଞ୍ଚଳ ଭିତରକୁ କେହି ପ୍ରବେଶ କରିପାରିବେ ନାହିଁ। ପର୍ଯ୍ୟଟକମାନେ ବୁଲିବାକୁ ଆସିଲେ ନିର୍ଦ୍ଦିଷ୍ଟ ଦୂରତାରୁ ନଳବଣରେ ପକ୍ଷୀମାନଙ୍କୁ ଦେଖନ୍ତି। ତେବେ ସରକାରୀ ହସ୍ତକ୍ଷେପ କମିଲେ ପକ୍ଷୀମାନେ ପ୍ରଭାବିତ ହୁଅନ୍ତେ ନାହିଁ। ସେହିପରି ବାଲୁଖଣ୍ଡ ଅଞ୍ଚଳର ଜଣେ ଫରେଷ୍ଟ ଗାର୍ଡ ନିଜ ନାମ ଗୋପନ ରଖି କହିଛନ୍ତି, ମୋଟରଡଙ୍ଗା ଓ ପକ୍ଷୀ ଶିକାର ଭଳି ସମସ୍ୟା ପ୍ରତି ପ୍ରଶାସନ ଦୃଷ୍ଟି ଦେଉନାହିଁ। ଶୀତଋତୁ ଆସିଲେ ପକ୍ଷୀ ଶିକାର ଏକ ନିତିଦିନିଆ କାର୍ଯ୍ୟ ପାଲଟିଯାଏ। ମତ୍ସ୍ୟଜୀବୀମାନେ ଡଙ୍ଗା ଯୋଗେ ନଳବଣକୁ ଯାଇ ପକ୍ଷୀ ଶିକାର କରିଥାନ୍ତି। ସେହିପରି ସମ୍ବେଦନଶୀଳ ଅଞ୍ଚଳରେ ବିନା ବାଧାରେ ମୋଟର ଡଙ୍ଗା ଚଳାଚଳ କରୁଛି। ଆବଶ୍ୟକ ସଂଖ୍ୟକ କର୍ମଚାରୀ ଅଭାବରୁ ସେଗୁଡ଼ିକ ଉପରେ ସବୁ ସମୟରେ ନଜର ରଖିବା ସମ୍ଭବ ହେଉନାହିଁ। ଶୀତଋତୁରେ ୫ଶହରୁ ଊର୍ଦ୍ଧ୍ୱ ଡଙ୍ଗା ସମ୍ବେଦନଶୀଳ ଅଞ୍ଚଳରେ ପ୍ରବେଶ କରିଥାଏ। ଚିଲିକା ଉନ୍ନୟନ କର୍ତ୍ତୃପକ୍ଷଙ୍କ ହସ୍ତକ୍ଷେପ ବିନା ଏହି ସମସ୍ୟାର ସମାଧାନ ସମ୍ଭବ ନୁହେଁ। ଏ ନେଇ ସିଡିଏ କାର୍ଯ୍ୟନିର୍ବାହୀ ଅଧିକାରୀ ସୁଶାନ୍ତ ନନ୍ଦଙ୍କୁ ଫୋନ୍ ଯୋଗେ ଯୋଗାଯୋଗ କରିବାକୁ ଚେଷ୍ଟା କରାଯାଇଥିଲେ ମଧ୍ୟ ତାହା ସମ୍ଭବ ହୋଇନାହିଁ। ଅନ୍ୟପକ୍ଷରେ ଚିଲିକା ଉନ୍ନୟନ କର୍ତ୍ତୃପକ୍ଷଙ୍କ ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ, ବାଲୁଖଣ୍ଡ ଅଧିକାରୀ ଓ କର୍ମଚାରୀମାନଙ୍କ ଦ୍ୱାରା ଚିଲିକା ମଧ୍ୟରେ ପାଟ୍ରୋଲିଂ କରାଯାଇଥାଏ। ସମ୍ବେଦନଶୀଳ ଅଞ୍ଚଳରେ କେହି ପ୍ରବେଶ କଲେ, ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯାଉଛି। ସେହିଭଳି ଜୈବ ବିବିଧତା ସର୍ଭେ କାର୍ଯ୍ୟକାରୀ କରାଯାଉଛି। ପ୍ରତିବର୍ଷ କେତେ ସଂଖ୍ୟକ ପକ୍ଷୀ ଆସନ୍ତି, ତାହାର ଗଣନା ମଧ୍ୟ ହେଉଛି।



ସମ୍ମିଳିତ କର୍ମଜୀବୀ ଖବରଦାତା ମହାସଂଘ ପକ୍ଷରୁ ୧୦ଦଫା ଦାବି ନେଇ ଗୁରୁବାର ପୁରୀ ବଡ଼ଦାଣ୍ଡରେ ଆୟୋଜିତ ଶୋଭାଯାତ୍ରା ।

# 'ଖବରଦାତାଙ୍କ ଦାବି ମାନି ନିଅନ୍ତୁ ସରକାର'

**ମୁଖ୍ୟ ଶାସନ ସଚିବଙ୍କ ଉଦ୍ଦେଶ୍ୟରେ ଦାବିପତ୍ର**

ପୁରୀ ଅଫିସ,୮।୯:

ସମ୍ମିଳିତ କର୍ମଜୀବୀ ଖବରଦାତା ମହାସଂଘ ପକ୍ଷରୁ ୧୦ଦଫା ଦାବି ନେଇ ଗୁରୁବାର ପୁରୀ ବଡ଼ଦାଣ୍ଡରେ ଶୋଭାଯାତ୍ରା କରାଯିବା ସହ ମୁଖ୍ୟ ଶାସନ ସଚିବଙ୍କ ଉଦ୍ଦେଶ୍ୟରେ ଜିଲାପାଳ ସମର୍ଥ ବର୍ମାଙ୍କୁ ଦାବିପତ୍ର ଦିଆଯାଇଛି। ଖବରଦାତାଙ୍କ ସ୍ୱାସ୍ଥ୍ୟବୀମା ୧୦ ଲକ୍ଷ ଟଙ୍କାକୁ ବୃଦ୍ଧି, ପେନସନ୍ ଦେବା, ଖବରଦାତାଙ୍କ ପିଲାଙ୍କୁ ବିଦ୍ୟାଳୟ ଓ କଲେଜ ସ୍ତରରେ ଶିକ୍ଷା ପାଇଁ ସ୍ୱତନ୍ତ୍ର ସୁବିଧା, କ୍ଷୁଦ୍ର ଓ ମଧ୍ୟମ ଖବରକାଗଜକୁ ବିଜ୍ଞାପନ ବୃଦ୍ଧି, ବସ୍ ଯାତାୟାତରେ ରିହାତି, ଉଦ୍ଦେଶ୍ୟମୂଳକ ଭାବେ ଖବରଦାତାଙ୍କୁ ପୋଲିସ ଆକ୍ରମଣରୁ ସୁରକ୍ଷା ଏବଂ ଖବରଦାତାଙ୍କ ବିରୋଧରେ ଘଟୁଥିବା ହିଂସାତ୍ମକ କାର୍ଯ୍ୟକଳାପ ରୋକିବା ପ୍ରଭୃତି ଦାବି କରାଯାଇଛି। ଶୋଭାଯାତ୍ରା ସିଂହଦ୍ୱାର, ଟାଉନ ଥାନା, ଜିଲା ମୁଖ୍ୟ ଚିକିତ୍ସାଳୟ ଓ ମହାତ୍ମାଗାନ୍ଧୀ ରୋଡ୍ ଦେଇ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ପହଞ୍ଚିଥିଲା। ଏହାପରେ ଖବରଦାତାମାନେ ଜିଲାପାଳଙ୍କୁ ଭେଟି ଦାବିପତ୍ର ଦେଇଥିଲେ। ଖବରଦାତାଙ୍କ ନ୍ୟାର୍ଯ୍ୟ ଦାବି ଉପରେ ସରକାର ବିଚାର ନ କଲେ ଆନ୍ଦୋଳନ କରାଯିବ ବୋଲି ମହାସଂଘ ପକ୍ଷରୁ କୁହାଯାଇଛି। ଏହି ଶୋଭାଯାତ୍ରାରେ କେନ୍ଦ୍ରୀୟ ସାଧାରଣ ସମ୍ପାଦକ ତପନ ମହାରଣା ଶର୍ମା, ଉପସଭାପତି ସୁନୀଲ ମିଶ୍ର, ମାନସ ମହାପାତ୍ର, କୋଷାଧ୍ୟକ୍ଷ ଗଜେନ୍ଦ୍ର ବେହେରା, ଆଇନ ଉପଦେଷ୍ଟା ଦିଲୀପ ଦାସ, ଜୟକୃଷ୍ଣ ଦାସ, ସୁବୋଧ କୁମାର ସୁବୁଦ୍ଧି, ପ୍ରସନ୍ନ କୁମାର ଦାଶ, ପ୍ରସନ୍ନ ଲେଙ୍କା, ସାଗର ମଦନ ମୋହନ ପ୍ରତିହାରୀ, ରବୀନ୍ଦ୍ର ମହାନ୍ତି, ବିବେକାନନ୍ଦ ଦାଶ, ବିଶ୍ୱମିତ ମିଶ୍ର, ସ୍ତମ୍ଭକାର ବଦ୍ରି ମିଶ୍ର ଏବଂ ସାମାଜିକ କର୍ମୀ ଷ୍ଟାଲିନ ପରିଜା ପ୍ରମୁଖ ସାମିଲ ଥିଲେ।

## ପୁରୀ ଜିଲାର ୪ ଶିକ୍ଷକଙ୍କୁ ବସନ୍ତ ବିଶ୍ୱାଳ ପୁରସ୍କାର

ପୁରୀ ଅଫିସ, ୮।୯:

ଓଡ଼ିଶା ରାଜ୍ୟ ଭାରତ ସ୍କାଉଟ୍ସ ଓ ଗାଇଡ୍ସର ପୂର୍ବତନ ରାଜ୍ୟ ସଭାପତି ସ୍ୱର୍ଗତ ବସନ୍ତ କୁମାର ବିଶ୍ୱାଳଙ୍କ ସ୍ମୃତିରେ ବସନ୍ତ ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ଭୁବନେଶ୍ୱରସ୍ଥିତ ମୁଖ୍ୟ କାର୍ଯ୍ୟାଳୟରେ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ମୁଖ୍ୟ ଅତିଥି ଭାବେ ବିଧାନସଭା ସଚିବ ଦାଶରଥି ଶତପଥୀ ଏବଂ ସମ୍ମାନିତ ଅତିଥି ଭାବେ ଓଡ଼ିଶା ଷ୍ଟେଟ୍ ଭାରତ ସ୍କାଉଟ୍ ଓ ଗାଇଡ୍ସର ରାଜ୍ୟ ମୁଖ୍ୟ କମିଶନର ତଥା ଜାତୀୟ ଉପସଭାପତି କାଳୀପ୍ରସାଦ ମିଶ୍ର ଯୋଗଦେଇଥିଲେ। ବିଭିନ୍ନ ଜିଲାରୁ ମନୋନୀତ ହୋଇଆସିଥିବା ସ୍କାଉଟ୍ ମାଷ୍ଟର, କବ ମାଷ୍ଟର, ଗାଇଡ୍ କ୍ୟାପଟେନ ଓ ଫ୍ଲକ୍ ଲିଡରଙ୍କୁ ବସନ୍ତ କୁମାର ବିଶ୍ୱାଳ ପୁରସ୍କାର ପ୍ରଦାନ କରାଯାଇଛି। ସେମାନଙ୍କ ମଧ୍ୟରେ ପୁରୀ ଶ୍ୱେତଗଙ୍ଗା ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ବିଜୟଲକ୍ଷ୍ମୀ ଦାଶ, ପିପିଲି ସରସ୍ୱତୀ ଶିଶୁ ମନ୍ଦିରର ଶିକ୍ଷୟିତ୍ରୀ ଅନ୍ନପୂର୍ଣ୍ଣା ଜେମା, ଅସ୍ତରଙ୍ଗ ବାଲିଦୋକାନସ୍ଥିତ ବଟେଶ୍ୱର ନୋଡାଲ ହାଇସ୍କୁଲ୍‌ର ଶିକ୍ଷକ ରାଜକିଶୋର ସେନାପତି ଓ ସିରେଇ ନୋଡାଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଜିତେନ୍ଦ୍ର କୁମାର ପେଣ୍ଠୋଇ ଏହି ସମ୍ମାନ ଗ୍ରହଣ କରିଛନ୍ତି।

## ଶ୍ରୀଜଗବନ୍ଧୁ ଖୁଣ୍ଟିଆ ଟ୍ରଷ୍ଟର ପ୍ରଥମ ସ୍ୱନକ୍ଷତ୍ର ଉତ୍ସବ

ପୁରୀ ଅଫିସ, ୮।୯:

ଶ୍ରୀଜଗବନ୍ଧୁ ଖୁଣ୍ଟିଆ ଟ୍ରଷ୍ଟର ପ୍ରଥମ ସ୍ୱନକ୍ଷତ୍ର ଉତ୍ସବ ପାଳିତ ହୋଇଯାଇଛି। ଏଥିରେ ଟ୍ରଷ୍ଟ ସଭାପତି ମାଧବ ଖୁଣ୍ଟିଆ ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥି ଭାବେ ପୂର୍ବତନ ଏମ୍‌ପି ଡ. ପ୍ରସନ୍ନ କୁମାର ପାଟ୍ଟଶାଣୀ, ମୁଖ୍ୟବକ୍ତା ଭାବେ ପ୍ରଫେସର ଶଶାଙ୍କ ଶେଖର ଚୂଡ଼ାମଣି ଦାସ ଯୋଗଦେଇଥିଲେ। ଭାରତ ସେବାଶ୍ରମ ସଂଘର ସ୍ୱାମୀଜୀ ସମିଧାନନ୍ଦ ମହାରାଜ ଉପସ୍ଥିତ ଥିଲେ। ପୂର୍ବ ଭଳି ସମାଜ ପ୍ରତି ସେବା ମନୋବୃତ୍ତି ରଖି ଆଗକୁ ଆଗେଇବା ପାଇଁ ଅତିଥିମାନେ ଟ୍ରଷ୍ଟ କର୍ମକର୍ତ୍ତାଙ୍କୁ ପରାମର୍ଶ ଦେଇଥିଲେ। ଏହି ଅବସରରେ ସଙ୍ଗୀତ ଗୁରୁ ବାଳକୃଷ୍ଣ ବାରିକ, କଣ୍ଠଶିଳ୍ପୀ ଯୋଗାଚାର୍ଯ୍ୟ ଡ. ରମାକାନ୍ତ କର, ଗଣେଶ୍ୱର ପ୍ରହରାଜ, ରାମଚନ୍ଦ୍ର ସାହୁ, ପ୍ରତିମା ଦାସ, ଲୋକନାଥ ବାରିକ, କେଦାର ପ୍ରତିହାରୀ ପ୍ରମୁଖ ଭଜନ ପରିବେଷଣ କରିଥିଲେ। ବରିଷ୍ଠ ସେବାୟତ, କଣ୍ଠଶିଳ୍ପୀ, ସାମାଜିକ କର୍ମୀ, ଆଇନଜୀବୀ ଏବଂ ଭାରତ ସେବାଶ୍ରମ ସଂଘର ସ୍ୱାମୀଜୀମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଆଗାମୀ ଦିନରେ ସାଂସ୍କୃତିକ କାର୍ଯ୍ୟକ୍ରମ ସହ ସମାଜସେବା, ଚିକିତ୍ସା ଶିବିର ଓ ଚାରାରୋପଣ ଆଦି ବିଭିନ୍ନ କାର୍ଯ୍ୟ କରାଯିବ ବୋଲି ଟ୍ରଷ୍ଟର ସଭାପତି ମାଧବ ଖୁଣ୍ଟିଆ ଏବଂ ସମ୍ପାଦକ ନାରାୟଣ ଖୁଣ୍ଟିଆ ସୂଚନା ଦେଇଥିଲେ।

## ଗୋଲାବଜାର ଗଣେଶ ବିସର୍ଜନ

କଣାସ,୮।୯(ସ୍ୱ.ପ୍ର.): କଣାସ ଗୋଲାବଜାର ପୂଜା କମିଟି ପକ୍ଷରୁ ବୁଧବାର ସନ୍ଧ୍ୟାରେ ଗଣେଶ ମେଢ ବିସର୍ଜନ ଶେଷ ହୋଇଛି। କମିଟି ପକ୍ଷରୁ ଆୟୋଜିତ ୭ ଦିନିଆ ଗଣେଶ ପୂଜାରେ ଓଡ଼ିଶାର ବିଭିନ୍ନ ପ୍ରାନ୍ତରୁ ଆସିଥିବା ପ୍ରବଚକଙ୍କ ପ୍ରବଚନ ପ୍ରଦାନ ସହ ଭଜନ ସମାରୋହ ହୋଇଥିଲା। ମେଢକୁ ଘଣ୍ଟଧ୍ୱନି, ବାଦ୍ୟଧ୍ୱନିରେ ଗୋଲାବଜାର, ବସଷ୍ଟାଣ୍ଡ, କୁଞ୍ଜେଶ୍ୱରୀ ବଜାର, ବାଲିଘାଇ ଛକ ପରିକ୍ରମା କରାଯାଇ ଦୟାନଦୀରେ ବିସର୍ଜନ କରାଯାଇଥିଲା।

## ସ୍ୱୟଂ ସହାୟିକା ଗୋଷ୍ଠୀ କର୍ମକର୍ତ୍ତାଙ୍କଠାରୁ ୧ ଲକ୍ଷ ଲୁଟ୍

ନିମାପଡ଼ା,୮।୯(ଡି.ଏନ୍.ଏ.):

ନିମାପଡ଼ା ଥାନା ଅନ୍ତର୍ଗତ ଅରିଷଣ୍ଡ ପଞ୍ଚାୟତ ପଡାଗୁଆଡିରା ଗ୍ରାମର ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀ କର୍ମକର୍ତ୍ତାଙ୍କଠାରୁ ୧ ଲକ୍ଷ ଟଙ୍କା ଲୁଟ ହୋଇଥିବା ଗୁରୁବାର ନିମାପଡ଼ା ଥାନାରେ ଅଭିଯୋଗ ହୋଇଛି। ଏନେଇ ପୋଲିସ ଏକ ମାମଲା(ନଂ. ୩୧୧/୨୨) ରୁଜୁ କରି ଘଟଣାର ତଦନ୍ତ ଚଳାଇଛି।

ସୂଚନା ମୁତାବକ, ଗୋଷ୍ଠୀ ସମ୍ପାଦିକା ବାସନ୍ତି ଓଝା, ସଭାପତି ଜୟନ୍ତି ଓଝା ମଧ୍ୟାହ୍ନରେ ନିମାପଡ଼ା ସେଣ୍ଟ୍ରାଲ ବ୍ୟାଙ୍କରୁ ୧ ଲକ୍ଷ ଟଙ୍କା ଉଠାଇଥିଲେ। ଉକ୍ତ ଟଙ୍କା ସହ ଗୋଷ୍ଠୀ କାଗଜପତ୍ରକୁ ବ୍ୟାଗରେ ରଖି ପୁରୁଣା ବସ୍‌ଷ୍ଟାଣ୍ଡ ନିକଟକୁ ଯାଉଥିଲେ। ବ୍ୟାଙ୍କରୁ ଟଙ୍କା ଉଠାଇବାବେଳେ ୨ ଅଜଣା ଯୁବକ ସେମାନଙ୍କୁ ପିଛା କରି ଆସି ସେମାନଙ୍କଠାରୁ ଟଙ୍କା ବ୍ୟାଗ୍ ଛଡାଇ ନେଇଥିବା ଅଭିଯୋଗ ଫର୍ଦ୍ଦରେ ଦର୍ଶାଯାଇଛି। ସେହି ଘଟଣାରେ ଲୁଟ୍ ଅଭିଯୁକ୍ତଙ୍କୁ ଠାବ କରାଯାଇ କଡ଼ା ପଦକ୍ଷେପ ନେବାକୁ ସାଧାରଣରେ ଦାବି ହୋଇଛି।

## ୨ ଜୁଆଆଡ୍ଡାରେ ଚଢ଼ାଉ, ୧୦ ଗିରଫ


ନିମାପଡ଼ା ପୋଲିସ ଦ୍ୱାରା ଗିରଫ ୬ ଅଭିଯୁକ୍ତ ।

ନିମାପଡ଼ା/କଣାସ, ୮।୯(ଡି.ଏନ୍.ଏ./ ସ୍ୱ.ପ୍ର.):

ନିମାପଡ଼ା ଥାନା ଅନ୍ତର୍ଗତ ବିଷ୍ଣୁପୁର ସିଦ୍ଧେଶ୍ୱର ମନ୍ଦିର ନିକଟ ନଦୀପଠାରେ ଚାଲିଥିବା ଅବାଧ ଜୁଆଆଡ୍ଡାରେ ଗୁରୁବାର ମଧ୍ୟାହ୍ନରେ ନିମାପଡ଼ା ପୋଲିସ ଚଢାଉ କରିଛି। ଚଢ଼ାଉରେ ୬ ଜଣ ଗିରଫ ହୋଇଛନ୍ତି। ସେମାନେ ହେଲେ ନିମାପଡ଼ା ଥାନା ଅନ୍ତର୍ଗତ ହରିଶପୁର ଗ୍ରାମର ଗଜେନ୍ଦ୍ର ଜେନା(୫୪), ନୟାଗଡ଼ ଜିଲା ଫତେପୁର ଥାନା ଅନ୍ତର୍ଗତ ନୀଳକଣ୍ଠ ପ୍ରସାଦ ଗ୍ରାମର ରତ୍ନାକର ନାୟକ(୪୦), ଅସ୍ତରଙ୍ଗ ଥାନା ଅନ୍ତର୍ଗତ ବିଲୁଆ ମୁଣ୍ଡୁଳୀ ଗ୍ରାମର ସ୍ୱାଧୀନ ସେନାପତି(୬୪), ବଳଙ୍ଗା ଥାନା ଅନ୍ତର୍ଗତ ବଳଙ୍ଗା ଗ୍ରାମର କହ୍ନେଇଚରଣ ସେଠୀ(୩୨), ଗଡଚନ୍ଦ୍ରପୁରର ଅଭିମନ୍ୟୁ ବେହେରା(୩୦), ତୋଟାପଡା ଗ୍ରାମର ରସାନନ୍ଦ ଲେଙ୍କା(୪୫)। ପୋଲିସ ସେମାନଙ୍କଠାରୁ ୨ଟି ଅଟୋରିକ୍ସା, ୪ ମୋବାଇଲ, ୬ ସାଇକେଲ, ୫ ବାଇକ୍ ସହ ନଗଦ ୬ ହଜାର ୯୭୦ ଜବତ କରିଛି। ଏନେଇ ପୋଲିସ ଏକ ମାମଲା (ନଂ. ୩୦୯/୨୨) ରୁଜୁ କରି ତଦନ୍ତ ଚଳାଇଛି। ଅଭିଯୁକ୍ତଙ୍କୁ ଶୁକ୍ରବାର କୋର୍ଟ ଚାଲାଣ କରାଯିବ ବୋଲି ଏସ୍‌ଡିପିଓ ଦେବାଶିଷ ମିଶ୍ର, ଆଇଆଇସି ସୁନୀଲ ପ୍ରଧାନ, ଏସ୍‌ଆଇ ପିକେ ଜୁଝାର ସିଂ ପ୍ରମୁଖ ସୂଚନା ଦେଇଛନ୍ତି। ଏଥିରେ ପୁରୀ ଜିଲା ଏସ୍‌ପି ଡ. କନୱର ବିଶାଲ ସିଂଙ୍କ ନିର୍ଦ୍ଦେଶକ୍ରମେ ଏସ୍‌ଡିପିଓ ମିଶ୍ରଙ୍କ ତତ୍ତ୍ୱାବଧାନରେ ନିମାପଡ଼ା ଥାନା ଆଇଆଇସିଙ୍କ ଦାୟିତ୍ୱରେ ଥିବା ଗୋପ ଥାନା ଆଇଆଇସି ପ୍ରଧାନ, ଏସ୍‌ଆଇ ସିଂ ପ୍ରମୁଖ ସଦଳବଳ ଚଢ଼ାଉରେ ସାମିଲ ହୋଇଥିଲେ।

ସେହିପରି କଣାସ ବ୍ଲକ ଗଡିଶାଗୋଦା ପୋଲିସ ଜୁଆଆଡ୍ଡା ଉପରେ ଚଢ଼ାଉ କରି ୪ ଜଣଙ୍କୁ ଗିରଫ ସହ ସେମାନଙ୍କୁ ବୁଧବାର କୋର୍ଟଚାଲାଣ କରିଛି। ଏଥିସହ ସେଠାରୁ ୪ଟି ବାଇକ୍, ୪ଟି ମୋବାଇଲ, ନଗଦ ୧୦ ହଜାର ଟଙ୍କା ଜବତ କରିଛି। ଏନେଇ ପୋଲିସ ଏକ ମାମଲା (ନଂ. ୨୪୧/୨୨) ରୁଜୁ କରି ତଦନ୍ତ ଚଳାଇଛି।


ଗଡ଼ିଶାଗୋଦା ଥାନା ପୋଲିସ ଦ୍ୱାରା ଗିରଫ ୪ ଅଭିଯୁକ୍ତ ।

ସୂଚନା ମୁତାବକ, କିଛିଦିନ ହେବ ବ୍ଲକରେ ଚୋରାମଦ କାରବାର ସହ ଜୁଆଖେଳ ମାତ୍ରାଧିକ ବୃଦ୍ଧି ପାଇଥିଲା। ବୁଧବାର ସନ୍ଧ୍ୟାରେ ଗଡିଶାଗୋଦା ଥାନା ଆଇଆଇସି ସଞ୍ଜୟ ନାୟକ ଖବରପାଇ ଜୁଆଆଡ୍ଡା ଉପରେ ଚଢ଼ାଉ କରି ୪ ଜଣଙ୍କୁ ଧରିବାରେ ସଫଳ ହୋଇଥିଲେ।

## ଗାଁକୁ ଫେରିଲେ ଗୋଟିଏ ପରିବାର

**ନାଲି ପିମ୍ପୁଡ଼ି ଆତଙ୍କ**

ପିପିଲି,୮।୯(ଡି.ଏନ୍.ଏ.):

ପିପିଲି ବ୍ଲକ ଅନ୍ତର୍ଗତ ଚନ୍ଦ୍ରାଦେଇପୁର ବ୍ରାହ୍ମଣଶାସନ ଗ୍ରାମରେ ନାଲି ପିମ୍ପୁଡ଼ି ଆତଙ୍କରେ ୩ ପରିବାର ଗାଁ ଛାଡିଥିଲେ। ସେଥିମଧ୍ୟରୁ ଗୁରୁବାର ଗୋଟେ ପରିବାର ଗ୍ରାମକୁ ଫେରି ଆସିଛନ୍ତି। ନାଲି ପିମ୍ପୁଡ଼ିଙ୍କ ଆତଙ୍କ ଟିକେ କମିଥିବାବେଳେ ଲୋକଙ୍କ ମନରୁ ଭୟ ଦୂର ହୋଇନାହିଁ। ଗତ ୫ ତାରିଖରେ ପିପିଲି ବିଡିଓ ରଶ୍ମିତା ନାଥଙ୍କ ନେତୃତ୍ୱରେ ୨ଟି ଟିମ୍ ଗ୍ରାମକୁ ଯାଇ ନାଲି ପିମ୍ପୁଡ଼ିକୁ ଘଉଡାଇବାକୁ ଗ୍ରାମର ରାସ୍ତା ଏବଂ ଲୋକଙ୍କ ଘର ସମ୍ମୁଖରେ ଔଷଧ ସିଞ୍ଚନ କରିଥିଲେ। ଏହାପରେ ପିମ୍ପୁଡ଼ିଙ୍କ ଆତଙ୍କ କିଛି ମାତ୍ରାରେ କମିଥିବା ଜଣାପଡିଛି। ଔଷଧ ସିଞ୍ଚନ ପରଦିନ ବର୍ଷା ଫଳରେ ଔଷଧ ଧୋଇ ହୋଇଯାଇଥିବାରୁ ଗ୍ରାମରେ ଆଉଥରେ ଔଷଧ ସିଞ୍ଚନ ପାଇଁ ୱାର୍ଡ ସଭ୍ୟ ରାଜ ପ୍ରସାଦ ଦାଶ ପ୍ରଶାସନ ପାଖରେ ଦାବି କରିଛନ୍ତି।

## ଘର ସହାୟତା ଅପେକ୍ଷାରେ ବନ୍ୟାବିପନ୍ନ

**ବନ୍ୟା ଦାଉରୁ ରକ୍ଷା ପାଇଁ ସ୍ଥାୟୀ ପ୍ରତିକାର କରାଯାଉ**

ଗୋପ,୮।୯(ଡି.ଏନ୍.ଏ.):

ବନ୍ୟା ଛାଡ଼ିବାର ଦୁଇ ସପ୍ତାହ ପୂରିଛି। ହେଲେ ବିପନ୍ନଙ୍କ ଦୁଃଖ ସରିନି। କେତେକଙ୍କ ଘର ବନ୍ୟା ପାଣିରେ ଭାଙ୍ଗି ଯାଇଛି। ଏପରି ଏକ ଦୁଃଖଦ ସମୟରେ ଗୋପ ବ୍ଲକ ଉପାଧ୍ୟକ୍ଷ ବନରଞ୍ଜନ ପଟ୍ଟନାୟକ ବିପନ୍ନଙ୍କ ଘର ବୁଲି ଦେଖିବା ସହ ସେମାନଙ୍କ ଦୁଃଖରେ ସାମିଲ ହୋଇଛନ୍ତି। ଏଥିସହ ସରକାର ଆବାସ ଯୋଜନା ମାଧ୍ୟମରେ ବିପନ୍ନଙ୍କୁ ତୁରନ୍ତ ଘର ଯୋଗାଇ ଦେବାକୁ ଗଣମାଧ୍ୟମ ସମ୍ମୁଖରେ ବ୍ୟକ୍ତିଗତ ଭାବେ ଦାବି କରିଛନ୍ତି। ସବୁ ବର୍ଷ ଧନୁଆ ନଦୀର ବନ୍ୟା ଦାଉରୁ ରକ୍ଷା ପାଇଁ ସରକାର ସ୍ଥାୟୀ ପ୍ରତିକାର କରନ୍ତୁ ବୋଲି ସେ କହିଛନ୍ତି।

ପ୍ରକାଶ ଯେ, ଗୋପ ବ୍ଲକର ୫ ପଞ୍ଚାୟତ ବନ୍ୟାପ୍ଲାବିତ ପଞ୍ଚାୟତ ଭାବେ ପ୍ରତ୍ୟେକ ବର୍ଷ ଧନୁଆ, କୁଶଭଦ୍ରା ନଦୀ ବନ୍ୟାଜଳରେ ହଜାର ହଜାର ଲୋକ, ଚାଷୀ କ୍ଷତିଗ୍ରସ୍ତ ହେଉଛନ୍ତି। ଚଳିତ ବନ୍ୟାଜଳ ଯୋଗୁ କୁଶଭଦ୍ରା ନଦୀର ଖଣ୍ଡିଆକୁଦ ନିକଟରେ ଏକ ୩୦ ଫୁଟ ଲମ୍ବର ଘାଇ ସୃଷ୍ଟି ହୋଇଥିଲା। ଫଳରେ ୪୧ ଗାଁର ୨୯ହଜାର ୭୮୧ ଲୋକ ଦୀର୍ଘ ଗୋଟିଏ ସପ୍ତାହ ଧରି ଜଳବନ୍ଦୀରେ ରହିଥିଲେ। ଏଥିସହ ବ୍ଲକର ୧୧ ପଞ୍ଚାୟତର ୫୨ ଗାଁର ୩ ହଜାର ୧୨୩ ହେକ୍ଟର ଚାଷଜମି ସମ୍ପୂର୍ଣ୍ଣ ନଷ୍ଟ ହୋଇଥିବା କୃଷି ବିଭାଗର ଅତିରିକ୍ତ କୃଷି ଅଧିକାରୀ ଚନ୍ଦ୍ରଶେଖର ଦାସ ସୂଚନା ଦେଇଥିଲେ। ଅନ୍ୟପଟେ ଉପାଧ୍ୟକ୍ଷ ପଟ୍ଟନାୟକ ସ୍ୱାସ୍ଥ୍ୟକେନ୍ଦ୍ର ଖୋଲି ବିପନ୍ନଙ୍କୁ ଶୁଖିଲା ଖାଦ୍ୟ, ରନ୍ଧାଖାଦ୍ୟ ଏବଂ ବିଭିନ୍ନ ସେବା ଯୋଗାଉଛନ୍ତି।

# ୧୧ ଗଣେଶ ମଣ୍ଡପର ସମୂହ ଭସାଣି

**ବାଣ, ରୋଶଣିରେ କମ୍ପିଲା ବଜାର**

ପିପିଲି,୮।୯(ଡି.ଏନ୍.ଏ./ସ୍ୱ.ପ୍ର.)

ଗତ ୮ଦିନ ଧରି ପିପିଲି ବ୍ଲକ ଅଞ୍ଚଳରେ ଚାଲିଥିବା ଗଣେଶ ପୂଜାର ବିସର୍ଜନ ଉତ୍ସବ ବୁଧବାର ରାତିରେ ବେଶ୍ ଧୁମ୍‌ଧାମରେ ପାଳନ ହୋଇଯାଇଛି। ଗତ ୨ବର୍ଷ ଧରି କରୋନା ଯୋଗୁ ବନ୍ଦ ହୋଇଥିବା ସମୂହ ଭସାଣି ଚଳିତବର୍ଷ ପୁଣି କରାଯାଇଛି। ଏଥର ପିପିଲିର ପ୍ରାୟ ୧୧ଟି ସ୍ଥାନରେ ହୋଇଥିବା ମଣ୍ଡପର ଗଣେଶ ମୂର୍ତ୍ତିକୁ ଶୋଭାଯାତ୍ରାରେ ଅଣାଯାଇ ଗୋଟିଏ ଜାଗାରେ ସମୂହ ଭସାଣି କରାଯାଇଛି। ନିଜ ନିଜ ଆସ୍ଥାନରୁ ଗଣପତି ବାବାଙ୍କୁ ଚକାଛାଡ କରି ଏକ ବିରାଟ ପଟୁଆରରେ ଆଣି ବଜାର ପରିକ୍ରମା କରାଯାଇଛି। ପିପିଲି ବଜାର ଗଣେଶ ପୂଜା କମିଟି ସଭାପତି ଅଶୋକ କୁମାର ଅଗ୍ରୱାଲଙ୍କ ନେତୃତ୍ୱରେ ପିପିଲି ପୌରାଞ୍ଚଳର ଦରଡା ବାଜିରାଉତ କ୍ଲବ, ହାଟଛକର ରୟାଲ କ୍ଲବ, ଦରଜି ସାହିର ମା ଦୁଲ୍ଲାଦେଇ କ୍ଲବ, ମଢିଆଳି ସାହିର ମହାରାଜା କ୍ଲବ, ପିପିଲି ବଜାର ବ୍ୟବସାୟୀ ସଂଘ, ଭବାନୀପୁରର ଗରୁଡ କ୍ଲବ, ସିଂହୀ ସାହିର ରୟାଲ ୟୁଥ କ୍ଲବ, କଲେଜ ଛକର ସାଇରାମ କ୍ଲବ ଓ ବଢେଇ ସାହିର ଗଣପତି କ୍ଲବ, ପଣ୍ଡାବଜାର ମା ମଙ୍ଗଳା କ୍ଲବର ଆନୁକୂଲ୍ୟରେ ପୂଜା ପାଉଥିବା ଗଜାନନଙ୍କ ମୂର୍ତ୍ତିଗୁଡିକି ପିପିଲି ବଜାର ପେଟ୍ରୋଲ ପମ୍ପରେ ଏକାଠି ହେବା ପରେ ଚାନ୍ଦୁଆନଗରୀ ପିପିଲି ବଜାର ପରିକ୍ରମା କରାଯାଇଥିଲା। ଘୋଡା ନୃତ୍ୟ, ସମରକଳା, ଘଣ୍ଟମାଦଳ, ବୀରବାଦ୍ୟ, ଢୋଲ, ମହୁରି, ଝାଂ, କଣ୍ଢେଇ ନୃତ୍ୟ ସାଙ୍ଗକୁ ନାଗା ନୃତ୍ୟରେ ବଜାର ପ୍ରକମ୍ପିତ ହୋଇଥିଲା । ହଜାର ହଜାର ସଂଖ୍ୟାରେ ଦର୍ଶକ ଉପସ୍ଥିତ ରହି ଏହି ମହାଭସାଣିକୁ ଉପଭୋଗ କରିଥିଲେ। ଆଇନଶୃଙ୍ଖଳା ପାଇଁ ପୋଲିସ ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରାଯାଇଥିଲା।


ଠାକୁରଙ୍କୁ ବିସର୍ଜନ ପାଇଁ ଶୋଭାଯାତ୍ରାରେ ନିଆଯାଉଛି ।



**ଜାଲରେ ଅଜଗର** ନିଶ୍ଚିନ୍ତକୋଇଲି,(ସ୍ୱ.ପ୍ର.): କଟକ ଜିଲା ନିଶ୍ଚିନ୍ତକୋଇଲି ବ୍ଲକ କେନ୍ଦୁପାଟଣା ନିଗମାନନ୍ଦ ଆଶ୍ରମ ପାଖ ଚିତ୍ରୋତ୍ପଳା ନଦୀରେ ମାଛ ଧରିବା ପାଇଁ ବସାଯାଇଥିବା ଜାଲରେ ଏକ ୧୦ ଫୁଟ ଲମ୍ବର ଅଜଗର ପଡ଼ିଛି। ସ୍ଥାନୀୟ ଲୋକମାନେ ଉକ୍ତ ସାପକୁ ଉଦ୍ଧାର କରି ବନ ବିଭାଗକୁ ଅବଗତ କରାଇଛନ୍ତି।

## ସଂକ୍ଷେପରେ

### କାର୍ ଠକେଇ ଅଭିଯୋଗ, ଜଣେ ଗିରଫ

ଫୁଲନଖରା,୮।୯(ଡି.ଏନ୍.ଏ.): କଟକ ସଦର ଥାନା ଅଞ୍ଚଳରେ କାର୍ ଠକେଇ ଅଭିଯୋଗରେ ପୋଲିସ ଜଣକୁ ଗିରଫ କରି ଗୁରୁବାର କୋର୍ଟଚାଲାଣ କରିଛି। ସେ ହେଲେ ଏହି ଥାନା ଅନ୍ତର୍ଗତ ସାଇଁଶୋ କେଉଟ ସାହିର ରଞ୍ଜନ ବେହେରା। ପୋଲିସ ସୂଚନା ଅନୁଯାୟୀ, କଟକ ବଇଦେଶର ଥାନା ଅଲସୁଆ ଅଞ୍ଚଳର ଲିଲି ନାୟକଙ୍କ ଏକ କାର୍ (ନଂ.ଓଡି ୦୨ ଏୱାଇ ୮୧୯୭) ୯୦ହଜାର ଟଙ୍କାରେ ଏକ ଚୁକ୍ତି ୧୧/୦୧/ ୨୦୨୧ କରି ରଞ୍ଜନଙ୍କୁ ଦେଇଥିଲେ। ଚୁକ୍ତି ମୁତାବକ ରଞ୍ଜନ ପ୍ରଥମେ ଗାଡ଼ିର କିସ୍ତି ବ୍ୟାଙ୍କରେ ବାନ୍ଧି ଏନ୍ଓସି ଆଣି ଗାଡିକୁ ନିଜ ନାମରେ କରିବ କଥା। କିନ୍ତୁ ରଞ୍ଜନ ଗାଡ଼ିର କୌଣସି କିସ୍ତି ନ ବାନ୍ଧି ଗାଡ଼ିଟି ଅନ୍ୟତ୍ର ବିକି ଦେଇଥିଲେ। ସେହିଭଳି ଗାଡ଼ିଟି ରଞ୍ଜନ ପାଖରୁ କିଣି ଥିବା ଏହି ଥାନା ଅନ୍ତର୍ଗତ ପ୍ରତାପ ନଗରୀ ଅଞ୍ଚଳର ସୋନୁ ଖଟୁଆ ଜାଣିବାକୁ ପାଇଲା ଯେ, ରଞ୍ଜନ ଗାଡ଼ିର ପ୍ରକୃତ ମାଲିକ ନୁହନ୍ତି। ତେଣୁ ସେ ଠକେଇର ଶିକାର ହୋଇଛନ୍ତି। ଏ ନେଇ ସଦର ଥାନାରେ ବୁଧବାର ଏକ ଲିଖିତ ଅଭିଯୋଗ କରିଥିଲେ। ସେହିପରି ଗାଡ଼ିର ମାଲିକ ଲିଲି ନାୟକ ମଧ ଗାଡ଼ି ଠକେଇ କଥା ଶୁଣି ଥାନାର ଦ୍ୱାରସ୍ଥ ହୋଇଥିଲେ। ଏ ନେଇ ପୋଲିସ ପୃଥକ ଦୁଇଟି ମାମଲା (ନଂ.୩୯୦, ୩୯୨/୨୨) ରୁଜୁ କରି ତଦନ୍ତ କରି ଅଭିଯୁକ୍ତ ରଞ୍ଜନଙ୍କୁ ଗିରଫ କରିଥିଲେ। ରଞ୍ଜନଙ୍କ ଚୋରା ଗାଡ଼ି ବିକା କିଣାରେ ବହୁ ଅଭିଯୋଗ ବିଭିନ୍ନ ଥାନାରେ ଥିବା ସଦର ଥାନା ଆଇଆଇସି ରଶ୍ମିରଞ୍ଜନ ମହାପାତ୍ର କହିଛନ୍ତି।

### ଆଠଗଡ଼ ଭାଜପାରେ ବିଦ୍ରୋହ: ୫ ଗ୍ରାମ ମଣ୍ଡଳ ସଭାପତିଙ୍କ ଇସ୍ତଫା

ଆଠଗଡ଼, ୮।୯(ସ୍ୱ.ପ୍ର.): ଆଠଗଡ ଭାଜପାରେ ବିଦ୍ରୋହ ଦେଖାଦେଇଛି। ଭାଜପା ବିଧାୟକ ପ୍ରାର୍ଥୀ ବଜେନ୍ଦ୍ର ରାଏଙ୍କ ନେତୃତ୍ୱକୁ ଚ୍ୟାଲେଞ୍ଜ କରି ଆଠଗଡ଼ ବ୍ଲକର ୩ ଓ ତିଗିରିଆର ୨ ଗ୍ରାମ ମଣ୍ଡଳ ସଭାପତି ନିଜ ପଦରୁ ଇସ୍ତଫା ଦେଇଛନ୍ତି। ସେମାନେ ହେଲେ ଯଥାକ୍ରମେ ନୂତନ କୁମାର ରାଉତ, ସୁଶାନ୍ତ କୁମାର ରାଉତ, ସୋମନାଥ ବେହେରା, ଚିନ୍ମୟ ମଲ୍ଲିକ ଓ ସନ୍ତୋଷ କୁମାର ବେହେରା। ସେମାନେ ନିଜର ଇସ୍ତଫାପତ୍ର ଦଳର ରାଜ୍ୟ ସଭାପତି ସମୀର ମହାନ୍ତିଙ୍କ ନିକଟକୁ ପ୍ରେରଣ କରିଛନ୍ତି। ଏଥିସହ ଏକ ମିଳିତ ପ୍ରେସ ଇସ୍ତାହାରରେ ରାଏଙ୍କୁ ଟାର୍ଗେଟ କରିଛନ୍ତି। ଏସମ୍ପର୍କରେ ରାଏଙ୍କ ସହ ଯୋଗାଯୋଗ କରାଯାଇଥିଲେ ମଧ ତାଙ୍କ ପ୍ରତିକ୍ରିୟା ମିଳିପାରି ନାହିଁ।

### ଟେଟ୍ରାହେଡ୍ରନ୍ ଗ୍ରୁପ୍ ଅଫ୍ ଇନଷ୍ଟିଚ୍ୟୁଶନର ସଫଳତା ଶତପ୍ରତିଶତ

ମଙ୍ଗୁଳି,୮।୯(ଡି.ଏନ୍.ଏ.): କଟକ ଜିଲା ଟାଙ୍ଗୀସ୍ଥିତ ଟେଟ୍ରାହେଡ୍ରନ୍ ଗ୍ରୁପ୍ ଅଫ୍ ଇନଷ୍ଟିଚ୍ୟୁଶନର ଛାତ୍ରୀଛାତ୍ର ନିଟ୍ ପରୀକ୍ଷାରେ ଶତପ୍ରତିଶତ ସଫଳତା ହାସଲ କରିଛନ୍ତି। ମୋଟ୍ ୧୦୦ଜଣ ଛାତ୍ରୀଛାତ୍ର ପରୀକ୍ଷା ଦେଇଥିବାବେଳେ ସେମାନଙ୍କ ମଧ୍ୟରୁ ୧୪ଜଣ ୬୦୫ରୁ ଊର୍ଦ୍ଧ୍ୱ ମାର୍କ ରଖିଛନ୍ତି। ଛାତ୍ର ସତ୍ୟଜିତ୍ ନାୟକ ୬୯୫ ନମ୍ବର ରଖି ଇନଷ୍ଟିଚ୍ୟୁଶନର ଟପ୍ପର ହୋଇଥିବାବେଳେ ଦେବପ୍ରସନ୍ନ ଜେନା ୬୪୬ ନମ୍ବର ରଖି ଦ୍ୱିତୀୟ ଓ ଶୁଭଶ୍ରୀ ମହନ୍ତ ୬୪୨ ନମ୍ବର ରଖି ତୃତୀୟ ସ୍ଥାନ ଅଧିକାର କରିଛନ୍ତି। ଏହି ଉପଲକ୍ଷେ ଗୁରୁବାର ଇନଷ୍ଟିଚ୍ୟୁଶନ ପରିସରରେ ଆୟୋଜିତ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମରେ ଟେଟ୍ରାହେଡ୍ରନ୍ ଗ୍ରୁପ୍ ଅଫ୍ ଇନଷ୍ଟିଚ୍ୟୁଶନର ପ୍ରତିଷ୍ଠାତା ତ୍ରିଦେବ ବେହେରା ଯୋଗଦେଇ କୃତୀ ଛାତ୍ରୀଛାତ୍ରଙ୍କୁ ଅଭିନନ୍ଦନ ଜଣାଇଥିଲେ। ଡାଇରେକ୍ଟର ସୁରେନ୍ଦ୍ର ରାଉତ, ଅଧାପକ ସୁବାସ ନାୟକ, ମାୟାଧର ପରିଡା, ମିଲନ କୁମାର ସାମଲ, ସୌମ୍ୟରଞ୍ଜନ ଦାସ ଓ ସୁବ୍ରତ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

# ଚିକିତ୍ସା ଅଭାବରୁ ଛାତ୍ରୀଙ୍କ ଜୀବନ ଗଲା

**ଅନ୍ଧବିଶ୍ୱାସର ଦୁଃଖଦ ପରିଣତି**

- ଡାହାଣୀ ଲାଗିବା ସନ୍ଦେହରେ ଝଡ଼ାଫୁଙ୍କା କରୁଥିଲେ
- କିଛି ଦିନ ହେବ ଜ୍ୱରରେ ଆକ୍ରାନ୍ତ ଥିଲେ
- ଦେହରେ ପାଣି ଢାଳିବାରୁ ଗୁରୁତର ହୋଇଥିଲେ

ନିଶ୍ଚିନ୍ତକୋଇଲି, ୮।୯(ସ୍ୱ.ପ୍ର)

ଅନ୍ଧବିଶ୍ୱାସର ବଶବର୍ତ୍ତୀ ହୋଇ ନିଶ୍ଚିନ୍ତକୋଇଲି ବ୍ଲକ ବୁହାଳୋ ପଞ୍ଚାୟତ ଅନ୍ତର୍ଗତ ଜମରା ଗ୍ରାମରେ ଗୁରୁବାର ଏକ ଅଭାବନୀୟ ଘଟଣା ଘଟିଛି। ଡାହାଣୀଲାଗିବା ସନ୍ଦେହରେ ଜ୍ୱରରେ ଆକ୍ରାନ୍ତ ଥିବା ଜଣେ କଲେଜ ଛାତ୍ରୀଙ୍କ ଚିକିତ୍ସା କରା ନ ଯାଇ ଝଡ଼ାଫୁଙ୍କ କରାଯାଇଥିଲା। ଫଳରେ ତାଙ୍କ ମୃତ୍ୟୁ ଘଟିଛି। ସେ ହେଲେ ବୁହାଳୋ ପଞ୍ଚାୟତ ଅନ୍ତର୍ଗତ ଜମରା ଗ୍ରାମର ଅନନ୍ତ ବେହେରାଙ୍କ କନ୍ୟା ପାୟଲ ପ୍ରିୟଦର୍ଶିନୀ ବେହେରା(୧୮)। ସ୍ଥାନୀୟ ନଟକାଇ ବାଣୀନଗରସ୍ଥିତ ବଲ୍ଲଭୀଦେବୀ ମହିଳା ମହାବିଦ୍ୟାଳୟର ଯୁକ୍ତ୨ ଛାତ୍ରୀ। ପ୍ରାୟ ୧୦ରୁ ୧୨ ଦିନ ହେବ ଜ୍ୱରରେ ଆକ୍ରାନ୍ତ ଥିଲେ। ତେବେ ତାଙ୍କ ପରିବାର ତରଫରୁ ପାୟଲଙ୍କୁ ଡାକ୍ତରଙ୍କ ପାଖକୁ ନିଆ ନ ଯାଇ ପ୍ରଥମେ ଘରୋଇ ଚିକିତ୍ସା କରାଯାଇଥିଲା। ଏହାସତ୍ତ୍ୱେ ଅବସ୍ଥାରେ କୌଣସି ପରିବର୍ତ୍ତନ ନ ହେବାରୁ ପରିବାର ଲୋକେ ସ୍ଥାନୀୟ ଅଞ୍ଚଳର ଜଣେ ତାନ୍ତ୍ରିକଙ୍କୁ ଘରକୁ ଡାକି ଦେଖାଇଥିଲେ। ସମ୍ପୃକ୍ତ ତାନ୍ତ୍ରିକ ଡାହାଣୀ ଲାଗିଥିବା କହି ଝଡ଼ାଫୁଙ୍କା କରିଥିଲେ। ତାନ୍ତ୍ରିକଙ୍କ ନିର୍ଦ୍ଦେଶ ମୁତାବକ ପରିବାର ଲୋକେ ପାୟଲଙ୍କ ଦେହରେ ପାଣି ଢାଳିଦେଇଥିଲେ। ଫଳରେ ସେ ଗୁରୁତର ହୋଇଯାଇଥିଲେ। ପରିବାର ଲୋକେ ତାଙ୍କୁ ନେଇ ନିଶ୍ଚିନ୍ତକୋଇଲି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ଅବସ୍ଥା ଉଦ୍‌ବେଗଜନକ ହେବାରୁ ତାଙ୍କୁ କଟକ ବଡ଼ ଡାକ୍ତରଖାନା ସ୍ଥାନାନ୍ତର କରାଯାଇଥିଲା। ସେଠାରେ ତାଙ୍କର ମୃତ୍ୟୁ ହୋଇଥିଲା। ଏହାପରେ ପାୟଲଙ୍କ ମୃତଦେହ ଜମରା ଗ୍ରାମକୁ ଅଣାଯାଇ ଶୋକାକୁଳ ପରିବେଶରେ ଦାହ କରାଯାଇଛି।



କାର୍ଯ୍ୟକ୍ରମରେ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ମହିଳାମାନଙ୍କୁ ସହାୟତା ରାଶି ପ୍ରଦାନ କରୁଛନ୍ତି।

# ନଥିପତ୍ର ଲେଖିକା, ବ୍ୟାଙ୍କ ମିତ୍ରଙ୍କୁ ସହାୟତା

ତିଗିରିଆ, ୮।୯ (ଡି. ଏନ. ଏ )

ତିଗିରିଆ ବ୍ଲକର ୮ ପଞ୍ଚାୟତରେ କାର୍ଯ୍ୟରତ ନଥିପତ୍ର ଲେଖିକା, ଗୋଷ୍ଠୀ ସହାୟିକା ଓ ବ୍ୟାଙ୍କ ମିତ୍ରଙ୍କୁ ମୋବାଇଲ ବାବଦ ଅର୍ଥ, ଡ୍ରେସ, ମୋବାଇଲ ରିଚାର୍ଜ ସହାୟତା ଗୁରୁବାର ପ୍ରଦାନ କରାଯାଇଛି। ତିଗିରିଆ ପଞ୍ଚାୟତ ସମିତି ପରିସରରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ କୃଷି ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ଯୋଗଦେଇ ୬୩ ଜଣ ନଥିପତ୍ର ଲେଖିକା, ୧୧୭ ଜଣ ମହିଳା ଗୋଷ୍ଠୀର ସଭାନେତ୍ରୀ, ଗୋଷ୍ଠୀ ସହାୟିକା ଓ ବ୍ୟାଙ୍କ ମିତ୍ରଙ୍କୁ ପାରିଶ୍ରମିକ ବାବଦ ଅର୍ଥ ପ୍ରଦାନ କରିଥିଲେ।

ଏହି ଅବସରରେ ପାଞ୍ଚଗାଁ ପଞ୍ଚାୟତର ମିଶନଶକ୍ତି ନୂତନ ଗୃହକୁ ଉଦଘାଟନ କରିବା ସହ ୧୦ ମହିଳା ଗୋଷ୍ଠୀଙ୍କୁ ଛେଳି ପାଳନ ପାଇଁ ଋଣ ସହାୟତା ଓ ବାତ୍ୟାରେ କ୍ଷତି ଗ୍ରସ୍ତ ମହିଳାଙ୍କୁ ପନିପରିବା ମଞ୍ଜି ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମରେ ମିଶନ ଶକ୍ତି ଓ ଜୀବିକା ମିଶନ ତିଗିରିଆ ବ୍ଲକ ବିପିଏମ ପ୍ରଦୀପ କୁମାର ସିଂ ସଭାପତିତ୍ୱ କରିଥିଲେ। ଏଥିରେ ମିଶନ ଶକ୍ତି ତିଗିରିଆ ବ୍ଲକ ସଭାନେତ୍ରୀ ସମସୁରା ବେଗମ, ବ୍ଲକ ବିଜେଡି ସଭାନେତ୍ରୀ ରୁପା ଦଳେଇ, ବିଡିଓ ପ୍ରଣବ କୁମାର ବେହେରା, ଆତ୍ମା କମିଟି ସଭାପତି ହରେନ୍ଦ୍ର ଦଳେଇ, ସିଡିପିଓ ସତ୍ୟଭାମା ବିଶୋଇ, ପଞ୍ଚାୟତ ସମିତି ଅଧକ୍ଷା ସନ୍ଧ୍ୟାରାଣୀ ନାୟକ, ଉପାଧକ୍ଷ ମାନସ ସାହୁ, ପୂର୍ବତନ ସମିତି ଉପାଧକ୍ଷ ଗୌରହରି ପରିଡା ଓ ଜିଲା ପରିଷଦ ସଭ୍ୟା ସସ୍ମିତା ରାଉତ ପ୍ରମୁଖ ସହଯୋଗ କରିଥିଲେ।

# ୮.୮୧ ଲକ୍ଷ ଟଙ୍କାର କାଠ, ଯନ୍ତ୍ରାଂଶ ଜବତ

କଟକ ଅଫିସ,୮।୯

**ଭିଜିଲାନ୍ସ, ଜଙ୍ଗଲ ବିଭାଗ ଚଢ଼ାଉ**

ଭିଜିଲାନ୍ସ ଓ ଜଙ୍ଗଲ ବିଭାଗ ପକ୍ଷରୁ ଗୁରୁବାର ଦୁଇଟି ସ୍ଥାନରେ ଚଢ଼ାଉ କରାଯାଇ ମୋଟ୍ ୮.୮୧ ଲକ୍ଷ ଟଙ୍କାର ସାମଗ୍ରୀ ଜବତ କରାଯାଇଛି। ଜଗତ୍‌ପୁର ଥାନା ଅନ୍ତର୍ଗତ ପ୍ରଧାନପଡ଼ାଠାରେ ଚାଲୁଥିବା ବେଆଇନ କରତ କଳ ଉପରେ ଗୁରୁବାର ଚଢ଼ାଉ କରାଯାଇ ଯନ୍ତ୍ରାଂଶ ଓ ୫,୮୩,୫୦୦ ଟଙ୍କାର କାଠ ଜବତ କରାଯାଇଛି। ଚଢ଼ାଉବେଳେ ଉକ୍ତ କରତ କଳ ବିନା ଲାଇସେନ୍ସରେ ଚାଲୁଥିବା ଜଣାପଡିଥିଲା। ସେହିପରି କିଶନନଗର ଥାନା ଅନ୍ତର୍ଗତ ଉତ୍ତରକୂଳଠାରେ ବେଆଇନ ଭାବେ ଚାଲୁଥିବା ଏକ ଆସବାବପତ୍ର ତିଆରି କାରଖାନାରେ ଚଢ଼ାଉ କରାଯାଇ ଆସବାବପତ୍ର ଓ କାଠ ମିଶି ମୋଟ୍ ୨,୨୦,୦୦୦ ଟଙ୍କାର ସାମଗ୍ରୀ ଜବତ କରାଯାଇଛି। ଯାଞ୍ଚବେଳେ କାରଖାନା ମାଲିକ ସଞ୍ଜୟ କୁମାର ଓଝା କୌଣସି ବୈଧ ଲାଇସେନ୍ସ ଦେଖାଇପାରି ନ ଥିଲେ। ଫଳରେ ତାଙ୍କୁ ଗିରଫ କରାଯାଇଛି। ଏଥିସହ ଉତ୍ତରକୁଳ ଗ୍ରାମରେ ୧୯.୯୨ ଘନଫୁଟର ଏକ କାଠ ଜବତ କରାଯାଇଛି। ଯାହାର ମୂଲ୍ୟ ୭୮ ହଜାର ଟଙ୍କା। ଏହାର କେହି ଦାବିଦାର ନ ଥିବା ଜଣାଯାଇଛି। ଏନେଇ ଡାଳିଯୋଡ଼ା ରେଞ୍ଜ କେସ୍ ନଂ. ୨୭ଡି/୨୨, କଟକ ରେଞ୍ଜ କେସ୍ ନଂ. ୧୦ସି/୨୨ ଓ ୨ସି/୨୨ ରୁଜୁ ହୋଇଥିବା ଭିଜିଲାନ୍ସ ପକ୍ଷରୁ ସୂଚନା ଦିଆଯାଇଛି।




ଜାତୀୟ ଆତ୍ମହତ୍ୟା ନିରୋଧ ସପ୍ତାହ ପାଳନ ଅବସରରେ ବାଙ୍କୀ ସ୍ୱୟଂଶାସିତ ମହାବିଦ୍ୟାଳୟର ଗୃହ ବିଜ୍ଞାନ ଓ ରାଜନୀତି ବିଜ୍ଞାନ ବିଭାଗର ମିଳିତ ଆନୁକୁଲ୍ୟରେ ଗୁରୁବାର ଆୟୋଜିତ ସଚେତନତା କାର୍ଯ୍ୟକ୍ରମରେ ଯୋଗଦେଇଥିବା ଛାତ୍ରୀଛାତ୍ର ଓ ଅନ୍ୟମାନେ।

### ବ୍ଲାକମେଲିଂରୁ ଆତ୍ମହତ୍ୟା ଅଭିଯୋଗ: ଅଭିଯୁକ୍ତ କୋର୍ଟ ଚାଲାଣ

**ନାବାଳିକା ଝୁଲନ୍ତା ମୃତଦେହ ଜବତ ଘଟଣା**

ନିଶ୍ଚିନ୍ତକୋଇଲି,୮।୯(ସ୍ୱ.ପ୍ର)

ନିଶ୍ଚିନ୍ତକୋଇଲି ଥାନା ଅଞ୍ଚଳରେ ଜଣେ ନାବାଳିକାଙ୍କ ଝୁଲନ୍ତା ମୃତଦେହ ଅଗଷ୍ଟ ୩୦ରେ ଘରୁ ମିଳିଥିଲା। ଏହି ଘଟଣାରେ ସେପ୍ଟେମ୍ବର ୬ରେ ତାଙ୍କ ମା' ଥାନାରେ ଝିଅକୁ ବ୍ଲାକମେଲିଂ କରି ଯୋଜନାବଦ୍ଧଭାବେ ଆତ୍ମହତ୍ୟା କରିବାକୁ ବାଧ କରାଯାଇଛି ବୋଲି ଅଭିଯୋଗ କରିଥିଲେ। ଏହାପରେ ନାବାଳିକାଙ୍କ ସହପାଠୀଙ୍କୁ ପୋଲିସ ଗିରଫ କରି କୋର୍ଟ ଚାଲାଣ କରିଛି। ସେ ହେଲେ ଏହି ଥାନା ଅଞ୍ଚଳର ସେକ ହରସନ(୧୯)। ଏନେଇ ଥାନାରେ ମାମଲା (ନଂ. ୧୫୦/୨୦୨୨) ରୁଜୁ ହୋଇଛି। ଜାମିନ୍ ନାମଞ୍ଜୁର ହେବାରୁ ତାକୁ ଜେଲ ହାଜତକୁ ପଠାଇ ଦିଆଯାଇଛି। ସମ୍ପୃକ୍ତ ନାବାଳିକା ଯୁକ୍ତ ୩ର ଛାତ୍ରୀ ଥିଲେ। ତାଙ୍କ ବାପା ଅନ୍ୟତ୍ର ଚାକିରି କରୁଥିଲା ବେଳେ ବଡଭାଇ ଭୁବନେଶ୍ୱରରେ ରୁହନ୍ତି। ଘରେ ସମ୍ପୃକ୍ତା ନାବାଳିକା ମା'ଙ୍କ ସହ ରହୁଥିଲେ। ଗତ ଅଗଷ୍ଟ ୩୦ ସନ୍ଧ୍ୟାରେ ନାବାଳିକାଙ୍କ ମା' ପଡ଼ିଶା ଘରକୁ ଏକ କାର୍ଯ୍ୟରେ ଯାଇଥିଲେ। ଘର ଲୋକଙ୍କ ଅନୁପସ୍ଥିତିରେ ସୁଯୋଗନେଇ ସମ୍ପୃକ୍ତା ନାବାଳିକା ଓଢ଼ଣୀ ଦେଇ ଝୁଲି ପଡ଼ିଥିଲେ। ମା' ଘରକୁ ଫେରି ଝିଅକୁ ଝୁଲୁଥିବା ଦେଖି ପଡ଼ୋଶୀଙ୍କ ସହାୟତାରେ ଉଦ୍ଧାର କରି ନିଶ୍ଚିନ୍ତକୋଇଲି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ତାଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ଖବରପାଇ ପୋଲିସ ମୃତଦେହ ଜବତ କରିବା ସହ ଥାନାରେ ଅପମୃତ୍ୟୁ ମାମଲା (ନଂ. ୭/୨୨) ରୁଜୁ କରିଛି।

### ୩୧୦ଲିଟର ଚୋରା ମଦ ଜବତ: ୬ଗିରଫ

ବାଙ୍କୀ,୮।୯(ସ୍ୱ.ପ୍ର.)

ଆଠଗଡ଼ ଅବକାରୀ ନିରୀକ୍ଷକ କେଶବ ଚନ୍ଦ୍ର ଦାଶ ଓ ବାଙ୍କୀ ଅବକାରୀ ଅଧିକାରୀ ତେଲେସ୍ଫର ଲାକ୍ରାଙ୍କ ନେତୃତ୍ୱରେ ବାଙ୍କୀର ବରପୁଟ, ପଶାଣିଆ ଓ କଳାପଥର ଅଞ୍ଚଳରେ ଚଢ଼ାଉ କରାଯାଇ ୬ ଅଭିଯୁକ୍ତଙ୍କୁ ଗିରଫ କରାଯାଇ କୋର୍ଟଚାଲାଣ କରାଯାଇଛି। ସନ୍ତୋଷ ବେହେରାଙ୍କଠାରୁ ୭୦ଲିଟର ଚୋରା ଦେଶୀମଦ ଓ ୨୮୦ଲିଟର ପୋଚ, କାଶିନାଥ ବେହେରାଙ୍କଠାରୁ ୨୮୦ଲିଟର ପୋଚ ଓ ୭୦ଲିଟର ମଦ, ମିନି ବେହେରାଙ୍କଠାରୁ ୧୮୦ଲିଟର ପୋଚ ଓ ୮୦ଲିଟର ମଦ, ଗୀତା ଦେହୁରୀଙ୍କଠାରୁ ୪୦ଲିଟର ଦେଶୀ ମଦ ଓ ୨୮୦ଲିଟର ପୋଚ, ଦେବରାଜ ଦେହୁରୀଙ୍କଠାରୁ ୬୦ଲିଟର ଦେଶୀ ମଦ ଓ ୨୦୦ଲିଟର ପୋଚ ଜବତ କରାଯାଇଛି। ଏଥିସହ କଳାପଥରର ସୂର୍ଯ୍ୟକାନ୍ତ ଦେହୁରୀଙ୍କଠାରୁ ୨୦ଲିଟର ଚୋରା ଦେଶୀମଦ ଜବତ କରାଯାଇଛି। ଏହି ଚଢ଼ାଉରେ ବିଜୟ କୁମାର ରାଜ, ଦୀପକ ସାମଲ ଓ ସଞ୍ଜୟ ରାଉତ ସାମିଲ ଥିଲେ।

# ଜଙ୍ଗଲ ପାଖ ବ୍ରିଜ୍ ତଳେ ଅଣ୍ଡରପାସ୍ ନିର୍ମାଣକୁ ବିରୋଧ



ଅଧିକାରୀମାନେ ଗ୍ରାମବାସୀଙ୍କ ସହ ଆଲୋଚନା କରୁଛନ୍ତି।

ଖୁଣ୍ଟୁଣୀ, ୮।୯ (ଡି.ଏନ୍.ଏ.)

ଆଠଗଡ଼ ବ୍ଲକ ଓରନ୍ଦା ଗ୍ରାମ ସଂରକ୍ଷିତ ଜଙ୍ଗଲ ନିକଟ ୫୫ ନମ୍ବର ଜାତୀୟ ରାଜପଥ ଉପରେ ନିର୍ମାଣ ହେବାକୁ ଥିବା ଓଭରବ୍ରିଜ ତଳେ ଏକ ଅଣ୍ଡରପାସ୍ ନିର୍ମାଣ ପାଇଁ ଦିଆଯାଇଥିବା ପ୍ରସ୍ତାବକୁ ଓରନ୍ଦା ଗ୍ରାମବାସୀଙ୍କ ପକ୍ଷରୁ ଦୃଢ ବିରୋଧ କରାଯାଇଛି। ଏହି ବିରୋଧକୁ ଦୃଷ୍ଟିରେ ରଖି ଗୁରୁବାର ଆଞ୍ଚଳିକ ମୁଖ୍ୟ ବନ ସଂରକ୍ଷକ ଜଗଦାନନ୍ଦ ମହାପାତ୍ର, ଆଠଗଡ଼ ଡିଏଫଓ ସୁଦର୍ଶନ ଗୋପୀନାଥ ଯାଦବ, ଏସିଏଫ୍ ଘନଶ୍ୟାମ ମୁଦୁଲି, ଖୁଣ୍ଟୁଣୀ ରେଞ୍ଜର ପ୍ରଭାତ ରାଉତ, ଫରେଷ୍ଟର ଦିବ୍ୟସିଂହ ପରିଡା, ଜାତୀୟ ରାଜପଥ ବିଭାଗର ପଦାଧିକାରୀ ଦଳଙ୍କ ସହ ଓରନ୍ଦା ଆସି ସ୍ଥିତି ଅନୁଧ୍ୟାନ କରିବା ସହ ଗ୍ରାମବାସୀଙ୍କ ସହ ଆଲୋଚନା କରିଥିଲେ। ଏଠାରେ ଅଣ୍ଡରପାସ ହେଲେ ଏହା ପାର୍ଶ୍ୱକୁ ଲାଗି ମାତ୍ର୧୫ ମିଟର ଦୂରରେ ଗ୍ରାମର ବସ୍ତି ଓ ଧାନ ଜମି ଥିବାରୁ ସଂରକ୍ଷିତ ଜଙ୍ଗଲ ମଧ୍ୟରୁ ହାତୀ ଆସି ସିଧାସଳଖ ଘର ଓ ଫସଲ ନଷ୍ଟ କରିବେ। ବର୍ତ୍ତମାନ ହାତୀ ବିଭିନ୍ନ ଗ୍ରାମ ଦେଇ ଚଳପ୍ରଚଳ କରୁଥିବା ବେଳେ ପ୍ରସ୍ତାବିତ ଅଣ୍ଡରପାସ ଯୋଗୁ ଏହାର ପ୍ରଭାବ ଗ୍ରାମ ଜନସାଧାରଣଙ୍କ ଉପରେ ପଡିବ। ଏଣୁ ଏଠାରେ ଏହି ଅଣ୍ଡରପାସ ନ କରାଯିବାକୁ ଗ୍ରାମବାସୀ ରୋକ୍‌ଠୋକ ମନା କରଥିଲେ। ଏ ନେଇ ଜାତୀୟ ରାଜପଥ ବିଭାଗର ଉଚ୍ଚପଦସ୍ଥ ଅଧିକାରୀଙ୍କ ସହିତ ଆଲୋଚନା କରଯାଇ ନିଷ୍ପତ୍ତି ନିଆଯିବ ବୋଲି ବନ ସଂରକ୍ଷକ ମହାପାତ୍ର କହିଥିଲେ। ଏହି ଆଲୋଚନାବେଳେ ଓରନ୍ଦା ଗ୍ରାମ ସଭାପତି ପ୍ରତାପ ସାମଲ, ସମ୍ପାଦକ ପ୍ରେମାନନ୍ଦ ବେଉରା, ଅରୁଣୀ ସାମଲ, ମହିନ୍ଦ୍ର ସାହୁ ଓ ନିରଞ୍ଜନ ମହାପାତ୍ରଙ୍କ ସମେତ ବନ ବିଭାଗର ସ୍କ୍ୱାଡ ଉପସ୍ଥିତ ଥିଲେ। ଶେଷରେ ସମ୍ପାଦକ ବେଉରା କୌଣସି ପରିସ୍ଥିତିରେ ଏଠାରେ ଅଣ୍ଡରପାସ୍ କରାଇ ଦିଆଯିବ ନାହିଁ ବୋଲି ଅଧିକାରୀଙ୍କୁ ଜଣାଇ ଦେଇଥିଲେ।

# ଯୌତୁକ ପାଇଁ ମହିଳାଙ୍କୁ ହତ୍ୟା

ସାଲେପୁର,୮।୯(ଡି.ଏନ.ଏ.)

**ସ୍ୱାମୀ, ଶ୍ୱଶୁର ଥାନାରେ ଅଟକ**

ଯୌତୁକ ବାବଦକୁ ଅଧିକ ୮୦ହଜାର ଟଙ୍କା ଦାବି କରି ଜଣେ ମହିଳାଙ୍କୁ ତାଙ୍କ ସ୍ୱାମୀ, ଶାଶୁ, ଶ୍ୱଶୁର ବିଷଦେଇ ହତ୍ୟା କରିଥିବା ମହିଳାଙ୍କ ବାପା ସାଲେପୁର ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ପୋଲିସ ଏ ନେଇ ଏକ ମାମଲା ରୁଜୁ କରିବା ସହ ମହିଳାଙ୍କ ସ୍ୱାମୀ ଓ ଶ୍ୱଶୁରଙ୍କୁ ଅଟକ ରଖି ତଦନ୍ତ ଜାରି ରଖିଛି। ମୃତ ମହିଳା ହେଲେ ସାଲେପୁର ଥାନା ଅଧୀନ ମନୋହରପୁର ଗ୍ରାମର ଚନ୍ଦନ ଖୁଣ୍ଟିଆଙ୍କ ସ୍ତ୍ରୀ କଳ୍ପନା।

ଉକ୍ତ ଥାନା ଅନ୍ତର୍ଗତ ବରାଦୋ ଗ୍ରାମର ମନୋଜ କୁମାର ରାଉତଙ୍କ ଝିଅ କଳ୍ପନା ୨୬।୦୨।୨୦୨୦ରେ ଚନ୍ଦନଙ୍କୁ ବୈଦିକ ରୀତିରେ ବିବାହ କରିଥିଲେ। ବିବାହ ସମୟରେ ଶାଶୁଘରର ଦାବି ମୁତାବକ ନଗଦ ଟଙ୍କା, ସୁନା, ରୁପା ଅଳଙ୍କାର ଓ ବହୁ ଆସବାବପତ୍ର ପ୍ରଦାନ କରାଯାଇଥିଲା। କିନ୍ତୁ ଅଧିକ ୮୦ହଜାର ଟଙ୍କା ଦାବି କରି ସ୍ୱାମୀ ଚନ୍ଦନ, ଶ୍ୱଶୁର ମହେନ୍ଦ୍ର ଓ ଶାଶୁ ଜ୍ୟୋସ୍ନା କଳ୍ପନାଙ୍କୁ ଶାରୀରିକ, ମାନସିକ ନିର୍ଯାତନା ଦେଇଆସୁଥିଲେ। ହଠାତ୍ ୬ତାରିଖରେ କଳ୍ପନାଙ୍କ ଶ୍ୱଶୁର ମହେନ୍ଦ୍ର ଫୋନ୍ ଯୋଗେ କଳ୍ପନାଙ୍କ ବାପା ମନୋରଞ୍ଜନଙ୍କୁ କହିଥିଲେ, କଳ୍ପନା ଅସୁସ୍ଥ ହୋଇ ସାଲେପୁର ମେଡିକାଲରେ ଚିକିତ୍ସାଧୀନ ଅଛନ୍ତି। ମନୋରଞ୍ଜନ ଓ ତାଙ୍କ ସ୍ତ୍ରୀ ମେଡିକାଲରେ ପହଞ୍ଚି ତାଙ୍କ ଝିଅ ଅଚେତ୍ ଅବସ୍ଥାରେ ଥିବା ଦେଖିବାକୁ ପାଇଥିଲେ। ଚିକିତ୍ସା ପରେ ଝିଅର ଚେତା ଫେରିଥିଲା। ପରେ କଳ୍ପନା ତାଙ୍କ ବାପାଙ୍କ ଆଗରେ ଘଟଣା ସମ୍ପର୍କରେ ପ୍ରକାଶ କରିଥିଲେ ଯେ, ସ୍ୱାମୀ, ଶ୍ୱଶୁର ଓ ଶାଶୁ ଅଧିକ ଯୌତୁକ ଦାବି କରି ବିଷ ପିଆଇ ଦେଇଛନ୍ତି। ଏହାପରେ କଳ୍ପନାଙ୍କ ଅବସ୍ଥା ଗୁରୁତର ହେବାରୁ ତାଙ୍କୁ କଟକ ବଡ଼ ମେଡିକାଲକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଥିବା ଅଭିଯୋଗରେ ଦର୍ଶାଯାଇଛି। ଏନେଇ ଥାନାରେ ନଂ.୨୮୦/୨୨ରେ ଏକ ମାମଲା ରୁଜୁ ହୋଇଛି ବୋଲି ଆଇଆଇସି ଗିରିଜା ନନ୍ଦନ ପଟ୍ଟନାୟକ ପ୍ରକାଶ କରିଛନ୍ତି।

# ଘରେ ପଶି ବୃଦ୍ଧାବୃଦ୍ଧଙ୍କୁ ମରଣାନ୍ତକ ଆକ୍ରମଣ

**ନାଏବ ସରପଞ୍ଚଙ୍କ ବିରୋଧରେ ଦାଦାଗିରି ଅଭିଯୋଗ**

ନିଶ୍ଚିନ୍ତକୋଇଲି, ୮।୯(ସ୍ୱ.ପ୍ର)

ନିଶ୍ଚିନ୍ତକୋଇଲି ବ୍ଲକ ତରତ ଶାସନର ନାଏବ ସରପଞ୍ଚ ଦାଦାଗିରି କରି ଘରେ ପଶି ବୃଦ୍ଧାବୃଦ୍ଧଙ୍କୁ ମରଣାନ୍ତକ ଆକ୍ରମଣ କରିଥିବା ଅଭିଯୋଗ ହୋଇଛି। ସେ ହେଲେ ଅଚ୍ୟୁତାନନ୍ଦ ବେହେରା। ଏନେଇ ଥାନାରେ ଅଭିଯୋଗ ହେବା ପରେ ସେ ଫେରାର ହୋଇଯାଇଛନ୍ତି। ଅଭିଯୋଗ ଅନୁଯାୟୀ, ବୁଧବାର ରାତିରେ ତରତ ଶାସନ ପଞ୍ଚାୟତ ଅନ୍ତର୍ଗତ ଦାମୋଦରପୁର ଗ୍ରାମର ରଞ୍ଜନ କୁମାର ନାୟକ ଘରେ ଅନୁପସ୍ଥିତ ଥିଲେ। ଏହି ସମୟରେ ନାଏବ ସରପଞ୍ଚ ଅଚ୍ୟୁତାନନ୍ଦ ତାଙ୍କ ଘରେ ପହଞ୍ଚି ରଞ୍ଜନଙ୍କୁ ଖୋଜିଥିଲେ। ପୁଅକୁ କାହିଁକି ଖୋଜୁଛ ବୋଲି ତାଙ୍କ ବୃଦ୍ଧ ବାପା ଅଲେଖ ନାୟକ(୬୫) ପଚାରିବାରୁ ଉଭୟଙ୍କ ମଧ୍ୟରେ କଥା କଟାକଟି ହୋଇଥିଲା। ଏଥିରେ ପ୍ରତିହିଂସା ପରାୟଣ ହୋଇ ଅଲେଖ, ତାଙ୍କ ସ୍ତ୍ରୀ ମିନତୀବାଳାଙ୍କୁ ଅଚ୍ୟୁତାନନ୍ଦ ଆକ୍ରମଣ କରିଥିଲେ। ସ୍ଥାନୀୟ ଲୋକେ ଗୁରୁତର ଅବସ୍ଥାରେ ବୃଦ୍ଧ ଦମ୍ପତିଙ୍କୁ ଉଦ୍ଧାର କରି ନିଶ୍ଚିନ୍ତକୋଇଲି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସା ନିମନ୍ତେ ଭର୍ତ୍ତି କରିଥିଲେ। ଏସମ୍ପର୍କରେ ଅଲେଖ ନେମାଳ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗକୁ ଭିତ୍ତି କରି ପୋଲିସ ମାମଲା (ନଂ. ୧୬୦/୨୨)ରୁଜୁ କରି ତଦନ୍ତ ଆରମ୍ଭ କରିଛି।

# ମିଥ୍ୟା ଅଭିଯୋଗ ପ୍ରତିବାଦରେ ଥାନା ଘେରାଉ

ମଙ୍ଗୁଳି,୮।୯ (ଡି.ଏନ୍.ଏ.)

ବିଦ୍ୟୁତ୍ ବିଭାଗର ମିଥ୍ୟା ଅଭିଯୋଗକୁ ନେଇ ଟାଙ୍ଗୀ ବଜାର କମିଟି ପକ୍ଷରୁ ଗୁରୁବାର ୧୨ ଘଣ୍ଟିଆ ବଜାର ବନ୍ଦ ସହ ଥାନା ଘେରାଉ କରାଯାଇଥିଲା। ମିଳିଥିବା ସୂଚନା ଅନୁଯାୟୀ, ଟାଙ୍ଗୀ ଅଞ୍ଚଳରେ ବିଦ୍ୟୁତ୍ ସମସ୍ୟା ଦେଖାଦେଇଛି। ଏହାର ସ୍ଥାୟୀ ସମାଧାନ ପାଇଁ ମଙ୍ଗଳବାର ଟାଙ୍ଗୀ ଅଞ୍ଚଳର ବ୍ୟବସାୟୀମାନେ ସ୍ଥାନୀୟ ବିଦ୍ୟୁତ୍ କାର୍ଯ୍ୟାଳୟକୁ ଯାଇଥିଲେ। ହେଲେ ସେଠାରେ ଉପସ୍ଥିତ ଅଧିକାରୀ ସେମାନଙ୍କ ଅଭିଯୋଗ ଶୁଣିବା ପରିବର୍ତ୍ତେ ସେମାନଙ୍କୁ ଗାଳିଗୁଲଜ କରିଥିଲେ। ଏହାକୁ ନେଇ ଉଭୟ ପକ୍ଷ ମଧ୍ୟରେ ଯୁକ୍ତିତର୍କ ହୋଇଥିଲା। ପରେ ଉପଭୋକ୍ତାମାନେ ବିଦ୍ୟୁତ୍ କାର୍ଯ୍ୟାଳୟରେ ପଶି ଭଙ୍ଗାରୁଜା କରିବା ସହ କର୍ମଚାରୀଙ୍କୁ ମାଡ଼ ମାରିଥିଲେ। ଏ ନେଇ ଚୌଦ୍ୱାର ବିଦ୍ୟୁତ୍ ବିଭାଗର ଏସ୍‌ଡିଓ ସମୀର କୁମାର ପଡିହାରୀ ଥାନାରେ ଅଭିଯୋଗ କରିବା ପରେ ୧୩ ଜଣଙ୍କ ନାଁରେ ପୋଲିସ ମାମଲା(ନଂ.୧୮୯/୨୨) ରୁଜୁ କରିଥିଲା। ବିଦ୍ୟୁତ୍ ବିଭାଗର ମିଥ୍ୟା ଅଭିଯୋଗକୁ ଭିତ୍ତିକରି ପୋଲିସ ମାମଲା ରୁଜୁ କରିଥିବା ଟାଙ୍ଗୀ ବଜାର କମିଟି ସଭାପତି ଶୁଭେନ୍ଦୁ ଷଡଙ୍ଗୀ କହିଛନ୍ତି। ସେ କହିଛନ୍ତି, ବିଦ୍ୟୁତ୍ ସମସ୍ୟା ନେଇ ଆମେ ବିଭାଗୀୟ ଅଧିକାରୀଙ୍କ ନିକଟକୁ ଅଭିଯୋଗ କରିବାକୁ ଯାଇଥିଲୁ। ସେ ଆମ ଅଭିଯୋଗ ଶୁଣିବା ପରିବର୍ତ୍ତେ ଗାଳିଗୁଲଜ କରି ଆମମାନଙ୍କ ନାଁରେ ଥାନାରେ ମିଥ୍ୟା ଅଭିଯୋଗ କରିଛନ୍ତି। ପୋଲିସ ତଦନ୍ତ ନ କରି ମାମଲା ରୁଜୁ କରିଛି। ଏହି ଘଟଣାକୁ ଟାଙ୍ଗୀ ବଜାର କମିଟି ପକ୍ଷରୁ ନିନ୍ଦା କରାଯାଉଛି। ବ୍ୟବସାୟୀ ଚିନ୍ମୟ ଶତପଥୀଙ୍କ ନେତୃତ୍ୱରେ ପୂର୍ବତନ ବିଧାୟକ ପ୍ରକାଶ ଚନ୍ଦ୍ର ବେହେରା, ବଜାର କମିଟି ସଭାପତି ଷଡଙ୍ଗୀ, ବିରଜା ପ୍ରସାଦ ରାଉତ, ଆକାଶ ପାତ୍ରଙ୍କ ସମେତ ଶତାଧିକ ଜନସାଧାରଣ ଥାନା ଘେରାଉ କରିଥିଲେ। ଚୌଦ୍ୱାର ଏସ୍‌ଡିପିଓ ସତ୍ୟବ୍ରତ ଲେଙ୍କା ପହଞ୍ଚି ଆନ୍ଦୋଳନକାରୀଙ୍କ ସହ ଆଲୋଚନା କରିବା ପରେ ଥାନା ଘେରାଉ ପ୍ରତ୍ୟାହୃତ ହୋଇଥିଲା। ଅପରପକ୍ଷରେ ଏସ୍‌ଡିଓ ପଡିହାରୀ କହିଛନ୍ତି, ଉପଭୋକ୍ତାମାନେ ବିଦ୍ୟୁତ୍ କାର୍ଯ୍ୟାଳୟରେ ଭଙ୍ଗାରୁଜା କରିବା ସହ କର୍ମଚାରୀଙ୍କୁ ମାଡ଼ ମାରିଥିବା ନେଇ ଥାନାରେ ଅଭିଯୋଗ କରିଛି। ଏ ନେଇ ଏସ୍‌ଡିପିଓ ଲେଙ୍କା କହିଛନ୍ତି, ଅଭିଯୋଗକୁ ଭିତ୍ତିକରି ତଦନ୍ତ ଜାରି ରହିଛି।

# ପମ୍ପ ହାଉସ୍ ଘେରିଲେ ମହିଳା

**୩ ସାହିରେ ପାନୀୟ ଜଳ ସମସ୍ୟା**

ବାଙ୍କୀ,୮।୯(ସ୍ୱ.ପ୍ର)

ବାଙ୍କୀ ଉପଖଣ୍ଡ ଡମପଡ଼ା ବ୍ଲକ ଅନ୍ତର୍ଗତ ଗୋପାଳପୁର ପଞ୍ଚାୟତର ୪ନଂ. ୱାର୍ଡ କରଣ ସାହି, ବଣ୍ଟା ସାହି ଓ ହରିଜନ ସାହିରେ ପାନୀୟ ଜଳ ସମସ୍ୟା ଦେଖାଦେଇଛି। ଏଠାରେ ୨୦ଦିନରୁ ଊର୍ଦ୍ଧ୍ୱ ସମୟ ହେବ ଜଳଯୋଗାଣ ହେଉନାହିଁ। ଏନେଇ ଉକ୍ତ ଅଞ୍ଚଳର ମହିଳାମାନେ ଉତ୍ୟକ୍ତ ହୋଇ ଗୁରୁବାର ପାଣି ପମ୍ପ ହାଉସ ଘେରାଉ କରି ଏହା ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଆମ ଅଞ୍ଚଳକୁ ପାଣି ନାହିଁ ତ ଆଉ କାହାକୁ ଏ ସୁବିଧା ମିଳିବ ନାହିଁ ବୋଲି ସେମାନେ କହିଥିଲେ। ପମ୍ପ ହାଉସରେ ପାଣି ସଞ୍ଚାଳନ କରାଯାଉଥିବା ଲୁହା ଚାବିକୁ ସେମାନେ ନିଜ କବ୍‌ଜାରେ ରଖିଛନ୍ତି। ସେମାନଙ୍କ ଅଭିଯୋଗ ଅନୁଯାୟୀ, ପାଣି ପାଇଁ ସେମାନଙ୍କୁ ମାଇଲ ମାଇଲ ବାଟ ଯିବାକୁ ପଡୁଛି। ଏନେଇ ପିଲାଠାରୁ ବୃଦ୍ଧ ପର୍ଯ୍ୟନ୍ତ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ସୂଚନାଯୋଗ୍ୟ, ଗୋପାଳପୁର ପଞ୍ଚାୟତର ଅଧିକାଂଶ ୱାର୍ଡକୁ ପାଣି ଲାଇନର ବ୍ୟବସ୍ଥା ହୋଇଥିଲେ ମଧ ଜନସାଧାରଣଙ୍କୁ ଏହା ଠିକ୍ ଭାବେ ମିଳିପାରୁନାହିଁ। ଏନେଇ ପୂର୍ବରୁ ପଞ୍ଚାୟତବାସୀ ବିଭିନ୍ନ ସମୟରେ ରାସ୍ତାରୋକୋ କରିବା ସହ ଧାରଣା ଦେଇଥିଲେ। ମାତ୍ର ବିଭାଗୀୟ ଅଧିକାରୀମାନେ ସେମାନଙ୍କୁ ମିଥ୍ୟା ପ୍ରତିଶ୍ରୁତି ଦେଇ ଠକି ଚାଲିଛନ୍ତି ବୋଲି ସ୍ଥାନୀୟ ୱାର୍ଡ ମେମ୍ବର ସୁନୀଲ ସାହୁଙ୍କ ସମେତ ମହିଳାମାନେ ଅଭିଯୋଗ କରିଛନ୍ତି। ଏନେଇ ଯୁଦ୍ଧକାଳୀନ ଭିତ୍ତିରେ ପାଣି ସମସ୍ୟାର ସମାଧାନ କରା ନ ଗଲେ ରାସ୍ତାରୋକୋ କରାଯିବ ବୋଲି ମହିଳାମାନେ ଚେତାବନୀ ଦେଇଛନ୍ତି।



ମହିଳାମାନେ ପମ୍ପ ହାଉସ୍ ଘେରାଉ କରିଛନ୍ତି।